ପ୍ରଥମ ଅଧ୍ୟାୟ

# ଇତିହାସର ଅର୍ଥ ଓ ପ୍ରାସଙ୍ଗିକତା

ଗ୍ରୀକ ଶବ୍ଦ ଇଷ୍ଟୋରିଆ (istoria)ରୁ ଇତିହାସ ଶବ୍ଦର ଉତ୍ପତ୍ତି। ଇଷ୍ଟୋରିଆର ଅର୍ଥ ଅନ୍ୱେଷଣ, ତଦନ୍ତ। ସେହି ଆଧାରରେ କହିଲେ ଅତୀତର ଅନ୍ୱେଷଣ ଲବ୍ଧ ଜ୍ଞାନ ହେଲା ଇତିହାସ। ଓଡ଼ିଆ ସମେତ ଅନେକ ଭାରତୀୟ ଭାଷାରେ ଇତି ବା ଅତୀତ ଶବ୍ଦରୁ ଇତିହାସର ବିପ୍ତ୍ୟୁତ୍ତି। ତେଣୁ, ଇତିହାସର ଆମ ସଂସ୍କୃତିରେ ମଧ୍ୟ ଅର୍ଥ ହେଲା ଅତୀତ ସମ୍ବନ୍ଧୀୟ ଜ୍ଞାନ; ତଥ୍ୟ-ପ୍ରମାଣ ଆଧାରିତ ଅତୀତର ବ୍ୟାଖ୍ୟା ଓ ସମୀକ୍ଷା। ଇଂରାଜୀରେ ତଥ୍ୟ-ପ୍ରମାଣକୁ ସୋର୍ସେସ (sources) କୁହାଯାଏ। ଐତିହାସିକ ଅତୀତ ସମାଜର ରୂପକଳ୍ପ ଦିଏ। ମାତ୍ର ତା' ପାଇଁ ଆଧାର ହେଲା ତଥ୍ୟ-ପ୍ରମାଣ। ଅର୍ଥାତ୍ ଇତିହାସ କୌଣସି ମନଗଢ଼ା କାହାଣୀ ନୁହେଁ। ପୁଣି, ଇତିହାସ ଯେହେତୁ ଅତୀତର କାହାଣୀ ଏବଂ ଘଟଣାଗୁଡ଼ିକ ଘଟିବାର ବହୁ ବର୍ଷ ପରେ ଲେଖା ଯାଇଥାଏ, ତାକୁ ନେଇ ଭିନ୍ନ ଭିନ୍ନ ମତ ରହିବାରେ କୌଣସି ଅସ୍ୱାଭାବିକତା ନାହିଁ। ତଥ୍ୟ-ପ୍ରମାଣକୁ ଅତୁଟ ରଖି ଭିନ୍ନ ଭିନ୍ନ ଦୃଷ୍ଟିରୁ ଇତିହାସ ଲେଖା ଯାଇପାରେ। ସେହି ଆଧାରରେ କହିଲେ, ଇତିହାସ ସମ୍ବନ୍ଧୀୟ ଏକ ନିର୍ଦ୍ଦିଷ୍ଟ ବ୍ୟାଖ୍ୟା ସର୍ବମାନ୍ୟ ହେବାର ବା ଇତିହାସରେ ଅନ୍ତିମ ସତ୍ୟ କୁହାଯିବାର କୌଣସି ପରମ୍ପରା ନ ଥାଏ। ଏହା ପ୍ରତିଥର ନୂଆ ଭାବରେ ଇତିହାସ ଲେଖିବାକୁ ପ୍ରେରଣା ଦିଏ ତଥା ତହିଁରେ ସ୍ଥାପିତ ସାଧାରଣ ସତ୍ୟ (generalization)କୁ ପ୍ରଶ୍ନ କରିବାକୁ ସୁଯୋଗ ଦିଏ। ଇତିହାସର ଦର୍ଶନ ଓ ତତ୍ତ୍ୱକୁ ଯେଉଁ ବିଭାଗରେ ଆଲୋଚନା କରାଯାଏ, ତାକୁ କୁହାଯାଏ ଇତିହାସତତ୍ତ୍ୱ (historiography)। ଘଟଣାଗୁଡ଼ିକ ଅତୀତରେ ସଂଘଟିତ ହେବାର ବହୁବର୍ଷ ପରେ ଇତିହାସ କାହିଁକି ଲେଖାଯିବ; ବର୍ତ୍ତମାନ ସମୟରେ ତାର ପ୍ରାସଙ୍ଗିକତା ରହିଛି ନା ନାହିଁ; ଇତିହାସ ଲେଖନ ଓ ଅଧ୍ୟୟନ ବେଳେ କେଉଁ ପ୍ରଶ୍ନ ସବୁ ମହତ୍ତ୍ୱ ପାଏ; ସମୟ ବଦଳିବା ସାଙ୍ଗରେ ଇତିହାସ ଗବେଷଣା ଓ ଅଧ୍ୟୟନରେ କେମିତି ବିବର୍ତ୍ତନ ଆସେ - ସେସବୁ କଥା ଇତିହାସତତ୍ତ୍ୱରେ ଆଲୋଚନା ହୁଏ। ଇତିହାସତତ୍ତ୍ୱ ସମ୍ବନ୍ଧୀୟ ଅବଧାରଣା ଇତିହାସ ଅଧ୍ୟୟନକୁ ବୁଦ୍ଧିମନ୍ତ, ଉପଯୋଗୀ ତଥା ଆମୋଦଦାୟୀ କରେ।

ଅତୀତ ଭାରତରେ ମଧ୍ୟ ଇତିହାସ ଅଧ୍ୟୟନର ଏକ ସ୍ୱକୀୟ ପରଂପରା ରହିଥିଲା। ମାତ୍ର ଆଧୁନିକ ସମୟରେ ଭାରତ ସମେତ ସମଗ୍ର ବିଶ୍ୱରେ ୟୁରୋପୀୟ ପରଂପରା ସୃଷ୍ଟ ଇତିହାସ ଅଧ୍ୟୟନକୁ ଭିତ୍ତିକରି ଇତିହାସତତ୍ତ୍ୱର ଆଲୋଚନା କରାଯାଏ। ସେହି ପରିପ୍ରେକ୍ଷୀରେ ଦେଖିଲେ, ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ଜନ୍ମିତ ଗ୍ରୀକ୍ ଦାର୍ଶନିକ ହେରୋଡ଼ଟସ୍ (ପ୍ରାୟ ୪୮୪-୪୨୪ ଖ୍ରୀ.ପୂ.)ଙ୍କୁ ପ୍ରଥମ ଐତିହାସିକ ବା ଇତିହାସ ପାଠର ଜନ୍ମଦାତା ବୋଲି କୁହାଯାଏ। ସେ History of the Persian Wars ଶୀର୍ଷକରେ ପ୍ରଥମ ଇତିହାସ ପୁସ୍ତକ ରଚନା କରିଥିଲେ। ପ୍ରାୟ ଶହେବର୍ଷ ପୂର୍ବରୁ ଘଟିଥିବା ଗ୍ରୀସ-ପାରସ୍ୟ ଯୁଦ୍ଧର ଏହି ପୁସ୍ତକରେ ବିବରଣୀ ରହିଥିଲା। ଲୋକଙ୍କର ଜିଜ୍ଞାସା ସତ୍ତ୍ୱେ ଯୁଦ୍ଧ ସମ୍ବନ୍ଧରେ ତଥ୍ୟ-ପ୍ରମାଣମାନ ଯେତେବେଳେ ବିସ୍ମୃତ ହେବାକୁ ବସିଲା, ହେରୋଡ଼ଟସ ସେଗୁଡ଼ିକୁ ସାଇତି ରଖିବାର ଅଭିପ୍ରାୟ ନେଇ ଗଦ୍ୟ ଶୈଳୀରେ

ପୁସ୍ତକରେ ଉତ୍ଥାପନ କଲେ। ପଦ୍ୟ ରଚନାରୁ ତଥା କଳ୍ପନାପ୍ରସୂତ କାହାଣୀରୁ ଭିନ୍ନ ଏହି ପୁସ୍ତକ ଇତିହାସର ମର୍ଯ୍ୟାଦା ଲାଭ କଲା। ସେହି ଦିନରୁ ପ୍ରତ୍ୟେକ ଇତିହାସ ରଚନାର ଶୈଳୀ ଗଦ୍ୟ ଆଧାରିତ ଓ ତଥ୍ୟ-ପ୍ରମାଣଭିତ୍ତିକ ହୋଇ ରହି ଆସିଛି।

ପାର୍ସିଆନ ଯୁଦ୍ଧରେ କ'ଣ ସବୁ ଘଟିଥିଲା, ତା'ର ବିଶଦ ବିବରଣୀ ରହିଥିଲା ହେରୋଡ଼ଟସଙ୍କ ଲିଖିତ ଇତିହାସ ପୁସ୍ତକରେ। ଏହା ତତ୍କାଳୀନ ବୌଦ୍ଧିକ ବର୍ଗକୁ ସନ୍ତୁଷ୍ଟ କରିପାରିଲା ନାହିଁ। ସେମାନେ ଜାଣିବାକୁ ଚାହିଁଲେ ଘଟଣା ପଛର କାରଣଗୁଡ଼ିକୁ। ତା'ର ଉତ୍ତର ଦେବାକୁ ଯାଇ ହେରୋଡ଼ଟସ୍‌ଙ୍କ ସମକାଳୀନ ଅନ୍ୟ ଜଣେ ଗ୍ରୀକ ଦାର୍ଶନିକ ଥ୍ୟୁସିଡ଼ାଇସ୍ (ପ୍ରାୟ ୪୬୦-୩୯୬ ଖ୍ରୀ.ପୂ.) ଲେଖିଲେ History of the Pelloponnesian War, ଯାହା ଯୁଦ୍ଧର କାହାଣୀ ସହିତ କାରଣଗୁଡ଼ିକୁ ମଧ୍ୟ ଦର୍ଶାଇଥିଲା। ଅର୍ଥାତ୍ ହେରୋଡ଼ଟସଙ୍କ ଇତିହାସ ପୁସ୍ତକରେ ଯଦି କ'ଣ ଘଟିଥିଲା, ତାକୁ ପ୍ରାଧାନ୍ୟ ଦିଆଯାଇଥିଲା, ଥ୍ୟୁସିଡ଼ାଇସଙ୍କ ପୁସ୍ତକରେ "କ'ଣ" ସହିତ "କାହିଁକି" ଘଟଣାଟି ଘଟିଥିଲା, ତାକୁ ମହତ୍ତ୍ୱ ଦିଆଗଲା। ଏହି ଦୁଇ ପ୍ରଶ୍ନ ସହିତ "କିଏ", "କେବେ" ଏବଂ "କେଉଁଠାରେ"! ଭଳି ତିନିଗୋଟି ପ୍ରଶ୍ନ ମିଶି ଅତୀତର କଥ୍ୟକୁ ଏକ ମୋଟ ସ୍ୱରୂପ ପ୍ରଦାନ କଲେ। ଆଜି ପର୍ଯ୍ୟନ୍ତ ଏହି ପାଞ୍ଚଟି ପ୍ରଶ୍ନ (What, Why, Who, When ଏବଂ Where) ଇତିହାସ ରଚନାର ମେରୁଦଣ୍ଡ ହୋଇ ରହିଆସିଛି। ଅତୀତକୁ ନେଇ ଯେତେବେଳେ ଏହି ପାଞ୍ଚଟି ପ୍ରଶ୍ନ କରାଯାଏ, ତା'ର ଉତ୍ତରରେ ଇତିହାସ ଜଣାପଡ଼େ ଯାହାକୁ ଆମେ ଇତିହାସର ଅର୍ଥ ବୋଲି କହିପାରିବା। ଏଥିରୁ କାହାରିକି ଇତିହାସ ଅଧ୍ୟୟନ ବେଳେ ଏଡ଼ି ଦିଆଯାଇନପାରେ। ସବୁଗୁଡ଼ିକୁ ସମାନ ମହତ୍ତ୍ୱ ମିଳିଲେ ଇତିହାସ କାର୍ଯ୍ୟ ଓ କାରଣ ମଧ୍ୟରେ ରହିଥିବା ସମ୍ବନ୍ଧକୁ ସୁସ୍ପଷ୍ଟ କରିବ। ଘଟଣାଟିଏ ଘଟିଲେ ତା' ପଛରେ ଏକାଧିକ କାରଣ ରହିଥାଏ। କାର୍ଯ୍ୟ ଓ କାରଣ ମଧ୍ୟରେ ସମ୍ବନ୍ଧର ବିଶଦ ଆଲୋଚନା ହେଲା ଇତିହାସ ପାଠର ମୂଳ ଉଦ୍ଦେଶ୍ୟ।

ଇତିହାସ ଯଦିଓ "ଅତୀତ"ର ଏକ ସମୀକ୍ଷାତ୍ମକ ଅଧ୍ୟୟନ, "ବର୍ତ୍ତମାନ" ତହିଁରୁ ବାଦ ପଡ଼େନାହିଁ। ଇତିହାସ ଅତୀତର ଘଟଣା ହେଲେ ସୁଦ୍ଧା, ତହିଁରେ ଲେଖକ, ତା'ର ଦୃଷ୍ଟି ଏବଂ ତା'ର ପ୍ରଶ୍ନସବୁ ବର୍ତ୍ତମାନକାଳୀନ। ସେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ବର୍ତ୍ତମାନର। ତେଣୁ, ଇତିହାସ ମୋଟାମୋଟି ଭାବେ ବର୍ତ୍ତମାନ ଦୃଷ୍ଟିକୋଣରୁ ଅତୀତର ଅଧ୍ୟୟନ ମାତ୍ର ହୁଏ। ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ଭଳି ଐତିହାସିକ ଏକ ସୁଖଦ ଭବିଷ୍ୟତର କଳ୍ପନା କରି ବର୍ତ୍ତମାନର ଦୃଷ୍ଟିକୋଣରୁ ଅତୀତର ଅନ୍ୱେଷଣ କରେ। ଏହି ଆଧାରରେ ଅନ୍ୟ ସମସ୍ତ ବିଷୟ ଭଳି ଇତିହାସ ସମୟ ସହିତ ତାଳ ଦେଇ ନୂଆ ପ୍ରଶ୍ନ, ନୂଆ ଯୁକ୍ତି ଏବଂ ଅଭିନବ ବିଶ୍ଳେଷଣମାନ ପ୍ରଦାନ କରେ, ଯାହା ପୂର୍ଣ୍ଣତଃ ସମାଜ ଉପଯୋଗୀ। ଡ଼ାକ୍ତର ଯେମିତି ରୋଗର ଉପଶମ ଦେବା ଲାଗି ସମସ୍ୟାର ମୂଳକୁ ଯାଆନ୍ତି, ଐତିହାସିକ ମଧ୍ୟ ପ୍ରତ୍ୟେକ ସମସ୍ୟାର ଚେରକୁ ବୁଝିବାକୁ ପ୍ରୟାସ କରେ। କୌଣସି ଘଟଣାକୁ ଉପରଠାଉରିଆ ଭାବେ ନ ଦେଖି ତା'ର ମୂଳକୁ ଦେଖିବା ହୁଏ ଐତିହାସିକତା। ଏହା ଇତିହାସ ଅଧ୍ୟୟନକୁ ପ୍ରାସଙ୍ଗିକ କରେ। ଐତିହାସିକ ଆର୍.ଜି. କଲିଂଗଉଡ଼ (R.G. Collingwood : 1889-1943)ଙ୍କ ମତରେ ପ୍ରତ୍ୟେକ ଇତିହାସ ହେଲା ସମକାଳୀନ ଇତିହାସ, କାରଣ ଏହା ବର୍ତ୍ତମାନର ପୃଷ୍ଠଭୂମିରେ ଅତୀତର ସିଂହାବଲୋକନ କରେ। ଯେମିତି ଅତୀତକୁ ସେମିତି ବର୍ତ୍ତମାନକୁ ବାଦ ଦେଇ ଇତିହାସ ରଚନା ସଂଭବପର ନୁହେଁ। ଏହି

କାରଣରୁ ଐତିହାସିକ ଇ.ଏଚ୍.କାର (E.H. Carr : 1892-1982) ଇତିହାସକୁ ଅତୀତ ଓ ବର୍ତ୍ତମାନ ମଧ୍ୟରେ ଚାଲିଥିବା ଏକ ଅସରନ୍ତି ବାର୍ତ୍ତାଳାପ (An unending dialogue between the past and the present) ବୋଲି ପରିଭାଷିତ କରନ୍ତି । କେବଳ ରାଜନୀତି ନୁହେଁ, ବରଂ ପ୍ରକୃତି ଓ ସମାଜର ସମସ୍ତ ବିଭାବର ଆମୂଳଚୂଳ ଅଧ୍ୟୟନ ହେଲା ଇତିହାସର ପାଠ୍ୟ ସାମଗ୍ରୀ । ତେଣୁ ରାଜା ଓ ରାଜତ୍ୱର ଅତୀତରୁ ଆରମ୍ଭ କରି ବିଜ୍ଞାନ, ଗଣିତ, ଖେଳ, ଜୀବଜନ୍ତୁର ଅତୀତ ଯାଏ- ସମସ୍ତେ ଇତିହାସ ଅଧ୍ୟୟନର ପରିଧି ଭିତରେ । ଏହା ଇତିହାସର ପ୍ରାସଙ୍ଗିକତାକୁ ଦର୍ଶାଏ ।

## ସାରାଂଶ

ଇତିହାସର ଅର୍ଥ ହେଲା ଅତୀତ ସମ୍ବନ୍ଧୀୟ ଜ୍ଞାନ ଯାହାକି ତଥ୍ୟ ଓ ପ୍ରମାଣ ଉପରେ ଆଧାରିତ । ତଥ୍ୟ ଓ ପ୍ରମାଣକୁ ଅତୁଟ ରଖି ଭିନ୍ନ ଭିନ୍ନ ଦୃଷ୍ଟିରୁ ଇତିହାସ ଲେଖାଯାଇପାରେ । ଇତିହାସର ଦର୍ଶନ ଓ ତତ୍ତ୍ୱ ଆଲୋଚନାକୁ ଇତିହାସତତ୍ତ୍ୱ (historiography) ବୋଲି କୁହାଯାଏ । ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ଜନ୍ମିତ ଗ୍ରୀକ୍ ଐତିହାସିକ ହେରୋଡଟସ୍‌ଙ୍କୁ ଇତିହାସର ଜନ୍ମଦାତା ବୋଲି କୁହାଯାଏ । କାର୍ଯ୍ୟ ଓ କାରଣ ସମ୍ବନ୍ଧରେ ବିଶଦ ଆଲୋଚନା ହିଁ ଇତିହାସ ପାଠର ମୂଳ ଉଦ୍ଦେଶ୍ୟ । ଐତିହାସିକ ଆର୍.ଜି. କଲିଙ୍ଗଉଡ୍‌ଙ୍କ ମତରେ ପ୍ରତ୍ୟେକ ଇତିହାସ ସମକାଳୀନ ଇତିହାସ, କାରଣ ବର୍ତ୍ତମାନର ଦୃଷ୍ଟିକୋଣରୁ ଅତୀତର ଅଧ୍ୟୟନ କରାଯାଏ । ଇତିହାସର ପରିସର ବିସ୍ତୃତ । ତେଣୁ ଏହାର ପ୍ରାସଙ୍ଗିକତା ବହୁବିଧ ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛିଲେଖ ।

(କ) ଇତିହାସ ଶବ୍ଦ କେଉଁ ଶବ୍ଦରୁ ଆନୀତ ?

(i) ଇଷ୍ଟୋରିଆ (ii) ହିଷ୍ଟୋରିଆ (iii) ଷ୍ଟୋରିଆ (iv) ରିଷ୍ଟୋରିଆ

(ଖ) ଇତିହାସର ଜନ୍ମଦାତା କିଏ ?

(i) ହେରୋଡଟ୍‌ସ (ii) ଥ୍ୟୁସିଡାଇସ୍ (iii) ଇ.ଏଚ୍. କାର (iv) କଲିଙ୍ଗଉଡ୍

(ଗ) 'ହିଷ୍ଟ୍ରୀ ଅଫ୍ ପର୍ସିଆନ ଓ୍ୱାର୍' ପୁସ୍ତକ କିଏ ରଚନା କରିଥିଲେ ?

(i) ସକ୍ରେଟିସ୍ (ii) ଲିଭି (iii) ଥ୍ୟୁସିଡାଇସ୍ (iv) ହେରୋଡଟ୍‌ସ

(ଘ) 'ହିଷ୍ଟ୍ରୀ ଅଫ୍ ପେଲୋପୋନେସିଆନ୍ ଓ୍ୱାର୍' ପୁସ୍ତକର ରଚୟିତା କିଏ ?

(i) ହେରୋଡଟ୍‌ସ (ii) ପ୍ଲାଟୋ (iii) ଥ୍ୟୁସିଡାଇସ୍ (iv) ଲିଭି

(ଙ) 'ପ୍ରତ୍ୟେକ ଇତିହାସ ହେଲା ସମକାଳୀନ ଇତିହାସ'– ଏହି ଉକ୍ତିଟି କାହାର ?

(i) ଥ୍ୟୁସିଡାଇସ୍ (ii) ଟାସିଟସ (iii) ଇ.ଏଚ୍. କାର (iv) ଆର୍.ଜି. କଲିଙ୍ଗଉଡ୍

(ଚ) 'ଇତିହାସ ଅତୀତ ଓ ବର୍ତ୍ତମାନ ମଧ୍ୟରେ ଚାଲିଥିବା ଅସରନ୍ତି ବାର୍ତ୍ତାଳାପ'– ଏହି ଉକ୍ତିଟି କାହାର ?

(i) ଆର୍.ଜି. କଲିଙ୍ଗଉଡ୍ (ii) ଟାସିଟସ (iii) ଲିଭି (iv) ଇ.ଏଚ୍. କାର

## 'ଖ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର ।

୨ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

(କ) ଇତିହାସ କହିଲେ କ'ଣ ବୁଝ ?

(ଖ) କାହାକୁ ଇତିହାସତତ୍ତ୍ୱ କୁହାଯାଏ ?

(ଗ) ହେରୋଡ଼ଟସଙ୍କୁ କାହିଁକି ଇତିହାସ ପାଠର ଜନ୍ମଦାତା କୁହାଯାଏ ?

(ଘ) ହେରୋଡ଼ଟସଙ୍କ ରଚନାର ଦୁଇଟି ପ୍ରମୁଖ ବୈଶିଷ୍ଟ୍ୟ କ'ଣ ?

(ଙ) କେଉଁ ଆଧାରରେ, କୁହାଯାଏ ଯେ ଇତିହାସ ପାଠରୁ 'ବର୍ତ୍ତମାନ'କୁ ବାଦ ଦେଇ ହେବ ନାହିଁ ?

(ଚ) ଐତିହାସିକ ଆର.ଜି.କଲିଂଉଡ଼ଙ୍କ ଇତିହାସ ସମ୍ବନ୍ଧୀୟ ମତ କ'ଣ ?

(ଛ) କେଉଁ ଆଧାରରେ ଇତିହାସକୁ ଅତୀତ ଓ ବର୍ତ୍ତମାନ ମଧ୍ୟରେ ବାର୍ତ୍ତାଳାପ ବୋଲି କୁହାଯାଏ ?

(ଜ) ଥ୍ୟୁସିଡାଇସଙ୍କ ପ୍ରମୁଖ ଐତିହାସିକ ଯୋଗଦାନ କ'ଣ ?

(ଝ) କେଉଁ କାରଣରୁ ଇତିହାସ ଆଲୋଚନା ପାଇଁ 'କାହିଁକି' ମହତ୍ତ୍ୱପୂର୍ଣ୍ଣ ?

## 'ଗ' ବିଭାଗ

**ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର ।**

୩। ଇତିହାସର ସମକାଳୀନ ସମାଜରେ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କର ।

୪। ଇତିହାସ ଆଲୋଚନା ନିମିତ୍ତ କ'ଣ ସବୁ ପ୍ରମୁଖ ପ୍ରଶ୍ନ ହେବା କଥା ? ଏହିସବୁ ପ୍ରଶ୍ନର ଯଥାର୍ଥତାକୁ ନେଇ ଆଲୋଚନା କର ।

— ❖ —

**ଦ୍ୱିତୀୟ ଅଧ୍ୟାୟ**

# ମାନବ ବିବର୍ତ୍ତନର ଇତିହାସ

ଇତିହାସ ଦୃଷ୍ଟିରୁ ଅତୀତକୁ ଦୁଇ ଭାଗରେ ବିଭକ୍ତ କରି ଦେଖିହେବ : ଐତିହାସିକ ଯୁଗ ଏବଂ ପ୍ରାକ୍ ବା ପ୍ରାଗ-ଐତିହାସିକ ଯୁଗ। ଐତିହାସିକ ଯୁଗର ବୈଶିଷ୍ଟ୍ୟ ହେଲା ଯେ ଏହି ଅତୀତର ଘଟଣାବଳୀକୁ ଅଭିବ୍ୟକ୍ତ କରିବା ସକାଶେ ଲିପି (script) ଏକ ପ୍ରଧାନ ମାଧ୍ୟମ ହୁଏ। ଲିପିର ଆରମ୍ଭ ସର୍ବତ୍ର ଏକା ସମୟରେ ହୋଇନାହିଁ। ତେଣୁ ଐତିହାସିକ ଯୁଗ ମଧ୍ୟ ସବୁ ସମାଜରେ ଏକା ସମୟରେ ଦେଖିବାକୁ ମିଳେନାହିଁ। ପ୍ରାଗ-ଐତିହାସିକ ଯୁଗ ହେଲା ଲିପି ଉଦ୍ଭାବନର ପୂର୍ବକାଳୀନ ସମୟାବଧି। ମାତ୍ର ଲିପି ଉଦ୍ଭାବନର ଅନେକ ପୂର୍ବରୁ ପୃଥିବୀରେ ମାନବର ସୃଷ୍ଟି ହୋଇସାରିଛି। ପୁଣି, ସୃଷ୍ଟିରେ ମାନବର ଅବତରଣର ବହୁ ପୂର୍ବରୁ ଅନ୍ୟ ପ୍ରାଣୀ ଓ ବୃକ୍ଷଲତା ରହି ଆସିଛନ୍ତି। ଧରାପୃଷ୍ଠରେ ଅନ୍ୟପ୍ରାଣୀ ତୁଳନାରେ ବହୁ ବିଳମ୍ବରେ ଅବତରଣ କରିଥିବା ପ୍ରାଣୀଙ୍କ ମଧ୍ୟରେ ମାନବ ଅନ୍ୟତମ। ଚାର୍ଲ୍ସ ଡ଼ାରଓ୍ୱିନଙ୍କ ବିବର୍ତ୍ତନବାଦ ମତରେ, ସୃଷ୍ଟି ବା ବିବର୍ତ୍ତନର ମୋଟ ଅବଧି ଯଦି ୨୪ ଘଣ୍ଟା, ତେବେ ମାତ୍ର ଶେଷ ସାତ ମିନିଟ୍‌ରେ ମାନବର ଉତ୍ପତ୍ତି। ପୁଣି ଏହି ଶେଷ ସାତ ମିନିଟ୍‌ର ପ୍ରକୃତ ଅବଧି ହେଲା ପାଖାପାଖି ୧୮ ଲକ୍ଷ ବର୍ଷ। ମାତ୍ର ତା'ଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ହେଲା ଯେ ଏଥିରୁ ମାତ୍ର ଶେଷ ପାଞ୍ଚ ବା ଛଅ ହଜାର ବର୍ଷରେ ପୃଥିବୀରେ ସଭ୍ୟତାର ବିକାଶ ଘଟିଛି; ଲିପିର ଉଦ୍ଭାବନ ହୋଇଛି। ତନ୍ମଧ୍ୟରୁ ଭାରତରେ ବିକଶିତ ହରପ୍ପା ସଂସ୍କୃତିରେ ବ୍ୟବହୃତ ଲିପିକୁ ପାଠ ସୁଦ୍ଧା କରାଯାଇ ପାରିନାହିଁ। ଅର୍ଥାତ୍ ଏହି ପାଞ୍ଚହଜାର ବର୍ଷ ତଳେ ଇତିହାସ ଯୁଗର ଆରମ୍ଭ; ସଂସ୍କୃତି ଓ ସଭ୍ୟତାର ଅୟମାରମ୍ଭ। ତଦ୍ ପୂର୍ବବର୍ତ୍ତି ସମୟ ହେଲା ପ୍ରାଗଐତିହାସିକକାଳୀନ। ବିଶ୍ୱର ସମସ୍ତ ବୃହତ୍ ସଭ୍ୟତା, ଯଥା ମିଶରର ନୀଳନଦୀ ସଭ୍ୟତା, ମେସୋପୋଟାମିଆ ସଭ୍ୟତା, ଚୀନ ଓ ହରପ୍ପା ସଭ୍ୟତା, ଏହି ଐତିହାସିକ ଯୁଗର ଉପଜ। ଏଥିରୁ ଜଣାଯାଏ ଯେ ମୋଟ ବିବର୍ତ୍ତନର ପ୍ରାୟ ସବୁତକ କାଳାଂଶ ଇତିହାସର ଅଗୋଚରରେ।

ବୈଜ୍ଞାନିକମାନଙ୍କ ମତରେ ପୃଥିବୀର ମୋଟ ବୟସ ହେବ ପାଖାପାଖି ଛଅ ବିଲିଅନ ବର୍ଷ। ଅର୍ଥାତ ଷାଠିଏ ହଜାର ଲକ୍ଷ ବର୍ଷ। ତହିଁରୁ ୩୦ରୁ ୫୦ ଲକ୍ଷ ବର୍ଷ ପୂର୍ବେ ଆଫ୍ରିକାରେ ସର୍ବପ୍ରଥମେ ମାନବାକୃତି ଜୀବର ଉତ୍ପତ୍ତି। ଏହି ଜୀବର ମେରୁଦଣ୍ଡ ଆଜିର ମାନବ ଭଳି ନ ଥିଲା ବୋଲି ସେ ସିଧା ହୋଇ ଚାଲିପାରୁନଥିଲା। ସିଧା ହୋଇ ଚାଲିଲା ଦଶରୁ କୋଡ଼ିଏ ଲକ୍ଷ ବର୍ଷ ପୂର୍ବେ। ମାନବ ସିଧା ହୋଇ ଚାଲିଲା ପରେ ତା'ର ଆଗ ଦୁଇଗୋଡ଼ ପଥର ବା ବୃକ୍ଷର ଡାଳ ଆଦି ଉପକରଣ ଧାରଣ କରିବା ନିମିତ୍ତ ସମର୍ଥ ହେଲା। ଏହି ସିଧାକୃତି ମାନବକୁ ଆମେ ଆମର ପୂର୍ବସୂରୀ ବୋଲି କହିପାରିବା। ବୈଜ୍ଞାନିକ ଭାଷାରେ ତାକୁ କୁହାଯାଏ ହୋମୋସେପିଆନ (Homosapien), ଓଡ଼ିଆରେ ତର୍ଜମା କଲେ ହେବ "ଜ୍ଞାନୋଦୀପ୍ତ ଜୀବ"। ଆଫ୍ରିକା ବ୍ୟତୀତ ୟୁରୋପ ଏବଂ ଏସିଆରେ ମଧ୍ୟ ହୋମୋସେପିଆନର ଅବସ୍ଥିତିକୁ ଅନୁମାନ କରିହୁଏ। କେବଳ ୯୦ ହଜାର ବର୍ଷ ତଳେ ପୂର୍ଣ୍ଣତଃ ବିକଶିତ

ମାନବର ଉଦ୍ଭବ ହୋଇଥିବାର ଅନୁମାନ କରାଯାଏ। ଏହି ପୂର୍ଣ୍ଣ ଅବୟବ ବିଶିଷ୍ଟ ମାନବ ହେଲା ଆଧୁନିକ ମଣିଷର ପ୍ରକୃତ ପୂର୍ବସୂରୀ। ସେ ପୃଷ୍ଠଭାଗର ଦୁଇ ଗୋଡ଼କୁ ବ୍ୟବହାର କରି ନିଜକୁ ଗତିଶୀଳ କରେ ଏବଂ ସମ୍ମୁଖ ଭାଗର ଦୁଇ ଗୋଡ଼କୁ ହାତ ରୂପେ ବ୍ୟବହାର କରେ। ଅର୍ଥାତ୍ ତା'ର ସିଧାକୃତି ହେବା ଏବଂ ଦୁଇପାଦିଆ (Bipedal) ହେବା ହେଲା ମଣିଷର ବର୍ଦ୍ଧିଷ୍ଣୁ ସାମର୍ଥ୍ୟ, ଯାହା ତାକୁ ଅନ୍ୟ ଜୀବଗୁଡ଼ଙ୍କଠାରୁ ଅନନ୍ୟ କରିଥାଏ; ଉପକରଣ ଧାରଣ କରିବା ଯୋଗ୍ୟ କରିଥାଏ। ସିଧାକୃତି, ଚାରି ପାଦ ପରିବର୍ତ୍ତେ ଗତିଶୀଳତା ନିମନ୍ତେ କେବଳ ଦୁଇପାଦର ଉପଯୋଗ, ମସ୍ତିଷ୍କ ଏବଂ ଦାନ୍ତର ପରିପାଟୀକୁ ପୂର୍ଣ୍ଣ ଅବୟବ ବିଶିଷ୍ଟ ମାନବ, ଜ୍ଞାନୋଦୀପ୍ତ ମାନବ, 'ହୋମୋସେପିଆନ'ର ବୈଶିଷ୍ଟ୍ୟ ବୋଲି ଗଣାଯାଏ। ଅନ୍ୟ ଅନେକ ଜୀବଜନ୍ତୁ ତୁଳନାରେ ଏମିତିରେ ଶାରୀରିକ ଦୃଷ୍ଟିରୁ ମାନବ ଏକ ଦୁର୍ବଳ ପ୍ରାଣୀ। ମାତ୍ର ଉଲ୍ଲିଖିତ ବୈଶିଷ୍ଟ୍ୟଗୁଡ଼ିକ ଯୋଗୁଁ ସେ ଅନ୍ୟ ଜୀବଜନ୍ତୁ ତୁଳନାରେ ବହୁ ଆଗରେ, ବିକଶିତ, ଶକ୍ତିଶାଳୀ ଏବଂ ଆଧୁନିକ। ତା'ର ବିକାଶ ଯାତ୍ରାର ନିରନ୍ତରତା ପଛରେ ମଧ୍ୟ ଏସବୁକୁ ପ୍ରମୁଖ କାରଣ ରୂପେ ଦେଖାଯାଇପାରେ।

## ଆଦି ମାନବ ଓ ତା'ର ଖାଦ୍ୟ ସଂଗ୍ରହ ଶୈଳୀ

ଆରମ୍ଭକାଳୀନ ମାନବ ହେଲା ଆଦି ମାନବ। ସେ ପୂର୍ଣ୍ଣତଃ ପ୍ରକୃତି ଆଶ୍ରିତ ଥିଲା; ଖାଦ୍ୟ ଉତ୍ପାଦନ କଥା ତାକୁ ଜଣା ନ ଥିଲା। ପ୍ରାରମ୍ଭରେ ସଂଭବତଃ ସେ ଶିକାର ମଧ୍ୟ କରୁନଥିଲା। ଫଳ, ମୂଳ ଓ ପଶୁମାଂସକୁ ସେ ସଂଗ୍ରହ କରି ଭକ୍ଷଣ କରୁଥିଲା। ସମୟ କ୍ରମେ ସେ ଶିକାର କରିବା ଶିଖିଥିଲା। ଶିକାର ପାଇଁ ମୁଖ୍ୟତଃ ପ୍ରାକୃତିକ ଭାବେ ଉପଲବ୍ଧ ପ୍ରସ୍ତର ଖଣ୍ଡ ଏବଂ ଗଛ ଡ଼ାଳକୁ ବ୍ୟବହାର କରୁଥିଲା। ମାନବ ଇତିହାସର ଏହି ଅବଧିକୁ ପ୍ରାଚୀନ ପ୍ରସ୍ତର ଯୁଗ (Palaeolithic Age) ବୋଲି କୁହାଯାଏ। ଖାଦ୍ୟ ଉତ୍ପାଦନ ବଦଳରେ ସଂଗ୍ରହ ହେଲା ଏହି ଯୁଗର ବଡ଼ ବୈଶିଷ୍ଟ୍ୟ। ତା' ପାଇଁ ସେ ଅ-ଶାଣିତ ପ୍ରସ୍ତର ଖଣ୍ଡକୁ ବ୍ୟବହାର କରୁଥିଲା। ଆରମ୍ଭରୁ ଖ୍ରୀ.ପୂ. ପ୍ରାୟ ଦଶହଜାର ବର୍ଷଯାଏଁ ଏହି କାଳାବଧି ରହିଥିଲା।

ପ୍ରାଚୀନ ପ୍ରସ୍ତର ଯୁଗରେ ମାନବ ନିଆଁର ବ୍ୟବହାର ଆରମ୍ଭ କଲା ଏବଂ ନିଆଁକୁ ନିୟନ୍ତ୍ରଣ ମଧ୍ୟ କଲା। ଅଜ୍ଞାତ ପ୍ରତି ରହିଥିବା ସ୍ୱାଭାବିକ ଭୟ ଯୋଗୁଁ ତଥା ଶିକାର ସମୟରେ ନିଜର ସୁରକ୍ଷା ନିମନ୍ତେ ଆଦିମାନବ ଦେବାଦେବୀ ଏବଂ ଧର୍ମର କଳ୍ପନା କଲା। ଯେଉଁ ପ୍ରାକୃତିକ ରହସ୍ୟଗୁଡ଼ିକୁ ସେ ବ୍ୟାଖ୍ୟା କରିବାରେ ଅସମର୍ଥ ହେଲା ଏବଂ ଯେଉଁ କାର୍ଯ୍ୟଗୁଡ଼ିକ ତା' ପାଇଁ ଅସମ୍ଭବ ପ୍ରତୀତ ହେଲେ, ତାକୁ ସେ ଅତିମାନବର କାର୍ଯ୍ୟ ବୋଲି ମନେ କଲା। ପ୍ରାଚୀନ ପ୍ରସ୍ତର ଯୁଗର ଅନେକ ପ୍ରାଚୀର ଚିତ୍ର ଗୁମ୍ଫାମାନଙ୍କରେ ଆବିଷ୍କୃତ ହୋଇଛି। ଏହି ସବୁ ପ୍ରାଚୀର ଚିତ୍ରରୁ ଆଦି ମାନବର ଧର୍ମ ଏବଂ ଦେବାଦେବୀ ସଂପର୍କିତ ବିଚାର ଦୃଷ୍ଟି ସଂପର୍କରେ ଆଭାସ ମିଳେ। ଶିକାରର ଉପଲବ୍ଧତାକୁ ଦୃଷ୍ଟିରେ ରଖି ସମସ୍ତ ମାନବ ଗୋଟାଏ ସ୍ଥାନରେ ନ ରହି ଭିନ୍ନ ଭିନ୍ନ ସ୍ଥାନକୁ ଗଲେ। ଫଳରେ ଆଫ୍ରିକା, ୟୁରୋପ ଏବଂ ଏସିଆରେ ପ୍ରାଚୀନ ପ୍ରସ୍ତରକାଳୀନ ଅବଶେଷଗୁଡ଼ିକର ଆବିଷ୍କାର ହେଲା। ସବୁଠାରେ ପ୍ରାଚୀନ ପ୍ରସ୍ତରକାଳୀନ ଜୀବନଶୈଳୀ ମଧ୍ୟରେ ଅନେକ ସମାନତା ଦେଖିବାକୁ ମିଳିଥାଏ। ସବୁଠାରେ ଉପକରଣଗୁଡ଼ିକ ପଥର ଗଢ଼ା, ସରଳ ଏବଂ ରୁକ୍ଷ, ଅଶାଣିତ।

ପ୍ରାଚୀନ ପ୍ରସ୍ତର ଯୁଗରେ ସମ୍ଭବତଃ ଲିଙ୍ଗ ଆଧାରରେ ଶ୍ରମର ଭାଗବଣ୍ଟା ହୋଇଥିଲା । ଶିକାର ଏବଂ ସୁରକ୍ଷା ଦାୟିତ୍ୱ ରହିଲା ପୁରୁଷ ପାଖରେ ଏବଂ ସ୍ତ୍ରୀ ଫଳମୂଳ ସଂଗ୍ରହ କଲା, ବାଉଁଶ ଟୋକେଇ (ଜିନିଷ ରଖିବା ନିମିତ୍ତ) ତିଆରି କଲା ଏବଂ ବୃକ୍ଷର ବଳ୍କଳ ଆଦିରୁ ବସ୍ତ୍ର ପ୍ରସ୍ତୁତ କଲା । ଛୁଆକୁ ଜନ୍ମ ଦେବା ଏବଂ ଛୁଆର ପ୍ରତିପାଳନ କରିବା କାରଣରୁ ସ୍ତ୍ରୀ ସର୍ବଦା ପୁରୁଷ ତୁଳନାରେ କମ ଗତିଶୀଳ, ଯାହା ଶ୍ରମ ବିଭାଜନକୁ ଦୃଢ଼ ଆଧାର ଦେଲା । ସ୍ତ୍ରୀର ଗତିମନ୍ଥରତା କାଳକ୍ରମେ ମଣିଷକୁ ସ୍ଥାୟୀ ବସତି ସ୍ଥାପନ କରିବା ନିମନ୍ତେ ଅଭିପ୍ରେରିତ କଲା ।

## ରହଣୀ : ବୃକ୍ଷରୁ ଗୁହା

ପ୍ରାଚୀନ ପ୍ରସ୍ତର ଯୁଗରେ ହିଁ ନୂତନ ପ୍ରସ୍ତରର ଉପକରଣ ଗୁଡ଼ିକର ସୃଷ୍ଟି ଆରମ୍ଭ ହେଲା, ଯଦିଓ ନୂତନ ପ୍ରସ୍ତରଯୁଗ (ପ୍ରାୟ ୧୦୦୦୦ ରୁ ୪୫୦୦ ଖ୍ରୀ.ପୂ.)ର କାଳାଂଶ ଅନେକ ପରେ ଦେଖିବାକୁ ମିଳିଲା । ସମୟକ୍ରମେ ମାନବ ପ୍ରସ୍ତର ଉପକରଣକୁ ଅଧିକ ବ୍ୟବହାର ଯୋଗ୍ୟ କରିବା ଲାଗି ଘଷି ଘଷି ଶାଣିତ କଲା । ଫଳରେ ତା'ର ରହଣି ଓ ଖାଦ୍ୟରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଲା । ସୁରକ୍ଷା ପାଇଁ ମାନବ ପ୍ରଥମେ ବୃକ୍ଷ ଉପରେ ରହୁଥିଲା । ଉପକରଣର ବ୍ୟବହାର ତାକୁ ସୁରକ୍ଷା ଭାବ ଦେଲା । ଫଳରେ ବୃକ୍ଷରେ ନ ରହି ସେ ଗୁହା ଓ ଖୋଲା ଯାଗାରେ ରହିବା ଶିଖିଲା । ଯେଉଁ ସ୍ଥାନରେ ଅଧିକ ଖାଦ୍ୟ ମିଳିବାର ସଂଭାବନା ଥିଲା, ସେଠାରେ ଏକାଦିକ୍ରମେ ଅଧିକ ଦିନ ଧରି ରହିଲା । ଗୋଟାଏ ସ୍ଥାନରେ ଅଧିକ ଦିନ ଧରି ରହିବା କାରଣରୁ ଗଛ, ଲତା ଓ ଗୁଳ୍ମ ଆଦି କେଉଁ ପ୍ରକ୍ରିୟାରେ ଜନ୍ମ ନେଉଛନ୍ତି, ବିକଶିତ ହେଉଛନ୍ତି, ତାହା ଅନୁଧ୍ୟାନ କଲା ଏବଂ ନିଜେ ଏକ ନିୟନ୍ତ୍ରିତ ପରିବେଶରେ ଖାଦ୍ୟ ଯୋଗାଉଥିବା ତଥା କମ୍ ଦିନରେ ପରିପକ୍ୱ ହେଉଥିବା ଗଛ ଲତାଗୁଡ଼ିକୁ ରୋପଣ କଲା; ତା'ର ପ୍ରତିପାଳନ କଲା । ଏହା ତାକୁ କେବଳ ଖାଦ୍ୟ ସଂଗ୍ରହକାରୀ ଓ ଶିକାରୀରୁ ଖାଦ୍ୟ ଉତ୍ପାଦନକାରୀ ଓ ପଶୁପାଳନକାରୀରେ ରୂପାନ୍ତରିତ କଲା । ଏହି ଯୁଗରେ ସେ କେବଳ ପ୍ରକୃତି ଉପରେ ଖାଦ୍ୟ ପାଇଁ ଆଶ୍ରିତ ନ ହୋଇ ନିଜେ ଖାଦ୍ୟ ଉତ୍ପାଦନ ଆରମ୍ଭ କଲା । ପଶୁପାଳନ ଯୋଗୁଁ ନିଜ ଇଚ୍ଛାମତେ ସୁରକ୍ଷିତ ଢ଼ଙ୍ଗରେ ସେ ମାଂସ ମଧ୍ୟ ପାଇପାରିଲା । ନୂତନ ଶାଣିତ ପ୍ରସ୍ତର ଉପକରଣକୁ ବ୍ୟବହାର କରି ସେ ନିଜଠାରୁ ବଳବାନ ପଶୁ ଶିକାର ମଧ୍ୟ କରିପାରିଲା । ଏହିସବୁ ପରିବର୍ତ୍ତନ ମୂଳରେ ନୂତନ ପ୍ରସ୍ତର ଉପକରଣର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ନୂତନ ପ୍ରସ୍ତରର ଅଧିକରୁ ଅଧିକ ଉପଯୋଗ ହେବାର ସେହି କାଳାଂଶକୁ ନୂତନ ପ୍ରସ୍ତର ଯୁଗ (Neolithic Age) କୁହାଯାଏ । ନିଓର ଅର୍ଥ ଏଠାରେ ନୂତନ ଏବଂ ଲିଥ ମାନେ ପଥର ।

ନୂତନ ପ୍ରସ୍ତର ଯୁଗରେ ପଥର ବ୍ୟତୀତ ପଶୁ ହାଡ଼କୁ ମଧ୍ୟ ମାନବ ଉପକରଣ ରୂପରେ ବ୍ୟବହାର କରୁଥିଲା । ଆଫ୍ରିକାର ଚେସୋୱାନଜା (Chesowanja) ଏବଂ ସ୍ୱାର୍ତକ୍ରାନ୍ସ (Swartkrans) ଆଦି କେତେକ ସ୍ଥାନରୁ ପୋଡ଼ା ମାଟି, ପୋଡ଼ା ଅସ୍ଥି ଏବଂ ଚୁଲିର ଅବଶେଷ ପ୍ରାପ୍ତ ହୋଇଛି । ଏଥିରୁ ସେ କାଳରେ ନିଆଁର ନିୟନ୍ତ୍ରିତ ବ୍ୟବହାର ହେଉଥିବାର ଅନୁମାନ କରାଯାଏ । ରନ୍ଧନକ୍ରିୟା ବ୍ୟତୀତ ନିଆଁକୁ ବନ୍ୟ ଜନ୍ତୁଗୁଡ଼ିକୁ ଭୟଭୀତ କରିବା ନିମିତ୍ତ ତଥା ପଥର ଉପକରଣଗୁଡ଼ିକୁ ଶାଣିତ ଓ ଚେପଟା କରିବା ନିମିତ୍ତ ଉପଯୋଗ କରାଯାଉଥିଲା । ଆଫ୍ରିକାର ଇଥିଓପିଆ ଓ କେନିଆରୁ ନୂତନ ପ୍ରସ୍ତର

ଯୁଗୀୟ ସର୍ବପୁରାତନ ଉପକରଣମାନ ପ୍ରାପ୍ତ ହୋଇଛି । ଉପକରଣଗୁଡ଼ିକୁ ବୋଧହୁଏ ଉଭୟ ପୁରୁଷ ଓ ନାରୀ ମିଶି ଗୁହାରେ ରହଣି କାଳରେ ପ୍ରସ୍ତୁତ କରୁଥିଲେ । ଉପକରଣ ପ୍ରସ୍ତୁତିରେ ଶୁଖିଲା କାଠର ମଧ୍ୟ ଉପଯୋଗ ହେଉଥିଲା । ବଳକା ଖାଦ୍ୟ ଓ ପାନୀୟକୁ ରଖିବା ଲାଗି ମାଟିପାତ୍ରର ବ୍ୟବହାର ମଧ୍ୟ ଆରମ୍ଭ ହେଲା । ମାନବର ଏହି ସବୁ ବିକାଶ ପାଇଁ ଯେତେ ଆବଶ୍ୟକ ଥିଲା ବ୍ୟବହାର ଉପଯୋଗୀ ପଥର, ଅସ୍ଥି ଓ କାଠ ଉପକରଣର, ତତୋଽଧିକ ମାତ୍ରାରେ ଆବଶ୍ୟକ ଥିଲା ସ୍ଥାୟୀ ବସତିର ଏବଂ ନିଆଁର ନିୟନ୍ତ୍ରିତ ବ୍ୟବହାରର । ଦ୍ୱିତୀୟତଃ, ଉପକରଣ ଓ ବସତି ସ୍ତରୀୟ ବିକାଶ ଅକସ୍ମାତ ସଂଘଟିତ ହୋଇନାହିଁ, ବରଂ ଏକ ଐତିହାସିକ ପ୍ରକ୍ରିୟା ମଧ୍ୟରେ କାଳକ୍ରମେ ସଂଭବ ହୋଇଛି । ଉଦାହରଣ ସ୍ୱରୂପ, ନୂତନ ପ୍ରସ୍ତର ଯୁଗ ବୋଲି ମନେ କରାଯାଉଥିବା କାଳାଂଶର ଯଥେଷ୍ଟ ପୂର୍ବରୁ ଏଗୁଡ଼ିକ ମଧ୍ୟରୁ କେତେକ ପରିବର୍ତ୍ତନ ଯେ ଆରମ୍ଭ ହୋଇଯାଇଥିବ – ତାହା କହିବା ବାହୁଲ୍ୟ । ଅର୍ଥାତ୍ ପ୍ରାଚୀନ ପ୍ରସ୍ତର ଯୁଗର ଶେଷ କାଳାଂଶରେ ମାନବ ବୃକ୍ଷରୁ ଅବତରଣ କରି ଗୁହା ଓ ଖୋଲା ଯାଗାରେ ରହିବା ଆରମ୍ଭ କରିଦେଇଥିଲା । ଦ୍ୱିତୀୟତଃ, ଗୁହା ରହଣି ବେଳେ ହିଁ ସେ ପଥର ଉପକରଣଗୁଡ଼ିକୁ ନିଜ ଢ଼ଙ୍ଗରେ ସଜାଇବା ଶିଖିଲା । ବୃକ୍ଷରହଣି ବେଳେ ବା ଉପକରଣ ତିଆରି ସେ କରନ୍ତା କେମିତି ?

## ଭାବ ବିନିମୟର ମାଧ୍ୟମ – ଭାଷା ଓ କଳାକୃତି

ଜୀବ ମଧ୍ୟରେ କେବଳ ମାନବ ହିଁ ଭାବ ବିନିମୟ ପାଇଁ ଭାଷାର ବ୍ୟବହାର କରେ । ଭାବ ବିନିମୟର ମାଧ୍ୟମ ରୂପେ ଭାଷାର ବ୍ୟବହାର ସମୟକ୍ରମେ ସଂଭବ ହୋଇଛି । ପ୍ରଥମେ ହୁଏତ ଆଦିମାନବ (hominid) ଅଂଗଭଂଗୀ ପ୍ରଦର୍ଶନ କରି ନିଜର ଭାବ ବ୍ୟକ୍ତ କରୁଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ପାଟି କରିବା ଏବଂ ଗୁଣୁଗୁଣୁ କରିବା (humming) ଆରମ୍ଭ କଲା । ତୃତୀୟ ପର୍ଯ୍ୟାୟରେ ତା'ର ପାଟିରୁ ପୂର୍ଣ୍ଣ ଶବ୍ଦ ନିସୃତ ହେଲା, ଯାହା ଭାବ ବିନିମୟ ସକାଶେ ଏକ ପ୍ରମୁଖ ମାଧ୍ୟମ ହେଲା । ଏକ ସୀମିତ ଓ ପରିଚିତ କ୍ଷେତ୍ରରେ ସମାନ ଭାବକୁ ଅଭିବ୍ୟକ୍ତ କରିବା ଲାଗି ନିର୍ଦ୍ଦିଷ୍ଟ ଶବ୍ଦ ବ୍ୟବହାର ହେଲା; ଏହା ଭାଷାକୁ ଜନ୍ମ ଦେଲା । ସମ୍ଭବତଃ ମସ୍ତିଷ୍କର ପୂର୍ଣ୍ଣ ବିକାଶ ଘଟିବା ଉତ୍ତାରୁ ଭାଷା ନିର୍ମାଣ ହେଲା । ଏହାର ସମୟାବଧି ନୂତନ ପ୍ରସ୍ତର ଯୁଗର ଅର୍ଥାତ୍ ଗୁହା ଅବସ୍ଥାନର ଢ଼େର ଅଧିକ ବର୍ଷ ପୂର୍ବରୁ ପ୍ରାୟ ଦୁଇ ଲକ୍ଷ ବର୍ଷ ପୂର୍ବେ ବୋଲି ଅନୁମାନ କରାଯାଏ ।

ଭାଷା ବ୍ୟବହାର ଉତ୍ତାରୁ ଭାବ ବିନିମୟ ଲାଗି ଆଉ ଏକ ମାଧ୍ୟମର ଆବିଷ୍କାର ହେଲା । ତାହା ହେଲା କଳାକୃତିର ଆରମ୍ଭ ଓ ବିକାଶ । ଏହାର ସମୟାବଧି ୪୦,୦୦୦ରୁ ୩୫୦୦୦ ବର୍ଷ ପୂର୍ବେ ବୋଲି କୁହାଯାଏ । କେତେକ ଗବେଷକଙ୍କ ମତରେ ସ୍ପେନର ଆଲଟାମିରା ଗୁହା ପ୍ରାଚୀରରୁ ୧୮୭୯ ମସିହାରେ ଆବିଷ୍କୃତ ଏଭଳି ଏକ ପୂରାତନ ଚିତ୍ର ହେଲା ସେହି ସମୟର ଚିତ୍ର । ଏହା ଏକ ଗଣ୍ଡାର ଚିତ୍ର । ଫ୍ରାନସର ଅନେକ ସ୍ଥାନରୁ ମଧ୍ୟ ପଶୁର, ଯଥା ଗଣ୍ଡା, ଘୋଡ଼ା, ହରିଣ, ସିଂହ, ଭାଲୁ ଏବଂ ପେଚାର ଚିତ୍ର ମିଳିଛି । ପୁଣି ଅନେକ ଚିତ୍ରରେ ରଙ୍ଗ ଦିଆଯାଇଛି । ପଶୁ ବ୍ୟତୀତ, ପୁରୁଷ ଓ ନାରୀର ଚିତ୍ର ମଧ୍ୟ ଆବିଷ୍କୃତ ହୋଇଛି । ଚିତ୍ରର ବୈଶିଷ୍ଟ୍ୟ ହେଲା ଯେ ପୁରୁଷକୁ ପଶୁଗୁଡ଼ିକ ପାଖରେ ଏବଂ ନାରୀକୁ ଦଳବଦ୍ଧ ଭାବରେ ଦେଖିବାକୁ ମିଳିଥାଏ । ଏଥିରୁ କ'ଣ ମନେହୁଏ ନାହିଁ ଯେ ଶିକାର ପାଇଁ ମୁଖ୍ୟତଃ ପୁରୁଷ ନିୟୋଜିତ ହେଉଥିଲା ଏବଂ

ସୁରକ୍ଷା ଦୃଷ୍ଟିରୁ ନାରୀମାନେ ଦଳବଦ୍ଧ ହୋଇ ରହୁଥିଲେ । ଗୋଟାଏ ପିଢ଼ିର ଜ୍ଞାନକୁ ପରବର୍ତ୍ତୀ ପିଢ଼ି ନିମିତ୍ତ ସୁରକ୍ଷିତ କରି ରଖିବାରେ ଚିତ୍ର ଖୁବ ଉପଯୋଗୀ ସିଦ୍ଧ ହୋଇଥିଲା । ତତ୍‌କାଳୀନ ସମୟରେ ମଧ୍ୟ ଚିତ୍ର ଭାବ ବିନିମୟ ସହିତ ଭାବ ଉଦ୍ରେକ କରିବାରେ ସହାୟକ ହେଲା ।

ଆଦିମାନବ ସମ୍ବନ୍ଧରେ ଆମେ ଯାହା ସବୁ ଅନୁମାନ କରନ୍ତି, ତାହା ନିଶ୍ଚିତ ରୂପେ ଯଥେଷ୍ଟ ନୁହେଁ । ଦ୍ୱିତୀୟତଃ, ବୈଜ୍ଞାନିକମାନଙ୍କର ସବୁ ଅନୁମାନ ବି ସତ ହୋଇନପାରେ । ବରଂ ତାକୁ ଅନ୍ତିମ ସତ୍ୟ ବୋଲି ଦାବି କରିବା ହେବ ନୈତିହାସିକତା (a-historical) । ଅନୁମାନ ଯଦି ଯୁକ୍ତି ଆଧାରିତ, ତାହା ଇତିହାସସିଦ୍ଧ । ଅବଶେଷ ସମ୍ବଳିତ ତଥ୍ୟ ଆଧାରରେ କେବଳ ପ୍ରଶ୍ନ ନୂଆ ହେଲେ, ଆଦି ମାନବର ଜୀବନ ଧାରଣ, ରହଣି ସହଣିକୁ ନେଇ ଇତିହାସ ଆଲୋଚନା ଅଧିକ ଜୀବନ୍ତ ଏବଂ ଉପାଦେୟ ସିଦ୍ଧ ହେବ ।

## ପୃଷ୍ଠବନ୍ଧ (Epilogue)

### ପଶୁପାଳନ, କୃଷି : ଜୀବନ ନିର୍ବାହର ବିକଳ୍ପ ସାଧନ

କେତେ କୋଟି ବର୍ଷ ଧରି ମାନବ ବନ୍ୟ ଜୀବ ଶିକାର କରି ତଥା ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଜୀବନ ନିର୍ବାହ କଲା ଉତ୍ତାରୁ ଗତ ୧୦,୦୦୦ରୁ ୪,୫୦୦ ବର୍ଷ ପୂର୍ବେ ଅର୍ଥାତ ଏହି ନିକଟ ଅତୀତରେ ପଶୁପାଳନ କଲା ଏବଂ ବୃକ୍ଷଲତା ରୋପଣ କଲା ।  ଏହା ତା'ର ଅନ୍ନଚିନ୍ତାର ଅନିଶ୍ଚିତତାକୁ ବହୁ ପରିମାଣରେ ହ୍ରାସ କଲା । ପୂର୍ବରୁ ଯାହା କୁହାଯାଇଛି, ପଶୁପାଳନ ଓ ବୃକ୍ଷଲତା ରୋପଣର ପ୍ରକ୍ରିୟା ପ୍ରାଚୀନ ପ୍ରସ୍ତର ଯୁଗର ଶେଷ କାଳାଂଶରେ ଆରମ୍ଭ ହୋଇଯାଇଥିଲା, ଯଦିଓ ତାହା ଜୀବନ ନିର୍ବାହର ପ୍ରମୁଖ ସାଧନ ହେଲା ନୂତନ ପ୍ରସ୍ତର ଯୁଗରେ । ଅର୍ଥାତ ଗତ ୧୦,୦୦୦ରୁ ୪,୫୦୦ ବର୍ଷ ପୂର୍ବେ । ଅନ୍ୟ ଶବ୍ଦରେ କହିଲେ, ଏହି କାଳାଂଶରେ କୃଷି ଓ ପଶୁପାଳନ ବଞ୍ଚିବାର ଉଚିତ ବିକଳ୍ପ ରୂପେ ମାନ୍ୟତା ପାଇଲା । ଏହି ପରିବର୍ତ୍ତନ ମାନବ ଇତିହାସର ଏକ ନୂତନ ଅଧ୍ୟାୟ ରୂପେ ପରିଗଣିତ ହୁଏ ।

ପ୍ରଶ୍ନ ଉଠେ, ଏତାଦୃଶ ପରିବର୍ତ୍ତନର ଭିତ୍ତି କ'ଣ ? କାହିଁକି ତାହା ସମ୍ଭବପର ହେଲା ? ପ୍ରାୟ ୧୩,୦୦୦ ବର୍ଷ ପୂର୍ବେ ଅନ୍ତିମ ବରଫ ଯୁଗର ପରିସମାପ୍ତି ଘଟିଲା । ଫଳରେ ଜଳବାୟୁ ଓ ପରିବେଶ ସାମାନ୍ୟ ଆର୍ଦ୍ର ଓ ଉଷୁମ ହେଲା, ଯାହା ତୃଣଜାତୀୟ ଗୁଳ୍ମ-ଲତାର ଜନ୍ମ ଓ ବୃଦ୍ଧି ପାଇଁ ସହାୟକ ସିଦ୍ଧ ହେଲା । ତୃଣଭୋଜୀ ପ୍ରାଣୀ ଯଥା, ମେଣ୍ଢା, ଛେଳି, ଗାଈ, ଘୁଷୁରୀ ଏବଂ ଗଧ ଆଦି ପଶୁ ଓ ବାର୍ଲି ଏବଂ ଗହମ ଜାତୀୟ କୃଷିର ଅଭିବୃଦ୍ଧି ଓ ବିକାଶରେ ଏହା ସାହାଯ୍ୟ କଲା । ମାନବ ମଧ୍ୟ ତୃଣାଞ୍ଚଳରେ ରହିବାକୁ ପସନ୍ଦ କଲା, କାରଣ ତୃଣଭୋଜୀ ପ୍ରାଣୀ ଶିକାର ତା' ପାଇଁ ସହଜ ହେଲା; ଏମିତିରେ ସେ ନିଜେ ମଧ୍ୟ ତୃଣଭୋଜୀ । ଖାଦ୍ୟର ସୁଲଭତା ତାକୁ ସ୍ଥାୟୀବସତି ସ୍ଥାପନ ନିମିତ୍ତ ଅନୁପ୍ରେରିତ କଲା । ପଶୁପାଳନ ଓ କୃଷିର ଏଥିରୁ ଉତ୍ପତ୍ତି ବୋଲି ମନେ କରାଯାଏ । ବସତି ସ୍ଥାପନ ଯୋଗୁଁ ସେ ଯୋଜନାବଦ୍ଧ ଭାବରେ ପ୍ରସ୍ତର,

ଅସ୍ଥି ଏବଂ ଶୃଙ୍ଖଳା କାଠର ଉପକରଣଗୁଡ଼ିକୁ ଧାରୁଆ, ଚେପ୍‌ଟା ଓ ପତଳା କଲା, ଯାହାଫଳରେ ଉପକରଣଗୁଡ଼ିକ ମଧ୍ୟ ଅଧିକ ଉପଯୋଗୀ ସିଦ୍ଧ ହେଲେ ।

ଭୂମଧ୍ୟସାଗରୀୟ ତଟ ଏବଂ ଇରାନର ଯାଗ୍ରୋ (Zagros) ପର୍ବତାଞ୍ଚଳ ମଧ୍ୟବର୍ତ୍ତୀ କ୍ଷେତ୍ରରେ ପ୍ରାୟ ୧୦,୦୦୦ ବର୍ଷ ପୂର୍ବେ ଏଭଳି କୃଷି ଓ ପଶୁପାଳନ ହେଉଥିବାର ଜଣାପଡ଼େ । କୃଷିର ଉନ୍ମେଷ ହେବାରୁ ଲୋକ ନିଜ ବସତିକୁ ସ୍ଥାୟୀ କଲେ; ଗୃହ ନିର୍ମାଣ ହେଲା । ନିର୍ମାଣ ପାଇଁ ମାଟି, କଞ୍ଚା ଇଟା ଏବଂ ପଥରର ବ୍ୟବହାର ହେଲା । କାଠ ମଧ୍ୟ ସ୍ୱାଭାବିକ ଭାବରେ ବ୍ୟବହୃତ ହେଲା । ଏହା ପରେ ବଳକା ଶସ୍ୟ ରଖିବା ଲାଗି ବଡ଼ ବଡ଼ ମାଟିପାତ୍ର ନିର୍ମାଣ ହେଲା । ଉତ୍ପାଦନ ବଢ଼ିବା ସହିତ ପାତ୍ରର ଆକାର ଏବଂ କିସମ ବୃଦ୍ଧି ପାଇଲା । ଆରମ୍ଭରେ ଲୋକ ସାନ ସାନ ଗୋଷ୍ଠୀରେ ଉର୍ବର କ୍ଷେତ୍ରରେ ବସତି ସ୍ଥାପନ କଲେ, ଯାହାକୁ ଗାଁ ବୋଲି କୁହାଗଲା । ଉତ୍ପାଦନରେ ଆଶାନୁରୂପ ଅଭିବୃଦ୍ଧି ଘଟିବାରୁ ପ୍ରାୟ ପାଞ୍ଚହଜାର ବର୍ଷ ପୂର୍ବେ ବସତି ଘଞ୍ଚ ହେଲା; ନଗରର ଜନ୍ମ ହେଲା । ତମ୍ବା ଓ ଟିଣ ଆଦି ଧାତୁ ଏବଂ ଚକର ବ୍ୟବହାର ହେଲା, ଯାହା ପାତ୍ର ନିର୍ମାଣ ଏବଂ ଜିନିଷ ନେବା ଆଣିବା ସକାଶେ ସାଧନର ବିକାଶରେ ସାହାଯ୍ୟ କଲା । ଏସବୁ ଆମେ ପରବର୍ତ୍ତୀ ଅଧ୍ୟାୟରେ ବିସ୍ତାରରେ ଆଲୋଚନା କରିବା ।

## ସାରାଂଶ

ଇତିହାସ ଦୃଷ୍ଟିରୁ ଅତୀତକୁ ଦୁଇ ଭାଗ କରାଯାଇଛି ଯଥା– ଐତିହାସିକ ଯୁଗ ଓ ପ୍ରାଗ୍ ଐତିହାସିକ ଯୁଗ । ଲିପିର ଉଦ୍ଭାବନ ପରଠାରୁ ଐତିହାସିକ ଯୁଗର ଆରମ୍ଭ । ପୃଥିବୀର ସୃଷ୍ଟି ପ୍ରାୟ ଷାଠିଏ ହଜାର ଲକ୍ଷ ବର୍ଷ ପୂର୍ବେ ହୋଇଥିବା ବେଳେ ୩୦ରୁ ୫୦ ଲକ୍ଷ ବର୍ଷ ପୂର୍ବେ ଆଫ୍ରିକାରେ ସର୍ବପ୍ରଥମେ ମାନବାକୃତି ଜୀବର ଉତ୍ପତ୍ତି ହୋଇଥିଲା । ପୂର୍ବରୁ ଦଶରୁ କୋଡ଼ିଏ ଲକ୍ଷ ବର୍ଷ ପୂର୍ବେ ସିଧାକୃତି ମାନବ ଦୃଶ୍ୟମାନ ହେଲେ । ବୈଜ୍ଞାନିକ ଭାଷାରେ ସେମାନଙ୍କୁ ହୋମୋସେପିଆନ (Homosapien) କୁହାଗଲା । ଆଦି ମାନବ ପାରିପାର୍ଶ୍ୱିକ ଅବସ୍ଥାରୁ ଶିକ୍ଷା ଲାଭ କରି ଖାଦ୍ୟ ସଂଗ୍ରହ ଓ ଆତ୍ମରକ୍ଷା ସହିତ ପ୍ରତିକୂଳ ପରିସ୍ଥିତି ସହିତ ଖାପ ଖୁଆଇ ଚଳିଲା । ପ୍ରଥମେ ବୃକ୍ଷରେ ବାସ କରୁଥିବା ମାନବ କ୍ରମେ ଗୁମ୍ଫାରେ ଓ ତତ୍ପରେ ଗୃହ ନିର୍ମାଣ କରି ବସବାସ କରିବା ଶିଖିଲା । ପ୍ରାଚୀନ ପ୍ରସ୍ତର ଯୁଗରେ ଖାଦ୍ୟ ସଂଗ୍ରହ ମାନବର କାମ ହୋଇଥିବା ବେଳେ ନୂତନ ପ୍ରସ୍ତର ଯୁଗରେ ମାନବ ତାର ଖାଦ୍ୟ ଉତ୍ପାଦନ ଆରମ୍ଭ କଲା । କ୍ରମେ ମାନବ ଭାଷାର ବ୍ୟବହାର କରି ଭାବ ବିନିମୟ କରିପାରିଲା ଓ ତତ୍ପରେ କଳାକୃତି ମଧ୍ୟ ଭାବ ବିନିମୟର ମାଧ୍ୟମ ହେଲା । ଏହିପରି ଭାବରେ ଯାଯାବର ଜୀବନ ପରିତ୍ୟାଗ କରି ମାନବ ସ୍ଥାୟୀ ବାସିନ୍ଦା ଭାବରେ ବସବାସ କଲା । କୃଷି ଓ ପଶୁପାଳନ ହେଲା ତାର ଜୀବନ ଧାରଣର ମାଧ୍ୟମ ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର।

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛିଲେଖ।

(କ) କେଉଁ ଯୁଗରେ ଲିଖନ ପ୍ରଣାଳୀ ବା ଲିପିର ଉଦ୍ଭାବନ ହୋଇଥିଲା ?

(i) ପ୍ରାଗ୍ଐତିହାସିକ ଯୁଗ (ii) ଐତିହାସିକ ଯୁଗ (iii) ପୌରାଣିକ ଯୁଗ (iv) ନୂତନ ପ୍ରସ୍ତର ଯୁଗ

(ଖ) ସିଧାକୃତି ମାନବକୁ ବୈଜ୍ଞାନିକ ଭାଷାରେ କ'ଣ କୁହାଯାଏ ?

(i) ଆଦି ମାନବ (ii) ହୋମୋସୋପିଆନ (iii) ଚତୁଷ୍ପଦ (iv) ଦ୍ୱିପଦ

(ଗ) ପ୍ରାଚୀନ ପ୍ରସ୍ତର ଯୁଗରେ ମନୁଷ୍ୟ କିଭଳି ଅସ୍ତ୍ର ବ୍ୟବହାର କରୁଥିଲା ?

(i) ଛୁରି (ii) ଅଶାଣିତ ପ୍ରସ୍ତର (iii) ଶାଣିତ ପ୍ରସ୍ତର (iv) ବର୍ଚ୍ଛା

(ଘ) ପ୍ରଥମେ ଆଦିମାନବ କିପରି ନିଜର ଭାବ ବ୍ୟକ୍ତ କରୁଥିଲେ ?

(i) ଅଙ୍ଗଭଙ୍ଗୀ (ii) ଲିପି (iii) ଶବ୍ଦ (iv) ଚିତ୍ର

(ଙ) ବିବର୍ତ୍ତନବାଦ ମତ କିଏ ଉପସ୍ଥାପନ କରିଥିଲେ ?

(i) ଗାଲିଲିଓ (ii) ନିଉଟନ୍ (iii) ଚାର୍ଲ୍ସ ଡାରଉଇନ୍ (iv) କୋପରନିକସ୍

## 'ଖ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର।

୨। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ।

(କ) ଐତିହାସିକ ଯୁଗ ଏବଂ ପ୍ରାଗ୍-ଐତିହାସିକ ଯୁଗର ପ୍ରମୁଖ ପାର୍ଥକ୍ୟ କ'ଣ ?

(ଖ) ଅନ୍ୟ ପ୍ରାଣୀ ତୁଳନାରେ ମାନବ ବିବର୍ତ୍ତନ ସମ୍ବନ୍ଧରେ ଲେଖ।

(ଗ) ଚାରୋଟି ପ୍ରମୁଖ ଆଦ୍ୟକାଳୀନ ସଭ୍ୟତାର ନାମୋଲ୍ଲେଖ କର।

(ଘ) ସର୍ବପ୍ରଥମେ ମାନବାକୃତି ଜୀବ କେଉଁଠି ଦେଖାଗଲା ବୋଲି ମନେକରାଯାଏ ?

(ଙ) ହୋମୋସେପିଆନର ପ୍ରମୁଖ ବୈଶିଷ୍ଟ୍ୟ କ'ଣ ?

(ଚ) କେଉଁ କାରଣରୁ ମାନବ ଅନ୍ୟ ଜୀବ ତୁଳନାରେ ଅଧିକ ସାମର୍ଥ୍ୟବାନ ?

(ଛ) ପ୍ରାଚୀନ ପ୍ରସ୍ତର ଯୁଗର ପ୍ରଧାନ ବୈଶିଷ୍ଟ୍ୟ କ'ଣ ?

(ଜ) ନୂତନପ୍ରସ୍ତର ଯୁଗ କେଉଁ ଦୃଷ୍ଟିରୁ ପ୍ରାଚୀନ ପ୍ରସ୍ତର ଯୁଗରୁ ଭିନ୍ନ ?

(ଝ) ଆଦିମାନବର ଧର୍ମର କଳ୍ପନା ପଛରେ ପ୍ରମୁଖ କାରଣ କ'ଣ ?

## 'ଗ' ବିଭାଗ

**ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର ।**

୩। ମାନବ ବୃକ୍ଷରୁ ଗୁହାକୁ ତା'ର ରହଣି ପରିବର୍ତ୍ତନ କଲା ପରେ କ'ଣ ସବୁ ପ୍ରମୁଖ ସାମାଜିକ ପରିବର୍ତ୍ତନ ପରିଲକ୍ଷିତ ହେଲା ?

୪। ଭାଷାର ବ୍ୟବହାର କେଉଁଭଳି ଭାବେ ମାନବକୁ ସାହାଯ୍ୟ କଲା ?

— ❖ —

ତୃତୀୟ ଅଧ୍ୟାୟ

# ଆଦ୍ୟକାଳୀନ ନଦୀ ଉପତ୍ୟକା ସଭ୍ୟତାର ଅବଦାନ

ପ୍ରାୟ ୪୦୦୦ରୁ ୩୦୦୦ ଖ୍ରୀ.ପୂ ମଧ୍ୟରେ ପୃଥିବୀର ଏକାଧିକ ଅଞ୍ଚଳରେ ମାନବ ସଭ୍ୟତାର ବିକାଶ ଦେଖିବାକୁ ମିଳିଲା। ମୋଟାମୋଟି ଉକ୍ତ ସମୟାବଧିରେ ଗଢ଼ି ଉଠିଥିବା ଚାରିଗୋଟି ଆଦ୍ୟକାଳୀନ ସଭ୍ୟତାର ଆବିଷ୍କାର ହୋଇଛି। ସେଗୁଡ଼ିକ ହେଲା : ପ୍ରାଚୀନ ଇଜିପ୍ଟର ନାଇଲ ବା ନୀଳ ନଦୀ ଉପତ୍ୟକାରେ ଗଢ଼ି ଉଠିଥିବା ସଭ୍ୟତା, ପ୍ରାଚୀନ ମେସୋପୋଟାମିଆ ଏବଂ ବେବିଲୋନିଆର ଟାଇଗ୍ରିସ-ଇଉଫ୍ରେଟସ ନଦୀ ଉପତ୍ୟକାର ସଭ୍ୟତା, ପ୍ରାଚୀନ ଭାରତର ସିନ୍ଧୁ ଏବଂ ଗଙ୍ଗା ନଦୀ ଉପତ୍ୟକାର ହରପ୍ପା ସଭ୍ୟତା ଏବଂ ପ୍ରାଚୀନ ଚୀନର ୟେଲୋ ବା ହୋୟାଂହୋ ନଦୀ ଉପତ୍ୟକାର ସାଙ୍ଗ୍ ସଭ୍ୟତା। ଏହି ସଭ୍ୟତାଗୁଡ଼ିକ ବିଭିନ୍ନ ନଦୀ ଉପତ୍ୟକାରେ ଗଢ଼ି ଉଠିଥିବାରୁ ସେଗୁଡ଼ିକୁ ସାଧାରଣତଃ ଆଦ୍ୟକାଳୀନ ନଦୀ ଉପତ୍ୟକା ସଭ୍ୟତା ନାମରେ ଅଭିହିତ କରାଯାଏ। ତମ୍ବା ଏବଂ ଟିଣର ମିଶ୍ରଣରୁ ପ୍ରସ୍ତୁତ ବ୍ରୋଞ୍ଜର ବ୍ୟବହାର କାରଣରୁ ଏହି ସଭ୍ୟତାଗୁଡ଼ିକ ସମ୍ଭବ ହୋଇପାରିଥିଲେ। ଧାତୁର ବ୍ୟବହାର ଆଧାରରେ ସବୁଗୁଡ଼ିକୁ ବ୍ରୋଞ୍ଜ ଯୁଗୀୟ ସଭ୍ୟତା ନାମରେ ମଧ୍ୟ ଚିହ୍ନିତ କରାଯାଏ। ବ୍ରୋଞ୍ଜ ଯଦିଓ ତମ୍ବା ଏବଂ ଟିଣର ମିଶ୍ରଣ, ଏହା ଉଭୟ ଧାତୁରୁ ଅଧିକ ଶକ୍ତ। ଫଳରେ ଲୌହର ବ୍ୟବହାର ପୂର୍ବରୁ ବ୍ରୋଞ୍ଜ ଏକ ବିକଶିତ ସଭ୍ୟତାର ଉନ୍ମେଷରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା। ମଣିଷ ବ୍ରୋଞ୍ଜ ତିଆରି ଉପକରଣକୁ ବ୍ୟବହାର କରି କୃଷି, ନିର୍ମାଣ ଏବଂ ସର୍ବୋପରି ଉପକରଣ ତିଆରି କ୍ଷେତ୍ରରେ ପ୍ରଭୁତ ଉନ୍ନତି ସାଧନ କଲା। ଅର୍ଥାତ୍ ବ୍ରୋଞ୍ଜର ବ୍ୟବହାର ପୂର୍ବରୁ ମଣିଷ ତମ୍ବା ଓ ଟିଣର ବ୍ୟବହାର ଜାଣିଥିଲା ଏବଂ ଉଭୟ ଧାତୁକୁ ଉପକରଣ ତିଆରି ସକାଶେ ବ୍ୟବହାର କରୁଥିଲା, ଯଦିଓ ସେହି ଉପକରଣ ବ୍ରୋଞ୍ଜ ନିର୍ମିତ ଉପକରଣ ତୁଳନାରେ ଶକ୍ତିଶାଳୀ ନ ଥିଲା। ଫଳରେ, ପ୍ରାକ୍-ବ୍ରୋଞ୍ଜ କାଳୀନ ବିକାଶ ଖୁବ୍ ସୀମିତ ଥିଲା।


## ଇଜିପ୍ଟ ବା ମିଶର ସଭ୍ୟତା

ପ୍ରାଚୀନ ଇଜିପ୍ଟର ନାଇଲ (Nile) ବା ଓଡ଼ିଆରେ କହିଲେ ନୀଳନଦୀର ଉପତ୍ୟକାରେ ପ୍ରାୟ ୩୧୦୦ ଖ୍ରୀ.ପୂ.ରେ ଏକ ବିଶାଳ ସଭ୍ୟତା ବିକାଶ ଲାଭ କରିଥିଲା। ନୀଳ ନଦୀ ବିନା ଇଜିପ୍ଟ ଜଳଶୂନ୍ୟ ମରୁଭୂମି ହୋଇଥାନ୍ତା। ଏହି କାରଣରୁ ଇଜିପ୍ଟକୁ ନୀଳନଦୀର ଦାନ ବୋଲି କୁହାଯାଏ। ପ୍ରତିବର୍ଷ ନଦୀ ବନ୍ୟା ସୃଷ୍ଟି କରେ ଏବଂ ବନ୍ୟା ଶେଷରେ ଜମା ହୋଇଥିବା ପଟୁମାଟି ଅନ୍ତତଃ ଦୁଇଟି ଫସଲ ଉତ୍ପାଦନ ପାଇଁ ସହାୟକ ହୁଏ। ନଦୀ ଜଳକୁ ନିୟନ୍ତ୍ରଣ କରି ଜଳସେଚନ କରିହୁଏ; ଗମନାଗମନ ପାଇଁ ନଦୀପଥର ଉପଯୋଗ ସମ୍ଭବ ହୁଏ। ପ୍ରାଚୀନ ଇଜିପ୍ଟ ଏହି ଆଧାରରେ ସେଠାରେ ଏକ ବିସ୍ତୃତ ସଭ୍ୟତା ସୃଷ୍ଟି କରି ପାରିଥିଲା।

ନୀଳନଦୀ ନଦୀପଥରେ ଗମନାଗମନର ସୁବିଧା ସୃଷ୍ଟିକରି ଏକ ବିଶାଳ ରାଜ୍ୟ ରୂପରେ ଇଜିପ୍ଟର ଏକତ୍ରୀକରଣ ନିମନ୍ତେ ସାହାଯ୍ୟ କରିଥିଲା। ପୁଣି ଭୂମଧ୍ୟସାଗର ଓ ମରୁଭୂମି ପରିବେଷ୍ଟିତ ହୋଇଥିବାରୁ ଇଜିପ୍ଟ ବାହ୍ୟ ଶତ୍ରୁର ଅନୁପ୍ରବେଶ ପାଇଁ ଅନୁକୂଳ ନ ଥିଲା। ପ୍ରାକୃତିକ ପରିବେଶ ଓ ସୁରକ୍ଷା ଉପଲବ୍ଧ ହେବାରୁ ଇଜିପ୍ଟ ସଭ୍ୟତା କେବଳ ବିକାଶ ଲାଭ କରି

ନ ଥିଲା, ଲୋକ ଭୟ ନିବୃତ୍ତ ହୋଇ ଏକ ଆଶାବାଦୀ ଦୃଷ୍ଟିକୋଣ ରଖୁଥିଲେ, ଯାହା ତା'ର ତତ୍‌କାଳୀନ ବିକଶିତ ନିର୍ମାଣ କୌଶଳ ଓ ଉନ୍ନତ କଳାଭାସ୍କର୍ଯ୍ୟରେ ପ୍ରତିଫଳିତ ହୋଇଥିଲା ।

ଇଜିପ୍ଟ ସଭ୍ୟତା ଏକ ବିଶାଳ ରାଜ୍ୟ ରୂପରେ ବିକଶିତ ହେବା କାରଣରୁ ସେଠାରେ ପ୍ରାୟ ୩୧୦୦ ଖ୍ରୀ.ପୂ.ରୁ ୩୦ ଖ୍ରୀ.ପୂ. ମଧ୍ୟରେ ୩୧ ଗୋଟି ରାଜବଂଶ ଶାସନ କରିଥିଲେ ଏବଂ ରାଜ୍ୟ ଶାସନରେ ନିରନ୍ତରତା ଦେଖିବାକୁ ମିଳିଥିଲା । ଏହି ରାଜବଂଶଗୁଡ଼ିକୁ ମୋଟ ଆଠଟି ପର୍ଯ୍ୟାୟରେ ବିଭକ୍ତ କରାଯାଏ । ପ୍ରଥମ ରାଜବଂଶର ପ୍ରତିଷ୍ଠାତା ଥିଲେ ରାଜା ମେନେସ । ତାଙ୍କ ରାଜତ୍ୱ କାଳରେ ଇଜିପ୍ଟର ଏକତ୍ରୀକରଣ ହୋଇଥିଲା । ଗ୍ରୀକବୀର ଆଲେକଜାଣ୍ଡାର ଥିଲେ ଏହାର ଶେଷ ରାଜବଂଶର ଦାୟାଦ । ସେ ୩୩୨ ଖ୍ରୀ.ପୂ.ରେ ସିଂହାସନ ଆରୋହଣ କରିଥିଲେ ।



ମିଶରର ମାନଚିତ୍ର

ଇଜିପ୍ଟ ରାଜାଙ୍କୁ ଫେରୋହ (Pharoah) ବୋଲି କୁହାଯାଉଥିଲା । ସେ ତାଙ୍କ ପରିବାରବର୍ଗଙ୍କୁ ନେଇ ଶାସନ କରୁଥିଲେ । ଶାସନରେ ତାଙ୍କର ଏକାଧିକାର ରହିଥିଲା । ତାଙ୍କୁ ଈଶ୍ୱରଙ୍କ ମାନବରୂପ ମନେ କରାଯାଉଥିଲା । ସେହି ଆଧାରରେ ପ୍ରଜାଙ୍କର ସମ୍ପତ୍ତି, ସମୃଦ୍ଧି, ସୁରକ୍ଷା ଏବଂ ଜୀବନ ତାଙ୍କ ଦୟା ଉପରେ ନିର୍ଭରଶୀଳ ଥିଲା । ପ୍ରଜାଙ୍କଠାରୁ ଉତ୍ପାଦନର ଏକ ପଞ୍ଚମାଂଶ କର ଅସୁଲି କରାଯାଉଥିଲା । ପ୍ରଜାଙ୍କୁ ବିନା ପାଉଣାରେ ବେଠି ମଧ୍ୟ ଖଟିବାକୁ ପଡୁଥିଲା । ପ୍ରଜାଙ୍କ ଠାରୁ ଅସୁଲି କର ଓ ଶ୍ରମର ଉପଯୋଗ କରି ରାଜା ବିଶାଳ ରାଜପ୍ରସାଦ ଓ ଅନ୍ୟାନ୍ୟ ଭବ୍ୟ ନିର୍ମାଣ ମାନ କରୁଥିଲେ ।

ଇଜିପ୍ଟ ସଭ୍ୟତାରେ ଧର୍ମର ଖୁବ୍ ମହତ୍ତ୍ୱ ରହିଥିଲା । ରାଜ୍ୟ ଶାସନରୁ ଆରମ୍ଭ କରି ସାମାଜିକ ଜୀବନ ଯାଏଁ ସବୁ କ୍ଷେତ୍ରରେ ଧର୍ମର ପ୍ରଭୁତ୍ୱ ଦେଖିବାକୁ ମିଳୁଥିଲା । ଇଜିପ୍ଟର ଦେବାଦେବୀଙ୍କୁ ବିଭିନ୍ନ ଜୀବଜନ୍ତୁ, ମଣିଷ ତଥା ପ୍ରାକୃତିକ ଶକ୍ତି ରୂପରେ ଚିହ୍ନିତ କରାଯାଉଥିଲା । 'ରେ' ଅର୍ଥାତ ସୂର୍ଯ୍ୟ ଥିଲେ ପ୍ରମୁଖ ଦେବତା । ପ୍ରାଚୀନ ଇଜିପ୍ଟରେ ଜୀବନକୁ ନେଇ ଏକ ସ୍ୱଷ୍ଟ ଧାର୍ମିକ ଧାରଣା ରହିଥିଲା । ଜୀବନ, ବିଶେଷ କରି ରାଜାଙ୍କ ଜୀବନ ଅବିନାଶୀ । କାଳକ୍ରମେ ରାଜବଂଶର ଅନ୍ୟ ସଦସ୍ୟ ଏବଂ ସଂଭ୍ରାନ୍ତ ଅଭିଜାତ



ପିରାମିଡ଼


ମିଶରର ଲିପି


ବର୍ଗର ଲୋକଙ୍କୁ ମଧ୍ୟ ଅବିନାଶୀ ମନେ କରାଗଲା । ମୃତ୍ୟୁପରେ ସେମାନଙ୍କୁ କବର ଦେଲା ବେଳେ ଖାଦ୍ୟ, ପାନୀୟ ଓ ଗହଣାଗାଣ୍ଠି ଆଦି ସାଙ୍ଗରେ ରଖାଯାଉଥିଲା । ଅନେକ ସମୟରେ ରାଜାଙ୍କର ପ୍ରିୟ ଘୋଡ଼ା ଏବଂ ଚାକରଙ୍କୁ ମଧ୍ୟ ହତ୍ୟାକରି ମୃତ ଶରୀର ପାଖରେ ରଖାଯାଉଥିଲା ଏବଂ କବର ଉପରେ ପିରାମିଡ଼ ନାମରେ ଭବ୍ୟ ନିର୍ମାଣ କରାଯାଉଥିଲା । ପିରାମିଡ଼ ମଧ୍ୟରେ ଅଧିକ ଭବ୍ୟ ହେଲା କାଏରୋ ନିକଟସ୍ଥ ଗିଜା (Giza) ଠାରେ ଥିବା ତିନି ଜଣ ରାଜାଙ୍କ ପିରାମିଡ଼ । ଏଠାକାର ବୃହତ୍ତମ ପିରାମିଡ଼ କୁଫୁର ଉଚ୍ଚତା ୪୮୧ ଫୁଟ । ଏଥିରେ ୨୩ ଲକ୍ଷରୁ ଅଧିକ ବିଶାଳ ପଥରର ବ୍ୟବହାର ହୋଇଛି । ପଥରଗୁଡ଼ିକର ହାରାହାରି ଓଜନ ହେବ ୨.୫ ଟନ । ଗ୍ରୀକ ଐତିହାସିକ ହେରୋଡ଼ଟସଙ୍କ ମତରେ ଏହାର ନିର୍ମାଣରେ ଲକ୍ଷେ ଲୋକ ନିୟୋଜିତ ହୋଇଥିଲେ ଏବଂ ସେମାନଙ୍କୁ ଦୀର୍ଘ କୋଡ଼ିଏ ବର୍ଷ ଧରି ପରିଶ୍ରମ କରିବାକୁ ପଡ଼ିଥିଲା । ପିରାମିଡ଼ ଏବଂ ତହିଁରେ ଥିବା ସାମଗ୍ରୀଗୁଡ଼ିକରୁ ଇଜିପ୍ଟ ସଭ୍ୟତାର ଇତିହାସ ରଚନା ନିମନ୍ତେ ଅନେକ ତଥ୍ୟ ମିଳିଥାଏ । ପିରାମିଡ଼ର ଭବ୍ୟତାରୁ ତତ୍କାଳୀନ ନିର୍ମାଣ କୌଶଳ, କୃଷି ଉତ୍ପାଦନ ତଥା ପ୍ରଜା ଉପରେ ଥିବା କରଭାର ଆଦି ସମ୍ବନ୍ଧରେ ଧାରଣା କରିହୁଏ ।

ପ୍ରାଚୀନ ଇଜିପ୍ଟ ସଭ୍ୟତାରେ ଲେଖନ ପ୍ରଣାଳୀର ବିକାଶ ହୋଇଥିଲା, ଯଦିଓ ତା' ପୂର୍ବରୁ ମେସୋପଟାମିଆରେ ଲେଖନ ବ୍ୟବସ୍ଥା ବିକାଶ ଲାଭ କରି ସାରିଥିଲା । ସମ୍ଭବତଃ ଇଜିପ୍ଟବାସୀ ମେସୋପଟାମିଆରୁ ଲେଖା ଶିଖିଥିଲେ, ଯଦିଓ ସେମାନଙ୍କ ଲିପି ସ୍ୱତନ୍ତ୍ର ଥିଲା । ସେଠାକାର ଲିପି ଥିଲା ଚିତ୍ରସର୍ବସ୍ୱ (pictographic); ତାକୁ ହେରୋଗ୍ଲିଫ (hieroglyph) କୁହାଯାଉଥିଲା । ଗ୍ରୀକ୍ ଭାଷାରେ ଏହାର ଅର୍ଥ ହେଲା ପବିତ୍ର ଲେଖନ । ଲେଖନ ପାଇଁ ବ୍ୟବହୃତ ପର୍ଣ୍ଣକୁ ପାପିରସ (papyrus) କୁହାଯାଉଥିଲା । ତାହାରି ଆଧାରରେ ପେପର (କାଗଜ) ଶବ୍ଦର ଉତ୍ପତ୍ତି ।

ପ୍ରାଚୀନ ଇଜିପ୍ଟରେ ସାହିତ୍ୟରେ ବିବିଧତା ରହିଥିଲା । ମନ୍ତ୍ର, କିମ୍ବଦନ୍ତୀ, ମେଜିକ ଫର୍ମୁଲା, ଯାତ୍ରାବୃତ୍ତାନ୍ତ ଏବଂ ଉପଦେଶାତ୍ମକ ରଚନା ଆଦି ସାହିତ୍ୟରେ ରହିଥିଲେ । ପ୍ରାଚୀନ ଇଜିପ୍ଟର ଇତିହାସ ରଚନା ନିମନ୍ତେ ଏହି ସାହିତ୍ୟ ତଥ୍ୟ-ପ୍ରମାଣ ରୂପରେ ଖୁବ୍ ଉପାଦେୟ ସିଦ୍ଧ ହୁଏ । ତହିଁରୁ ତତ୍କାଳୀନ ସାମାଜିକ, ରାଜନୈତିକ ତଥା ଆର୍ଥିକ ଜୀବନ ସମ୍ବନ୍ଧରେ ଅନେକ କିଛି ଧାରଣା କରିହୁଏ ।

## ମେସୋପୋଟାମିଆ ସଭ୍ୟତା

ମେସୋପୋଟାମିଆର ଶାବ୍ଦିକ ଅର୍ଥ ହେଲା ଦୁଇଟି ନଦୀର ମଧ୍ୟଭାଗ । ଗ୍ରୀକରେ ମେସୋ (mesos) ଅର୍ଥ ମଧ୍ୟଭାଗ ଏବଂ ପୋଟାମସ୍ (potamos) ଅର୍ଥ ନଦୀ । ନଦୀ ଦୁଇଟି ହେଲେ ବର୍ତ୍ତମାନର ଇତିହାସରେ ପ୍ରବାହିତ ଟାଇଗ୍ରିସ ଏବଂ ଇଉଫ୍ରେଟିସ୍ । ପ୍ରାୟ ୩୫୦୦ ଖ୍ରୀ.ପୂ.ରେ ମେସୋପୋଟାମିଆରେ ଏକ ଉନ୍ନତ ନଗର ସଭ୍ୟତା ବିକଶିତ



ମେସୋପଟେମିଆର ମାନଚିତ୍ର

ହୋଇଥିଲା, ଯାହାର ବୈଶିଷ୍ଟ୍ୟ ହେଲା ଆର୍ଥିକ ସଂପନ୍ନତା, ସମୃଦ୍ଧ ଭାଷା, ସାହିତ୍ୟ ଏବଂ ନଗର କୈନ୍ଦ୍ରିକତା। ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଏକ ନିବିଡ଼ ଅନୁପୂରକତା ରହିଥିଲା। ଉଦାହରଣ ସ୍ୱରୂପ, ଉତ୍ପାଦକତାରେ ଅଭିବୃଦ୍ଧି ଓ ତଜ୍ଜନିତ ଆର୍ଥିକ ସଂପନ୍ନତା ଯୋଗୁଁ ନଗରଗୁଡ଼ିକ ଗଢ଼ିଉଠିଲା ଏବଂ ନଗରର ସାମାଜିକ ଜୀବନ କୃଷିରେ ସୀମିତ ହୋଇ ରହିଲା ନାହିଁ; ଅନ୍ୟାନ୍ୟ ଗତିବିଧି, ଯେମିତି ପ୍ରଶାସନିକ ସେବା, ଧାର୍ମିକ ଅନୁଷ୍ଠାନ, ମନୋରଞ୍ଜନ ତଥା ବାଣିଜ୍ୟ ବ୍ୟାପାର ଆଦି ପାଇଁ ନଗର ପ୍ରମୁଖ କେନ୍ଦ୍ର ହେଲା। ଅବସର ବିନୋଦନର ମାଧ୍ୟମ ଭାବରେ କଳା, ସାହିତ୍ୟର ମଧ୍ୟ ବିକାଶ ହେଲା ଏବଂ ଏକ ଲେଖକ ଓ ବୌଦ୍ଧିକ ବର୍ଗର ଉଦୟ ହେଲା। ଆଜି ତଦ୍‌କାଳୀନ ଲିଖିତ ସାମଗ୍ରୀ ଏବଂ କଳାକୃତିର ଅବଶେଷ ମେସୋପଟାମିଆ ସଭ୍ୟତାର ଇତିହାସ ଲେଖନ ପାଇଁ ଆବଶ୍ୟକ ତଥ୍ୟ-ପ୍ରମାଣ ଯୋଗାନ୍ତି।

ଜଳବାୟୁ ଦୃଷ୍ଟିରୁ ମେସୋପୋଟାମିଆ ସଭ୍ୟତାକୁ ଦୁଇଟି ଭୌଗଳିକ କ୍ଷେତ୍ରରେ ବିଭକ୍ତ କରାଯାଏ : ସୁମେର (Sumer) ବା ଦକ୍ଷିଣ କ୍ଷେତ୍ର ଏବଂ ଆସିରିଆ (Assyria) ବା ଉତ୍ତର କ୍ଷେତ୍ର। ସୁମେର କ୍ଷେତ୍ରରେ କୃଷି ନିମିତ୍ତ ନଦୀ ଜଳସେଚନର ବିଶେଷ ମହତ୍ତ୍ୱ ରହିଥିଲା ଏବଂ ଆସିରିଆରେ କୃଷି ବୃଷ୍ଟିଜଳ ଏବଂ କୂପ ଉପରେ ବିଶେଷ ନିର୍ଭରଶୀଳ ଥିଲା। ପ୍ରାୟ ୩୦୦୦ ଖ୍ରୀ.ପୂ.ରେ ସୁମେରୀୟମାନେ ପ୍ରଥମେ ନଗର ସ୍ଥାପନ କରିଥିଲେ। ପ୍ରଥମେ ଗବେଷକମାନେ ଉରୁକକୁ ସେଠାକାର ସର୍ବପୁରାତନ ସହର ବୋଲି ଦାବି କରୁଥିଲେ। ପରେ ଜଣାପଡ଼ିଲା ଯେ ହାବୁବା ଏବଂ କବିରାହ ଆଦି ସହର ଉରୁକଠାରୁ ମଧ୍ୟ ପୁରାତନ। ଉର, ଲଗାଶ ଏବଂ ଏରିଡ୍ ହେଲେ ସୁମେରୀୟ ମାନେ ନିର୍ମାଣ କରିଥିବା ଅନ୍ୟ କେତୋଟି ଭବ୍ୟ ସହର। ଏହିସବୁ ନଗରର ସ୍ଥାପନା ଅବଧି ହେଲା ପ୍ରାୟ ୨୩୭୦ରୁ ୨୮୦୦ ଖ୍ରୀ.ପୂ. ମଧ୍ୟରେ। ନଗରଗୁଡ଼ିକ ମଧ୍ୟରେ ଜଳ ଓ ଜମି ପାଇଁ କଳହ ସୃଷ୍ଟି ହେଉଥିଲା। ଶକ୍ତିଶାଳୀ ନଗର ଜଳ ଓ ଜମି ଅଧିକାର କରିବା ସକାଶେ ସାନ ଓ ଦୁର୍ବଳ ନଗରଗୁଡ଼ିକୁ କବ୍ଜା କରି ନେଉଥିଲେ।

ପ୍ରାୟ ୨୩୭୦ ଖ୍ରୀ.ପୂ.ରେ ଉତ୍ତର ସିରିଆର ଅକ୍କାଡ଼ିଅମାନେ (Akkadians) ସାର୍ଗନ ନାମକ ଜଣେ ରାଜାଙ୍କ ନେତୃତ୍ୱରେ ସୁମେରୀୟ ନଗରଗୁଡ଼ିକୁ ଅଧିକାର କଲେ ଏବଂ ତେଣିକି ପ୍ରାୟ ୨୦୦ ବର୍ଷ ଧରି ଅକ୍କାଡ଼ିଆମାନେ ସେଠାରେ ଶାସନ କଲେ। ଅନେକ ଝଡ଼ଝଞ୍ଜା ପରେ ପ୍ରାୟ ୨୧୨୫ ଖ୍ରୀ.ପୂ.ରେ ଉର ନଗରର ପ୍ରାଧାନ୍ୟ ବୃଦ୍ଧି ପାଇଲା ଏବଂ ଉରର ନେତୃତ୍ୱରେ ସମଗ୍ର ସୁମେରୀୟ କ୍ଷେତ୍ର ଏକ ବିଶାଳ ସାମ୍ରାଜ୍ୟରେ ପରିଣତ ହେଲା। ପ୍ରାୟ ୨୦୦୦ ଖ୍ରୀ.ପୂ.ରେ ଉର ନଗରୀର ପତନ ପରେ ସୁମେରୀୟମାନଙ୍କର ପ୍ରଭୁତ୍ୱ ହ୍ରାସ ପାଇଲା। ସେମାନଙ୍କ ଭାଷା ଓ ଲିପିଗୁଡ଼ିକ ମନ୍ଦିର ଦସ୍ତାବିଜରେ ସୀମିତ ହୋଇ ରହିଗଲା। ପ୍ରାୟ ୧୯୦୦ ଖ୍ରୀ.ପୂ.ରେ ଆମୋରାଇଟ୍ସମାନେ (Amorites) ସୁମେରରେ କ୍ଷମତା ଦଖଲ କଲେ; ବେବିଲୋନ ଥିଲା ସେମାନଙ୍କ ରାଜଧାନୀ। ଆମୋରାଇଟ୍ସଙ୍କର ପ୍ରମୁଖ ରାଜା ଥିଲେ ହାମୁରାବି (ଶାସନକାଳ ୧୭୯୨-୧୭୫୦ ଖ୍ରୀ.ପୂ.), ଯିଏ ପାରମ୍ପରିକ ଭାବେ ପ୍ରଚଳିତ ଆଇନଗୁଡ଼ିକୁ ଏକତ୍ରିତ କରି


ସୁମେରୀୟ ସ୍ଥାପତ୍ୟ

ଏକ ଲିଖିତ ରୂପ (codify) ଦେଇଥିଲେ । ଏହାକୁ ହାମୁରାବି କୋଡ୍ (Code of Hammurabi) କୁହାଯାଏ । ହାମୁରାବି କୋଡ୍‌ରେ ବିଭିନ୍ନ ବର୍ଗର ଲୋକଙ୍କୁ ଆଇନ ସମାନ ଦୃଷ୍ଟିରେ ଦେଖେ ନାହିଁ । ସମାନ ଅପରାଧ ପାଇଁ ଦାସମାନଙ୍କୁ ଅଭିଜାତ ବର୍ଗ ତୁଳନାରେ ଅଧିକ ଦଣ୍ଡ ବ୍ୟବସ୍ଥା କରେ । ସାଧାରଣତଃ ହାମୁରାବି କୋଡ଼ରେ ଦଣ୍ଡର ପରିମାଣ ମଧ୍ୟ କଠୋର ।

ସୁମେରୀୟ ନଗରଗୁଡ଼ିକରେ ଆରମ୍ଭରୁ ରାଜ ଶାସନ ରହିଥିଲା । ରାଜାଙ୍କୁ ପୂଜକ-ରାଜା (Priest king)ର ମାନ୍ୟତା ପ୍ରଦାନ କରାଯାଇଥିଲା । ଅର୍ଥାତ୍ ସେ ପୂଜକ ଭାବରେ ଈଶ୍ୱରଙ୍କ ନିକଟତର ଏବଂ ସାଧାରଣ ବର୍ଗଠାରୁ ଉଚ୍ଚତର । ମାତ୍ର ରାଜା ରୂପରେ ସେ ସେନାନାୟକ ଏବଂ ପ୍ରଶାସନିକ ମୁଖ୍ୟ ତଥା ପ୍ରଧାନ ବିଚାରପତିର ମଧ୍ୟ ଦାୟିତ୍ୱ ତୁଲାଉଥିଲେ । ସୁମେର ରାଜ୍ୟ କେନ୍ଦ୍ରୀକୃତ (centralized) ଥିଲା । ରାଜକୋଷ ମୁଖ୍ୟତଃ ଜମିଜମା ବା ଭୂରାଜସ୍ୱ (Land revenue) ଉପରେ ଆଶ୍ରିତ ଥିଲା । ପ୍ରତିବର୍ଷ ପ୍ରଶାସନିକ ଅଧିକାରୀମାନେ ଜମିର ଉତ୍ପାଦକତାକୁ ଅନୁମାନ କରି କରଧାର୍ଯ୍ୟ କରୁଥିଲେ ଏବଂ ସମୟାନୁସାରେ କର ଅସୁଲି ଉପରେ ଗୁରୁତ୍ୱ ଦେଉଥିଲେ । ନଗରଗୁଡ଼ିକ ମଧ୍ୟରେ କଳହ ଲାଗି ରହିଥିବାରୁ ସେନା ବ୍ୟବସ୍ଥାରେ ଅନେକ ବ୍ୟୟ ହେଉଥିଲା । ଏହିସବୁ ଗତିବିଧି ପାଇଁ ଅନେକ ଲୋକଙ୍କୁ ରାଜାଙ୍କ ତରଫରୁ ନିଯୁକ୍ତି ମିଳୁଥିଲା ।

ସୁମେରୀୟମାନେ ଦେବାଦେବୀଙ୍କୁ ମଣିଷ ରୂପରେ ପୂଜା କରୁଥିଲେ । ତେଣୁ ସୁମେରୀୟ ଦେବାଦେବୀଙ୍କର ସ୍ୱାର୍ଥ, କଳହପ୍ରିୟତା, କ୍ରୁରତା ତଥା ପିଲାଳିଆମୀ ଆଦି ମନୁଷ୍ୟୋଚିତ ଗୁଣସବୁ ରହିଥିବାର କଳ୍ପନା କରାଯାଉଥିଲା । ଯଦିଓ ସୁମେରୀୟମାନେ ମୃତ୍ୟୁପରେ ଜୀବନରେ ବିଶ୍ୱାସ ରଖୁଥିଲେ, ସେମାନଙ୍କ ଦେବାଦେବୀଗଣଙ୍କୁ ଇହ ସଂସାରର ସମସ୍ୟାଗୁଡ଼ିକୁ ସମାଧାନ କରିବା ଲାଗି ପୂଜା ଆରାଧନା କରାଯାଉଥିଲା । କେବଳ ସୁମେର କାହିଁକି ସମଗ୍ର ମେସୋପୋଟାମିଆ ସଂସ୍କୃତିର ଏକ ପ୍ରମୁଖ ଉପଲବ୍ଧି ହେଲା ଜିଗୁରାଟ (Ziggurat), କୃତ୍ରିମ ଭାବେ ନିର୍ମିତ ଏକ ପର୍ବତାକୃତି ମନ୍ଦିର । ମନ୍ଦିରରେ ଅନେକ କୋଠରୀ ଏବଂ ବାରଣ୍ଡା ରହିଥିଲା । ଈଶ୍ୱରଙ୍କୁ ରାଜାର ମାନ୍ୟତା ଦେଇ ଜିଗୁରାଟରେ ପ୍ରତିଷ୍ଠା କରାଯାଉଥିଲା ।

ମେସୋପୋଟାମିଆରେ ୩୫୦୦ ଖ୍ରୀ.ପୂ. ତଳେ କ୍ୟୁନିଫର୍ମ (Cuneiform) ନାମରେ ଏକ ଲିପିର ବ୍ୟବହାର ହେଉଥିଲା । ଏହି ଲିପିରେ ଲିଖିତ ସାହିତ୍ୟରୁ ଆମେ ତତ୍‌କାଳୀନ ସମାଜ ବ୍ୟବସ୍ଥା ସମ୍ବନ୍ଧରେ ଅନେକ କଥା ଜାଣିପାରନ୍ତି । କ୍ୟୁନିଫର୍ମ ଲିପିରେ ଲିଖିତ ହାମୁରାବି କୋଡ଼ରୁ ଜଣାପଡ଼େ ଯେ ସେତେବେଳେ ସମାଜ ତିନୋଟି ବର୍ଗରେ ବିଭକ୍ତ ଥିଲା : ଅଭିଜାତ ଓ ସାମନ୍ତବର୍ଗ (Nobles), ସାଧାରଣ ବର୍ଗ (Commeners) ଏବଂ ଦାସବର୍ଗ (Slaves) । କୋଡ଼ରେ ବହୁଳ ଭାବେ ଋଣ, ସୁଧ, ଋଣ ଖିଲାପି ଏବଂ ସାଧାରଣ ସୁରକ୍ଷା ସଂପର୍କରେ ଉଲ୍ଲେଖ ରହିଥିଲା, ଯାହା ସମାଜରେ ଟଙ୍କା ପଇସା କାରବାରର ବହୁଳତାକୁ ଇଙ୍ଗିତ କରେ । ଜମିବ୍ୟବସ୍ଥା ଏବଂ ପାରିବାରିକ କଳହ ସଂପର୍କରେ ମଧ୍ୟ କୋଡ଼ରେ ଯଥେଷ୍ଟ ଉଲ୍ଲେଖ ରହିଥିଲା ।

ମେସୋପୋଟାମିଆରେ ପରିବାର ପିତୃସତ୍ତାତ୍ମକ ଥିଲା। କନ୍ୟାର ବିବାହ ପିତା ନିର୍ଦ୍ଧାରଣ କରୁଥିଲେ ଏବଂ ବରପକ୍ଷକୁ ଧାର୍ଯ୍ୟ ମତେ ଯୌତୁକ ରାଶି ଦେବାକୁ ପଡୁଥିଲା। ପତ୍ନୀର ନିଃସନ୍ତାନ ବା ରୁଗ୍‌ଣ ହେବା ସ୍ଥିତିରେ ଦ୍ୱିତୀୟ ପତ୍ନୀ ଗ୍ରହଣର ପରମ୍ପରା ସ୍ୱୀକୃତ ଥିଲା। ସମାଜରେ ମହିଳା ଦାସୀ ଏବଂ ବେଶ୍ୟା ମଧ୍ୟ ରହିଥିଲେ। ଛାଡ଼ପତ୍ରର ପ୍ରଚଳନ ଥିଲା ଏବଂ ଛାଡ଼ପତ୍ର ସମୟରେ ପତ୍ନୀକୁ କିଛି ରାଶି ଦେବାର ବ୍ୟବସ୍ଥା ଥିଲା। ପତିର ଅନିଚ୍ଛା ସତ୍ତ୍ୱେ ପତ୍ନୀ ଯଦି ବ୍ୟବସାୟିକ କାର୍ଯ୍ୟରେ ଲିପ୍ତ ରହେ, ତାକୁ ବିନା ରାଶିରେ ଛାଡ଼ପତ୍ର ଦେବା ଦଣ୍ଡନୀୟ ନ ଥିଲା।

ମେସୋପୋଟାମିଆ ସଂସ୍କୃତିରେ ଦାସପ୍ରଥାର ପ୍ରଚଳନ ଥିଲା। ବକେୟା ଋଣ ପରିଶୋଧ କରି ନ ପାରିଲେ ପିତାମାତା ସ୍ୱ-ସନ୍ତାନକୁ ଋଣଦାତା ଠାରେ ଦାସ ଭାବେ ଦେଇ ଦେଉଥିଲେ। କେବେ କେବେ ସମଗ୍ର ପରିବାର ମଧ୍ୟ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ଋଣଦାତାର ଦାସତ୍ୱ ସ୍ୱୀକାର କରୁଥିଲେ। ରାଜା, ପୂଜକ, ମନ୍ଦିର ଏବଂ ସାଧାରଣ ଜନ ଘର କାମ ପାଇଁ ଦାସ ରଖି ପାରୁଥିଲେ। ଅନେକ ମନ୍ଦିରରେ ମହିଳା ଦାସୀ ରହିଥିବାର ସୂଚନା ମିଳେ। ରାଜପ୍ରାସାଦ ନିର୍ମାଣ, କେନାଲ ଖନନ ତଥା ଦୁର୍ଗ ତିଆରି ଆଦି କଠିନ କାମରେ ମୁଖ୍ୟତଃ ଦାସମାନଙ୍କୁ ବ୍ୟବହାର କରାଯାଉଥିଲା। ଏହି ଦୃଷ୍ଟିରୁ ଦେଖିଲେ ମେସୋପୋଟାମିଆର ସମୃଦ୍ଧି ଓ ସଂପନ୍ନତା ପଛରେ ଦାସମାନଙ୍କର କଠିନ ପରିଶ୍ରମ ରହିଥିବା କଥା ଜଣାପଡ଼େ।

ଯଦିଓ ମେସୋପୋଟାମିଆ ସଭ୍ୟତାର ଆରମ୍ଭ ବ୍ରୋଞ୍ଜ ଯୁଗରୁ, ଏହା ଲୌହଯୁଗରେ (ଆରମ୍ଭ ୧୦୦୦ ଖ୍ରୀ.ପୂ.) ମଧ୍ୟ ତିଷ୍ଠି ରହିଥିଲା। ପ୍ରାୟ ୭୫୦ ଖ୍ରୀ.ପୂ. ଆସିରିଆକୁ କେନ୍ଦ୍ରରେ ରଖି ସେଠାରେ ଏକ ବିଶାଳ ସାମ୍ରାଜ୍ୟ ସଂଭବ ହୋଇପାରିଥିଲା। ସେଠାକାର ନିନେଭାହ (Nineveh) ନଗରରେ ବିଶାଳ ରାଜପ୍ରାସାଦ ଏବଂ ଭବ୍ୟମନ୍ଦିରମାନ ଶୋଭା ପାଉଥିଲା। ସମଗ୍ର ପଶ୍ଚିମ ଏସିଆରେ ନିନେଭାହକୁ ଏକ ପ୍ରସିଦ୍ଧ ସହରର ମାନ୍ୟତା ମିଳୁଥିଲା। ପ୍ରାୟ ସପ୍ତମ ଓ ଷଷ୍ଠ ଶତାବ୍ଦୀରେ (ଖ୍ରୀ.ପୂ.) ଉତ୍ତର ଏବଂ ପୂର୍ବରୁ ଯାଯାବରମାନେ ଆକ୍ରମଣ କରି ନିନେଭାହକୁ ଧ୍ୱଂସ କରିଥିଲେ।

## ପ୍ରାଚୀନ ଚୀନ ସଭ୍ୟତା

ପ୍ରାୟ ୪୦୦୦ ଖ୍ରୀ.ପୂ.ରେ ୟେଲୋ ବା ହୟାଂଗହୋ ନଦୀ ଉପତ୍ୟକାରେ କୃଷିର ଆରମ୍ଭ ହୋଇଥିଲା। ବାଜରା (millet) ଜାତୀୟ ଶସ୍ୟ ଥିଲା ଚୀନ କୃଷିର ପ୍ରମୁଖ ଫସଲ। ପରେ ଧାନ ଏବଂ ପଶ୍ଚିମରୁ ଆନିତ ଗହମ ମଧ୍ୟ ସେଠାକାର ଫସଲରେ ପ୍ରମୁଖତା ପାଇଲା। ପାଳିତ ପଶୁ ମଧ୍ୟରେ ମୁଖ୍ୟ ଥିଲେ ଘୁଷୁରୀ, ମେଣ୍ଢା, ଗାଈ, କୁକୁର ଏବଂ କୁକୁଡ଼ା। ପ୍ରସ୍ତର ନିର୍ମିତ ଉପକରଣ ମଧ୍ୟରେ ରହିଥିଲା କୋଡ଼ି, କୁଲାଢ଼ି ଏବଂ ଦା' ଆକୃତିର ଚକୁ। ଆବିଷ୍କୃତ ପ୍ରାଚୀନ ଗ୍ରାମଗୁଡ଼ିକରୁ ଗଦା ଗଦା ହରିଣ ହାଡ଼, ବନ୍ୟ ଗାଈ ହାଡ଼, ଗଣ୍ଡାର ହାଡ଼ରୁ ଜଣାପଡ଼େ ଯେ ଚୀନ ଲୋକ ମାଂସ ପାଇଁ ବନ୍ୟଜନ୍ତୁ ଶିକାର କରୁଥିଲେ।

ପ୍ରାୟ ୨୨୦୦ ଖ୍ରୀ.ପୂ.ରେ ଚୀନରେ ବ୍ରୋଞ୍ଜଯୁଗର ଆରମ୍ଭ ଦେଖିବାକୁ ମିଳିଥିଲା। ଖ୍ରୀ.ପୂ. ୧୭୬୬ରେ ସ୍ଥାପିତ ସାଂଗ୍ ରାଜବଂଶର ରାଜତ୍ୱ ସମୟରେ ପ୍ରାଚୀନ ଚୀନ ସଭ୍ୟତାର ବିକାଶ ହୋଇଥିଲା। ସାଂଗ୍‌ମାନେ ପ୍ରାୟ ଛଅଶହରୁ ଊର୍ଦ୍ଧ୍ୱ ବର୍ଷ ଧରି ଚୀନରେ ଶାସନ କରିଥିଲେ। ସାଂଗ୍ ରାଜାମାନେ କେବଳ ରାଜନୈତିକ କର୍ତ୍ତୃତ୍ୱର ଅଧିକାରୀ ନ ଥିଲେ, ତା' ସହିତ ସେମାନଙ୍କ ହାତରେ ସାମାଜିକ, ଧାର୍ମିକ ଏବଂ ଆର୍ଥିକ କ୍ଷମତା ମଧ୍ୟ ରହୁଥିଲା। ଫଳରେ ସଭ୍ୟତାର ବିକାଶରେ ସେମାନଙ୍କ ନିବିଡ଼ ସଂପୃକ୍ତି ଦେଖିବାକୁ ମିଳୁଥିଲା। ସଂପନ୍ନତା ଓ ସମୃଦ୍ଧି ଯୋଗୁଁ ଚୀନ ଉପରେ ପଡ଼ୋଶୀମାନଙ୍କର ନିୟମିତ ଆକ୍ରମଣ ହେଉଥିଲା। ତେଣୁ, ରାଜା ସାମ୍ରାଜ୍ୟର ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦେଉଥିଲେ।

ପ୍ରାଚୀନ ଚୀନ ସଭ୍ୟତାର ବିକାଶ ମୁଖ୍ୟତଃ ୟେଲୋ ବା ହୟାଂଗହୋ ନଦୀ ଉପତ୍ୟକାରେ ସଂଗଠିତ ହୋଇଥିଲା । ହୟାଂଗହୋ ପ୍ରବଳ ବନ୍ୟା ସୃଷ୍ଟି କରୁଥିବାରୁ ତାକୁ ଚୀନର ଦୁଃଖ ବୋଲି କୁହାଯାଉଥିଲା । ମାତ୍ର ବନ୍ୟା ଉତ୍ତାରୁ ନଦୀ ଉପତ୍ୟକା ଉର୍ବର ମାଟିର ଭଣ୍ଡାର ରୂପରେ କୃଷି ଉତ୍ପାଦନରେ ଖୁବ୍ ଅଭିବୃଦ୍ଧି ଘଟାଉଥିଲା, ଯାହା ସଭ୍ୟତାର ବିକାଶ ନିମନ୍ତେ ଅତି ଆବଶ୍ୟକ ଥିଲା ।

ପ୍ରାଚୀନ ଚୀନ ସଭ୍ୟତାର ଅନ୍ୟତମ ବୈଶିଷ୍ଟ୍ୟ ହେଲା ନଗର । ସାଂଗ୍ ରାଜଧାନୀ ଥିଲା ସବୁଠାରୁ ବଡ଼ ସହର, ଯଦିଓ ଏହା ଇଜିପ୍ଟ ବା ମେସୋପୋଟାମିଆର ସହର ଭଳି ସୁରମ୍ୟ ଓ ଭବ୍ୟ ନ ଥିଲା । ବାହ୍ୟ ଶତ୍ରୁର ବାରମ୍ବାର ଆକ୍ରମଣ ଯୋଗୁଁ ସାଂଗ୍‌ମାନେ ତାଙ୍କ ରାଜଧାନୀକୁ ଗୋଟାଏ ସହରରୁ ଅନ୍ୟ ସହରକୁ ସ୍ଥାନାନ୍ତର କରିବାକୁ ବାଧ୍ୟ ହେଉଥିଲେ । ଏହି କାରଣରୁ ତାହା ଖୁବ୍ ଭବ୍ୟ ଓ ସୁରମ୍ୟ ହୋଇପାରୁନଥିଲା । ସୁରକ୍ଷା ନିମିତ୍ତ ରାଜଧାନୀ ସହରର ଚାରିକଡ଼େ ଦୁର୍ଗ ନିର୍ମାଣ କରାଯାଇଥିଲା । ରାଜଧାନୀରେ ଏବଂ ଅନ୍ୟାନ୍ୟ ନଗରରେ କୁଳୀନ ପ୍ରଶାସନିକ ଅଧିକାରୀମାନଙ୍କର ବାସସ୍ଥାନ ଏବଂ ସରକାରୀ କୋଠାମାନ ରହିଲା ।

ସାଂଗ୍‌ମାନେ ବାହ୍ୟଶତ୍ରୁ ବ୍ୟତୀତ ଆନ୍ତରିକ ବିଦ୍ରୋହୀମାନଙ୍କୁ ନିପାତ କରିବା ଲାଗି ସେନାର ବ୍ୟବହାର କରୁଥିଲେ । ପ୍ରତ୍ୟେକ ନଗର ଥିଲା ଗୋଟାଏ ଗୋଟାଏ ସାମନ୍ତ ରାଜ୍ୟ ସଦୃଶ । ସମସ୍ତ ନଗର ସାଂଗ୍‌ମାନଙ୍କର ବଶ୍ୟତା ସ୍ୱୀକାର କରିଥିଲେ । କେବେ କେବେ ନଗରରାଜ୍ୟ ବିଦ୍ରୋହ ମଧ୍ୟ କରୁଥିଲେ, ଯାହାକୁ ଦମନ କରିବା ନିମିତ୍ତ ସାଂଗରାଜା ସୈନ୍ୟଚାଳନା କରୁଥିଲେ । ସାମରିକ ବାହିନୀରେ ଅଧିକାଂଶ ଥିଲେ ପଦାତିକ ସୈନ୍ୟ; ଅଧିକାରୀମାନେ ରଥାରୁଢ଼ ହୋଇ ଯୁଦ୍ଧରେ ସାମିଲ ହେଉଥିଲେ । ଧନୁ-ତୀର ଏବଂ ବର୍ଚ୍ଛା ଥିଲା ସାମରିକ ବାହିନୀର ପ୍ରମୁଖ ଅସ୍ତ୍ର ।

ସାଂଗ୍ ସଭ୍ୟତାର ତିନୋଟି ପ୍ରମୁଖ ବୈଶିଷ୍ଟ୍ୟ ଥିଲା : ଲିପି ଓ ସାହିତ୍ୟ, ବ୍ରୋଞ୍ଜ ନିର୍ମିତ କାରୁକାର୍ଯ୍ୟ ଏବଂ ସାମାଜିକ ବର୍ଗୀକରଣ । ଚୀନ ଲିପି ହେଲା ଉଭୟ ପିକ୍ଟୋଗ୍ରାଫିକ ଏବଂ ଆଇଡ଼ିଓଗ୍ରାଫିକ । ଓଡ଼ିଆରେ ଆମେ ପିକ୍ଟୋଗ୍ରାଫିକକୁ ଚିତ୍ରାଙ୍କିତ ଏବଂ ଆଇଡ଼ିଓଗ୍ରାଫିକକୁ ବିଚାରାଙ୍କିତ ବୋଲି ତର୍ଜମା କରି ପାରିବା । ଚିତ୍ର ମାଧ୍ୟମରେ ପ୍ରତ୍ୟେକ ଅକ୍ଷର ଶବ୍ଦ ଓ ବିଚାରକୁ ଚିହ୍ନିତ କରନ୍ତି । ଏଥିରେ ସୁମେରୀୟ ଲିପିର ପ୍ରଭାବ ରହିଥିବା କଥା ଗବେଷକମାନେ କହନ୍ତି । ଚୀନ ଲିପିର ବୈଚିତ୍ର ହେଲା ଯେ ଆଜିର ଚୀନ ଲିପିଠାରୁ ଏହା ବିଶେଷ ଫରକ ନୁହେଁ । ପ୍ରାଚୀନ ଚୀନରେ ଲେଖନ ଶୈଳୀ ଏକ କଳା ରୂପରେ ବିକଶିତ ହୋଇଥିଲା । ଲେଖକ ଓ ଦସ୍ତାବିଜ ପ୍ରସ୍ତୁତକାରୀମାନେ ରେଶମ କନା ଓ ବାଉଁଶପାତିଆ ଉପରେ ଏକ ତୁଳି ମାଧ୍ୟମରେ ଲେଖି ରଖୁଥିଲେ । କିନ୍ତୁ ସମୟକ୍ରମେ ସେସବୁ ବି ନଷ୍ଟ ହୋଇ ଯାଇଛି । ଅସ୍ଥି ଉପରେ ଏବଂ ବ୍ରୋଞ୍ଜ ପାତ୍ର ଉପରେ ଖୋଦିତ ଅକ୍ଷର ସବୁ ଆଜି ମଧ୍ୟ ରହିଛି, ଯାହାକୁ ତଥ୍ୟ ପ୍ରମାଣ ରୂପେ ଉପଯୋଗ କରି ଐତିହାସିକମାନେ ତତ୍‌କାଳୀନ ଚୀନ ସମାଜର ଇତିହାସ ଲେଖିବାରେ ସମର୍ଥ ହୁଅନ୍ତି ।

ବ୍ରୋଞ୍ଜ ଏବଂ ମାଟି ତିଆରି କାରୁକାର୍ଯ୍ୟ ହେଲା ପ୍ରାଚୀନ ଚୀନ ସଂସ୍କୃତିର ଅନ୍ୟ ଏକ ବୈଭବ । ଚୀନା ମାଟିର ପାତ୍ର ଆଜି ମଧ୍ୟ ତା'ର ପରିଚିତି ଅବ୍ୟାହତ ରଖିଛି । ବ୍ରୋଞ୍ଜର ଉପଯୋଗ କରି ଅସ୍ତ୍ରଶସ୍ତ୍ର, ମଦ୍ୟପାତ୍ର ଏବଂ ବିଭିନ୍ନ ଜୀବଜନ୍ତୁର ପ୍ରତିକୃତି ତିଆରି ହେଉଥିଲା । ଏମିତିରେ ଚୀନରେ ମାତ୍ର ୨୦୦୦ ଖ୍ରୀ.ପୂ.ରେ ବ୍ରୋଞ୍ଜର ବ୍ୟବହାର ଆରମ୍ଭ ହେଲା, ଯଦିଓ ତା'ର ହଜାରେ ବର୍ଷ ପୂର୍ବରୁ ମେସୋପୋଟାମିଆରେ ଲୋକ ଏହାର ବ୍ୟବହାର ଜାଣିଥିଲେ । ସମ୍ଭବତଃ ଚୀନରେ



ଚୀନର ଲିପି

ସାଂଗ୍‌ମାନେ ସ୍ୱତନ୍ତ୍ର ଭାବେ ବ୍ରୋଞ୍ଜର ବ୍ୟବହାର ଶିଖିଥିଲେ । ବ୍ରୋଞ୍ଜ ନିର୍ମିତ ଅସ୍ତ୍ରଶସ୍ତ୍ର ଉପରେ ଅଭିଜାତ ବର୍ଗର କର୍ତ୍ତୃତ୍ୱ ରହିଥିବାରୁ ସେମାନେ ଅନ୍ୟ ବର୍ଗ ଉପରେ ଶୋଷଣ ଓ ଅତ୍ୟାଚାର କରି ପାରୁଥିଲେ ।

ପ୍ରାଚୀନ ଚୀନର ନଗର-ରାଜ୍ୟ (city-state) ଗୁଡ଼ିକରେ ସାମାଜିକ ବର୍ଗୀକରଣ ଦେଖିବାକୁ ମିଳେ । ଦୁର୍ଗର ସୁରକ୍ଷିତ ପରିଧି ମଧ୍ୟରେ ରାଜା ଓ ତାଙ୍କ ପାରିଷଦବର୍ଗ ରହୁଥିଲେ । ସେମାନଙ୍କ ଘରଗୁଡ଼ିକ ଥିଲା ପ୍ରଶସ୍ତ; ଉଚ୍ଚ ପିଣ୍ଡାରେ ତାକୁ ନିର୍ମାଣ କରାଯାଇଥିଲା; ଘରର ଛାତକୁ ଟେକିଧରିବା ଲାଗି କାଠ ତିଆରି ଖମ୍ବମାନ ଖଞ୍ଜା ହୋଇଥିଲା । ଅଭିଜାତବର୍ଗର ଲୋକେ ସୂକ୍ଷ୍ମ ବସ୍ତ୍ର ବ୍ୟବହାର କରୁଥିଲେ ଏବଂ କାରୁକାର୍ଯ୍ୟ ପୂର୍ଣ୍ଣ ବ୍ରୋଞ୍ଜ ପାତ୍ର ସଜ୍ଜିତ ମଦ୍ୟପାନ କରୁଥିଲେ । ଏହାର ବିପରୀତ, କୃଷିଜୀବୀମାନେ ଅତି ସାଧାରଣ ଜୀବନ ନିର୍ବାହ କରୁଥିଲେ । ସେମାନେ ନଗର ଉପାନ୍ତରେ ବସ୍ତି ଅଞ୍ଚଳରେ ସାନ ସାନ ଘରେ ରହୁଥିଲେ । ଦାରିଦ୍ର୍ୟ ଓ ଅଥକ ପରିଶ୍ରମ ସେମାନଙ୍କ ନିୟତି ଥିଲା । ପ୍ରତ୍ନତାତ୍ତ୍ୱିକ ଖନନରୁ ସେମାନଙ୍କ ଘରୁ କେବଳ ମାଟିପାତ୍ରର ଅବଶେଷମାନ ମିଳିଥିଲା । ଅର୍ଥାତ୍ ବ୍ରୋଞ୍ଜପାତ୍ର ବ୍ୟବହାର କରିବା ବି ସେମାନଙ୍କ ସାମର୍ଥ୍ୟ ବାହାରେ ଥିଲା । ଅଭିଜାତ ବର୍ଗ ଓ ସାଧାରଣ ବର୍ଗ ମଧ୍ୟରେ ସାମାଜିକ ଅନୁକ୍ରମ (hierarchy) ଖୁବ୍ ସ୍ପଷ୍ଟ ଥିଲା । ରାଜପ୍ରସାଦ ଓ ପୂଜାବେଦି ଆଦି ନିର୍ମାଣର ଶୁଭାରମ୍ଭ ବେଳେ ସାଧାରଣବର୍ଗର ଲୋକଙ୍କୁ ବଳି ଦେବାର ମଧ୍ୟ ପରମ୍ପରା ରହିଥିଲା । ଜଣେ ସାଂଗ୍ ରାଜାଙ୍କ ମୃତ୍ୟୁ ପରେ ତାଙ୍କ ସମାଧିରେ ରାଜାଙ୍କର ବିଶ୍ୱସ୍ତ ଘୋଡ଼ା, ଚାକର ଏବଂ ଦାସ ଜୀବନ ବ୍ୟତୀତ କରୁଥିବା ଅନେକ ଯୁଦ୍ଧବନ୍ଦୀଙ୍କୁ ବଳି ଦିଆଯିବାର ତଥ୍ୟ ରହିଛି । ଦାସମାନେ ଥିଲେ କୃଷକଠାରୁ ମଧ୍ୟ ତଳ ସ୍ତରରେ । ସାଧାରଣତଃ ଯୁଦ୍ଧବନ୍ଦୀମାନଙ୍କୁ ଦାସ ଭାବେ ନିୟୋଜିତ କରାଯାଉଥିଲା । ଅଭିଜାତ ଓ ଶାସକ ବର୍ଗର ତଳେ, ମାତ୍ର ସାଧାରଣ କୃଷିଜୀବୀ ବର୍ଗର ଉପରେ ବଣିକ ଏବଂ ବୁଣାକାର ଓ ହସ୍ତଶିଳ୍ପୀକୁଳର ସ୍ଥାନ ରହିଥିଲା । ଅନ୍ୟ ଶବ୍ଦରେ କହିଲେ, ପ୍ରାଚୀନ ସାଂଗ୍‌କାଳୀନ ଚୀନରେ ଚାରିଗୋଟି ସାମାଜିକ ବର୍ଗ ରହିଥିଲେ : ଶାସକ ଓ ଅଭିଜାତ ବର୍ଗ, ବଣିକ ଓ ହସ୍ତଶିଳ୍ପୀ ବର୍ଗ, କୃଷକ ଓ ସାଧାରଣ ବର୍ଗ ଏବଂ ଦାସବର୍ଗ ।

ଖ୍ରୀ.ପୂ. ଅଷ୍ଟମ ଶତାବ୍ଦୀରେ ଚୀନରେ ଲୌହର ବ୍ୟବହାର ଆରମ୍ଭ ହେଲା, ଏହା ବ୍ରୋଞ୍ଜ ସଭ୍ୟତାର ପତନକୁ ଚିହ୍ନିତ କଲା । ଲୌହଯୁଗ ଆରମ୍ଭର ବହୁ ପୂର୍ବରୁ ପ୍ରାୟ ୧୦୫୦ ଖ୍ରୀ.ପୂ.ରେ ସାଂଗ୍‌ମାନେ ଚୀନରେ ଲୋପ ପାଇ ସାରିଥିଲେ ଏବଂ ଚାଓ ବଂଶର ଶାସନ ପ୍ରତିଷ୍ଠା ଲାଭ କରିଥିଲା । ଚାଓମାନେ ସାଂଗ୍ ସଂସ୍କୃତି ଓ ପରମ୍ପରାକୁ ଅନେକାଂଶରେ ଅକ୍ଷୁର୍ଣ୍ଣ ରଖିଥିଲେ । ଫଳରେ ରାଜବଂଶ ବଦଳିବା ପରେ ମଧ୍ୟ ସେଠାରେ ସାଂଗ୍ ପ୍ରାଚୀନ ସଂସ୍କୃତି ବଞ୍ଚି ରହିଥିଲା ।

ପ୍ରାଚୀନ ବ୍ରୋଞ୍ଜକାଳୀନ ନଦୀ ଉପତ୍ୟକା ସଭ୍ୟତଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବିକାଶ ସର୍ବଦା ଜ୍ଞାନକୁ ବ୍ୟବସ୍ଥିତ ଏବଂ ସଂରକ୍ଷିତ କରି ରଖିବାରେ ସାହାଯ୍ୟ କଲା । ପ୍ରତ୍ୟେକ ସଭ୍ୟତା ବିଜ୍ଞାନ ଓ ଗଣିତ କ୍ଷେତ୍ରରେ ମଧ୍ୟ ଖୁବ୍ ପାରଦର୍ଶିତା ଦେଖାଇଥିଲେ । ପ୍ରାଚୀନ ଚୀନର ଖଗୋଳବିଦ୍ (astronomer) ମାନେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗକୁ ସଠିକ ଭାବେ ପୂର୍ବାନୁମାନ କରିପାରୁଥିଲେ; ବର୍ଷକୁ ୩୬୫ ଦିନ ବୋଲି ଗଣନା କରିଥିଲେ ଏବଂ ତାକୁ ବାର ମାସରେ ବିଭାଜିତ କରିଥିଲେ । ବାର୍ଷିକ କେଲେଣ୍ଡର ଆଧାରରେ ରାଜା କୃଷିଜୀବୀମାନଙ୍କୁ ବୀଜବପନ ଏବଂ ଶସ୍ୟ ଅମଳ ପାଇଁ

ନିର୍ଦ୍ଦେଶ ଦେଉଥିଲେ । ବ୍ରୋଞ୍ଜ ସଭ୍ୟତା କାଳରେ ହିଁ ସର୍ବତ୍ର ଲିପିର ଉଦ୍‌ଭାବନ ହୋଇଥିଲା । ନୂତନ ଜ୍ଞାନ ଓ ବିଚାରକୁ ସଂରକ୍ଷିତ ରଖିବାରେ ଲିପିର ଦାନ ଅନନ୍ୟ । ଧର୍ମ ଧାରଣାକୁ ଏହି ଯୁଗରେ ଲୋକ ଅଧିକ ବ୍ୟବସ୍ଥିତ କରିପାରିଲେ । ଚାରୋଟି ଯାକ ସଭ୍ୟତା ମଧ୍ୟରେ ବାଣିଜ୍ୟ ସମ୍ବନ୍ଧ ରହିଥିଲା । ଏହା ସଭ୍ୟତାଗୁଡ଼ିକ ମଧ୍ୟରେ ରହିଥିବା ପରିପୂରକତାକୁ ଦର୍ଶାଏ । ବାଣିଜ୍ୟ ପାଇଁ ମୁଖ୍ୟତଃ ଜଳପଥର ବ୍ୟବହାର ହେଉଥିଲା । ଆପୋସ ଯୋଗାଯୋଗ ଫଳରେ ଆବିଷ୍କାର, ଉପଲବ୍ଧି ଏବଂ ଉଦ୍‌ଭାବନମାନ ଗୋଟାଏ ନିର୍ଦ୍ଦିଷ୍ଟ ସଭ୍ୟତାର ସରହଦକୁ ଅତିକ୍ରମ କରି ଅନ୍ୟଠାରେ ମଧ୍ୟ ପ୍ରତିଭାତ ହେବାକୁ ଲାଗିଲେ ।

## ସାରାଂଶ

ପ୍ରାୟ ଖ୍ରୀ.ପୂ. ୪୦୦୦ରୁ ୩୦୦୦ ମଧ୍ୟରେ ପୃଥିବୀର ବିଭିନ୍ନ ନଦୀ ଉପତ୍ୟକାରେ ମାନବ ସଭ୍ୟତାର ବିକାଶ ଦେଖିବାକୁ ମିଳିଲା । ଏଥି ମଧ୍ୟରୁ ଇଜିପ୍ଟ ବା ମିଶରର ନୀଳନଦୀ ସଭ୍ୟତା, ଟାଇଗ୍ରିସ୍ ଓ ଇଉଫ୍ରେଟିସ୍ ନଦୀ ଉପତ୍ୟକାରେ ଗଢ଼ି ଉଠିଥିବା ମେସୋପୋଟାମିଆ ସଭ୍ୟତା ଓ ଚୀନ ଦେଶର ସଭ୍ୟତା ଅନ୍ୟତମ । ମିଶର ସଭ୍ୟତାରେ ପ୍ରାୟ ୩୧ ଗୋଟିଏ ରାଜବଂଶ ଶାସନ କରିଥିଲେ । ପ୍ରଥମ ରାଜବଂଶର ପ୍ରତିଷ୍ଠାତା ଥିଲେ ରାଜା ମେନେସ୍ । ମିଶରର ରାଜାଙ୍କୁ ଫେରୋହ (Pharoah) ବୋଲି କୁହାଯାଉଥିଲା । 'ରେ' ବା ସୂର୍ଯ୍ୟ ଦେବତା ଥିଲେ ମିଶରୀୟମାନଙ୍କର ପ୍ରମୁଖ ଦେବତା । ରାଜାଙ୍କର କବର ଉପରେ ଭବ୍ୟ ପିରାମିଡ ନିର୍ମାଣ କରାଯାଉଥିଲା । ମିଶରୀୟର ଲିପିକୁ ହେରୋଗ୍ଲିଫ କୁହାଯାଉଥିଲା । ଲେଖନ ପାଇଁ ବ୍ୟବହୃତ ପର୍ଣ୍ଣକୁ ପାପିରସ କୁହାଯାଉଥିଲା ।

ଖ୍ରୀ.ପୂ. ୩୫୦୦ ବେଳକୁ ମେସୋପୋଟାମିଆରେ ଏକ ଉନ୍ନତ ସଭ୍ୟତା ବିକଶିତ ହୋଇଥିଲା । ଏହାର ଦକ୍ଷିଣ କ୍ଷେତ୍ର ସୁମେର ଓ ଉତ୍ତର କ୍ଷେତ୍ର ଆସିରିଆ ନାମରେ ପରିଚିତ । ଉତ୍ତର ସିରିଆର ଆକ୍କାଡିଆମାନେ ସାର୍ଗନ ନାମକ ରାଜାଙ୍କ ନେତୃତ୍ୱରେ ସୁମେରୀୟ ନଗରଗୁଡ଼ିକୁ ଅଧିକାର କରିଥିଲେ । ତତ୍ପରେ ଆମୋରାଇଟସ୍‌ମାନେ ସୁମେରରେ କ୍ଷମତା ଦଖଲ କଲେ । ବେବିଲୋନ୍ ଥିଲା ସେମାନଙ୍କର ରାଜଧାନୀ । ଆମୋରାଇଟ୍‌ସଙ୍କର ପ୍ରମୁଖ ରାଜା ହାମୁରାବି ଏକ ଲିଖିତ ଆଇନ ସଂହିତା ପ୍ରଚଳନ କରିଥିଲେ । ଏହାକୁ ହମୁରାବି କୋଡ଼ କୁହାଯାଏ । ଜିଗୁରାଟ ହେଲା ମେସୋପୋଟାମିଆ ସଂସ୍କୃତିର ଏକ ପର୍ବତାକୃତି ମନ୍ଦିର । ପ୍ରାୟ ଖୀ.ପୂ. ୭୫୦ ବେଳକୁ ଆସିରିଆକୁ କେନ୍ଦ୍ରକରି ଏକ ବିଶାଳ ସାମ୍ରାଜ୍ୟ ଗଢ଼ି ଉଠିଥିଲା ।

ୟେଲୋ ବା ହୟାଂଗହୋ ନଦୀ ଉପତ୍ୟକାରେ ଗଢ଼ି ଉଠିଥିଲା ପ୍ରାଚୀନ ଚୀନ ସଭ୍ୟତା । ସାଂଗ ରାଜବଂଶର ରାଜତ୍ୱ ସମୟରେ ଏହି ସଭ୍ୟତାର ବିକାଶ ହୋଇଥିଲା । ସାଂଗ ସଭ୍ୟତାର ତିନୋଟି ବୈଶିଷ୍ଟ୍ୟ ଥିଲା : ଲିପି ଓ ସାହିତ୍ୟ, ବ୍ରୋଞ୍ଜ ନିର୍ମିତ କାରୁକାର୍ଯ୍ୟ ଓ ସାମାଜିକ ବର୍ଗୀକରଣ । ଖ୍ରୀ.ପୂ. ଅଷ୍ଟମ ଶତାବ୍ଦୀରେ ଚୀନ୍‌ରେ ବ୍ରୋଞ୍ଜ ସଭ୍ୟତାର ପତନ ହୋଇ ଲୌହର ବ୍ୟବହାର ଆରମ୍ଭ ହେଲା । ସାଂଗ ପରେ ଚାଓ ରାଜବଂଶର ଶାସନ ଚୀନରେ ପ୍ରତିଷ୍ଠା ଲାଭ କରିଥିଲା ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

**ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛିଲେଖ।

(କ) ଇଜିପ୍ଟ ବା ମିଶରର ରାଜାଙ୍କୁ କ'ଣ କୁହାଯାଉଥିଲା ?

(i) ଜାର (ii) ଫାରୋ (iii) ସିଜର (iv) ଖୁଫୁ

(ଖ) ବୃହତ୍ତମ ପିରାମିଡ କେଉଁଠାରେ ଅବସ୍ଥିତ ?

(i) ଗିଜା (ii) ଥିବସ (iii) ମେମ୍ଫିସ୍ (iv) ନିପୁର

(ଗ) ଜିଗୁରାଟ କ'ଣ ?

(i) ସୁମେରୀୟଙ୍କ ମନ୍ଦିର (ii) ମେସୋପୋଟାମିଆର ରାଜପ୍ରାସାଦ

(iii) ସୁମେରୀୟଙ୍କର ବିଦ୍ୟାଳୟ (iv) ମିଶରୀୟଙ୍କର ମନ୍ଦିର

(ଘ) ମେସୋପୋଟାମିଆର ଲିପିକୁ କ'ଣ କୁହାଯାଏ ?

(i) ହେରୋଗ୍ଲିଫି (ii) କ୍ୟୁନିଫର୍ମ (iii) ଛବିଲିପି (iv) ଚିତ୍ରଲିପି

(ଙ) କାହାକୁ ଚୀନ୍‌ର ଦୁଃଖ ବୋଲି କୁହାଯାଏ ?

(i) ହୟାଂଗ ହୋ (ii) ନୀଳନଦୀ (iii) ଟାଇଗ୍ରିସ୍ (iv) ଟେମସ୍

## 'ଖ' ବିଭାଗ

**ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର।**

୨। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ।

(କ) କେଉଁ କାରଣରୁ ମାନବ ସଭ୍ୟତା ନଦୀ ଉପତ୍ୟକାରେ ବିକାଶ ଲାଭକଲା ?

(ଖ) ପ୍ରମୁଖ ଆଦ୍ୟକାଳୀନ ନଦୀ ଉପତ୍ୟକା ସଭ୍ୟତାଗୁଡ଼ିକର ସମୟାବଧି କ'ଣ ?

(ଗ) ଇଜିପ୍ଟରେ ଆଦ୍ୟକାଳୀନ ସଭ୍ୟତାକୁ କେଉଁ ନଦୀର ଏବଂ କ'ଣ ସବୁ ପ୍ରମୁଖ ଦାନ ରହିଥିଲା ?

(ଘ) ଇଜିପ୍ଟ ସଭ୍ୟତାର ଶାସନତନ୍ତ୍ରରେ ଫେରୋହଙ୍କ ଭୂମିକା ଦର୍ଶାଅ ।

(ଙ) ମେସୋପୋଟାମିଆର ଅର୍ଥ କ'ଣ ?

(ଚ) ମେସୋପୋଟାମିଆ ସଭ୍ୟତାର ପ୍ରମୁଖ ବୈଶିଷ୍ଟ୍ୟ ଗୁଡ଼ିକର ଉଲ୍ଲେଖ କର ।

(ଛ) ମେସୋପୋଟାମିଆ ସଭ୍ୟତାର ପ୍ରମୁଖ ଭୌଗୋଳିକ କ୍ଷେତ୍ରଗୁଡ଼ିକର ନାମୋଲ୍ଲେଖ କର ।

(ଜ) ସୁମେରୀୟ ଦେବାଦେବୀଙ୍କ ସମ୍ବନ୍ଧରେ ଲୋକଙ୍କ ଧାରଣା ସମ୍ବନ୍ଧରେ ଉଲ୍ଲେଖ କର ।

(ଝ) ହାମୁରାବି କୋଡ଼ର ଦୁଇଟି ପ୍ରମୁଖ ବୈଶିଷ୍ଟ୍ୟ ଉଲ୍ଲେଖ କର ।

(ଞ) କେଉଁ ନଦୀ ଉପତ୍ୟକାରେ ପ୍ରାଚୀନ ଚୀନ ସଭ୍ୟତାର ବିକାଶ ଘଟିଥିଲା ?

(ଟ) ଚୀନ ସାଙ୍ଗ୍‌ରାଜାମାନଙ୍କର ପ୍ରମୁଖ ମହତ୍ତ୍ୱ ଦର୍ଶାଅ ।

## 'କ' ବିଭାଗ

**ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର ।**

୩। ଇଜିପ୍ଟ ସଭ୍ୟତାର ପ୍ରମୁଖ ବୈଶିଷ୍ଟଗୁଡ଼ିକ ମଧ୍ୟରେ ଥିବା ସମ୍ବନ୍ଧକୁ ନେଇ ଏକ ସମୀକ୍ଷା ଲେଖ ।

୪। ପ୍ରାଚୀନ ଚୀନ ସଭ୍ୟତାର ନଗର ସମ୍ବନ୍ଧରେ ଆଲୋଚନା କର ।

— ❖ —

**ଚତୁର୍ଥ ଅଧ୍ୟାୟ**

# ପ୍ରାଚୀନ ଗ୍ରୀସ୍

ପ୍ରାଚୀନ ଗ୍ରୀକ୍ ସଭ୍ୟତା ବିଭିନ୍ନ ଭାବରେ ପୃଥିବୀର ମାନବ ସଭ୍ୟତାଗୁଡ଼ିକୁ ବୁଦ୍ଧିମନ୍ତ ତଥା ସମୃଦ୍ଧ କରିଛି । ଜ୍ଞାନ, ବିଜ୍ଞାନ, ଦର୍ଶନଠାରୁ ଆରମ୍ଭ କରି ଧର୍ମ ଓ ରାଜନୀତି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଉତ୍କର୍ଷତା ଦେଖେଇଥିବା ଗ୍ରୀକ୍ ସଭ୍ୟତାକୁ ପାଶ୍ଚାତ୍ୟ ସଭ୍ୟତାର ଜନକ ବୋଲି କୁହାଯାଇଥାଏ । ବର୍ତ୍ତମାନର ପୃଥିବୀକୁ ଭିନ୍ନ ଭାବରେ ଦେଖିବାର ମାର୍ଗ ସକ୍ରେଟିସ୍, ପ୍ଲାଟୋ ଏବଂ ଆରିଷ୍ଟଟଲଙ୍କ ପରି ଗ୍ରୀକ୍ ଦାର୍ଶନିକ ଦେଖାଇ ଦେଇଛନ୍ତି । ଆମ୍ଭମାନଙ୍କର କଳା, ସ୍ଥାପତ୍ୟ, ନାଟ୍ୟ, ସାହିତ୍ୟ ଏବଂ କାବ୍ୟକବିତା ସମସ୍ତ ଗ୍ରୀକ୍ ଢ଼ାଞ୍ଚାରେ ଗଢ଼ିଉଠିଛି । ଆଜିର ଆଦର୍ଶ ଗଣତନ୍ତ୍ର, ସମାଜରେ ବ୍ୟକ୍ତିର ଗୁରୁତ୍ୱ ଏବଂ ଇତିହାସ ରଚନାର ନୂତନ ଦିଗନ୍ତ ସବୁକିଛି ଗ୍ରୀକ୍ ସଭ୍ୟତାର ଅବଦାନ ।

ଗ୍ରୀସ୍‌ର ଭୌଗୋଳିକ ସ୍ଥିତି ଏହାର ଇତିହାସକୁ ବହୁଳ ଭାବରେ ପ୍ରଭାବିତ କରିଛି । ପାହାଡ଼ ପର୍ବତ ଘେରା ଭୂମି ଏହାକୁ ଶତାଧିକ ସ୍ୱାଧୀନ ନଗର ରାଜ୍ୟ (city states)ରେ ବିଭକ୍ତ କରିଛି । ଏହି ନଗର ରାଜ୍ୟଗୁଡ଼ିକ ଏକତ୍ର ଏକ ସାଧାରଣ ଉଦ୍ଦେଶ୍ୟରେ ଉଦ୍ୟମ କରିବା ବଦଳରେ ଅନେକ ସମୟ ପରସ୍ପର ମଧ୍ୟରେ ଯୁଦ୍ଧ ବା ଲଢ଼େଇରେ ବିତାଉଥିଲେ । ଗ୍ରୀସ୍‌ର ଉପକୂଳ ଅନେକ ପ୍ରାକୃତିକ ବନ୍ଦରରେ ସମୃଦ୍ଧ ଥିଲା । ଏଠାକାର ଅନୁର୍ବର ମୃତ୍ତିକା ଓ ସୀମିତ ପ୍ରାକୃତିକ ସମ୍ବଳ ଗ୍ରୀକ୍‌ମାନଙ୍କୁ ବାଧ୍ୟ କରିଥିଲା ଫେନେସୀୟମାନଙ୍କ ପରି ବ୍ୟବସାୟ ଓ ନୌବାଣିଜ୍ୟରେ ପାରଦର୍ଶିତା ଅର୍ଜନ କରିବା ପାଇଁ ।

ଗ୍ରୀସ୍‌ରେ ତାମ୍ର ଯୁଗ (Copper age)ର ଆରମ୍ଭ ହୋଇଥିଲା ପ୍ରାୟ ଖ୍ରୀ.ପୂ. ୩୫୦୦ ବେଳକୁ । ଖ୍ରୀ.ପୂ. ୩୦୦୦ ବେଳକୁ ଗ୍ରୀକ୍‌ମାନେ ତମ୍ବା ସହିତ ଟିଣକୁ ମିଶାଇ ବ୍ରୋଞ୍ଜ ଉତ୍ପାଦନର କୌଶଳ ଜାଣିଗଲେ । ଖ୍ରୀ.ପୂ. ୨୦୦୦ ବେଳକୁ ଗ୍ରୀସ୍‌ରେ ଏକ ଉତ୍କୃଷ୍ଟ ବ୍ରୋଞ୍ଜଯୁଗ ସଭ୍ୟତା ବା ମିନୋଆନ (Minoan) ସଭ୍ୟତା ଗଢ଼ି ଉଠିଥିଲା । ଏହି ମିନୋଆନ୍ ସଭ୍ୟତା (C. 2000-1500 B.C)କୁ ପ୍ରଥମ ଇଉରୋପୀୟ ବ୍ରୋଞ୍ଜଯୁଗ ସଭ୍ୟତା ବୋଲି ଅଭିହିତ କରାଯାଇଥାଏ । ମିନୋଆନ ସଭ୍ୟତା ଗ୍ରୀସ୍‌ର ପ୍ରାଚୀନ ରାଜା ମିନୋସଙ୍କ ନାମାନୁସାରେ ନାମିତ । ପ୍ରାଚୀନ ଗ୍ରୀସ୍‌ରେ ଯେଉଁ ସହରୀ ସଭ୍ୟତାର ଯୁଗ ଆରମ୍ଭ ହୋଇଥିଲା ତାହାର ପ୍ରଥମ ଅବସ୍ଥା ଥିଲା ଏହି ମିନୋଆନ ସଭ୍ୟତା । ବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଏହି ସଭ୍ୟତା ସଂପର୍କରେ ଆମକୁ ଅଜଣା ଥିଲା । ସାର୍ ଆର୍ଥର ଇଭାନ୍‌ସ (Sir Arthur Evans)ଙ୍କ ଖନନପରେ ଏହି ମହାନ ସଭ୍ୟତା ଲୋକ ଲୋଚନକୁ ଆସିଲା । ମିନୋଆନ ସଭ୍ୟତାର ରାଜନୈତିକ ଇତିହାସ ସଂପର୍କରେ ବିଶେଷ କିଛି ଜଣା ନ ଥିଲେ ମଧ୍ୟ କ୍ରେଟ୍ (Crete) ଓ ନୋସସ (Knossos)ଠାରୁ ମିନୋଆନ୍ ସଭ୍ୟତାର ଅନେକ ଧ୍ୱଂସାବଶେଷ ଆବିଷ୍କୃତ ହୋଇଛି । ଏସବୁ ଧ୍ୱଂସାବଶେଷରୁ ସେମାନଙ୍କର ଉନ୍ନତ କଳାସ୍ଥାପତ୍ୟର ଯଥେଷ୍ଟ ପ୍ରମାଣ ମିଳୁଛି ।

ଖ୍ରୀ.ପୂ. C. 1400 ବେଳକୁ ବିଭିନ୍ନ ଇଣ୍ଡୋ-ଇଉରୋପିଆନ୍ ଜନଜାତିମାନଙ୍କ ଆକ୍ରମଣ ଯୋଗୁଁ ମିନୋଆନ୍ ସଭ୍ୟତାର ପତନ ଘଟିଲା । ପରବର୍ତ୍ତୀ ସମୟରେ ଏହି ଜନଜାତିମାନଙ୍କ ଦ୍ୱାରା ଗ୍ରୀସ୍‌ରେ ଏକ ବୃହତ ବ୍ରୋଞ୍ଜଯୁଗ ସଭ୍ୟତା ସୃଷ୍ଟି ହେଲା ଯାହାକୁ କୁହାଗଲା ମାଇସେନେଆନ୍ (Mycenaean) ସଭ୍ୟତା । ଉନବିଂଶ ଶତାବ୍ଦୀର ଶେଷ ଭାଗରେ

ହେନେରିକ୍ ସ୍ଲେମ୍ୟାନ୍ (Heinrich Schleimann)ଙ୍କ ଉଦ୍ୟମ ଫଳରେ ମାଇସେନେଆନ୍ ସଭ୍ୟତା (C 1600 - 1200 BC) ଆବିଷ୍କୃତ ହୋଇଥିଲା । ଗ୍ରୀସ୍‌ର ମୁଖ୍ୟସ୍ଥଳ ମାଇସେନିଆଠାରୁ ଏହି ସଭ୍ୟତା ଆବିଷ୍କୃତ ହୋଇଥିବାରୁ ଏହାକୁ ମାଇସେନିଆନ୍ ସଭ୍ୟତା ବୋଲି କୁହାଯାଇଛି । ମିନୋଆନ୍ ସଭ୍ୟତାର ଅନେକ ଉପାଦାନକୁ ଏମାନେ ଗ୍ରହଣ କରି ନେଇଥିବାର ପ୍ରମାଣ ମିଳୁଛି । ବୈଦେଶିକ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଏମାନେ ବେଶ୍ ପାରଦର୍ଶିତା ହାସଲ କରିଥିଲେ । ତୈଳ, ବିଭିନ୍ନ ବସ୍ତ୍ର ଏବଂ ମାଟିପାତ୍ର ଏମାନଙ୍କ ମୁଖ୍ୟ ରପ୍ତାନୀ ଦ୍ରବ୍ୟ ହୋଇଥିବାବେଳେ ସୁନା, ତମ୍ବା ଓ ଟିଣ ପ୍ରଭୃତି ଆମଦାନୀ କରୁଥିଲେ । ସବୁ ଦୃଷ୍ଟିକୋଣରୁ ଦେଖିଲେ ମାଇସେନିଆନ୍ ସଭ୍ୟତା ମିନୋଆନ ସଭ୍ୟତାଠାରୁ ସଂପୂର୍ଣ୍ଣ ଅଲଗା ଥିଲା । ମାଇସେନିଆର ଶାସକମାନେ ଅତ୍ୟନ୍ତ ଶକ୍ତିଶାଳୀ ଯୋଦ୍ଧା ସଂପ୍ରଦାୟର ଥିଲେ ଏବଂ ନିଜର ସାମ୍ରାଜ୍ୟ ବିସ୍ତାର ପାଇଁ ସର୍ବଦା ପଡ଼ୋଶୀ ରାଜ୍ୟମାନଙ୍କ ସହିତ ଯୁଦ୍ଧରେ ବ୍ୟସ୍ତ ରହୁଥିଲେ । ସେଥିପାଇଁ ଏହି ସଭ୍ୟତା ଏକ ଯୋଦ୍ଧା ସଭ୍ୟତା ରୂପେ ପରିଚିତ ଥିଲା । ଖ୍ରୀ.ପୂ. ୧୨୦୦ ବେଳକୁ ଏହି ସଭ୍ୟତା ପତନାଭିମୁଖୀ ହୋଇଥିଲା ।

ଖ୍ରୀ.ପୂ. ୧୨୦୦ ରୁ ୮୦୦ ପର୍ଯ୍ୟନ୍ତ ସମୟକୁ ଗ୍ରୀସ୍‌ରେ 'ଅନ୍ଧକାର ଯୁଗ' ବୋଲି କୁହାଯାଏ । ଖ୍ରୀ.ପୂ. ୮୦୦/୭୦୦ ବେଳକୁ ଦୁଇଟି ଗ୍ରୀକ୍ ମହାକାବ୍ୟ ଇଲିଆଡ୍ (Iliad) ଏବଂ ଓଡେଶୀ (Odyssey) ପ୍ରକାଶ ପାଇଲା । ଗ୍ରୀସ୍‌ର ପ୍ରଖ୍ୟାତ କବି ହୋମରଙ୍କ ଦ୍ୱାରା ଲିଖିତ ଏହି ଦୁଇଟି କାବ୍ୟ ପ୍ରକାଶିତ ହେବା ସଂଗେ ସଂଗେ ଗ୍ରୀସ୍‌ର ଅନ୍ଧକାର ଯୁଗ ସମାପ୍ତ ହେଲା । ପ୍ରାଚୀନ ଗ୍ରୀସ୍ ସଂପର୍କରେ ଅନେକ ଐତିହାସିକ ତଥ୍ୟ ଏହି ପୁସ୍ତକ ଦୁଇଟିରୁ ମିଳିଥାଏ । ମାଇସେନିଆନ ସଭ୍ୟତା ସଂପର୍କରେ ଅନେକ ବର୍ଣ୍ଣନା ହୋମରଙ୍କ କାବ୍ୟରୁ ଦେଖିବାକୁ ମିଳେ ।

ଗ୍ରୀସ୍ ଦକ୍ଷିଣ-ପୂର୍ବ ଇଉରୋପର ଏକ ବକ୍ରାକାର ଉପଦ୍ୱୀପ । ଏହାର ପୂର୍ବ ଭାଗରେ ଏଜିଆନ ସାଗର (Aegean sea), ପଶ୍ଚିମକୁ ଆଓନିଆନ୍ ସାଗର (Ionian sea) ଏବଂ ଦକ୍ଷିଣକୁ ଭୂମଧ୍ୟ ସାଗର (Mediterranean sea) ଘେରି ରହିଛି । ଗ୍ରୀସ୍‌ର ମୂଳ ଭୂଖଣ୍ଡର ଦକ୍ଷିଣାଂଶ ଭୂମଧ ସାଗର ମଧକୁ ପଶିଯାଇ ସୃଷ୍ଟି କରୁଥିବା ହାତ ପାପୁଲି (Palm-shaped) ଆକୃତିର ସ୍ଥଳ ଭାଗକୁ ପେଲୋପନେସ (Peloponnese) ବୋଲି କୁହାଯାଏ । ପେଲୋପନେସର ମୁଖ୍ୟ ରାଜ୍ୟ ହେଉଛି ସ୍ପାର୍ଟା । କରିନ୍ଥ ଉପସାଗର ପେଲୋପନେସକୁ ଗ୍ରୀସ୍‌ର ଅବଶିଷ୍ଟ ଭୂଖଣ୍ଡଠାରୁ ଅଲଗାକରି ରଖିଛି । କରିନ୍ଥ ଉପସାଗର ବାହାରେ ଗ୍ରୀସ୍‌ର ଦକ୍ଷିଣ-ପୂର୍ବ ସୀମାରେ ଆଟିକା (Attica) ଭୂଖଣ୍ଡ ଅବସ୍ଥିତ । ଏହି ଆଟିକାରେ ଏଥେନ୍‌ସ ନଗରରାଜ୍ୟ ଅବସ୍ଥିତ । ଆଟିକାର ଉତ୍ତର ପୂର୍ବକୁ କେନ୍ଦ୍ର ଗ୍ରୀସ୍‌ର ବୋଏଟିଆ ଅଞ୍ଚଳ ଅବସ୍ଥିତ ଏବଂ ଏହାର ମୁଖ୍ୟ ସହର ହେଉଛି ଥେବ୍‌ସ (Thebes) ।

## ଗ୍ରୀସ୍‌ର ନଗରରାଜ୍ୟର ଅଭ୍ୟୁଦୟ :

ବାଣିଜ୍ୟ ବ୍ୟବସାୟରେ ଦକ୍ଷତା ଅର୍ଜନ କରିଥିବା ଗ୍ରୀକ୍‌ମାନେ ମିଶର ଓ ମେସୋପଟାମିଆ ସଭ୍ୟତା ସହିତ ବାଣିଜ୍ୟିକ ସଂପର୍କ ରଖି ନିଜ ସଭ୍ୟତାକୁ ସମୃଦ୍ଧ କରିପାରିଥିଲେ । ଗ୍ରୀକ୍ କଳା, ସ୍ଥାପତ୍ୟ ଓ ସଂସ୍କୃତିର ବିଭିନ୍ନ ଦିଗ କ୍ରମେ ସମୃଦ୍ଧ ହେବାକୁ ଲାଗିଲା । ଗ୍ରୀସ୍‌ର ଶୁଷ୍କ ପାହାଡ଼ିଆ ଅଞ୍ଚଳ ସାଙ୍ଗକୁ ଅନୁର୍ବର ମୃତ୍ତିକା ଏକ ନୂତନ ପ୍ରକାର କୃଷି ଓ କୃଷକ ସୃଷ୍ଟି କରିଥିଲା । ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନେ ପସନ୍ଦ କରୁନଥିବା ଜମିକୁ କୃଷକମାନେ ଉନ୍ନତ ଜମିରେ ପରିଣତ କରିବାକୁ ଚେଷ୍ଟିତ ହେଲେ । ଜମିକୁ କେବଳ ଚାରଣ ଭୂମି ବା ଏକମାତ୍ର ଶସ୍ୟ ଉତ୍ପାଦନର ମାଧ୍ୟମ ନ ଭାବି ସେଥିରେ

ବିଭିନ୍ନ ପ୍ରକାର ଶସ୍ୟ ଏବଂ ସେମାନଙ୍କର ଭୂମିର ଅବସ୍ଥା ଓ ପାଣିପାଗକୁ ଲକ୍ଷ୍ୟକରି ଅଙ୍ଗୁର ଓ ଅନ୍ୟାନ୍ୟ ଫଳ ବଗିଚା ସୃଷ୍ଟି କଲେ। ସ୍ୱାଧୀନ ଭାବରେ ନିଜ କୃଷି କ୍ଷେତ୍ରରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିବା କୃଷକମାନେ ହିଁ ଗ୍ରୀସ୍ ନଗର ରାଜ୍ୟମାନଙ୍କରେ ଗଣତନ୍ତ୍ରର ମୂଳଦୁଆ ପକାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବ୍ୟବସାୟ ବାଣିଜ୍ୟର ପୁନରୁତ୍ଥାନ ଓ ସ୍ୱାଧୀନ ବ୍ୟବସାୟୀକ ସଂଘମାନଙ୍କର ଉଦ୍ଭବ, ସହର ଏବଂ ନଗରମାନ ଗଢ଼ିତୋଳିବାରେ ସକ୍ଷମ ହୋଇଥିଲେ।

ଗ୍ରୀକ୍ ଶବ୍ଦ ପଲିସର (polis) ଅର୍ଥ ନଗର। କିନ୍ତୁ ଜଣେ ଗ୍ରୀକ୍ ନାଗରିକ ପାଇଁ ଏହାର ଅର୍ଥ ବଡ଼ ବ୍ୟାପକ। ସେମାନଙ୍କର ରାଜନୀତିକ, ସାଂସ୍କୃତିକ, ଧାର୍ମିକ ଓ ସାମାଜିକ ଜୀବନର ଏହା ହେଉଛି କେନ୍ଦ୍ରବିନ୍ଦୁ। ପାହାଡ଼ଗୁଡ଼ିକୁ କେନ୍ଦ୍ରକରି ଗଢ଼ି ଉଠିଥିବା ନଗରରାଜ୍ୟଗୁଡ଼ିକ ପରସ୍ପରଠାରୁ ଏପରି ଭାବରେ ବିଚ୍ଛିନ୍ନ ହୋଇ ରହିଥିଲା ଯେ ସେଠାକାର ଅଧିବାସୀମାନେ ଆତ୍ମନିର୍ଭରଶୀଳ ହେବା ସହିତ ନିଜସ୍ୱ ଢ଼ାଞ୍ଚାରେ ନିଜ ନିଜର ସଂପ୍ରଦାୟ ଗଠନ କରିଥିଲେ। ନଗର ରାଜ୍ୟ ଥିଲା ଏପରି ଏକ ସ୍ୱାଧୀନ ରାଜନୈତିକ ସଂଗଠନ ଯାହାର ନିଜର ବୈଦେଶିକ ନୀତି, ମୁଦ୍ରା, ନିଜସ୍ୱ ଦେବାଦେବୀ ଏବଂ ଏପିରିକି ନିଜସ୍ୱ କ୍ୟାଲେଣ୍ଡର ମଧ୍ୟ ଥିଲା। ନଗର ରାଜ୍ୟର ପରିସୀମା ଥିଲା କ୍ଷୁଦ୍ର। ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲ୍ ଏବଂ ପ୍ଲାଟୋଙ୍କ ମତରେ ନଗର ରାଜ୍ୟର ପରିସୀମା ଏମିତି କ୍ଷୁଦ୍ର ହେବା ଆବଶ୍ୟକ ଯାହା ଫଳରେ ଏହାର ନାଗରିକମାନେ ପରସ୍ପରକୁ ଜାଣିଥିବେ। ଯଦି ଏହାର ପରିସୀମା ଆବଶ୍ୟକତାଠାରୁ ଅଧିକ ହୋଇଯିବ, ତେବେ ନାଗରିକମାନଙ୍କର ମଙ୍ଗଳ ପାଇଁ ଏହା କାର୍ଯ୍ୟକରି ପାରିବ ନାହିଁ। ନଗରରାଜ୍ୟ କ୍ଷୁଦ୍ର ହୋଇଥିଲେ ନାଗରିକମାନେ ନିଜକୁ ଏକ ସଂପ୍ରଦାୟର ମନେ କରିବେ ଏବଂ ନଗରରାଜ୍ୟର ଉନ୍ନତି ପାଇଁ କଠିନ ପରିଶ୍ରମ କରିବେ।

ନଗରରାଜ୍ୟଗୁଡ଼ିକ ମଧ୍ୟରେ ସର୍ବଦା ଶତ୍ରୁତା ବୃଦ୍ଧି ପାଉଥିଲା ଏବଂ ପରସ୍ପର ମଧ୍ୟରେ ଯୁଦ୍ଧ ଲାଗି ରହୁଥିଲା। ଏପରିକି ଦୁଇ ପଡ଼ୋଶୀ ରାଜ୍ୟ ଏଥେନ୍ସ ଓ ସ୍ପାର୍ଟା ମଧ୍ୟରେ ଚାଲିଥିବା ପେଲୋପନେସିଆନ୍ ଯୁଦ୍ଧ ୨୭ ବର୍ଷ ଧରି ଲାଗି ରହିଥିଲା। ପରସ୍ପର ସର୍ବଦା ଯୁଦ୍ଧରେ ଲାଗି ରହୁଥିବାରୁ ନଗର-ରାଜ୍ୟମାନଙ୍କର ପ୍ରଭୁତ ଧନଜୀବନ କ୍ଷୟ ହେଉଥିଲା। ଏପରିକି ଗୋଟିଏ ଗୋଟିଏ ନଗର-ରାଜ୍ୟ ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଉଥିଲା। ଏସବୁ ସତ୍ତ୍ୱେ କେତେଗୁଡ଼ିଏ କାରଣ ପାଇଁ ଗ୍ରୀସ୍‌ର ଏକତା ଓ ପରିଚିତି ବଜାୟ ରହିଥିଲା। ପ୍ରଥମ କଥା ହେଉଛି ଗ୍ରୀକ୍‌ମାନେ ଗୋଟିଏ ଭାଷାରେ କଥାବାର୍ତ୍ତା ହେଉଥିବାରୁ କୌଣସି ଜିନିଷ ପ୍ରତି ସେମାନଙ୍କର ଭାବନା ଓ ଚିନ୍ତାଧାରାରେ ସମାନତା ପ୍ରକାଶ ପାଉଥିଲା। ଗ୍ରୀକ୍‌ମାନଙ୍କର ଧର୍ମ ବିଶ୍ୱାସ ମଧ୍ୟ ସେମାନଙ୍କୁ ଏକ ସାଧାରଣ ପରିଚୟ ପ୍ରଦାନ କରିଥିଲା। ନଗରରାଜ୍ୟମାନଙ୍କ ମଧ୍ୟରେ ଅନୁଷ୍ଠିତ ହେଉଥିବା କ୍ରୀଡ଼ା ପ୍ରତିଯୋଗୀତା ସେମାନଙ୍କର ଏକତାକୁ ପ୍ରମାଣିତ କରୁଥିଲା। ପ୍ରତି ଚାରିବର୍ଷରେ ଜିଅସ (zeus) ଦେବତାଙ୍କ ସମ୍ମାନାର୍ଥେ ଅନୁଷ୍ଠିତ ହେଉଥିବା ଅଲମ୍ପିକ କ୍ରୀଡ଼ା ଏହାର ପ୍ରମାଣ। ଖ୍ରୀ.ପୂ. ୭୫୦ ବେଳକୁ ସମଗ୍ର ଗ୍ରୀସ୍ ଭୂଖଣ୍ଡ ଭିନ୍ନ ନଗର-ରାଜ୍ୟର ରୂପ ନେଇ ସାରିଥିଲା, ଯେଉଁମାନଙ୍କ ଭିତରେ ଦୁଇଟି ନଗର-ରାଜ୍ୟ ସ୍ପାର୍ଟା ଓ ଏଥେନ୍ସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

## ସ୍ପାର୍ଟା ନଗରରାଜ୍ୟର ଉତ୍ଥାନ :

ଗ୍ରୀସ୍‌ର ଅନ୍ୟସମସ୍ତ ନଗରରାଜ୍ୟ ଅପେକ୍ଷା ସ୍ପାର୍ଟା ଥିଲା ସବୁଠାରୁ ଆଗରେ। ଏହାର ମୁଖ୍ୟକାରଣ ହେଉଛି ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଯେପରି ଭାବରେ ସ୍ପାର୍ଟା ନିଜ ରାଜ୍ୟର ଉନ୍ନତି ପାଇଁ ଆଗେଇ ଚାଲିଥିଲା, ସେପରି

ଅନ୍ୟମାନଙ୍କଠାରେ ଦେଖିବାକୁ ମିଳୁନଥିଲା । ନିଜ ନଗର ରାଜ୍ୟର ସୁରକ୍ଷା ପାଇଁ ସ୍ପାର୍ଟା କୌଣସି ଦୁର୍ଗ ନିର୍ମାଣ କରିନଥିଲା; କିନ୍ତୁ ଦେଶର ବୀର ପୁରୁଷମାନେ ସୁରକ୍ଷାର କବଚ ଭଳି କାମ କରୁଥିଲେ । ଏକଥା ମନେ ରଖିବାକୁ ହେବ ଯେ ସ୍ପାର୍ଟା ଏକ ସାମରିକ ନଗର ରାଜ୍ୟ ରୂପେ ପ୍ରତିଷ୍ଠା ଅର୍ଜନ କରିଥିଲା ଏବଂ ସର୍ବଦା ଯେକୌଣସି ଯୁଦ୍ଧର ସାମ୍ନା କରିବାକୁ ପ୍ରସ୍ତୁତ ହୋଇ ରହିଥିଲା । ପ୍ରଥମରୁ ସ୍ପାର୍ଟା ଗ୍ରୀସ୍‌ର ଅନ୍ୟ ନଗରରାଜ୍ୟମାନଙ୍କ ପରି ନିଜର କଳା, ସଂସ୍କୃତିକୁ ବିଶେଷ ଗୁରୁତ୍ୱ ଦେଉଥିଲା । କିନ୍ତୁ ଖ୍ରୀ.ପୂ. ୭୫୦ ବେଳକୁ ଲୋକସଂଖ୍ୟାର ବୃଦ୍ଧିଘଟିଲା ଏବଂ ସ୍ପାର୍ଟା ପାଇଁ ଅଧିକରୁ ଅଧିକ ବାସସ୍ଥାନର ଆବଶ୍ୟକତା ଦେଖାଦେଲା । ଗ୍ରୀସ୍‌ର ଅନ୍ୟ ନଗର ରାଜ୍ୟମାନଙ୍କ ପରି ସମୁଦ୍ର ପାରହୋଇ ଅନ୍ୟ ଦେଶରେ ଉପନିବେଶ ସ୍ଥାପନ ପରିବର୍ତ୍ତେ ନିଜ ପଡ଼ୋଶୀ ମେସେନିଆନ୍ (Messenian) ମାନଙ୍କୁ ପରାସ୍ତ କରି ସେମାନଙ୍କ ଅଞ୍ଚଳକୁ ଅଧିକାର କଲେ । ପରାଜିତ ମେସେନିଆନମାନଙ୍କୁ କୃଷିଭୃତ୍ୟରେ ପରିଣତ କରାଇ ସେମାନଙ୍କୁ ନିଜ କୃଷି କ୍ଷେତ୍ରରେ ଖଟାଇଲେ ଯାହାଙ୍କୁ ହେଲଟ୍‌ସ (Helots) ବୋଲି କୁହାଗଲା । ପରବର୍ତ୍ତୀ ସମୟରେ ସ୍ପାର୍ଟୀୟମାନେ ଯୁଦ୍ଧକୁ ନିଜର ଜୀବିକା ବୋଲି ଧରିନେଲେ । ହେଲଟ୍‌ସମାନଙ୍କର ସମ୍ଭାବ୍ୟ ବିପ୍ଳବକୁ ଆଖି ଆଗରେ ରଖି ସ୍ପାର୍ଟୀୟମାନେ ସର୍ବଦା ନିଜକୁ ପ୍ରସ୍ତୁତ ରଖୁଥିଲେ ।

ଏକ ଯୁଦ୍ଧ ଜାତି ଭାବରେ ନିଜର ଖ୍ୟାତି ବଢ଼ି ଚାଲିଥିଲା ବେଳେ ସ୍ପାର୍ଟୀୟ ସମାଜରେ ତାହାର ପ୍ରଭାବ ଦେଖିବାକୁ ମିଳେ । ସ୍ପାର୍ଟାରେ ଶିଶୁଟି ଜନ୍ମଲାଭ କଲାମାତ୍ରେ ତାହା ଦେଶର ସଂପତ୍ତିରୂପେ ବିବେଚିତ ହୁଏ । ରାଜ୍ୟ ତରଫରୁ ଏକ ବିଶେଷଜ୍ଞ ଦଳ ଶିଶୁଟିକୁ ପରୀକ୍ଷା ନିରୀକ୍ଷା କରି ଜଣାଇଦିଅନ୍ତି ଯେ ଶିଶୁଟିରେ କୌଣସି ଦୁର୍ବଳତା ବା ଜନ୍ମଗତ ତ୍ରୁଟି ଅଛି କି ନାହିଁ । କୌଣସି ତ୍ରୁଟି ପରିଲକ୍ଷିତ ନ ହେଲେ ଶିଶୁଟିର ଲାଳନପାଳନର ସମସ୍ତ ସୁବ୍ୟବସ୍ଥା କରାଯାଏ ଏବଂ କୌଣସି ତ୍ରୁଟି ଥିଲେ ଶିଶୁଟିକୁ ନିକଟସ୍ଥ ଟେଗେଟସ୍ ପାହାଡ଼ (Mt. Taygetus) ଉପରେ ମୃତ୍ୟୁପାଇଁ ଛାଡ଼ି ଦିଆଯାଇଥାଏ । ବାଳକଟିକୁ ସାତବର୍ଷ ପର୍ଯ୍ୟନ୍ତ ନିଜଗୃହରେ ରହିବାକୁ ସୁଯୋଗ ଦିଆଯାଇଥାଏ । ଏହାପରେ ତାକୁ ନିଆଯାଏ ସାମରିକ ବାରାକ୍‌କୁ । ବାରାକ୍‌ରେ ଥିବା ସମୟରେ ପିଲାଟିକୁ କଠିନ ଶାରିରୀକ ବ୍ୟାୟାମ କରିବାକୁ ପଡ଼ିଥାଏ । ବାରବର୍ଷ ବେଳକୁ ଏହି ଶାରିରୀକ ପରିଶ୍ରମ ଆହୁରି ଅଧିକ ହୋଇଥାଏ । ଅଳ୍ପ ଖାଦ୍ୟ ସାଙ୍ଗକୁ ଅଧିକ ପରିଶ୍ରମ ସ୍ପାର୍ଟାର ଯୁବକମାନଙ୍କୁ କଠୋର ଓ ନିର୍ଦ୍ଦୟ କରି ଗଢ଼ି ତୋଳୁଥିଲା । ଅଠରବର୍ଷ ହୋଇଗଲେ ତାଲିମପ୍ରାପ୍ତ ଯୋଗ୍ୟ ଯୁବକମାନଙ୍କୁ ଦୁଇବର୍ଷ ପାଇଁ ଗୁପ୍ତ ପୋଲିସ (secret police) ଭାବରେ ନିଯୁକ୍ତି ଦିଆଯାଇଥାଏ । ଏହି ସମୟ ମଧ୍ୟରେ ସେମାନଙ୍କର ମୁଖ୍ୟ କାର୍ଯ୍ୟ ହେଉଛି ହେଲଟସ୍‌ମାନଙ୍କ ଉପରେ କଡ଼ା ନଜର ରଖିବା । କାରଣ ଅନେକ ସମୟରେ ହେଲଟ୍‌ସମାନେ ସ୍ପାର୍ଟୀୟମାନଙ୍କ ବିରୁଦ୍ଧରେ ବିପ୍ଳବ କରିବାର ସମ୍ଭାବନା ରହୁଥିଲା । କୋଡ଼ିଏ ବର୍ଷ ବୟସ ହେଲା ପରେ ଜଣେ ସ୍ପାର୍ଟିୟ ଯୁବକ ସୈନ୍ୟ ବାହିନୀରେ ପ୍ରବେଶ କରେ । ପରବର୍ତ୍ତୀ ତିରିଶ ବର୍ଷ ତାକୁ ସୈନ୍ୟବାହିନୀରେ ରହିବାକୁ ପଡ଼ିଥାଏ । ବୈବାହିକ ବା ପାରିବାରିକ ଜୀବନ ବିତାଇବା ପାଇଁ ସ୍ପାର୍ଟିୟ ଯୁବକମାନଙ୍କୁ ଖୁବ୍ କମ୍ ସମୟ ମିଳିଥାଏ । ଅନେକ ସମୟରେ ରାତିରେ ନବବିବାହିତ ଯୁବକମାନେ ଲୁଚିଛପି ସୈନ୍ୟବାହିନୀର ବାରାକ୍‌ରୁ ନିଜ ଘରକୁ ଚାଲିଯାଉଥିଲେ । ଏପରିକି ଜଣେ ସ୍ପାର୍ଟିୟ ପିତା ତାର ସ୍ତ୍ରୀପିଲାଙ୍କୁ ବହୁବର୍ଷ ଧରି ସୂର୍ଯ୍ୟାଲୋକରେ ଦେଖିବା ସମ୍ଭବ ହୋଇ ପାରୁନଥିଲା । ପଚାଶ ବର୍ଷ ପରେ ଜଣେ ସ୍ପାର୍ଟିୟ ସୈନିକ ନିଜ ଘରକୁ ଫେରୁଥିଲେ, କିନ୍ତୁ ପରବର୍ତ୍ତୀ ଦଶ ବର୍ଷ ତାଙ୍କୁ ରିଜର୍ଭ ସୈନିକ ଭାବେ କାମ କରିବାକୁ ପଡୁଥିଲା । ସ୍ପାର୍ଟାର ଝିଅମାନେ ଘରେ ରହୁଥିଲେ ମଧ୍ୟ ସେମାନଙ୍କୁ କଠିନ ତାଲିମ ଓ ଶାରୀରିକ ବ୍ୟାୟାମ କରିବାକୁ ପଡୁଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପରବର୍ତ୍ତୀ ପିଢ଼ୀ ପାଇଁ ସୁସ୍ଥ ଓ ସବଳ ସନ୍ତାନ ଜନ୍ମଦେବା । ପୁରୁଷମାନେ ସର୍ବଦା ସୈନ୍ୟବାହିନୀରେ

ରହୁଥିବାରୁ ସ୍ପାର୍ଟୀୟ ମହିଳାମାନେ କୃଷିକ୍ଷେତ୍ର ପରିଚାଳନା ସାଙ୍ଗକୁ ହେଲଟ୍‌ସମାନଙ୍କୁ ତଦାରଖ କରୁଥିଲେ । ସେ ଦୃଷ୍ଟିରୁ ପ୍ରାଚୀନ ଗ୍ରୀସ୍‌ରେ ସ୍ପାର୍ଟୀୟ ମହିଳାମାନେ ଅଧିକ ସ୍ୱାଧୀନତା ଉପଭୋଗ କରୁଥିଲେ ।

ସ୍ପାର୍ଟାରେ ଗ୍ରୀସ୍‌ର ଅନ୍ୟ ନଗର ରାଜ୍ୟ ଭଳି ଶାସନରେ ପ୍ରାଚୀନ ରାଜତନ୍ତ୍ର ଓ ଆଭିଜାତ୍ୟ ଉପାଦାନର ମିଶ୍ରଣ ଦେଖିବାକୁ ମିଳେ । ଏକକାଳୀନ ଦୁଇଟି ରାଜା ଶାସନ ପରିଚାଳନା କରୁଥିଲେ ଏବଂ ସେମାନଙ୍କ ମୁଖ୍ୟ କାର୍ଯ୍ୟଥିଲା ସୈନ୍ୟବାହିନୀକୁ ଠିକ୍ ଭାବରେ ପରିଚାଳନା କରିବା । ପାଞ୍ଚଜଣ ସଦସ୍ୟ ବିଶିଷ୍ଟ 'ଇଫୋର' (ephors) ଏବଂ ତିରିଶ ଜଣ ସଦସ୍ୟ ବିଶିଷ୍ଟ ବୟସ୍କ ପରିଷଦ 'ଜେରୁସିଆ' (Gerousia) ଉପରେ ଅଧିକାଂଶ କ୍ଷମତା ନ୍ୟସ୍ତ ଥିଲା । ସ୍ପାର୍ଟାର ସମସ୍ତ ପୁରୁଷମାନଙ୍କୁ ନେଇ ଅନ୍ୟ ଏକ ପରିଷଦ ଥିଲା ଯାହା 'ଜେରୁସିଆ'ର କାର୍ଯ୍ୟକୁ ନିୟନ୍ତ୍ରଣ କରୁଥିଲା ।

## ଏଥେନ୍‌ସ ନଗରରାଜ୍ୟ :

ଗ୍ରୀସ୍‌ର ଦକ୍ଷିଣ-ପୂର୍ବ ସୀମାରେ ଅବସ୍ଥିତ ଆଟିକା ଭୂଖଣ୍ଡରେ ଏଥେନ୍‌ସ ନଗରରାଜ୍ୟ ଅବସ୍ଥିତ । ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀ ବେଳକୁ ଏଥେନ୍ସର ମହାନତା ଓ ମହିମା ପ୍ରସାରିତ ହୋଇସାରିଥିଲା । ମୁଖ୍ୟତଃ ଦୁଇଟି କାରଣ ପାଇଁ ଏଥେନ୍ସର ଆଭ୍ୟନ୍ତରୀଣ ଶାନ୍ତି ବଜାୟ ରହିଥିଲା ଯାହାକି ପରବର୍ତ୍ତୀ ସମୟରେ ଏଥେନ୍ସକୁ ଏକ ସଂସ୍କୃତି ସମ୍ପର୍ଣ୍ଣ ଓ ଆଦର୍ଶ ନଗର-ରାଜ୍ୟ ରୂପେ ଗଢ଼ି ତୋଳିଥିଲା । ପ୍ରଥମକଥା ହେଉଛି ଆଟିକା ଭୂଖଣ୍ଡକୁ ଡୋରିଆନ୍‌ମାନେ କେବେହେଲେ ଅଧିକାର କରି ପାରିନଥିଲେ । କୁହାଯାଏ ଏଥେନୀୟ ରାଜା କୋଡ୍‌ରସ୍ (Codrus) ଡୋରିଆନମାନଙ୍କ କବଳରୁ ଏଥେନ୍ସକୁ ରକ୍ଷା କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ବାହ୍ୟ ଶତ୍ରୁର ଆକ୍ରମଣରୁ ମୁକ୍ତ ରହି ଏଥେନ୍ସ ଆଟିକାର ସମସ୍ତ ଅଞ୍ଚଳକୁ ନିଜ ଅଧୀନକୁ ଆଣି ସେଠାକାର ସମସ୍ତ ଜନସାଧାରଣଙ୍କୁ ଏଥେନ୍ସର ନାଗରିକରେ ପରିଣତ କରିଥିଲା । ତେଣୁ ସେମାନେ ସମସ୍ତେ ଏଥେନ୍ସର ଉନ୍ନତି ପାଇଁ ମନୋନିବେଶ କରିଥିଲେ । ସ୍ପାର୍ଟା ନିଜର ସମୃଦ୍ଧି ପାଇଁ ସର୍ବଦା ଯୁଦ୍ଧରେ ମଜ୍ଜି ରହିଥିବା ବେଳେ ଏଥେନ୍ସ ନିଜର ସଂସ୍କୃତି, କଳା, ସ୍ଥାପତ୍ୟ ଓ ସାହିତ୍ୟର ବିକାଶ ପାଇଁ ସର୍ବଦା ତତ୍ପର ଥିଲା । ଗ୍ରୀସ୍‌ରେ ଗଣତନ୍ତ୍ରର ବିକାଶ କ୍ଷେତ୍ରରେ ଏଥେନ୍ସର ଅବଦାନ ଅବିସ୍ମରଣୀୟ ।

## ଗଣତନ୍ତ୍ରର ବିକାଶ :

ବିଶ୍ୱ ସଭ୍ୟତାକୁ ଗ୍ରୀସ୍‌ର ସର୍ବଶ୍ରେଷ୍ଠ ଅବଦାନ ହେଉଛି ଗଣତନ୍ତ୍ର । ଗଣତନ୍ତ୍ରର ବିକାଶ ତଥା ପ୍ରତ୍ୟକ୍ଷ ଗଣତନ୍ତ୍ରର କାର୍ଯ୍ୟକାରିତା ଗ୍ରୀସ୍‌ରେ ସମ୍ଭବ ହୋଇପାରିଥିଲା ଏଥେନ୍ସ ନଗର-ରାଜ୍ୟ ପାଇଁ । ଏଥେନ୍ସର ରାଜନୈତିକ ଢ଼ାଞ୍ଚା ଅନ୍ୟ ସମସ୍ତ ନଗର ରାଜ୍ୟଠାରୁ ଅଲଗା । ଏଥେନ୍ସର ବିଭିନ୍ନ ରାଜନୀତିଜ୍ଞ ତଥା ବିଜ୍ଞ ବ୍ୟକ୍ତିମାନେ ଗଣତନ୍ତ୍ରର ବିକାଶ ପାଇଁ ଗୋଟିଏ ପରେ ଗୋଟିଏ ପାହାଚ ସୃଷ୍ଟି କରିଯାଇଛନ୍ତି । ଏ କ୍ଷେତ୍ରରେ ପ୍ରଥମ ଥିଲେ ଏଥେନ୍ସର ସମ୍ଭ୍ରାନ୍ତବଂଶୀୟ ଜଣେ ବ୍ୟକ୍ତି ଡ୍ରାକୋ (Draco) । ସେତେବେଳେ ଗ୍ରୀସ୍‌ରେ ଶାସନ ସଂକ୍ରାନ୍ତରେ କୌଣସି ଲିଖିତ ଆଇନ କାନୁନ ନ ଥିଲା । ସମ୍ଭ୍ରାନ୍ତମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଏଥେନ୍ସର ଧର୍ମ ହିଁ ଥିଲା ଆଇନର ଉତ୍ସ । ଯେତେବେଳେ ଚାହିଁଲେ ସେ ନିୟମରେ ପରିବର୍ତ୍ତନ ହୋଇପାରୁଥିଲା ଯାହାକି ସମ୍ଭ୍ରାନ୍ତମାନଙ୍କ ଇଚ୍ଛା ଉପରେ ନିର୍ଭର କରୁଥିଲା । ଖ୍ରୀ.ପୂ. ୬୨୧ରେ ଡ୍ରାକୋ ପ୍ରଥମଥର ପାଇଁ ଏଥେନୀୟ ଆଇନକୁ ଲିପିବଦ୍ଧ କଲେ । ଡ୍ରାକୋଙ୍କ ଆଇନ୍ ଅତ୍ୟନ୍ତ କଠୋର ଥିଲା । କେତେକଙ୍କ

ମତରେ ଡ୍ରାକୋଙ୍କ ଆଇନ୍ ମସୀରେ ଲେଖା ନ ହୋଇ ଅସୀରେ ଲେଖା ହୋଇଥିଲା। ସେଇଥିପାଇଁ ଆଜି ମଧ୍ୟ ଯଦି କେଉଁଠି ଆଇନକାନୁନ୍‌ରେ କଠୋରତା ଦେଖାଦେଉଛି ଲୋକମାନେ ତାହାକୁ 'ଡ୍ରାକୋନିଆନ୍' ଆଇନ୍ ବୋଲି ଅଭିହିତ କରିଥାନ୍ତି। ସେ ଯାହା ହେଉନା କାହିଁକି ଗ୍ରୀସ୍‌ରେ ଗଣତନ୍ତ୍ରର ବିକାଶ ପାଇଁ ଡ୍ରାକୋଙ୍କର ଏହାଥିଲା ପ୍ରଥମ ପଦକ୍ଷେପ।

ଖ୍ରୀ.ପୂ. ୬୦୦ ବେଳକୁ ଏଥେନୀୟ ସମାଜରେ ଏକ ବଡ଼ ଧରଣର ସମସ୍ୟା ଦେଖାଦେଲା। ରାଜ୍ୟରେ ସମ୍ଭ୍ରାନ୍ତମାନଙ୍କ ତୁଳନାରେ ମଧ୍ୟବିତ୍ତ ଓ ନିମ୍ନଶ୍ରେଣୀର ଲୋକମାନଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଲା। ସମ୍ଭ୍ରାନ୍ତ, ମଧ୍ୟବିତ୍ତ ଓ ନିମ୍ନବର୍ଗର ଲୋକମାନଙ୍କ ମଧ୍ୟରେ ବିଭିନ୍ନ ସମସ୍ୟା ମୁଣ୍ଡ ଟେକିଲା। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଶାସନ କ୍ଷମତାକୁ ଆସିଲେ ସୋଲୋନ (Solon)। ଖ୍ରୀ.ପୂ. ୫୯୪ରେ ସୋଲୋନ ଏଥେନ୍ସରେ ଉଭୟ ଅର୍ଥନୀତି ଓ ରାଜନୀତି କ୍ଷେତ୍ରରେ କେତେଗୁଡ଼ିଏ ସଂସ୍କାର ଆଣିଲେ ଯାହା ଗ୍ରୀସ୍‌ର ଗଣତନ୍ତ୍ରକୁ ଆଉ ପାଦେ ଆଗକୁ ନେଲା।

ସୋଲୋନ୍ ପ୍ରଥମେ ଏଥେନ୍ସର ଅର୍ଥନୀତିକୁ ସୁଧାରିବାକୁ ଚାହିଁଲେ। ସେ ଦେଖିଲେ ଆଟିକାର ମାଟି ଗହମ ବା ବାର୍ଲି ଚାଷ ପାଇଁ ଅନୁପଯୁକ୍ତ। ସେ ପ୍ରଥମେ ଆଟିକାରୁ ଖାଦ୍ୟ ଶସ୍ୟ ରପ୍ତାନୀକୁ ବନ୍ଦ କରିଦେଲେ। ଆଟିକା ମାଟି ପାଇଁ ଉପଯୁକ୍ତ ଅଲିଭ୍ ଓ ଅଙ୍ଗୁର ଚାଷ ପାଇଁ କୃଷକମାନଙ୍କୁ ଉତ୍ସାହିତ କଲେ। ଶିଳ୍ପ ଓ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ଦ୍ୱାରା ଏଥେନ୍ସରେ ଉନ୍ନତମାନର ମାଟିପାତ୍ର ଏବଂ ସେରାମିକ ନିର୍ମିତ ବିଭିନ୍ନ ନିତ୍ୟ ବ୍ୟବହୃତ ଜିନିଷ ସୃଷ୍ଟି ହେଲା ଯାହାରକି ଭୂମଧ୍ୟ ସାଗରୀୟ ଅଞ୍ଚଳରେ ବହୁଳ ଭାବରେ ଚାହିଦା ଦେଖାଦେଲା। ଅଲିଭ ତୈଳ ଏବଂ ଅଙ୍ଗୁର ଓ ଅଙ୍ଗୁରଜାତ ଦ୍ରବ୍ୟ ରପ୍ତାନିକରି ଏଥେନ୍ସବାସୀ ଲାଭବାନ ହେଲେ। ଖାଦ୍ୟଶସ୍ୟର ଚାହିଦା ମେଣ୍ଟାଇବା ପାଇଁ ବାହାରୁ ଶସ୍ୟ ଆମଦାନୀ କରାଗଲା। ସୋଲୋନ ଏଥେନ୍ସରୁ ଦାରିଦ୍ର୍ୟ ଦୂରୀକରଣ କରିବା ସଂଗେ ସଂଗେ ଋଣ ବ୍ୟବସ୍ଥା ଏବଂ ଋଣ ଶୁଝିନପାରି କ୍ରୀତଦାସ ହେଉଥିବା ବ୍ୟବସ୍ଥାକୁ ଉଚ୍ଛେଦ କଲେ।

ରାଜନୀତି କ୍ଷେତ୍ରରେ ସୋଲୋନଙ୍କ ସଂସ୍କାର କମ୍ ନ ଥିଲା। ଏଥେନୀୟ ନାଗରିକ ପରିଷଦ ବା ବିଧାନସଭା ଦୀର୍ଘଦିନ ହେଲା ବସି ନ ଥିଲା କି କୌଣସି କାର୍ଯ୍ୟ କରୁନଥିଲା। ସୋଲୋନ ନାଗରିକ ପରିଷଦକୁ ଡ଼କାଇଲେ ଏବଂ ଏହାକୁ ପୁନର୍ଜୀବିତ କରାଇଲେ। ୪୦୦ ସଦସ୍ୟଙ୍କୁ ନେଇ ଏକ ନୂତନ ପରିଷଦ ଗଠନ କଲେ। ଏହାର ନାମ ରଖାଗଲା ବାଉଲ (Boule)। ପୁରାତନ ଏଥେନୀୟ ପରିଷଦ ଏରୋପାଗସ (Areopagus) ଯାହାକି ମୁଷ୍ଟିମେୟ ବ୍ୟକ୍ତିଙ୍କୁ ନେଇ ଗଠିତ ହୋଇଥିଲା ତାହାକୁ ସଂପୂର୍ଣ୍ଣ ରୂପେ ଉଠାଇ ନ ଦିଆଯାଇ ତାହାର କାର୍ଯ୍ୟାବଳୀକୁ ସୀମିତ କରି ଦିଆଗଲା। ବର୍ତ୍ତମାନ ବାଉଲ ସମସ୍ତ ରାଜନୀତିକ କାର୍ଯ୍ୟାବଳୀର କେନ୍ଦ୍ରବିନ୍ଦୁ ହେଲା। ଏହାର ସଭ୍ୟ ହେବାର ଯୋଗ୍ୟତା ବଂଶାନୁକ୍ରମିକ ନ ହୋଇ ନିର୍ଦ୍ଦିଷ୍ଟ ସଂପତ୍ତି ଓ ଶିକ୍ଷାଗତ ଯୋଗ୍ୟତା ଉପରେ ନିର୍ଭର କଲା। ଧନସଂପତ୍ତିର ମାପକାଠି ଦୃଷ୍ଟିରୁ ସୋଲୋନ ଏଥେନ୍ସର ନାଗରିକମାନଙ୍କୁ ଚାରୋଟି ଶ୍ରେଣୀରେ ବିଭକ୍ତ କରିଥିଲେ। ପ୍ରଥମ ତିନି ଶ୍ରେଣୀର ନାଗରିକ ବାଉଲର ସଦସ୍ୟ ହୋଇପାରୁଥିଲେ। ସର୍ବନିମ୍ନ ଶ୍ରେଣୀର ନାଗରିକମାନଙ୍କୁ ଥେଟ୍‌ସ (Thetes) କୁହାଯାଉଥିଲା ଓ ସମାଜର ଦରିଦ୍ରକୃଷକ, କାରିଗର ଏବଂ ଭୂମିହୀନମାନେ ଏହାର ଅନ୍ତର୍ଭୁକ୍ତ ଥିଲେ। ପ୍ରଥମ ଦୁଇ ଶ୍ରେଣୀର ନାଗରିକମାନେ ଆର୍କନ ସମେତ ଉଚ୍ଚ

ସରକାରୀ ପଦବୀରେ ନିଯୁକ୍ତି ପାଉଥିଲେ। ଥେଟ୍‌ସମାନେ କେବଳ ପରିଷଦର ସଭାରେ ଯୋଗଦେଇ ପାରୁଥିଲେ। ସୋଲୋନ ଏଥେନ୍ସର ଲୋକପ୍ରିୟ ବିଧାନ ପରିଷଦକୁ କେତେକ କ୍ଷମତା ଓ ସୁବିଧା ପ୍ରଦାନ କରିଥିଲେ ଯାହା ଗ୍ରୀସ୍‌ର ଗଣତନ୍ତ୍ରକୁ ଆଉ ପାଦେ ଆଗକୁ ନେଇଯାଇଥିଲା।

ସୋଲୋନଙ୍କ ପରେ କ୍ଲାଇସ୍ଥେନିସ୍ (Cleisthenes) ଗ୍ରୀସ୍‌ର ଗଣତନ୍ତ୍ରରେ ଅନେକ ସଂସ୍କାର ଆଣିଥିଲେ। କ୍ଲାଇସ୍ଥେନିସ୍‌ଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏଥେନ୍ସର ନାଗରିକମାନଙ୍କୁ ଏପରି ଭାବରେ ପରିଚିତ କରାଇବେ, ଯାହା ଫଳରେ ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନେ ଯେପରି ସେମାନଙ୍କର ନିଜ ଲୋକମାନଙ୍କୁ ରାଜନୈତିକ ସଂଗଠନର ବଡ଼ ବଡ଼ ପଦବୀରେ ଅବସ୍ଥାପିତ କରିପାରିବେ ନାହିଁ। କାରଣ ସୋଲୋନଙ୍କର ବିଭିନ୍ନ ସଂସ୍କାର ସତ୍ତ୍ୱେ ସମ୍ଭ୍ରାନ୍ତମାନଙ୍କ ହାତରେ ଦେଶର ରାଜନୈତିକ ଅନୁଷ୍ଠାନଗୁଡ଼ିକ ପରିଚାଳିତ ହେଉଥିଲା। ପିସିଷ୍ଟ୍ରାଟସ୍ (Peisistratus) ଶାସନ କ୍ଷମତାରେ ଥିବା ସମୟରେ ଏଥେନ୍ସରେ ସମ୍ଭ୍ରାନ୍ତ ଓ କୃଷକମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ବୃଦ୍ଧିପାଇ ଅରାଜକତା ସୃଷ୍ଟି ହୋଇଥିଲା। ପିସିଷ୍ଟ୍ରାଟସ୍ ସମସ୍ତ କ୍ଷମତା ନିଜ ହାତକୁ ନେଇ ନିରଙ୍କୁଶ ଶାସକ ହୋଇଥିଲେ। ପୁନର୍ବାର ଶ୍ରେଣୀ ସଂଘର୍ଷ ଘଟିବାର ସମ୍ଭାବନାକୁ ଦୂର କରିବା ପାଇଁ କ୍ଲାଇସ୍ଥେନିସ୍ କେତେକ ବିହିତ ପଦକ୍ଷେପ ଗ୍ରହଣ କରିଥିଲେ। ସେ ସମଗ୍ର ଏଥେନ୍ସକୁ ୨୦୦ଟି 'ଡେମ୍' (deme)ରେ ବିଭକ୍ତ କରିଦେଲେ। ପ୍ରତ୍ୟେକ ନାଗରିକ ଡେମର ସଭ୍ୟ ହେବା ବାଧ୍ୟତାମୂଳକ ହେଲା। ଡେମ୍ ହେଲା ଏଥେନ୍ସର ସବୁଠାରୁ କ୍ଷୁଦ୍ର ରାଜନୈତିକ ସଂଗଠନ। ଡେମ୍‌ର ମୁଖ୍ୟ କାର୍ଯ୍ୟହେଲା ନିଜ ଅଞ୍ଚଳର ନାଗରିକମାନଙ୍କର ତାଲିକା ପ୍ରସ୍ତୁତ କରିବା ଓ ସ୍ଥାନୀୟ ଶାସକ ଏବଂ କର୍ମଚାରୀମାନଙ୍କୁ ନିର୍ବାଚିତ କରିବା। ଡେମ୍‌ର ମୁଖ୍ୟଙ୍କୁ ଡେମାର୍କ (demarcho) କୁହାଯାଉଥିଲା। ସମସ୍ତ ଡେମ୍‌କୁ ପୁଣି ୧୦ଟି ଫାଇଲା (Phylai)ରେ ବିଭକ୍ତ କରାଗଲା। କ୍ଲାଇସ୍ଥେନିସ ବାଉଲର ସଭ୍ୟସଂଖ୍ୟା ୪୦୦ରୁ ୫୦୦କୁ ବୃଦ୍ଧିକଲେ। ବାଉଲର ସଭ୍ୟ ହେବାପାଇଁ ଏଥେନ୍ସର ସମସ୍ତ ନାଗରିକ ସୁଯୋଗ ପାଇଲେ। ତିରିଶ ବର୍ଷରେ ପଦାର୍ପଣ କରିଥିବା ସମସ୍ତ ନାଗରିକ ଏପରିକି ଥେଟ୍‌ସମାନଙ୍କୁ ମଧ୍ୟ ଏହି ଅଧିକାର ଦିଆଗଲା। ବିଭିନ୍ନ ପ୍ରଶାସନିକ ଓ ବିଚାରଗତ କ୍ଷମତା ମଧ୍ୟ ବାଉଲ ଉପରେ ନ୍ୟସ୍ତ କରାଗଲା।

ଏଥେନ୍ସର ସମସ୍ତ ନାଗରିକ, ଯେଉଁମାନଙ୍କର ବୟସ ୧୮ ବର୍ଷ ହୋଇଥିଲା ସେମାନେ ସମସ୍ତେ ସାଧାରଣ ପରିଷଦ ଇକ୍ଳେସିଆର (Ecclesia) ସଭ୍ୟ ହୋଇପାରୁଥିଲେ। ଆକଳନ କରାଯାଇଛି ଯେ ଖ୍ରୀ.ପୂ. ୫୦୦ ବେଳକୁ ଏଥେନ୍ସର ନାଗରିକମାନଙ୍କ ସଂଖ୍ୟା ଥିଲା ପ୍ରାୟ ୪୫,୦୦୦ ଏବଂ ସେମାନଙ୍କ ଭିତରୁ ପ୍ରାୟ ୫୦୦୦ରୁ ୬୦୦୦ ନାଗରିକ ଇକ୍ଳେସିଆର ସଭାରେ ଅଂଶ ଗ୍ରହଣ କରୁଥିଲେ।

ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁରକ୍ଷିତ ଓ ଦୁର୍ନୀତିମୁକ୍ତ ରଖିବାପାଇଁ କ୍ଲାଇସ୍ଥେନିସ୍ ଏକ ସୁନ୍ଦର ବ୍ୟବସ୍ଥା ପ୍ରଣୟନ କରିଥିଲେ। ଶାସନର ବିଭିନ୍ନ ପଦପଦବୀରେ ଅବସ୍ଥାପିତ ବ୍ୟକ୍ତି ବିଶେଷ ଦେଶ ବିରୁଦ୍ଧରେ କାର୍ଯ୍ୟକଲେ ବା ଦୁର୍ନୀତିଗ୍ରସ୍ତ ହେଲେ ସେମାନଙ୍କୁ ଦେଶରୁ ବହିଷ୍କାର କରିବା ପାଇଁ ଯେଉଁ ବ୍ୟବସ୍ଥା ଥିଲା ତାହାକୁ ବହିଷ୍କାର ବା ଅଷ୍ଟ୍ରାସିଜମ (Ostracism) କୁହାଯାଉଥିଲା। ସମ୍ମିଳିତ ନାଗରିକମାନଙ୍କ ମଧ୍ୟରୁ ଯଦି ଛଅହଜାର ନାଗରିକ ଖଣ୍ଡିଏ ଖଣ୍ଡିଏ ଖପରା ବା ଶାମୁକା

(Ostracon) ଉପରେ କୌଣସି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ନାମ ଲେଖି ଦିଅନ୍ତି, ତେବେ ସେହି ବ୍ୟକ୍ତିଙ୍କୁ ନିର୍ବାସନ ଦଣ୍ଡ ଭୋଗିବାକୁ ପଡ଼ିଥାଏ। ଏପରି ବ୍ୟବସ୍ଥା ପ୍ରଣୟନକରି କ୍ଲାଇସ୍ଥେନିସ ଗ୍ରୀସ୍ ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିପାରିଥିଲେ। କୌଣସି ବ୍ୟକ୍ତି ଦୁର୍ନୀତି ବା ଦେଶଦ୍ରୋହ କାର୍ଯ୍ୟ କରିବାକୁ ସାହସ କରିପାରୁନଥିଲେ।

### ପେରିକ୍ଲିସ୍‌ଙ୍କ ଯୁଗ

ଖ୍ରୀ.ପୂ. ୪୬୦ରେ ଏଥେନ୍ସର ଭାଗ୍ୟାକାଶରେ ଜଣେ ମହାନ ବ୍ୟକ୍ତିଙ୍କ ଉଦୟ ହେଲା। ସେ ଥିଲେ ଏଥେନ୍ସର ଗଣତନ୍ତ୍ରର ଜନକ କ୍ଲାଇସ୍ଥେନିସଙ୍କ ବଂଶଧର ଏବଂ ଜାନଥିପସଙ୍କର ସୁଯୋଗ୍ୟ ସନ୍ତାନ ପେରିକ୍ଲିସ୍। ଖ୍ରୀ.ପୂ. ୪୯୦ରେ ଏକ ସମ୍ଭ୍ରାନ୍ତ ବଂଶରେ ଜନ୍ମ ହେବା ସହିତ ସାହିତ୍ୟ, ଦର୍ଶନ, ବିଜ୍ଞାନ ଆଦି ବିଦ୍ୟାରେ ବେଶ୍ ପାରଙ୍ଗମ ଥିଲେ। ମାତ୍ର ୩୦ ବର୍ଷ ବୟସରେ ସେ ଏଥେନ୍ସର ମୁଖ୍ୟ ଶାସନାଧିକାରୀ ବା ଆର୍କନ ପଦବୀ ଅଳଙ୍କୃତ କରିଥିଲେ। ଗରିବ, ଭୂମିହୀନ, ଅସହାୟ ଲୋକମାନଙ୍କ ପାଇଁ ତାଙ୍କର ଥିଲା ଗଭୀର ସହାନୁଭୂତି। ତାଙ୍କ ସମୟରେ ଗ୍ରୀସ୍‌ର କଳା, ସ୍ଥାପତ୍ୟ, ସାହିତ୍ୟ, ଦର୍ଶନ ଆଦି ଉନ୍ନତିର ଚରମ ସୀମାରେ ପହଞ୍ଚିପାରିଥିଲା। ଏଥେନୀୟ ସଂସ୍କୃତି ସମଗ୍ର ଇଉରୋପର ଦୃଷ୍ଟି ଆକର୍ଷଣ କରିଥିଲା। ସେଥିପାଇଁ ଅନେକ ପେରିକ୍ଲିସ୍‌ଙ୍କ ସମୟକୁ ଗ୍ରୀସ୍‌ର ସୁବର୍ଣ୍ଣଯୁଗ ବୋଲି କହିଥାନ୍ତି। ନିରବଚ୍ଛିନ୍ନ ଭାବରେ ୩୦ ବର୍ଷକାଳ ସେ ଷ୍ଟ୍ରାଟେଗସ୍ ପଦରେ ରହିଥିଲେ। ଖ୍ରୀ.ପୂ. ୪୨୯ରେ ପେରିକ୍ଲିସ୍ ମୃତ୍ୟୁବରଣ କରିଥିଲେ।

## ଶାସନ ବ୍ୟବସ୍ଥା (ପ୍ରତ୍ୟେକ୍ଷ ଗଣତନ୍ତ୍ରର କାର୍ଯ୍ୟକାରିତା) :

ଏଥେନୀୟମାନଙ୍କର ସାଧାରଣ ସଭାକୁ ଇକ୍ଲେସିଆ କୁହାଯାଉଥିଲା। ଯେଉଁ ନାଗରିକମାନଙ୍କ ନାମ ଡେମ୍‌ସ ଦ୍ୱାରା ପ୍ରସ୍ତୁତ ତାଲିକାରେ ଥିଲା ସେମାନେ କେବଳ ଇକ୍ଲେସିଆ ସଭାରେ ଅଂଶ ଗ୍ରହଣ କରିବା ସଂଗେ ସଂଗେ ଭୋଟ ମଧ୍ୟ ଦେଇପାରୁଥିଲେ। ଇକ୍ଲେସିଆର ସଭ୍ୟ ହେବାପାଇଁ ସର୍ବନିମ୍ନ ବୟସ ଥିଲା ୧୮ ବର୍ଷ। ବାଉଲ ଦ୍ୱାରା ଇକ୍ଲେସିଆ ସଭା ଆହୁତ ହେଉଥିଲା। ପ୍ନିକ୍‌ସ (Pnyx) ନାମକ ସ୍ଥାନରେ ଅଥବା 'ଡାଇନୋସିଅସ୍‌ଙ୍କ ନାଟ୍ୟ ମଣ୍ଡପ' ଠାରେ ଇକ୍ଲେସିଆର ସାଧାରଣ ସଭା ଅନୁଷ୍ଠିତ ହେଉଥିଲା। ଖ୍ରୀ.ପୂ. ୪୫୦ରେ ପେରିକ୍ଲିସ୍ ନାଗରିକତା ନିୟମରେ ପରିବର୍ତ୍ତନ କରିଥିଲେ। ଯେଉଁମାନଙ୍କର ବାପା ମାଆ ଏଥେନ୍ସର ମୂଳ ବାସିନ୍ଦା ହୋଇଥିବେ, ସେହିମାନଙ୍କୁ କେବଳ ରାଜନୈତିକ ଅଧିକାର ସହିତ ନାଗରିକତା ପ୍ରଦାନ କରାଗଲା। ସର୍ବୋଚ୍ଚ ଶାସକ ବା ଆର୍କନଙ୍କୁ ନିର୍ବାଚନ ମାଧ୍ୟମରେ ନିଯୁକ୍ତି ଦିଆଗଲା। ପୂର୍ବରୁ ସାଧାରଣତଃ ସମ୍ଭ୍ରାନ୍ତ ବଂଶୀୟ ବ୍ୟକ୍ତିମାନେ ଆର୍କନ ହେବାର ଗୌରବ ଲାଭ କରୁଥିଲେ। କିନ୍ତୁ ଖ୍ରୀ.ପୂ. ୪୫୬ରେ ପେରିକ୍ଲିସ ଏହି ପଦବୀକୁ ସବୁ ଶ୍ରେଣୀର ଲୋକଙ୍କ ପାଇଁ ଉନ୍ମୁକ୍ତ କରିଥିଲେ। ଇକ୍ଲେସିଆକୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ପାଞ୍ଚଶହ ସଭ୍ୟ ବିଶିଷ୍ଟ ଅନ୍ୟ ଏକ ପରିଷଦ ଥିଲା। ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଯୁକ୍ତି ପାଇଥିବା ଦଶଜଣ ଆର୍କନଙ୍କ ମଧ୍ୟରେ ପେରିକ୍ଲିସ୍ ଥିଲେ ସର୍ବଶ୍ରେଷ୍ଠ। ସରକାରୀ କର୍ମଚାରୀମାନଙ୍କୁ ପ୍ରଥମକରି ପେରିକ୍ଲିସ୍ ପ୍ରତ୍ୟେକ୍ଷ ଦରମା ଦେବାର ବ୍ୟବସ୍ଥା କରିଥିଲେ। ଫଳରେ ସେମାନଙ୍କ ମଧ୍ୟରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥିଲା। ଯଦିଓ ନାରୀମାନେ ରାଜନୈତିକ ଅଧିକାରରୁ ବଞ୍ଚିତ ଥିଲେ, ତଥାପି ସେମାନଙ୍କର ସ୍ୱାଧୀନତାକୁ ଗୁରୁତ୍ୱ ଦିଆଯାଇଥିଲା।

ପେରିକ୍ଲିସ୍‌ଙ୍କ ସମୟରେ ଗ୍ରୀସ୍‌ର ଲୋକସଂଖ୍ୟା ଥିଲା ୨,୮୦,୦୦୦ । ସେମାନଙ୍କ ମଧ୍ୟରୁ ୧,୦୦,୦୦୦ ଥିଲେ କ୍ରୀତଦାସ ଏବଂ ୨୦,୦୦୦ ଥିଲେ ବିଦେଶୀ । କ୍ରୀତଦାସ ଓ ବିଦେଶୀଙ୍କର ରାଜନୈତିକ ଅଧିକାର ନ ଥିଲା । ଅବଶିଷ୍ଟ ୧,୬୦,୦୦୦ ଜନତାଙ୍କ ମଧ୍ୟରୁ କେବଳ ୫୦,୦୦୦ ସାବାଳକ ନାଗରିକ ଯେଉଁମାନଙ୍କର ରାଜନୀତିରେ ଅଂଶ ଗ୍ରହଣ କରିବାର ଅଧିକାର ଥିଲା । ମହିଳାମାନେ ରାଜନୈତିକ ଅଧିକାର ଉପଭୋଗ କରିପାରୁନଥିଲେ । ୫୦,୦୦୦ ମଧ୍ୟରୁ ଖୁବ୍ କମ୍ ଲୋକ ରାଜନୈତିକ ପ୍ରକ୍ରିୟାରେ ଅଂଶ ଗ୍ରହଣ କରୁଥିଲେ । ସମସ୍ତ ନାଗରିକ ଜାତୀୟ ସଭାର ସଦସ୍ୟ ଥିଲେ । ବର୍ଷକୁ ଦଶଥର ଜାତୀୟ ସଭାର ଅଧିବେଶନ ବସୁଥିଲା । ଜାତୀୟ ସଭାକୁ ସାହାଯ୍ୟ କରିବା ପାଇଁ ୫୦୦ ସଦସ୍ୟ ବିଶିଷ୍ଟ ଅନ୍ୟ ଏକ ପରିଷଦ ଥିଲା । ଶାସନର ବିଭିନ୍ନ ଦିଗକୁ ତଦାରଖ କରିବା ଏହି ପରିଷଦର ମୁଖ୍ୟ କାର୍ଯ୍ୟ ଥିଲା । ସରକାରୀ କାର୍ଯ୍ୟକୁ ସହଜ କରିବା ପାଇଁ ବିଭିନ୍ନ ବିଭାଗକୁ ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯାଇଥିଲା । ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଦଶଜଣ ଜେନେରାଲଙ୍କୁ ନିର୍ବାଚିତ କରାଯାଉଥିଲା ଯେଉଁମାନଙ୍କୁ ଷ୍ଟ୍ରାଟେଗସ୍ କୁହାଯାଉଥିଲା । ଏମାନଙ୍କୁ ବର୍ଷକ ପାଇଁ ଜାତୀୟ ସଭା ଇକ୍ଲେସିଆ ନିର୍ବାଚିତ କରୁଥିଲା । ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ବହିଷ୍କାର କରିବାପାଇଁ ଲୋକଙ୍କ ପାଖରେ 'ଅଷ୍ଟାସିଜମ୍' ରୂପକ ଅସ୍ତ୍ର ଥିଲା । ପେରିକ୍ଲିସ୍‌ଙ୍କ ସମୟରେ ସମଗ୍ର ଏଥେନ୍ସରେ ଏକ ପ୍ରକାର ଆଇନକାନୁନ୍ ପ୍ରଚଳିତ ଥିଲା ଓ ଆଇନ ସମସ୍ତଙ୍କ ପାଇଁ ସମାନ ଥିଲା । ନାଗରିକମାନେ ସେମାନଙ୍କର ଦାୟିତ୍ୱ ପ୍ରତି ସଚେତନ ଥିଲେ ଏବଂ ସମାଜରେ ନିଜ ନିଜର କର୍ତ୍ତବ୍ୟକୁ ନେଇ କୌଣସି ବିଶୃଙ୍ଖଳା ସୃଷ୍ଟି ହେଉନଥିଲା । ନାଗରିକମାନେ ବାସ୍ତବ ସ୍ୱାଧୀନତା ଉପଭୋଗ କରୁଥିଲେ । ବାସ୍ତବରେ ପେରିକ୍ଲିସ୍‌ଙ୍କ ସମୟରେ ପ୍ରତ୍ୟକ୍ଷ ଗଣତନ୍ତ୍ର ସୁଚାରୁରୂପେ କାର୍ଯ୍ୟ କରୁଥିଲା ।

## କଳା ଓ ସ୍ଥାପତ୍ୟ :

ପେରିକ୍ଲିସ୍‌ଙ୍କ ପୃଷ୍ଠପୋଷକତାରେ ଗ୍ରୀସ୍‌ର କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ଚିତ୍ରକଳା ଉନ୍ନତିର ଶିଖରରେ ପହଞ୍ଚିଥିଲା । ଖ୍ରୀ.ପୂ. ୫୦୦ର ଆରମ୍ଭ ବେଳକୁ ଗ୍ରୀସ୍ ଏବଂ ପର୍ସିଆ ମଧ୍ୟରେ ଘୋର ଶତ୍ରୁତା ଲାଗି ରହିଥିଲା । ପର୍ସିଆକୁ ପରାସ୍ତକରିବା ପାଇଁ ଏଥେନ୍ସ ଓ ସ୍ପାର୍ଟା ମିଳିତ ଭାବରେ ଯୁଦ୍ଧରେ ଯୋଗ ଦେଇଥିଲେ ଏବଂ ଜୟଲାଭ କରିଥିଲେ । ଏହି ଯୁଦ୍ଧରେ ଏଥେନ୍ସର ପ୍ରଭୂତ କ୍ଷୟକ୍ଷତି ହୋଇଥିଲା । ଅନେକ ସୁନ୍ଦର ମନ୍ଦିର ଏବଂ ଅଟ୍ଟାଳିକା ଭାଙ୍ଗିରୁଜି ଯାଇଥିଲା । ପେରିକ୍ଲିସ୍ କ୍ଷମତାକୁ ଆସିବା ପରେ ଏ ସବୁର ନବୀକରଣ କରିବା ସଂଗେ ସଂଗେ ଏଥେନ୍ସକୁ ବାହ୍ୟଶତ୍ରୁଙ୍କ ଆକ୍ରମଣରୁ ରକ୍ଷାକରିବା ପାଇଁ ଏଥେନ୍ସର ଚତୁଃପାର୍ଶ୍ୱରେ ଏକ ପ୍ରାଚୀର ନିର୍ମାଣ କରିଥିଲେ । ଆକ୍ରୋପଲି ପର୍ବତର ଦକ୍ଷିଣକୁ ପାର୍ଥେନନ ମନ୍ଦିର ନିର୍ମାଣ କରାଇଥିଲେ । ଏହାକୁ ଗ୍ରୀସ୍‌ର ପ୍ରଖ୍ୟାତ ସ୍ଥପତି ଇକ୍‌ଟିନସ୍ ନିର୍ମାଣ କରିଥିଲେ । ଶିଳ୍ପୀ ଫିଡିଆସ୍‌ଙ୍କ ଦ୍ୱାରା ନିର୍ମିତ ଦେବୀ ଏଥେନାଙ୍କର ଏକ ବିଶାଳ ମୂର୍ତ୍ତି ଏହି ମନ୍ଦିରରେ ସ୍ଥାପିତ ହୋଇଥିଲା । ଏଥେନାଙ୍କର ୪୦ ଫୁଟ ଉଚ୍ଚ ମୂର୍ତ୍ତିଟି କାଠରେ ନିର୍ମିତ ହୋଇଥିଲା, ଏଥିରେ ହାତୀଦାନ୍ତ, ସୁନା ଆଦି ମୂଲ୍ୟବାନ ଧାତୁ ଖଞ୍ଜା ଯାଇଥିଲା । ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ଦେବୀକୁ ସଜ୍ଜା ଯାଇଥିଲା । ଶ୍ୱେତ ମାର୍ବଲରେ ନିର୍ମିତ ପାର୍ଥେନନ ମନ୍ଦିର ବାସ୍ତବରେ ଗ୍ରୀସ୍ ସ୍ଥାପତ୍ୟର ଏକ ଜ୍ୱଳନ୍ତ ନିଦର୍ଶନ । ଆକ୍ରୋପଲି ପର୍ବତର ପଶ୍ଚିମ ପାର୍ଶ୍ୱରେ ନିର୍ମିତ ହୋଇଥିଲା ବିଜୟ ମନ୍ଦିର (Temple of Victory) ଏବଂ ଏହାର ଅନ୍ୟପାର୍ଶ୍ୱରେ ଦେବୀ ଏଥେନାଙ୍କର ଥିଲା ଏକ ବିଶାଳ ମୂର୍ତ୍ତି । କହିବାକୁ ଗଲେ ଆକ୍ରୋପଲି ପର୍ବତ ଗ୍ରୀକ୍ କଳା

ସ୍ଥାପତ୍ୟର ଥିଲା ଶ୍ରେଷ୍ଠ ନିଦର୍ଶନ । ଶିଳ୍ପୀ ଫିଡ଼ିଆସ୍‌ଙ୍କର ଅନ୍ୟ ଏକ ବିଖ୍ୟାତ କୃତି ହେଉଛି ଅଲମ୍ପିଆଠାରେ ସ୍ଥାପିତ ଜିଅସ୍ (Zeus) ଙ୍କର ମୂର୍ତ୍ତି । ମୁକ୍ତ ରଂଗମଂଚ ନିର୍ମାଣ କରି ଗ୍ରୀକ୍‌ମାନେ ମଧ୍ୟ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି । ଚିତ୍ରକଳା କ୍ଷେତ୍ରରେ ମଧ୍ୟ ଗ୍ରୀକ୍‌ମାନେ ନିଜର ପାରଦର୍ଶିତା ଦେଖାଇ ଅଛନ୍ତି । ପେରିକ୍ଲିସ୍ ଯୁଗର ଜଣେ ଶ୍ରେଷ୍ଠ ଚିତ୍ରକର ହେଉଛନ୍ତି ପେଲୋଗ୍ନୋଟ୍‌ସ (Pelognotes) । କ୍ରୀଡ଼ା କ୍ଷେତ୍ରରେ ଗ୍ରୀକ୍‌ମାନେ ବେଶ୍ ସଫଳତା ହାସଲ କରିଥିଲେ । ଅଲମ୍ପିଆଠାରେ ଅଲିମ୍ପିକ କ୍ରୀଡ଼ାର ଶୁଭାରମ୍ଭ କରିଥିଲେ ଗ୍ରୀକ୍‌ମାନେ । ଆଜି ସାରା ବିଶ୍ୱରେ ଅଲିମ୍ପିକ କ୍ରୀଡ଼ା ସୁନାମ ଅର୍ଜନ କରିଛି । ପ୍ରତି ଚାରି ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି କ୍ରୀଡ଼ାରେ ବିଶ୍ୱର ବିଭିନ୍ନ ଦେଶରୁ କ୍ରୀଡ଼ାବିତ୍‌ମାନେ ଯୋଗ ଦେଇଥାନ୍ତି । ଶାନ୍ତି, ମୈତ୍ରୀ ଓ ଭାତୃଭାବର ପ୍ରତୀକ ହେଉଛି ଅଲମ୍ପିକ କ୍ରୀଡ଼ା ।

## ସାହିତ୍ୟ ଓ ଇତିହାସ :

ପେରିକ୍ଲିସ୍‌ଙ୍କ ଯୁଗକୁ ଗ୍ରୀକ୍ ସାହିତ୍ୟର ସୁବର୍ଣ୍ଣ ଯୁଗ ବୋଲି କୁହାଯାଏ । ଏହି ସମୟର କେତେଜଣ ଲବ୍‌ଧ ପ୍ରତିଷ୍ଠିତ ଲେଖକ ଓ କବି ହେଉଛନ୍ତି ଏସ୍‌କାଇଲସ୍ (Aeschylus), ସୋଫୋକ୍ଲିସ୍ (Sophocles) ଏବଂ ଇଉରିପାଇଡ୍‌ସ (Euripides) । ଏସ୍‌କାଇଲସ୍ ହେଉଛନ୍ତି ଜଣେ ବିଶିଷ୍ଟ ନାଟ୍ୟକାର । ତାଙ୍କର ପ୍ରମୁଖ ନାଟକ ମଧ୍ୟରେ ରହିଛି 'ପର୍ସିଆନ' ଓ 'ପ୍ରୋମୋଥଅସ୍ ବାଉଣ୍ଡ' । ସୋଫୋକ୍ଲିସ୍‌ଙ୍କର କେତୋଟି ପୌରାଣିକ ନାଟକ ହେଉଛି 'ଦି ଆଣ୍ଟିଗୋନ୍' (The antigone), ଓଡିପସ୍ ରେକ୍ସ (Oedipus Rex) ଏବଂ ଇଲେକ୍ଟ୍ରା (Electra) । ଇଉରିପାଇଡିସ୍‌ଙ୍କର ସର୍ବଶ୍ରେଷ୍ଠ ନାଟକ ହେଉଛି 'ଟ୍ରୋଜାନ ୱିମେନ' (Trojan Women) । କମେଡ଼ି ନାଟ୍ୟକାର ଆରିଷ୍ଟୋଫିନ୍‌ସଙ୍କର ନାଟକଗୁଡ଼ିକ ମଧ୍ୟରେ ଦି ଲିସିସେଟ୍ରେ, ଦି ଫ୍ରଗ୍‌ସ ଏବଂ ଦି କ୍ଲାଉଡ଼ସ୍ ଆଦି ପ୍ରଧାନ । ଏହି ସମୟର ଜଣେ ପ୍ରଖ୍ୟାତ ଗୀତିକବି ଥିଲେ ପିଣ୍ଡାର । ପୃଥିବୀର ପ୍ରଥମ ନାରୀକବି ସାଫୋ ମଧ୍ୟ ପେରିକ୍ଲିସ୍ ଯୁଗର । ହୋମରଙ୍କ ଲିଖିତ 'ଇଲିଆଡ୍ ଓ ଓଡେଶୀ' ଯଦିଓ ପେରିକ୍ଲିସଙ୍କ ପୂର୍ବରୁ ଲେଖା ହୋଇଥିଲା, ଏହା ଥିଲା ପୃଥିବୀର ପ୍ରଥମ କାବ୍ୟ ।

ଇତିହାସ ଲେଖିବାରେ ଗ୍ରୀକ୍‌ମାନେ ଥିଲେ ପୃଥିବୀରେ ପ୍ରଥମ । ନିଜ ଅତୀତର କାର୍ଯ୍ୟାବଳୀକୁ ଲିପିବଦ୍ଧ କରିବାରେ ଗ୍ରୀକ୍‌ମାନେ ଥିଲେ ସବୁଠାରୁ ଆଗରେ । ଇତିହାସର ଜନକ ହେରୋଡ଼ଟାସ୍‌ଙ୍କ ସମୟ ଥିଲା ଖ୍ରୀ.ପୂ. ୪୯୫ରୁ ଖ୍ରୀ.ପୂ. ୪୨୯ । ଗ୍ରୀକ୍-ପର୍ସିଆ ଯୁଦ୍ଧର ପ୍ରତ୍ୟକ୍ଷ ଦ୍ରଷ୍ଟା ଥିଲେ ହେରୋଡଟାସ୍ । ଐତିହାସିକ ଉପାଦାନର ସତ୍ୟତା ପରୀକ୍ଷା କରିବା ପାଇଁ ମିଶର, ବେବିଲୋନିଆ ଓ ସିରିଆ ପ୍ରଭୃତି ସ୍ଥାନ ଭ୍ରମଣ କରିଥିଲେ । ଏହି ସମୟର ଅନ୍ୟତମ ଐତିହାସିକ ଥିଲେ ଥୁସିଡାଇଡିସ୍ (ଖ୍ରୀ.ପୂ. ୪୪୬-୩୯୫) । ବୈଜ୍ଞାନିକଧାରାରେ ଇତିହାସ ଲେଖିବାରେ ସେ ଥିଲେ ପ୍ରଥମ । ଏଥେନ୍ସ ଓ ସ୍ପାର୍ଟା ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ପେଲୋପନେସୀୟ ଯୁଦ୍ଧର ସମସ୍ତ ବିବରଣୀ ସେ ଲିପିବଦ୍ଧ କରିଥିଲେ । ଜେନୋଫେନ୍ ଥିଲେ ପେରିକ୍ଲିସ୍ ଯୁଗର ଆଉ ଜଣେ ଐତିହାସିକ । ଏମାନେ ଇତିହାସ ଲେଖାର ଯେଉଁ ଧାରା ସୃଷ୍ଟି କରିଥିଲେ, ତାହା ପରବର୍ତ୍ତୀ ସମୟରେ ବିଶ୍ୱର ଅନ୍ୟ ଐତିହାସିକମାନେ ଅନୁସରଣ କରିଥିଲେ ।

## ଦର୍ଶନ :

ପେରିକ୍ଲିସ୍‌ଙ୍କ ସମୟରେ ଗ୍ରୀସ୍‌ରେ ସ୍ୱନାମଧନ୍ୟ ଦାର୍ଶନିକ ମାନଙ୍କର ଆବିର୍ଭାବ ଘଟିଥିଲା । 'ସୋଫିଷ୍ଟ' ନାମକ ଏକ ଜ୍ଞାନୀ-ଗୁଣି ଶିକ୍ଷକ ଗୋଷ୍ଠୀ ଗ୍ରୀକ୍ ଦର୍ଶନ ଧାରାକୁ ଅନୁସନ୍ଧାନମୁଖୀ କରିଥିଲେ । ଏହି ବିଜ୍ଞ ଶିକ୍ଷକଗୋଷ୍ଠୀ ଗ୍ରୀସ୍‌ରେ ଅଧ୍ୟୟନ, ଲେଖନ, ସଂଗୀତ, ନୃତ୍ୟ ଏବଂ ବ୍ୟାୟାମ ଆଦିର ପ୍ରସାର ପାଇଁ ଚେଷ୍ଟିତ ଥିଲେ । ଗ୍ରୀକ୍ ଯୁବସମାଜକୁ ଉଚିତ ମାର୍ଗରେ ପରିଚାଳିତ କରିବା ପାଇଁ ଏହି ସୋଫିଷ୍ଟମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପେରିକ୍ଲିସ୍‌ଙ୍କ ସମୟରେ ଗ୍ରୀସର ପ୍ରଖ୍ୟାତ ଦାର୍ଶନିକ ଥିଲେ ସକ୍ରେଟିସ୍ ଓ ପ୍ଲାଟୋ । ସକ୍ରେଟିସ୍ (ଖ୍ରୀ.ପୂ. ୪୬୯-୩୯୯) ଗ୍ରୀସ୍‌ରେ ଜଣେ ବିଜ୍ଞ ବ୍ୟକ୍ତି ଭାବରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ସମାଜରୁ ଅଜ୍ଞାନତା ଓ ଅନ୍ଧବିଶ୍ୱାସ ଦୂରକରି ସତ୍ୟ ପ୍ରତିଷ୍ଠା କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା । ଯୁବକମାନଙ୍କୁ ଉଚିତ ରାଜନୈତିକ ଶିକ୍ଷାପ୍ରଦାନ ସହିତ ଉପଯୁକ୍ତ ନାଗରିକରୂପେ ଗଢ଼ି ତୋଳିବା ପାଇଁ ସକ୍ରେଟିସ୍ ଜୀବନର ବ୍ରତ ବୋଲି ଧରିନେଇଥିଲେ । କିନ୍ତୁ ଯୁବକମାନଙ୍କୁ ଭୁଲ୍ ବାଟରେ ପରିଚାଳିତ କରୁଛନ୍ତି ବୋଲି ତାଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ କରାଗଲା । କିନ୍ତୁ ସତ୍ୟ ପଥରୁ ଟିକିଏବି ନ ଓହରି ସେ ହସି ହସି ନିଜ ଜୀବନ ଉତ୍ସର୍ଗ କରି ଦେଇଥିଲେ । ପରବର୍ତ୍ତୀ ସମୟରେ ଗ୍ରୀସ୍‌ର ଜନସାଧାରଣ ସକ୍ରେଟିସ୍‌ଙ୍କ ଭାବଧାରାରେ ବହୁଳ ଭାବରେ ଅନୁପ୍ରାଣୀତ ହୋଇଥିଲେ ।

ଅନ୍ୟତମ ଦାର୍ଶନିକ ପ୍ଲାଟୋ (ଖ୍ରୀ.ପୂ. ୪୨୯-୩୪୭) ଥିଲେ ସକ୍ରେଟିସ୍‌ଙ୍କର ପ୍ରିୟ ଶିଷ୍ୟ । ଏଥେନ୍ସରେ ଏକ ଏକାଡ଼େମୀ ପ୍ରତିଷ୍ଠା କରି ଗ୍ରୀସ୍‌ରେ ଜ୍ଞାନ ବିତରଣ କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା । ତାଙ୍କର ପ୍ରଖ୍ୟାତ ପୁସ୍ତକ 'ଦି ରିପବ୍ଲିକ'ରେ ସେ ଗଣତନ୍ତ୍ର ଶାସନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି । ଗଣତନ୍ତ୍ର ଶାସନରେ ସରକାର ପରିଚାଳନାର ଭାର ବୁଦ୍ଧିଜୀବୀମାନଙ୍କ ହାତରେ ରହିବା ଉଚିତ୍ ବୋଲି ପ୍ଲାଟୋ ମତବ୍ୟକ୍ତ କରିଥିଲେ । ଦେଶର ଶାସନକର୍ତ୍ତା ସ୍ୱେଚ୍ଛାଚାରୀ ହେଲେ ମଧ୍ୟ ଲୋକମାନଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରିବା ଆବଶ୍ୟକ । ଦାର୍ଶନିକ ବା ବିଜ୍ଞ ବ୍ୟକ୍ତିମାନଙ୍କ ପରାମର୍ଶ ଗ୍ରହଣ କରି ଶାସନ କରିବା ଉଚିତ ବୋଲି ପ୍ଲାଟୋ କହିଥିଲେ । ତାଙ୍କର ଅନ୍ୟାନ୍ୟ ଦାର୍ଶନିକ ପୁସ୍ତକମାନଙ୍କ ମଧ୍ୟରେ ଡାଇଲଗ୍ (Dialogue) ଏବଂ ଆପୋଲଜୀ (Apology) ଖୁବ୍ ପ୍ରତିଷ୍ଠା ଅର୍ଜନ କରିଥିଲା । ପ୍ରାଚୀନ ଗ୍ରୀସ୍‌ର ଜଣେ ପ୍ରମୁଖ ଓ ବିଶିଷ୍ଟ ରାଜନୈତିକ ପ୍ରବକ୍ତା ଭାବରେ ପ୍ଲାଟୋ ପ୍ରଥମ ସ୍ଥାନ ଗ୍ରହଣ କରିଥିଲେ ।

ପ୍ଲାଟୋଙ୍କର ସର୍ବଶ୍ରେଷ୍ଠ ଶିଷ୍ୟଥିଲେ ଆରିଷ୍ଟଟଲ (ଖ୍ରୀ.ପୂ. ୩୮୪-୩୨୨) । ପ୍ଲାଟୋଙ୍କ ପ୍ରତିଷ୍ଠିତ 'ଏକାଡ଼େମୀ'ରେ ସେ ଶିକ୍ଷାଲାଭ କରିଥିଲେ । ତାଙ୍କ ମତରେ ସତ୍ୟକୁ ଆବିଷ୍କାର କରିବାକୁ ହେଲେ ଆମ ଇନ୍ଦ୍ରିୟ ଓ ମନ ଉପରେ ବିଶ୍ୱାସ ରଖିବାକୁ ହେବ । ବସ୍ତୁର ଗୁଣକୁ ପରିବର୍ତ୍ତନ କରି ବସ୍ତୁକୁ ବଦଳାଇ ଦେବାର ଶକ୍ତି ଆମର ରହିବା ଦରକାର ବୋଲି ସେ କହୁଥିଲେ । ବିଶ୍ୱ ଏବଂ ବିଶ୍ୱର ବିଭିନ୍ନ ଉପାଦାନଗୁଡ଼ିକ ସଂପର୍କରେ ଆରିଷ୍ଟଟଲଙ୍କ ଯୁକ୍ତି ଥିଲା ଅକାଟ୍ୟ । ଅନେକ ସମୟରେ ସେ ତାଙ୍କର ନିଜ ତତ୍ତ୍ୱକୁ ପରୀକ୍ଷା କରିବା ପାଇଁ ସକ୍ଷମ ହେଉନଥିଲେ ମଧ୍ୟ ଅନ୍ୟମାନଙ୍କ ଦ୍ୱାରା ତାହାକୁ ବୁଝିବା ଅତି ସହଜ ହେଉଥିଲା । ଆରିଷ୍ଟଟଲଙ୍କ ବିଭିନ୍ନ ତତ୍ତ୍ୱ ପାଶ୍ଚାତ୍ୟ ବିଜ୍ଞାନ ଜଗତର ଅବିଚ୍ଛେଦ୍ୟ ଅଂଗ ହୋଇ ରହିଛି । ପରବର୍ତ୍ତୀ ସମୟରେ ଆରିଷ୍ଟଟଲ୍ ରାଜନୀତି ବିଜ୍ଞାନର ଜନକ ଭାବରେ ପରିଚିତ ହେଲେ ।

## ସାରାଂଶ

ଖ୍ରୀ.ପୂ. ୨୦୦୦ରୁ ଖ୍ରୀ.ପୂ. ୧୫୦୦ ମଧ୍ୟରେ ଗ୍ରୀକ୍ ଉପଦ୍ୱୀପର ଉତ୍ତରରେ ଅବସ୍ଥିତ ମାସିଡନ୍ ଆଡୁ ବିଭିନ୍ନ ଆର୍ଯ୍ୟଗୋଷ୍ଠୀର ଲୋକ ଦଳଦଳ ହୋଇ ଗ୍ରୀସ୍‌ରେ ପ୍ରବେଶ କରି ବସତି ସ୍ଥାପନ କଲେ । ଏହାଦ୍ୱାରା ପରବର୍ତ୍ତୀ ସମୟରେ ଯେଉଁ ନୂତନ ସଭ୍ୟତା ସୃଷ୍ଟି ହେଲା ତାହାକୁ କୁହାଗଲା ଗ୍ରୀକ୍ ସଭ୍ୟତା । ହୋମରଙ୍କ ଲିଖିତ ମହାକାବ୍ୟ ଇଲିଆଡ୍ ଓ ଓଡ଼େଶୀରୁ ଗ୍ରୀକ୍ ସଭ୍ୟତା ସଂପର୍କରେ ଅନେକ ତଥ୍ୟ ମିଳିଥାଏ । ଗ୍ରୀସ୍‌ର ଭୌଗୋଳିକ ସ୍ଥିତି ଏହାକୁ ବିଭିନ୍ନ ଭାବରେ ପ୍ରଭାବିତ କରିଥିଲା । ଗ୍ରୀକ୍‌ମାନେ ଥିଲେ ଦୀର୍ଘକାୟ ଓ ଗୌରବର୍ଣ୍ଣ । ଏଥେନ୍ସ ଓ ସ୍ପାର୍ଟା ଥିଲେ ଗ୍ରୀସ୍‌ର ଦୁଇଟି ଉନ୍ନତ ନଗର ରାଜ୍ୟ । ଏଥେନ୍ସର ସଂସ୍କୃତି ସାରା ବିଶ୍ୱର ସଂସ୍କୃତିକୁ ପରିପୁଷ୍ଟ କରିଥିଲା । ଏଥେନ୍ସ ନଗର ରାଜ୍ୟରେ ଗଣତନ୍ତ୍ରର ବିକାଶ ଘଟିଥିଲା । ପ୍ରତ୍ୟକ୍ଷ ଗଣତନ୍ତ୍ର ଏହାର ବିଶେଷତ୍ୱ । ଡ୍ରାକୋ ନାମକ ଜଣେ ସମ୍ଭ୍ରାନ୍ତ ବଂଶୀୟ ରାଜନୀତିଜ୍ଞ ପ୍ରଥମ କରି ଆଇନକୁ ଲିପିବଦ୍ଧ କରିଥିଲେ । ସୋଲୋନ ଓ କ୍ଲାଇସ୍ଥେନିସ୍ ଗ୍ରୀସ୍‌ରେ ଗଣତନ୍ତ୍ର ଶାସନ ପ୍ରଚଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସକ୍ରେଟିସ୍, ପ୍ଲାଟୋ, ଆରିଷ୍ଟଟଲ୍‌ଙ୍କ ପରି ଦାର୍ଶନିକମାନେ ଗ୍ରୀକ୍ ଦର୍ଶନ ଜଗତକୁ ସମୃଦ୍ଧ କରିଥିଲେ । ପେରିକ୍ଲିସ୍‌ଙ୍କ ସମୟକୁ ଗ୍ରୀକ୍ ଇତିହାସର ସୁବର୍ଣ୍ଣ ଯୁଗ କୁହାଯାଏ । ଏହି ସମୟରେ ଗ୍ରୀସ୍‌ର କଳା, ସ୍ଥାପତ୍ୟ, ସାହିତ୍ୟ, ବିଜ୍ଞାନ ଓ ଦର୍ଶନ ଆଦି ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା । ଗ୍ରୀସ୍‌କୁ ପାଶ୍ଚାତ୍ୟ ଜଗତର ସଂସ୍କୃତିର ଜନନୀ ବୋଲି କୁହାଯାଏ । ପ୍ରଖ୍ୟାତ ଐତିହାସିକ ହେରୋଡଟାସ୍ ଗ୍ରୀସ୍‌ରେ ଜନ୍ମଗ୍ରହଣ କରିଥିଲେ ଓ ଇତିହାସର ଜନକରୂପେ ପରିଚିତ ଥିଲେ ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର।

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛିଲେଖ।

(କ) କେଉଁ ଦେଶର ଅଧିବାସୀଙ୍କୁ ହେଲେନିଜ୍ କୁହାଯାଏ ?

(i) ଇଟାଲୀ (ii) ଗ୍ରୀସ (iii) ଚୀନ (iv) ରୋମ

(ଖ) ଗ୍ରୀସରେ ଅଷ୍ଟ୍ରାସିଜମ୍ କିଏ ପ୍ରଚଳନ କରିଥିଲେ ?

(i) ଡ୍ରାକୋ (ii) କ୍ଲିସ୍ଥିନେଜ (iii) ସୋଲୋନ (iv) ପିସିଷ୍ଟ୍ରାଟସ୍

(ଗ) ସ୍ପାର୍ଟାର ଦାସମାନଙ୍କୁ କ'ଣ କୁହାଯାଉଥିଲା ?

(i) ସମ୍ଭ୍ରାନ୍ତ (ii) ଡ଼ୋରିଆନ (iii) ହେଲଟ (iv) ପେରିଓକୋ

(ଘ) ଏଥେନ୍ସରେ ନାଗରିକମାନଙ୍କ ସାଧାରଣ ସଭାକୁ କ'ଣ କୁହାଯାଉଥିଲା ?

(i) ଏକ୍ଲିସିଆ (ii) ଡେମ୍ (iii) ଥେଟସ୍ (iv) ଅଷ୍ଟ୍ରାକନ୍

(ଙ) ଏଥେନ୍ସରେ ଥେଟସ୍ କାହାକୁ କୁହାଯାଉଥିଲା ?

(i) ଦରିଦ୍ର ବ୍ୟକ୍ତି (ii) ସମ୍ଭ୍ରାନ୍ତ ବ୍ୟକ୍ତି (iii) ସେନାପତି (iv) କୃଷକ

୨. ଶୂନ୍ୟସ୍ଥାନ ପୂରଣ କର।

(କ) ଇଲିଆଡ଼ ଓ ଓଡ଼େଶୀ .........ଙ୍କ ଦ୍ୱାରା ରଚିତ।

(ଖ) ହେଲାସ୍ .........ର ଅନ୍ୟନାମ।

(ଗ) ଅଲମ୍ପିକ୍ କ୍ରୀଡ଼ା .......... ନାମକ ସ୍ଥାନରେ ଅନୁଷ୍ଠିତ ହେଉଥିଲା।

(ଘ) ଏଥେନ୍ସର ସେନାପତିମାନଙ୍କୁ ............ କୁହାଯାଉଥିଲା।

(ଙ) ଫିଡ଼ିୟାସ୍ ............. ପାଇଁ ପ୍ରସିଦ୍ଧ।

(ଚ) ......... ଇତିହାସର ଜନକ ଭାବରେ ପ୍ରସିଦ୍ଧ।

(ଛ) ସକ୍ରେଟିସ୍ ଜଣେ ବିଖ୍ୟାତ ........... ଥିଲେ।

(ଜ) ରିପବ୍ଲିକ ଗ୍ରନ୍ଥ ............. ରଚନା କରିଥିଲେ।

(ଝ) ପାର୍ଥେନନ୍ ମନ୍ଦିର .............ଙ୍କ ଦ୍ୱାରା ନିର୍ମିତ।

(ଞ) ଗ୍ରୀସ୍‌ର ତାର୍କିକ ପଣ୍ଡିତମାନେ ............ ଭାବରେ ପରିଚିତ।

## 'ଖ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ।

(କ) ଗ୍ରୀକ୍ ସଭ୍ୟତା କେଉଁ ସଭ୍ୟତାର ଭିତ୍ତିଭୂମି ଉପରେ ଗଢ଼ିଉଠିଲା ? ଏହାର ଏପରି ନାମକରଣ କାହିଁକି ହୋଇଛି ?

(ଖ) ହୋମର କିଏ ? ତାଙ୍କର ରଚନା ଗୁଡ଼ିକ ଲେଖ।

(ଗ) ଗ୍ରୀକ୍‌ମାନେ କେଉଁ ଦେବାଦେବୀଙ୍କୁ ପୂଜା କରୁଥିଲେ ?

(ଘ) ସ୍ପାର୍ଟାର ଅଧିବାସୀମାନେ ନିର୍ଭୀକ ଯୋଦ୍ଧାଭାବରେ କିପରି ପରିଚିତ ହୋଇଥିଲେ ?

(ଙ) ଅଷ୍ଟ୍ରାସିଜମ୍ କ'ଣ ? ଏହାକୁ କିଏ ପ୍ରଚଳନ କରିଥିଲେ ?

(ଚ) ଗ୍ରୀକ୍ ଇତିହାସରେ କେଉଁ ଯୁଗକୁ ସୁବର୍ଣ୍ଣ ଯୁଗ କୁହାଯାଏ ଓ କାହିଁକି ?

(ଛ) କେଉଁ କାରଣରୁ ଗ୍ରୀସ୍‌ରେ ନଗରରାଜ୍ୟ ମୁଣ୍ଡ ଟେକି ଉଠିଥିଲା ?

(ଜ) ଆକାଡେମୀ କ'ଣ ? ଏହା କାହିଁକି ସ୍ଥାପିତ ହୋଇଥିଲା ?

(ଝ) ସୋଫିଷ୍ଟମାନେ କିଏ ?

(ଞ) ଆକ୍ରୋପଲି କ'ଣ ?

୪. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର। ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ଭିତରେ ସୀମିତ ରହିବା ଉଚିତ।

(କ) ସ୍ପାର୍ଟାର ସାମରିକ ଜୀବନ କିପରି ଥିଲା ?

(ଖ) ଆକ୍ରୋପଲି ପର୍ବତର ସ୍ଥାପତ୍ୟ ସମ୍ପର୍କରେ ଆଲୋଚନା କର।

(ଗ) ସୋଫିଷ୍ଟମାନେ କେଉଁ ପ୍ରକାର କାର୍ଯ୍ୟ କରୁଥିଲେ ?

(ଘ) ଡ୍ରାକୋ କିଏ ? ତାଙ୍କର ଅବଦାନ କ'ଣ ?

(ଙ) ପେରିକ୍ଲିସ୍ ଯୁଗର ସାହିତ୍ୟ ସମ୍ପର୍କରେ ଆଲୋଚନା କର।

(ଚ) ସକ୍ରେଟିସ୍ କିଏ ? ତାଙ୍କର କ'ଣ ଅବଦାନ ଥିଲା ?

(ଛ) ପେରିକ୍ଲିସ୍ ଯୁଗର ଐତିହାସିକମାନଙ୍କ ସମ୍ପର୍କରେ ଆଲୋଚନା କର।

(ଜ) ସୋଲାନଙ୍କର ସଂସ୍କାର ବର୍ଣ୍ଣନା କର।

(ଝ) ପେରିକ୍ଲିସ୍ କିଏ ? ତାଙ୍କ ଶାସନ ବ୍ୟବସ୍ଥା ସଂପର୍କରେ ଆଲୋଚନା କର।

(ଞ) ପ୍ଲାଟୋ କିଏ ? ତାଙ୍କର ଅବଦାନ କ'ଣ ଥିଲା ଲେଖ ?

## 'ଗ' ବିଭାଗ

**ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର।**

୫. ଗ୍ରୀକ୍ ଇତିହାସକୁ ସ୍ପାର୍ଟା ଓ ଏଥେନ୍ସ ନଗରରାଜ୍ୟର ଅବଦାନ ଆଲୋଚନା କର।

୬. ଏଥେନ୍ସରେ ଗଣତନ୍ତ୍ରର ବିକାଶ ସଂପର୍କରେ ଆଲୋଚନା କର।

୭. ସ୍ପାର୍ଟା ନଗରରାଜ୍ୟ ସଂପର୍କରେ ଯାହା ଜାଣ ଲେଖ।

୮. ପେରିକ୍ଲିସ୍‌ଙ୍କ ଯୁଗକୁ ଗ୍ରୀକ୍ ଇତିହାସରେ ସୁବର୍ଣ୍ଣଯୁଗ କାହିଁକି କୁହାଯାଏ, ଆଲୋଚନା କର।

୯. ମାନବ ସଭ୍ୟତାକୁ ଗ୍ରୀକ୍‌ମାନଙ୍କର ଅବଦାନ ସଂପର୍କରେ ଆଲୋଚନା କର।

—❖—

## ପଞ୍ଚମ ଅଧ୍ୟାୟ

# ପ୍ରାଚୀନ ରୋମ

ଇଟାଲୀ ହେଉଛି ପାହାଡ଼ ପର୍ବତ ଘେରା ଏକ ଉପଦ୍ୱୀପ ଯାହାର ଦୈର୍ଘ୍ୟ ୬୦୦ ମାଇଲ ହୋଇଥିବା ବେଳେ ପ୍ରସ୍ଥ ହେଉଛି ୧୫୦ ମାଇଲ୍। ଏହାର ମେରୁଦଣ୍ଡ ହେଉଛି ଆପେନାଇନ୍ ପର୍ବତ ଯାହା ଉତ୍ତରରୁ ଦକ୍ଷିଣକୁ ବିସ୍ତୃତ ହୋଇ ରହିଛି। ଟାଇବର ନଦୀ କେନ୍ଦ୍ର ଇଟାଲୀଠାରେ ଏହାକୁ ଦୁଇଭାଗ କରି ଦେଇଛି। ଇଟାଲୀର ଉତ୍ତରସୀମାରେ ଆଲ୍‌ପସ୍ ପର୍ବତମାଳା ଏହାର ପ୍ରାକୃତିକ ସୀମା ଭଳି କାର୍ଯ୍ୟ କରୁଛି। ତିନୋଟି ବୃହତ ଜଳରାଶି ଆଡ୍ରିଆଟିକ୍ ସାଗର, ଆଓନିଆନ୍ ସାଗର ଏବଂ ଭୂମଧ୍ୟ ସାଗର ଦେଇ ବିଭିନ୍ନ ଅଂଚଳକୁ ବାଣିଜ୍ୟ ପଥ ସୃଷ୍ଟି କରିଥିଲେ। ଆଡ୍ରିଆଟିକ୍ ସାଗର ପାରହେଲେ ଇଟାଲୀଠାରୁ ଗ୍ରୀସ୍ ମାତ୍ର ୫୦ ମାଇଲ୍ ଏବଂ ସିସିଲିର ପଶ୍ଚିମ ଉପକୂଳଠାରୁ ଆଫ୍ରିକା ମାତ୍ର ୧୦୦ ମାଇଲ।

ଇଟାଲୀର ପଶ୍ଚିମ ଉପକୂଳ ତଥା ଆପେନାଇନ୍ ପର୍ବତମାଳା ନିମ୍ନ ଦେଶରେ ତିନୋଟି ସମତଳ ଭୂମି ରହିଛି, ଯେଉଁଠାରେ ମୁଖ୍ୟତଃ ଜନବସତି ଗଢ଼ି ଉଠିଥିଲା। ଉତ୍ତରରେ ଥିବା ତୁସକାନ୍ ସମତଳ ଭୂମି ପୋ ନଦୀ ପାଇଁ ଉର୍ବର ହୋଇଥିବାରୁ କୃଷି ପାଇଁ ଅତ୍ୟନ୍ତ ଉପଯୋଗୀ। ଲାଟିଅମ୍ ସମତଳ ଅଞ୍ଚଳ ହେଉଛି ଆଲ୍‌ବାଲୋଙ୍ଗା ଓ ରୋମୀୟମାନଙ୍କର ବସତି ଏବଂ ଟାଇବର ନଦୀ ଉପତ୍ୟକାର ମୁଖ୍ୟ ସହର ଯାହାକି ରୋମୀୟ ସାମ୍ରାଜ୍ୟର ବ୍ୟବସାୟ ବାଣିଜ୍ୟର କେନ୍ଦ୍ରସ୍ଥଳ। ଦକ୍ଷିଣ ଉପକୂଳସ୍ଥ କାମ୍ପାନିଆନ୍ ଅଞ୍ଚଳରେ ଇଟାଲୀର ସବୁଠାରୁ ଉତ୍କୃଷ୍ଟ ବନ୍ଦରମାନ ଦେଖିବାକୁ ମିଳେ। ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଇଟାଲୀ ମଧ୍ୟରେ କ୍ଷମତାର ଦୃଢ଼ୀକରଣ ତଥା ଇଟାଲୀ ବାହାରେ କ୍ଷମତାର ସଂପ୍ରସାରଣ ନିମିତ୍ତ ଇଟାଲୀ ଉପଦ୍ୱୀପ ଥିଲା ଅତ୍ୟନ୍ତ ପ୍ରକୃଷ୍ଟ। ଏହାର ଲାଟିଅମ୍ ସମତଳ ଅଞ୍ଚଳରେ ପ୍ରଥମ କରି ବସବାସ ଆରମ୍ଭ କରିଥିବା ଇଣ୍ଡୋ-ଇରୋପୀୟ ଜନଜାତିଙ୍କୁ ଲାଟିନ୍‌ସ ବୋଲି କୁହାଗଲା। ଏଇମାନେ ହିଁ ହେଉଛନ୍ତି ରୋମର ମୂଳ ବାସିନ୍ଦା। ସେମାନଙ୍କର ପ୍ରଥମ ନଗର ଆଲ୍‌ବାଲୋଙ୍ଗା ଖ୍ରୀ.ପୂ. ୧୦୦୦ରେ ସ୍ଥାପିତ ହୋଇଥିଲା। ପାରସ୍ୟ ସାମ୍ରାଜ୍ୟର ପତନ ଏବଂ ଆଲେକ୍‌ଜାଣ୍ଡାରଙ୍କର ମାସେଡୋନୀୟ ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡିତ ହେବାପରେ ଭୂମଧ୍ୟସାଗରୀୟ ଅଞ୍ଚଳରେ ଏକ ନୂତନ ସାମ୍ରାଜ୍ୟ ଗଢ଼ିଉଠିଲା ଯାହାକୁ କୁହାଗଲା ରୋମ ସାମ୍ରାଜ୍ୟ। ପ୍ରାଚୀନ ତଥା ସ୍ଥିର ସାମ୍ରାଜ୍ୟ ଦୃଷ୍ଟିରୁ ଏହା ଥିଲା ସର୍ବବୃହତ୍। ଇଟାଲୀ ଥିଲା ଏହି ସାମ୍ରାଜ୍ୟର କେନ୍ଦ୍ରବିନ୍ଦୁ ଏବଂ ପରବର୍ତ୍ତୀ ସମୟରେ ଏହି ସାମ୍ରାଜ୍ୟ ସମଗ୍ର ଭୂମଧ୍ୟ ସାଗରୀୟ ଅଞ୍ଚଳକୁ ବେଷ୍ଟନ କରି ରଖିଲା। ମାସେଡୋନୀୟ ସାମ୍ରାଜ୍ୟ ଖଣ୍ଡଖଣ୍ଡ ହୋଇଯିବାପରେ ରୋମୀୟମାନଙ୍କର ସାମ୍ରାଜ୍ୟ ବିସ୍ତାର ଆରମ୍ଭ ହୋଇଥିଲା। ଏହି ସମୟ ବେଳକୁ ଇଟାଲୀରେ ରୋମନଗର ସମଗ୍ର ଇଟାଲୀୟ ଉପଦ୍ୱୀପକୁ ନିଜ ନିୟନ୍ତ୍ରଣକୁ ଆଣି ସାରିଥିଲା।

ଇଟାଲୀରେ ଲାଟିନ୍ ଭାଷାଭାଷୀ ବିଭିନ୍ନ ବସତି ମଧ୍ୟରୁ ରୋମ ଥିଲା ଅନ୍ୟତମ। ଲାଟିନ୍ ହେଉଛି ଇଣ୍ଡୋ-ଇଉରୋପୀୟ ରାଜ୍ୟ ସମୂହର ଏକ ଅଂଶ। ଖ୍ରୀ.ପୂ. ୨୦୦୦ ପରବର୍ତ୍ତି ସମୟରେ ଅନେକ ଇଣ୍ଡୋ-ଇଉରୋପୀୟ

ଜନଜାତି ଇଟାଲୀରେ ବସତିସ୍ଥାପନ କରିବା ଆରମ୍ଭ କଲେ ଏବଂ ସେଠାକାର ମୂଳ ବାସିନ୍ଦା ଏଟ୍ରସ୍କାନ୍ (Etruscan) ମାନଙ୍କ ସହିତ ମିଶିଗଲେ। ଏହି ଲାଟିନ୍ ଓ ଏଟ୍ରୁସ୍କାନମାନେ ପ୍ରାଚୀନ ରୋମ ଇତିହାସର ପ୍ରଥମ ଭାଗରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଇଟାଲୀର କେନ୍ଦ୍ରାଞ୍ଚଳରେ ଟାଇବର ନଦୀ କୂଳରେ ରୋମ ଅବସ୍ଥିତ। ଇଟାଲୀୟ ଉପଦ୍ୱୀପର ପଶ୍ଚିମ ଉପକୂଳର ଅନତି ଦୂରରେ ଅବସ୍ଥିତ ରୋମ ପ୍ରାୟତଃ ଖ୍ରୀ.ପୂ. ୭୫୩ରେ ପ୍ରତିଷ୍ଠିତ ହୋଇଥିଲା। ରୋମ ନଗରୀର ପ୍ରାଚୀନ ଇତିହାସରୁ ଜଣାଯାଏ ଯେ ସପ୍ତ ପାହାଡ଼ ଉପରେ ଗଢ଼ି ଉଠିଥିବା ବସତି ସହିତ ଟାଇବର ନଦୀ ଅଞ୍ଚଳକୁ ଖ୍ରୀ.ପୂ. ୭୫୩ରେ ଏକ ପାଚେରୀ ବେଢ଼ି ରହିଥିଲା। କିନ୍ତୁ ଐତିହାସିକ ଦୃଷ୍ଟିକୋଣରୁ ଏହି ସମୟର ସତ୍ୟତା ଏପର୍ଯ୍ୟନ୍ତ ପ୍ରମାଣିତ ହୋଇପାରିନାହିଁ। ଏହାହିଁ ପ୍ରାଚୀନ ରୋମ ନଗରୀର ରୂପ ନେଇଥିଲା। ପ୍ରତ୍ନତାତ୍ତ୍ୱିକ ଉପାଦାନରୁ ପ୍ରମାଣ ମିଳେ ଯେ ଖ୍ରୀ.ପୂ. ୫୫୦ ବେଳକୁ ରୋମ ନଗରକୁ ସୁରକ୍ଷିତ କରାଯାଇଥିଲା। ଏହି ସମୟ ବେଳକୁ ସପ୍ତ ପାହାଡ଼ ଅଞ୍ଚଳର ଜନସଂଖ୍ୟା କ୍ରମଶ ବୃଦ୍ଧି ପାଇବାରେ ଲାଗିଥିଲା। ପ୍ରାଚେରୀକୁ ଲାଗି ରହିଥିବା ଗ୍ରାମୀଣ ବସତି ଏକ ବୃହତ୍ ସହରର କେନ୍ଦ୍ରସ୍ଥଳ ରୂପେ ଗଢ଼ି ଉଠିଲା।

ପାରମ୍ପରିକ ଇତିହାସରୁ ଜଣାଯାଏ ଯେ ଖ୍ରୀ.ପୂ. ୫୧୦ ବେଳକୁ ରୋମ ଏକ ସାଧାରଣତନ୍ତ୍ରରେ ପରିଣତ ହୋଇଯାଇଥିଲା। ରାଜତନ୍ତ୍ରର ବିଲୋପ ଘଟିଥିଲା। ଏହାପରଠାରୁ ରୋମର ଏକ ଧନୀ ଲାଟିନ ସମ୍ଭ୍ରାନ୍ତ ଗୋଷ୍ଠୀ ରୋମ ନଗରର ଶାସନ ଭାର ଗ୍ରହଣ କରିଥିଲା। ଅନ୍ୟାନ୍ୟ ସାମ୍ରାଜ୍ୟମାନଙ୍କଠାରୁ ରୋମର ଏହା ଥିଲା ବିଶେଷତ୍ୱ। ପରବର୍ତ୍ତୀ ପାଞ୍ଚଶହ ବର୍ଷକାଳ ରୋମରେ ରାଜତନ୍ତ୍ର ଶାସନ ପରିବର୍ତ୍ତେ ଏହିପରି ସାଧାରଣତନ୍ତ୍ର ଶାସନ ଚାଲିଆସିଥିଲା ଯାହା ବାସ୍ତବରେ ଥିଲା ଅନନ୍ୟ। ବର୍ଷକ ପାଇଁ ନିର୍ବାଚିତ ହେଉଥିବା ଦୁଇଜଣ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଶାସନ ପରିଚାଳିତ ହେଉଥିଲା ଯାହାଙ୍କୁ କନ୍‌ସଲ୍ ବୋଲି କୁହାଯାଉଥିଲା। ପ୍ରକୃତ କ୍ଷମତା ନ୍ୟସ୍ତ ଥିବା ସମ୍ଭ୍ରାନ୍ତ ଗୋଷ୍ଠୀକୁ ସମ୍ଭ୍ରାନ୍ତ ପରିଷଦ ବା ସିନେଟ୍ କୁହାଯାଉଥିଲା। ରୋମୀୟ ସାଧାରଣତନ୍ତ୍ରର ସର୍ବୋଚ୍ଚ ରାଜନୈତିକ ଅନୁଷ୍ଠାନ ଥିଲା ସିନେଟ୍। ସିନେଟ୍ ବ୍ୟତୀତ ନାଗରିକମାନଙ୍କର ଅନ୍ୟାନ୍ୟ ପରିଷଦ ରୋମରେ ଥିଲେ ମଧ୍ୟ ସାଧାରଣତନ୍ତ୍ର ଆରମ୍ଭରେ ଶାସନ କ୍ଷେତ୍ରରେ ସେମାନଙ୍କର ଅଂଶ ଗ୍ରହଣ ନ ଥିଲା। ରୋମ ସାଧାରଣତନ୍ତ୍ରର ଶେଷ ଶହେବର୍ଷରେ ପେଶାଦାର ସୈନ୍ୟବାହିନୀର ଆବିର୍ଭାବ ଘଟିଥିଲା। ସୈନ୍ୟବାହିନୀର ଏକ ଅଂଶ ଯୁଦ୍ଧ କମାଣ୍ଡରମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା ଏବଂ ସୈନ୍ୟବାହିନୀ ରାଷ୍ଟ୍ର ଅପେକ୍ଷା କମାଣ୍ଡରମାନଙ୍କ ପ୍ରତି ବିଶେଷ ଅନୁରକ୍ତ ଥିଲେ। ରୋମ ସାଧାରଣତନ୍ତ୍ରର ଆଉ ଏକ ବିଶେଷ ଲକ୍ଷଣ ହେଉଛି କ୍ରୀତଦାସ ଶ୍ରମିକମାନଙ୍କର ବହୁଳ ବ୍ୟବହାର।

## ରୋମ ସାଧାରଣତନ୍ତ୍ରର ବିସ୍ତାର :

ରୋମୀୟ ସାଧାରଣତନ୍ତ୍ର ଖ୍ରୀ.ପୂ. ୫୧୦ରୁ ଖ୍ରୀ.ପୂ. ୨୭ ପର୍ଯ୍ୟନ୍ତ ପ୍ରାୟ ୫୦୦ ବର୍ଷ ଧରି ତିଷ୍ଠି ରହି ପାରିଥିଲା। ଏହି ସମୟ ମଧ୍ୟରେ ରୋମ ନଗରରାଜ୍ୟ ଏକ ବିଶାଳ ଓ ଶକ୍ତିଶାଳୀ ସାମ୍ରାଜ୍ୟରେ ପରିଣତ ହୋଇପାରିଥିଲା। ଲଗାତର ଯୁଦ୍ଧ ଏବଂ ଲଢ଼ାଇ ମଧ୍ୟରେ ଏହା ସମ୍ଭବ ହୋଇଥିଲା। ରୋମ ସାଧାରଣତନ୍ତ୍ରର ବିସ୍ତାର ଦୀର୍ଘ ସମୟ ପାଇଁ ଦୁଇଟି ପର୍ଯ୍ୟାୟରେ ସମ୍ଭବ ହୋଇଥିଲା।

## ପ୍ରଥମ ପର୍ଯ୍ୟାୟ :

ରୋମ ସାମ୍ରାଜ୍ୟ ବିସ୍ତାରର ପ୍ରଥମ ପର୍ଯ୍ୟାୟରେ ରୋମ ସମଗ୍ର ଇଟାଲୀୟ ଉପଦ୍ୱୀପକୁ ନିଜ ନିୟନ୍ତ୍ରଣକୁ ଆଣିବାପାଇଁ ବ୍ୟସ୍ତ ଥିଲା । ଏହି ପର୍ଯ୍ୟାୟ ଖ୍ରୀ.ପୂ. ୫୦୦ ରୁ ୨୮୦ ପର୍ଯ୍ୟନ୍ତ ପ୍ରାୟ ଦୁଇ ଶତାବ୍ଦୀ ଧରି ଚାଲିଥିଲା । ରୋମ ପ୍ରଥମେ କେନ୍ଦ୍ର ଇଟାଲୀ ଉପରେ ନିଜର କର୍ତ୍ତୃତ୍ୱ ଜାହିର କଲା । ଉକ୍ତ ଅଞ୍ଚଳର ଲାଟିନ ଭାଷାଭାଷୀ ଲୋକଙ୍କୁ ନେଇ ଏକ ମୈତ୍ରୀ ଗଠନ କରାଗଲା । ଅଣ-ଲାଟିନ୍ ରାଜ୍ୟଗୁଡ଼ିକ ବିରୁଦ୍ଧରେ ସଫଳ ଅଭିଯାନ ଗଢ଼ି ତୋଳିବାରେ ଏହି ମୈତ୍ରୀ ରୋମୀୟମାନଙ୍କୁ ସମ୍ବଳ ଯୋଗାଇଲା । କେନ୍ଦ୍ର ଇଟାଲୀର ଅଣ-ଲାଟିନ୍ ରାଜ୍ୟଗୁଡ଼ିକ ବିରୁଦ୍ଧରେ ରୋମର ଗୁରୁତ୍ୱପୂର୍ଣ୍ଣ ବିଜୟ ହେଉଛି ଖ୍ରୀ.ପୂ. ୩୯୬ରେ ଭେୟୀ ଅଧିକାର । ଯେଉଁଥିପାଇଁ ରୋମକୁ ଦଶବର୍ଷଧରି ସଂଗ୍ରାମ କରିବାକୁ ପଡ଼ିଥିଲା । ଭେୟୀ ହେଉଛି ଏକ ଏଟ୍ରୁସ୍କାନ ନଗରୀ ଯାହା ରୋମର ଅତି ନିକଟରେ ଅବସ୍ଥିତ ଥିବା ସହିତ ଦୀର୍ଘଦିନ ଧରି ଏହାର ପ୍ରଧାନ ପ୍ରତିଦ୍ୱନ୍ଦୀ ଥିଲା । ଭେୟୀ ଉପରେ ବିଜୟ ହାସଲ ପରେ ଏହାର ଅଞ୍ଚଳ ଓ ଧନସଂପଦ ରୋମ ହାତକୁ ଆସିଗଲା । ଯାହା ଫଳରେ ରୋମ ତାହାର ସଂପ୍ରସାରଣ ଅଭିଯାନକୁ ଅଧିକ ଶାଣିତ କରିଥିଲା । ଏହାର ଅଳ୍ପଦିନ ବ୍ୟବଧାନରେ ସେଲ୍‌ଟସ୍ (Celts)ମାନେ ରୋମ ଆକ୍ରମଣ କରି ଏହାର ପ୍ରଭୂତ କ୍ଷତି କରିବା ସଂଗେ ସଂଗେ ଅନେକ ଧନସଂପତ୍ତି ଲୁଣ୍ଠନ କରି ଚାଲିଗଲେ । ରୋମ ପାଇଁ ଏହା ଏକ ପ୍ରଚଣ୍ଡ ଧକ୍‌କା ହୋଇଥିଲେ ମଧ ରୋମୀୟମାନେ ଅଳ୍ପଦିନ ମଧରେ ନିଜ ସ୍ଥିତିକୁ ସୁଦୃଢ଼ କରିଥିଲେ ଏବଂ ଯୁଦ୍ଧକୌଶଳ ଦ୍ୱାରା ନିଜ ପ୍ରଭୂତ୍ୱ ଜାହିର କରିଥିଲେ । କେନ୍ଦ୍ର ଇଟାଲୀର ଏକ ବିଶାଳ ଅଞ୍ଚଳକୁ ନିଜ ଅଧିନକୁ ଆଣିବାରେ ରୋମୀୟମାନେ ସଫଳ ହୋଇଥିଲେ ।

କେନ୍ଦ୍ର ଇଟାଲୀର ଅଧିକାଂଶ ଅଞ୍ଚଳ ଖ୍ରୀ.ପୂ. ୨୯୫ ବେଳକୁ ନିଜ ଶାସନାଧିନ କରିବା ପରେ ରୋମର ଦୃଷ୍ଟି ଦକ୍ଷିଣ ଇଟାଲୀ ଉପରେ ପଡ଼ିଥିଲା । ଦକ୍ଷିଣ ଇଟାଲୀର ଗ୍ରୀକ୍ ରାଜ୍ୟଗୁଡ଼ିକ ରୋମ୍‌ର ଅଗ୍ରଗତିକୁ ପ୍ରତିରୋଧ କଲେ । ବାସ୍ତବରେ କେତୋଟି ଭୟାବହ ଯୁଦ୍ଧପରେ ଏସବୁ ଅଞ୍ଚଳ ରୋମ ସାମ୍ରାଜ୍ୟଭୁକ୍ତ ହେଲା । ଏଥି ସହିତ ରୋମର ପ୍ରଥମ ପର୍ଯ୍ୟାୟ ସାମ୍ରାଜ୍ୟ ବିସ୍ତାରର ସମାପ୍ତି ଘଟିଲା ଏବଂ ଇଟାଲୀ ଉପଦ୍ୱୀପର ପ୍ରାୟ ସମସ୍ତ ଅଞ୍ଚଳ ପ୍ରତ୍ୟକ୍ଷ ବା ପରୋକ୍ଷରେ ରୋମ ସାମ୍ରାଜ୍ୟ ଅଧିନକୁ ଆସିଗଲା ।

## ଦ୍ୱିତୀୟ ପର୍ଯ୍ୟାୟ :

ସମଗ୍ର ଭୂମଧ୍ୟସାଗରୀୟ ଅଞ୍ଚଳରେ ନିଜର ପ୍ରାଧାନ୍ୟ ବିସ୍ତାର ନିମନ୍ତେ ରୋମ ତାର ଦ୍ୱିତୀୟ ପର୍ଯ୍ୟାୟ ସାମ୍ରାଜ୍ୟ ବିସ୍ତାରର ପରିକଳ୍ପନା କରିଥିଲା । ଏହାଦ୍ୱାରା ଭୂମଧ୍ୟସାଗରର ପଶ୍ଚିମାଞ୍ଚଳରେ ପ୍ରାଧାନ୍ୟ ଲାଭ କରିଥିବା କାର୍ଥେଜୀୟମାନଙ୍କ (Carthaginians) ସହିତ ରୋମର ସଂଘର୍ଷ ଘଟିଲା । କାର୍ଥେଜ ମୂଳତଃ ହେଉଛି ଏକ ଫୋନେସୀୟ ବାଣିଜ୍ୟବସତି ଯାହାକି ଖ୍ରୀ.ପୂ. ନବମ ଶତାବ୍ଦୀରେ ପ୍ରତିଷ୍ଠିତ ହୋଇଥିଲା । ଆଫ୍ରିକା ଉପକୂଳର ଉତ୍ତରକୁ ଅବସ୍ଥିତ କାର୍ଥେଜର ଆଧୁନିକ ନାମ ହେଉଛି ଟ୍ୟୁନିସିଆ (Tunisia) । ପରବର୍ତ୍ତୀ ସମୟରେ ଭୂମଧ୍ୟସାଗରର ପଶ୍ଚିମଅଞ୍ଚଳ ସମେତ ସିସିଲି ଓ ସ୍ପେନକୁ ନେଇ ଏକ ବିଶାଳ ସାମ୍ରାଜ୍ୟର ରୂପ ନେଇଥିଲା କାର୍ଥେଜ । ଦକ୍ଷିଣ ଇଟାଲୀରେ ନିଜର ସ୍ଥିତିକୁ ସୁଦୃଢ଼ କରି ଯେତେବେଳେ ରୋମ, ସିସିଲି ଅଧିକାର କରିବାକୁ ଚେଷ୍ଟାକଲା ସେତେବେଳେ ରୋମ ବାଧହେଲା କାର୍ଥେଜ ସହିତ ଦୀର୍ଘଦିନ ଧରି

ସାମରିକ ସଂଗ୍ରାମ ପାଇଁ । ଏକଥା ଜଣାଥିଲା ଯେ କାର୍ଥେଜ ସାମ୍ରାଜ୍ୟକୁ ଅଧିକାର ନ କରି ଭୂମଧ୍ୟସାଗରର ପଶ୍ଚିମାଞ୍ଚଳରେ ରୋମର ସାମ୍ରାଜ୍ୟବିସ୍ତାର ସଂପୂର୍ଣ୍ଣ ଅସମ୍ଭବ । କାର୍ଥେଜୀୟମାନଙ୍କ ସହିତ ରୋମକୁ ପ୍ରାୟ ଏକ ଶତାବ୍ଦୀରୁ ଅଧିକ ସମୟ ପର୍ଯ୍ୟନ୍ତ ଲଗାତାର ଯୁଦ୍ଧରେ ମଗ୍ନ ରହିବାକୁ ପଡ଼ିଥିଲା ।

## ପିଉନିକ୍ ଯୁଦ୍ଧ (Punic War) :

ରୋମ ଓ କାର୍ଥେଜ ମଧ୍ୟରେ ହୋଇଥିବା ଯୁଦ୍ଧକୁ ପିଉନିକ୍ ଯୁଦ୍ଧ କୁହାଯାଏ । ମୋଟରେ ତିନୋଟି ପିଉନିକ୍ ଯୁଦ୍ଧ ସଂଗଠିତ ହୋଇଥିଲା । ଖ୍ରୀ.ପୂ. ୨୬୪ରୁ ୨୪୧ ମଧ୍ୟରେ ପ୍ରଥମ ପିଉନିକ ଯୁଦ୍ଧ, ଖ୍ରୀ.ପୂ. ୨୧୮ରୁ ୨୦୧ ମଧ୍ୟରେ ଦ୍ୱିତୀୟ ପିଉନିକ ଯୁଦ୍ଧ ଏବଂ ଖ୍ରୀ.ପୂ. ୧୪୯ରୁ ୧୪୬ ମଧ୍ୟରେ ତୃତୀୟ ପିଉନିକ ଯୁଦ୍ଧ ସଂଗଠିତ ହୋଇଥିଲା । ତୃତୀୟ ପିଉନିକ୍ ଯୁଦ୍ଧ ଶେଷ ବେଳକୁ କାର୍ଥେଜୀୟ ସାମ୍ରାଜ୍ୟ ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଥିଲା ଏବଂ କାର୍ଥେଜ ନଗରୀ ସମେତ ଏହାର ସମସ୍ତ ଅଞ୍ଚଳ ରୋମଦ୍ୱାରା ଅଧିକୃତ ହୋଇଥିଲା । ପିଉନିକ ଯୁଦ୍ଧ ସମୟରେ ରୋମଦ୍ୱାରା ଅଧିକୃତ ସମସ୍ତ ଅଞ୍ଚଳକୁ ରୋମୀୟ ରାଜ୍ୟ ରୂପେ ନାମିତ କରାଗଲା । ଏହି ରୋମୀୟ ରାଜ୍ୟ ମଧ୍ୟରେ ଥିଲା ସିସିଲି, ସ୍ପେନ ଏବଂ ଆଫ୍ରିକା । ଆଫ୍ରିକା କହିଲେ କାର୍ଥେଜ ଏବଂ ଏହାର ଆଖପାଖ ଅଞ୍ଚଳକୁ ନେଇ ଗଠିତ ରାଜ୍ୟ ଯାହାକି ଆଧୁନିକ ଟ୍ୟୁନିସିଆକୁ ବୁଝାଉଥିଲା । ପାଇରସ (Pyrrhus) ଏବଂ ପଶ୍ଚିମ ଗ୍ରୀସ ଉପରେ ବିଜୟ ହାସଲ ପରେ ପ୍ରଥମ ପିଉନିକ୍ ଯୁଦ୍ଧ ଖ୍ରୀ.ପୂ. ୨୬୪ରେ ଆରମ୍ଭ ହୋଇଥିଲା ଯୁଦ୍ଧ ଶେଷରେ କାର୍ଥେଜକୁ ବାଧ୍ୟ କରାଯାଇଥିଲା ରୋମୀୟମାନଙ୍କୁ ସିସିଲକୁ ସମର୍ପଣ କରିବା ପାଇଁ । ସିସିଲି ଥିଲା ରୋମର ପ୍ରଥମ ଦରିଆପାରି ଅଞ୍ଚଳ ଯାହାକି ଏକ ସଂଗଠିତ ପ୍ରଦେଶ ରୂପେ ଆତ୍ମପ୍ରକାଶ କଲା । ଏହି ଯୁଦ୍ଧରେ ରୋମର ବିଜୟ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ପ୍ରଥମ ପିଉନିକ ଯୁଦ୍ଧରେ ପରାଜିତ ହେବାପରେ ଫୋନେସିଅମାନେ ନିଜର ସାମରିକ ଶକ୍ତିକୁ ଅଧିକ ବୃଦ୍ଧିକରି ରୋମର ସାମ୍ରାଜ୍ୟ ବିସ୍ତାରକୁ ରୋକିବାକୁ ଚାହିଁଲେ । କାର୍ଥେଜୀୟ ସାମରିକ ବାହିନୀକୁ ସୁସଂଗଠିତ ଓ ଶକ୍ତିଶାଳୀ କରି ଗଢ଼ି ତୋଳିବା ପାଇଁ ଦାୟିତ୍ୱ ନେଲେ ଏକ ବିଚକ୍ଷଣ ଜେନେରାଲ ହାନିବାଲ (Hannibal) । ରୋମକୁ ସମୁଦ୍ର ପଟେ ଦକ୍ଷିଣ ଦିଗରୁ ଆକ୍ରମଣ ନ କରି ପଶ୍ଚିମ ଇଉରୋପରୁ ଆଲପାଇନ ପର୍ବତ ଦେଇ ଇଟାଲୀର ଉତ୍ତର ପଟୁ ରୋମକୁ ଆକ୍ରମଣ ପାଇଁ ଏକ ଯୋଜନା ପ୍ରସ୍ତୁତ କଲେ । ରୋମକୁ ଉତ୍ତର ଆଡୁ ଆକ୍ରମଣ କରିବା ପାଇଁ ହାନିବାଲ ୪୦,୦୦୦ ସୈନ୍ୟଙ୍କ ସହିତ ଆଲପସ୍ ପର୍ବତ ଉପରେ ପହଞ୍ଚିଲେ । ଖ୍ରୀ.ପୂ. ୨୧୬ରେ ହାନିବାଲ୍ ଦକ୍ଷିଣ ଇଟାଲୀର କାନାଇ (Canae)ଠାରେ ରୋମୀୟ ବାହିନୀକୁ ସଂପୂର୍ଣ୍ଣ ରୂପେ ପରାଜିତ କରିଥିଲେ ମଧ୍ୟ ରୋମ ନଗରୀକୁ ଅଧିକାର କରିବା ସମ୍ଭବ ହୋଇନଥିଲା ।

ପରବର୍ତ୍ତୀ ସମୟରେ ହାନିବାଲଙ୍କୁ ପରାସ୍ତ କରିବାପାଇଁ ସ୍କିପିଓ ଆଫ୍ରିକାନ୍ସଙ୍କ ନେତୃତ୍ୱରେ ରୋମୀୟବାହିନୀ କାର୍ଥେଜୀୟ ସୈନ୍ୟମାନଙ୍କୁ ପଛକୁ ତଡ଼ିବାରେ ସଫଳ ହୋଇଥିଲେ । ଶେଷରେ ହାନିବାଲଙ୍କ ସୈନ୍ୟବାହିନୀ ଖ୍ରୀ.ପୂ. ୨୦୨ରେ କାର୍ଥେଜ ନିକଟସ୍ଥ ଯାମାଠାରେ ପରାଜିତ ହେଲେ ଏବଂ ଖ୍ରୀ.ପୂ. ୨୦୧ରେ ଦ୍ୱିତୀୟ ପିଉନିକ ଯୁଦ୍ଧର ସମାପ୍ତି ଘଟିଲା । ସ୍ପେନ୍‌ରେ ଥିବା ନିଜର ସମସ୍ତ ଅଞ୍ଚଳ ରୋମକୁ ଦେବାକୁ ପଡ଼ିଥିଲା ଏବଂ ସ୍ପେନ ରୋମର ଅନ୍ୟ ଏକ ପ୍ରଦେଶର ରୂପ ନେଇଥିଲା । ଖ୍ରୀ.ପୂ. ୧୮୩ରେ ହାନିବାଲ୍ ଆତ୍ମହତ୍ୟା କଲେ ।

ରୋମୀୟମାନେ ଜାଣିଥିଲେ ଯେ ପୁଣିଥରେ କାର୍ଥେଜବାସୀ ପ୍ରତିଶୋଧ ନେବା ନିମିତ୍ତ ଚେଷ୍ଟା କରିପାରନ୍ତି। ରୋମ ସିନେଟର ଜଣେ ସଭ୍ୟ କ୍ୟାଟୋଙ୍କ ପ୍ରରୋଚନା ଯୋଗୁଁ ଖ୍ରୀ.ପୂ. ୧୪୯ରେ ରୋମାନ ଓ କାର୍ଥେଜ ମଧ୍ୟରେ ତୃତୀୟ ପିଉନିକ ଯୁଦ୍ଧ ଆରମ୍ଭ ହେଲା। ତିନିବର୍ଷ ବ୍ୟାପୀ ଲାଗି ରହିଥିବା ଭୟଙ୍କର ଯୁଦ୍ଧରେ କାର୍ଥେଜ ନଗରୀର ପତନ ଘଟିଲା। ପ୍ରାୟ ୫୦,୦୦୦ କାର୍ଥେଜବାସୀଙ୍କୁ କ୍ରୀତଦାସ ରୂପେ ବିକ୍ରୟ କରାଗଲା। ରୋମୀୟମାନଙ୍କର ଏହା ଥିଲା ସବୁଠାରୁ ବର୍ବରୋଚିତ ଆକ୍ରମଣ ତଥା ଅମାନୁଷିକ ଅତ୍ୟାଚାର।

ପରବର୍ତ୍ତୀ ସମୟରେ ରୋମୀୟମାନେ ମାସେଡୋନିଆ ଓ ଗ୍ରୀକ୍ ରାଜ୍ୟକୁ ମଧ୍ୟ ନିଜ ଅଧିନକୁ ଆଣିଥିଲେ। ମାସେଡୋନିଆରେ ଶାସନ କରୁଥିବା ଆଣ୍ଟିଗୋନୀୟମାନେ ଖ୍ରୀ.ପୂ. ୧୬୭ରେ ରୋମୀୟମାନଙ୍କ ଦ୍ୱାରା ପରାଜିତ ହୋଇଥିଲେ ଏବଂ ଫଳରେ ଖ୍ରୀ.ପୂ. ୧୪୭ରେ ମାସେଡୋନିଆ ରୋମ ସାମ୍ରାଜ୍ୟଭୁକ୍ତ ହୋଇଥିଲା। ମାସେଡୋନିଆ ଅନ୍ୟ ଏକ ରୋମୀୟ ରାଜ୍ୟରୂପେ ପରିଚିତ ହେଲା ଏବଂ ଗ୍ରୀକ୍ ରାଜ୍ୟ ସମୂହ ପରୋକ୍ଷ ଭାବରେ ରୋମ ଶାସନାଧୀନ ତଥା ମାସେଡୋନିଆର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଲା। ଖୁବ୍ ଶୀଘ୍ର ରୋମର ପ୍ରାଧାନ୍ୟ ମିଶରରେ ଅନୁଭୂତ ହେଲା। ମିଶର ଟଲେମୀ (Ptolemy) ରାଜବଂଶ ଦ୍ୱାରା ଶାସିତ ହୋଇ ଆସୁଥିଲା। ଏହା ରୋମର ଏକ ସଂରକ୍ଷିତ ରାଜ୍ୟରୂପେ ପରିଚିତ ହେଲା ଓ ଏହାର ସ୍ୱାଧୀନ ବୈଦେଶିକ ନୀତି ଉପରେ ଅଂକୁଶ ଲାଗିଲା। ପଶ୍ଚିମ ଆନାଟୋଲିଆରେ ମଧ୍ୟ ରୋମୀୟ ଆଇନ୍ କାର୍ଯ୍ୟକାରୀ ହେଲା। ତେଣୁ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀର ମଧ୍ୟଭାଗ ବେଳକୁ ସମଗ୍ର ଭୂମଧ୍ୟସାଗରୀୟ ଅଂଚଳ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ରୋମ ଅଧୀନକୁ ଆସିଯାଇଥିଲା। ଭୂମଧ୍ୟ ସାଗର ରୋମୀୟ ସାମ୍ରାଜ୍ୟର କେନ୍ଦ୍ରରୂପେ ପରିପ୍ରକାଶ ହେଲା।

## ରୋମ୍ ସମ୍ବିଧାନ ଓ ଶାସନ ବ୍ୟବସ୍ଥା :

ପ୍ରାଥମିକ ବ୍ୟବସ୍ଥାରେ ରୋମରେ ରାଜତନ୍ତ୍ର ସହିତ ସିନେଟ୍ ଓ ବିଧାନସଭାର ବ୍ୟବସ୍ଥା ଥିଲା। ସିନେଟ୍ ଅନେକ କ୍ଷମତାର ଅଧିକାରୀ ହୋଇଥିଲା ଏବଂ ପ୍ରାୟ ସମୟରେ ରାଜାଙ୍କ ସହିତ ସିନେଟ୍‌ର ବିବାଦ ଲାଗି ରହୁଥିଲା। ଖ୍ରୀ.ପୂ. ୫୧୦ ବେଳକୁ ରୋମରେ ରାଜତନ୍ତ୍ରର ପତନ ଘଟି ସାଧାରଣତନ୍ତ୍ର ପ୍ରତିଷ୍ଠା ହେଲା ଯାହାକି ଖ୍ରୀ.ପୂ. ୨୭ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା। ସାଧାରଣତନ୍ତ୍ରର ଆରମ୍ଭରେ ରୋମୀୟ ସମ୍ଭ୍ରାନ୍ତମାନଙ୍କ ଦ୍ୱାରା ରାଜନୈତିକ କ୍ଷମତା ପରିଚାଳିତ ହେଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କତିପୟ ବ୍ୟକ୍ତିଙ୍କୁ ନେଇ ଗଠିତ ଶାସନ ପରିଷଦ ସିନେଟ୍ ହସ୍ତରେ ସମସ୍ତ କ୍ଷମତା ନ୍ୟସ୍ତ କରାଗଲା। କେବଳ ସମ୍ଭ୍ରାନ୍ତମାନଙ୍କ ପାଇଁ ସିନେଟ୍‌ର ସଭ୍ୟ ହେବାର ଅଧିକାର ପ୍ରଦାନ କରାଗଲା।

## ରୋମ୍ ସିନେଟ୍ :

ରୋମୀୟ ସମାଜ ସ୍ଥାୟୀ ଭାବରେ ଦୁଇଟି ଭାଗରେ ବିଭକ୍ତ ହୋଇଗଲା। ରୋମର ଉଚ୍ଚଶ୍ରେଣୀର ଶିକ୍ଷିତ ନାଗରିକମାନଙ୍କୁ ପାଟ୍ରିସିଆନ୍ କୁହାଯାଉଥିବା ବେଳେ ସାଧାରଣ ନାଗରିକମାନଙ୍କ ପ୍ଲେବିଆନ୍ କୁହାଗଲା। ଦୁଇଟିଯାକ ବର୍ଗକୁ ରୋମର ନାଗରିକ ଭାବେ ଅଭିହିତ କରାଯାଉଥିଲା। ରୋମ ସମାଜର ଏହି ଦୁଇପ୍ରକାର ଶ୍ରେଣୀ ଭାରତୀୟ ସମାଜର ଜାତିପ୍ରଥା ସହିତ ଅନେକାଂଶରେ ସାମଞ୍ଜସ୍ୟ ଥିବାର ଲକ୍ଷ୍ୟ କରାଯାଏ। ଭାରତୀୟ ସମାଜରେ ଏକ ନିର୍ଦ୍ଦିଷ୍ଟ

ଜାତିରେ ଜନ୍ମଲାଭ କଲାପରି ରୋମୀୟ ସମାଜରେ ନାଗରିକମାନେ ପ୍ଲେବିଆନ୍ ବା ପାଟ୍ରିସିଆନ୍ ବର୍ଗର ସ୍ଥାୟୀ ବଂଶଧର ଥିଲେ। ଧନସଂପତ୍ତି ବା ରାଜନୈତିକ କ୍ଷମତା ହାସଲ କଲେ ବି ଜଣେ ପେବ୍ଲିଆନ୍, ପାଟ୍ରିସିଆନ୍ ହୋଇପାରୁନଥିଲେ। ଅନେକ ଦିନ ପର୍ଯ୍ୟନ୍ତ ରୋମରେ ଦୁଇ ସାମାଜିକ ଶ୍ରେଣୀ ମଧ୍ୟରେ ପାଟ୍ରିସିଆନ୍‌ମାନେ ଥିଲେ ସବୁଠାରୁ ଅଧିକ ପ୍ରଭାବଶାଳୀ। ପାଟ୍ରିସିଆନ୍ ପରିବାରରେ ଜଣେ ଜନ୍ମଲାଭ କରିବା ଅର୍ଥ ଆପଣାଛାଏଁ ସେ ତା ପାଖକୁ ଧନ, ରାଜନୈତିକ କ୍ଷମତା ଓ ଉନ୍ନତ ସାମାଜିକ ବ୍ୟବସ୍ଥା ଆସିଯାଉଥିଲା। ରୋମର ଧର୍ମ ବ୍ୟବସ୍ଥାରେ ମଧ୍ୟ ପାଟ୍ରିସିଆନ୍‌ମାନଙ୍କର ଅଖଣ୍ଡ କ୍ଷମତା ଥିଲା। ଏପିରିକି ସାଧାରଣତନ୍ତ୍ର ବ୍ୟବହାର ଶେଷ ସମୟ ପର୍ଯ୍ୟନ୍ତ ପ୍ଲେବିଆନମାନଙ୍କୁ ରୋମର ଗୁରୁତ୍ୱପୂର୍ଣ୍ଣ ଧର୍ମାନୁଷ୍ଠାନମାନଙ୍କରେ ପ୍ରବେଶାଧୀକାର ଦିଆଯାଇନଥିଲା।

ରୋମରେ ସାଧାରଣତନ୍ତ୍ର ଆରମ୍ଭ ପରଠାରୁ ସିନେଟ୍ ରାଷ୍ଟ୍ରର ମୁଖ୍ୟ ଅଙ୍ଗ ହୋଇ ରହିଆସିଅଛି। ପାଟ୍ରିସିଆନ୍‌ମାନେ ସିନେଟ୍‌କୁ ନିଜର ଏକଚାଟିଆ ଅଧିକାରରେ ପରିଣତ କରିଥିଲେ। ପାଟ୍ରିସିଆନ୍ ମହିଳାମାନେ ଏହାର ସଭ୍ୟ ହୋଇପାରୁନଥିଲେ କି ପ୍ଲେବିଆନ୍‌ମାନଙ୍କୁ ସିନେଟ୍‌ର ସଭ୍ୟ ହେବାକୁ ସୁଯୋଗ ଦିଆଯାଉନଥିଲା। ପ୍ରଥମାବସ୍ଥାରେ ସିନେଟ୍‌ର ସଭ୍ୟ ସଂଖ୍ୟା ୩୦୦ ଥିବାବେଳେ ପରବର୍ତ୍ତୀ ସମୟରେ ଏହି ସଂଖ୍ୟା ୬୦୦ରେ ପହଞ୍ଚିଥିଲା। ସିନେଟ୍‌ର ମୂଳସଭ୍ୟମାନେ ଆବଶ୍ୟକୀୟ ନୂତନ ସଭ୍ୟମାନଙ୍କୁ ମନୋନୀତ କରୁଥିଲେ। ସିନେଟ୍‌ର ମୂଳ ସଭ୍ୟମାନେ ହେଉଛନ୍ତି ଶକ୍ତିଶାଳୀ ସମ୍ଭ୍ରାନ୍ତ ବଂଶର ପରିବାର ମୁଖ୍ୟ ଯେଉଁମାନେ ରୋମରୁ ରାଜତନ୍ତ୍ରକୁ ବିଲୋପ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସିନେଟ୍‌ର ସଭ୍ୟପଦ ଥିଲା ଆଜୀବନ। ସିନେଟ୍‌ର ସଂଖ୍ୟାଧିକ ସଭ୍ୟ ଥିଲେ ବଡ଼ ବଡ଼ ଜମି ମାଲିକ। ଏପରିକି କହିବାକୁ ଗଲେ ରୋମ ସାଧାରଣତନ୍ତ୍ର ପାଟ୍ରିସିଆନ୍ ସମ୍ଭ୍ରାନ୍ତବଂଶୀୟ ଗୋଷ୍ଠୀମାନଙ୍କ ଦ୍ୱାରା ଶାସିତ ହେଉଥିଲା।

## କନସଲ (Consul) :

ରୋମର ସର୍ବୋଚ୍ଚ କ୍ଷମତାଧାରୀ ଦୁଇଜଣ ସରକାରୀ ଅଧିକାରୀଙ୍କୁ ମାଜିଷ୍ଟ୍ରେଟ୍ ବା କନସଲ କୁହାଯାଏ। ସେମାନେ ବର୍ଷକ ପାଇଁ ଏହି ପଦବୀକୁ ନିର୍ବାଚିତ ହେଉଥିଲେ। ଏମାନେ ସିନେଟ୍‌ରେ ଅଧ୍ୟକ୍ଷତା କରିବା ସଂଗେ ସଂଗେ ଦେଶର ଶାସନଗତ, ବିଚାରଗତ ଓ ସାମରିକ କାର୍ଯ୍ୟକଳାପକୁ ପରିଚାଳନା କରିଥାନ୍ତି। ସମସ୍ତ ନାଗରିକ ଏପରିକି ପ୍ଲେବିଆନ୍‌ମାନଙ୍କୁ ନେଇ ଗଠିତ ସଭା କନସଲମାନଙ୍କୁ ନିର୍ବାଚିତ କରିଥାନ୍ତି। ସେମାନଙ୍କୁ ନିର୍ବାଚିତ କରିବାରେ ସିନେଟ୍‌ର କୌଣସି ଭୂମିକା ନ ଥାଏ। ଜଣେ କନସଲ୍ ଚାହିଁଲେ ଦ୍ୱିତୀୟଥର ମଧ୍ୟ ନିର୍ବାଚନରେ ଅଂଶ ଗ୍ରହଣ କରିପାରୁଥିଲେ। ଖ୍ରୀ.ପୂ. ୩୬୭ ପର୍ଯ୍ୟନ୍ତ କେବଳ ପାଟ୍ରିସିଆନ୍‌ମାନେ କନସଲ୍ ହେବାର ସୁଯୋଗ ପାଉଥିଲେ। କିନ୍ତୁ ଏହି ପଦବୀରେ ପ୍ଲେବିଆନମାନଙ୍କୁ ସୁଯୋଗ ଦେବାପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା। ଶେଷରେ ଖ୍ରୀ.ପୂ. ୩୬୭ରେ ଗୋଟିଏ କନସଲ ପଦ ପ୍ଲେବିଆନମାନଙ୍କ ପାଇଁ ସଂରକ୍ଷିତ କରାଗଲା। ପାଟ୍ରିସିଆନ୍‌ମାନେ କନସଲ ନିର୍ବାଚନର ସମସ୍ତ କାର୍ଯ୍ୟ କରୁଥିବାରୁ ଅନେକ ସମୟରେ ସେମାନେ ନିଜ ପସନ୍ଦର ପ୍ରାର୍ଥୀକୁ ଏହି ପଦବୀ ପାଇଁ ମନୋନୀତ କରୁଥିଲେ। ବାସ୍ତବରେ ରୋମ ସାଧାରଣତନ୍ତ୍ରର ଶେଷ ଆଡ଼କୁ ପ୍ଲେବିଆନ୍‌ମାନେ କନସଲ୍ ପଦପାଇଁ ନିର୍ବାଚିତ ହେବା ଆରମ୍ଭ ହୋଇଥିଲା। ଏହିପରି ଭାବରେ ଜଣେ ପ୍ଲେବିଆନ କନସଲ ହେଲାପରେ ଆପଣାଛାଏଁ ସିନେଟର ହୋଇପାରୁଥିଲେ।

## ସେନସର (Censor) :

ରୋମୀୟ ସାଧାରଣତନ୍ତ୍ରରେ ଅନ୍ୟ କେତେକ ନିର୍ବାଚିତ ମାଜିଷ୍ଟ୍ରେଟ୍ ଅଛନ୍ତି ଯେଉଁମାନେ ରୋମ ଶାସନର ବିଭିନ୍ନ ଦିଗକୁ ଦେଖିଥାନ୍ତି । ସେମାନଙ୍କ ମଧ୍ୟରେ ଥିଲେ ଦୁଇଜଣ କ୍ଷମତା ସଂପର୍ଣ୍ଣ ମାଜିଷ୍ଟ୍ରେଟ୍ ଯାହାଙ୍କୁ ସେନସର୍ କୁହାଯାଉଥିଲା । ପ୍ରତି ପାଞ୍ଚବର୍ଷରେ ଥରେ ସେମାନେ ନିର୍ବାଚିତ ହେଉଥିଲେ ଏବଂ ଦେଢ଼ବର୍ଷ କାଳ ଅଫିସ କାର୍ଯ୍ୟ କରୁଥିଲେ । ଏହି ସମୟ ମଧ୍ୟରେ ସେନ୍‌ସରମାନଙ୍କର ମୁଖ୍ୟକାର୍ଯ୍ୟ ହେଲା ରୋମର ନାଗରିକଙ୍କର ଜନଗଣନା । ଏହି ଜନଗଣନା ଆଜିର ଜଣଗଣନାଠାରୁ ଅଲଗା ଥିଲା । ସେମାନେ ରୋମର ସମସ୍ତ ଲୋକଙ୍କର ଗଣନା ନ କରି କେବଳ ନାଗରିକମାନଙ୍କର ଗଣନା କରୁଥିଲେ ଏବଂ ନାଗରିକମାନେ କେତେ ସଂପତ୍ତିର ଅଧିକାରୀ ତାହା ମଧ୍ୟ ପ୍ରକାଶ କରୁଥିଲେ । ନାଗରିକମାନଙ୍କର ସଂପତ୍ତିର ପରିମାଣ ଉପରେ ନିର୍ଭର କରୁଥିଲା ସେମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ପଦପଦବୀ ପାଇଁ ଯୋଗ୍ୟ ନା ଅଯୋଗ୍ୟ । ରୋମ ନାଗରିକମାନଙ୍କର ସାଧାରଣ ନୈତିକତାର ନିୟନ୍ତ୍ରଣ ଏବଂ ସାଧାରଣ ନୈତିକତା ନିୟମକୁ ଭଙ୍ଗକଲେ ତା ପାଇଁ ଦଣ୍ଡବିଧାନ ମଧ୍ୟ ସେନ୍‌ସରମାନେ କରିପାରୁଥିଲେ । ସାଧାରଣତନ୍ତ୍ରର ପ୍ରାଥମିକ ଅବସ୍ଥାରେ କେବଳ ପାଟ୍ରିସିଆନମାନେ ସେନ୍‌ସର ପଦବୀକୁ ନିର୍ବାଚିତ ହେଉଥିବାବେଳେ ପରବର୍ତ୍ତୀ ସମୟରେ ପ୍ଲେବିଆନ୍‌ଙ୍କୁ ମଧ୍ୟ ଏହି ସୁବିଧା ମିଳିଲା ।

## ଏଡିଲ୍ ଏବଂ କ୍ୱେଷ୍ଟର (Aedile and Quaestor) :

କନସଲ୍ ଓ ସେନ୍‌ସରଙ୍କ ବ୍ୟତୀତ ଅନ୍ୟ କେତେକ କନିଷ୍ଠ ମାଜିଷ୍ଟ୍ରେଟ୍ ଶାସନରେ ସହାୟତା କରୁଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଏଡିଲ୍ ଓ କ୍ୱେଷ୍ଟର । ଚାରିଜଣ ଏଡିଲଙ୍କୁ ବର୍ଷକ ପାଇଁ ନିର୍ବାଚିତ କରାଯାଉଥିଲା । ସେମାନେ ସରକାରୀ କାର୍ଯ୍ୟଗୁଡ଼ିକ ଯଥା ରାସ୍ତାଘାଟ, ନର୍ଦ୍ଦମା ତଥା ବ୍ୟବସାୟସ୍ଥଳ ଇତ୍ୟାଦିର ଦେଖାଶୁଣା କରୁଥିଲେ । ଏଡିଲମାନେ ମଧ୍ୟ ସରକାରୀ ଉତ୍ସବଗୁଡ଼ିକର ଆୟୋଜନ ଦାୟିତ୍ୱରେ ଥିଲେ । କ୍ୱେଷ୍ଟରମାନେ ବରିଷ୍ଠ ମାଜିଷ୍ଟ୍ରେଟମାନଙ୍କ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରୁଥିଲେ । ଏମାନଙ୍କର ଅନ୍ୟଏକ ମୁଖ୍ୟ କାର୍ଯ୍ୟ ଥିଲା ରାଜ୍ୟର ରାଜକୋଷର ସୁରକ୍ଷା ଓ ସରକାରୀ ହିସାବର ନିରୀକ୍ଷଣ । ଉଲ୍ଲେଖନୀୟ ଯେ ରୋମର ସମସ୍ତ ମାଜିଷ୍ଟ୍ରେଟ ବରିଷ୍ଠ ବା କନିଷ୍ଠ ବିନା ସରକାରୀ ଦରମାରେ ସରକାରୀ କାର୍ଯ୍ୟ କରୁଥିଲେ ।

## ପାଟ୍ରିସିଆନ୍ ଓ ପ୍ଲେବିଆନଙ୍କ ମଧ୍ୟରେ ବିବାଦ :

ରୋମର ପ୍ରାଚୀନ ସାଧାରଣତନ୍ତ୍ର ଇତିହାସକୁ ପର୍ଯ୍ୟାଲୋଚନା କଲେ ଦେଖାଯିବ ଯେ ରୋମର ଧନୀ ସମ୍ଭ୍ରାନ୍ତ ଶ୍ରେଣୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଲଗାତର ଭାବରେ ସଂଘର୍ଷ ଚାଲି ଆସିଛି । ଗୋଟିଏ ପକ୍ଷରେ ପାଟ୍ରିସିଆନ୍‌ମାନେ ଦେଶର ସମସ୍ତ ରାଜନୈତିକ କ୍ଷମତାକୁ ନିଜ ହାତମୁଠାରେ ରଖିବାକୁ ଚାହୁଁଥିଲା ବେଳେ ଅନ୍ୟ ପକ୍ଷରେ ପ୍ଲେବିଆନ୍‌ମାନେ ରାଜନୈତିକ ଅବସ୍ଥାରେ ନିଜର ସ୍ଥିତିକୁ ଜାହିର କରିବାକୁ ଚାହୁଁଥିଲେ । ସାଧାରଣତନ୍ତ୍ର ପ୍ରତିଷ୍ଠା ହେବାପରେ ଯେତେବେଳେ ପାଟ୍ରିସିଆନ୍‌ମାନେ ରୋକ୍‌ଠୋକ୍ ମନା କରିଦେଲେ ଯେ ପ୍ଲେବିଆନ୍‌ମାନେ ରାଜନୈତିକ କାର୍ଯ୍ୟକଳାପରେ ଆଦୌ ହସ୍ତକ୍ଷେପ କରିପାରିବେ ନାହିଁ, ସେତେବେଳେ ସଂଘର୍ଷର ସୂତ୍ରପାତ ହେଲା । ଅନ୍ୟପକ୍ଷରେ ଦେଖିବାକୁ ଗଲେ ରୋମ

ନଗରୀର ସୁରକ୍ଷା ଓ ସାମ୍ରାଜ୍ୟ ବିସ୍ତାରରେ ମୁଖ୍ୟ ଭୂମିକା ଥିଲା ରୋମର ସାଧାରଣ ଜନତା ବା କୃଷକମାନଙ୍କର । ରୋମ ସୈନ୍ୟବାହିନୀ ହିଁ କେବଳ ସମ୍ଭବ ହୋଇଥିଲା କୃଷକମାନଙ୍କର ସହଯୋଗ ପାଇଁ । ରୋମର ସମସ୍ତ ସାଧାରଣ ଦକ୍ଷ ପୁରୁଷ ନାଗରିକ ନିଜ ନିଜର ଯୁଦ୍ଧ ସରଞ୍ଜାମ ସହିତ ସୈନ୍ୟବାହିନୀରେ ଅଂଶ ଗ୍ରହଣ କରୁଥିଲେ । ରୋମର ସାମ୍ରାଜ୍ୟ ବିସ୍ତାର ଆରମ୍ଭ ହେବାରୁ ଅଧିକ ଅଧିକରୁ ସୈନ୍ୟର ଆବଶ୍ୟକତା ଦେଖାଦେଲା ଓ କୃଷି-ସୈନିକମାନଙ୍କୁ ଅଧିକ ସଂଖ୍ୟାରେ ସୈନ୍ୟବାହିନୀରେ ଭର୍ତ୍ତି କରାଗଲା । ସାମ୍ରାଜ୍ୟ ବିସ୍ତାରରୁ ପାଟ୍ରିସିଆନ୍‌ମାନେ ଅଧିକ ଲାଭବାନ ହେଉଥିବାବେଳେ ପ୍ଲେବିଆନ୍ ବିଶେଷ ଭାବରେ ଉପକୃତ ହେଉନଥିଲେ । ସାମ୍ରାଜ୍ୟ ବୃଦ୍ଧି ଘଟିବାରୁ ପାଟ୍ରିସିଆନ୍‌ମାନେ ଅଧିକରୁ ଅଧିକ ଧନୀ ହେଉଥିବା ବେଳେ ସାଧାରଣ ଜନତା ଅଧିକରୁ ଅଧିକ ଗରୀବ ହେବାକୁ ଲାଗିଲେ । ଧନୀ ଗରୀବର ପାର୍ଥକ୍ୟ କ୍ରମେ ବଢ଼ିବାକୁ ଲାଗିଲା । ସାମ୍ରାଜ୍ୟ ବିସ୍ତାରର ପ୍ରଥମ ପର୍ଯ୍ୟାୟରେ ପ୍ଲେବିଆନ୍‌ମାନେ କେତେକ ରାଜନୈତିକ ସୁବିଧା ପାଉଥିବାବେଳେ ପରବର୍ତ୍ତୀ ସମୟରେ ସେ ସମସ୍ତ ସୁବିଧାରୁ ବଞ୍ଚିତ ହେଲେ । ଯାହାର ଫଳ ସ୍ୱରୂପ, ପାଟ୍ରିସିଆନ୍-ପ୍ଲେବିଆନ୍ ମଧ୍ୟରେ ସଦାସର୍ବଦା ସଂଘର୍ଷପୂର୍ଣ୍ଣ ବାତାବରଣ ସୃଷ୍ଟି ହେଲା ଓ ସାମାଜିକ ଅଶାନ୍ତି ବଢ଼ିବାକୁ ଲାଗିଲା । ପ୍ଲେବିଆନ୍‌ମାନେ ନିଜର ଅଧିକାର ପାଇଁ ସଂଘବଦ୍ଧ ହେବାକୁ ଲାଗିଲେ ।

### ଜନସଭା (The Assembly) :

ଆମେ ଜାଣିଛେ ଯେ ରୋମୀୟ ସାମରିକ ବ୍ୟବସ୍ଥାରେ ପ୍ଲେବିଆନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସୈନ୍ୟବାହିନୀରେ ତିନିଭାଗ ସୈନ୍ୟ ଥିଲେ ପ୍ଲେବିଆନ । ସେମାନଙ୍କ ଦାବୀ ହାସଲ ପାଇଁ ସେମାନଙ୍କ ପାଖରେ ଯଥେଷ୍ଟ ଶକ୍ତି ଥିଲା । ରୋମ ନଗରୀର ରାଜନୈତିକ ବ୍ୟବସ୍ଥାରେ ଏକ ଜନଜାତି ସଭାର ଗୁରୁତ୍ୱ ଅଧିକ ଥିଲା । ରାଜତନ୍ତ୍ର ସମୟରୁ ଏହି ସଭା ଆତ୍ମପ୍ରକାଶ କରିଥିଲା । ରୋମର ମୂଳ ବାସିନ୍ଦା ଥିବା ଜନଜାତିର ସାବାଳକ ପୁରୁଷମାନେ ମୂଳତଃ ଏହି ସଭାର ସଭ୍ୟ ଥିଲେ ।

## କମିଟିଆ କ୍ୟୁରିଆଟା (Comitia Curiata) :

ରୋମର ସମସ୍ତ ନାଗରିକଙ୍କ ସଭା ବା ରୋମୀୟ ସଭାକୁ କମିଟିଆ କ୍ୟୁରିଆଟା କୁହାଯାଏ । ପ୍ରାଥମିକ ବ୍ୟବସ୍ଥାର ଏହି ସଭାର କ୍ଷମତା ଓ ଗୁରୁତ୍ୱ ବେଶ୍ ଅଧିକ ଥିଲା । କିନ୍ତୁ ପାଟ୍ରିସିଆନ୍‌ମାନେ କ୍ଷମତା ହାସଲ କରିବା ପରେ ଏକ ଗୋଷ୍ଠୀ ଶାସନରେ ପରିଣତ ହେଲା ଓ କମିଟିଆ କ୍ୟୁରିଆଟାର କାର୍ଯ୍ୟକଳାପ ପ୍ରାୟ ଲୋପ ହୋଇଗଲା । ଯଦିଓ ନାମକୁ ମାତ୍ର ଏହା ତିଷ୍ଠି ରହିଥିଲା କିନ୍ତୁ ବାସ୍ତବରେ ଏହାର କୌଣସି କ୍ଷମତା ନ ଥିଲା । ରୋମର ମୂଳ ଅଧିବାସୀମାନଙ୍କୁ କେତେଗୁଡ଼ିଏ ଛୋଟ ଛୋଟ ସାମାଜିକ ଏକକରେ ବିଭକ୍ତ କରଯାଇଥିଲା ଯାହାକୁ କ୍ୟୁରିଆ (Curia) କୁହାଯାଉଥିଲା ଏବଂ ଏହାକୁ ଭିତ୍ତିକରି କମିଟିଆ କ୍ୟୁରିଆଟା ଗଠିତ ହୋଇଥିଲା । ପ୍ଲେବିଆନ ଓ ପାଟ୍ରିସିଆନ୍ ଉଭୟ ସଂପ୍ରଦାୟ କ୍ୟୁରିଆର ଅନ୍ତର୍ଭୁକ୍ତ ଥିଲେ । ସାଧାରଣତନ୍ତ୍ରର ପ୍ରାରମ୍ଭରେ ୩୦ଟି କ୍ୟୁରିଆ ଥିବାର ଜଣାଯାଏ । ଏଗୁଡ଼ିକ ତିନୋଟି ଜନଜାତିରେ ବିଭକ୍ତ ହୋଇଥିଲା ଏବଂ ପ୍ରତ୍ୟେକ ଜନଜାତିରେ ଦଶଟି କ୍ୟୁରିଆ ଥିଲା । ଉପଯୁକ୍ତ ପ୍ରିଜାଇଡିଂ ଅଫିସର ନିଯୁକ୍ତ କରି ପାଟ୍ରିସିଆନ୍‌ମାନେ କମିଟିଆ କ୍ୟୁରିଆଟାର ବିବରଣୀକୁ ବଦଳେଇ ଦେଇ ପାରୁଥିଲେ । ସଭାରେ ଜଣେ ସଭ୍ୟ ଗୋଟିଏ ଭୋଟ ଦେବାର

ବ୍ୟବସ୍ଥା ବଦଳରେ ପ୍ରତ୍ୟେକ କ୍ୟୁରିଆ ମିଳିତ ଭାବରେ ମତବ୍ୟକ୍ତ କରୁଥିଲେ । ନିଜର ବଂଶଗତ ସଂପର୍କକୁ ନେଇ ପାଟ୍ରିସିଆନ୍‌ମାନେ ନିର୍ଦ୍ଦିଷ୍ଟ କ୍ୟୁରିଆକୁ ପ୍ରଭାବିତ କରି ପାରୁଥିଲେ । ସମଗ୍ର କ୍ୟୁରିଆ ପାଇଁ ସେମାନେ ନିଜର ମତ ଦେଲେ । ଶେଷରେ ପରିସ୍ଥିତି ଏପରି ହେଲା ଯେ ଅନେକ ନାଗରିକ କେବଳ ପର୍ଯ୍ୟବେକ୍ଷକ ଭାବରେ ବସି ରହିଲେ । ସମସ୍ତ ସଭ୍ୟଙ୍କ ଯୋଗଦାନ ଯେତେବେଳେ ଅପ୍ରାସଂଗିତ ଅନୁଭୂତ ହେଲା ସେତେବେଳେ ପ୍ରତି କ୍ୟୁରିଆରୁ ଜଣେ ଲେଖାଏଁ ପ୍ରତିନିଧିଙ୍କୁ ସଭାରେ ଯୋଗଦେଇ ମତ ସାବ୍ୟସ୍ତ କରିବାକୁ ପଠାଗଲା ।

## କମିଟିଆ ସେଞ୍ଚୁରିଆଟା (Comitia Centuriata) :

କମିଟିଆ କ୍ୟୁରିଆଟାର କାର୍ଯ୍ୟକଳାପରୁ ଯେତେବେଳେ ଜଣାଗଲା ଯେ ଏହି ସଭା ପ୍ଲେବିଆନ୍‌ମାନଙ୍କର ସ୍ୱାର୍ଥପାଇଁ ବିଶେଷ କିଛି କରିପାରିବ ନାହିଁ, ସେତେବେଳେ ରୋମର ନାଗରିକମାନେ ଅନ୍ୟ ଏକ ନୂତନ ସଭାର ଗଠନ ନିମନ୍ତେ ଉଦ୍ୟମ କଲେ । ଏହି ନୂତନ ସଭାକୁ କୁହାଗଲା କମିଟିଆ ସେଞ୍ଚୁରିଆଟା । ଏହି ସଭା କମିଟିଆ କ୍ୟୁରିଆଟାପରି ରୋମର ସମସ୍ତ ନାଗରିକ ପ୍ଲେବିଆନ ଓ ପାଟ୍ରିସିଆନ୍‌ମାନଙ୍କୁ ନେଇ ଗଠିତ ହୋଇଥିଲା । ଏଥିରେ ନାଗରିକମାନେ ଗୋଟିଏ ଗୋଟିଏ ସେଞ୍ଚୁରୀରେ ବିଭକ୍ତ ହୋଇଥିଲେ । ସେଞ୍ଚୁରୀ ହେଉଛି ରୋମୀୟ ସୈନ୍ୟବାହିନୀର ସବୁଠାରୁ ଛୋଟ ଅଙ୍ଗ ଏବଂ ୧୦୦ ଜଣଙ୍କୁ ନେଇ ଗୋଟିଏ ସେଞ୍ଚୁରୀ ଗଠିତ ହୋଇଥିଲା । ଆରମ୍ଭରେ କମିଟିଆ ସେଞ୍ଚୁରୀଆଟା ଏକ ସାମରିକ ସଂଗଠନ ଭଳି ଜଣାପଡୁଥିଲା । ମୋଟରେ ୧୯୩ଟି ସେଞ୍ଚୁରୀ ଥିଲା ଏବଂ ପାଞ୍ଚଟି ଶ୍ରେଣୀରେ ବିଭକ୍ତ ହୋଇଥିଲା । ଧନ ଓ ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ଏହିସବୁ ଶ୍ରେଣୀ ସୃଷ୍ଟି ହୋଇଥିଲା । ପ୍ରତ୍ୟେକ ସେଞ୍ଚୁରୀରେ ସମାନ ସଂଖ୍ୟକ ନାଗରିକ ନ ଥିଲେ । ପ୍ରଥମ ଦୁଇଟି ଶ୍ରେଣୀର ସେଞ୍ଚୁରୀରେ ଖୁବ୍ କମ୍ ସଂଖ୍ୟକ ନାଗରିକ ଥିଲେ । ଶେଷ ସେଞ୍ଚୁରୀରେ ଧନହୀନ ନାଗରିକ ଥିଲେ । ଏମାନଙ୍କ ସଂଖ୍ୟା ଅଧିକ ଥିଲେ ମଧ୍ୟ ଗୋଟିଏ ସେଞ୍ଚୁରୀ ଅନ୍ତର୍ଭୁକ୍ତ ଥିଲେ । ଏଥିରେ ଗୋଟିଏ ଲୋକ, ଗୋଟିଏ ଭୋଟ ବଦଳରେ ଗୋଟିଏ ସେଞ୍ଚୁରୀ ପାଇଁ ଗୋଟିଏ ଭୋଟ ଥିଲା । ସମ୍ଭ୍ରାନ୍ତ ଓ ଜମିମାଲିକଙ୍କ ସଂଖ୍ୟା କମ୍ ଥିଲେ ମଧ୍ୟ ସେମାନଙ୍କ ହାତରେ ଅଧିକ ଭୋଟ ଥିଲା । ସଭାର ନୀତିନିୟମ ଓ କାର୍ଯ୍ୟକଳାପ ସବୁକିଛି ପାଟ୍ରିସିଆନ୍‌ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା ।

ଖ୍ରୀ.ପୂ. ୪୫୦ରେ ସୃଷ୍ଟି ହୋଇଥିବା କମିଟିଆ ସେଞ୍ଚୁରୀଆଟା ତତ୍‌କାଳୀନ ସାଧାରଣତନ୍ତ୍ର ସମୟର ନାଗରିକମାନଙ୍କର ପାଇଁ ଥିଲା ସର୍ବଶ୍ରେଷ୍ଠ ସଭା । ଏହି ସଭା କନସଲ୍ ଓ ସେନ୍‌ସର୍‌ମାନଙ୍କୁ ନିର୍ବାଚିତ କରୁଥିଲେ ଏବଂ ସମସ୍ତ ନିୟମ କାନୁନ୍ ଏହି ସଭାଦ୍ୱାରା ଅନୁମୋଦିତ ହେଉଥିଲା । ଯୁଦ୍ଧ ଘୋଷଣା ବା ଶାନ୍ତି ପ୍ରସ୍ତାବ ଆଦି ଏହି ସଭାର ନିଷ୍ପତ୍ତି ଉପରେ ନିର୍ଭର କରୁଥିଲା ।

## ଟ୍ରିବ୍ୟୁନ୍ (Tribune) :

କମିଟିଆ କ୍ୟୁରିଆଟା ଓ କମିଟିଆ ସେଞ୍ଚୁରୀଆଟା ବ୍ୟତୀତ କେବଳ ପ୍ଲେବିଆନଙ୍କୁ ନେଇ ଅନ୍ୟ ଏକ ସଭା ଗଠିତ ହୋଇଥିଲା ଯାହାକୁ କୁହାଯାଉଥିଲା 'କନ୍‌ସିଲିଅମ୍ ପ୍ଲେବିସ୍' (Concilium Plebis) । ନିଜର ସୁବିଧା ପାଇଁ ପ୍ଲେବିଆନମାନେ ଏହି ସଭା ମାଧ୍ୟମରେ ଦୁଇଜଣ ଅଧିକାରୀଙ୍କୁ ନିର୍ବାଚିତ କଲେ ଯାହାଙ୍କୁ କୁହାଗଲା ଟ୍ରିବ୍ୟୁନ୍ । ଖ୍ରୀ.ପୂ. ୪୯୪ରେ

ପ୍ଲେବିଆନ୍‌ମାନେ ଏହି ଦୁଇଜଣ ଟ୍ରିବ୍ୟୁନ୍‌ଙ୍କୁ ଗ୍ରହଣ କରିବା ପାଇଁ ସରକାରଙ୍କ ପାଖରେ ଦାବି ଜଣାଇଲେ। କ୍ରମେ ଟ୍ରିବ୍ୟୁନ୍‌ଙ୍କ ସଂଖ୍ୟା ବୃଦ୍ଧି ପାଇ ଖ୍ରୀ.ପୂ. ୪୪୮ ବେଳକୁ ଦଶରେ ପହଞ୍ଚିଲା। ଏମାନଙ୍କୁ 'କନ୍‌ସିଲିଅମ୍ ପ୍ଲେବିସ୍' ବର୍ଷକ ପାଇଁ ନିର୍ବାଚିତ କଲା। ଟ୍ରିବ୍ୟୁନ୍ ରୂପେ ନିର୍ବାଚିତ ହେବାପରେ ଜଣେ ପ୍ଲେବିଆନ୍ ରାଜନୈତିକ କ୍ଷମତା ଲାଭ କଲେ ଯାହାକି ସାଧାରଣତନ୍ତ୍ର ଆରମ୍ଭରେ ସମ୍ଭବ ନ ଥିଲା। ପ୍ଲେବିଆନମାନଙ୍କୁ ସମ୍ଭ୍ରାନ୍ତ ଓ ଧନୀ ଲୋକମାନଙ୍କ କବଳରୁ ରକ୍ଷା କରିବା ସଂଗେ ସଂଗେ ସେମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ଥିଲା ଟ୍ରିବ୍ୟୁନ୍‌ମାନଙ୍କର ମୁଖ୍ୟ କାର୍ଯ୍ୟ। ପରବର୍ତ୍ତୀ ସମୟରେ ଏହି ଟ୍ରିବ୍ୟୁନ୍‌ମାନେ ମଧ୍ୟ ମାଜିଷ୍ଟ୍ରେଟ୍ କ୍ଷମତାର ଅଧିକାରୀ ହୋଇପାରିଥିଲେ।

## ପ୍ଲେବିଆନଙ୍କ ମଧ୍ୟରେ ସାମାଜିକ ବିଭେଦ :

ରୋମରେ ସାଧାରଣତନ୍ତ୍ରର ଆରମ୍ଭରେ ସମସ୍ତ ପ୍ଲେବିଆନ୍ ପ୍ରାୟତଃ କୃଷକ ଶ୍ରେଣୀର ଥିଲେ। ପରବର୍ତ୍ତୀ ସମୟରେ ସାମାଜିକ କ୍ଷେତ୍ରରେ ପ୍ଲେବିଆନଙ୍କ ମଧ୍ୟରେ ବିଭେଦ ଦେଖାଦେଲା। ଗୋଟିଏ ପକ୍ଷରେ ଥିଲେ ଶିକ୍ଷିତ ପ୍ଲେବିଆନ୍ ଯେଉଁମାନେ ନିଜର ରାଜନୈତିକ ଅଧିକାର ବଳରେ କ୍ଷମତା ଓ ଧନଲାଭ ନିମନ୍ତେ ଚେଷ୍ଟିତ ଥିଲେ। ମୁଷ୍ଟିମେୟ ପ୍ଲେବିଆନ୍ ଯେଉଁମାନେ ସିନେଟ୍‌ର ହେବାର ଗୌରବ ଲାଭ କରିଥିଲେ ସେମାନଙ୍କର ପରିବାର ପାଟ୍ରିସିଆନ୍‌ଙ୍କ ପରି ସମାନ ସୁବିଧା ସୁଯୋଗ ଭୋଗ କରୁଥିଲେ। ଏପରିକି ସେମାନେ ପରବର୍ତ୍ତୀ ସମୟରେ ରୋମ ଶାସନର ଏକ ଅଂଗ ରୂପେ ଦେଖାଦେଲେ। ଯେଉଁ ପ୍ଲେବିଆନ୍‌ମାନେ ଶାସନ କ୍ଷେତ୍ରରେ ବା ସାମାଜିକ କ୍ଷେତ୍ରରେ ବିଶେଷ ସୁବିଧା ସୁଯୋଗ ପାଉଥିଲେ ସୋମନେ ଆଉ ରୋମର କୃଷକଶ୍ରେଣୀଙ୍କ ନିମନ୍ତେ ସଂଗ୍ରାମ କରିବା ଦେଖାଗଲା ନାହିଁ।

ଅନ୍ୟ ପକ୍ଷରେ ଥିଲେ ରୋମର ଭୂମିହୀନ ନାଗରିକ। ଯଦିଓ ସାଧାରଣତନ୍ତ୍ର ଆରମ୍ଭରେ ଅନେକ ପ୍ଲେବିଆନ୍‌ଙ୍କର କିଛି କିଛି ଜମିଥିଲା, ଖ୍ରୀ.ପୂ. ତୃତୀୟ ଶତାବ୍ଦୀ ବେଳକୁ ସେ ସବୁ ସେମାନଙ୍କ ହସ୍ତରୁ ଚାଲିଯାଇଥିଲା। କମିଟିଆ ସେଞ୍ଚୁରୀଆଟାରେ ଏହି ସବୁ ଭୂମିହୀନ ନାଗରିକମାନେ ପ୍ରୋଲେଟାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ନିର୍ଦ୍ଦିଷ୍ଟ ସେଞ୍ଚୁରୀର ଅନ୍ତର୍ଭୁକ୍ତ ଥିଲେ। ଶିକ୍ଷିତ ପ୍ଲେବିଆନ୍ ଓ ଭୂମିହୀନ ଶ୍ରେଣୀ ମଝିରେ ଥିଲେ କୃଷକ ଶ୍ରେଣୀ। ରୋମର କ୍ଷୁଦ୍ର କୃଷକମାନଙ୍କୁ ଆସିଦୁଇ (assidui) କୁହାଯାଉଥିଲା। ଏହି ଆସିଦୁଇମାନେ ଥିଲେ ରୋମ ପଦାତିକ ବାହିନୀର ମୁଖ୍ୟ ଅଂଶ। ଖ୍ରୀ.ପୂ. ୩୨୬ରେ ଋଣପାଇଁ ଦାସତ୍ୱକୁ ଉଚ୍ଛେଦ କରାଗଲା ଓ ଋଣ ନେଇ ସୁଝିପାରୁନଥିବା କୃଷକମାନଙ୍କୁ କ୍ରୀତଦାସ କରାଯିବା ପ୍ରସ୍ତାବ ଉପରେ ଅଙ୍କୁଶ ଲଗାଗଲା। ଏହା ସତ୍ତ୍ୱେ ରୋମର କୃଷକମାନେ ଦିନକୁ ଦିନ ଭୂମିହୀନ ହେବାକୁ ଲାଗିଲେ। ଖ୍ରୀ.ପୂ. ୧୪୬ରେ ଭୂମି ସଂସ୍କାର ବ୍ୟବସ୍ଥାକୁ ସମ୍ଭ୍ରାନ୍ତମାନେ ଗ୍ରହଣ କରିନଥିଲେ। ସେମାନଙ୍କର ପ୍ରବଳ ପ୍ରତିରୋଧ ଯୋଗୁଁ ପୁର୍ନଜମି ବଣ୍ଟନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିଲା ନାହିଁ।

## କ୍ରୀତଦାସ ପ୍ରଥା (Slavery) :

ପ୍ରାଚୀନ ଗ୍ରୀସ୍ ପରି ରୋମରେ କ୍ରୀତଦାସ ପ୍ରଥା ସାମାଜିକ ଗଠନର ଏକ ମୁଖ୍ୟ ଅଂଗ ଥିଲା। ରୋମର ସମ୍ଭ୍ରାନ୍ତମାନେ ସାମ୍ରାଜ୍ୟର ପଶ୍ଚିମଭାଗରେ ମୁଖ୍ୟତଃ ସ୍ପେନ୍, ଗଲ୍ ଓ ଇଟାଲୀ ଅଂଚଳରେ ବିସ୍ତିର୍ଣ୍ଣ ଜମିର ଅଧିକାରୀ ହୋଇଥିଲେ। ଏହିସବୁ

ଅଂଚଳ ଅଧିକାର କରିବା ଫଳରେ ଦାସତ୍ୱ ବ୍ୟବସ୍ଥାର ସଂପ୍ରସାରଣର ବିଭିନ୍ନ ନୂତନ ଦିଗ ଆବିଷ୍କୃତ ହେଲା । ପଶ୍ଚିମ ଇଉରୋପର କୃଷି ଭିତ୍ତିକ ଅର୍ଥନୀତି ଲାଟିଫଣ୍ଡିଆ (latifundia) ନାମକ ବିଶାଳ ଜମିଦାରୀ ଦ୍ୱାରା ପ୍ରଭାବିତ ହୋଇଥିଲା । ଗ୍ରୀସ୍‌ର ଲାଟିଫଣ୍ଡିଆ ବା ଜମିଦାରୀର ପରିମାଣ ୭୫ ରୁ ୧୦୦ ଏକର ମଧ୍ୟରେ ସିମୀତ ଥିବାବେଳେ ରୋମର ସମ୍ଭ୍ରାନ୍ତମାନଙ୍କର ଲାଟିଫଣ୍ଡିଆ ୧୦୦୦ ଏକରରୁ ମଧ୍ୟ ଅଧିକା ଥିଲା ।

ଲାଟିଫଣ୍ଡିଆ ବା ଜମିଦାରୀରେ କୃଷିଶ୍ରମିକ ଥିଲେ ମୁଖ୍ୟତ କ୍ରୀତଦାସ । ଲାଟିଫଣ୍ଡିଆରେ କାମ ପାଇଁ ବହୁ ସଂଖ୍ୟକ କ୍ରୀତଦାସଙ୍କର ଆବଶ୍ୟକତା ଥିଲା । ଯୁଦ୍ଧ ଏବଂ ଜଳଦସ୍ୟୁମାନଙ୍କ ଦ୍ୱାରା ସଂଗୃହୀତ କ୍ରୀତଦାସମାନଙ୍କୁ ଏହିସବୁ ଜମିଦାରୀକୁ କୃଷିଭୃତ୍ୟ ରୂପେ ପଠାଯାଉଥିଲା । ହିସାବରୁ ଜଣାଯାଇଛି ଯେ କେବଳ ଇଟାଲୀୟ ଉପଦ୍ୱୀପରେ ଖ୍ରୀ.ପୂ. ୨୨୫ରୁ ୪୩ ମଧ୍ୟରେ କ୍ରୀତଦାସଙ୍କ ସଂଖ୍ୟା ୬୦୦,୦୦୦ରୁ ବଢ଼ି ୩୦୦୦୦୦୦ରେ ପହଞ୍ଚିଥିଲା । ଅଗଷ୍ଟସ୍ ଏବଂ ତାଙ୍କର ଉତ୍ତରାଧିକାରୀମାନଙ୍କ ଦ୍ୱାରା ପଶ୍ଚିମାଞ୍ଚଳରେ ରୋମୀୟ ଶାସନର ଦୃଢ଼ୀକରଣ ସମୟରେ ସ୍ପେନ ଓ ଗଲ୍ ରାଜ୍ୟରେ କୃଷି ଓ ଦାସତ୍ୱ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଥିଲା । ଅଗଷ୍ଟସ୍‌ଙ୍କ ସମୟରେ ରୋମରେ ଶାନ୍ତି ଓ ଦୃଢ଼ତା ବଜାୟ ରହିଥିବାରୁ ରୋମୀୟ ଶାସନ ଓ ସାମାଜିକ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଥିଲା ।

ରୋମ ସାମ୍ରାଜ୍ୟରେ କ୍ରୀତଦାସମାନଙ୍କ ପାଇଁ ମଧ୍ୟ ନିୟମ ପ୍ରଣୟନ ହୋଇଥିଲା । କ୍ରୀତଦାସମାନଙ୍କ ପାଇଁ ବ୍ୟବହୃତ ହେଉଥିବା ଏକ ସାଧାରଣ ଶବ୍ଦ ଥିଲା ସରଭସ୍ (Servus) । ଗୋରୁଗାଈଙ୍କ ପରି କ୍ରୀତଦାସମାନଙ୍କୁ ବଜାରରେ କିଣା-ବିକା କରାଯାଉଥିଲା । ରୋମୀୟ ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରରେ କ୍ରୀତଦାସ ବ୍ୟବସ୍ଥା ଦେଖିବାକୁ ମିଳୁଥିଲା । ବିଶେଷକରି କୃଷି, ଖଣି ଏବଂ ହସ୍ତଶିଳ୍ପରେ ଏମାନଙ୍କୁ ବହୁଳ ବ୍ୟବହାର କରାଯାଉଥିଲା । ସରକାରୀ ଅଫିସରେ ମଧ୍ୟ କ୍ରୀତଦାସ କିରାଣୀରୂପରେ କାମ କରୁଥିଲେ । ସର୍ବାଧିକ କ୍ରୀତଦାସ କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିଲେ । କୃଷିକାର୍ଯ୍ୟ ଓ ଖଣିରେ କାର୍ଯ୍ୟ କରୁଥିବା କ୍ରୀତଦାସଙ୍କୁ ଚେନ୍‌ରେ ବନ୍ଧା ଯାଉଥିଲା । ରୋମ ସରକାର କ୍ରୀତଦାସଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ପୋଲିସ୍ କର୍ମଚାରୀ ନିଯୁକ୍ତ କରିଥିଲେ । ବିଶେଷକରି କ୍ରୀତଦାସଙ୍କ ମଧ୍ୟରେ ଯେପରି ଏକତା ଭାବ ସୃଷ୍ଟି ନ ହେବ ସେଥିପାଇଁ ସେମାନଙ୍କୁ ସବୁବେଳେ ଏକୁଟିଆ ରଖାଯାଉଥିଲା । ସେମାନେ ଅଲଗା ଅଲଗା ଭାଷା କହୁଥିବାରୁ ସେମାନେ ଭିତରେ ବଂଶଗତ ବା ଜାତିଗତ ସଂପର୍କ ନ ଥିଲା । ସରକାରଙ୍କ ତୀକ୍ଷ୍ଣ ନଜର ସତ୍ତ୍ୱେ ଅନେକ ସମୟରେ କ୍ରୀତଦାସମାନେ ବିଦ୍ରୋହ କରିବା ଦେଖାଯାଉଥିଲା । ତିନୋଟି କ୍ରୀତଦାସ ବିଦ୍ରୋହ ସଂପର୍କରେ ଆମକୁ ତଥ୍ୟ ମିଳିଥାଏ । ପ୍ରଥମଟି ଖ୍ରୀ.ପୂ. ୧୩୬-୧୩୨ ମଧ୍ୟରେ ସିସିଲିରେ, ୨ୟଟି ଖ୍ରୀ.ପୂ. ୧୨୦-୧୦୪ ମଧ୍ୟରେ ଓ ତୃତୀୟଟି ଯାହାକି ଥିଲା ସବୁଠାରୁ ବଡ଼ କ୍ରୀତଦାସ ବିଦ୍ରୋହ ଖ୍ରୀ.ପୂ. ୭୩-୭୧ ମଧ୍ୟରେ କାପୁଆ (ଆଧୁନିକ ନେପଲସ୍)ଠାରେ ଆରମ୍ଭ ହୋଇଥିଲା । ଏହି ବିଦ୍ରୋହକୁ 'ସ୍ପାର୍ଟାକସ' ବିଦ୍ରୋହ ବୋଲି ମଧ୍ୟ କୁହାଯାଏ । ଏ ସମସ୍ତ କ୍ରୀତଦାସ ବିଦ୍ରୋହକୁ ଅତି ଦୃଢ଼ ହସ୍ତରେ ନିର୍ଦ୍ଦୟ ଭାବରେ ଦମନ କରାଯାଇଥିଲା । ପ୍ରାଚୀନ ରୋମ୍‌ରେ କ୍ରୀତଦାସ ବ୍ୟବସ୍ଥା ଯେଉଁ ଶିଖରରେ ପହଞ୍ଚିଥିଲା, ସେପରି ପୃଥିବୀର ଆଉ କୌଣସି ପ୍ରାଚୀନ ସଭ୍ୟତାରେ ଦେଖିବାକୁ ମିଳେନାହିଁ । ପ୍ରାଚୀନ ଗ୍ରୀସ୍ ସମାଜରେ କ୍ରୀତଦାସ ବ୍ୟବସ୍ଥା ଥିଲା ବୋଲି କୁହାଯାଉଥିବା ବେଳେ ରୋମ୍‌କୁ ଏକ କ୍ରୀତଦାସ ସମାଜ ବୋଲି କୁହାଯାଏ ।

## ପ୍ରାଚୀନ ରୋମର ସାମାଜିକ ବ୍ୟବସ୍ଥା :

ପ୍ରାଚୀନ ରୋମର ଏକ ଶ୍ରେଣୀ ବିଭାଜିତ ସମାଜ ଥିଲା । ସମ୍ପତ୍ତି, ସ୍ୱାଧୀନତା ଓ ଅଧିକାର ଦୃଷ୍ଟିରୁ ସମାଜରେ ବିଭିନ୍ନ ଶ୍ରେଣୀର ସୃଷ୍ଟି ହୋଇଥିଲା । ଶ୍ରେଣୀ ବିଭାଗରେ ନିମ୍ନ ଶ୍ରେଣୀର ବ୍ୟକ୍ତିମାନେ ଉଚ୍ଚଶ୍ରେଣୀକୁ ଯିବାପାଇଁ ସୁଯୋଗ ମଧ୍ୟ ଥିଲା । ମୁଖ୍ୟତଃ ରୋମୀୟ ସମାଜରେ ଛଅଟି ଶ୍ରେଣୀର ଲୋକମାନେ ରହୁଥିଲେ । ସେମାନେ ହେଲେ ପାଟ୍ରିସିଆନ (Patrician), ପ୍ଲେବିଆନ (Plebians), ଇକ୍ୱେଷ୍ଟିଆନ୍ (Equestrians), ସାଧାରଣ ଜନତା (Freed People) ଏବଂ କ୍ରୀତଦାସ (Slaves) ।

୧. **ପାଟ୍ରିସିଆନ (Patricians) ଓ ପ୍ଲେବିଆନ (Plebians) :** ରୋମରେ ଯେତେବେଳେ ରାଜତନ୍ତ୍ର ଥିଲା ସେତେବେଳେ ସମସ୍ତ ସରକାରୀ ପଦପଦବୀ ଓ ଉପଦେଷ୍ଟା ମଣ୍ଡଳୀ କେବଳ ଧନୀ ଏବଂ ସମ୍ଭ୍ରାନ୍ତ ବଂଶର ବ୍ୟକ୍ତିମାନଙ୍କ କବଳରେ ରହିଥିଲା । ଏହି ସମ୍ଭ୍ରାନ୍ତବଂଶର ବ୍ୟକ୍ତିମାନଙ୍କୁ ପାଟ୍ରିସିଆନ (Patrician) କୁହାଯାଉଥିଲା । ପାଟ୍ରିସିଆନ୍‌ମାନଙ୍କ ସମକକ୍ଷ ନ ହେଲେ ମଧ୍ୟ ପ୍ଲେବିଆନ (Plebian)ମାନେ ଯଦିଓ ରାଜନୀତିରେ ନିଜର ପ୍ରାଧାନ୍ୟ ବିସ୍ତାର କରିପାରିନଥିଲେ, ତେବେ ସେମାନେ ପୂଜକ (Priestly) ପଦବୀ ଏବଂ ସିନେଟର (Senator) ପଦବୀ ହାସଲ କରିବାପାଇଁ ସକ୍ଷମ ହୋଇଥିଲେ । କିଛି ସମୟ ପରେ ସେମାନେ ରାଜନୀତିରେ ନିଜର ପ୍ରାଧାନ୍ୟ ବିସ୍ତାର କରିପାରିଥିଲେ ଏବଂ ବିପୁଳ ସମ୍ପତ୍ତିର ଅଧିକାରୀ ମଧ୍ୟ ହୋଇପାରିଥିଲେ । ପାଟ୍ରିସିଆନମାନଙ୍କ ସହ ପ୍ଲେବିଆନ୍‌ମାନେ ମିଶି ପ୍ରାଚୀନ ରୋମର ପ୍ରଶାସନିକ ବ୍ୟବସ୍ଥାକୁ ସୁସ୍ଥ ଓ ସବଳ କରିପାରିଥିଲେ ।

୨. **ସିନେଟର ଶ୍ରେଣୀ (Senators) :** ରୋମୀୟ ସିନେଟ୍‌ରେ ସଭ୍ୟଥିବା ଏହି ବ୍ୟକ୍ତିମାନେ ସେମାନଙ୍କର ପ୍ରଶାସନିକ କ୍ଷମତା ଯୋଗୁଁ ହିଁ ଅତ୍ୟନ୍ତ ପ୍ରଭାବଶାଳୀ ଥିଲେ । ଯଦିଓ ପାଟ୍ରିସିଆନ୍‌ମାନଙ୍କ ତୁଳନାରେ ସିନେଟରମାନଙ୍କର ପ୍ରଭାବ କମ୍ ଥିଲା, ସେମାନେ ସମାଜରେ ଅତ୍ୟନ୍ତ ସମ୍ମାନସ୍ପଦ ବ୍ୟକ୍ତି ଥିଲେ । ମୁଖ୍ୟତଃ ସିନେଟରମାନେ ସମ୍ଭ୍ରାନ୍ତବଂଶୀୟ ବ୍ୟକ୍ତିଥିଲେ । ଯେଉଁ ପରିବାରରେ କୌଣସି ପୂର୍ବଜ ବୈଦେଶିକ କୂଟନୀତିଜ୍ଞ (Ambassador) କାମ କରିଥାନ୍ତି, ତେବେ ସେ ପରିବାରର ସଭ୍ୟମାନେ ସିନେଟର ହେବାର ଯୋଗ୍ୟତା ହାସଲ କରିଥାଆନ୍ତି । କିମ୍ବା ଜଣେ ବ୍ୟକ୍ତିର ସମ୍ପତ୍ତିମୂଲ୍ୟ ଯଦି ୮୦୦,୦୦୦ ସେଷ୍ଟରସେସ୍‌ରୁ (Sesterces) ଅଧିକ ହୋଇଥାଏ ତେବେ ତା ପରିବାର ଆଜୀବନ ସିନେଟ୍ ସଭ୍ୟପଦ ପାଇବାପାଇଁ ଯୋଗ୍ୟ ହୁଏ । କିନ୍ତୁ ସିନେଟରମାନଙ୍କୁ ଅନେକ ସାମାଜିକ ଆଇନ୍‌କାନୁନ୍ ଭିତରେ ବାନ୍ଧି ହୋଇ ରହିବାକୁ ପଡ଼େ । ସେମାନେ ନିଜ ଅଞ୍ଚଳରେ କୌଣସି ବାଣିଜ୍ୟ ଓ ବ୍ୟବସାୟ କାର୍ଯ୍ୟରେ ନିଯୋଗ କରିପାରିବେ ନାହିଁ । ଏଭଳିକି କୌଣସି ସିନେଟ୍‌ଗୋଷ୍ଠୀର ବ୍ୟକ୍ତି ପଣ୍ୟବାହୀ ଜାହାଜ ନିଜେ ରଖିପାରିବେ ନାହିଁ । ଏହି ନିୟମଗୁଡ଼ିକ ପାଟ୍ରିସିଆନ୍‌ମାନଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା ।

୩. **ଇକ୍ୱେଷ୍ଟ୍ରିଆନ୍‌ସ (Equestrians) :** ଏହି ବ୍ୟକ୍ତିବିଶେଷମାନେ ପ୍ରାୟତଃ ସାଧାରଣ ବ୍ୟକ୍ତି ଯେଉଁମାନେ ବିଭିନ୍ନ ବାଣିଜ୍ୟ ବ୍ୟବସାୟରେ ଲିପ୍ତ । ବିଭିନ୍ନ ସିନେଟର ମାନଙ୍କର ପୃଷ୍ଠପୋଷକତା ହେତୁ ଏମାନେ ପ୍ରଚୁର ସମ୍ପତ୍ତିର

ଅଧିକାରୀ ହୋଇପାରନ୍ତି । ଯେତେବେଳେ ଏଭଳି ବ୍ୟକ୍ତିମାନଙ୍କର ସ୍ଥାୟୀ ଆୟ ୪୦୦,୦୦୦ ସେଷ୍ଟରସେସ୍ (sesterces)ରୁ ଅଧିକ ହୁଏ ସେତେବେଳେ ଏମାନେ ଇକ୍ୱେଷ୍ଟ୍ରିଆନ୍ ଭାବରେ ପରିଚିତ ହୁଅନ୍ତି । ଯଦିଓ ରାଜନୀତିରେ ଇକ୍ୱେଷ୍ଟ୍ରିଆନ ରାଜନୀତି ଦୃଷ୍ଟିକୋଣରୁ ଏତେ ପ୍ରଭାବଶାଳୀ ନୁହନ୍ତି କିନ୍ତୁ ସେମାନଙ୍କର ପ୍ରଚୁର ସମ୍ପତ୍ତି ଯୋଗୁଁ ସେମାନେ ଅତ୍ୟନ୍ତ ସମ୍ମାନସ୍ପଦ ବ୍ୟକ୍ତି ।

୪. **ସାଧାରଣ ଜନତା ବା ନାଗରିକ (Commons) :** ସମସ୍ତ ରୋମୀୟ ନାଗରିକମାନେ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଏମାନେ ଜନ୍ମରୁ ମୁକ୍ତ । ଏମାନଙ୍କର ଏକ ନିର୍ଦ୍ଦିଷ୍ଟ ପ୍ରକାରର ପୋଷାକ ରହିଛି ଯାହାକୁ "ଟୋଗା" (Toga) କୁହାଯାଏ । ଏମାନଙ୍କର ନାଗରିକତ୍ୱ ରହିଛି ଏବଂ ଏମାନଙ୍କର ଅନ୍ୟ ନାଗରିକମାନଙ୍କ ସହ ବୈବାହିକ ସଂପର୍କ ସ୍ଥାପନ କରିବା ପାଇଁ ଆଇନ୍‌ଗତ ଅଧିକାର ରହିଥିଲା ।

୫. **ମୁକ୍ତ ବ୍ୟକ୍ତି (Freed People) :** ଏହି ଶ୍ରେଣୀ / ଗୋଷ୍ଠୀର ଉଭୟ ପୁରୁଷ ଓ ନାରୀ ପ୍ରଥମରୁ କ୍ରୀତଦାସ (slave) ଥିଲେ ଏବଂ ପରବର୍ତ୍ତୀ ସମୟରେ ନିଜର ସ୍ୱାଧୀନତା କ୍ରୟ କରିଥିଲେ, କିନ୍ତୁ ସେମାନେ ସଂପୂର୍ଣ୍ଣ ଭାବରେ ମୁକ୍ତ ନୁହନ୍ତି ଏବଂ ସେମାନଙ୍କର ଆଇନଗତ ଅଧିକାର ନେଇ ଅନେକଗୁଡ଼ିଏ ପ୍ରତିବନ୍ଧକ ରହିଛି । କୌଣସି ସର୍ବସାଧାରଣ କାର୍ଯ୍ୟାଳୟରେ କାମ କରିବା ପାଇଁ ସେମାନେ ଯୋଗ୍ୟ ନ ଥିଲେ ।

୬. **କ୍ରୀତଦାସ (Slaves) :** ରୋମୀୟ ସମାଜରେ କ୍ରୀତଦାସ ମାନଙ୍କର ସ୍ଥାନ ସବୁଠାରୁ ନିଚ୍ଚରେ ଥିଲା । ସେମାନଙ୍କର ନିଜର କୌଣସି ସ୍ୱାଧୀନତା ନ ଥିଲା । ସେମାନେ ଥିଲେ ସେମାନଙ୍କର ପ୍ରଭୂଙ୍କର ସଂପତ୍ତି । ସେମାନଙ୍କୁ ପଣ୍ୟଦ୍ରବ୍ୟ ଭାବରେ ବ୍ୟବହାର କରଯାଉଥିଲା ।

ରୋମୀୟ ସମାଜରେ ଜଣେ ବ୍ୟକ୍ତିର ଶ୍ରେଣୀ ଓ ଅବସ୍ଥା ସବୁବେଳେ ପରିବର୍ତ୍ତନ ହେବାର ଯଥେଷ୍ଟ ସମ୍ଭାବନା ରହୁଥିଲା । ସମ୍ପତ୍ତି ଓ ରାଜନୈତିକ ସୁବିଧା ସୁଯୋଗ ଶ୍ରେଣୀ ବିଭାଗରେ ସବୁବେଳେ ପରିବର୍ତ୍ତନ ଆଣିବାରେ ସହାୟକ ହେଉଥିଲା ।

ସାଧାରଣତନ୍ତ୍ର ସମୟ କାଳରେ ଜଣେ ବ୍ୟକ୍ତିର ସ୍ୱାଧୀନତା ଓ ଶ୍ରେଣୀ ତାର ଜନ୍ମ ଦ୍ୱାରା ନିର୍ଦ୍ଧାରିତ ହେଉଥିଲା । ଜନଗଣନାଦ୍ୱାରା ବ୍ୟକ୍ତିର ସମ୍ପତ୍ତି ଓ ରାଜନୈତିକ ସୁବିଧା ସୁଯୋଗ ସ୍ଥିରିକୃତ ହେଉଥିଲା ବିଭିନ୍ନ ବିଭାଗରେ ପାରଦର୍ଶିତା ଲାଭ କରୁଥିବା ବ୍ୟକ୍ତିମାନଙ୍କର ଉପର ଶ୍ରେଣୀକୁ ଯିବାର ସମସ୍ତ ସମ୍ଭାବନା ରହୁଥିଲା । ସହରରେ ବସବାସ କରୁଥିବା ବ୍ୟକ୍ତିମାନଙ୍କର ହୁଏତ ନାଗରିକତ୍ୱ ଥିଲା କିନ୍ତୁ ଭୋଟ ଦେବାର ଅଧିକାର ନଥିଲା । ମୁକ୍ତଭାବରେ ଜନ୍ମ ନେଇଥିବା ମହିଳାମାନଙ୍କର ନାଗରିକତ୍ୱ ଥିଲା କିନ୍ତୁ ଭୋଟ ଦେବାର ଅଧିକାର ନ ଥିଲା କିମ୍ବା ସେମାନେ କୌଣସି ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରିପାରୁନଥିଲା ।

## ରୋମୀୟ ସମାଜରେ ନାରୀ ଓ ପୁରୁଷମାନଙ୍କର ଅବସ୍ଥା :
## (Gender in Roman Society)

ରୋମୀୟ ସମାଜ ପିତୃକୈନ୍ଦ୍ରିକ ଅଟେ। ପରିବାରକୁ ଫାମିଲିଆ (Familia) କୁହାଯାଉଥିଲା। ପରିବାର କହିଲେ ଆମେ ଭାରତରେ ଯେମିତି ବୁଝୁ ତା ଠାରୁ ରୋମୀୟ ପରିବାର ଅର୍ଥ ବ୍ୟାପକ ଅଟେ। ପରିବାରର ସଦସ୍ୟ ହେଲେ ପିତା (Pater familias), ମାତା (The Mater familias / usually his wife), ପୁତ୍ରମାନେ (Filii familias), ଅବିବାହିତ ଝିଅ ବା କନ୍ୟାମାନେ (The filiae familias), ପୁତ୍ରବଧୂ, ନାତି ଓ ଅବିବାହିତ ନାତୁଣୀ ଏବଂ ଘରେ କ୍ରୀତଦାସ (Slaves) ମାନେ।

ପିତା ହେଉଛନ୍ତି ଗୃହର ମୁଖ୍ୟ। ପରିବାରର ସେ ହେଲେ ସର୍ବୋଚ୍ଚ କର୍ତ୍ତା। ସେ ଗୃହର ପୂଜକ ହିସାବରେ ଘରର ଦେବାଦେବୀମାନଙ୍କୁ ପୂଜା କରିବା ତାଙ୍କର ଦାୟିତ୍ୱ। ପିତା ହେଉଛନ୍ତି ଏକଛତ୍ରବାଦୀ। ଗୃହର ମୁଖ୍ୟ ହିସାବରେ ପରିବାରର ସମସ୍ତ ନିଷ୍ପତ୍ତି ନେବା ତାଙ୍କର ଆଇନଗତ ଅଧିକାର। ଏହି ଏକଛତ୍ରବାଦୀ ବ୍ୟବସ୍ଥାକୁ 'ମନୁଷ୍' (Manus) କୁହାଯାଉଥିଲା। 'ମନୁଷ' କହିଲେ "ସ୍ତ୍ରୀ"ମାନେ ସ୍ୱାମୀମାନଙ୍କର ଅଧସ୍ତନ ହୋଇ ରହିବାକୁ ବୁଝାଇଥାଏ। ଗୃହକର୍ତ୍ତା ଭାବରେ ପିଲାମାନଙ୍କର ବିବାହ ଏବଂ ସେମାନଙ୍କର ଆୟ ଉପରେ ସଂପୂର୍ଣ୍ଣ ଆଇନଗତ ଅଧିକାର ରହିଛି। ଯଦି ପୁଅମାନେ ସାବାଳକ ହେବାପରେ ସ୍ୱତନ୍ତ୍ର ଭାବେ ବସବାସ କରିବାର ଅଛି, ତେବେ ଯେପର୍ଯ୍ୟନ୍ତ ସେ ତାର ପିତାଙ୍କର ଘରେ ଅଛି ସେ ପିତାଙ୍କ ନିୟନ୍ତ୍ରଣରେ ରହୁଥିଲା। ପିଲାମାନଙ୍କୁ ଦଣ୍ଡଦେବା, ଗୃହରୁ ବହିଷ୍କାର କରିବା ଏବଂ ଭୃତ୍ୟ ଭାବରେ ବିକ୍ରୀ କରିବାର କ୍ଷମତା ମଧ୍ୟ ତାଙ୍କର ରହିଥିଲା। ସ୍ୱାମୀ ଓ ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀ ତଥା ନାରୀମାନଙ୍କ ସ୍ଥାନ ନିମ୍ନସ୍ତରର ଅଟେ। ରୋମାନ୍ ଆଇନ୍ ଅନୁସାରେ ସେମାନେ ଏକ ଦୁର୍ବଳ ପ୍ରାଣୀ (imbecillitas)। ବିବାହ ପରେ ପିତୃଧନରେ ତା'ର କୌଣସି ଅଧିକାର ନାହିଁ। ସ୍ୱାମୀର ଘରେ ତାକୁ ଅଧଃସ୍ତନ ହୋଇ ରହିବାକୁ ପଡ଼େ। ସ୍ୱାମୀ ଚାହିଁଲେ ତାକୁ କ୍ରୀତଦାସ ଭାବରେ ବିକ୍ରୀ କରି ଦେଇପାରିବ ଏବଂ ଜୀବନରେ ମାରିଦେଇ ପାରିବ। କିନ୍ତୁ ଗ୍ରୀକ୍ ନାରୀମାନଙ୍କ ଅପେକ୍ଷା ସେମାନଙ୍କର ଅବସ୍ଥା ବହୁତ ଭଲ ଥିଲା। ପିଲାମାନଙ୍କର ଲାଳନପାଳନ ତାର ମୁଖ୍ୟ ଦାୟିତ୍ୱ ଥିଲା। ଘରର ସଂପତ୍ତିରେ ପୁଅମାନଙ୍କ ଭଳି ତାର ସମାନ ଭାଗ ରହୁଥିଲା। ଘରୁ ବାହାରକୁ ଯିବାବେଳେ ତାକୁ ତାର ସ୍ୱାମୀର ଅନୁମତି ନେବାକୁ ପଡୁଥିଲା ଏବଂ ତା ସାଙ୍ଗରେ ଜଣେ ଅଙ୍ଗରକ୍ଷକ ଯାଉଥିଲେ। ଖ୍ରୀ.ପୂ. ୩ୟ ଶତାବ୍ଦୀର ଶେଷବେଳକୁ ନାରୀମାନଙ୍କ ଅବସ୍ଥାରେ ସାମାନ୍ୟ ଉନ୍ନତି ଆସିଲା। ଯେହେତୁ ପ୍ରଥମ ପ୍ୟୁନିକ୍ ଯୁଦ୍ଧ (264-241 B.C.) ଏବଂ ଦ୍ୱିତୀୟ ପ୍ୟୁନିକ୍ ଯୁଦ୍ଧ (218-201 B.C) ଅନେକ ରୋମାନ୍ ସୈନ୍ୟ ମୃତ୍ୟୁବରଣ କରିଥିଲେ, ତେଣୁ ପରିବାରକୁ ସମ୍ଭାଳିବାର ଦାୟିତ୍ୱ ସ୍ତ୍ରୀମାନଙ୍କ ହାତକୁ ଆସିଲା। ଯୁଦ୍ଧ ପରବର୍ତ୍ତୀ ଅବସ୍ଥାରେ ଲୋକମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଆସିଲା ଏବଂ ନାରୀମାନଙ୍କର ସ୍ୱାଧୀନତା ବୃଦ୍ଧି ପାଇଲା। କିନ୍ତୁ ଏହି ସ୍ୱାଧୀନତା ଯୋଗୁ ବିଭିନ୍ନ ପ୍ରକାର ନୈତିକ ଅଧୋପତନ ଆସିଲା। ନାରୀମାନେ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟରେ ଲିପ୍ତ ହେଲେ। ତେବେ ପୁରୁଷ-ନାରୀ ବିଭେଦତା ରୋମୀୟ ସମାଜର ଏକ ବିଶେଷତ୍ୱ ଅଟେ।

## ବୃତ୍ତିଗତ ସୈନ୍ୟବାହିନୀ ଓ ଯୁଦ୍ଧ ଅଧିପତି :

ରୋମ୍ ସାଧାରଣତନ୍ତ୍ରର ଶେଷ ୧୦୦ ବର୍ଷରେ ଅନେକ ପରିବର୍ତ୍ତନ ଦେଖା ଦେଇଥିଲା । ସବୁଠାରୁ ବଡ଼ ପରିବର୍ତ୍ତନ ଥିଲା ଏକକ ସେନାପତିମାନଙ୍କ ଉଦ୍ୟମରେ ବୃତ୍ତିଗତ ସୈନ୍ୟବାହିନୀ ଗଠନ । ଏହି ସୈନ୍ୟମାନେ ଦେଶ ଅପେକ୍ଷା ସେମାନଙ୍କ ସେନାଧକ୍ଷଙ୍କ ପ୍ରତି ବେଶୀ ଅନୁରକ୍ତ ଥିଲେ । ନିଜର କ୍ଷମତା ଓ ସମ୍ବଳ ବୃଦ୍ଧିପାଇଁ ସେନାଧକ୍ଷମାନେ ଯୁଦ୍ଧ ଅଭିଯାନ ଚଳାଉଥିଲେ । କ୍ରମେ ନିଜ ନିଜର ପ୍ରଭାବ ଓ ଶକ୍ତି ବୃଦ୍ଧିପାଇଁ ସେନାଧକ୍ଷମାନେ ପରସ୍ପର ମଧ୍ୟରେ ତଥା ସିନେଟ୍ ସହିତ କଳହରେ ବ୍ୟସ୍ତ ରହିଲେ । ରୋମ୍‌ରେ ସୈନ୍ୟବାହିନୀର ମୁଖ୍ୟ ଆଧାର ଥିଲେ କ୍ଷୁଦ୍ର ଜମି ମାଲିକାନା ଥିବା କୃଷକ । କୃଷକ ରୂପି ସୈନିକମାନେ ଯୁଦ୍ଧ ପାଇଁ ନିଜ ନିଜର ଅସ୍ତ୍ରଶସ୍ତ୍ର ପ୍ରସ୍ତୁତି କରି ରଖୁଥିଲେ ।

ଆସିଡୁଇ (Assidui) ବା କ୍ଷୁଦ୍ର କୃଷକମାନଙ୍କୁ ଜମି ପୁର୍ନବଣ୍ଟନ ପାଇଁ ବିରୋଧ ହେବାରୁ ସୈନ୍ୟବାହିନୀ ପାଇଁ ସୈନ୍ୟ ସଂଗ୍ରହରେ ମଧ୍ୟ ବାଧା ଉପୁଜିଲା । ଭୂମିହୀନ ନାଗରିକମାନେ ସେମାନଙ୍କ ନିଜ ସମ୍ବଳ ବ୍ୟୟ କରି ସୈନ୍ୟସେବା ପ୍ରଦାନ କରିବା ସମ୍ଭବ ହେଲା ନାହିଁ । ପୂର୍ବରୁ ରୋମ ଅଧିକୃତ ଅଞ୍ଚଳରୁ ଅର୍ଥ ସଂଗ୍ରହ କରି ଖର୍ଚ୍ଚ ଭରଣା କରାଯାଉଥିଲା । ଅଶ୍ୱାରୋହୀ ସେନାର କିଛି ଖର୍ଚ୍ଚ ରାଷ୍ଟ୍ର ବହନ କରୁଥିଲା । ପ୍ରଥମ ଥର ପାଇଁ ଖ୍ରୀ.ପୂ. ୧୦୦ରେ ବହୁବାର କନ୍‌ସଲ୍ ପଦବୀରେ ଅବସ୍ଥାପିତ ତଥା ଜଣେ ବିଶିଷ୍ଟ ରାଜନୀତିଜ୍ଞ ଓ ସାମରିକ ନେତା ମରିଅସ୍ (Marius) ସୈନ୍ୟବାହିନୀରେ ପରିବର୍ତ୍ତନ ଆଣିଲେ ଓ ପ୍ରଥମ କରି ସୈନ୍ୟମାନଙ୍କୁ ପ୍ରତ୍ୟକ୍ଷ ବେତନ ପ୍ରଦାନ କରାଗଲା । ସମ୍ଭ୍ରାନ୍ତ ବଂଶୀୟ ସାମରିକ ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ବୃତ୍ତିଗତ ସୈନ୍ୟବାହିନୀ ରୋମର ରାଜନୈତିକ ବିଶୃଙ୍ଖଳାକୁ ଭିନ୍ନରୂପ ଦେଲା ।

ନିଜ ଅଧିନରେ ଥିବା ସୁଦକ୍ଷ ସେନାବାହିନୀ ଦ୍ୱାରା ସାମରିକ ଅଧିପତିମାନେ ରୋମ୍‌କୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିଲେ । ଖ୍ରୀ.ପୂ. ୧୦୦-୨୭ ମଧ୍ୟରେ କେତେଜଣ ଦକ୍ଷ ସେନାଧକ୍ଷ ରୋମକୁ ନିଜ ହାତ ମୁଠାରେ ରଖିବାକୁ ଉଦ୍ୟମ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ମରିଅସ୍ (Marius), ସଲ୍ଲା (Sulla), କ୍ରେସସ୍ (Crassus), ପମ୍ପେ (Pompey), ଜୁଲିୟସ ସିଜର (Julius Caesar), ମାର୍କ ଆଣ୍ଟୋନୀ (Mark Antony) ଏବଂ ଅଗଷ୍ଟସ ସିଜର (Augustus Caesar) । ସମାଜରେ ଅସନ୍ତୁଷ୍ଟମାନଙ୍କୁ ଦମନ ପୂର୍ବକ ସମ୍ଭ୍ରାନ୍ତମାନଙ୍କର ଇଚ୍ଛା ପୂରଣ କରିବାରେ ସୈନ୍ୟବାହିନୀ ମୁଖ୍ୟ ଭୂମିକା ଗ୍ରହଣ କଲା । ରୋମ୍ ରାଜନୀତିରେ ସୈନ୍ୟବାହିନୀର ହସ୍ତକ୍ଷେପ ଭଲ ଭାବରେ ଅନୁଭୂତ ହେଲା ।

ରୋମ ସାଧାରଣତନ୍ତ୍ରର ଶେଷ ଆଡ଼କୁ ସାମାଜିକ ଓ ରାଜନୈତିକ ଅଗ୍ରଗତି ସଂଗେ ସଂଗେ ପଶ୍ଚିମ ଏସିଆରେ କେତେଗୁଡ଼ିଏ ବଡ଼ ସାମରିକ ଅଭିଯାନ ଆରମ୍ଭ ହୋଇଯାଇଥିଲା । ଭୂମଧ୍ୟ ସାଗରୀୟ ଅଞ୍ଚଳ, ପଶ୍ଚିମ ଏସିଆ ଏବଂ ଗ୍ରୀକ୍ ରାଜ୍ୟଗୁଡ଼ିକ ଉପରେ ନିଜର ପ୍ରଭୁତ୍ୱ ଜାହିର କରିବା ପାଇଁ ରୋମ ସେମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଆରମ୍ଭ କଲା । ଗ୍ରୀକ୍ ରାଜ୍ୟଗୁଡ଼ିକୁ ବାଧ୍ୟ କରାଗଲା ରୋମର ବଶ୍ୟତା ସ୍ୱୀକାର କରିବା ପାଇଁ । ନିଜର ସ୍ଥିତିକୁ ଅଧିକ ସୁଦୃଢ଼ ତଥା ଶତ୍ରୁ ଆକ୍ରମଣର ଦୃଢ଼ ଜବାବ ଦେବାପାଇଁ ରୋମୀୟମାନଙ୍କୁ ଏକ ବିଶାଳ ସୈନ୍ୟବାହିନୀକୁ ପ୍ରତିପାଳନ କରିବାକୁ ପଡୁଥିଲା । ଏହି ବିଶାଳ ସୈନ୍ୟବାହିନୀକୁ ନେତୃତ୍ୱ ଦେବାପାଇଁ ଉଭୟ ରାଜନୈତିକ ଓ ସାମରିକ ନେତାମାନଙ୍କ

ମଧ୍ୟରେ ପ୍ରତିଯୋଗିତା ଚାଲିଲା । ରୋମର ପୂର୍ବ ଭାଗରେ ଅଭିଯାନର ନେତୃତ୍ୱ ନେବାପାଇଁ ମରିଅସ୍‌ଙ୍କୁ ସୁଯୋଗ ଦିଆଗଲା । କିନ୍ତୁ ରକ୍ଷଣଶୀଳ ପାଟ୍ରିସିଆନମାନଙ୍କର ନେତୃତ୍ୱ ନେଉଥିବା ସଲ୍ଲା ଏହାକୁ ବିରୋଧ କଲେ । ସଲ୍ଲା ପୂର୍ବ ଭାଗରେ ସୈନ୍ୟମାନଙ୍କର ନେତୃତ୍ୱ ନେଉଥିବାରୁ ମରିଅସ୍‌ଙ୍କୁ ହସ୍ତାନ୍ତର କରିବାକୁ ରାଜି ହେଲେନାହିଁ । ସେ ସୈନ୍ୟବାହିନୀ ଧରି ରୋମ ଆଡ଼କୁ ମାଡ଼ି ଚାଲିଲେ ଜୋର ଜବରଦସ୍ତି କ୍ଷମତା କରଗତ କରିବାପାଇଁ । ଯାହା ଫଳରେ ସଲ୍ଲାଙ୍କ ସପକ୍ଷବାଦୀ ଓ ମରିଅସ୍‌ଙ୍କ ମଧ୍ୟରେ ଏକ ଗୃହଯୁଦ୍ଧ ଆରମ୍ଭ ହୋଇଗଲା ।

ଖ୍ରୀ.ପୂ. ୮୮-୨୨ ମଧ୍ୟରେ ଚାଲିଥିବା ଗୃହ ଯୁଦ୍ଧରେ ସଲ୍ଲା ବିଶେଷ ଶକ୍ତିଶାଳୀ ହୋଇଉଠିଲେ । ଖ୍ରୀ.ପୂ. ୮୬ରେ ମରିଅସ୍‌ଙ୍କର ମୃତ୍ୟୁ ହେବାରୁ ସଲ୍ଲାଙ୍କ କାର୍ଯ୍ୟ ଆହୁରି ସହଜ ହୋଇଗଲା । ଆନାଟୋଲିଆ ଏବଂ ଗ୍ରୀସ୍‌ରେ ସଫଳତାର ସହିତ ଯୁଦ୍ଧାଭିଯାନ କରି ସଲ୍ଲା ସେ ସବୁ ଅଞ୍ଚଳରେ ରୋମୀୟ ଅଧିକାରକୁ ପ୍ରତିହତ କରିଥିଲେ । ଯାହାଫଳରେ ସୈନ୍ୟବାହିନୀ ଉପରେ ସଲ୍ଲାଙ୍କର ସମ୍ମାନ ଓ ପ୍ରଭାବ ବଢ଼ିବାକୁ ଲାଗିଲା । ରୋମ ସାମ୍ରାଜ୍ୟର ଏକାଧିପତି ଶାସନ ହେବାପାଇଁ ସେ ନିଜର ଶକ୍ତି ପ୍ରୟୋଗ କରିବାକୁ ଲାଗିଲେ । ସଲ୍ଲା ଖ୍ରୀ.ପୂ. ୮୨ରେ ରୋମକୁ ଫେରିଲେ ଏବଂ ଅତି ନିର୍ମମଭାବେ ନିଜ ଶତ୍ରୁମାନଙ୍କୁ ଦମନ କଲେ । ଖ୍ରୀ.ପୂ. ୮୧ରେ ସେ ରୋମ୍‌ର ଡିକ୍‌ଟେଟର୍ ରୂପେ ନିଯୁକ୍ତି ପାଇଲେ । ସର୍ବାଧିକ ଛ'ମାସ ପାଇଁ ଡିକ୍‌ଟେଟର ନିଯୁକ୍ତି ବ୍ୟବସ୍ଥା ଥିଲେ ମଧ୍ୟ ସଲ୍ଲା ନିଜ ସୁବିଧା ପାଇଁ ଏହାକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ବଢ଼େଇ ଚାଲିଲେ । ନିଜର ବ୍ୟକ୍ତିଗତ ଅସୁବିଧା ଯୋଗୁଁ ଖ୍ରୀ.ପୂ. ୭୯ରେ ସଲ୍ଲା ନିଜ ପଦବୀରୁ ଅବସର ନେଲେ ଏବଂ ତା' ପର ବର୍ଷ ମୃତ୍ୟୁବରଣ କଲେ ।

ସଲ୍ଲାଙ୍କ ଅବସର ରୋମ ସାଧାରଣତନ୍ତ୍ର ପାଇଁ ଏକ ସନ୍ଧିକ୍ଷଣ ସମୟ ଥିଲା । ଏହା ପରେ ରୋମ ଶାସନ ଉପରେ ଶକ୍ତିଶାଳୀ ସାମରିକ କମାଣ୍ଡର ବା ୱାର ଲର୍ଡମାନଙ୍କର ନିୟନ୍ତ୍ରଣ ଆରମ୍ଭ ହୋଇଗଲା । ୱାରଲର୍ଡ ବା ଯୁଦ୍ଧପତିମାନଙ୍କ ମଧ୍ୟରେ ଲଢ଼େଇ ରୋମ ସାଧାରଣତନ୍ତ୍ରକୁ ଧ୍ୱଂସ ଆଡ଼କୁ ଦ୍ରୁତ ଧାବିତ କଲା । ଚାରି ୱାରଲର୍ଡ ଲୁକୁଲସ୍, କ୍ରେସସ୍, ପମ୍ପେ ଏବଂ ଜୁଲିଅସ ସିଜର ରୋମର ରାଜନୀତିକୁ ଆନ୍ଦୋଳିତ କଲେ । ପ୍ରତ୍ୟେକ ରୋମର ଶାସନ କ୍ଷେତ୍ରରେ ଆଧିପତ୍ୟ ବିସ୍ତାର ପାଇଁ ରାଜନୈତିକ ଓ ସାମରିକ ଶକ୍ତିକୁ ପ୍ରୟୋଗ କଲେ । ରୋମ ସାଧାରଣତନ୍ତ୍ରର ଶେଷ ସମୟ ଆସି ଉପସ୍ଥିତ ହେଲା । ଖ୍ରୀ.ପୂ. ୬୬ରେ ଲୁସିକସ୍ ସରକାରୀ ଜୀବନରୁ ଅବସର ନେବାରୁ କ୍ରେସସ, ପମ୍ପେ ଓ ଜୁଲିଅସ୍ ସିଜାରଙ୍କ ମଧ୍ୟରେ କ୍ଷମତା କନ୍ଦଳ ଲାଗି ରହିଲା । ପରବର୍ତ୍ତୀ ସମୟରେ ଜୁଲିଅସ୍ ସିଜର ନିଜ ବୁଦ୍ଧି, ବିଦ୍ୟା ଓ କୌଶଳ ଦ୍ୱାରା ସମଗ୍ର ରୋମ୍‌କୁ ନିଜ ହାତ ମୁଠାରେ ରଖି ରୋମର ଏକଛତ୍ରବାଦୀ ଶାସକ ବା ସୌର ଶାସକ ହେବାର ଗୌରବ ଲାଭ କରିଥିଲେ ।

## ଜୁଲିଅସ ସିଜର (Julius Caesar)
## (100 B.C - 44 B.C)

ନିଜ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ବଳରେ ଯେଉଁ କେତେଜଣ ମହାନ ବ୍ୟକ୍ତି ଇତିହାସକୁ ଆକର୍ଷଣୀୟ ଓ ମହିମାମଣ୍ଡିତ କରିଛନ୍ତି ସେମାନଙ୍କ ମଧ୍ୟରେ ଜୁଲିଅସ୍ ସିଜର ହେଉଛନ୍ତି ଅନ୍ୟତମ । ଅନେକ ତାଙ୍କୁ ସବୁ ସମୟ ଓ ସବୁ ଯୁଗପାଇଁ ଶ୍ରେଷ୍ଠବ୍ୟକ୍ତି ବୋଲି ଅବିହିତ କରିଥାନ୍ତି । ସେ ଥିଲେ ଏପରି ଏକ ଜଣେ ରାଜନୀତିଜ୍ଞ ତଥା କୂଟନୀତିଜ୍ଞ ଯାହାଙ୍କର ପ୍ରତ୍ୟେକ

କାମରେ ଥିଲା ନିଷ୍ଠା ଓ ଅନୁରାଗ। ଜଣେ ବିଚକ୍ଷଣ ସେନାଧ୍ୟକ୍ଷ ଭାବରେ ସେ ପ୍ରତିଷ୍ଠା ଅର୍ଜନ କରିଥିଲେ। ଲାଟିନ୍ ଭାଷାରେ ସିଜରଙ୍କର ଥିଲା ଅଗାଧ ପାଣ୍ଡିତ୍ୟ। ରୋମୀୟ ସାଧାରଣତନ୍ତ୍ରର ପତନ ତଥା ରୋମ ସାମ୍ରାଜ୍ୟର ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ଭୂମିକା ଥିଲା ସର୍ବଶ୍ରେଷ୍ଠ। ମାନବ ଇତିହାସରେ ଜଣେ ସାହସୀ ଯୋଦ୍ଧା ଏବଂ ଅଭିଜ୍ଞ ସେନାନାୟକ ଭାବରେ ସିଜର ବେଶ୍ ପରିଚିତ। ରୋମ ରାଜ୍ୟ ଓ ସରକାର ଉପରେ ପ୍ରଭୁତ୍ୱ ବିସ୍ତାର କରିବା ପାଇଁ ଯେତେବେଳେ ଘୋର ପ୍ରତିଯୋଗୀତା ଲାଗି ରହିଥିଲା ଠିକ୍ ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଜୁଲିଅସ୍ ସିଜରଙ୍କର ଆବିର୍ଭାବ ହୋଇଥିଲା। କେବଳ ଯେ ସେ ଜଣେ ସଫଳ ସେନାଧ୍ୟକ୍ଷ ଥିଲେ ତାହା ନୁହେଁ, ନିଜ ଦେଶକୁ ସବୁ ଦୃଷ୍ଟିକୋଣରୁ ଉନ୍ନତ କରିବା ପାଇଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିବାକୁ ସକ୍ଷମ ହୋଇଥିଲେ। ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଉଛି ଏକ ନୂତନ ପଞ୍ଜିକା ପ୍ରଣୟନ ଯେଉଁଥିରେ ପ୍ରତି ଚାରିବର୍ଷରେ ଥରେ ଅଧିବର୍ଷ ପଡୁଥିବାର ବିବରଣୀ ରହିଥିଲା ଏବଂ ଆଜି ମଧ୍ୟ ସମଗ୍ର ପୃଥିବୀରେ ଏହା ଗୃହୀତ। ତାଙ୍କ ସମ୍ମାନାର୍ଥେ ତାଙ୍କରି ନାମାନୁସାରେ ଜୁଲାଇମାସର ନାମକରଣ କରାଯାଇଛି। ରୋମ ପାଇଁ ତାଙ୍କର ଥିଲା ଅକୁଣ୍ଠିତ ସାହାଯ୍ୟ, ସମ୍ମାନ ଓ ଭଲପାଇବା। ସେଇଥିପାଇଁ ଜୁଲିଅସ୍ ସିଜରଙ୍କୁ 'ପ୍ୟାଟର ପାଟ୍ରି' ବା 'ପିତୃଭୂମିର ପିତା' (Father of Fatherland)ର ସମ୍ମାନରେ ସମ୍ମାନୀତ କରାଯାଇଛି। ବାସ୍ତବରେ ସିଜର ଥିଲେ ରୋମର 'ମୁକୁଟବିହୀନ ସମ୍ରାଟ'।

## ପ୍ରାରମ୍ଭିକ ଜୀବନ :

ଖ୍ରୀ.ପୂ. ୧୦୦ରେ ରୋମର ଏକ ସମ୍ଭ୍ରାନ୍ତ ପାଟ୍ରିସିଆନ୍ ପରିବାରରେ ଜୁଲିଅସ୍ ସିଜର ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଗାୟସ୍ ଜୁଲିଅସ ସିଜର୍ (Gaius Julius Caesar) ଜଣେ ବିଶିଷ୍ଟ ରାଜନୀତିଜ୍ଞ ଏବଂ ମାତା ଅଉରେଲିଆ (Aurelia) ଥିଲେ ଜଣେ ପ୍ରତିପତିଶାଳୀ ବ୍ୟକ୍ତିଙ୍କ କନ୍ୟା। ତାଙ୍କ ମାଉସୀ ଜୁଲିଆ ରୋମ ସାଧାରଣତନ୍ତ୍ରର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ବିବାହ କରିଥିଲେ।

ଖ୍ରୀ.ପୂ. ୮୫ରେ ପିତାଙ୍କର ମୃତ୍ୟୁପରେ ସମସ୍ତ ଦାୟିତ୍ୱ ୧୬ ବର୍ଷୀୟ ଜୁଲିଅସ୍ଙ୍କ ଉପରେ ପଡ଼ିଲା। ଏହି ସମୟରେ ଗାୟସ୍ ସିଜରଙ୍କ ସାନଭାଇ ଗାୟସ୍ ମରିଅସ୍ ଏବଂ ଲୁସିଅସ୍ କର୍ଣ୍ଣେଲିଅସ୍ ସୁଲ୍ଲାଙ୍କ ମଧ୍ୟରେ ଗୃହଯୁଦ୍ଧ ଚାଲିଥିଲା।

## କର୍ମମୟ ଜୀବନ :

ଜୁଲିଅସ୍ ସିଜର୍ଙ୍କୁ ପ୍ରଥମ କରି ଏକ ରାଜନୈତିକ ସଫଳତା ମିଳିଲା ଖ୍ରୀ.ପୂ. ୬୩ରେ, ଯେତେବେଳେ ସେ ରୋମର ଧାର୍ମିକ କାର୍ଯ୍ୟାଳୟର ମୁଖ୍ୟ ବା ପଣ୍ଟିଫେକ୍ସ ମ୍ୟାକ୍ସିମସ୍ (Pontifex Maximus) ଭାବେ ନିର୍ବାଚିତ ହେଲେ। ଏହାଦ୍ୱାରା ତାଙ୍କୁ ରୋମର ଗରୁତ୍ୱପୂର୍ଣ୍ଣ ରାଜନୈତିକ କାର୍ଯ୍ୟକଳାପରେ ଅଂଶ ଗ୍ରହଣର ସୁଯୋଗ ମିଳିଲା। ଏହି ସମୟରେ ସିଜର ମରିଅସ୍ଙ୍କର ଘନିଷ୍ଠ ସହଯୋଗୀ ଲୁସିକସ୍ କର୍ଣ୍ଣେଲିଅସ୍ ସିନ୍ନାଙ୍କ କନ୍ୟା କର୍ଣ୍ଣେଲିଆଙ୍କୁ ବିବାହ କଲେ। ପରେ ଖ୍ରୀ.ପୂ. ୬୨ରେ ସିଜର ପ୍ରାଏଟର (Praetor) ପଦକୁ ନିର୍ବାଚିତ ହୋଇଥିଲେ ଏବଂ ତାଙ୍କର ପ୍ରାଏଟର କାର୍ଯ୍ୟ ସ୍ପେନ୍‌ରେ ଆରମ୍ଭ ହୋଇଥିଲା। ସିଜର ଯଥାଶୀଘ୍ର ତାଙ୍କ କ୍ଷମତାର ସଦୁପଯୋଗ କରିବାକୁ ଚାହୁଁଥିଲେ। ପଶ୍ଚିମ ଇଉରୋପର ରୋମୀୟ

ପ୍ରଦେଶରେ ଥିବା କେତେକ ମୂଳଜନଜାତି ବାସିନ୍ଦାଙ୍କ ବିରୁଦ୍ଧରେ ଯୁଦ୍ଧ ଅଭିଯାନ କରି ସିଜର ନିଜର ସଫଳତା ଦେଖାଇଲେ। କିନ୍ତୁ ସେତେବେଳେ ତାଙ୍କର କେତେକ ରାଜନୈତିକ ପ୍ରତିଦ୍ୱନ୍ଦୀ ଯୁଦ୍ଧ ଆରମ୍ଭ କରିଥିବାରୁ ସିଜରଙ୍କ ଉପରେ ଦୋଷାରୋପ କରିଥିଲେ।

ଖ୍ରୀ.ପୂ. ୫୯ରେ ସେନଝୁରୀ ସଭା ଦ୍ୱାରା ରୋମ ସାଧାରଣତନ୍ତ୍ରର ଜଣେ ବରିଷ୍ଠ କନ୍‌ସଲ ଭାବରେ ସିଜର ନିର୍ବାଚିତ ହେଲେ। ନିଜର ଶକ୍ତି ବୃଦ୍ଧି କରିବା ପାଇଁ ମିତ୍ରଗୋଷ୍ଠୀର ଅନ୍ୱେଷଣରେ ଥିଲେ ସିଜର। ତେଣୁ ସୁଲ୍ଲାଙ୍କ ଶାସନ ସମୟରେ ସେନାଧକ୍ଷ ଥିବା ପମ୍ପେ (Pompey) ଯିଏକି ରୋମର ଜଣେ ପ୍ରତିଷ୍ଠିତ ଧନଶାଳୀ ବ୍ୟକ୍ତି ଥିଲେ, ତାଙ୍କ ସହିତ ବନ୍ଧୁତା ସୂତ୍ରରେ ଆବଦ୍ଧ ହେଲେ। ପରେ ରୋମର ପୂର୍ବତନ କନ୍‌ସଲ୍ ତଥା ବିଶିଷ୍ଟ ରାଜନୀତିଜ୍ଞ ଓ ଧନଶାଳୀ ବ୍ୟକ୍ତି କ୍ରେସସ୍ (Crassus)ଙ୍କ ସହିତ ମିଶି ସିଜର ଯେଉଁ ମିତ୍ରଗୋଷ୍ଠୀ ସୃଷ୍ଟି କଲେ ତାହାକୁ କୁହାଗଲା, 'ପ୍ରଥମ ତ୍ରିବ୍ୟକ୍ତି ମେଣ୍ଟ' ବା First Triumvirate ଖ୍ରୀ.ପୂ. ୫୮ରେ ସିଜର ଏକମାତ୍ର କନ୍ୟା ଜୁଲିଆଙ୍କୁ ପମ୍ପେଙ୍କ ସହିତ ବିବାହ କରିଦେଲେ। ଯାହାଫଳରେ ପମ୍ପେଙ୍କ ସହିତ ତାଙ୍କ ବନ୍ଧୁତା ଆହୁରି ମଜଭୁତ ହେଲା। ଏହି ତ୍ରିବ୍ୟକ୍ତି ମେଣ୍ଟ ଦ୍ୱାରା ସିଜର ବିଶେଷ ଲାଭବାନ ହେଲେ। ଗୋଟିଏ ପକ୍ଷରେ ପମ୍ପେଙ୍କ ପରି ଜଣେ ଶକ୍ତିଶାଳୀ ସାମରିକ ବ୍ୟକ୍ତିତ୍ୱ ତଥା ଧନଶାଳୀ ବ୍ୟକ୍ତି ପାଖକୁ ଆସିବାବେଳେ ଅନ୍ୟ ପକ୍ଷରେ କ୍ରେସସ୍‌ଙ୍କ ପରି ଜଣେ ଶକ୍ତିଶାଳୀ ସୁନାମଧନ୍ୟ ରାଜନୀତିଜ୍ଞ ବନ୍ଧୁହେବା ଦ୍ୱାରା ସିଜରଙ୍କ ରାଜନୈତିକ ପରିସର ବହୁଗୁଣକୁ ବୃଦ୍ଧି ପାଇଥିଲା। ନିଜ ସ୍ୱପ୍ନକୁ ବାସ୍ତବ ରୂପ ଦେବାପାଇଁ 'ତ୍ରିବ୍ୟକ୍ତି ମେଣ୍ଟ' ଥିଲା ଏକ ଶକ୍ତିଶାଳୀ ମାଧ୍ୟମ।

## ଗଲ୍‌ରାଜ୍ୟରେ ବିଦ୍ରୋହ :

ଗଲ୍ (ଆଧୁନିକ ଫ୍ରାନ୍ସ) ରାଜ୍ୟ ଥିଲା ବିଭିନ୍ନ ଜନଜାତିମାନଙ୍କ ଦ୍ୱାରା ଅଧିକୃତ ଏକ ଅଞ୍ଚଳ ଯାହା ରୋମର ଥିଲା ଏକ ପ୍ରଦେଶ। ସିଜରଙ୍କୁ ଗଲ୍‌ର ଗଭର୍ଣ୍ଣର ପଦବୀ ଅର୍ପଣ କରାଗଲା ଖ୍ରୀ.ପୂ. ୫୮ରେ। ସେତେବେଳକୁ ଗଲ୍ ଉପରେ ରୋମ୍‌ର ନିୟନ୍ତ୍ରଣ ଥିଲା ସୀମିତ ଏବଂ ଗଲ୍‌ର ସୀମାବର୍ତ୍ତୀ ଅଞ୍ଚଳ ସହିତ ରୋମର କୌଣସି ରାଜନୈତିକ ସଂପର୍କ ନ ଥିଲା। ସିଜର ଏହାର ସୁଯୋଗ ନେବାକୁ ଚାହିଁଲେ ଏବଂ ଗଲ୍‌ରେ ସଂପୂର୍ଣ୍ଣରୂପେ ରୋମର କର୍ତ୍ତୃତ୍ୱ ଜାହିର କରିବାକୁ ପଦକ୍ଷେପ ନେଲେ। ଫଳସ୍ୱରୂପ ଫ୍ରାନ୍ସର ଅବଶିଷ୍ଟ ଅଞ୍ଚଳ ତଥା ଜର୍ମାନିଆ ରୋମ ଅଧିକୃତ ହେଲା। ଏହାପରେ ସିଜର ବ୍ରିଟେନ୍ ବିରୁଦ୍ଧରେ ଅଭିଯାନ ଆରମ୍ଭ କରିବାକୁ ସ୍ଥିର କଲେ। କାରଣ ବ୍ରିଟେନ୍‌ର ବିଭିନ୍ନ ଜନଜାତି ଗଲ୍ ସହିତ ଘନିଷ୍ଠ ସଂପର୍କ ରଖିଥିଲେ। ଖ୍ରୀ.ପୂ. ୫୫ରୁ ୫୪ ମଧ୍ୟରେ ସିଜରଙ୍କର ଏହି ବ୍ରିଟେନ୍ ଅଭିଯାନ ରୋମରେ ନୂତନ ଉନ୍ମାଦନା ସୃଷ୍ଟି କରିଥିଲା। କାରଣ ପ୍ରଥମ ଥର ପାଇଁ ରୋମୀୟ ବାହିନୀ ସମୁଦ୍ର ପାର ହୋଇ ନୂତନ ଭୂଖଣ୍ଡକୁ ଅଧିକାର ପାଇଁ ଅଭିଯାନ ଆରମ୍ଭ କରିଥିଲା। ସିଜର ଭାବିଥିଲେ ଏହି ଯୁଦ୍ଧାଭିଯାନ ହେବ ଶେଷ ଯୁଦ୍ଧ। କିନ୍ତୁ ଖ୍ରୀ.ପୂ. ୫୨ ବେଳକୁ ସିଜରଙ୍କ ବିରୁଦ୍ଧରେ ଭରସିଂଗେଟ୍‌ରିସ୍କଙ୍କ (Vereingetorix) ନେତୃତ୍ୱରେ ଗଲ୍‌ରେ ବିଦ୍ରୋହ ଆରମ୍ଭ ହୋଇଗଲା। ଭରସିଂଗେଟରିସ୍କ ଥିଲେ ଗଲ ଜନଜାତିମାନଙ୍କର ଜଣେ ଅପ୍ରତିଦ୍ୱନ୍ଦୀ ନେତା। ଏହି ବିଦ୍ରୋହ ସିଜରଙ୍କ କ୍ଷମତା ଆହରଣ ଆଶାକୁ ଏକ ଶକ୍ତ ଧକ୍‌କା ଦେଇଥିଲା। ଯାହା ହେଲେ ବି ସିଜରଙ୍କ ଗଲ୍ ଅଭିଯାନ ତାଙ୍କୁ ଅନେକ ସଫଳତା ଦେଇଥିଲା। ଏହି ଅଭିଯାନରେ ସିଜର ୮୦୦ଟି ସହର ଅଧିକାର କରିଥିଲେ, ୩୦୦ ଜନଜାତିଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବା ସଂଗେ ସଂଗେ

ପ୍ରାୟ ଏକ ନିୟୁତ କ୍ରୀତଦାସଙ୍କୁ ବିକ୍ରୟ କରିଥିଲେ ଏବଂ ଏହି ଯୁଦ୍ଧରେ ପ୍ରାୟ ତିନି ନିୟୁତ ଲୋକ ପ୍ରାଣ ହରାଇଥିଲେ। ଭରସିଂଗେଟରିସ୍କଙ୍କ ସହିତ ଯୁଦ୍ଧରେ ପ୍ରଥମାବସ୍ଥାରେ ସିଜରଙ୍କ ବାହିନୀ ପରାଜିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ଯୁଦ୍ଧରେ ସିଜରଙ୍କୁ ସଫଳତା ମିଳିଥିଲା। ରୋମୀୟ ଅବରୋଧ କୌଶଳ ଅବଲମ୍ବନ କରି ଆଲେସିଆ ଦୁର୍ଗକୁ ଅବରୋଧ କରିବାରୁ ବାଧହୋଇ ଗଲ୍‌ର ବିଦ୍ରୋହୀ ନେତା ଭରସିଂଗେଟ୍‌ରିସ୍କ ସିଜରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ।

ସିଜରଙ୍କୁ ଯେତେ ସଫଳତା ମିଳିଲେ ମଧ୍ୟ ତାଙ୍କର ସମକକ୍ଷମାନେ ତାଙ୍କ ସଫଳତାରେ ଖୁସି ନ ଥିଲେ। ଦୀର୍ଘଦିନ ଧରି ରୋମରେ ଅନୁପସ୍ଥିତ ଯୋଗୁଁ ସିଜରଙ୍କ ରାଜନୈତିକ କ୍ଷମତା କେତେକାଂଶରେ ଦୁର୍ବଳ ହୋଇପଡ଼ିଥିଲା। କିନ୍ତୁ ସିଜରଙ୍କର ଯୁଦ୍ଧ ଅଭିଯାନର ସଫଳତାର କାହାଣୀ ଖୁବ୍ ପ୍ରଚାରିତ ହୋଇସାରିଥିଲା। ସିଜରଙ୍କ ଲିଖିତ ପ୍ରଖ୍ୟାତ ପୁସ୍ତକ କମେଣ୍ଟାରିଜ୍ (Commentaries), ଯେଉଁଥିରେ ସିଜରଙ୍କ ସମସ୍ତ ଯୁଦ୍ଧାଭିଯାନର କାହାଣୀ ବର୍ଣ୍ଣିତ ହୋଇଥିଲା, ତାହା ପ୍ରାୟତଃ ରୋମର ସମସ୍ତ ଜନସାଧାରଣ ପଢ଼ି ଜାଣିସାରିଥିଲେ। ଅତି ସୁନ୍ଦର ଭାବରେ ସିଜର ତାଙ୍କ ଯୁଦ୍ଧ ଅଭିଯାନର କାହାଣୀ କମେଣ୍ଟାରିଜ୍‌ରେ ଉପସ୍ଥାପିତ କରିଥିଲେ ଏବଂ ରୋମର ପାରମ୍ପରିକ ଶତ୍ରୁମାନଙ୍କ କବଳରୁ କିପରି ରୋମର ବନ୍ଧୁ ତଥା ମିତ୍ରଗୋଷ୍ଠୀଙ୍କୁ ସୁରକ୍ଷା ପ୍ରଦାନ କରାଯାଇଥିଲା ତାହା ଉକ୍ତ ପୁସ୍ତକରେ ଗୁରୁତ୍ୱ ଦିଆଯାଉଥିଲା। ରୋମର ଦୀର୍ଘ ଦିନର ଶତ୍ରୁମାନଙ୍କର ମୂଲ୍ୟରେ ସିଜର ରୋମର ସୀମାକୁ ପ୍ରାୟ ୬୪୦,୦୦୦ ବର୍ଗ ମାଇଲ ଯାଏ ବଢ଼ାଇ ପାରିଥିଲେ।

ଯେତେବେଳେ ସିଜର ରୋମରେ ଅନୁପସ୍ଥିତ ଥିଲେ ସେତେବେଳେ ପମ୍ପେ ରୋମରେ ଅରାଜକତା ସମୟରେ ନେତୃତ୍ୱ ନେଇ ନିଜର ରାଜନୈତିକ ସ୍ଥିତିକୁ ସୁଦୃଢ଼ କରିଥିଲେ। ଅନ୍ୟ ପକ୍ଷରେ ଖ୍ରୀ.ପୂ. ୫୪ରେ ସିଜରଙ୍କ କନ୍ୟା ଜୁଲିଆଙ୍କର ମୃତ୍ୟୁ ହେବାରୁ ସିଜର ଓ ପମ୍ପେଙ୍କ ମଧ୍ୟରେ ଥିବା ବନ୍ଧୁତାରେ ଶିଥିଳତା ଦେଖାଦେଲା। ସିଜର ବାରଣ କରିବା ସତ୍ତ୍ୱେ ତାଙ୍କର ବଡ଼ ଶତ୍ରୁ ମେଟେଲସ୍ ସ୍କିପିଓଙ୍କ କନ୍ୟା କର୍ଣ୍ଣେଲିଆ ମେଟେଲାଙ୍କୁ ପମ୍ପେ ବିବାହ କଲେ। ତ୍ରିବ୍ୟକ୍ତି ମେଣ୍ଟର ଅନ୍ୟତମ ସହଯୋଗୀ କ୍ରେସସ୍‌ଙ୍କୁ ପାର୍ଥିଆଠାରେ ଖ୍ରୀ.ପୂ. ୫୩ରେ ହତ୍ୟା କରାଗଲା। ଫଳରେ ନିଜ ଶକ୍ତି ବୃଦ୍ଧି କରି କ୍ଷମତା ହାସଲ ପାଇଁ ସିଜର ସୃଷ୍ଟି କରିଥିବା ତ୍ରିବ୍ୟକ୍ତି ମେଣ୍ଟର ସମାପ୍ତି ଘଟିଲା।

## ଗୃହଯୁଦ୍ଧ :

ଖ୍ରୀ.ପୂ. ୫୦ରେ ସିଜର ଯେତେବେଳେ ରୋମକୁ ଫେରିଲେ ରୋମର ସିନେଟ୍ ଓ ପମ୍ପେଙ୍କ ପକ୍ଷରୁ ତାଙ୍କୁ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ କୁହାଗଲା। ଏପରିସ୍ଥଳେ ସିଜରଙ୍କ ପାଖରେ ଦୁଇଟି ବାଟ ଥିଲା। ସେ ଯଦି ସିନେଟ୍‌ର ନିଷ୍ପତ୍ତିକୁ ମାନି ନିଅନ୍ତି, ତେବେ ତାଙ୍କୁ ଦଣ୍ଡିତ ହେବାକୁ ପଡ଼ିପାରେ ଏବଂ ତାଙ୍କର ରାଜନୈତିକ ଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ିପାରେ। ଅନ୍ୟ ପକ୍ଷରେ ସେ ଯଦି ସିନେଟ୍ ନିଷ୍ପତ୍ତିକୁ ନ ମାନନ୍ତି ତେବେ ତାଙ୍କୁ ପୁଣିଥରେ ରୋମରେ ଗୃହଯୁଦ୍ଧ ଆରମ୍ଭ କରିବାକୁ ହେବ। ସିଜର ଦ୍ୱିତୀୟ ଉପାୟଟିକୁ ଗ୍ରହଣ କଲେ। ସେ ରୁବିକନ୍ ନଦୀକୁ ଅତିକ୍ରମ କରି ଇଟାଲୀକୁ ପଳାୟନ କଲେ ଏବଂ ରୋମରେ ପୁଣିଥରେ ଗୃହଯୁଦ୍ଧ ଆରମ୍ଭ ହୋଇଗଲା।

ସିଜର ରୋମରୁ ପଳାୟନ କରିବା ପରେ ସମସ୍ତ କ୍ଷମତା ପମ୍ପେ ଓ ସିନେଟଠାରେ କେନ୍ଦ୍ରୀଭୂତ ହେଲା। ସିଜରଙ୍କ ବିରୁଦ୍ଧରେ ଏକମାତ୍ର ଶକ୍ତିଶାଳୀ ଅସ୍ତ୍ର ହେଉଛନ୍ତି ପମ୍ପେ – ଏକଥା ଅନୁଭବ କଲାପରେ ଅନ୍ୟ କୌଣସି ଉପାୟ ନ ପାଇ ରୋମ ସିନେଟ୍ ପମ୍ପେଙ୍କୁ ଅକୁଣ୍ଠ ସହଯୋଗ କରିବାକୁ ବାଧ୍ୟ ହେଲା। ସିଜରଙ୍କୁ ଇଟାଲୀରୁ ତଡ଼ିଦେବାପାଇଁ ପମ୍ପେ ଇଟାଲୀ ଅଭିମୁଖେ ଯାତ୍ରା କଲେ। ସେତେବେଳକୁ ସିଜର ଇଟାଲୀ ଓ ଗଲ୍‌ରେ ନିଜ ସ୍ଥିତିକୁ ସୁଦୃଢ଼ କରିସାରିଥିଲେ। ଖ୍ରୀ.ପୂ. ୪୮ ଅଗଷ୍ଟ ୯ରେ ଫାରସଲସ୍ (Pharsalus) ଯୁଦ୍ଧରେ ସିଜର, ପମ୍ପେଙ୍କୁ ପରାସ୍ତ କଲେ। ପରାଜିତ ପମ୍ପେ ନିଜକୁ ବଞ୍ଚାଇବା ପାଇଁ ମିଶର ପଳାୟନ କଲେ। ମିଶରର ଯୁବ ଫାରୋ ଟଲେମୀ ଅଷ୍ଟମ, ସିଜରଙ୍କ ଆକ୍ରମଣକୁ ଭୟକରି ପମ୍ପେଙ୍କୁ ହତ୍ୟାକଲେ ଏବଂ ସିଜରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଟଲେମୀ ପମ୍ପେଙ୍କ କଟାମୁଣ୍ଡ ତାଙ୍କୁ ଉପହାର ଦେଇଥିଲେ। ମିଶରରେ ରହଣୀ ସମୟରେ ଟଲେମୀଙ୍କ ଭଉଣୀ କ୍ଲିଓପାଟ୍ରା (Cleopatra)ଙ୍କ ସହିତ ସିଜରଙ୍କର ପ୍ରେମ ସଂପର୍କ ଗଢ଼ି ଉଠିଥିଲା ଏବଂ ପରବର୍ତ୍ତୀ ସମୟରେ କ୍ଲିଓପାଟ୍ରା, ସିଜରଙ୍କ ପୁତ୍ର ସିଜରିଅନ୍‌ଙ୍କୁ ଜନ୍ମ ଦେଇଥିଲେ।

## ରୋମ ସାମ୍ରାଜ୍ୟର ଦୃଢ଼ୀକରଣ :

ଯଦିଓ ସିଜରଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କର ଅବକ୍ଷୟ ଘଟିଥିଲା, କିନ୍ତୁ ତାଙ୍କ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଅନେକ କାର୍ଯ୍ୟ ବାକି ରହିଥିଲା। ପ୍ରଥମତଃ ସିଜର ତାଙ୍କର ପୂର୍ବ ବିରୋଧୀମାନଙ୍କ ପ୍ରତି କ୍ଷମାନୀତି ଅବଲମ୍ବନ କଲେ ଏବଂ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସରକାରୀ ପଦପଦବୀରେ ଅବସ୍ଥାପିତ କରାଇଲେ। ରୋମର ପୂର୍ବ ପରମ୍ପରାକୁ ଗ୍ରହଣ କରି ନିଜକୁ ଡିକ୍‌ଟେଟର ପଦବୀରେ ଅବସ୍ଥାପିତ କଲେ ଯାହାଦ୍ୱାରା ସେ ସର୍ବୋଚ୍ଚ କ୍ଷମତାର ଅଧିକାରୀ ହୋଇପାରିଲେ। ସେ ଅନୁଭବ କଲେ ଯେ ରୋମର ପୂର୍ବ ସରକାରୀ ବ୍ୟବସ୍ଥା ଦୁର୍ବଳ। ସେଥିପାଇଁ ତା ବଦଳରେ ଏକକ ନେତୃତ୍ୱରେ ଶାସନ ବ୍ୟବସ୍ଥା ପ୍ରଚଳନ କରାଇଲେ। ମୃତ୍ୟୁର ଅଳ୍ପଦିନ ପୂର୍ବରୁ ସିଜର ସାରାଜୀବନ ପାଇଁ ସୈର ଶାସକ ଭାବେ ନିଯୁକ୍ତି ପାଇଥିଲେ। ପ୍ରଥମ ଥର ପାଇଁ ନିଜ ଛବିଥିବା ମୁଦ୍ରା ସିଜର ପ୍ରଚଳନ କରାଇଲେ। ଶାସନର ସୁବିଧା ପାଇଁ ରୋମର ରାଜଧାନୀ ପରିବର୍ତ୍ତନ ପାଇଁ ମଧ୍ୟ ସିଜର ଚିନ୍ତା କରିଥିଲେ। ନୂତନ ଉପନିବେଶ ସ୍ଥାପନ ପାଇଁ ସିଜର ପରିକଳ୍ପନା ମଧ୍ୟ କରିଥିଲେ।

## ସିଜରଙ୍କ ମୃତ୍ୟୁ :

ସିଜରଙ୍କର ଏକଛତ୍ରବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ କ୍ରମେ ରୋମ ସିନେଟ୍‌ରେ ଅସନ୍ତୋଷ ବଢ଼ିବାକୁ ଲାଗିଲା। ସିଜର ଶାସନ କ୍ଷେତ୍ରରେ ନିଜ ବ୍ୟତୀତ ଅନ୍ୟ କାହାରିକୁ ସେତେ ବିଶ୍ୱାସ କରୁନଥିଲେ। ସିଜରଙ୍କୁ ଶାସନ କ୍ଷମତାରୁ ବାହାର କରି ସିନେଟ୍ ହସ୍ତରେ କ୍ଷମତା ଅର୍ପଣ ପାଇଁ ଷଡ଼ଯନ୍ତ୍ର ସୃଷ୍ଟି ହେଲା। ଷଡ଼ଯନ୍ତ୍ରକାରୀମାନେ ଚିନ୍ତା କରିଥିଲେ ଯେ ସିଜରଙ୍କ ହତ୍ୟାପରେ ସରକାର ପୁନର୍ଗଠିତ ହେବ ଏବଂ ସିଜର କରିଥିବା ସମସ୍ତ କାର୍ଯ୍ୟର ବିଲୟ ଘଟିବ। ଷଡ଼ଯନ୍ତ୍ର କ୍ରମେ ବଳବତ୍ତର ହେବାକୁ ଲାଗିଲା। ବିଚକ୍ଷଣ ସିଜର ହୁଏତ ଏହାର ସୂଚନା ପାଇପାରିଲେ ନାହିଁ। କୌଶଳ କ୍ରମେ

ଷଡ଼ଯନ୍ତ୍ରକାରୀମାନେ ସିଜରଙ୍କୁ ସିନେଟ୍ ଗୃହକୁ ଆମନ୍ତ୍ରଣ କରିନେଲେ । ଖ୍ରୀ.ପୂ. ୪୪ ମାର୍ଚ୍ଚ ୧୫ ତାରିଖ ଦିନ ସିଜରଙ୍କୁ ଛୁରୀବିଦ୍ଧ କରି ହତ୍ୟା କରାଗଲା । ଦେଖାଗଲା ଯେ ଷଡ଼ଯନ୍ତ୍ରକାରୀଙ୍କ ମଧ୍ୟରେ ଅଧିକ ଥିଲେ ସିଜରଙ୍କର ବନ୍ଧୁ ଓ ସହକର୍ମୀ ଯାହାର ମୁଖ୍ୟ ଥିଲେ ସିଜରଙ୍କ ପରମବନ୍ଧୁ ବ୍ରୁଟସ୍ ।

## ସିଜରଙ୍କ ଶାସନ ସଂସ୍କାର :

ରୋମର ସୈର ଶାସକ ଭାବେ ଘୋଷିତ ହେବାପରେ ସିଜର ଅନେକଗୁଡ଼ିଏ ସଂସ୍କାର ମୂଳକ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଇଥିଲେ । ପୋଲିସ ବିଭାଗ ପ୍ରତିଷ୍ଠା, ଭୂମି ସଂସ୍କାର, ବିଭିନ୍ନ କର ଉଚ୍ଛେଦ ସହିତ ରୋମରେ ଟ୍ରିବ୍ୟୁନ୍ ବ୍ୟବସ୍ଥାର ପୁନଃ ପ୍ରଚଳନ କରାଇଥିଲେ । ପାର୍ଥୀଆନ୍, ଡେସିଆନ୍ ଓ କାରାଇମାନଙ୍କୁ ଦମନ କରିବା ପାଇଁ ଏକ ଶକ୍ତିଶାଳୀ ସୈନ୍ୟବାହିନୀ ମଧ୍ୟ ଗଠନ କରିଥିଲେ । ସିଜରଙ୍କ ସବୁଠାରୁ ବଡ଼ ସଂସ୍କାରଧର୍ମୀ କାର୍ଯ୍ୟ ଥିଲା ନୂତନ ପଞ୍ଜିକା ପ୍ରଚଳନ । ପୂର୍ବରୁ ଚନ୍ଦ୍ରର ଗତିକୁ ଲକ୍ଷ୍ୟକରି ରୋମୀୟ କ୍ୟାଲେଣ୍ଡର ପ୍ରସ୍ତୁତି ହୋଇଥିଲା । କିନ୍ତୁ ସିଜର ପ୍ରଥମ କରି ମିଶରୀୟମାନଙ୍କ ପରି ସୂର୍ଯ୍ୟଙ୍କ ଗତିବିଧି ଅନୁସାରେ କ୍ୟାଲେଣ୍ଡର ପ୍ରସ୍ତୁତ କରାଇଥିଲେ । ନିଜ କନ୍ୟାଙ୍କ ନାମାନୁସାରେ ସେହି କ୍ୟାଲେଣ୍ଡର ନାମ ରଖାଯାଇଥିଲା ଜୁଲିଆନ୍ କ୍ୟାଲେଣ୍ଡର । ନିଜ ନାମାନୁସାରେ ଜୁଲାଇମାସକୁ ନାମିତ କରାଯାଇଥିଲା । ବିଶେଷକରି ପ୍ରତି ଚାରି ବର୍ଷରେ ଅଧିବର୍ଷ ହୁଏ ବୋଲି ଏହି କ୍ୟାଲେଣ୍ଡରରେ ପ୍ରତିଫଳିତ ହୋଇଥିଲା ।

ବିଶ୍ୱବିଜୟୀ ବୀର ଆଲେକଜାଣ୍ଡାର ପରି ଯୁଦ୍ଧ କୁଶଳୀ ଥିଲେ ସିଜର । ଗଲ୍ ଯୁଦ୍ଧରେ ନିଜର ଦକ୍ଷତା ଓ ବିଚକ୍ଷଣତା ଦେଖାଇ ସେ ରୋମର ବିଜୟକୁ ସୁନିଶ୍ଚିତ କରାଇଥିଲେ । ସିଜର ଥିଲେ ଜଣେ ଉନ୍ନତ ଓ ବିଚକ୍ଷଣ ବକ୍ତା । ନିଜ ଓଜସ୍ୱିନୀ ଭାଷଣ ମାଧ୍ୟମରେ ସେ ରୋମର ସିନେଟ୍ ତଥା ଜନସାଧାରଣଙ୍କର ପ୍ରଶଂସା ଭାଜନ ହୋଇ ପାରିଥିଲେ । ରୋମ ଗଦ୍ୟ ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ । ନିଜ ମାଉସୀ କାଟୋ (Cato)ଙ୍କ ବିୟୋଗରେ ସିଜର ଦେଇଥିବା ବକ୍ତୃତା ରୋମ ସାହିତ୍ୟରେ ଅନନ୍ୟ । ସିଜରଙ୍କର ଅନେକ ସାହିତ୍ୟ କୃତି ନଷ୍ଟ ହୋଇଯାଇଛି । କିନ୍ତୁ ତାଙ୍କର ଦୁଇଟି ମହାନ ଗଦ୍ୟ ସାହିତ୍ୟକୃତି 'ଦି କମେଣ୍ଟାରୀ ଡେ ବେଲୋ ଗାଲିକୋ' (The Commentarii de Bello Gallico) ଏବଂ 'ଦି କମେଣ୍ଟାରୀ ଡେ ବେଲୋ ସିଭିଲୋ' (The Commentarii de Bello Civilo) ଆଜି ମଧ୍ୟ ରୋମୀୟମାନଙ୍କୁ ପ୍ରେରଣା ଯୋଗାଉଛି । ପ୍ରଥମ ପୁସ୍ତକଟିରେ ଗଲ ଯୁଦ୍ଧ ସଂପର୍କରେ ବିସ୍ତୃତ ବିବରଣୀ ଥିବାବେଳେ ଦ୍ୱିତୀୟ ପୁସ୍ତକଟିରେ ରୋମର ଗୃହ ଯୁଦ୍ଧ ସଂପର୍କରେ ବିବରଣୀ ଦେଖିବାକୁ ମିଳେ ।

# ରୋମୀୟ ସଂସ୍କୃତି ଓ ପ୍ରାଚୀନ ରୋମୀୟ ସଭ୍ୟତାର ଅବଦାନ

ରୋମୀୟମାନେ ପ୍ରାୟତଃ ଗ୍ରୀକ୍ ଓ ଏଟ୍ରସ୍କାନମାନଙ୍କର ସଂସ୍କୃତିକୁ ଗ୍ରହଣ କରିଥିଲେ ଏବଂ ଏଥିରେ ରୋମୀୟ ଛାପଦେଇ ଏକ ସ୍ୱତନ୍ତ୍ରରୂପ ଦେବାରେ ସକ୍ଷମ ହୋଇଥିଲେ । ତା ପରେ ରୋମ ସାମ୍ରାଜ୍ୟର ଅଭିବୃଦ୍ଧି ସହ ଏହି ସଂସ୍କୃତି ପୃଥିବୀର ଅନ୍ୟ ଅଞ୍ଚଳକୁ ପ୍ରସାରିତ ହୋଇଯାଇଥିଲା । ବିଶାଳ ଉନ୍ମୁକ୍ତ ରଙ୍ଗମଞ୍ଚ (Colosseums and amphitheatre), ବ୍ୟଙ୍ଗ, ଚିତ୍ତବିନୋଦନ ପାଇଁ ବ୍ୟବସ୍ଥା, ପାଇପ୍ ଜଳଯୋଗାଣ ବ୍ୟବସ୍ଥା, ନର୍ଦ୍ଦମା ନିଷ୍କାସନ ବ୍ୟବସ୍ଥା, ନଦୀଉପରେ ସେତୁ

ନିର୍ମାଣ (bridge) ଇତ୍ୟାଦି ପୁରାତନ ରୋମୀୟ ସଂସ୍କୃତିର ପରିଚୟ ବହନ କରେ। ସବୁଠାରୁ ବଡ଼କଥା ହେଲା ରୋମାନ୍ ଦେବତାମାନଙ୍କର ନାମରେ ଆଧୁନିକ ଯୁଗରେ ଗ୍ରହ ଓ ନକ୍ଷତ୍ରପୁଞ୍ଜ ମାନଙ୍କର ନାମକରଣ ରୋମୀୟ ସଂସ୍କୃତିର ମହାନତା ସମ୍ପର୍କରେ ସୂଚାଇଦିଏ। ପ୍ରାଚୀନ ରୋମରେ ଅସୀ ଓ ମଲ୍ଲଯୁଦ୍ଧ ଏବଂ ମୃତ୍ୟୁର ଖେଳ ଏବେବି ରୋମ୍‌ରେ ବଞ୍ଚିରହିଛି।

## କଲୋସିୟମ୍ (Colosseum)

ରୋମର କଲୋସିୟମ୍ ଏକ ଉନ୍ମୁକ୍ତ ରଙ୍ଗମଞ୍ଚ ଅଟେ। ଖ୍ରୀ.ପୂ. ୫୦ରେ ସ୍କ୍ରିବୋନିୟସ୍ କ୍ୟୁରିଓ (Scribonius Curio) ନାମକ ଜଣେ ବ୍ୟକ୍ତି ରୋମ୍‌ରେ ପ୍ରଥମ ଉନ୍ମୁକ୍ତ ରଙ୍ଗମଞ୍ଚ ତିଆରି କରିଥିଲେ। ତା ପରେ ଖ୍ରୀ.ପୂ. ୪୬ରେ ଜୁଲିୟସ ସିଜାର ଅନ୍ୟ ଏକ ରଙ୍ଗମଞ୍ଚ ତିଆରି କରିଥିଲେ। ଉଭୟ ରଙ୍ଗମଞ୍ଚ କାଠରେ ନିର୍ମିତ ହୋଇଥିଲା। ପ୍ଲାଭିଆନ ଶାସକ ଭେସ୍‌ପାସିଆନ (Vespasian) କଲୋସିଅମ୍‌ର ନିର୍ମାଣ ୭୦ ଖ୍ରୀଷ୍ଟାବ୍ଦରେ ଆରମ୍ଭ କରିଥିଲେ ଏବଂ ଏହା ୮୦ ଖ୍ରୀଷ୍ଟାବ୍ଦରେ ଟାଇଟସ୍ ଦ୍ୱାରା ଶେଷ ହୋଇଥିଲା। ଏହା ଏକ ବିଶାଳ ରଙ୍ଗମଞ୍ଚ ଏବଂ ୬ ଏକର ପରିମିତ ଜମି ଉପରେ ପ୍ରତିଷ୍ଠିତ। ଏହାର ଉଚ୍ଚତା ୧୬୦ ଫୁଟ ଏବଂ ଲମ୍ୱ ଓ ଓସାର ଯଥାକ୍ରମେ ୧୮୮ ମିଟର ଏବଂ ୧୫୬ ମିଟର ଅଟେ। ପ୍ରାୟ ୮୭୦୦୦ ଦର୍ଶକ ବସିବାର କ୍ଷମତା ରହିଛି। ଏହି ରଙ୍ଗମଞ୍ଚରେ ମୁଖ୍ୟତଃ ବ୍ୟଙ୍ଗାତ୍ମକ ଭାବରେ ସାମୁଦ୍ରିକ ଯୁଦ୍ଧ ବା ନୌଯୁଦ୍ଧ (Naval War), ଅସୀଯୁଦ୍ଧ (Gladiator) ଇତ୍ୟାଦି ଆୟୋଜନ କରାଯାଉଥିଲା। ପ୍ରାୟତଃ ଏହି ଯୁଦ୍ଧରେ ଭୃତ୍ୟମାନଙ୍କୁ ତାଲିମ୍ ନେଇ ଭାଗନେବାକୁ ପଡୁଥିଲା। ଦର୍ଶକମାନଙ୍କ ଆମୋଦପ୍ରମୋଦ ପାଇଁ ଏହି ଅସୀଯୋଦ୍ଧା (Gladiators)ମାନଙ୍କୁ ଜୀବନଦେବାକୁ ପଡୁଥିଲା। ବେଳେବେଳେ ଏମାନଙ୍କ ମଧ୍ୟରୁ କିଛି ଯୋଦ୍ଧା (gladiator) ଅତ୍ୟନ୍ତ ବିତ୍ତଶାଳୀ ହୋଇଯାଉଥିଲେ ଏବଂ ନିଜକୁ ମୁକ୍ତ କରି ପାରିବାରିକ ଜୀବନ ବିତାଇବା ପାଇଁ ସକ୍ଷମ ହେଉଥିଲେ। ପୁରୁଷ ଭୃତ୍ୟମାନଙ୍କ ବ୍ୟତୀତ ନାରୀ ଓ ରାଜାମାନେ ମଧ୍ୟ ଅସୀଯୋଦ୍ଧା (gladiator) ହେବାପାଇଁ ପସନ୍ଦ କରୁଥିଲେ, ଏହି ଅସୀଯୁଦ୍ଧ ଖେଳ ପ୍ରଥମ ପ୍ୟୁନିକ୍ ଯୁଦ୍ଧ ସମୟରେ ଆରମ୍ଭ ହୋଇଥିଲା।

## ଜଳଯୋଗାଣ (Aqueduct)

ରୋମାନ୍‌ମାନେ ବିଭିନ୍ନ ବୈଷୟିକ କୌଶଳରେ ପାରଦର୍ଶିତା ଲାଭ କରିଥିଲେ। ତନ୍ମଧ୍ୟରୁ ପାଇପ୍ ଜଳଯୋଗାଣ (Aqueduct) ଅନ୍ୟତମ। ଏଗୁଡ଼ିକ ପ୍ରାୟ କେନାଲ ବା ପହଣି ସଦୃଶ ଯାହା ନଦୀର ଜଳଧାରାକୁ ଦୂର ଅଞ୍ଚଳକୁ ନେଇଯାଇଥାଏ। ଏହି ଆକ୍ୱେଡକ୍ଟ (Aqueduct)ଗୁଡ଼ିକ ସହରବାସୀ (ମୁଖ୍ୟତଃ ଧନୀ ବା ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ) ପାଇଁ ପାନୀୟ ଜଳ, ସାଧାରଣ ସ୍ନାନାଗାର ଓ ସାଧାରଣ ଶୌଚାଳୟ ପାଇଁ ପାଣି ଯୋଗାଇଥାଏ। ଏଗୁଡ଼ିକ ପ୍ରାୟ ଖ୍ରୀ.ପୂ. ୪ର୍ଥ ଶତାବ୍ଦୀରୁ ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିଲା ଇଟା, ପଥର ଓ କଂକ୍ରିଟ୍‌କୁ ବ୍ୟବହାର କରି ଏଗୁଡ଼ିକର ନିର୍ମାଣ କରାଯାଉଥିଲା। ସେକସ୍‌ଟସ ଜୁଲିୟସ୍ ଫ୍ରଣ୍ଟିନସ୍ (Sextus Jullius Frontinus) (C 35 A.D - 105 A.D) ନାମକ ଜଣେ ଇଞ୍ଜିନିୟର ତାଙ୍କ ଲିଖିତ ପୁସ୍ତକରେ ଅନେକ ଆକ୍ୱେଡକ୍ଟ (Aqueduct)ର ତାଲିକା ପ୍ରସ୍ତୁତ କରିଛନ୍ତି। ସେହି ତାଲିକା ଅନୁସାରେ ଏହି ଅତ୍ୟାଧୁନିକ ସେତୁ (Bridge) ସଦୃଶ କେନାଲଗୁଡ଼ିକ ହେଲା।

୧. ଖ୍ରୀ.ପୂ. ୩୧୨ରେ ନିର୍ମିତ ଆପିଆ ଆକେଡ଼କ୍ଟ ଯାହାର ଲମ୍ବ ୧୬, ୪୪୫ ମିଟର।

୨. ଆନିଓଭେରସର ଲମ୍ବ ୬୩,୭୦୫ ମିଟର ଏହାର ନିର୍ମାଣ କାଳ ଖ୍ରୀ.ପୂ. ୨୭୨-୨୬୯।

୩. ମାରସିଆ (ଖ୍ରୀ.ପୂ. ୧୪୪-୧୪୦), ଲମ୍ବ ୯୧,୪୨୪ ମିଟର।

ଏହିଭଳି ୯ଟି ଆକ୍ୱେଡକ୍ଟ (aqueduct)ର ତାଲିକା ତିଆରି କରାଯାଇଛି। ଶେଷ ଦୁଇଟି ଆକ୍ୱେଡ଼କ୍ଟ ୩୮ ଖ୍ରୀଷ୍ଟାବ୍ଦରୁ ୫୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ନିର୍ମାଣ କରାଯାଇଥିଲା। ତନ୍ମଧ୍ୟରୁ କ୍ଲଡ଼ିଆର ଲମ୍ବ ୬୮,୭୫୧ ମିଟର ଓ ଆନିଓ ନୋଭସ୍‌ର ଲମ୍ବ ୮୬,୯୬୪ ମିଟର ଅଟେ।

ଶୌଚାଳୟର ନର୍ଦ୍ଦମା ଓ ସହରର ନର୍ଦ୍ଦମା ଜଳ ସହର ବାହାରକୁ ନେବାପାଇଁ କଂକ୍ରିଟ୍ ନାଳର ବନ୍ଦୋବସ୍ତ ମଧ୍ୟ ଥିଲା। ସବୁଠାରୁ ଦୀର୍ଘତମ ନର୍ଦ୍ଦମାନାଳର ନାମ ହେଉଛି କ୍ଲୋଆକା ମାକ୍ସିମା (Cloaca Maxima)। ଏହି ନର୍ଦ୍ଦମାର ଜଳ ଟାଇବର ନଦୀକୁ ଛାଡ଼ି ଦିଆଯାଉଥିଲା।

## ରୋମର ସଡ଼କପଥ (Roads)

ରୋମ ସାମ୍ରାଜ୍ୟରେ ଅନେକ ଗୁଡ଼ିଏ ସଡ଼କପଥ ନିର୍ମାଣ କରାଯାଇଥିଲା। ପ୍ରାରମ୍ଭିକ ଅବସ୍ଥାରେ ସେନାବାହିନୀର ଚଳାଚଳ ପାଇଁ ଏବଂ ପରବର୍ତ୍ତୀ ଅବସ୍ଥାରେ ବାଣିଜ୍ୟ ପାଇଁ ଏଗୁଡ଼ିକ ବ୍ୟବହାର କରାଯାଉଥିଲା। ରୋମ ସହରରେ ଅବସ୍ଥିତ "ରୋମାନ୍ ଫୋରମ୍" (ସରକାରୀ ଗୃହ) ମଧ୍ୟରେ "ଗୋଲ୍‌ଡ଼େନ୍ ମାଇଲଷ୍ଟୋନ୍" ନାମକ ଏକ ଗମ୍ବୁଜ ରହିଛି ଯେଉଁଠାରୁ ସବୁ ସଡ଼କପଥ ବାହାରିଛି।

ସେନ୍‌ସର ଆପିୟସ୍ କ୍ଲଡ଼ିୟସ୍‌ଙ୍କ ଦ୍ୱାରା ଖ୍ରୀ.ପୂ. ୩୧୨ରେ ନିର୍ମିତ "ଆପିଆନ୍ ସଡ଼କ" (Appian Way) ହେଉଛି ପ୍ରସିଦ୍ଧ ସଡ଼କ ଯାହା ରୋମ ସହରକୁ ଦକ୍ଷିଣ ଇଟାଲୀର କାପୁଆ ସହର ସହ ସଂଯୋଗ କରୁଛି। ପ୍ରତ୍ୟେକ ସଡ଼କରେ ମାଇଲଖୁଣ୍ଟ ରହିଛି ଯେଉଁଥିରେ ଏହାର ନିର୍ମାଣକାଳ ଓ ନିର୍ମାତାଙ୍କ ନାମ ଉଲ୍ଲେଖିତ ହୋଇଛି। ରାସ୍ତାକଡ଼ରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଥିବାର ମଧ୍ୟ ପ୍ରମାଣ ମିଳେ। ସଡ଼କ ତିଆରି ବେଳେ କୌଣସି ଭିତ୍ତିଭୂମି ପ୍ରସ୍ତୁତ କରାନଯାଇ ପଥରଗୁଡ଼ିକ ପକାଇ ସମତଳ କରାଯାଉଥିଲା। ତୀକ୍ଷ୍ଣ ସ୍ଥାନ ମାନଙ୍କରେ ପାହାଚମାନ ନିର୍ମାଣ କରାଯାଉଥିଲା।

## ରୋମୀୟ ଦେବାଦେବୀ

ଗ୍ରୀକ୍ ଓ ରୋମୀୟ ଦେବାଦେବୀମାନଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ରୋମୀୟ ସ୍ୱଭାବତଃ ଅତିରିକ୍ତ ଖର୍ଚ୍ଚ କରୁଥିଲେ। ଶହଶହ ଦେବାଦେବୀଙ୍କୁ ପୂଜା କରାଯାଉଥିଲା। ମୁଖ୍ୟ ଦେବାଦେବୀମାନଙ୍କୁ ପୁରୁଷ ଓ ନାରୀର ଯୁଗଳ ରୂପରେ ପୂଜା କରିବାର ବ୍ୟବସ୍ଥା ଥିଲା ସେମାନେ ବିବାହିତ ହୋଇଥାଆନ୍ତୁ ଅଥବା ଅବିବାହିତ ଥାଆନ୍ତୁ। ଯେଭଳି ଗ୍ରୀସ୍‌ର ମୁଖ୍ୟ ଦେବତା ହେଲେ ୧୨ଜଣ ଅଲିମ୍ପିଆନ୍‌ସ (Twelve Olympians) ସେହିଭଳି ରୋମାନ୍‌ମାନେ ସେମାନଙ୍କୁ ଗ୍ରହଣ

କରିନେଇଥିଲେ । ଏହି ୧ ୨ ଜଣ ଦେବାଦେବୀଙ୍କୁ ନେଇ ଏକ ସ୍ୱର୍ଗୀୟ ପରିଷଦର ସଭ୍ୟ ଭାବରେ ଏକତ୍ରିତ କରି ପୂଜା କରାଯାଉଥିଲା । ପ୍ରତ୍ୟେକ ଗ୍ରୀକ୍ ଦେବାଦେବୀ ମାନଙ୍କର ଲାଟିନ୍ ନାମକରଣ କରାଯାଇଥିଲା । ନିମ୍ନଲିଖିତ ତାଲିକାରୁ ତାହା ସ୍ୱଷ୍ଟ ଅନୁମେୟ ।

## ମୁଖ୍ୟ ଦେବାଦେବୀଙ୍କର ଗ୍ରୀକ୍ ଓ ରୋମୀୟ ନାମ

| ଗ୍ରୀକ | ରୋମାନ୍ |
|---|---|
| ଆଫ୍ରୋଡ଼ାଇଟ୍ (Aphrodite) | ଭେନସ୍ (Venus) |
| ଆପୋଲୋ (Apollo) | ଆପୋଲୋ (Apollo) |
| ଆରେସ୍ (Ares) | ମାରସ୍ (Mars) |
| ଆର୍ଟେମିସ୍ (Artemis) | ଡ଼ାଏନା (Diana) |
| ଆଥେନା (Athena) | ମିନର୍ଭା (Minerva) |
| ଡ଼େମେଟର (Demeter) | ସେରିସ୍ (Ceres) |
| ହେଡ଼େସ୍ (Hades) | ପ୍ଲୁଟୋ (Pluto) |
| ହେଫାଇଷ୍ଟୋସ୍ (Hephaistos) | ଭଲ୍‌କାନ୍ (Vulcan) |
| ହେରା (Hera) | ଜୁନୋ (Juno) |
| ହର୍ମିସ୍ (Hermes) | ମର୍କୁରୀ (Mercury) |
| କ୍ରୋନୋସ୍ (Kronos) | ସାଟର୍ଣ୍ଣ (Saturn) |
| ପୋସିଡ଼ନ (Poseidon) | ନେପଚ୍ୟୁନ (Neptune) |
| ଜିଅସ୍ (Zeus) | ଜୁପିଟର (Jupiter) |

ଏହା ବ୍ୟତୀତ ଅନେକ ଛୋଟ ଛୋଟ ଦେବାଦେବୀ ମଧ୍ୟ ଥିଲେ । ଉପରେ ଲିଖିତ ତାଲିକାରୁ ସ୍ୱଷ୍ଟଭାବରେ ବାରି ହେଉଛି ଦେବାଦେବୀମାନଙ୍କୁ ଗ୍ରହ ଓ ନକ୍ଷତ୍ର ନାମରେ ନାମିତ କରାଯାଇଛି । ପ୍ରାଚୀନରୋମୀୟ ପୂଜକ କେବଳ ଦେବତା ଓ ମଣିଷମାନଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରୁନଥିଲେ ସେମାନେ ପ୍ରଶାସନିକ ଅଧିକାରୀ ଭାବରେ ମଧ୍ୟ କାର୍ଯ୍ୟ କରୁଥିଲେ । ଧର୍ମକାର୍ଯ୍ୟଗୁଡ଼ିକ ନିର୍ଭୁଲ ଭାବରେ ପାଳନ କରିବା ସେମାନଙ୍କର କର୍ତ୍ତବ୍ୟ ଥିଲା । ପ୍ରତ୍ୟେକ କାର୍ଯ୍ୟରେ ଦେବାଦେବୀଙ୍କର ଆଶୀର୍ବାଦ କାମନା କରିବା ସମସ୍ତଙ୍କର କର୍ତ୍ତବ୍ୟ ଥିଲା । ରୋମୀୟ ପୂଜକମାନଙ୍କୁ ପୋଣ୍ଟିଫିସେସ୍ (Pontifices) କୁହାଯାଉଥିଲା । ଖ୍ରୀ.ପୂ. ତୃତୀୟ ଶତାବ୍ଦୀ ବେଳେ ଏହି ପୂଜକମାନେ ସମଗ୍ର ରୋମ ପାଇଁ ଜଣେ ମୁଖ୍ୟ

ପୂଜକଙ୍କୁ ନିର୍ବାଚିତ କରିଥିଲେ ଯାହାଙ୍କୁ ପୋଣ୍ଟିଫେକ୍ସ୍ ମାକ୍ସିମସ୍ (Pontifex Maximus) କୁହାଯାଉଥିଲା। ଏହି ପୂଜକମାନଙ୍କର ଏକ କଲେଜ ଥିଲା ଯେଉଁଠାରେ ଏମାନଙ୍କୁ ବିଭିନ୍ନ ଧର୍ମକାର୍ଯ୍ୟ ପରିଚାଳନା କରିବାପାଇଁ ପ୍ରଶିକ୍ଷଣ ଦିଆଯାଉଥିଲା।

## ରୋମ୍‌ରେ ସମାଧିକାର୍ଯ୍ୟ (Burial)

ରୋମ୍‌ର ମୃତବ୍ୟକ୍ତିର ଶରୀରକୁ କବର ଦିଆଯାଉଥିଲା। ଶରୀରକୁ ଜୁଇରେ ପୋଡ଼ିଜାଳି ଦେବାର ବ୍ୟବସ୍ଥା ମଧ୍ଯ ଥିଲା। ସମାଧିଦେବା ପୂର୍ବରୁ ଶରୀରକୁ ସ୍ନାନ କରାଇ ନୂତନ ବସ୍ତ୍ର ପିନ୍ଧାଇ ଦିଆଯାଉଥିଲା। ଯଦି କୌଣସି ବିଶିଷ୍ଟ ବ୍ୟକ୍ତି ହୋଇଥାଏ ତାର ମୁଣ୍ଡରେ ମୁକୁଟ ପିନ୍ଧା ଯାଉଥିଲା। ଜିଭ ତଳେ ଗୋଟିଏ ମୁଦ୍ରା ରଖିବା ଏକ ପରମ୍ପରା ଥିଲା ବା ମୁଦ୍ରାଟିକୁ ଆଖିପତା ଉପରେ ରଖାଯାଉଥିଲା। ରୋମୀୟ ବିଶ୍ୱାସ ଅନୁସାରେ ସ୍ୱର୍ଗକୁ ଯିବା ରାସ୍ତାରେ ନୌକା ଚାଳକକୁ ତାର ପ୍ରାପ୍ୟ ଦେବାକୁ ପଡ଼ିଥାଏ। ତା ପରେ ମୃତ ଶରୀରକୁ ଶୁଆଇ ଦିଆଯାଏ। ସମୁଦାୟ ଆଠଦିନ ଏଭଳି ଅବସ୍ଥାରେ ରଖିବା ପରେ ଶରୀରକୁ କବର ଦେବାପାଇଁ ନିଆଯାଏ। କବର ଦେବାପାଇଁ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଲୋକ ଥାଆନ୍ତି ଯେଉଁମାନେ ତାର ଉପଯୁକ୍ତ ବ୍ୟବସ୍ଥା କରିଥାନ୍ତି। ମୃତଶରୀରକୁ ପ୍ରାୟତଃ ରାତ୍ରୀ ସମୟରେ ଏକ ଶୋଭାଯାତ୍ରାରେ ନିଆଯାଇଥାଏ ଏବଂ ସହର ବାହାରେ ଏକ ନିର୍ଦ୍ଦିଷ୍ଟ କବରସ୍ଥାନରେ ସମାଧିକାର୍ଯ୍ୟ ସମାପନ କରାଯାଇଥାଏ। ସହର ବା ଗ୍ରାମର ବାହାରେ ସମାଧିଦେବାର ଉଦ୍ଦେଶ୍ୟ ହେଉଛି ମୃତବ୍ୟକ୍ତିର ଶରୀରରେ ଥିବା କୌଣସି ରୋଗର ଜୀବାଣୁ ଯେଭଳି ଅନ୍ୟକୁ ସଂକ୍ରମଣ ନ କରେ।

## ରୋମୀୟ ଚିକିତ୍ସା

ଗ୍ରୀକ୍‌ମାନଙ୍କ ଭଳି ରୋମୀୟମାନଙ୍କ ବିଭିନ୍ନ ରୋଗର ଉପଶମ ପାଇଁ ଚିକିତ୍ସା ବ୍ୟବସ୍ଥା କରାଯାଇ ଥିଲା। ମୁଖ୍ୟତଃ ଚିକିତ୍ସା ପଦ୍ଧତି ଯାଦୁମନ୍ତ୍ର (Magic) ଉପରେ ପର୍ଯ୍ୟବେସିତ ଥିଲା। ରୋଗର ଲକ୍ଷଣ ନିରୀକ୍ଷଣ କରିବା, ଖାଦ୍ୟ ନିୟନ୍ତ୍ରଣ ଓ ବ୍ୟାୟାମ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା।

ଏସ୍‌ଲେପିଅସ୍ (Aschlepius) ହେଉଛି "ଆପୋଲୋ" ଦେବତାଙ୍କ ପୁଅ। ତାଙ୍କୁ ଉପଶମ ଦେବତା ଭାବରେ ପୂଜା କରାଯାଇଥାଏ। ତାଙ୍କ ଝିଅ ହାଇଜିଆ (Hygeia)ଙ୍କୁ ସ୍ୱାସ୍ଥ୍ୟର ଦେବୀ ହିସାବରେ ପୂଜା କରାଯାଏ।

ରୋମାନ୍ ଚିକିତ୍ସକମାନଙ୍କ ମଧ୍ୟରେ ଉଲ୍ଲେଖଯୋଗ୍ୟ ଥିଲେ ଚିରୋନ (Chiron), ହିପୋକ୍ରେଟ୍ସ୍, ଅରିଷ୍ଟଟଲ୍, ସୋରାନସ୍ (98-138 A.D), ଗ୍ୟାଲେନ୍ (୧୨୯-୧୯୯), ସେଲସେସ୍ (Selses)। ଏହି ଚିକିତ୍ସକଙ୍କମାନଙ୍କ ମଧ୍ୟରେ ହିପୋକ୍ରେଟସ୍ ଅନେକଗୁଡ଼ିଏ ଚିକିତ୍ସା ଶାସ୍ତ୍ର ରଚନା କରିଥିଲେ। ପ୍ରସିଦ୍ଧ ଦାର୍ଶନିକ ଆରିଷ୍ଟଟଲଙ୍କର ମଧ୍ୟ ବିଭିନ୍ନ ଔଷଧ ଉପରେ ଜ୍ଞାନ ଥିଲା। ତାଙ୍କର ରୋମ୍ ସହ ନିବିଡ଼ ସମ୍ପର୍କ ଥିଲା। ସେ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରିଥିଲେ। ଶରୀରତତ୍ତ୍ୱ (Physiology & Anatomy) ସହିତ ବଂଶଗତ ସଂପର୍କ ଥିବା ବିଷୟରେ ସେ ସୂଚନା

ଦେଇଥିଲେ । ସେ ସେହି ତତ୍ତ୍ୱଗୁଡ଼ିକୁ ପ୍ରତ୍ୟାଖ୍ୟାନ କରୁଥିଲେ ଯେଉଁ ତତ୍ତ୍ୱକୁ ମଣିଷ ଅନୁଭବ କରିବା ଥିଲା ଅସମ୍ଭବ । ସୋରାନନ୍ ଥିଲେ ସ୍ତ୍ରୀ ରୋଗ ବିଶେଷଜ୍ଞ । ଗ୍ୟାଲେନ୍ ସମ୍ରାଟ୍ ମାର୍କସ୍ ଅଉରେଲିଅସ୍ (Mercus Aurelius)ଙ୍କ ସମୟରେ ସେ ଚିକିତ୍ସକ ଥିଲେ । ତାଙ୍କର ଅନେକ ଚିକିତ୍ସା ଶାସ୍ତ୍ର ଅନୁଭବ ଓ ପରୀକ୍ଷା ଉପରେ ପର୍ଯ୍ୟବେସିତ ।

## ଆଇନ ବ୍ୟବସ୍ଥା

ରୋମୀୟମାନଙ୍କର ସର୍ବଶ୍ରେଷ୍ଠ ଦାନ ହେଉଛି ସେମାନଙ୍କର ଆଇନଧାରା ବା ଆଇନଗତ ବ୍ୟବସ୍ଥା । ରୋମୀୟ ସାମ୍ରାଜ୍ୟର ସୁପରିଚାଳନା ପାଇଁ ସେମାନେ କେତେକ ସୁଚିନ୍ତିତ ଆଇନ ପ୍ରଣୟନ କରିଥିଲେ । ଆଇନଗୁଡ଼ିକ ଲିଖିତ ଆକାରରେ ଲିପିବଦ୍ଧ କରିଥିଲେ । ଖ୍ରୀ.ପୂ. ୪୯୦ରେ ୧୨ଟି ବ୍ରୋଞ୍ଜ ଫଳକ ଉପରେ ରୋମ୍‌ର ଆଇନଗୁଡ଼ିକ ଲେଖାଯାଇଥିଲା । ଏହା ଦ୍ୱାଦଶ ଫଳକ ଆଇନ (Law of Twelve Tables) ନାମରେ ଖ୍ୟାତ । ସେଥିରେ ବିଭିନ୍ନ ଆଇନ ଓ ସେଥିପାଇଁ ଦଣ୍ଡ ବିଷୟରେ ଲେଖାଥିଲା । ଜମିଜମା ଉପରେ ବ୍ୟକ୍ତିଗତ ଅଧିକାର ଆଦି ବିଷୟରେ ନିୟମମାନ ରହିଥିଲା । ଏହି ଆଇନ୍‌କୁ ଠିକ୍ ଭାବରେ ପ୍ରୟୋଗ କରିବା ପାଇଁ ବିଚାରାଳୟମାନ ପ୍ରତିଷ୍ଠା କରାଯାଇଥିଲା ଓ ବିଚାରପତିମାନଙ୍କୁ ନିଯୁକ୍ତ କରାଯାଇଥିଲା । ବିଭିନ୍ନ ଅଞ୍ଚଳର ପ୍ରଚଳିତ ରୀତିନୀତି ଓ ବିଶ୍ୱାସ ଅନୁଯାୟୀ ଆଇନ୍‌ମାନ ପ୍ରଣୀତ ହୋଇଥିଲା । ସମସ୍ତ ପ୍ରକାର ଆଇନ, ରାୟ, ବିଚାର, ବିଚାର କ୍ଷମତା ଇତ୍ୟାଦି ବିଷୟକୁ କାଳକ୍ରମେ ଏକ ସୁବୃହତ୍ କୋଡ଼ (Code) ଆକାରରେ ପ୍ରଣୟନ କରାଗଲା । ରୋମୀୟମାନଙ୍କ ଏହି ଆଇନ୍ ସଂହିତା ପରବର୍ତ୍ତୀ କାଳରେ ଇଉରୋପ ଓ ଅନ୍ୟାନ୍ୟ ଅଞ୍ଚଳର ଆଇନ ପ୍ରଣୟନର ମୂଳଭିତ୍ତି ସ୍ୱରୂପ କାର୍ଯ୍ୟ କରିଥିଲା । ରୋମୀୟ ସମ୍ରାଟ ଜଷ୍ଟିନିଆନ୍‌ଙ୍କର ଆଇନ ଗ୍ରନ୍ଥ ଇନ୍‌ଷ୍ଟିଚ୍ୟୁଟସ୍ (Institutes) ଏହି କ୍ଷେତ୍ରରେ ପ୍ରଣିଧାନ ଯୋଗ୍ୟ ।

## କଳା ଓ ସ୍ଥାପତ୍ୟ

କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ରୋମୀୟମାନଙ୍କ ଅବଦାନ ପ୍ରଶଂସନୀୟ । ରୋମୀୟ ସମ୍ରାଟ ଅଗଷ୍ଟସ ଖ୍ରୀ.ପୂ. ୩୧ରୁ ୧୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରୋମୀୟ ସାମ୍ରାଜ୍ୟର ସମ୍ରାଟ ଥିଲେ । ତାଙ୍କ ସମୟକୁ ରୋମର ସୁବର୍ଣ୍ଣ ଯୁଗ ବୋଲି କୁହାଯାଏ । ସେହି ସମୟରେ ରୋମୀୟମାନେ କଳା, ସ୍ଥାପତ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରଶଂସନୀୟ ଅଗ୍ରଗତି କରିଥିଲେ । ରୋମୀୟମାନେ ଅନେକ ମନ୍ଦିର, ସର୍ବସାଧାରଣ ପ୍ରେକ୍ଷାଳୟ, ସ୍ନାନାଗାର ଓ ପ୍ରାସାଦମାନ ନିର୍ମାଣ କରିଥିଲେ । ଅଗଷ୍ଟସ୍‌ଙ୍କ ପ୍ରାସାଦ, ଜୁଲିଅସ୍ ସିଜରଙ୍କ ନିର୍ମିତ ପ୍ରାସାଦ, ସମ୍ରାଟ ଭେସପେସିଆନଙ୍କର କଲୋସିୟମ୍, ଟୋଲେମିଙ୍କର ପ୍ରେକ୍ଷାଳୟ ଇତ୍ୟାଦି ସ୍ଥାପତ୍ୟ କ୍ଷେତ୍ରରେ ରୋମୀୟମାନଙ୍କର ଅବଦାନର ବିଶିଷ୍ଟ ନମୁନା । ସମ୍ରାଟ ଅଗଷ୍ଟସ ରୋମ ନଗରୀର ସୌଧମାନଙ୍କୁ ମାର୍ବଲ ମଣ୍ଡିତ କରାଇ ନଗରୀର ଶୋଭାବର୍ଦ୍ଧନ କରିଥିଲେ । ରୋମ୍‌ର ସମ୍ରାଟମାନେ ରୋମ ନଗରର ରାଜପଥଗୁଡ଼ିକରେ ଉଭୟ ପାର୍ଶ୍ୱରେ ରୋମୀୟ ବୀରମାନଙ୍କର ମାର୍ବଲ ଓ ବ୍ରୋଞ୍ଜ ପ୍ରତିମୂର୍ତ୍ତିମାନ ମଧ୍ୟ ସ୍ଥାପନ କରି ନଗରର ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଥିଲେ । କଥିତ ଥିଲା ଯେ, ରୋମ୍ ନଗରୀରେ ଦୁଇପ୍ରକାର ଅଧିବାସୀ ବାସ କରନ୍ତି – ଗୋଟିଏ ହେଲା ରକ୍ତ ମାଂସର ମନୁଷ୍ୟ ଓ ଅନ୍ୟଟି ହେଲା ମର୍ମର ପ୍ରସ୍ତର ଓ ବ୍ରୋଞ୍ଜ ନିର୍ମିତ ପ୍ରତିମୂର୍ତ୍ତି । ରୋମୀୟମାନଙ୍କ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଭବିଷ୍ୟତ କାଳରେ ପାଶ୍ଚାତ୍ୟ ଶିଳ୍ପୀମାନଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା ।

## ସାହିତ୍ୟ

ସାହିତ୍ୟ କ୍ଷେତ୍ରରେ ରୋମୀୟମାନଙ୍କ ଅବଦାନ ବାସ୍ତବରେ ପ୍ରଶଂସନୀୟ । ଗଦ୍ୟ ସାହିତ୍ୟ କ୍ଷେତ୍ରରେ କୁଇ ଲେଲିଆନ୍ ଓ ସିସେରୋଙ୍କର ଅବଦାନ ଉଲ୍ଲେଖନୀୟ । ସିସେରୋଙ୍କ 'ଲାଟିନ୍ ଗଦ୍ୟ ସାହିତ୍ୟର ସୃଷ୍ଟି' (Creation of Latin Prose) ଗଦ୍ୟ ସାହିତ୍ୟର ଉତ୍କର୍ଷତା ପ୍ରତିପାଦନ କରିଅଛି । ଲାଟିନ୍ ସାହିତ୍ୟ ପ୍ରତି ଦିଗ୍‌ବିଜୟୀ ସମ୍ରାଟ ଜୁଲିୟସ୍ ସିଜରଙ୍କର ଅବଦାନ ଉଲ୍ଲେଖନୀୟ । ଜୁଲିୟସ୍ ସିଜର ତାଙ୍କର ସାମରିକ ଅଭିଯାନଗୁଡ଼ିକର ବିବରଣୀ ଲାଟିନ୍ ଭାଷାରେ ଲେଖିଯାଇଛନ୍ତି । ସେହି ଗ୍ରନ୍ଥ ସିଜରଙ୍କ ଭାଷ୍ୟ (Commentaries) ନାମରେ ଖ୍ୟାତି ଲାଭ କରିଅଛି । ଏତଦ୍‌ବ୍ୟତୀତ ଅଗଷ୍ଟସ୍‌ଙ୍କ ସମୟରେ ଲାଟିନ୍ ଭାଷାରେ ଅନେକ ଉନ୍ନତି ଘଟିଥିଲା । ଗଦ୍ୟ ସାହିତ୍ୟ କ୍ଷେତ୍ରରେ ରୋମୀୟ କବି ଭର୍ଜିଲ (Virgil), ହୋରେସ୍ (Horace) ଓ ଓଭିଡ୍ (Ovid)ଙ୍କର ଦାନ ଲାଟିନ୍ ସାହିତ୍ୟକୁ ସମୃଦ୍ଧ କରିଅଛି । ଭର୍ଜିଲ ଏନେଡ୍ (Aeneid) ନାମକ ମହାକାବ୍ୟ ରଚନା କରିଥିଲେ । ସେଥିରେ ସେ ଗ୍ରୀକ୍ ବୀରମାନଙ୍କର କାହାଣୀ ଅନୁସରଣ କରି ରୋମୀୟମାନଙ୍କର ବୀରତ୍ୱ ବର୍ଣ୍ଣନା କରିଛନ୍ତି । ତେଣୁ କୁହାଯାଏ ଯେ ଗ୍ରୀସ୍ ପାଇଁ ହୋମର ଯାହା କରିଥିଲେ, ରୋମ ପାଇଁ ଭରଜିଲ୍ ତାହା କରିବା ପାଇଁ ଉଦ୍ୟମ କରିଥିଲେ । ହୋରେସ ମଧ୍ୟ ଜଣେ ପ୍ରତିଭାବାନ୍ କବି ଥିଲେ । ଲାଟିନ୍ ଭାଷାରେ ସେ ନରନାରୀମାନଙ୍କର ଜୀବନକୁ ଭିତ୍ତିକରି ସୁନ୍ଦର କବିତାମାନ ଲେଖିଥିଲେ । ଓଭିଡ୍ ରୋମୀୟ ଦେବାଦେବୀମାନଙ୍କ ସମ୍ପର୍କରେ କବିତାମାନ ଲେଖିଥିଲେ ।

ଇତିହାସ ସୃଷ୍ଟି କ୍ଷେତ୍ରରେ ମଧ୍ୟ ରୋମୀୟମାନେ ପ୍ରତିଷ୍ଠା ଲାଭ କରିଥିଲେ । ରୋମୀୟ ଐତିହାସିକ ଟାସିଟସ୍ 'ଜର୍ମାନିଆ' ନାମରେ ଏକ ଇତିହାସ ପୁସ୍ତକ ପ୍ରଣୟନ କରିଥିଲେ । ଐତିହାସିକ ଲିଭି 'ରୋମ ଇତିହାସ' ଲେଖିଥିଲେ । ସମ୍ରାଟ ଜୁଲିୟସ ସିଜର ତାଙ୍କର ଯୁଦ୍ଧକାଳୀନ ଘଟଣାଗୁଡ଼ିକର ବିବରଣୀ ଲିପିବଦ୍ଧ କରିଥିଲେ । ତାଙ୍କ ରଚିତ ଗଲିକ ଯୁଦ୍ଧ (Galic Wars) ଓ ଗୃହଯୁଦ୍ଧର ଇତିହାସ (History of the Civil War) ରୋମ ଇତିହାସର ଅମୂଲ୍ୟ ସମ୍ପଦ ।

## ରୋମର ସାକ୍ଷରତା

ରୋମର 'ଉତ୍ସର୍ଗୀକୃତ ଶିଳାଲିପି' (Votive Inscriptions), ପାରମ୍ପରିକ ଧାର୍ମିକ ଗ୍ରନ୍ଥ (Ritual Texts) ଏବଂ ବାର୍ଷିକ ଉତ୍ସବ ପର୍ବପର୍ବାଣୀ ପାଇଁ ଉଦ୍ଦିଷ୍ଟ କ୍ୟାଲେଣ୍ଡର ସାକ୍ଷରତା ସଂପର୍କରେ ସୂଚନା ଦିଏ । ପମ୍ପେଇ (Pompeii) ସହରର ପ୍ରାଚୀର କାନ୍ଥରେ ଥିବା ଲେଖା ମଧ୍ୟ ଏ ସଂପର୍କରେ ସୂଚାଇଥାଏ । ରୋମର ବିଶାଳସାମ୍ରାଜ୍ୟ ଓ ବିସ୍ତୃତ ବାଣିଜ୍ୟ କାରବାର ପାଇଁ ଏବଂ ବ୍ୟାଙ୍କ ଋଣ ଓ ସୁଧର ହିସାବ କରିବା ପାଇଁ ଆବଶ୍ୟକୀୟ ତହବିଲକୁ ସଜାଡ଼ି ରଖିବା ପାଇଁ ଏବଂ ପରିଚାଳନା କରିବା ପାଇଁ ଅକ୍ଷର ଶିଖିବା ଓ ପ୍ରାଥମିକ ଗଣିତଜ୍ଞାନ ନିତାନ୍ତ ଆବଶ୍ୟକ । ତେଣୁ ସାକ୍ଷରତାର ବୃଦ୍ଧିହାର ନିଶ୍ଚିତଭାବେ ଅଧିକ ଥିବ । ଐତିହାସିକ ଉଇଲିଅମ୍ ହାରିସ୍‌ଙ୍କ ମତରେ ରୋମର ସାକ୍ଷରତା ହାର ପ୍ରାୟ ୧୦% ଥିଲା ଯାହା ଗ୍ରୀକ୍ ହାରଠାରୁ ଯଥେଷ୍ଟ ଅଧିକ ଥିଲା । ତେବେ ପଢ଼ିବା ଓ ଲେଖିବା ଯାହାକୁ ଆମେ ସାକ୍ଷରତା କହିଥାଉ ସେ ଦୃଷ୍ଟିରୁ ସାକ୍ଷରତା ସମ୍ଭ୍ରାନ୍ତ ବ୍ୟକ୍ତି ବିଶେଷ, ସିନେଟର ପରିବାର, ଇକ୍ୱେଷ୍ଟିଆନ୍‌ମାନଙ୍କ ମଧ୍ୟରେ ସୀମିତ ଥାଇପାରେ । ରୋମର ପ୍ରଥମ ସ୍କୁଲଗୁଡ଼ିକ ଖ୍ରୀ.ପୂ.୪ର୍ଥ ଶତାବ୍ଦୀରେ ଗଢ଼ି ଉଠିଥିଲା । ଖ୍ରୀ.ପୂ. ୩ୟ ଶତାବ୍ଦୀର ହାର ୨ରୁ ୩ ପ୍ରତିଶତ ଥିବାର

ଅନୁମାନ କରାଯାଏ। ଖ୍ରୀ.ପୂ. ୨ୟ ଶତାବ୍ଦୀ ବେଳକୁ ରୋମରେ ଅନେକ ସ୍କୁଲ ଥିବାର ପ୍ରମାଣ ମିଳେ। ରୋମର ସୈନିକମାନଙ୍କର ସାକ୍ଷରତା ହାର ଅଧିକ ଥିବା ଅନୁମାନ କରାଯାଏ।

## ଧର୍ମ ଓ ଦର୍ଶନ

ରୋମୀୟମାନେ ଅନେକ ଦେବାଦେବୀ ଉପାସନା କରୁଥିଲେ। ସେମାନଙ୍କ ମଧ୍ୟରୁ ଜୁପିଟର, ମିନର୍ଭା ଓ ମାର୍ସ ପ୍ରଧାନ ଥିଲେ। ଦେବାଦେବୀମାନଙ୍କର ଉପାସନା ପାଇଁ ସେମାନେ ମନ୍ଦିର ନିର୍ମାଣ କରିଥିଲେ। ଖ୍ରୀଷ୍ଟିୟ ତୃତୀୟ ଶତାବ୍ଦୀରେ ଖ୍ରୀଷ୍ଟିଆନ୍ ଧର୍ମ ରୋମ୍ ସାମ୍ରାଜ୍ୟରେ ବ୍ୟାପି ଯାଇଥିଲା ଓ ଅନେକ ଗୀର୍ଜା ନିର୍ମିତ ହୋଇଥିଲା। ଦର୍ଶନ କ୍ଷେତ୍ରରେ ରୋମୀୟମାନେ ଉଲ୍ଲେଖନୀୟ ଅଗ୍ରଗତି କରିଥିଲେ। ରୋମୀୟ ଦାର୍ଶନିକମାନଙ୍କ ମଧ୍ୟରେ କେଟୋ ଓ ସିସେରୋ ଖ୍ୟାତି ଲାଭ କରିଛନ୍ତି। ସିସେରୋ ଲାଟିନ୍ ଭାଷାରେ ତାଙ୍କର ଦାର୍ଶନିକ ଜ୍ଞାନ କୋଷ ପ୍ରଣୟନ କରିଥିଲେ। ରୋମୀୟ ସମ୍ରାଟ ମାର୍କସ୍ ଆଉରେଲିୟସ୍ ଯୋଗ ପୁସ୍ତକର ରଚୟିତା ଥିଲେ।

## ବିଜ୍ଞାନ

ବିଜ୍ଞାନ କ୍ଷେତ୍ରରେ ରୋମୀୟମାନେ ଉଲ୍ଲେଖନୀୟ ଅଗ୍ରଗତି କରିଥିଲେ। ଦ୍ୱିତୀୟ ଶତାବ୍ଦୀରେ ରୋମୀୟ ବୈଜ୍ଞାନିକ ଟୋଲେମି ଜ୍ୟୋତିର୍ବିଜ୍ଞାନ ଉପରେ ଗ୍ରନ୍ଥମାନ ରଚନା କରିଥିଲେ। ସେ ତ୍ରିଗୋନୋମେଟ୍ରି (Trigonometry) ସମ୍ପର୍କରେ ପୁସ୍ତକ ଲେଖିଥିଲେ। ପୃଥିବୀ, ସୂର୍ଯ୍ୟ ଓ ସୌରଜଗତ ଉପରେ ସେ ମଧ୍ୟ ତାଙ୍କର ତତ୍ତ୍ୱ ପ୍ରଦାନ କରିଥିଲେ। ରୋମୀୟ ବୈଜ୍ଞାନିକ ଗେଲେନ୍ ଆୟୁର୍ବିଜ୍ଞାନ ଉପରେ ଗ୍ରନ୍ଥ ରଚନା କରିଥିଲେ। ମନୁଷ୍ୟର ଅଙ୍ଗପ୍ରତ୍ୟଙ୍ଗ, ଶ୍ୱାସପ୍ରଶ୍ୱାସ, ମାଂସପେଶୀ, ହୃତ୍‌ପିଣ୍ଡ ଓ ରକ୍ତ ସଞ୍ଚାଳନ ଆଦି ପ୍ରକ୍ରିୟା ଉପରେ ସେ ତାଙ୍କର ଗବେଷଣା ଲବ୍ଧ ଜ୍ଞାନ ପ୍ରଦାନ କରିଯାଇଛନ୍ତି। ଅନ୍ୟତମ ରୋମୀୟ ବୈଜ୍ଞାନିକ ସେଲସସ୍ ଶଲ୍ୟ ଚିକିତ୍ସା ବିଷୟରେ ଗ୍ରନ୍ଥ ଲେଖିଛନ୍ତି। ବୈଷୟିକ ଜ୍ଞାନରେ ରୋମୀୟମାନେ ମଧ୍ୟ ବେଶ ଅଗ୍ରଗତି କରିଥିଲେ। ସେହି ଜ୍ଞାନ ଉପରେ ନିର୍ଭର କରି ରୋମୀୟମାନେ ଅନେକ ପ୍ରାସାଦ, ରାସ୍ତାଘାଟ ଓ ପୋଲ ଆଦି ନିର୍ମାଣ କରିଥିଲେ। ପ୍ରସିଦ୍ଧ ରୋମୀୟ ବୈଜ୍ଞାନିକ ଫ୍ରିଣ୍ଟିନସ୍ ବୈଷୟିକ ବିଜ୍ଞାନ ସମ୍ପର୍କରେ ଏକ ପୁସ୍ତକ ପ୍ରଣୟନ କରିଥିଲେ।

ରୋମୀୟମାନେ ଏକ ବର୍ଷ ପଞ୍ଜିକା ପ୍ରସ୍ତୁତ କରିଥିଲେ। ବର୍ଷକୁ ବାରଟି ମାସରେ ବିଭକ୍ତ କରିଥିଲେ। ମାସଗୁଡ଼ିକର ନାମ ମଧ୍ୟରୁ କେତେକ ରୋମୀୟ ସମ୍ରାଟଙ୍କ ନାମ ଅନୁସାରେ ନାମିତ ହୋଇଥିଲା। ଉଦାହରଣ ସ୍ୱରୂପ, ଜୁଲାଇ ମାସ ଜୁଲିଅସ୍ ସିଜରଙ୍କ ନାମ ଅନୁସାରେ ଓ ଅଗଷ୍ଟମାସ ଅଗଷ୍ଟସ୍ ସିଜରଙ୍କ ନାମ ଅନୁସାରେ ନାମିତ ହୋଇଛି।

## ରୋମୀୟ ଅର୍ଥନୀତି ଓ ବାଣିଜ୍ୟ କାରବାର

ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ରୋମୀୟମାନେ ଅନେକ ଅଗ୍ରଗତି କରିଥିଲେ। ସେମାନେ ଋଷିଆ, ଭାରତ, ଚୀନ, ମଧ୍ୟ-ଆଫ୍ରିକା, ଆରବ ଓ ସ୍କାଣ୍ଡିନେଭିଆ ଆଦି ଅଞ୍ଚଳ ସହିତ ବାଣିଜ୍ୟ ବ୍ୟବସାୟ କରୁଥିଲେ। ରୋମର ଓଷ୍ଟିଆ ଓ

ଫୁଟେଓଲି ବନ୍ଦର ବାଣିଜ୍ୟ ବ୍ୟବସାୟ ପାଇଁ ପ୍ରସିଦ୍ଧ ଥିଲା । ଭାରତର ମାନ୍ଦ୍ରାଜ ନିକଟବର୍ତ୍ତୀ ଆରିକାମେଡୁ ନାମକ ସ୍ଥାନରେ ରୋମୀୟମାନଙ୍କର ଏକ ବାଣିଜ୍ୟ ପୀଠ ଥିଲା । ରୋମୀୟମାନଙ୍କର ବାଣିଜ୍ୟ ବ୍ୟବସାୟ ଉଭୟ ଜଳପଥ ଓ ସ୍ଥଳପଥ ଦେଇ ଚାଲିଥିଲା । ବାଣିଜ୍ୟ ବ୍ୟବସାୟର ସୁବିଧା ପାଇଁ ସେମାନେ ବିଭିନ୍ନ ସ୍ଥାନ ସହ ରୋମକୁ ବହୁ ପଥ ଦ୍ୱାରା ସଂଯୋଗ କରିଥିଲେ । ସେଥିପାଇଁ କୁହାଯାଇଛି 'ସବୁରାସ୍ତା ରୋମକୁ ପଡ଼ିଛି' (All roads lead to Rome) ।

ରୋମର ଅର୍ଥନୀତି ମୁଖ୍ୟତଃ କୃଷି ଏବଂ ବାଣିଜ୍ୟ ଉପରେ ନିର୍ଭରଶୀଳ ଥିଲା । ସମଗ୍ର ଇଟାଲୀରେ ଏବଂ ସ୍ପେନ, ଗଲ ଇତ୍ୟାଦି ଅନ୍ୟ ଇଟାଲୀ ଅଧିନରେ ଥିବା ଅଂଚଳର "ଲାଟିଫଣ୍ଡିଆ"ରେ ପ୍ରଚୁର ଅଂଗୁର ଓ ଅଲିଭ୍ (Olive) ଚାଷ ହେଉଥିଲା । ଇଜିପ୍ଟ, ସିସିଲି ଏବଂ ଟୁନିସିଆ ପ୍ରଭୃତି ଅଞ୍ଚଳ ଇଟାଲି ଅଧିନକୁ ଆସିବା ପରେ ପ୍ରଚୁର ପରିମାଣରେ ଖାଦ୍ୟଶସ୍ୟ ଇଟାଲୀୟ ବା ରୋମୀୟମାନଙ୍କ ପାଖକୁ ଆସିଲା । ଶିଳ୍ପଭିତ୍ତିକ ଅର୍ଥନୀତି ପ୍ରାୟ ନ ଥିଲା । ଖଣି ଉତ୍ତୋଳନ କହିଲେ ପ୍ରାୟତଃ "ପଥର ଖଣି"କୁ ବୁଝାଉଥିଲା । ଏହି ପଥର ବିଭିନ୍ନ ଅଟ୍ଟାଳିକା ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଯେଉଁଳି ରାସ୍ତା, କେନାଲ ଇତ୍ୟାଦି ପାଇଁ ବ୍ୟବହାର କରାଯାଉଥିଲା । ସାଧାରଣତନ୍ତ୍ରର ପ୍ରାରମ୍ଭିକ ପର୍ଯ୍ୟାୟରେ ଚାଷକାର୍ଯ୍ୟ ପାଇଁ ଶ୍ରମିକ ଅଭାବ ଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ବିଭିନ୍ନ ଅଂଚଳରେ ରାଜ୍ୟ ଜୟ ହେତୁ କ୍ରୀତଦାସ ମାନେ ସହଜରେ ମିଳିଲେ ଏବଂ ଚାଷକାର୍ଯ୍ୟରେ ଆଉ ଅସୁବିଧା ରହିଲା ନାହିଁ । ସମଗ୍ର ରୋମର ଜନସଂଖ୍ୟାର ପ୍ରାୟ ୨୦% ଲୋକ କ୍ରୀତଦାସ ହିଁ ଥିଲେ । ରୋମର ମୁଦ୍ରା ବ୍ୟବସ୍ଥା ଅତ୍ୟନ୍ତ ଉନ୍ନତ ଧରଣର ଥିଲା । ବାଣିଜ୍ୟ କାରବାର ଅତ୍ୟନ୍ତ ଉନ୍ନତ ଥିଲା । ସଡ଼କ ପଥରେ ଚୀନ୍ ସହିତ ବାଣିଜ୍ୟ ସଂପର୍କ ଥିଲା । ଚୀନ୍‌ର ସିଲ୍‌କ ବସ୍ତ୍ର ରୋମୀୟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କର ବହୁତ ପସନ୍ଦ ଥିଲା । ଚୀନ୍ ସହିତ ଥିବା ବାଣିଜ୍ୟ ପଥକୁ "ସିଲ୍‌କ ପଥ" (Silk Road) କୁହାଯାଉଥିଲା । ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀ ବେଳକୁ ଦକ୍ଷିଣ ଭାରତର ପାଣ୍ଡ୍ୟ, ଚୋଳ ଓ ଚେର ସାମ୍ରାଜ୍ୟ ସହ ବାଣିଜ୍ୟ ସଂପର୍କ ଥିଲା । ପଣ୍ଡିଚେରୀ ନିକଟରେ ଥିବା "ଆରିକାମେଡୁ" (Arikamedu) ସ୍ଥାନରେ ପ୍ରତ୍ନତତ୍ତ୍ୱ ଖନନ ଦ୍ୱାରା ମିଳିଥିବା ବହୁତ ରୋମୀୟ ମୁଦ୍ରା ଓ ଅନ୍ୟାନ୍ୟ ରୋମୀୟ ବସ୍ତୁରୁ ରୋମ-ଭାରତ ବାଣିଜ୍ୟ ସଂପର୍କରେ ସୂଚନା ମିଳିଥାଏ । ରପ୍ତାନୀ ହେଉଥିବା ଜିନିଷମାନଙ୍କ ମଧ୍ୟରେ ଅଲିଭ୍‌ତେଲ, ମାଛ, ମାଂସ, ଲୁଣ, ମଦ୍ୟ, ଚମଡ଼ା, ଖାଦ୍ୟଶସ୍ୟ, କାଠ, ଗ୍ଲାସ, ମାଟିପାତ୍ର, ମାର୍ବଲ, ଉଲ୍ (Wool), ସୁନା, ରୂପା, କପର୍ ଏବଂ ଟିଣ ଇତ୍ୟାଦି । "କ୍ରୀତଦାସ" କିଣାବିକାର ଆଉ ଏକ ମୁଖ୍ୟ ଦ୍ରବ୍ୟ ଥିଲା । ଏହି ଜିନିଷଗୁଡ଼ିକର କାରବାର ଉଭୟ ଆଞ୍ଚଳିକ ଓ ଅନ୍ତର୍ଜାତୀୟ କାରବାରର ବସ୍ତୁ ଥିଲା । ଚୀନ ଓ ଭାରତ ବ୍ୟତୀତ ଆରବ, ଦକ୍ଷିଣପୂର୍ବ ଏସିଆ ସହିତ ବାଣିଜ୍ୟ କାରବାର ଥିଲା । ଲବଙ୍ଗ, ଡ଼ାଳଚିନି, ଅଦା, ସିଲକ, ମାର୍ବଲ (Coloured Marble), ଅତର, ହାତୀଦାନ୍ତ ଇତ୍ୟାଦି ଏହି ସବୁ ଅଞ୍ଚଳରୁ ଆମଦାନୀ କରୁଥିଲେ । ବାଣିଜ୍ୟ କାରବାର ମୁଖ୍ୟତଃ ବଣିକମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା ଏବଂ ସେମାନଙ୍କ ଉପରେ ରୋମୀୟ ଶାସକଙ୍କର କୌଣସି ନିୟନ୍ତ୍ରଣ ନ ଥିଲା । ସବୁଜିନିଷ ମଧ୍ୟରୁ ରୋମ୍‌ରେ ପ୍ରସ୍ତୁତ ମଦ୍ୟ ଓ ଜାଳେଣି ତେଲର ଚାହିଦା ସମଗ୍ର ରୋମୀୟ ସାମ୍ରାଜ୍ୟରେ ଥିଲା ।

## ସାରାଂଶ

ପ୍ରାଚୀନ ରୋମୀୟ ସଭ୍ୟତା ଗ୍ରୀସ୍‌ର ନଗରଭିତ୍ତିକ ସଭ୍ୟତା ପରି ମାନବ ଜାତି ପାଇଁ ଅନେକ ଅବଦାନ ଛାଡ଼ି ଯାଇଥିଲା। ପ୍ରାଚୀନ କାଳରେ ରୋମରେ ଏକ ବିଶାଳ ସାମ୍ରାଜ୍ୟ ଗଢ଼ି ଉଠିଥିଲା। ଖ୍ରୀ.ପୂ. ୭୫୩ରେ ରେମୁଲସ ଓ ରେମସ୍ ନାମକ ଦୁଇଭାଇ ରୋମ ନଗରୀର ଭିତ୍ତି ସ୍ଥାପନ କରିଥିଲେ। ଏହିପରି ମତକୁ ଐତିହାସିକମାନେ ସନ୍ଦେହ କରିଛନ୍ତି। ଆର୍ଯ୍ୟଗୋଷ୍ଠୀମାନଙ୍କ ମଧ୍ୟରୁ ଗୋଟିଏ ଦଳ ଟାଇବର ନଦୀ କୂଳସ୍ଥ ସାତୋଟି ପାହାଡ଼ରେ ବସତି ସ୍ଥାପନ କରିଥିଲେ। ଏହି ବସତିଗୁଡ଼ିକର ଏକତ୍ରୀକରଣରେ ରୋମ ନଗରୀ ଗଠିତ ହୋଇଥିଲା। ରୋମରେ ପ୍ରଥମେ ରାଜତନ୍ତ୍ର ଓ ପରେ ସାଧାରଣତନ୍ତ୍ର ପ୍ରତିଷ୍ଠା ହୋଇଥିଲା। ଏହି ସାଧାରଣତନ୍ତ୍ରରେ ସଂଭ୍ରାନ୍ତ ବା ପାଟ୍ରିସିଆନ୍‌ମାନେ ଦେଶ ଶାସନ କରିବାକୁ ଲାଗିଲେ। ଏହି ସାଧାରଣତନ୍ତ୍ରରେ କନ୍‌ସଲ୍, ସିନେଟ୍, ଟ୍ରିବ୍ୟୁନ୍, କମିଟିଆ ଟ୍ରିବୁଟା, କମିଟିଆ ସେଞ୍ଚୁରିଆଟା, ଡିକ୍ଟେଟର ଓ ପ୍ରାଏଟର୍ ପରି ଶାସନକର୍ତ୍ତା ଥିଲେ। ରୋମୀୟ ସାଧାରଣତନ୍ତ୍ର ବିସ୍ତାରିତ ହେବା ସଂଗେ ସଂଗେ ପିଉନିକ୍ ଯୁଦ୍ଧ ଏହାର ସଂପ୍ରସାରଣ ଉପରେ ବାଧା ଆଣିଥିଲା। ରୋମ୍ ଓ କାର୍ଥେଜ୍ ମଧ୍ୟରେ ହୋଇଥିବା ଯୁଦ୍ଧକୁ ପିଉନିକ୍ ଯୁଦ୍ଧ ବୋଲି କୁହାଯାଏ। ରୋମୀୟ ଇତିହାସରେ ଜୁଲିୟସ ସିଜରଙ୍କ ରାଜତ୍ୱ କାଳ ଏକ ଅବିସ୍ମରଣୀୟ ପର୍ଯ୍ୟାୟ। ରୋମୀୟମାନେ ସେମାନଙ୍କର ଅବଦାନ ଦ୍ୱାରା ମାନବ ସଭ୍ୟତାକୁ ପରିପୁଷ୍ଟ ଓ ସମୃଦ୍ଧିଶାଳୀ କରିଥିଲେ। ସେମାନଙ୍କର ଉନ୍ନତ ଶାସନ ପ୍ରଣାଳୀ, ଆଇନ ବ୍ୟବସ୍ଥା, କଳା ଓ ସ୍ଥାପତ୍ୟ, ସାହିତ୍ୟ, ଶିକ୍ଷା, ଧର୍ମ ଓ ଦର୍ଶନ, ବିଜ୍ଞାନ ଓ ବାଣିଜ୍ୟ ମାନବ ସଭ୍ୟତାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

**ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛିଲେଖ।

(କ) ସପ୍ତପାହାଡ଼ର ନଗରୀ ଭାବରେ କେଉଁ ନଗରୀ ପରିଚିତ ?

(i) ସ୍ପାର୍ଟା (ii) ଏଥେନ୍ସ (iii) ରୋମ (iv) ପ୍ୟାରିସ୍

(ଖ) ରୋମର ସର୍ବୋଚ୍ଚ ଶାସନ ମୁଖ୍ୟଙ୍କୁ କ'ଣ କୁହାଯାଉଥିଲା ?

(i) ଆରକନ୍ (ii) ସିନେଟର (iii) କନ୍‌ସଲ (iv) ରାଜା

(ଗ) ରୋମ କେଉଁ ନଦୀକୂଳରେ ଅବସ୍ଥିତ ?

(i) ଟେମସ୍ (ii) ଟାଇଗ୍ରିସ୍ (iii) ଟାଇବର (iv) ହଡସନ୍

(ଘ) ରୋମରେ ପ୍ରାଏଟର କାହାକୁ କୁହାଯାଉଥିଲା ?

(i) ଶାସନ ମୁଖ୍ୟ (ii) ସାମରିକ ମୁଖ୍ୟ (iii) ସର୍ବୋଚ୍ଚ ବିଚାରକର୍ତ୍ତା (iv) ସମ୍ଭ୍ରାନ୍ତ

(ଙ) ଜରୁରୀକାଳୀନ ପରିସ୍ଥିତିରେ ରୋମରେ କାହାକୁ ନିଯୁକ୍ତ କରାଯାଉଥିଲା ?

(i) ଡିକ୍ଟେଟର (ii) କନସଲ୍ (iii) ପ୍ରାଏଟର (iv) ଟ୍ରିବ୍ୟୁନ୍

(ଚ) ଜୁଲିୟସ ସିଜର କେବେ ରୋମୀୟ ସାଧାରଣତନ୍ତ୍ରର କନସଲ ଭାବରେ ନିର୍ବାଚିତ ହେଲେ ?

(i) ଖ୍ରୀ.ପୂ. ୧୦୦ (ii) ଖ୍ରୀ.ପୂ. ୫୯ (iii) ଖ୍ରୀ.ପୂ. ୪୮ (iv) ଖ୍ରୀ.ପୂ. ୪୪

(ଛ) ଜୁଲିୟସ ସିଜର କେଉଁ କ୍ୟାଲେଣ୍ଡର ପ୍ରଚଳନ କରିଥିଲେ ?

(i) ରୋମାନ କ୍ୟାଲେଣ୍ଡର (ii) ଗ୍ରୀଗୋରିଆନ୍ କ୍ୟାଲେଣ୍ଡର

(iii) ଜୁଲିଆନ କ୍ୟାଲେଣ୍ଡର (iv) ଆଧୁନିକ କ୍ୟାଲେଣ୍ଡର

(ଜ) ସିଜରଙ୍କ ସମୟରେ ମିଶରର ରାଣୀ କିଏ ଥିଲେ ?

(i) ଏଲିଜାବେଥ (ii) ହେଲେନା (iii) କ୍ଲିଓପାଟ୍ରା (iv) ମେରିଆନ୍ତଏନେ

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ଲାଟିନ ଆର୍ଯ୍ୟମାନେ ବସତି ସ୍ଥାପନ କରିଥିବା ଅଞ୍ଚଳର ନାମ ............ ହେଲା ।

(ଖ) ରୋମ ସାଧାରଣତନ୍ତ୍ରରେ ସମ୍ଭ୍ରାନ୍ତମାନେ ........... ଭାବରେ ପରିଚିତ ଥିଲେ ।

(ଗ) ରୋମ ସାଧାରଣତନ୍ତ୍ରରେ ଦରିଦ୍ର ସମ୍ପ୍ରଦାୟର ଲୋକମାନେ ........... ଭାବରେ ପରିଚିତ ଥିଲେ ।

(ଘ) ରୋମ ଓ କାର୍ଥେଜ ମଧ୍ୟରେ ଘଟିଥିବା ଯୁଦ୍ଧ ଇତିହାସରେ ............ ଯୁଦ୍ଧ ଭାବରେ ବିଖ୍ୟାତ ।

(ଙ) ଫାର୍ସାଲସ ଯୁଦ୍ଧ ଖ୍ରୀ.ପୂ. ............ରେ ହୋଇଥିଲା ।

(ଚ) ଖ୍ରୀ.ପୂ. ..........ରେ ଜୁଲିୟସ ସିଜରଙ୍କୁ ହତ୍ୟା କରାଯାଇଥିଲା ।

(ଛ) ସମ୍ରାଟ .........ଙ୍କ ରାଜତ୍ୱକୁ ରୋମର ସୁବର୍ଣ୍ଣଯୁଗ କୁହାଯାଏ ।

(ଢ଼) ............ ତ୍ରିକୋଣମିତି (Trigonometry) ଉପରେ ପୁସ୍ତକ ଲେଖିଥିଲେ।

(ଝ) ରୋମୀୟ ଐତିହାସିକ ଟାସିଟସ୍ .......... ନାମରେ ଏକ ଇତିହାସ ପୁସ୍ତକ ପ୍ରଣୟନ କରିଥିଲେ।

(ଞ) ............ ଏନେଡ ନାମକ ମହାକାବ୍ୟ ରଚନା କରିଥିଲେ।

## 'ଖ' ବିଭାଗ

## ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର।

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ।

(କ) ରୋମକୁ ସପ୍ତପାହାଡ଼ର ନଗରୀ ବୋଲି କାହିଁକି କୁହାଯାଏ ?

(ଖ) କମିଟିଆ ସେଞ୍ଚୁରିଆଟା କ'ଣ ?

(ଗ) ପିଉନିକ୍ ଯୁଦ୍ଧ କାହା କାହା ମଧ୍ୟରେ ହୋଇଥିଲା ?

(ଘ) ପ୍ରଥମ ତ୍ରିବ୍ୟକ୍ତି ମେଣ୍ଟ କ'ଣ ?

(ଙ) ରୁବିକନ୍ ଅତିକ୍ରମ କ'ଣ ?

(ଚ) କମେଣ୍ଟରିସ କ'ଣ ? ଏହା କିଏ ଲେଖିଥିଲେ ?

(ଛ) ପମ୍ପେ କିଏ ? ଜୁଲିୟସ ସିଜରଙ୍କ ସହିତ ତାଙ୍କର ସମ୍ପର୍କ କ'ଣ ଥିଲା ?

(ଜ) ଲାଟିନ ସାହିତ୍ୟର ଦୁଇଜଣ କବିଙ୍କ ନାମ ଲେଖ।

(ଝ) ଦୁଇଜଣ ରୋମୀୟ ବୈଜ୍ଞାନିକଙ୍କ ନାମ ଲେଖ।

(ଞ) ରୋମୀୟ ଦେବଦେବୀଙ୍କ ନାମ ଲେଖ।

୪. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର। ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ଭିତରେ ସୀମିତ ରହିବା ଉଚିତ।

(କ) ସିନେଟର କାର୍ଯ୍ୟ କ'ଣ ?

(ଖ) ଟ୍ରିବ୍ୟୁନ କିଏ ? ତାଙ୍କର କାର୍ଯ୍ୟ କ'ଣ ?

(ଗ) ହାନିବାଲ କିଏ ? ସେ କାହିଁକି ପ୍ରସିଦ୍ଧ ?

(ଘ) ତୃତୀୟ ପିଉନିକ୍ ଯୁଦ୍ଧ କେବେ ହୋଇଥିଲା ? ଏହାର ଫଳାଫଳ କ'ଣ ଥିଲା ?

(ଙ) ପ୍ରଥମ ତ୍ରିବ୍ୟକ୍ତି ମେଣ୍ଟ କ'ଣ ? ଏହା କାହିଁକି ଭାଙ୍ଗିଗଲା ?

(ଚ) ଜୁଲିୟସ ସିଜରଙ୍କର ହତ୍ୟା କେଉଁ ପରିସ୍ଥିତିରେ ହୋଇଥିଲା ?

(ଛ) ରୋମୀୟ ସ୍ଥାପତ୍ୟ ସଂପର୍କରେ ସୂଚନା ଦିଅ ।

(ଜ) ଲାଟିନ୍ ଗଦ୍ୟ ସାହିତ୍ୟ ସଂପର୍କରେ ଆଲୋଚନା କର ।

(ଝ) ବିଜ୍ଞାନ କ୍ଷେତ୍ରରେ ରୋମୀୟମାନଙ୍କ ଅବଦାନ ସଂପର୍କରେ ଲେଖ ।

## 'ଗ' ବିଭାଗ

**ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର ।**

୫. ପ୍ରାଚୀନ ରୋମ ସଭ୍ୟତାର ଅବଦାନ ସଂପର୍କରେ ଲେଖ ।

୬. ରୋମୀୟ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋକପାତ କର ।

୭. ପିଉନିକ୍ ଯୁଦ୍ଧ ସଂପର୍କରେ ଏକ ବିବରଣୀ ଦିଅ ।

୮. ଜୁଲିଅସ୍ ସିଜରଙ୍କ କୃତିତ୍ୱ ଆଲୋଚନା କର ।

୯. ରୋମୀୟ ସାଧାରଣତନ୍ତ୍ରର ବିଭିନ୍ନ ବିଭାଗ ଉପରେ ଆଲୋଚନା କର ।

—❖—

**ଷଷ୍ଠ ଅଧ୍ୟାୟ**

# ୟୁରୋପୀୟ ସାମନ୍ତବାଦ

ସାମନ୍ତବାଦ ଏକ ମଧ୍ୟଯୁଗୀୟ ସାମାଜିକ ବ୍ୟବସ୍ଥା । ଏହି ବ୍ୟବସ୍ଥା ବ୍ୟକ୍ତିବିଶେଷଙ୍କ ଜମି ଉପରେ ଅଧିକାରର ସମୟକାଳ, ଚୁକ୍ତି ଏବଂ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ ଉପରେ ପର୍ଯ୍ୟବେସିତ । ଚାର୍ଲମେନଙ୍କ ମୃତ୍ୟୁପରେ ଫ୍ରାଙ୍କିସ (Frankish) ରାଜତ୍ୱ ସମୟରେ ମୁଖ୍ୟତଃ ଅଷ୍ଟମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଏହି ବ୍ୟବସ୍ଥାର ଆବିର୍ଭାବ ହୋଇଥିଲା । ଫ୍ରାଙ୍କିସ ମାନଙ୍କର ଯୁଦ୍ଧ ଓ ରାଜ୍ୟଜୟ ଫଳରେ ଏହି ବ୍ୟବସ୍ଥା ଉତ୍ତର ଇଟାଲୀ, ସ୍ପେନ, ଜର୍ମାନୀ ଏବଂ ସ୍ଲାଭିକ୍ (Slavic) ଅଞ୍ଚଳଗୁଡ଼ିକୁ ବ୍ୟାପିଯାଇଥିଲା । ନର୍ମାନଜାତୀୟ ଲୋକମାନେ ୧୦୬୬ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡ, ଦକ୍ଷିଣ ଇଟାଲୀ ଏବଂ ସିସିଲିରେ ଏହାକୁ ପ୍ରଚଳନ କରିଥିଲେ । ଇଂଲଣ୍ଡରୁ ଏହା ସ୍କଟଲାଣ୍ଡ ଓ ଆୟରଲାଣ୍ଡକୁ ବ୍ୟାପିଯାଇଥିଲା । ପରିଶେଷରେ ଏହା ନିକଟବର୍ତ୍ତୀ ପ୍ରାଚ୍ୟଦେଶମାନଙ୍କରେ ପ୍ରଚଳିତ ହୋଇଥିଲା । ଏହି ବ୍ୟବସ୍ଥାର ବୈଶିଷ୍ଟ୍ୟ ଏବଂ ଶୈକ୍ଷିକ ମୂଲ୍ୟବୋଧ ଏତେ ଆକର୍ଷଣୀୟ ଥିଲା ଯେ ଐତିହାସିକମାନେ ପୃଥିବୀର ମଧ୍ୟଯୁଗୀୟ ସାମାଜିକ ବ୍ୟବସ୍ଥାକୁ ଅନୁଧ୍ୟାନ କଲାବେଳେ ଏହାକୁ ଏକ ବିଶ୍ୱସ୍ତରୀୟ ବ୍ୟବସ୍ଥାର ମାନ୍ୟତା ଦେବାକୁ କୁଣ୍ଠାବୋଧ କଲେନାହିଁ । ଏହାଯୋଗୁଁ ସାମନ୍ତବାଦ ପୃଥିବୀର ମାନବ ଇତିହାସରେ ଏକ ସର୍ବବିଦିତ ପ୍ରଥାର ମାନ୍ୟତା ପାଇବାକୁ ସମର୍ଥ ହୋଇପାରିଥିଲା ।

ସାମନ୍ତବାଦ ତତ୍‌କାଳୀନ ମଧ୍ୟଯୁଗୀୟ ଅବସ୍ଥା ଓ ବ୍ୟବସ୍ଥା ମଧ୍ୟରୁ ସୃଷ୍ଟ । ଏହା ତିନୋଟି ମୌଳିକ ଉପାଦାନ ଉପରେ ପର୍ଯ୍ୟବେସିତ । ସେଗୁଡ଼ିକ ହେଲା ବ୍ୟକ୍ତିଗତ, ଅର୍ଥନୈତିକ ଏବଂ ଶାସନତାନ୍ତ୍ରିକ ତଥା ସାମରିକ ଉପାଦାନ ଇତ୍ୟାଦି । ସାମନ୍ତବାଦରେ ପ୍ରଜାମାନଙ୍କର ରାଜାଙ୍କ ସହ ସଂପର୍କ ଶାସନତାନ୍ତ୍ରିକ ବିକେନ୍ଦ୍ରୀକରଣକୁ ବୁଝାଇଥାଏ । ପ୍ରଜାମାନେ ମୁଖ୍ୟତଃ ସେମାନଙ୍କର ନିକଟତମ ସମ୍ଭ୍ରାନ୍ତବ୍ୟକ୍ତି (Feudal lords)ମାନଙ୍କର ପ୍ରଭୁତ୍ୱକୁ ଗ୍ରହଣ କରୁଥିଲେ ଏବଂ ସେମାନଙ୍କ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରୁଥିଲେ । ଏହି ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସେମାନଙ୍କର ଅଧିକାରରେ ଥିବା ବିପୁଳ ଭୂସମ୍ପତ୍ତିକୁ ନିର୍ଦ୍ୱନ୍ଦରେ ପରିଚାଳନା କରୁଥିଲେ । ବସ୍ତୁତଃ ସାମନ୍ତବାଦ ବଳିଷ୍ଠ ରାଜତନ୍ତ୍ରର ବିବର୍ତ୍ତନରେ ଅସୁବିଧା ସୃଷ୍ଟି କରିଥିଲା ।

ଏଭଳି ବ୍ୟବସ୍ଥାକୁ ସାଧାରଣ ପ୍ରଜାମାନଙ୍କର ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ସହ ଥିବା ଅର୍ଥନୈତିକ ସଂପର୍କକୁ ବୁଝାଇଥାଏ ଏବଂ ଯେପର୍ଯ୍ୟନ୍ତ ଏହି ସମ୍ପର୍କ ତିଷ୍ଠି ରହିଛି ସେହି ସମୟ କାଳକୁ "ଜମି ବା ସମ୍ପତ୍ତିର ସାମନ୍ତବାଦୀ କାର୍ଯ୍ୟକାଳ" ଭାବରେ ବର୍ଣ୍ଣନା କରାଯାଉଥିଲା । ଜଣେ କୃଷକର ଜମି ସହିତ ଥିବା ସମ୍ପର୍କ କେବଳ ଚାଷକରିବା ଏବଂ ଉତ୍ପାଦନ ଉପରେ କର ବା ରାଜସ୍ୱ ଦେବା ଭିତରେ ହିଁ ସୀମିତ । ଅଷ୍ଟମ ଶତାବ୍ଦୀ ବେଳକୁ ମଧ୍ୟଯୁଗୀୟ ଇଉରୋପ ଭୀଷଣ ଅର୍ଥନୈତିକ ସଙ୍କଟ ଦେଇ ଗତି କରୁଥିଲା ଏବଂ ଇଉରୋପର ଅର୍ଥନୀତି ଏକ ସ୍ଥାଣୁ ଅବସ୍ଥାକୁ ଆସିଯାଇଥିଲା । ସହରମାନଙ୍କର ଅବନତି ହୋଇଯାଇଥିଲା ଏବଂ ବାଣିଜ୍ୟ କାରବାରର ପ୍ରାଧାନ୍ୟ ସମ୍ପୂର୍ଣ୍ଣ ଭାବରେ କ୍ଷୟ ହୋଇଯାଇଥିଲା ।

ସାମନ୍ତବାଦ ପ୍ରଥାର ଉଦ୍ଭବ ଓ ବିକାଶରେ ରାଜନୈତିକ ତଥା ସାମରିକ ପୃଷ୍ଠଭୂମି ମଧ୍ୟ ରହିଛି । ରାଜନୈତିକ ଅସ୍ଥିରତା ଓ ବିଶୃଙ୍ଖଳା ସାମନ୍ତବାଦ ଉଦ୍ଭବର ଏକ ମୁଖ୍ୟ କାରଣ । ପ୍ରାଚୀନ ଜର୍ମାନୀର ରାଜନୈତିକ ବ୍ୟବସ୍ଥା ଯୁଦ୍ଧମୁଖ୍ୟ

(War lord)ଙ୍କ ପ୍ରତି ସୈନିକ ଓ ପ୍ରଜାମାନଙ୍କର ଅହେତୁକ ଆନୁଗତ୍ୟ ଉପରେ ପର୍ଯ୍ୟବେସିତ ଥିଲା। ଜଣେ ଯୋଦ୍ଧା ଯୁଦ୍ଧମୁଖ୍ୟର ସମ୍ମାନ ତାର ବ୍ୟକ୍ତିଗତ ଗୁଣବତ୍ତା ଉପରେ ନିର୍ଭର କରୁଥିଲା। ଏଭଳି ଆଭିଜାତ୍ୟ ସମ୍ପନ୍ନ ଯୁଦ୍ଧମୁଖ୍ୟମାନଙ୍କୁ ପ୍ରଜାମାନେ ସମସ୍ତ ପ୍ରକାର ସହଯୋଗ କରୁଥିଲେ ଏବଂ ପ୍ରତିବଦଳରେ ନିଜର ସାମରିକ ସାମର୍ଥ୍ୟ ବଳରେ ପ୍ରଜାମାନଙ୍କୁ ସମସ୍ତପ୍ରକାର ସୁରକ୍ଷା ପ୍ରଦାନ କରୁଥିଲେ। ପ୍ରାଚୀନ ରୋମରେ ଏଭଳି ବ୍ୟବସ୍ଥା ସାମାଜିକ ଓ ରାଜନୈତିକ ଅସ୍ଥିରତାର ପତନ ଘଟାଇବାସହ ରୋମ ସାମ୍ରାଜ୍ୟ ଗଠନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

ତେବେ ସାମନ୍ତବାଦର ଉଦ୍ଭବ ସମ୍ପର୍କରେ ଏହା କୁହାଯାଇପାରେ ଯେ ୫ମ ଶତାବ୍ଦୀର ଶେଷ ଭାଗରେ ରୋମ ସାମ୍ରାଜ୍ୟର ପତନ ପରେ ସମଗ୍ର ପଶ୍ଚିମ ଇଉରୋପରେ ଅରାଜକତା ଦେଖାଯାଇଥିଲା। ଜର୍ମାନୀୟ ଅଞ୍ଚଳରୁ ବିଭିନ୍ନ ଦୁର୍ଦ୍ଧର୍ଷଗୋଷ୍ଠୀର ଲୋକମାନେ ସମଗ୍ର ଇଉରୋପକୁ ନିଜ କବ୍‌ଜା ଭିତରକୁ ନେଇ ଆସିଥିଲେ। କିନ୍ତୁ ଏହା କୌଣସି ଏକ ବିଶାଳ ସାମ୍ରାଜ୍ୟକୁ ଜନ୍ମ ଦେଇନଥିଲା। ଖ୍ରୀଷ୍ଟିଆନ୍ ଚର୍ଚ୍ଚ ରୋମର ଶାସନବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣ ଭିତରେ ରଖିଥିଲା। ତେବେ ଅଷ୍ଟମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଚାର୍ଲମେନ (ଖ୍ରୀ. ୭୭୧-୮୧୪) ଫ୍ରାନ୍ସର ଶାସକ ହେବାପରେ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ଇଉରୋପ ଫ୍ରାନ୍ସର କବଳକୁ ଆସିଲା। ଚାର୍ଲମେନକୁ ଲାଟିନ୍ ଭାଷାରେ କରୋଲସ୍ ମାଗ୍ନସ୍ (Carolus Magnus) ବୋଲି ସମ୍ବୋଧନ କରାଯାଇଥାଏ। ଏହି ଶବ୍ଦରୁ ଚାର୍ଲମେନଙ୍କ ରାଜବଂଶକୁ "କାରୋଲିଙ୍ଗିଆନ" (Carolingian) ରାଜବଂଶ ବୋଲି ଅଭିହିତ କରାଯାଇଛି। ଚାର୍ଲମେନ ପ୍ରାୟତଃ ସମଗ୍ର ପଶ୍ଚିମ ଇଉରୋପକୁ ନିଜ ନିୟନ୍ତ୍ରଣକୁ ଆଣିଥିଲେ। ଚାର୍ଲମେନଙ୍କ ସମୟରେ ଜର୍ମାନୀ ଓ ରୋମ ଭିତରେ ସମନ୍ୱୟ ଘଟିଥିଲା। ଅଧିକାଂଶ ଐତିହାସିକମାନଙ୍କ ମତରେ "ସାମନ୍ତବାଦ" ରୋମର ସାମାଜିକ ବ୍ୟବସ୍ଥା ଏବଂ ଜର୍ମାନୀର ସାମାଜିକ ବ୍ୟବସ୍ଥାର ସମ୍ମିଶ୍ରଣରୁ ହିଁ ସୃଷ୍ଟି ଲାଭ କରିଥିଲା। ରୋମଦ୍ୱାରା ସମଗ୍ର ପଶ୍ଚିମ ଇଉରୋପରେ ପ୍ରଚଳିତ ଦାସତ୍ୱ ପ୍ରଥାର ବିଲୋପ ଏବଂ ଦଶମ ଶତାବ୍ଦୀରେ ଫ୍ରାନ୍ସରେ 'ସାମନ୍ତବାଦ'ର ଉଦ୍ଭବ ଇତିହାସର କ୍ରମବିବର୍ତ୍ତନମାନର ଏକ ଜ୍ୱଳନ୍ତ ଉଦାହରଣ। ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ 'ସାମନ୍ତବାଦ'ର ଉଦ୍ରେକ ଲାଗି ଚାର୍ଲମେନ୍‌ଙ୍କ ଦ୍ୱାରା ପ୍ରଚଳିତ ଶାସନ ବ୍ୟବସ୍ଥା ଓ ନୀତିଗୁଡ଼ିକ ଅଧିକାଂଶରେ ଦାୟୀ। ଏହି ପ୍ରଥା ମୁଖ୍ୟତଃ କାରୋଲିଙ୍ଗିଆନ ସାମ୍ରାଜ୍ୟରୁ ସୃଷ୍ଟି ହୋଇ ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକୁ ବ୍ୟାପି ଯାଇଥିଲା। ଏହି ସାମ୍ରାଜ୍ୟର କେନ୍ଦ୍ରସ୍ଥଳ ଥିଲା ଫ୍ରାନ୍ସର ଉତ୍ତରଭାଗ, ଯେଉଁ ଅଞ୍ଚଳରେ ଚାର୍ଲମେନଙ୍କର ରାଜଧାନୀ ଆଏଲା ଚାପେଲ (Aix-la-Chapelle) ଯାହାକି ବର୍ତ୍ତମାନ ଜର୍ମାନୀର ରାଇନ୍ ନଦୀ କୂଳରେ ଅବସ୍ଥିତ। ତେଣୁ ଉତ୍ତର ଫ୍ରାନ୍ସ ଇଉରୋପୀୟ ସାମନ୍ତବାଦର ଉତ୍ପତ୍ତିସ୍ଥଳ ବୋଲି କୁହାଯାଇପାରେ।

'ସାମନ୍ତବାଦ' ରାଜତନ୍ତ୍ରର ପତନ ସମ୍ପର୍କରେ ସୂଚନା ଦେଇଥାଏ। ନବମ ଶତାବ୍ଦୀର ଶେଷାର୍ଦ୍ଧରେ ଏବଂ ଦଶମ ଶତାବ୍ଦୀର ପ୍ରାରମ୍ଭରେ ପଶ୍ଚିମ ଇଉରୋପ ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ଆକ୍ରମଣକାରୀ ଜାତିର ଆକ୍ରମଣର ଶିକାର ହୁଏ। ସ୍କାଣ୍ଡିନେଭିଆର ନର୍ସ (Norse from Scandinavia) ମାଗିଆରସ୍ (Magyars) ବା ହଂଗେରିଅମାନେ ଏବଂ ଟ୍ୟୁନିସିଆର ସାରାସେନ୍ (Saracenes)ମାନେ ପଶ୍ଚିମ ଇଉରୋପକୁ ଆକ୍ରମଣ କରନ୍ତି। ଯାହା ଫଳରେ ସାଧାରଣ ମଣିଷର ଜୀବନ ବ୍ୟତିବ୍ୟସ୍ତ ଏବଂ ଅସୁରକ୍ଷିତ ହୋଇଯାଏ। ବିଭିନ୍ନ ଅଞ୍ଚଳରୁ ଜନସଂଖ୍ୟା କମିଯାଏ, କୃଷିକାର୍ଯ୍ୟ ବାଧାପ୍ରାପ୍ତ ହୁଏ ଏବଂ ବହୁଳ ପରିମାଣରେ ଧନସମ୍ପତ୍ତି କ୍ଷୟକ୍ଷତି ହୁଏ। କାରୋଲିଙ୍ଗିଆନ୍‌ମାନଙ୍କ ଦ୍ୱାରା ପ୍ରଚଳିତ ଶାସନ ବ୍ୟବସ୍ଥା ଅକ୍ଷମ ବୋଲି ମନେହୁଏ। ସମ୍ପତ୍ତିର ସୁରକ୍ଷା ଯାହା ରାଜାମାନଙ୍କର ମୁଖ୍ୟ କର୍ତ୍ତବ୍ୟବୋଲି ଧରାଯାଇଥାଏ ତାହା ଆସ୍ତେ ଆସ୍ତେ ବିଭିନ୍ନ ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରିଥିବା ସମ୍ଭ୍ରାନ୍ତ ବଂଶୀୟ ବ୍ୟକ୍ତି ଏବଂ ଯୁଦ୍ଧ ନେତୃବର୍ଗର ବ୍ୟକ୍ତି ବିଶେଷଙ୍କ ହାତକୁ ଚାଲିଯାଏ। ମାର୍କ ବ୍ଲକ (Marc Bloch)ଙ୍କର ମତରେ ଏହି କ୍ଷମତାଶାଳୀ ଯୋଦ୍ଧାମାନଙ୍କର ମୁଖ୍ୟ ଅସ୍ତ୍ର ହେଲା ଘୋଡ଼ା

ପିଠିରେ ରେକାବ (Stirrup)ର ବ୍ୟବହାର। ଘୋଡ଼ାସବାର ମାନେ ଏହି ରେକାବ ଉପରେ ଗୋଇଠି ରଖି ଘୋଡ଼ାକୁ ଚଳାଇଥାଆନ୍ତି। ଏହାଦ୍ୱାରା ଘୋଡ଼ାସବାରମାନଙ୍କୁ ଯୁଦ୍ଧକ୍ଷେତ୍ରରେ ଅସ୍ତ୍ର ଚଳାଇବା ସହଜ ହୋଇଥାଏ।

ଏହି ଶକ୍ତିଶାଳୀ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ନିଜ ନିଜ ଅଞ୍ଚଳରେ ଅଶ୍ୱବାହିନୀ ଗଠନ କରି ଛୋଟ ଛୋଟ ଜମିମାଲିକମାନଙ୍କୁ ତଡ଼ିଦେଇ ଜମି ଉପରେ ନିଜର ମାଲିକାନା ଜାହିର୍ କରନ୍ତି। ଏହା ଫଳରେ ସାମନ୍ତବାଦର ସୃଷ୍ଟିହୁଏ।

"ସାମନ୍ତବାଦ"ରେ ସମାଜ ବିଭିନ୍ନ ଶ୍ରେଣୀରେ ବିଭକ୍ତ ହୁଏ ଯାହାଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ବା ଉପାଧି ପାଏ। ଏଭଳି ସମାଜ ଗଠନରେ ସର୍ବୋଚ୍ଚ ସ୍ଥାନରେ ରହନ୍ତି ରାଜା, ତାଙ୍କ ତଳେ ସାମନ୍ତମାନେ। ସାମନ୍ତମାନେ ସେମାନଙ୍କର ଅନୁଗତ (Vassals) ବା ପ୍ରଜାମାନଙ୍କ ମଧ୍ୟରେ ଜମିଗୁଡ଼ିକୁ ବାଣ୍ଟିଦିଅନ୍ତି। ଏହି ଜମିକୁ "ଫିଫ୍" ବା ଫିଉଡ୍ (Fief or Feud) କୁହାଯାଏ। ଏହି ଫିଉଡ ଶବ୍ଦରୁ ଫିଉଡାଲଜିମ୍ ବା ସାମନ୍ତବାଦ (Feudalism) ଶବ୍ଦ ଉଦ୍ଭୃତ। ଏଭଳି ସମାଜରେ ନାଇଟ୍ (Knight) ପଦବୀଧାରୀ ଯୋଦ୍ଧାମାନଙ୍କର ଅଭ୍ୟୁତ୍‌ଥାନ ହୋଇଥିଲା।

## 'ସାମନ୍ତବାଦ'ର ସାଙ୍ଗଠନିକ ବ୍ୟବସ୍ଥା

'ସାମନ୍ତବାଦ' ମୁଖ୍ୟତଃ ବଳିଷ୍ଠ ବ୍ୟକ୍ତିଗତ ଆନୁଗତ୍ୟ ଏବଂ ବିଶ୍ୱସ୍ତତା ଉପରେ ପର୍ଯ୍ୟବେସିତ।

### ସାମନ୍ତ (Lord), ଅନୁଗତ ପ୍ରଜା (Vassal) ଓ ଆନୁଗତ୍ୟ ଗ୍ରହଣ ଉତ୍ସବ (Homage)

ଜଣେ ମୁକ୍ତ ସାଧାରଣ କୃଷକ (Vassal) ଯେତେବେଳେ ସ୍ଥାନୀୟ ଶକ୍ତିଶାଳୀ ଓ ସମ୍ଭ୍ରାନ୍ତ ବ୍ୟକ୍ତି (Lord)ର ଆନୁଗତ୍ୟ ଗ୍ରହଣ କରେ ବା ତାଙ୍କର ପ୍ରଭୁତ୍ୱ ଗ୍ରହଣ କରେ ସେତେବେଳେ ଏକ ଉତ୍ସବ ପାଳନ କରାଯାଇଥାଏ ଯାହାକୁ 'ଆନୁଗତ୍ୟ ଗ୍ରହଣ ଉତ୍ସବ' ବୋଲି କୁହାଯାଉଥିଲା। ଏହାକୁ 'ଅନୁମୋଦନ' ବା Commendation ମଧ୍ୟ କୁହାଯାଉଥିଲା। ଏହି ଉତ୍ସବ ବସ୍ତୁତଃ ଦୁଇଟି ଭାଗରେ ବିଭକ୍ତ। ପ୍ରଥମଟି ହେଲା ଇମିକ୍ସିଟୋ ମାନ୍ନମ୍ (immixito manuum) ଯେଉଁ ପ୍ରଥା ଅନୁସାରେ ସାମନ୍ତଙ୍କ ଦୁର୍ଗ (Castle) ମଧ୍ୟରେ ଉପସ୍ଥିତ ଅନେକ ଜନସାଧାରଣ ସମ୍ମୁଖରେ ଅନୁଗତ ପ୍ରଜାଜଣକ ଖୋଲା ମୁଣ୍ଡରେ ଏବଂ ବିନା କୌଣସି ଅସ୍ତ୍ର ଶସ୍ତ୍ରରେ ସାମନ୍ତ ବା ପ୍ରଭୁ (Feudal lord)ଙ୍କ ସାମନାରେ ଆଣ୍ଠେଇପଡ଼ି ପ୍ରଭୁଙ୍କ ହାତରେ ନିଜ ହାତ ରଖେ ଏବଂ ସେହି ସାମନ୍ତ ନିଜ ଦୁଇ ହାତରେ ସେହି ପ୍ରଜାର ଜୋଡ଼ହସ୍ତକୁ ଧରେ। ଦ୍ୱିତୀୟ ପର୍ଯ୍ୟାୟକୁ ଭୋଲୋ (Volo) କୁହାଯାଏ। ସେହି ଅବସ୍ଥାରେ ପ୍ରଜାଜଣକ ନିଜକୁ ତାର ପ୍ରଭୁଙ୍କ ପାଖରେ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦିଏ ଏବଂ ପ୍ରଭୁ ତାର ସମର୍ପଣ ଗ୍ରହଣ କରିବା ସହ ତାକୁ ଆଶୀର୍ବାଦ ଦେଇଥାଏ।

ଲର୍ଡଙ୍କ ପ୍ରତି ବିଶ୍ୱସ୍ତ ରହିବା ପାଇଁ ଅନୁଗତ ପ୍ରଜାଙ୍କୁ ଶପଥ ଗ୍ରହଣ ନେବାକୁ ପଡୁଥିଲା। ଏହାକୁ ବିଶ୍ୱସ୍ତତାର ଶପଥ (Oath of Fidelity ବା Oath of fealty) କୁହାଯାଏ। ଏହି ବ୍ୟବସ୍ଥା ଅଷ୍ଟମ ଶତାବ୍ଦୀର ମଧ୍ୟଭାଗରେ କାରୋଲିଙ୍ଗିଆନ୍‌ମାନେ ପ୍ରଚଳନ କରିଥିଲେ। ଏହି ଶପଥ ଗ୍ରହଣ ପରେ ଏହି ଅନୁଗତ ପ୍ରଜାମାନେ ସମ୍ଭ୍ରାନ୍ତଶାସକ ଗୋଷ୍ଠୀର ସଭ୍ୟଭାବରେ ପରିଗଣିତ ହେଉଥିଲେ। ତେବେ ଏହି ଶପଥ ନେଲାବେଳେ ସେ ଦଣ୍ଡାୟମାନ ଅବସ୍ଥାରେ ଥାଏ ଏବଂ ଗୋଟିଏ ଧର୍ମଗ୍ରନ୍ଥ

ବା କୌଣସି ମହାପୁରୁଷଙ୍କ ଦେହାବଶେଷ ରଖାଯାଇଥିବା ଏକ ଫରୁଆ (Casket) ଉପରେ ହାତରଖି ଶପଥକୁ ବାରମ୍ବାର ଦୋହରାଇଥାଏ । ତେଣୁ ଏହି ଆକ୍ଟ ଅଫ୍ ହୋମେଜ (Act of Homage) ଏବଂ ଓଥ ଅଫ୍ ଫିଡେଲିଟି (Oath of fidelity or fealty) ସେ ପର୍ଯ୍ୟନ୍ତ ବଳବତ୍ତର ରହେ ଯେ ପର୍ଯ୍ୟନ୍ତ ସେମାନଙ୍କ ଭିତରୁ ଜଣକର ମୃତ୍ୟୁ ନ ହୋଇଛି । ଏହି ଦୁଇଟି କାର୍ଯ୍ୟ ସହ ଉଭୟ ପରସ୍ପରକୁ ଆଲିଙ୍ଗନ କରିବା ଏକ ବିଧି ଭାବରେ ପରିଣତ ହୋଇଯାଇଥିଲା ।

ଏହା ସହିତ "ପଦାଭିଷିକ୍ତ ଉତ୍ସବ" (Investiture) ପାଳନ କରାଯାଇଥାଏ ଏବଂ ଅନୁରକ୍ତ ପ୍ରଜା (Vassal)ମାନଙ୍କୁ ଭୂସଂପତ୍ତିର ଅଧିକାର ଦିଆଯାଏ । ଭୂସଂପତ୍ତିର ପ୍ରତୀକ ଭାବେ ସାମନ୍ତ ପ୍ରଜାର ହାତରେ କିଛି ମାଟି କିମ୍ବା ଗଛର ପତ୍ର କିମ୍ବା ତରବାରୀ ବା ଲୁହାଦଣ୍ଡ ଅର୍ପଣ କରୁଥିଲେ ସାମନ୍ତବାଦ ଯୁଗର ଶେଷ ଅବସ୍ଥା ବେଳକୁ ଫିଫ୍ (fief)କୁ ପରିତ୍ୟାଗ କରିବା ମଧ୍ୟ ପ୍ରଥାରେ ପରିଣତ ହୋଇଗଲା ।

"ଆନୁଗତ୍ୟ" ଦ୍ୱାରା ଜଣେ ପ୍ରଜା ପ୍ରଭୁର କୌଣସି ପ୍ରକାର କ୍ଷତି କରିବାରୁ ନିଜକୁ ନିବୃତ୍ତ ରଖିବ, ତାହା ଶାରୀରିକ କ୍ଷତି ହେଉ ବା ସମ୍ପତ୍ତିର କ୍ଷତି ହେଉ । ପ୍ରଭୁଙ୍କର ସମ୍ମାନହାନୀ ହେଲା ଭଳି କୌଣସି କାର୍ଯ୍ୟ କରିବ ନାହିଁ । ଏହା ବ୍ୟତୀତ ଅନୁରକ୍ତ ପ୍ରଜା ତାର ପ୍ରଭୁଙ୍କୁ ଉଭୟ ସହାୟତା (auxilium) ଏବଂ ପରାମର୍ଶ (Consilium) ପ୍ରଦାନ କରୁଥିଲା । ସହାୟତା ମଧ୍ୟରେ ସାମରିକ ସେବା ହେଉଛି ପ୍ରଧାନ । ଶକ୍ତିଶାଳୀ ସାମନ୍ତମାନେ ନିଜର ସାମର୍ଥ୍ୟ ପାଇଁ ସେନାବାହିନୀ ରଖୁଥିଲେ । ପୁରା 'ସାମନ୍ତବାଦ' ହିଁ ଏକ ସାମରିକ ଅନୁଷ୍ଠାନ ସଦୃଶ । କିଛି ପ୍ରଜାମାନଙ୍କୁ ସାମନ୍ତମାନଙ୍କର ବ୍ୟକ୍ତିଗତ ସେବାରେ ମଧ୍ୟ ନିଯୁକ୍ତ କରାଯାଉଥିଲା ଏବଂ ଆଉ କିଛି ପ୍ରଜାଙ୍କୁ "ନାଇଟ୍" (Knights) ମାନଙ୍କର ସେବା କରିବାକୁ ନିୟୋଜିତ କରାଯାଉଥିଲା । ତେବେ କେଉଁ ପ୍ରଜାମାନେ ଏଭଳି କାର୍ଯ୍ୟରେ ନିୟୋଜିତ ହୋଇପାରିବେ ତାହା ସେମାନଙ୍କର ଭୂସମ୍ପତ୍ତିର ପରିମାଣ ଉପରେ ନିର୍ଭର କରୁଥିଲା । ବର୍ଷ ମଧ୍ୟରେ ସାଧାରଣତଃ ୪୦ ଦିନ ସାମନ୍ତଙ୍କ ପାଇଁ ଯୁଦ୍ଧ କରିବା ବାଧ୍ୟତାମୂଳକ ଥିଲା । ଯଦି ୪୦ ଦିନରୁ ଅଧିକ ଦିନ ତାକୁ ଯୁଦ୍ଧ କରିବା ପାଇଁ ନିୟୋଜିତ କରାଯାଉଥିଲା ତେବେ ଦିନଗୁଡ଼ିକ ପାଇଁ ସାମନ୍ତ ତାକୁ ପାରିଶ୍ରମିକ ଦେଉଥିଲେ । ଏତଦ୍‌ବ୍ୟତୀତ ପ୍ରଜାମାନଙ୍କୁ ନିମ୍ନଲିଖିତ ସେବା (auxilium) ଦେବାକୁ ପଡୁଥିଲା –

୧. ଜମିଦାରୀ (Manor)ର ରକ୍ଷଣାବେକ୍ଷଣ ।

୨. ସାମନ୍ତଙ୍କର ପରିବାରର ଦେଖାଶୁଣା ।

୩. ସମ୍ବାଦ ପରିବହନ କରିବା ।

୪. ସାମନ୍ତଙ୍କର ସୁରକ୍ଷା ନିମନ୍ତେ ତାଙ୍କ ସାଙ୍ଗରେ ଯିବା ।

୫. ସାମନ୍ତଙ୍କ ଆବଶ୍ୟକତା ସମୟରେ ତାଙ୍କୁ ଆର୍ଥିକ ସାହାଯ୍ୟ ଦେବା ।

୬. ଯଦି ସାମନ୍ତ ଅନ୍ୟ କାହାଦ୍ୱାରା ବନ୍ଦୀ ହୁଅନ୍ତି ତେବେ ତାଙ୍କ ପାଇଁ ମୁକ୍ତିମୂଲ୍ୟ ଦେବା ।

୭. ସାମନ୍ତଙ୍କର ଜ୍ୟେଷ୍ଠପୁତ୍ରର ନାଇଟ୍ ପଦବୀରେ ଅଭିଷିକ୍ତ ହେଲାବେଳେ ପାଳିତ ଉତ୍ସବ ପାଇଁ ଆର୍ଥିକ ସାହାଯ୍ୟ ଦେବା ।

୮. ସାମନ୍ତର ଜ୍ୟେଷ୍ଠାକନ୍ୟା ବିବାହ ବେଳେ ଅର୍ଥ ଦେବା।

୯. ସାମନ୍ତ ଧର୍ମ ଯୁଦ୍ଧ (Crusade)ରେ ଯିବା ସମୟରେ ତାଙ୍କୁ ଆର୍ଥିକ ସାହାଯ୍ୟ ଦେବା ଇତ୍ୟାଦି।

ଅନ୍ୟ ବାଧ୍ୟତାମୂଳକ କର୍ତ୍ତବ୍ୟ ହେଲା ପରାମର୍ଶ ଦେବା (Consilium) ଓ ସାମନ୍ତଙ୍କ ସହ ବର୍ଷରେ ସାକ୍ଷାତ କରିବା। ସାମନ୍ତ ବର୍ଷର ଯେକୌଣସି ସମୟରେ ସବୁ ପ୍ରଜାମାନଙ୍କୁ ଏକତ୍ରିତ କରି ବିଭିନ୍ନ ବିଷୟରେ ଆଲୋଚନା କରୁଥିଲେ। ସାମନ୍ତ କୌଣସି ମାଲିମକଦ୍ଦମାର ବିଚାର କଲାବେଳେ ତାଙ୍କୁ ପରାମର୍ଶ ଦେବା ମଧ୍ୟ ଅନ୍ୟ ଏକ କର୍ତ୍ତବ୍ୟ ଥିଲା।

ଅନ୍ୟପକ୍ଷରେ ସାମନ୍ତମାନଙ୍କର ମୁଖ୍ୟ ଦାୟିତ୍ୱ ଥିଲା ପ୍ରଜାମାନଙ୍କୁ ସୁରକ୍ଷା ପ୍ରଦାନ କରିବା। ଯଦି ଜଣେ ପ୍ରଜାକୁ କିଛି ଭୂସମ୍ପତ୍ତି ଦିଆଯାଉଥିଲା ତେବେ ସେହି ଜମିର ସୁରକ୍ଷା ଥିଲା ସାମନ୍ତମାନଙ୍କର ମୁଖ୍ୟ କର୍ତ୍ତବ୍ୟ। ସାମନ୍ତ ଯେଉଁ ପ୍ରଜାଙ୍କୁ ନିଜ ଗୃହକାର୍ଯ୍ୟରେ ନିୟୋଜିତ କରୁଥିଲେ ବା ଦୁର୍ଗରେ ନିଯୁକ୍ତି ଦେଉଥିଲେ ତେବେ ସେମାନଙ୍କୁ ପାରିଶ୍ରମିକ ଦିଆଯାଉଥିଲା।

ବସ୍ତୁତଃ ଉଭୟ ସାମନ୍ତ ଓ ପ୍ରଜା ଉଭୟ ଉଭୟଙ୍କ ପାଇଁ ପରିପୂରକ। ଐତିହାସିକ ମାର୍କ ବ୍ଲକ୍‌ଙ୍କର କହିବା ଅନୁସାରେ ମଧ୍ୟଯୁଗୀୟ ସାମନ୍ତବାଦରେ ଜଣେ ମଣିଷ ଆଉ ଜଣେ ମଣିଷର ଅଧିନରେ ରହୁଥିଲା। ସାମନ୍ତ (Lord)ଙ୍କ ଉପରେ ମହାସାମନ୍ତ (Overlord)ମାନେ ମଧ୍ୟ ରହୁଥିଲେ। ସମସ୍ତଙ୍କ ଉପରେ ଥିଲେ ରାଜା। କିନ୍ତୁ ରାଜାଙ୍କର କ୍ଷମତା ସୀମିତ ଥିଲା। ମହାସାମନ୍ତମାନଙ୍କ ଅଧିନରେ କିଛି ସାମନ୍ତ ରହୁଥିଲେ ଯେଉଁମାନଙ୍କୁ ସମ୍ଭ୍ରାନ୍ତ (Nobles) ଭାବରେ ସମ୍ବୋଧନ କରାଯାଉଥିଲା। ଯଦି ଜଣେ ସାମନ୍ତ ବିନା ଉତ୍ତରାଧିକାରୀରେ ମୃତ୍ୟୁବରଣ କରୁଥିଲେ ତେବେ ଉତ୍ତରାଧିକାରୀ ବଛାଯିବା ପର୍ଯ୍ୟନ୍ତ ପ୍ରଜା ସେହି ସାମନ୍ତଙ୍କର ଅନୁଗତ ହୋଇ ରହୁଥିଲା। ତେବେ ସାମନ୍ତର ମୃତ୍ୟୁ ସମଗ୍ର ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ଆଣୁନଥିଲା। ବସ୍ତୁତଃ ପ୍ରଜାମାନଙ୍କର ଜମିଉପରେ ଅଧିକାର ଚିରସ୍ଥାୟୀ ଥିଲା।

**ଭୂସମ୍ପତ୍ତି (Fief), ବାସଗୃହ (Tenements) ଏବଂ ମୁକ୍ତକୃଷକ (Allods)**

ସାମନ୍ତମାନଙ୍କର ଶହ ଶହ ଏକର ଜମିଥିଲା। ପ୍ରଜାମାନଙ୍କୁ ସେମାନଙ୍କର ଭରଣପୋଷଣ ପାଇଁ ଜମି ଦେଉଥିଲେ। ଯାହାକୁ 'Fief' କୁହାଯାଉଥିଲା। ଏହି ଜମିର ପରିମାଣ ବିଶାଳ ରହୁଥିଲା। 'ଫିଫ୍' କେବଳ ଅଧିକାର ଓ କର୍ତ୍ତବ୍ୟକୁ ସୂଚାଉ ନ ଥିଲା, ଏହା ବ୍ୟତୀତ ଫିଫ୍ 'ସରକାରୀ କର୍ତ୍ତୃପକ୍ଷ' (Public Authority) ଭାବରେ ମଧ୍ୟ କାର୍ଯ୍ୟ କରିଥାଏ। 'ଫିଫ୍' ମାଲିକ ମାନଙ୍କର ନିମ୍ନଲିଖିତ ଅଧିକାର ରହୁଥିଲା। ସେଗୁଡ଼ିକ ହେଲା ତନଖି ଟିକସ ଏବଂ ବଜାର ଟିକସ୍ ଆଦାୟ କରିବା, ମୁଦ୍ରା ତିଆରି କରିବା, ନ୍ୟାୟପ୍ରଦାନ କରିବା, ଓକିଲାତି କରିବା, ନଗରପାଳ ଭାବରେ କାମ କରିବା ଇତ୍ୟାଦି। ଜମିବଦଳରେ ଅର୍ଥ ଆକାରରେ ଦିଆଯାଉଥିବା ଫିଫ୍‌କୁ ମୋନେଟି ଫିଫ୍ (Monety fief) କୁହାଯାଉଥିଲା।

ସାମନ୍ତ ଓ ପ୍ରଜାଙ୍କର ଅଧିକାରଗୁଡ଼ିକର ସ୍ୱରୂପ ସବୁ ସମୟରେ ସମାନ ନ ଥିଲା। ପ୍ରାରମ୍ଭିକ ଅବସ୍ଥାରେ ଜମିର ମାଲିକାନା ସାମନ୍ତ ହାତରେ ରହୁଥିଲା ଏବଂ ପ୍ରଜାକେବଳ ଚାଷ କରୁଥିଲା ଏବଂ ଜମିର ଉତ୍ପାଦନକୁ ଭୋଗ କରୁଥିଲା। ନବମ ଶତାବ୍ଦୀରେ ଏହି ଅବସ୍ଥାରେ ପରିବର୍ତ୍ତନ ଆସିଲା ଏବଂ ପ୍ରଜାମାନଙ୍କର ନିୟନ୍ତ୍ରଣ ବଢ଼ିଗଲା। ପ୍ରଜାମାନେ ପାଇଥିବା



**ପଦାଭିଷିକ୍ତ ଉତ୍ସବ**

ଜମି ଉପରେ ବଂଶାନୁକ୍ରମିକ ଅଧିକାର ନ ଥିଲା (Right to Inheritance)। ଜଣେ ପ୍ରଜାର ମୃତ୍ୟୁପରେ ତାର ଉତ୍ତରାଧିକାରୀକୁ ପୁଣି ପଦାଭିଷିକ୍ତ (Investiture) ଉତ୍ସବ ପାଇଁ ଆବେଦନ କରିବାକୁ ପଡୁଥିଲା। କିନ୍ତୁ ଜମିର ମାଲିକାନା ଉଚ୍ଛେଦ କରିବାକୁ କୌଣସି ସାମନ୍ତ ସାହସ କରିପାରୁନଥିଲେ। ତେବେ ଦ୍ୱାଦଶ ଶତାବ୍ଦୀବେଳକୁ ପ୍ରଜାମାନେ ବଂଶାନୁକ୍ରମିକ ଅଧିକାର ପାଇସାରିଥିଲେ।

ଯେତେବେଳ ପର୍ଯ୍ୟନ୍ତ ଏହି ଅଧିକାର ନ ଥିଲା, ଉତ୍ତରାଧିକାରୀମାନଙ୍କୁ କ୍ଷତିପୂରଣ ବାବଦ ଅର୍ଥ ସାମନ୍ତଙ୍କୁ ଦେବାକୁ ପଡୁଥିଲା। ଏହାର ପରିମାଣ ଫିଫ୍ (fief)ର ଅବସ୍ଥା ଉପରେ ନିର୍ଭର କରୁଥିଲା। ବେଳେବେଳେ ସେହି ଜମିର ଏକ ବର୍ଷର ରାଜସ୍ୱ ଏହି ବାବଦରେ ଦେବାକୁ ପଡୁଥିଲା। ଯଦି ଜଣେ ପ୍ରଜାର ମୃତ୍ୟୁପରେ ତାର ଉତ୍ତରାଧିକାରୀ ନାବାଳକ ଥାଏ ତେବେ ସେ କ୍ଷେତ୍ରରେ ସେ ଫିଫ୍ (fief)ର ରକ୍ଷଣାବେକ୍ଷଣ ନିର୍ଦ୍ଦିଷ୍ଟ ପ୍ରଜାର ଜଣେ ନିକଟ ସମ୍ପର୍କୀୟ ହାତକୁ ଯାଏ ଏବଂ ତାକୁ ପଦାଭିଷିକ୍ତ (Investiture) ଉତ୍ସବ ପାଳନ କରିବାକୁ ପଡ଼େ। ଏବଂ ସେ ନାବାଳକର ଭରଣପୋଷଣ ଓ ଶିକ୍ଷାର ଦାୟିତ୍ୱ ଉପରୋକ୍ତ ସଂପର୍କୀୟ ଜଣକ ବହନ କରିଥାଏ ଏବଂ ସାବାଳକ ହେବାପରେ ସେ ବ୍ୟକ୍ତିକୁ ହୋମେଜ (Homage) ଓ ଶପଥ (Oath) କରି ନିଜ ହାତକୁ ସେ ଭୂସମ୍ପତ୍ତି ନେବାକୁ ହୋଇଥାଏ। ତେବେ "ସାମନ୍ତବାଦୀ" ଉତ୍ତରାଧିକାର ବ୍ୟବସ୍ଥାରେ ନାରୀମାନଙ୍କୁ ଦୂରେଇ ରଖାଯାଇଥିଲା। ଯଦିଓ ଜମିର ମାଲିକାନାକୁ ପ୍ରଜା ଓ ତାର ପରିବାରବର୍ଗ ଉପଭୋଗ କରିବାର ଅଧିକାର ଥିଲା ଏବଂ ଉତ୍ତରାଧିକାର ବ୍ୟବସ୍ଥା ଥିଲା କିନ୍ତୁ ଜମିକୁ ବିଭାଜନ କରିବାର ପ୍ରଥା ପ୍ରଚଳିତ ନ ଥିଲା। ତେବେ ଫିଫ୍‌କୁ ସାମନ୍ତଙ୍କର ଅନୁମତିରେ ବିଭାଜନ କରାଯାଇପାରୁଥିଲା। କିନ୍ତୁ ଏହି ବିଭାଜନ ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ଥିଲା। ପ୍ରଥମେ ପ୍ରଜାକୁ ସେଇ ନିର୍ଦ୍ଦିଷ୍ଟ ସମ୍ପତ୍ତି ଉପରେ ଥିବା ଅଧିକାରରୁ ଇସ୍ତଫା ଦେବାକୁ ପଡୁଥିଲା ଏବଂ ନୂତନ ପ୍ରଜାଙ୍କୁ ପଦାଭିଷିକ୍ତ (Investiture) ଉତ୍ସବରେ ହୋମେଜ (homage) ଏବଂ ଶପଥ (Oath) ନେବାକୁ ପଡୁଥିଲା। ଏହା ବ୍ୟତୀତ ନବମ ଶତାବ୍ଦୀର ଶେଷବେଳକୁ ପ୍ରଜାମାନଙ୍କର ଅନୁରକ୍ତି ଏକାଧିକ ସାମନ୍ତଙ୍କ ପାଖକୁ ଯାଇଥିଲା, ଯାହାକି ସାମନ୍ତମାନଙ୍କୁ ଅସୁବିଧାରେ ପକାଇଥିଲା।

ସମଗ୍ର ଜମିଦାରୀ ଭିତରେ ପ୍ରାୟ ୩୦ ଏକର ପର୍ଯ୍ୟନ୍ତ ସଂପତ୍ତିକୁ ଭିନ୍ନ ଭିନ୍ନ ପ୍ରାନ୍ତରେ ରଖାଯାଉଥିଲା। ଏହାକୁ "କୃଷିଭୃତ୍ୟ" (Serfs)ମାନେ ଚାଷ କରୁଥିଲେ ଏବଂ ଉତ୍ପାଦନରୁ କର ଶସ୍ୟ ଆକାରରେ ନିଆଯାଉଥିଲା। ଏସବୁ ସଂପତ୍ତିକୁ ଭିଲେନ୍ ଟେନମେଣ୍ଟସ୍ (Villein Tenements) କୁହାଯାଉଥିଲା।

ଏସବୁ "ସାମନ୍ତବାଦୀ" ପ୍ରଥା ବ୍ୟତୀତ କିଛି କ୍ଷମତାଶାଳୀ କୃଷକ ରହୁଥିଲେ ଯେଉଁମାନଙ୍କର ବିପୁଳ ପରିମାଣରେ ଭୂସଂପତ୍ତି ରହିଥିଲା ଏବଂ ସେମାନେ ପୂର୍ଣ୍ଣ ସ୍ୱାଧିନତାରେ ସେହି ଜମିଗୁଡ଼ିକୁ ଚାଷ ଏବଂ ଉପଭୋଗ କରୁଥିଲେ।

ସେମାନଙ୍କୁ ଆଲଡ଼ (Allod) କୁହାଯାଉଥିଲା । ଯେହେତୁ "ସାମନ୍ତବାଦୀ ଶକ୍ତିଶାଳୀ" ବ୍ୟକ୍ତିମାନଙ୍କର ଆଧିପତ୍ୟ ନିକଟସ୍ଥ ବଜାର ଓ ଆଞ୍ଚଳିକ ଅର୍ଥନୀତି ଉପରେ ରହୁଥିଲା ଏବଂ ଏହି ଆଲଡ଼ (Allod)ମାନଙ୍କୁ ମଧ୍ୟ ଜମିକର ଦେବା ବାଧ୍ୟତାମୂଳକ ଥିଲା ତେଣୁ ଏହି ମୁକ୍ତ କୃଷକମାନେ ସାମନ୍ତବାଦୀ ଅତ୍ୟାଚାରରୁ ବର୍ତ୍ତି ପାରୁନଥିଲେ ।

## ଜମିଦାରୀ (Manor)

"ମ୍ୟାନର" କହିଲେ ସାମନ୍ତର ଅଧିନରେ ଥିବା ସମସ୍ତ ଭୂସମ୍ପତ୍ତିକୁ ବୁଝାଇଥାଏ । "ମ୍ୟାନର"ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ । ପ୍ରଥମ ଭାଗଟି ସାମନ୍ତର ନିଜ ତତ୍ତ୍ୱାବଧାନରେ ଥାଏ । ଏହି ଜମିକୁ ଡ଼ିମେନ୍ସ୍ (Demense) କୁହାଯାଉଥିଲା । ଏହା ଭିତରେ ସାମନ୍ତମାନେ ଦୁର୍ଗ (Castle) ନିର୍ମାଣ କରୁଥିଲେ । ଗୀର୍ଜାଘର ମଧ୍ୟ ରହୁଥିଲା । ଏଗୁଡ଼ିକ ଆଧୁନିକ ଯୁଗର "ବିଶାଳ କୃଷି ଉଦ୍ୟାନ (Farm House) ସଦୃଶ ଅଟେ । ଡିମେନ୍ସର ଚାଷକାର୍ଯ୍ୟ କୃଷିଭୃତ୍ୟ (Serfs) ଏବଂ ସାଧାରଣ ପ୍ରଜାମାନଙ୍କ ଦ୍ୱାରା ସଂପାଦିତ ହେଉଥିଲା । 'ଶ୍ରମସେବା'କୁ ଏକପ୍ରକାର ଖଜଣା ବୋଲି ବିବେଚନା କରାଯାଉଥିଲା । ଏଭଳି ବ୍ୟବସ୍ଥା ରୋମୀୟ ଲାଟିଫଣ୍ଡିଆ (Latifundia) ବ୍ୟବସ୍ଥାରୁ ଆସିଛି ବୋଲି ଗ୍ରହଣ କରାଯାଇଛି । ମ୍ୟାନରଗୁଡ଼ିକ ଅର୍ଥନୈତିକ ଦୃଷ୍ଟିକୋଣରୁ ଆତ୍ମନିର୍ଭରଶୀଳ ଥିଲା । ପ୍ରତ୍ୟେକ ଜମିଦାରୀରେ ବଢ଼େଇ, ସ୍ଥପତି, ଧାତୁଶିଳ୍ପୀ, ବାସନନିର୍ମାତା, ବୁଣାକାର, କମାର, ମଦ୍ୟପାନୀୟ ପ୍ରସ୍ତୁତକାରୀମାନେ ରହୁଥିଲେ ଏବଂ ସାମନ୍ତମାନଙ୍କର ଆବଶ୍ୟକତା ଓ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରୁଥିଲେ । ଡିମେନ୍ସଗୁଡ଼ିକର ତିନୋଟି ଉପକାରିତା ଥିଲା । ପ୍ରଥମତଃ ସମଗ୍ର ଭୂସଂପତିର ଅତ୍ୟନ୍ତ ମୂଲ୍ୟବାନ ଓ ଅତି ଉର୍ବରକ୍ଷମ ଜମି ଉପରେ ଏଗୁଡ଼ିକ ରହୁଥିଲା । ଦ୍ୱିତୀୟରେ ନିଜର ଅଭିଜ୍ଞତା ଯୋଗୁଁ କୃଷି ବୈଷୟିକ ଜ୍ଞାନର ସଫଳ ପ୍ରୟୋଗ କରି ଏହି ଜ୍ଞାନକୁ ବିତରଣ କରିବା ଦ୍ୱାରା ପ୍ରଜାମାନଙ୍କ ଜମିର ଉତ୍ପାଦନ କ୍ଷମତା ବୃଦ୍ଧି ପାଇବାରେ ସାହାଯ୍ୟ କରିଥିଲା । ତୃତୀୟରେ ସାମନ୍ତମାନେ ବଳପ୍ରୟୋଗ ପୂର୍ବକ କୃଷିଭୃତ୍ୟ ଓ ଚାକରମାନଙ୍କଠାରୁ ଶ୍ରମସେବା ଆଦାୟ କରୁଥିଲେ ।

'ମ୍ୟାନର୍'ଗୁଡ଼ିକ ଉତ୍ପାଦନ କେନ୍ଦ୍ର ବ୍ୟତୀତ ପ୍ରଶାସନିକ କେନ୍ଦ୍ର ଭାବରେ ମଧ୍ୟ କାମ କରୁଥିଲା । ଗୋଟିଏ ମ୍ୟାନର ଭିତରେ ଅନେକ ଗୁଡ଼ିଏ ଗ୍ରାମ ମଧ୍ୟ ରହୁଥିଲା । ମ୍ୟାନର ଭିତରେ ଥିବା ହେତୁ ଗ୍ରାମଗୁଡ଼ିକର ମୌଳିକତ୍ୱ ଧ୍ୱଂସ ପାଇଥିଲା । କିଛି ନିର୍ଦ୍ଦିଷ୍ଟ ନୀତିନିୟମ ଭିତରେ ମ୍ୟାନରଗୁଡ଼ିକ ପରିଚାଳିତ ହେଉଥିଲା ।

ମ୍ୟାନର ଭିତରେ କୃଷି ଭୃତ୍ୟମାନଙ୍କୁ ଅମାନୁଷିକ ଅତ୍ୟାଚାର କରାଯାଉଥିଲା ଏବଂ ସେମାନଙ୍କଠାରୁ ଅନେକ ପ୍ରକାର କର ଆଦାୟ କରାଯାଉଥିଲା । ସେଗୁଡ଼ିକ ହେଲା : (୧) ବିନା ପାରିଶ୍ରମିକରେ ଶ୍ରମଦାନ ଯାହାକୁ ଫ୍ରାନ୍ସରେ କର୍ଭୀ (Corvee) କୁହାଯାଉଥିଲା । ଚାଷ କାର୍ଯ୍ୟ ବ୍ୟତୀତ ଅନ୍ୟାନ୍ୟ କଷ୍ଟଦାୟକ ଶ୍ରମ କରିବାକୁ ପଡୁଥିଲା । ଏହାବ୍ୟତୀତ ବିଭିନ୍ନ ପ୍ରକାର ପାଉଣା ଦେବାକୁ ପଡୁଥିଲା । କିଛି ପାଉଣା ସିଧାସଳଖ ଏବଂ ଆଉ କିଛି ଭିନ୍ନ ଉପାୟରେ ନିଆଯାଉଥିଲା । (୨) ଟେଲ ବା ଟେଲେଜ (Taille or Tallage) ହେଉଛି ଏକ ପ୍ରକାର ପାଉଣା ଯାହା କୃଷିଭୃତ୍ୟଙ୍କ ସୁରକ୍ଷା ପାଇଁ ସାମନ୍ତମାନେ ଜୋର ଜବରଦସ୍ତ ଆଦାୟ କରୁଥିଲେ । (୩) ଟିଥ (Tithe) ଆଉ ଏକ ପ୍ରକାରର ପାଉଣା ଯାହା ଗୀର୍ଜାର ଉନ୍ନତି ନିମନ୍ତେ ଆଦାୟ କରାଯାଉଥିଲା । 'ଟିଥ୍'ର ଆକ୍ଷରିକ ଅର୍ଥ ହେଉଛି ଏକ-ଦଶମାଂସ (one-tenth) । (୪) ମ୍ୟାନର

ମଧ୍ୟରେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ ହେଉଥିଲା ଯଥା ଅଟା ଇତ୍ୟାଦି ଶସ୍ୟପେଷିବା, କମାରଶାଳରେ ଉପକରଣ ତିଆରି କରିବା, ମଦ ପ୍ରସ୍ତୁତି ପାଇଁ ଅଂଗୁର ରସ ବାହାର କରିବା ଇତ୍ୟାଦି। ଏସବୁ ସୁଯୋଗର ବ୍ୟବହାର ପାଇଁ କୃଷକମାନଙ୍କୁ ମୂଲ୍ୟ ଦେବାକୁ ପଡୁଥିଲା। ଏହାକୁ ବାନାଲାଇଟ୍ସ୍ (Banalites) କୁହାଯାଏ।

## ନାଇଟ୍ସ୍ (Knights)

ସାମନ୍ତପ୍ରଥାରେ ନାଇଟ୍ ପଦବୀଧାରୀ ବୀରପୁରୁଷମାନଙ୍କର ଅଭ୍ୟୁତ୍‌ଥାନ ହୋଇଥିଲା। ଏମାନେ ଥିଲେ ସାମନ୍ତବାଦ ପ୍ରଥାର ସବୁପ୍ରକାର ଅନ୍ୟାୟ ଓ ଅତ୍ୟାଚାରର ପରିଚାଳକ। ମୁଖ୍ୟତଃ ସମ୍ଭ୍ରାନ୍ତ ବଂଶର ପୁତ୍ରମାନେ ଏହିକାର୍ଯ୍ୟ କରିବା ପାଇଁ ଶିକ୍ଷାଲାଭ କରୁଥିଲେ। ସାହସ, ବୀରତ୍ୱ ଓ ଯୁଦ୍ଧକୌଶଳ ପ୍ରତ୍ୟେକ ନାଇଟ୍‌ର ମୁଖ୍ୟ ଯୋଗ୍ୟତା। ଅଶ୍ୱଚାଳନାରେ ନିପୁଣତା ଏବଂ ଅସ୍ତ୍ରଚାଳନା ପାଇଁ ନିପୁଣତା ହାସଲ କରିବା ନିତାନ୍ତ ଜରୁରୀ। ସାତବର୍ଷ ବୟସରେ ବାଳକଟିକୁ ଶିକ୍ଷା ନିମନ୍ତେ କୌଣସି ବିଶିଷ୍ଟ ସମ୍ଭ୍ରାନ୍ତ ବ୍ୟକ୍ତି ପାଖକୁ ପଠାଯାଏ ଯେଉଁଠାରେ ତାରି ଭଳି ଅନ୍ୟ ପିଲାମାନେ ମଧ୍ୟ ଶିକ୍ଷାଲାଭ ପାଇଁ ରହିଥାଆନ୍ତି। ପ୍ରଥମେ ସେମାନଙ୍କୁ ଈଶ୍ୱରଙ୍କୁ ଭକ୍ତି କରିବା ଓ ନାରୀମାନଙ୍କୁ ସମ୍ମାନ ଦେବା ବିଷୟରେ ଶିକ୍ଷା ଦିଆଯାଇଥାଏ। ପୁସ୍ତକପାଠ କରିବା, ଲାଟିନ୍ ଓ ଅନ୍ୟାନ୍ୟ ଭାଷା ଶିଖିବା, ସଂଗୀତ ଶିକ୍ଷା, ଗୀତ ସଂଯୋଜନା କରିବା ଇତ୍ୟାଦିରେ ପାରଙ୍ଗମତା ହାସଲ କରିବାକୁ ହୁଏ। ସବୁଠାରୁ ମୁଖ୍ୟ କଥା ହେଲା ସେମାନଙ୍କୁ ଭଲ ବ୍ୟବହାର ସମ୍ପର୍କରେ ଶିକ୍ଷା ଲାଭ କରିବାକୁ ହୁଏ। ଚଉଦବର୍ଷ ବୟସରେ ସେମାନଙ୍କୁ ସାମରିକ ଶିକ୍ଷା ଦିଆଯାଇଥାଏ। ଘୋଡ଼ା ଚଢ଼ିବା, ଅସ୍ତ୍ରଶସ୍ତ୍ର ଚାଳନା କରିବା, ଉଚ୍ଚସ୍ଥାନରୁ ଡ଼େଇଁବା, କୁସ୍ତିକରିବା, ପହଁରିବା, ଶିକାର କରିବା ଏବଂ ସମସ୍ତ ପ୍ରକାରର ଶାରୀରିକ ବ୍ୟାୟାମ ଶିକ୍ଷା ମଧ୍ୟ ଦିଆଯାଇଥାଏ। ଶିକ୍ଷା ନେଉଥିବା ସମସ୍ତ ଶିକ୍ଷାନବୀଶମାନଙ୍କ ମଧ୍ୟରେ ପ୍ରତିଯୋଗୀତାମାନ ଆୟୋଜନ କରାଯାଇଥାଏ। ଅନ୍ୟ ଦେଶକୁ ଯାଇ ସେମାନଙ୍କର ସମାଜ ଓ ଅର୍ଥନୈତିକ ବ୍ୟବସ୍ଥା ସଂପର୍କରେ ମଧ୍ୟ ସେମାନେ ଜ୍ଞାନ ଆହରଣ କରିଥାଆନ୍ତି। ଏକୋଇଶି ବର୍ଷ ବୟସରେ ଏହି ଯୁବକକୁ ନାଇଟ୍ (knight) ପଦରେ ଅଭିଷିକ୍ତ କରାଯାଇଥାଏ। ସେହି ସମୟରେ ଜଣେ ପୁରାତନ ଅଭିଜ୍ଞ ନାଇଟ୍ ତାଙ୍କୁ ଉପଦେଶ ଦେଇ କହୁଥିଲେ, "ସାହସୀ ହୁଅ, ନମ୍ରହୁଅ ଓ ବିଶ୍ୱସ୍ତ ହୁଅ"।

ନାଇଟ୍‌ମାନଙ୍କ ମଧ୍ୟରେ ଶକ୍ତିପ୍ରଦର୍ଶନ ପାଇଁ ପ୍ରତିଯୋଗିତା (Tournament)ମାନ ଆୟୋଜନ କରାଯାଉଥିଲା। ଏହି ପ୍ରତିଯୋଗିତାଗୁଡ଼ିକରେ ନାଇଟ୍‌ମାନଙ୍କ ମଧ୍ୟରେ ଯୁଦ୍ଧକୌଶଳ ଓ ସାମର୍ଥ୍ୟ ବ୍ୟତୀତ ସେମାନଙ୍କ ଧୈର୍ଯ୍ୟ ଓ ସଂଯମତା ସଂପର୍କରେ ପରୀକ୍ଷା ନିଆଯାଉଥିଲା। ତତ୍‌କାଳୀନ ସମାଜର ନିଷ୍ଠୁରତା ଓ କ୍ଷମତା ଲିପ୍‌ସା ମଧ୍ୟରେ ନାଇଟ୍‌ମାନଙ୍କର ବିଚକ୍ଷଣ ବ୍ୟକ୍ତିତ୍ୱ ଓ ଆଦର୍ଶ ସ୍ୱଭାବ ସେ ଯୁଗରେ ଶାନ୍ତି ଶୃଙ୍ଖଳା ସ୍ଥାପନାରେ ସହାୟକ ହୋଇଥିଲା। ସେମାନଙ୍କର ସେହି ଆଦର୍ଶ ଆଜି ପର୍ଯ୍ୟନ୍ତ ସିଭାଲରୀ (chivalry) ବା "ବୀରୋଚିତ ଭଦ୍ରତା" ନାମରେ ନାମିତ କରାଯାଇଛି। ସିଭାଲରୀ ଶବ୍ଦଟି ଫରାସୀ ଶବ୍ଦ "ସେଭାଲ" (cheval) ବା ଅଶ୍ୱରୁ ଉଦ୍ଧୃତ। କ୍ରମବିକାଶରେ ସେଭାଲିଅର (chevalier) ବା ଅଶ୍ୱାରୋହୀ ଶବ୍ଦର ବ୍ୟବହାର ହୁଏ। ତେଣୁ ସିଭାଲରୀ କହିଲେ ଶକ୍ତି, ସଂଯମ, ଧୈର୍ଯ୍ୟ, ସହିଷ୍ଣୁତା

ଏବଂ ଆନୁଗତ୍ୟ ଇତ୍ୟାଦିକୁ ବୁଝାଇଥାଏ। ତ୍ରୟୋଦଶ ଶତାବ୍ଦୀରେ ଗୋଳାବାରୁଦ ବ୍ୟବହାର ଆରମ୍ଭ ହେବା ପରେ ଅଶ୍ୱାରୋହୀ ଓ ନାଇଟ୍‌ମାନଙ୍କର କ୍ଷମତା ହ୍ରାସ ପାଇଲା। ତେବେ "ସିଭାଲରୀ" ଶବ୍ଦଟି ଭଦ୍ରାମୀ ଓ ଭଦ୍ର ବ୍ୟବହାରକୁ ସୂଚାଇଥାଏ।

## ସାମନ୍ତବାଦର ଉପକାରିତା

ପ୍ରଥମତଃ, ସାମନ୍ତବାଦ ଲୋକମାନଙ୍କୁ ଏକତ୍ରିତ ହେବାପାଇଁ ସୁଯୋଗ ସୃଷ୍ଟି କରିଥିଲା। ସମସ୍ତେ ପରସ୍ପରକୁ ସୁରକ୍ଷା ଦେଇପାରିଲେ। ଲୋକମାନେ ଏକାଠି ବସାବସି କରିବାର ସୁଫଳକୁ ଅନୁଭବ କଲେ। ପରସ୍ପର ମଧ୍ୟରେ ବୁଝାମଣା ଭବିଷ୍ୟତରେ ଛୋଟବଡ଼ ସହର ଓ ନଗର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଅବସ୍ଥା ସୃଷ୍ଟି କରିଥିଲା।

ଦ୍ୱିତୀୟତଃ କୃଷିର ଅଗ୍ରଗତି ହୋଇପାରିଲା। ନୂଆଜମି ସୃଷ୍ଟି ହେଲା। ଜଳ ନିଷ୍କାସନରେ ଉନ୍ନତି ଆସିଲା। ଶ୍ରମପାଇଁ ନୂଆ ସୁଯୋଗ ସୃଷ୍ଟି ହେଲା ଯାହା ଫଳରେ କୃଷି ଭୃତ୍ୟମାନଙ୍କ ଅବସ୍ଥାରେ ପରିବର୍ତ୍ତନ ଆସିଲା।

ତୃତୀୟତଃ, ସିଭାଲରୀ (Chivalry) ବା "ବୀରୋଚିତ ଭଦ୍ରତା" ଧିରେ ଧିରେ ବୃଦ୍ଧିପାଇଲା। ଲୋକମାନଙ୍କ ଆଚରଣରେ ପରିବର୍ତ୍ତନ ଆସିଲା। ଏହି ବୀରପୁରୁଷମାନେ (knights) ଚର୍ଚ୍ଚକୁ ସୁରକ୍ଷା ଦେବା ସହ ଅସହାୟ ଲୋକମାନଙ୍କୁ ମଧ୍ୟ ସହାୟ ହେଲେ। ନାରୀମାନଙ୍କ ଅବସ୍ଥାରେ ଉନ୍ନତି ଆସିଲା।

ମୁଖ୍ୟତଃ ସାମନ୍ତବାଦ ଏକ ସୁସ୍ଥ ସମାଜର ସୃଷ୍ଟିପାଇଁ ପଥ ପରିଷ୍କାର କରିଥିଲା।

## ସାମନ୍ତବାଦର ଅପକାରିତା

ସାମନ୍ତବାଦ ଅନେକ ସୁଫଳ ପ୍ରଦାନ କରିଥିଲେ ମଧ୍ୟ ବହୁତ ଦୋଷ ଦୁର୍ବଳତା ଥିଲା।

ପ୍ରଥମତଃ, ସଦାସର୍ବଦା ଦ୍ୱନ୍ଦ ଏବଂ ଯୁଦ୍ଧର ଭୟ ରହୁଥିଲା। ସମ୍ଭ୍ରାନ୍ତ ବ୍ୟକ୍ତିମାନେ ମୁଖ୍ୟତଃ ଯୁଦ୍ଧରେ ଲିପ୍ତ ରହୁଥିଲେ। ଯଦିଓ ସାମନ୍ତମାନେ ଶାନ୍ତରକ୍ଷାପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ କିନ୍ତୁ ଅନେକ ସମୟରେ ସେମାନେ ହିଁ ଯୁଦ୍ଧର କାରଣ ଥିଲେ। ନିଜ ପରିବାର ମଧ୍ୟରେ ବି ଦ୍ୱନ୍ଦ ଲାଗି ରହୁଥିଲା।

ଦ୍ୱିତୀୟତଃ, ଯୁଦ୍ଧ ଆଇନ୍‌ସଂଗତ ଥିଲା। ଫ୍ରାନ୍ସ ଓ ଜର୍ମାନୀର ଆଇନ ଯୁଦ୍ଧକୁ ବାରଣ କରୁନଥିଲେ। ଆଇନରେ ଭଦ୍ରୋଚିତ ବ୍ୟବହାର ପାଇଁ ବ୍ୟବସ୍ଥା ଥିଲା। କିନ୍ତୁ ପ୍ରତିଯୋଗିତା (Tournament) ଗୁଡ଼ିକରେ ଯୁଦ୍ଧଭଳି ଅବସ୍ଥା ସୃଷ୍ଟି ହେଉଥିଲା ଯାହାକି ଶାନ୍ତି ଭଙ୍ଗର ମୁଖ୍ୟକାରଣ ହେଉଥିଲା।

ତୃତୀୟତଃ, ସଦାସର୍ବଦା ଯୁଦ୍ଧ ପରିସ୍ଥିତି ଲାଗି ରହୁଥିବାରୁ କେନ୍ଦ୍ରୀୟ ଶାସନ ବ୍ୟବସ୍ଥା ଦୁର୍ବଳ ହେବାରେ ଲାଗିଲା। ରାଜାମାନେ ଶକ୍ତିଶାଳୀ ସାମନ୍ତମାନଙ୍କୁ ଦମନ କରି ନିଜ ଅକ୍ତିଆରରେ ରଖିବା ଲାଗି ଚେଷ୍ଟିତ ରହୁଥିଲେ। ଅପରାଧ

ରୋକିବା ପାଇଁ କୌଣସି ପୋଲିସ ବ୍ୟବସ୍ଥା ନ ଥିଲା। ଅର୍ଥାଭାବ ଯୋଗୁ ଶାସନ ବ୍ୟବସ୍ଥା, ସରକାର ଓ ରାଜା ସମସ୍ତେ ଦୁର୍ବଳ ହେବାରେ ଲାଗିଲେ।

ଚତୁର୍ଥତଃ, ଚାଷୀର ଅବସ୍ଥାରେ ସେମିତି କିଛି ପରିବର୍ତ୍ତନ ଆସିଲା ନାହିଁ। ଦାରିଦ୍ର୍ୟତା ହେତୁ ଜାତୀୟତା ବା ଦେଶଭକ୍ତିର ଚେତନା ଜାଗ୍ରତ ହେଲାନାହିଁ।

ବସ୍ତୁତଃ ସାମନ୍ତବାଦର ସମାଜ ଏକ ଶ୍ରେଣୀ ବିଭାଜିତ ସମାଜ ଥିଲା। ଏହି ସମାଜର ସର୍ବୋଚ୍ଚ ସ୍ଥାନରେ ରହୁଥିଲେ ସାମନ୍ତମାନେ। ଅଗଣିତ ସାଧାରଣ ପ୍ରଜା ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଥିଲେ।

## ସାରାଂଶ

ସାମନ୍ତବାଦ ମଧ୍ୟଯୁଗୀୟ ଇଉରୋପର ଏକ ସାମାଜିକ ରାଜନୈତିକ ବ୍ୟବସ୍ଥା। ଭୂସଂପତ୍ତିକୁ କେନ୍ଦ୍ରକରି ଏହାର ଉତ୍ପତ୍ତି ହୋଇଥିଲା। ରାଜାଙ୍କ ରାଜ୍ୟକୁ ଭାଗ ଭାଗ କରି ଏହି ସାମନ୍ତମାନେ ବିଭିନ୍ନ ଅଂଚଳକୁ ଶାସନ କରୁଥିଲେ। ପ୍ରଜାମାନେ ନିଜର ଆତ୍ମରକ୍ଷା ପାଇଁ ସାମନ୍ତଙ୍କ ପ୍ରଭୁତ୍ୱ ଗ୍ରହଣ କରିଥିଲେ। ସାମନ୍ତମାନେ ପ୍ରଜାମାନଙ୍କୁ ଯେଉଁ ଜମି ଦେଉଥିଲେ ତାକୁ ଫିଫ୍ ବା ଫିଉଡ୍ କୁହାଯାଉଥିଲା। ସାମନ୍ତପ୍ରଥା ପ୍ରଥମେ ଫ୍ରାନ୍ସରେ ଅଭ୍ୟୁଦୟ ହୋଇଥିଲା ଏବଂ କ୍ରମେ କ୍ରମେ ଏହା ଇଉରୋପର ଅନ୍ୟଦେଶକୁ ବ୍ୟାପି ଯାଇଥିଲା। ସାମନ୍ତଙ୍କୁ ସେହିପଦରେ ଅଭିଷିକ୍ତ କରିବା ପାଇଁ ଏକ ଆଡ଼ମ୍ବରପୂର୍ଣ୍ଣ ଉତ୍ସବ ପାଳନ କରାଯାଉଥିଲା ଯାହାକୁ ଆନୁଗତ୍ୟ ସ୍ୱୀକାର ଉତ୍ସବ ବୋଲି କୁହାଯାଉଥିଲା। ସାମନ୍ତପ୍ରଥାରେ ଉଭୟ ପ୍ରଜା ଓ ସାମନ୍ତଙ୍କ ପାଇଁ କର୍ତ୍ତବ୍ୟଗୁଡ଼ିକ ନିର୍ଦ୍ଧାରିତ ହୋଇଥିଲା। ଆକ୍ରମଣକାରୀ ଓ ଦସ୍ୟୁମାନଙ୍କ ପ୍ରାଦୁର୍ଭାବରୁ "ପ୍ରଜା" ଏବଂ "କୃଷିଭୃତ୍ୟ" ମାନଙ୍କୁ ରକ୍ଷା କରିବା ସାମନ୍ତଙ୍କର ମୁଖ୍ୟ କର୍ତ୍ତବ୍ୟ ଥିଲା। ସାମନ୍ତଙ୍କର ବିଭିନ୍ନ ପ୍ରକାର ସେବାପାଇଁ ପ୍ରଜାମାନେ ପ୍ରତିଶ୍ରୁତିବଦ୍ଧ ଥିଲେ। ସାମନ୍ତମାନଙ୍କର ସମଗ୍ର ଭୂସମ୍ପତ୍ତିକୁ ମ୍ୟାନର (Manor) କୁହାଯାଉଥିଲା। ସାମନ୍ତମାନେ ନିଜର ବସବାସ ପାଇଁ ସୁଦୃଢ଼ ଦୁର୍ଗ ନିର୍ମାଣ କରୁଥିଲେ। ସାମନ୍ତବାଦରେ ନାଇଟ୍ (knight) ପଦବୀଧାରୀ ବ୍ୟକ୍ତିମାନେ ଥିଲେ ଅତ୍ୟନ୍ତ ମର୍ଯ୍ୟାଦାସମ୍ପନ୍ନ ପୁରୁଷ। ରାଜାମାନେ ଅତ୍ୟନ୍ତ ଦୁର୍ବଳ ଥିଲେ। ଏହି ପ୍ରଥାର ଅନେକ ଉପକାରିତା ଥିଲା ଏବଂ ଅପକାରିତା ମଧ୍ୟ ଥିଲା। ଏହା ଏକ ସମୟୋପଯୋଗୀ ବ୍ୟବସ୍ଥା। ନବମ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ପ୍ରାୟ ପାଞ୍ଚଶହ ବର୍ଷ ଧରି ଏହା ବଳବତ୍ତର ଥିଲା। ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀରେ ବାଣିଜ୍ୟ କାରବାରର ବୃଦ୍ଧି ଏବଂ ସହରର ଉନ୍ମେଷ ଓ ବିକାଶ ଫଳରେ ସାମନ୍ତବାଦର ପତନ ହୋଇଥିଲା।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।

(କ) ସାମନ୍ତପ୍ରଥା କେବେ ଆରମ୍ଭ ହୋଇଥିଲା ?

(i) ପ୍ରାଚୀନ ଯୁଗ (ii) ମଧ୍ୟଯୁଗ (iii) ଆଧୁନିକ ଯୁଗ (iv) ପ୍ରାଗ୍ଐତିହାସିକ ଯୁଗ

(ଖ) ସାମନ୍ତପ୍ରଥା ଅଭ୍ୟୁଦୟ ପ୍ରଥମେ କେଉଁ ଦେଶରେ ହୋଇଥିଲା ?

(i) ଇଂଲଣ୍ଡ (ii) ଇଟାଲୀ (iii) ଫ୍ରାନ୍ସ (iv) ସ୍ପେନ

(ଗ) ସାମନ୍ତମାନଙ୍କ ବାସସ୍ଥଳୀକୁ କ'ଣ କୁହାଯାଉଥିଲା ?

(i) କ୍ୟାସେଲ (ii) ପ୍ରାସାଦ (iii) ଭିଲ୍ଲା (iv) ମ୍ୟାନର

(ଘ) ସାମନ୍ତପ୍ରଥାରେ ଶକ୍ତିଶାଳୀ କିଏ ଥିଲେ ?

(i) ରାଜା (ii) ନାଇଟ୍ (iii) ସାମନ୍ତ (iv) କୃଷିଭୃତ୍ୟ

(ଙ) 'ସର୍ଫ' କାହାକୁ କୁହାଯାଉଥିଲା ?

(i) ସାମନ୍ତ (ii) କୃଷକ (iii) କୃଷିଭୃତ୍ୟ (iv) ନାଇଟ୍

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ସାମନ୍ତମାନେ ପ୍ରଜାମାନଙ୍କୁ ଯେଉଁ ଜମି ଦେଇଥିଲେ ତାହାକୁ ........... କୁହାଯାଉଥିଲା ।

(ଖ) ସାମନ୍ତମାନଙ୍କର ଜମିଦାରୀ ............ ନାମରେ ନାମିତ ।

(ଗ) ସାମନ୍ତପ୍ରଥାରେ ବୀରପୁରୁଷମାନଙ୍କୁ ........... କୁହାଯାଉଥିଲା ।

(ଘ) ନାଇଟ୍‌ମାନଙ୍କ ମଧ୍ୟରେ ହେଉଥିବା ପ୍ରତିଯୋଗିତା ମୂଳକ କୃତ୍ରିମ ଯୁଦ୍ଧକୁ .......... କୁହାଯାଉଥିଲା ।

(ଙ) ସାମନ୍ତମାନେ .......... ଅଧୀନରେ ରହୁଥିଲେ ।

## 'ଖ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର ।

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନିଟି ବାକ୍ୟରେ ଲେଖ ।

(କ) ସାମନ୍ତ ପ୍ରଥାରେ ଆନୁଗତ୍ୟ ସ୍ୱୀକାର କ'ଣ ?

(ଖ) ପଦାଭିଷିକ୍ତ ଉତ୍ସବ କ'ଣ ?

(ଗ) ମ୍ୟାନର କହିଲେ କ'ଣ ବୁଝାଯାଏ ?

(ଘ) ଫିଫ୍ ବା ଫିଉଡ କ'ଣ ?

(ଙ) ନାଇଟ୍ କଣ ?

୪. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର । ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ଭିତରେ ସୀମିତ ରହିବା ଉଚିତ ।

(କ) ସାମନ୍ତପ୍ରଥାର ଅଭ୍ୟୁଦୟ କିପରି ହେଲା ?

(ଖ) ସାମନ୍ତ ପ୍ରଥାରେ ପ୍ରଜାଙ୍କର କର୍ତ୍ତବ୍ୟ କ'ଣ ?

(ଗ) ସାମନ୍ତ ପ୍ରଥାରେ ନାଇଟମାନଙ୍କର ଭୂମିକା କ'ଣ ଥିଲା ?

(ଘ) କୃଷିଭୃତ୍ୟମାନଙ୍କର ଅବସ୍ଥା କିପରି ଥିଲା ?

(ଙ) ରାଜାଙ୍କର ଭୂମିକା ଆଲୋଚନା କର ।

(ଚ) ସାମନ୍ତପ୍ରଥାର ଉପକାରିତା କ'ଣ ଥିଲା ?

(ଛ) ସାମନ୍ତପ୍ରଥାର ଅପକାରିତା କ'ଣ ଥିଲା ?

(ଜ) ସାମନ୍ତପ୍ରଥାର ଆନୁଗତ୍ୟଗ୍ରହଣ ଉତ୍ସବ କିପରି ହେଉଥିଲା ?

(ଝ) କିପରି ଭାବରେ ନାଇଟ୍‌ମାନେ ଚୟନ ହେଉଥିଲେ ?

(ଞ) ସ୍ୱାଧୀନ କୃଷକ ଓ କୃଷିଭୃତ୍ୟଙ୍କ ମଧ୍ୟରେ କି ପାର୍ଥକ୍ୟ ରହିଥିଲା ?

## 'ଗ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର ।

୫. ସାମନ୍ତପ୍ରଥା କ'ଣ ? ଏହାର ଉପକାରିତା ଓ ଅପକାରିତା ବର୍ଣ୍ଣନା କର ।

୬. ୟୁରୋପୀୟ ସାମନ୍ତବାଦର ଉତ୍ପତ୍ତି କିପରି ହେଲା ? ଏହାର କି ପ୍ରଭାବ ସମାଜ ଉପରେ ପଡ଼ିଲା ?

୭. ସାମନ୍ତବାଦ ସମ୍ପର୍କରେ ଆଲୋଚନା କର ।

୮. ସାମନ୍ତବାଦର ବିଭିନ୍ନ ଆନୁସଙ୍ଗିକ ଅନୁଷ୍ଠାନ ଉପରେ ଆଲୋକପାତ କର ।

— ❖ —

ସପ୍ତମ ଅଧ୍ୟାୟ

# ପୃଥିବୀର ପ୍ରମୁଖ ଧର୍ମ

ମଣିଷର ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ବିସ୍ମୟକର ଅନୁଭୂତିର ରୂପହିଁ ଧର୍ମ । ଏହା କେତେକ ବିଶ୍ୱାସ, ଏକ ନିର୍ଦ୍ଦିଷ୍ଟ ପ୍ରଥା,ନିର୍ଦ୍ଦିଷ୍ଟ ସଦାଚାର ଓ ଲୋକାଚାର ଅନୁମୋଦିତ ବିଶ୍ୱାସ । ଧର୍ମ ମଣିଷର ଜୀବନ ପ୍ରସାରୀ, ମା'ଗର୍ଭରେ ସୃଷ୍ଟିଠାରୁ ଶ୍ମଶାନ ପର୍ଯ୍ୟନ୍ତ ବ୍ୟାପ୍ତ । ମଣିଷ ବିଶ୍ୱାସ କରେ ଯେ ଧର୍ମ ମଣିଷ ଜୀବନର ଲକ୍ଷ୍ୟ ପ୍ରାପ୍ତିରେ ସାହାଯ୍ୟ କରିଥାଏ। ଧର୍ମ ସମନ୍ୱୟ ଓ ଏକତା ପାଇଁ ସାହାଯ୍ୟ କରିଥାଏ । ଧର୍ମ ଏକ ସମ୍ବେଦନଶୀଳ ଓ ଆବେଗ ଉଦ୍ଦୀପକ ବିଷୟ । ଧାର୍ମିକ ବିଶ୍ୱାସ ଓ ପ୍ରଥା ଗୋଷ୍ଠୀର ସାମାଜିକ ବିଶ୍ୱ ଦୃଷ୍ଟି ଓ ଚିରାଚରିତ ରୀତିକୁ ବହୁ ମାତ୍ରାରେ ରୂପ ଦେଇଥାଏ । ପୃଥିବୀର ପ୍ରତ୍ୟେକ ସମାଜରେ ନିଜ ନିଜର ଧର୍ମବିଶ୍ୱାସ, ଧର୍ମବିଧି ଏବଂ ଅନୁଷ୍ଠାନ ଅଛି । ତନ୍ମଧ୍ୟରୁ ଆମେ ପୃଥିବୀ ଇତିହାସର ଦୁଇଟି ମୁଖ୍ୟଧର୍ମ ଖ୍ରୀଷ୍ଟଧର୍ମ ଓ ଇସଲାମ ଧର୍ମ ବିଷୟରେ ଆଲୋଚନା କରିବା

## ଖ୍ରୀଷ୍ଟଧର୍ମ

ଖ୍ରୀଷ୍ଟଧର୍ମ ବିଶ୍ୱର ଏକ ମହତ୍ତ୍ୱପୂର୍ଣ୍ଣ ଧର୍ମଧାରା । ଖ୍ରୀଷ୍ଟଧର୍ମ ଇଶ୍ୱରଙ୍କ ପ୍ରେରଣାରେ ପ୍ରକଟ ହୋଇଥିବା ଧର୍ମର ଅନ୍ତର୍ଭୁକ୍ତ । ଦୈବୀ ପ୍ରେରଣାରୁ ପ୍ରାପ୍ତ ଧର୍ମ ଉପଦେଶ ସଂଗୃହୀତ ପବିତ୍ର ଗ୍ରନ୍ଥ 'ବାଇବେଲ' ଦୁଇ ଭାଗରେ ବିଭକ୍ତ, ଯଥା ଓଲଡ୍ ଟେସଟାମେଣ୍ଟ (Old Testament) ଓ ନ୍ୟୁ ଟେସଟାମେଣ୍ଟ (Old Testament) । ନ୍ୟୁ ଟେସଟାମେଣ୍ଟରେ ଯୀଶୁ ଖ୍ରୀଷ୍ଟଙ୍କ ଜୀବନୀ, ତାଙ୍କର ନୀତିବାଣୀ ଓ ତାଙ୍କ 'ଏପସ୍ଟଲ' (Apostle) ବା ଶିଷ୍ୟ ମାନଙ୍କ କାର୍ଯ୍ୟକଳାପର ବର୍ଣ୍ଣନା ରହିଛି । ନ୍ୟୁ ଟେସଟାମେଣ୍ଟର ପ୍ରଥମ ଚାରୋଟି ଧର୍ମ ପୁସ୍ତକରେ କଥିତ ଯୀଶୁଙ୍କ ଜୀବନ, ମୃତ୍ୟୁ ଓ ପୁନଃ ଜାଗରଣ 'ଗସପେଲ' (Gospel) ରୂପେ ପ୍ରସିଦ୍ଧ । ବାଇବେଲ ଖ୍ରୀଷ୍ଟଧର୍ମର ଧର୍ମଗ୍ରନ୍ଥ ।

ଯୀଶୁଖ୍ରୀଷ୍ଟ ଖ୍ରୀଷ୍ଟ ଧର୍ମର ପ୍ରତିଷ୍ଠାତା, କିନ୍ତୁ ଏ ଧର୍ମର ମୂଳ ଇହୁଦୀୟ ପରମ୍ପରା ଉପରେ ଆଧାରିତ । ଆଜକୁ ପ୍ରାୟ ୨୧୦୦ ବର୍ଷ ପୂର୍ବେ ଐତିହାସିକ ପୁରୁଷ ଯୀଶୁଖ୍ରୀଷ୍ଟ ଜନ୍ମ ଗ୍ରହଣ କରିଥିଲେ । ୩୩ବର୍ଷର ସ୍ୱଳ୍ପ ଜୀବନ କାଳ ମଧ୍ୟରେ ସେ ଅଭୁତପୂର୍ବ ଲୋକପ୍ରିୟ ହୋଇପାରିଥିଲେ । ତାଙ୍କର ବାଲ୍ୟ ଜୀବନ ରହସ୍ୟମୟ । ସାମାଜିକ ଜୀବନର ଶେଷ ତିନିବର୍ଷରେ ସେ ନିଜ ଶିଷ୍ୟମାନଙ୍କୁ ସତ୍ ପଥରେ ଚାଲି ଇଶ୍ୱରଙ୍କୁ ଖୁସି କରିବା ବାଟ ଦେଖାଇଥିଲେ । ତତ୍ ସଙ୍ଗେ ସଙ୍ଗେ ଦୁଃଖୀଙ୍କ ଦୁଃଖ ଉପସମ ପାଇଁ ସେବା କରୁଥିଲେ । ତାଙ୍କ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି ତାଙ୍କ ଶିଷ୍ୟଙ୍କ ମଧ୍ୟରେ ବିଶ୍ୱାସ ଯେ ଯୀଶୁଙ୍କ କ୍ରୁଶବିଦ୍ଧ ମୃତ ଶରୀରକୁ କବର ଦେବାର ତିନିଦିନ ପରେ ସେ ପୁନଃ ଉତ୍‌ଥିତ ହୋଇ ତାଙ୍କର ଶିଷ୍ୟ ଅନୁଗାମୀ ମାନଙ୍କୁ ଚାଳିଶ ଦିନ ମଧ୍ୟରେ ଅନେକଥର ଦୃଶ୍ୟ ହେଲେ ଏବଂ ସ୍ୱଉଦ୍ଦେଶ୍ୟ ସଂପାଦନ କରି ଶିଷ୍ୟମାନଙ୍କୁ ଧର୍ମପ୍ରଚାରକ ରୂପେ ଅଭିହିତ କରି ସ୍ୱର୍ଗକୁ ଆରୋହଣ କରିଥିଲେ । ଯୀଶୁଖ୍ରୀଷ୍ଟ ନିଜକୁ

ଇଶ୍ୱରଙ୍କ ପୁତ୍ର ଏବଂ ବ୍ୟବହାରରେ ପାପୀକୁ କ୍ଷମା ପ୍ରଦାନ କରିବା ତାଙ୍କର କ୍ଷମତା ବୋଲି ଦାବି କରୁଥିଲେ । ଉପରୋକ୍ତ କାରଣରୁ ଇହୁଦୀୟ ଧର୍ମଗୁରୁ ମାନେ ବିରକ୍ତି ପ୍ରକାଶ କରିଥିଲେ । କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗାମୀମାନେ ଯୀଶୁଙ୍କୁ ହିଁ ଇଶ୍ୱର ବୋଲି ବିଶ୍ୱାସ କଲେ । ସେଥିପାଇଁ ଖ୍ରୀଷ୍ଟଧର୍ମ ବିଶ୍ୱାସରେ ମୌଳିକ ସିଦ୍ଧାନ୍ତ ଯେ ଯୀଶୁଖ୍ରୀଷ୍ଟ ହିଁ ସତ୍ୟ ମଣିଷ ଓ ସତ୍ୟ ଇଶ୍ୱର ।

## ଯୀଶୁଙ୍କ ଜୀବନୀ

ହିବ୍ରୁମାନଙ୍କ ଧର୍ମଗ୍ରନ୍ଥରେ ଯୀଶୁଙ୍କୁ ମସିହା ବା ତ୍ରାଣକର୍ତ୍ତା (ମୁକ୍ତିଦାତା) ରୂପେ ପରିଗଣିତ କରାଯାଇଛି । ଅନ୍ୟ ଏକ ହିବ୍ରୁ ଗ୍ରନ୍ଥ 'ତାଲମ'ରେ ଯୀଶୁଙ୍କୁ ନାଜାରେଥର ଅଧିବାସୀ ବୋଲି ବର୍ଣ୍ଣନା ହୋଇଛି । ଜୁନିୟର ପ୍ଲିନି ଏବଂ ସେଣ୍ଟପଲଙ୍କ ଲେଖାରେ ଯୀଶୁଙ୍କ ଜୀବନୀର କେତେକ ସୂଚନା ଅଛି । ହିବ୍ରୁ ମାନଙ୍କ ବିଶ୍ୱାସରେ ହେରୋଡଙ୍କ ଜୁଡିଆ ରାଜ୍ୟ ଶାସନ କାଳରେ ଯୀଶୁ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଜନ୍ମ ବିଷୟରେ ସଠିକ୍ ସୂଚନା ପ୍ରାପ୍ତ ହୋଇନାହିଁ । ବିଜ୍ଞ ଐତିହାସିକଙ୍କ ମତରେ ସେ ଖ୍ରୀ:ପୂ ୬ରେ ବା ରୋମୀୟ ବର୍ଷ ୭୪୮ରେ ଜନ୍ମଗ୍ରହଣ କରିଥିଲେ । ଲ୍ୟୁକଙ୍କ ରଚନାନୁସାରେ ରୋମ୍ ଦେଶର ସମ୍ରାଟ ତିବେରିୟସ୍‌ଙ୍କ ଶାସନର ପନ୍ଦର ବର୍ଷ ପୂର୍ଣ୍ଣ ସମୟରେ ଯୀଶୁଙ୍କ ବୟସ ୩୦ ବର୍ଷ ହୋଇଥିଲା । ଖ୍ରୀଷ୍ଟପୂର୍ବ ୨୮-୨୯ରେ ତାଙ୍କ ଶାସନର ପନ୍ଦର ବର୍ଷ ଅର୍ଥାତ୍ ଯୀଶୁଙ୍କୁ ସେ ସମୟରେ ୩୦ ବର୍ଷ ଏବଂ ତଦନୁସାରେ ଯୀଶୁଙ୍କ ଜନ୍ମ ବର୍ଷ ଖ୍ରୀଷ୍ଟପୂର୍ବ ୧ କିମ୍ବା ଖ୍ରୀଷ୍ଟପୂର୍ବ ୨ । ଏସବୁ ବିରୋଧାଭାଷ ସତ୍ତ୍ୱେ ଖ୍ରୀଷ୍ଟପୂର୍ବ ୪ ଯୀଶୁଙ୍କୁ ଜନ୍ମ ବର୍ଷ ବୋଲି ବିଜ୍ଞମାନେ ସ୍ୱୀକୃତି ପ୍ରଦାନ କରିଛନ୍ତି ।

ଯୀଶୁଙ୍କ ଜନ୍ମସ୍ଥାନ ନିର୍ଣ୍ଣୟରେ ବାଦବିବାଦ ଅଛି । ମେଥ୍ୟୁ ଏବଂ ଲ୍ୟୁକ୍‌ଙ୍କ ମତରେ ଯୀଶୁ ଜୁଡିଆ ରାଜ୍ୟ ଅନ୍ତର୍ଗତ ଜେରୁଜେଲମ ଠାରୁ ପାଞ୍ଚମାଇଲ ଦୂର ବେଥଲହାମ ଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାତାଙ୍କ ନାମ ମେରୀ ଓ ପିତାଙ୍କ ନାମ ଜୋସେଫ୍ । ସେମାନେ ନାଜାରେଥ ଗ୍ରାମର ମୂଳ ବାସିନ୍ଦା । କିନ୍ତୁ ଜୀବନ ଜୀବିକା ଅନୁସନ୍ଧାନରେ ବେଥଲହାମ ପହଞ୍ଚିଥିଲେ ଏବଂ ସେଇଠି ସେମାନଙ୍କ ପୁତ୍ର ଯୀଶୁ ଜନ୍ମଗ୍ରହଣ କରିଥିଲେ । ସେ ସମୟରେ ଯୀଶୁଙ୍କ ପିତାମାତା ବେଥଲହାମ୍‌ର ଏକ ଘୋଡାଶାଳାରେ ଆଶ୍ରୟ ନେଇଥିଲେ । ପରବର୍ତ୍ତୀ କାଳରେ ଜୋସେଫ୍ ବେଥଲହାମରୁ ସପରିବାର ମିଶରକୁ ଯାଇଥିଲେ । ଅର୍ଥାଭାବରୁ ଯୀଶୁଙ୍କ ପିତା ନିଜ ପୁତ୍ର ପାଇଁ ଆନୁଷ୍ଠାନିକ ଶିକ୍ଷାଦାନର ବ୍ୟବସ୍ଥା କରିପାରିନଥିଲେ । ତେଣୁ ସେ ହିବ୍ରୁମାନଙ୍କ ଉପାସନା ବା ଧର୍ମଶିକ୍ଷା କେନ୍ଦ୍ରରେ ଧର୍ମ ଶାସ୍ତ୍ର ଅଧ୍ୟୟନ କରିଥିଲେ । ଧର୍ମଗୁରୁଙ୍କ ବାଣୀ ଓ ଶିକ୍ଷା ବାଳକ ଯୀଶୁଙ୍କ ଜୀବନ ଶୈଳୀକୁ ଅନେକାଂଶରେ ପ୍ରଭାବିତ କରିଥିଲା । ରାଜା ହେରୋଡଙ୍କ ମୃତ୍ୟୁ ପରେ ମିଶରରୁ ଜୋସେଫ୍ ସପରିବାର ନିଜ ସ୍ଥାନ ନାଜାରେଥକୁ ଫେରି ଆସିଥିଲେ । ଯୀଶୁ ତାଙ୍କର ବାଲ୍ୟ ଜୀବନ ନାଜାରେଥରେ କଟାଇଥିଲେ । ତେଣୁ ତାଙ୍କ ପରିଚୟ ନାଜାରେଥର ଯୀଶୁ ହୋଇଥିଲା । ବିଶ୍ୱାସ ଅନୁସାରେ ତାଙ୍କର ବାଲ୍ୟ କାଳରେ ସେ ବାଲ୍ୟ ବନ୍ଧୁମାନଙ୍କୁ ଅନେକ ଚମତ୍କାର ଦେଖାଇଥିଲେ । ସେ ଅନେକ ସ୍ଥାନ ଯଥା ଗାଲିଲି, ଜୁଡିଆ ଓ ତତ୍ ନିକଟସ୍ଥ ଅଞ୍ଚଳକୁ ଯାତ୍ରା କରିଥିଲେ । ଲୋକେ ଯୀଶୁଙ୍କ ଆକର୍ଷଣକାରୀ ପ୍ରତିଭାରେ ଆଶ୍ଚର୍ଯ୍ୟଚକିତ ହୋଇ ତାଙ୍କୁ 'ମେସିହା' ଆଖ୍ୟା ଦେଲେ । ସେ ଲୋକପ୍ରିୟ ହେଲେ ଏବଂ ତାଙ୍କର ଅନୁଗାମୀ ଓ ପ୍ରଶଂସକଙ୍କ ସଂଖ୍ୟା ଦିନକୁ ଦିନ

ବଢିବାକୁ ଲାଗିଲା । ଯୀଶୁ ୩୦ବର୍ଷ ବୟସରେ ଗାଲିଲିରୁ ଜୋର୍ଡାନ ପହଞ୍ଚି ଜନ ନାମକ ଏକ ପ୍ରଚାରକଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ସେ ସମୟରେ ଜନ୍ ତାଙ୍କର ବାଣୀରେ 'ମୁକ୍ତିଦାତା', 'ମେସିହା' ବା ତ୍ରାଣକର୍ତ୍ତାଙ୍କ ନିକଟ ଭବିଷ୍ୟତରେ ଆଗମନ କଥା ଭବିଷ୍ୟବାଣୀ କରୁଥିଲେ । ଯୀଶୁଙ୍କ ଆଲୌକିକ ଗୁଣ ଦେଖି ତାଙ୍କର ଅନୁଗାମୀ ପ୍ରଶଂସକ ନିଜର ପ୍ରିୟ ତ୍ରାଣକର୍ତ୍ତା ବା ମୁକ୍ତିଦାତା ପଦାର୍ପଣ କଲେ ବା ପହଞ୍ଚିଥିଲେ ବୋଲି ଦୃଢ ବିଶ୍ୱାସ କଲେ । ଯୀଶୁଙ୍କ ନିକଟତମ ଶିଷ୍ୟ ମଧ୍ୟରେ ପିଟର, ଜନ୍ ଜେମସ୍ ଏବଂ ଏନଡ୍ରୁ ଅନ୍ୟତମ । ଯୀଶୁ ଲୋକପ୍ରିୟ ହେବା ଦେଖି ଇହୁଦୀ ପୂଜକମାନେ ସହ୍ୟ କରିପାରିଲେ ନାହିଁ । ସେମାନେ ଯୀଶୁଙ୍କୁ ଇଶ୍ୱର ଦ୍ରୋହୀ ଓ ସାମାଜିକ ରାଜନୈତିକ ଅପରାଧୀ ବ୍ୟକ୍ତି ବୋଲି ଘୋଷଣା କଲେ । ତାଙ୍କ ବିରୁଦ୍ଧରେ ଅନେକ ମିଥ୍ୟା ଆରୋପ ଆଣି ତତ୍କାଳୀନ ରୋମ ନଗରୀର ଶାସକ ପୋନଟିୟସ ପିଲେଟଙ୍କ ସମ୍ମୁଖରେ ନ୍ୟାୟ ବିଚାର ପାଇଁ ଉପସ୍ଥାପନ କଲେ ।

ପ୍ରଥମେ ପୋନଟିୟସ ପିଲେଟ ଯୀଶୁଙ୍କ କାର୍ଯ୍ୟକଳାପ ରାଜଦ୍ରୋହ ବୋଲି ସ୍ୱୀକାର କରିନଥିଲେ । ସେତେବେଳେ ହିବ୍ରୁମାନେ ପ୍ରତିବାଦ କରି କହିଲେ ଯଦି ସେ ଦଣ୍ଡ ନଦିଅନ୍ତି ତାହେଲେ ରୋମ ସମ୍ରାଟ ଟିବେରିୟସ୍ ସିଜରଙ୍କୁ ଜଣାଇବେ । ଶେଷରେ ପୋନଟିୟସ ପିଲେଟ ହିବ୍ରୁମାନଙ୍କ ପ୍ରଭାବ ଓ ଚାପରେ ଯୀଶୁଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଇଥିଲେ ।

ଯୀଶୁଙ୍କୁ ଶୁକ୍ରବାର ଦିନ ଖ୍ରୀଷ୍ଟାବ୍ଦ ୨୯ରେ ମୁଣ୍ଡ ଓ ହାତରେ କୃଶ ବିଦ୍ଧ କରାଗଲା । କୃଶବିଦ୍ଧ ସମୟରେ ଯୀଶୁ ଘାତକ ମାନଙ୍କ ଉଦ୍ଦେଶ୍ୟରେ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ, 'ହେ ପିତା, ଏମାନଙ୍କୁ କ୍ଷମାକର, କାରଣ ଏମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ'।

## ଯୀଶୁଖ୍ରୀଷ୍ଟଙ୍କ ବାଣୀ

ଯୀଶୁ ଇହୁଦୀ ପରମ୍ପରା ଓ ପ୍ରଥାକୁ ସଂପୂର୍ଣ୍ଣ ଅଗ୍ରାହ୍ୟ କରିନଥିଲେ ମଧ୍ୟ କେତେକ ଆଚରଣକୁ ରଦ୍ଦ କରି ମୌଳିକ ପରିବର୍ତ୍ତନ ଆଣିଥିଲେ ପୁରାତନ ନୈତିକ ନୀତି ନିୟମରେ ଓ ଉପସ୍ଥାପନ କରିଥିଲେ ଆଦର୍ଶ ସାମାଜିକ ବ୍ୟବସ୍ଥା । ଇହୁଦୀମାାନେ ବିଶ୍ୱାସ କରୁଥିଲେ ଯେ ସେମାନେ ହିଁ କେବଳ ଧର୍ମ ପ୍ରଚାରର ଓ ଫଳ ପ୍ରାପ୍ତିର ମୂଳ ଅଧିକାରୀ । କିନ୍ତୁ ଯୀଶୁ ପ୍ରଚାର କଲେ "ଯେଉଁମାନେ ନିଃସ୍ୱ ସେମାନେ ଧନ୍ୟ, ସେମାନେ ହିଁ ପ୍ରକୃତ ସ୍ୱର୍ଗର ଅଧିକାରୀ"। ଯେଉଁମାନେ ମିଷ୍ଟଭାଷୀ, ବିନୟୀ, କ୍ଷମାଶୀଳ ସେମାନେ ଧନ୍ୟ, କାରଣ ସେମାନେ ପବିତ୍ର। ସେମାନେ ଭଗବତ୍ ସାକ୍ଷାତକାର ପ୍ରାପ୍ତ ହେବେ । ଯେଉଁମାନେ ଶାନ୍ତିପ୍ରିୟ ସେମାନେ ଇଶ୍ୱରଙ୍କ ଯୋଗ୍ୟପୁତ୍ର ବିବେଚିତ ହେବେ । ବାହ୍ୟ ପୂଜା ଓ ଉତ୍ସବ ଇଶ୍ୱରଙ୍କ ଦୃଷ୍ଟିରେ ନିର୍ମଳ ନୁହେଁ ବରଂ ଯେଉଁମାନଙ୍କ ହୃଦୟ ଓ ମସ୍ତିଷ୍କ ବା ମନ ନିର୍ମଳ ସେହିମାନେ ହିଁ ପ୍ରକୃତରେ ନିର୍ମଳ"।

ଯୀଶୁ କହୁଥିଲେ "ଯାହା ନିଜ ଉପରେ ଅନୁଭୂତ ହେଲେ ଭଲ ଲାଗେ ନାହିଁ ସେପରି କାମ ଅନ୍ୟମାନଙ୍କ ଉପରେ ପ୍ରୟୋଗ କର ନାହିଁ । ମଣିଷ ଇଶ୍ୱରଙ୍କ ସନ୍ତାନ ତେଣୁ ସମସ୍ତ ମଣିଷକୁ ଭଲ ପାଅ । "ପାପକୁ ଘୃଣା କର ପାପୀକୁ ନୁହେଁ" । ତାଙ୍କର ସରଳ ନୀତି ବାଣୀ ଏବଂ ଚିନ୍ତନକୁ ପ୍ରକାଶ କରିଥିଲେ ଏକ ପାହାଡ ଉପରେ, ତେଣୁ ତାହା 'ସରମନ ଅନ ଦି ମାଉଣ୍ଟ' (Sermon on the Mount) ରୂପେ ଜଣା ।

ଯୀଶୁ ଥିଲେ କ୍ଷମାର ପ୍ରତୀକ । ସେ କହୁଥିଲେ "ପଡୋଶୀକୁ ପ୍ରେମକର, ଶତ୍ରୁକୁ ପ୍ରେମକର, ଯିଏ ତୁମକୁ ଘୃଣା କରୁଛି ତାର ମଙ୍ଗଳ କାମନା କର, ଯିଏ ଅଭିଶାପ ଦଉଛି ତାକୁ ଆର୍ଶୀବାଦ ଦିଅ । ମନରେ ଅନ୍ୟପ୍ରତି ହିଂସା ଚିନ୍ତା କରିବା ଇଶ୍ୱରଙ୍କ ଦୃଷ୍ଟିରେ ପାପ ଏବଂ ତାଙ୍କଠାରୁ ଇଶ୍ୱର ପ୍ରାର୍ଥନା ଗ୍ରହଣ କରନ୍ତି ନାହିଁ ଯେ ପର୍ଯ୍ୟନ୍ତ ସେ ମନରୁ ହିଂସା ତ୍ୟାଗ ନ କରନ୍ତି"। ପାର୍ଥିବ ସଂସାରର ପାର୍ଥିବ ବସ୍ତୁ ପାଇବା ପାଇଁ ଚିନ୍ତା ନକରି ନିଭୃତରେ ନିଷ୍ଠାର ସହ ପ୍ରଭୁଙ୍କ ପ୍ରାର୍ଥନା କରିବା ପାଇଁ ଯୀଶୁଖ୍ରୀଷ୍ଟ ଉପଦେଶ ଦେଉଥିଲେ ।

ଯୀଶୁଙ୍କ ଉପଦେଶ ଅସଙ୍ଗତ ଓ କାର୍ଯ୍ୟତଃ ଅସମ୍ଭବ ମନେ ହେଉଥିଲା । କିନ୍ତୁ ସେ ନିଜ ଜୀବନର ସବୁଠାରୁ ବଡ କ୍ଳେଶକର ସମୟରେ ଅର୍ଥାତ୍ ତାଙ୍କୁ ଯେତେବେଳେ ମିଥ୍ୟା ମକଦ୍ଦମାରେ ବନ୍ଦୀ କରି ରଖାଗଲା ଓ ପରେ ମୃତ୍ୟୁଦଣ୍ଡ ଘୋଷଣା କରାଗଲା ସେତେବେଳେ ସେ ତାଙ୍କର ଶତ୍ରୁ ବନ୍ଦୀଦାତାଙ୍କୁ ପ୍ରତିରୋଧ କରିନଥିଲେ କିମ୍ବା ଅଦାଲତରେ ନିଜ ସପକ୍ଷରେ ଯୁକ୍ତି ବାଢିନଥିଲେ । ତାଙ୍କ ଜୀବନର ଶେଷ ଘଡିସନ୍ଧି ମୁହୂର୍ତ୍ତ କୃଶ ବିଦ୍ଧ ପ୍ରକ୍ରିୟା ସମୟରେ ଅତ୍ୟନ୍ତ ନିର୍ମଳ ଆକର୍ଷଣୀୟ କ୍ଷମା ଓ କରୁଣାର ଶବ୍ଦ ନିଜ ଶତ୍ରୁ ପାଇଁ ଉଚ୍ଚାରଣ କରି ନିଜ ଧର୍ମ ଉପଦେଶର ପ୍ରଭାବଶାଳୀ ସନ୍ଦେହଶୂନ୍ୟ ଜ୍ୱଳନ୍ତ ପ୍ରମାଣ ପ୍ରତିପାଦନ ପୂର୍ବକ ବ୍ୟକ୍ତିଗତ ଉଦାହରଣ ସୃଷ୍ଟି କରି ଇତିହାସ ସୃଷ୍ଟି କରିଗଲେ । ତାଙ୍କର ଶିଷ୍ୟ ଓ ଅନୁଗାମୀମାନେ ତାଙ୍କୁ 'ଇଶ୍ୱରଙ୍କ ପୁତ୍ର', 'ମେସିହା', 'ସେଭିୟର', ରୂପରେ ଦେଖିବାକୁ ଲାଗିଲେ।

## ଖ୍ରୀଷ୍ଟଧର୍ମର ପ୍ରସାର

ଯୀଶୁଙ୍କର କ୍ରୁଶବିଦ୍ଧ ପରେ ତାଙ୍କର ବାଣୀ ଓ ବଳିଦାନ ଏକ ଚମତ୍କାର ଓ ଗଭୀର ପ୍ରଭାବ ପକାଇ ଶିହରଣ ସୃଷ୍ଟିକଲା କେତେ ଲୋକଙ୍କ ଜୀବନରେ। ସେମାନଙ୍କ ମଧ୍ୟରେ ସେଣ୍ଟପଲ ଓ ସେଣ୍ଟ ପିଟର ଅନ୍ୟତମ । ସେମାନେ ଯୀଶୁଙ୍କ ଉପଦେଶ ଓ ବାଣୀକୁ ପ୍ରଚାର ପ୍ରସାର କରି ଜନପ୍ରିୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେଣ୍ଟପଲ ଇଉରୋପର ଅନେକ ଦେଶ ଭ୍ରମଣ କରି ଖ୍ରୀଷ୍ଟ ଧର୍ମର ପ୍ରଚାର କଲେ । ସେ ମଧ୍ୟ ଯୀଶୁଙ୍କ ଭଳି ରାଜତନ୍ତ୍ରର ଶିକାର ହୋଇ ରୋମ ସମ୍ରାଟ ନିରୋଙ୍କ ରାଜତ୍ୱକାଳରେ ୬୭ ଖ୍ରୀଷ୍ଟାବ୍ଦରେ ମୃତ୍ୟୁଦଣ୍ଡ ପାଇଥିଲେ। ଯୀଶୁଙ୍କ ଅନୁଗାମୀମାନେ ଅନେକ ନିର୍ଯ୍ୟାତନାର ଶିକାର ହୋଇଥିଲେ ମଧ୍ୟ ସତ୍ୟ ଉପରେ ପର୍ଯ୍ୟବେସିତ ଥିଲେ । ଧର୍ମ ସ୍ଥାପନ ପାଇଁ ପ୍ରଚାର ବନ୍ଦ କରି ନଥିଲେ । ଯୀଶୁ ତାଙ୍କ ଜୀବନକାଳ ମଧ୍ୟରେ ତାଙ୍କ ଶିଷ୍ୟମାନଙ୍କୁ ପ୍ରେମ ଓ କ୍ଷମାର ବାର୍ତ୍ତା ପ୍ରଚାର ପାଇଁ କହୁଥିଲେ । ଯୀଶୁଙ୍କ ଧର୍ମନୀତି (ସୁସମାଚାର)ର ପ୍ରଚାର ପ୍ରସାରକୁ "ଇଭାନ୍‌ଜେଲାଇଜେସନ" (Evangelization) ବା ସୁସମାଚାର ପ୍ରଚାର ପ୍ରସାର କୁହାଯାଏ । ସୁସମାଚାର ପ୍ରଚାରକ ମଧ୍ୟରେ ସେଣ୍ଟପିଟରଙ୍କ ଭୂମିକା କେବଳ ଇଉରୋପରେ ସୀମାବଦ୍ଧ ନଥିଲା । ସେ ଏସିଆ ମାଇନର ଯାତ୍ରା କରି ଖ୍ରୀଷ୍ଟ ଧର୍ମର ପ୍ରଚାର କରିଥିଲେ । ଶେଷରେ ନିରୋଙ୍କ ରାଜ କର୍ମଚାରୀଙ୍କ ଦ୍ୱାରା ସେ ନିହତ ହୋଇଥିଲେ ।

ଖ୍ରୀଷ୍ଟଧର୍ମ ବିରୋଧରେ ଶହ ଶହ ବର୍ଷ ଧରି ରୋମ ସମ୍ରାଟମାନେ ଓ ତାଙ୍କ ଶାସନ ବ୍ୟବସ୍ଥା ପ୍ରଚେଷ୍ଟା କରିଥିଲେ ସୁଦ୍ଧା ସଫଳ ହୋଇନଥିଲେ । ଖ୍ରୀଷ୍ଟ ଧର୍ମକୁ ପ୍ରତିହତ କରିବା ପରିପ୍ରେକ୍ଷୀରେ ବରଂ ସେମାନେ ନିଜେ ପ୍ରଭାବିତ

ହୋଇଗଲେ । ଖ୍ରୀଷ୍ଟଧର୍ମ ପ୍ରଚାର ପ୍ରସାର ଦ୍ୱାରା ରୋମର ସାମାଜିକ-ଆର୍ଥିକ ପରିବର୍ତ୍ତନ ସହ ଚିନ୍ତାଧାରାରେ ପରିବର୍ତ୍ତନ ଆସିଲା । ୩୧୩ ଖ୍ରୀଷ୍ଟାବ୍ଦରେ ସମ୍ରାଟ କନ୍‌ଷ୍ଟାଣ୍ଟାଇନଙ୍କ ଶାସନ କାଳରେ ମିଲନ ଆଦେଶନାମା (Edict of Milan) ବଳରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କୁ ଉପାସନା ଅଧିକାର ମିଳିଲା । ଶେଷରେ ରୋମ ସମ୍ରାଟ ଥିଓଡସିଅସଙ୍କ ଶାସନ କାଳରେ (୩୪୬-୩୯୫) ଖ୍ରୀଷ୍ଟଧର୍ମକୁ ଏକମାତ୍ର ରାଷ୍ଟ୍ରଧର୍ମ ରୂପେ ବିଧିବଦ୍ଧ ସ୍ୱୀକୃତି ମିଳିଲା । ଖ୍ରୀଷ୍ଟଧର୍ମର ଅନୁଗାମୀଙ୍କ ପାଇଁ ଏହା ଏକ ନୂତନ ଉତ୍ସାହ, ଉଦ୍ଦୀପନା, ସାହସ ଓ ଆତ୍ମବିଶ୍ୱାସ ସୃଷ୍ଟିକଲା ଏବଂ ତାହାର ପ୍ରଭାବ ମଣିଷ ଜୀବନରେ ପ୍ରତ୍ୟେକ ସ୍ତରରେ ପଡିଲା ଏବଂ ସାରା ବିଶ୍ୱରେ ସ୍ଥାନ ପାଇଲା ।

## ଇସଲାମ ଧର୍ମ

ଇସଲାମ ଧର୍ମର ଆରମ୍ଭ ହୋଇଥିଲା ଆରବ ସମାଜରେ । ଇସଲାମ ଧର୍ମର ଜନ୍ମ ଓ ପ୍ରସାର ବିଷୟରେ 'ସିରା' ବା ଜୀବନ ଚରିତ, 'ହାଡିଥ୍' ବା ମହମ୍ମଦଙ୍କ ବାଣୀ ଓ କାର୍ଯ୍ୟକଳାପ ଏବଂ "ତଫସିର" ବା ଧର୍ମଗ୍ରନ୍ଥ କୋରାନ ଉପରେ ଟୀକା (ବ୍ୟାଖ୍ୟା)ରୁ ସୂଚନା ମିଳେ ।

ଷଷ୍ଠ ଶତାବ୍ଦୀରେ ଆରବ ସଂସ୍କୃତି ସୀମିତ ଥିଲା ଆରବ ଉପଦ୍ୱୀପ, ଦକ୍ଷିଣ ସିରିଆ ଓ ମେସୋପୋଟାମିଆ ଅଞ୍ଚଳରେ । ଆରବୀୟମାନେ ଛୋଟ ଛୋଟ ଯାଯାବର ଗୋଷ୍ଠୀ ବା 'କାବିଲା'ରେ ବିଭାଜିତ ଥିଲେ । ପ୍ରତ୍ୟେକ 'କାବିଲା'ର ଜଣେ ମୁଖିଆ ବା ନେତା ଥିଲେ । ମୁଖିଆଙ୍କ ଚୟନ ରକ୍ତ ସଂପର୍କ ବ୍ୟତୀତ ବ୍ୟକ୍ତିର ସାହସ, ବୁଦ୍ଧିମତ୍ତା ଓ 'ମୁରଓ୍ୱ' ବା ମହାନୁଭବତା ଉପରେ ଆଧାରିତ ଥିଲା । ପ୍ରତ୍ୟେକ କାବିଲା ନିଜ ନିଜ ଦେବାଦେବୀଙ୍କ 'ସନମ' ବା ମୂର୍ତ୍ତୀକୁ 'ମସଜିଦ୍' ବା ଦେବାଳୟରେ ପୂଜା କରୁଥିଲେ । ଅନେକ ଆରବୀୟ କାବିଲା ଯାଯାବର ବେଦୁଇନ୍ ଥିଲେ, ସେମାନେ ନିଜର ଏବଂ ଓଟମାନଙ୍କ ଖାଦ୍ୟପେୟ ଅନ୍ୱେଷଣରେ ବୁଲୁଥିଲେ । ଅଳ୍ପ କିଛି କାବିଲା ସହରମାନଙ୍କରେ ସ୍ଥାୟୀ ବାସିନ୍ଦା ହୋଇ କୃଷି ଓ ବ୍ୟବସାୟ କରୁଥିଲେ । ମହମ୍ମଦଙ୍କ ନିଜ କାବିଲା କ୍ୟୁରେସ ମକ୍କାରେ ବସବାସ କରୁଥିଲେ । ସେଠାକାର ମୁଖ୍ୟ ଦେବାଳୟ 'କାବା' ତାଙ୍କ ଅଧୀନରେ ଥିଲା । କାବାରେ ଦେବାଦେବୀ ସ୍ଥାପନ ହୋଇ ପୂଜା ପାଉଥିଲେ । ମକ୍କା ସହର ବାହାର ଅଞ୍ଚଳର ଅନେକ କାବିଲାମାନେ ମଧ୍ୟ କାବା ଦେବାଳୟକୁ ପବିତ୍ର ଦେବାଳୟ ରୂପେ ଗ୍ରହଣ କରି ପ୍ରତିବର୍ଷ 'ହଜ' ବା ତୀର୍ଥ ଯାତ୍ରାରେ ଆସୁଥିଲେ । ତା' ବ୍ୟତୀତ ମକ୍କା ଦେଇ ଯାଉଥିଲା ସିରିଆ ଓ ୟେମେନ୍ ରାଜ୍ୟର ବାଣିଜ୍ୟ ବ୍ୟବସାୟର ମୁଖ୍ୟ ରାସ୍ତା । ତେଣୁ ସିରିଆ ଓ ୟେମେନ୍ ବ୍ୟବସାୟୀମାନଙ୍କ ପାଇଁ ମକ୍କା ଥିଲା ଯୋଗସୂତ୍ର । ମକ୍କା ସହରର ଦେବାଳୟରେ ହିଂସା ନିଷିଦ୍ଧ ଥିଲା ଓ ସମସ୍ତ ପରିଦର୍ଶକଙ୍କ ସୁରକ୍ଷା ସୁନିଶ୍ଚିତ ଥିଲା । ତେଣୁ ମକ୍କା ସହରର ମହତ୍ତ୍ୱ ଆହୁରି ବଢୁଥିଲା । ମକ୍କା ତୀର୍ଥସ୍ଥଳ ତଥା ବ୍ୟବସାୟ କେନ୍ଦ୍ରର ପୀଠସ୍ଥଳୀ ହୋଇ ସ୍ଥାନୀୟ ବାସିନ୍ଦା ଓ କାବିଲାମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ ତଥା ବିଶ୍ୱାସ ଓ ପ୍ରଥାର ଆଦାନ ପ୍ରଦାନର ଯୋଗସୂତ୍ରର କାମ କରୁଥିଲା। ଆରବବାସୀଙ୍କ ଅନେକ ଦେବାଦେବୀ ଓ ଦେବାଳୟ ଉପରେ ପ୍ରଗାଢ ଆସ୍ଥା ଓ ବିଶ୍ୱାସ ଥିଲା ଯଦିଓ ସେମାନେ ଏକେଶ୍ୱରବାଦ କଥା ଇହୁଦୀ ଓ ଖ୍ରୀଷ୍ଟିଆନମାନଙ୍କ ଠାରୁ ଶୁଣିଥିଲେ ।

ସପ୍ତମ ଶତାବ୍ଦୀ ସମୟରେ ଆରବ ସମାଜ ବିବିଧ ସମସ୍ୟାର ସମ୍ମୁଖୀନ ହେଉଥିଲା। ଏକାଧିକ ହାନିକର କୁସଂସ୍କାର ଆରବ ସମାଜକୁ ଆଧୋପତନକୁ ଟାଣି ନେଇଥିଲେ । ସେ ସମୟରେ ସଂସ୍କାରକ ଓ ଅଭିଜ୍ଞ ବ୍ୟକ୍ତି ଆରବ ସମାଜରେ ସଂସ୍କାର ଆଣିବା ପାଇଁ ଚିନ୍ତା କଲେ । ପ୍ରୋଫେଟ ମହମ୍ମଦ ମଧ୍ୟ ଅଧୋପତିତ ସମାଜ ଓ ଧାର୍ମିକ ଜୀବନ ଦେଖି ବିଚଳିତ ହୋଇଥିଲେ । ସେ ସମାଜକୁ ମାର୍ଜିତ କରିବା ପାଇଁ ଏକ ସୁଯୋଗ ରୂପେ ଗ୍ରହଣ କରି ନୂତନ ନୈତିକ ମୂଲ୍ୟବୋଧ ଉପସ୍ଥାପନ କଲେ । ସେ ମଣିଷକୁ ମଣିଷ ସହ ରକ୍ତର ସଂପର୍କ ଦ୍ୱାରା ବାନ୍ଧିବା ପରିବର୍ତ୍ତେ ବିଶ୍ୱାସକୁ ମୂଳ ଆଧାର କରି ସମାଜକୁ ଏକତ୍ରିତ କରିବାର ପ୍ରୟାସ କରିଥିଲେ । ବିଶ୍ୱାସର ମୂଳଦୁଆକୁ ଆଧାର କରି ଭାତୃତ୍ୱର ବନ୍ଧନରେ ଏକ ସମାଜର ସୂତ୍ରପାତ କଲେ । ଏ ନୂତନ ଗୋଷ୍ଠୀ ବା ସମାଜ ହେଲା 'ଇସଲାମ' । ଇସଲାମର ଆକ୍ଷରିକ ଅର୍ଥ "ଇଶ୍ୱରଙ୍କ ଇଚ୍ଛା (ଉଦ୍ଦେଶ୍ୟ) ସମ୍ମୁଖରେ ସଂପୂର୍ଣ୍ଣ ସମର୍ପଣ" । ଇସଲାମ ଶବ୍ଦ ମୂଳ ଅର୍ଥ ଶାନ୍ତିରୁ ଆନୀତ । ସେଥିପାଇଁ ଇସଲାମର ପ୍ରକୃତ ଅନୁମାଗୀ ଇଶ୍ୱରଙ୍କ ଉଦ୍ଦେଶ୍ୟ ସମ୍ମୁଖରେ ସମର୍ପଣ କରି ତାଙ୍କର ଆଜ୍ଞା ଅନୁସରଣ କରି ସାଥି ମଣିଷଙ୍କ ସହ ଶାନ୍ତିପୂର୍ବକ ସହାବସ୍ଥାନ କରନ୍ତି । ଏହି ଇସଲାମ ଧର୍ମର ଅନୁଗାମୀମାନଙ୍କୁ ମୁସଲମାନ କୁହାଯାଏ ।

୬୧୨ ଖ୍ରୀଷ୍ଟାବ୍ଦ ବେଳକୁ ମହମ୍ମଦ ନିଜକୁ 'ରସୁଲ' ବା 'ଇଶ୍ୱରଙ୍କ ବାର୍ତ୍ତାବହ' ରୂପେ ପ୍ରଚାର କଲେ ଯେ ଆଲ୍ଲା ହି ଏକମାତ୍ର ପୂଜନୀୟ । ଆଲ୍ଲାଙ୍କ ପୂଜାପଦ୍ଧତି ସରଳ ଯଥା 'ସଲତ' ବା ପ୍ରତିଦିନ ପ୍ରାର୍ଥନା କରିବା ଓ କେତେକ ସଦାଚାର ନିୟମ ପାଳନ କରିବା ଯଥା ଅନ୍ୟକୁ ଦାନ କରିବା ଓ ଚୋରି କାର୍ଯ୍ୟରୁ ନିବୃତ୍ତ ରହିବା । ସେ ଏକ ନିର୍ଦ୍ଦିଷ୍ଟ ଧାର୍ମିକ ବିଶ୍ୱାସରେ ଏକତ୍ରିତ ହୋଇଥିବା ଏକ ଗୋଷ୍ଠୀ ବା 'ଉମ୍ମା' ସଙ୍ଗଠିତ କଲେ, ଯେଉଁ ଗୋଷ୍ଠୀ ସାକ୍ଷୀ ରୂପେ ଇଶ୍ୱର ଓ ଅନ୍ୟ ଧର୍ମାବଲମ୍ବୀ ଲୋକଙ୍କ ସମ୍ମୁଖରେ ସହଦ ବା ସାକ୍ଷୀରୂପେ ଧର୍ମକୁ ଉପସ୍ଥାପନ କରିପାରିବେ । ମହମ୍ମଦଙ୍କ ବାର୍ତ୍ତା ଓ ସଙ୍ଗଠନ ଅନେକଙ୍କ ହୃଦୟକୁ ସ୍ପର୍ଶ କଲା । ବିଶେଷକରି ତତ୍‌କାଳୀନ ମକ୍କାରେ ବସବାସ କରୁଥିବା ଓ ପୁରାତନ ବ୍ୟବସାୟ ଓ ଧାର୍ମିକ ବ୍ୟବସ୍ଥାରୁ ବଞ୍ଚିତ ଥିବା ବ୍ୟକ୍ତିମାନେ ଏହା ପ୍ରତି ଆକୃଷ୍ଟ ହେଲେ। ସେମାନେ ବିକଳ୍ପ ଗୋଷ୍ଠୀ ପରିଚୟର ଅନୁସନ୍ଧାନରେ ଥିଲେ । ଯେଉଁମାନେ ମହମ୍ମଦଙ୍କ ମତବାଦକୁ ଗ୍ରହଣ କଲେ ସେମାନେ ହେଲେ ମୁସଲମାନ । ମୁସଲମାନ ଅଦ୍ୱିତୀୟ ଆଲ୍ଲା ବା ଇଶ୍ୱରଙ୍କ ଉପରେ ବିଶ୍ୱାସ କରନ୍ତି । ସେ ସର୍ବଶକ୍ତିମାନ, ଶାଶ୍ୱତ ଓ ପରମ ମହାନତା ଗୁଣଯୁକ୍ତ ଐଶୀଶକ୍ତି । ମଣିଷ ସମାଜ ତାଙ୍କ ଉପରେ ନିର୍ଭରଶୀଳ । ସେଥିପାଇଁ ସମସ୍ତେ ବିନୟର ସହ ତାଙ୍କୁ ନିର୍ଭର କରି ଉପରକୁ ଉଠି ତାଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରିବା ଉଚିତ୍ କାରଣ ସମସ୍ତେ ତାଙ୍କ ଆଶ୍ରିତ ବ୍ୟକ୍ତି । ଯେଉଁମାନେ ତାଙ୍କର ଆଦେଶ / ଉପଦେଶ ପବିତ୍ର ହୃଦୟରେ ଗ୍ରହଣ କରନ୍ତି ସେମାନେ ତାଙ୍କର ଅନୁଗ୍ରହ ପ୍ରାପ୍ତ ହୁଅନ୍ତି ।

ମୁସଲମାନ ବିଶ୍ୱାସ କରନ୍ତି ଇଶ୍ୱର ଯୁଗେଯୁଗେ ତାଙ୍କର ବାର୍ତ୍ତାବହ ମାଧ୍ୟମରେ ମାନବ ସମାଜକୁ ଉଦ୍ଧାର କରିଥାନ୍ତି ମୂର୍ତ୍ତିପୂଜା ଓ ଅନ୍ଧବିଶ୍ୱାସ ମଧ୍ୟରୁ ଏବଂ ମହମ୍ମଦ ହେଉଛନ୍ତି ଇଶ୍ୱରଙ୍କ ଶେଷ ବାର୍ତ୍ତାବହ । ଇଶ୍ୱର ପ୍ରୋଫେଟ୍ ମହମ୍ମଦଙ୍କ ମାଧ୍ୟମରେ ପ୍ରକଟ କରିଛନ୍ତି ପବିତ୍ର ଗ୍ରନ୍ଥ କୋରାନ । ମୁସଲମାନ 'ଜନ୍ନତ' ବା ସ୍ୱର୍ଗ ଓ 'ଜହନ୍ନୁମ୍' ବା ନର୍କ ଉପରେ ବିଶ୍ୱାସ କରନ୍ତି । ସେମାନେ ବିଶ୍ୱାସ କରନ୍ତି ଦିନ ଆସୁଛି ମଣିଷ ପାଇଁ; ଇଶ୍ୱର ଭାଗ୍ୟ ନିର୍ଦ୍ଧାରଣ କରିବେ । ସେ

ଦିନ ସମସ୍ତ ମୃତ ଜିଇଁ ଉଠିବେ ଓ ପ୍ରତ୍ୟେକ ନିଜ ନିଜର କାର୍ଯ୍ୟର ବିବରଣୀ ଦେବେ । ମୁସଲମାନ 'କୟାମତ୍' ବା ଶେଷ ନିଷ୍ପତ୍ତି ଦିନ ମୁକ୍ତି ପାଇବେ ଓ ଏ ଧରାରେ ସମାଜ ଦ୍ଵାରା ସଂଗୃହୀତ ସଂପଦର ଭାଗ ପାଇବେ ।

ଇସ୍‌ଲାମ ଧର୍ମର ପ୍ରଚାରର ଅଳ୍ପଦିନ ମଧ୍ୟରେ ମକ୍କା ସହରର ଧନୀକ ପ୍ରତିପତ୍ତିଶାଳୀ ଗୋଷ୍ଠୀ ମୁସଲମାନଙ୍କୁ ପ୍ରତିରୋଧ କଲେ କାରଣ ନୂତନ ଇସଲାମ ଧର୍ମ ସେମାନଙ୍କର ଉଚ୍ଚ ସାମାଜିକ ସ୍ଥିତି ଓ ସମ୍ମାନ ତଥା ସମୃଦ୍ଧି ହ୍ରାସର ଆଶଙ୍କା ସୃଷ୍ଟି କଲା । ମୁସଲମାନଙ୍କ ମକ୍କାବାସୀଙ୍କ ବହୁ ଦେବାଦବୀ ପୂଜାର ପ୍ରତ୍ୟାଖ୍ୟାନକୁ ଅପରାଧ ବୋଲି ଗଣନା କଲେ ପ୍ରତିପତ୍ତିଶାଳୀ । ମୁସଲମାନମାନେ ବହୁତ ବିରୋଧର ସମ୍ମୁଖୀନ ହେଲେ । ବିରୋଧର ଚାପରେ ୬୨୨ ଖ୍ରୀଷ୍ଟାବ୍ଦରେ ମହମ୍ମଦ ବାଧ୍ୟ ହୋଇ ନିଜର ଅନୁଗାମୀମାନଙ୍କ ସହ ମକ୍କା ଛାଡି ମଦିନା ସହରରେ ବସବାସ କରିବା ପାଇଁ ସ୍ଥାନାନ୍ତର ହେଲେ । ମହମ୍ମଦଙ୍କ ମକ୍କାରୁ ମଦିନା ଯାତ୍ରାକୁ "ହିଜ୍‌ରା" କୁହାଯାଏ । ଏ ଯାତ୍ରା ବା ହିଜରା ଇସଲାମ ଧର୍ମ ଇତିହାସର ମୋଡ ବଦଳାଇ ଦେଲା । ମଦିନାରେ ମହମ୍ମଦଙ୍କ ପ୍ରବେଶ ମୁସଲମାନମାନଙ୍କ ନୂତନ ଦିନ ପଞ୍ଜିକା ବା କ୍ୟାଲେଣ୍ଡରର ପ୍ରାରମ୍ଭ ବା ପ୍ରଥମ ବର୍ଷ ।

ଇସଲାମ ଧର୍ମକୁ ପ୍ରତିରୋଧ ସତ୍ତ୍ୱେ ତିଷ୍ଠି ରହିବା ପାଇଁ ମୁସଲମାନ ଗୋଷ୍ଠୀକୁ ଏକତ୍ରିତ ଓ ସଙ୍ଗଠିତ କରିବା ପ୍ରଥମେ ଜରୁରୀ ଥିଲା ଓ ଦ୍ଵିତୀୟରେ ଥିଲା ମୁସଲମାନମାନଙ୍କୁ ବାହ୍ୟ ଆକ୍ରମଣରୁ ପ୍ରତିରକ୍ଷା । ଏ ଦୁଇଟି ପାଇଁ ସାହାଯ୍ୟ ଓ ବଳ ଦରକାର ଓ ସେଥିପାଇଁ ରାଜନୈତିକ ଅନୁଷ୍ଠାନ ଯଥା ରାଜ୍ୟ ଓ ସରକାରଙ୍କ ସାହାଯ୍ୟ ଦରକାର ପଡିଲା । ବଳ ଓ ସାହାଯ୍ୟ ନିଜ ସଙ୍ଗଠନ ମଧ୍ୟରୁ ଉଦ୍ରେକ ହୋଇପାରେ ନଚେତ୍ ବାହାରୁ ମିଳିପାରେ । ମହମ୍ମଦ ତିନୋଟି ସୂତ୍ରରୁ ନିଜଗୋଷ୍ଠୀକୁ ସୁଦୃଢ କରିଥିଲେ । ପ୍ରଥମେ ନିଜର ରାଜନୈତିକ ନେତୃତ୍ଵରେ ଉମ୍ମାକୁ ବ୍ୟାପକ ଗୋଷ୍ଠୀରେ ରୂପାନ୍ତରିତ କରି ଇହୁଦିମାନଙ୍କ ଠାରୁ ଆରମ୍ଭ କରି ବହୁ ଦେବାଦେବୀ ବିଶ୍ଵାସ କରୁଥିବା ଲୋକଙ୍କୁ ସାମିଲ କଲେ । ଦ୍ଵିତୀୟରେ ନିଜ ଅନୁଗାମୀଙ୍କ ବିଶ୍ଵାସକୁ ସୁଦୃଢ କରିବା ପାଇଁ ପୂଜା ପଦ୍ଧତିରେ ଓ ନୀତି ନିୟମରେ କେତେକ ପରିବର୍ତ୍ତନ ଆଣିଲେ । ତୃତୀୟରେ ସେ ଅନୁଭବ କଲେ ଯେ କୃଷି, ବ୍ୟବସାୟ ଓ ଦାନ ସୂତ୍ରରୁ ଆସୁଥିବା ଆୟରୁ ଗୋଷ୍ଠୀକୁ ଭରଣପୋଷଣ କରି ବଞ୍ଚାଇ ରଖିବା କଷ୍ଟକର । ତେଣୁ ସେ ଘେଜଓ୍ଵ ବା ଧନ ସଂଗ୍ରହ ପାଇଁ ଚଢାଉ ଅଭିଯାନ ସଙ୍ଗଠିତ କରିଥିଲେ । ଏହି ଚଢାଉ ଅଭିଯାନରେ ସେମାନେ ମକ୍କାର ବଣିକ ଦଳ ଓ ଆଖପାଖର ମରୁଦ୍ୟାନକୁ ସାମିଲ କରିଥିଲେ । ଏ ସମସ୍ତ ଚଢାଉ ଅଭିଯାନ ମକ୍କାବାସୀଙ୍କ ମନରେ କ୍ରୋଧ ଓ ଉତ୍ତେଜନା ଜାତ କରି ପ୍ରତିକ୍ରିୟା ସୃଷ୍ଟି ହୋଇ ଯୁଦ୍ଧସ୍ତରକୁ ଟାଣିନେଲା । ଶେଷରେ ମୁସଲମାନମାନେ ମକ୍କା ଜୟ କଲେ । ମହମ୍ମଦ ଜଣେ ସୁଦକ୍ଷ ରାଜନୈତିକ ନେତା ତଥା ନାମୀ ଧର୍ମ ପ୍ରଚାରକ ରୂପେ ଦୂର ଦୂରାନ୍ତ ପର୍ଯ୍ୟନ୍ତ ସମ୍ବାଦ ପ୍ରସାରିତ ହେଲା । ମହମ୍ମଦ ତାଙ୍କ ଧର୍ମରେ ଅନ୍ୟମାନଙ୍କୁ ସାମିଲ କରିବା ପାଇଁ ଚେଷ୍ଟିତ ହେଲେ । ତାଙ୍କର କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ଅନେକ କାବିଲା ଯାଯାବର ବିଶେଷକରି ବେଦୁଇନମାନେ ଇସଲାମ ଧର୍ମରେ ଯୋଗ ଦେଲେ । ମହମ୍ମଦଙ୍କ ସହଯୋଗୀ ବଢିବାରେ ଲାଗିଲେ ଓ ଶେଷରେ ସାରା ଆରବ ତାଙ୍କ ଇସଲାମ ଧର୍ମକୁ ଗ୍ରହଣ କଲା ।

ମଦିନା ନୂତନ ଇସଲାମୀୟ ରାଜ୍ୟର ରାଜନୈତିକ ଓ ପ୍ରଶାସନିକ ରାଜଧାନୀ ଏବଂ ମକ୍କା ଇସଲାମ ଧର୍ମର ଧାର୍ମିକ କେନ୍ଦ୍ରସ୍ଥଳ ହେଲା । କାବାର ଚତୁର୍ଦ୍ଦିଗରେ ସଭାକରି ସମସ୍ତ ମୂର୍ତ୍ତି ହଟାଗଲା ଓ ଦେବାଳୟକୁ ସାମନା କରି ପ୍ରାର୍ଥନା କରିବା ଚଳଣି ଆରମ୍ଭ ହେଲା । ଅଳ୍ପ ସମୟ ମଧ୍ୟରେ ମହମ୍ମଦ ଆରବର ଅଧିକାଂଶ ଅଞ୍ଚଳକୁ ନିଜର ବିଶ୍ୱାସ, ନିଜ ଗୋଷ୍ଠୀ ଓ ନିଜ ରାଜ୍ୟରେ ଯୋଡି ଦେଇପାରିଲେ । ତେଣୁ ଆରମ୍ଭ କାଳରୁ ଅନେକ ବର୍ଷ ପର୍ଯ୍ୟନ୍ତ ଇସଲାମୀୟ ରାଜନୀତି ଆରବର କାବିଲା ଏବଂ ଅନ୍ୟାନ୍ୟ ଗୋଷ୍ଠୀଙ୍କ ଏକ ସଂଘ ରୂପେ ସଫଳ ଥିଲା ।

ମହମ୍ମଦ ୫୯୫ ଖ୍ରୀଷ୍ଟାବ୍ଦରେ ମକ୍କାର ଧନୀ ମହିଳା ବ୍ୟବସାୟୀ ଖାଦିଜାଙ୍କୁ ବିବାହ କରିଥିଲେ । ଖାଦିଜାଙ୍କ ଅବଦାନ ମହମ୍ମଦଙ୍କ ଜୀବନରେ ଓ ଇସଲାମ ଧର୍ମରେ ମହତ୍ତ୍ୱପୂର୍ଣ୍ଣ ।

୬୧୦-୬୧୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ମହମ୍ମଦଙ୍କ ସମ୍ମୁଖରେ ଆଲ୍ଲା ତାଙ୍କର ମୁଖ୍ୟ ଦେବଦୂତ ଗେବ୍ରିଆଲଙ୍କ ମାଧ୍ୟମରେ ସତ୍ୟ ଉଦ୍‌ଘାଟନ କରିଥିଲେ । ଗେବ୍ରିଆଲ ଉଦ୍‌ଘାଟନ କରିଥିବା ପ୍ରଥମ ଶବ୍ଦ 'ଇକ୍ରା' ଶବ୍ଦରୁ କୋରାନ ଶବ୍ଦ ଆନୀତ। ପ୍ରୋଫେଟ ମହମ୍ମଦ ସର୍ବସାଧାରଣରେ ପ୍ରଥମ ପ୍ରବଚନ ଉପସ୍ଥାପନ କରିଥିଲେ ୬୧୨ ଖ୍ରୀଷ୍ଟାବ୍ଦରେ ।

**ମୁସଲମାନମାନଙ୍କ ଆଚାର ସଂହିତା**

ମୁସଲମାନମାନେ ତାଙ୍କର ବିଶ୍ୱାସ ସହିତ ନିମ୍ନଲିଖିତ ଆଚାର ସଂହିତା ପାଳନ କରିବା ବିଧେୟ।

ପ୍ରଥମରେ, ଧର୍ମମତକୁ ଅନ୍ୟମାନଙ୍କ ସମ୍ମୁଖରେ ପରିବେଷଣ ।

ଦ୍ୱିତୀୟରେ, ଦିନକୁ ପାଞ୍ଚଥର ଯଥା- ପ୍ରତ୍ୟୁଷ, ମଧ୍ୟାହ୍ନ, ଅପରାହ୍ନ , ସୂର୍ଯ୍ୟାସ୍ତ ଏବଂ ରାତ୍ରିରେ ପ୍ରାର୍ଥନା ବା ନମାଜ କରିବା। ଶୁକ୍ରବାର ଦିନ ମସ୍‌ଜିଦ୍‌ରେ ବିଶେଷ ସମାବେଶରେ ପ୍ରାର୍ଥନା କରିବା ।

ତୃତୀୟରେ, ଦାତବ୍ୟ କର ବା 'ଯାକତ' ବା ଆଇନ ସିଦ୍ଧ ଦାନ ପଇଠ ।

ଚତୁର୍ଥରେ, ମୁସଲମାନ କ୍ୟାଲେଣ୍ଡରର ନବମ ମାସ ରମଜାନ ସମୟରେ ଏକ ମାସ ଉପବାସ ବା ରୋଜା ପାଳନ।

ପଞ୍ଚମରେ, ଯେଉଁମାନେ ସକ୍ଷମ ସେମାନେ ଜୀବନ କାଳରେ ଅତି କମ୍‌ରେ ଥରେ କାବା ଦର୍ଶନ ବା ତୀର୍ଥ ଯାତ୍ରା ବା ହଜ୍ କରିବା।

ଉପରୋକ୍ତ ବିଶ୍ୱାସ ଓ ନିୟମ ପାଳନ ପୂର୍ବକ ଆଲ୍ଲା ବା ଇଶ୍ୱରଙ୍କ ଇଚ୍ଛା ଉପରେ ସଂପୂର୍ଣ୍ଣ ଆତ୍ମସମର୍ପଣ କଲେ ଜନ୍ନତ ବା ସ୍ୱର୍ଗପ୍ରାପ୍ତି ହୁଏ । ଇସଲାମ ଧର୍ମର ନିୟମ ପାଳନ ଓ ପୂଜା ମାଧ୍ୟମରେ ସମ୍ମାନର ଚରମସୀମା ମାନବୀୟ ବ୍ୟବହାର ଏବଂ ଚିନ୍ତନର ପରାକାଷ୍ଠା ପ୍ରାପ୍ତ ହୁଏ । ଉକ୍ତ ସାଧନା ବଳରେ ମୁସଲମାନ ନିଜର ଇଚ୍ଛା ଏବଂ ଭାବାବେଗ ଉପରେ ନିୟନ୍ତ୍ରଣ କରିପାରେ ।

## ସାରାଂଶ

ବିଶ୍ୱର ପ୍ରମୁଖ ଧର୍ମଧାରଣା ମଧ୍ୟରେ ଖ୍ରୀଷ୍ଟଧର୍ମ ଓ ଇସ୍‌ଲାମ ଧର୍ମ ଅଗ୍ରଗଣ୍ୟ। ଯୀଶୁଖ୍ରୀଷ୍ଟ ଖ୍ରୀଷ୍ଟ ଧର୍ମର ପ୍ରତିଷ୍ଠାତା। ବାଇବେଲ୍‌ରେ ଯୀଶୁଙ୍କର ଜୀବନୀ ବର୍ଣ୍ଣିତ ହୋଇଛି। ଏହା ଏକ ପବିତ୍ର ଧର୍ମଗ୍ରନ୍ଥ। ସାଧାରଣତଃ ଖ୍ରୀଷ୍ଟପୂର୍ବ ୪ ଯୀଶୁଙ୍କର ଜନ୍ମବର୍ଷ ବୋଲି ଗ୍ରହଣ କରାଯାଇଛି। ବେଥଲହାମ୍ ତାଙ୍କର ଆଦ୍ୟ ଜନ୍ମଭୂମି। ସେ ଯେଉଁ ଦିବ୍ୟ ଉପଦେଶ ଦେଇଥିଲେ, ତାହା "ସରମନ୍ ଅନ୍ ଦି ମାଉଣ୍ଟ" ରୂପେ ବିଖ୍ୟାତ। ସେ ସରଳ, ଶାସ୍ତ୍ରୀୟ, ନିର୍ଭୀକ ଧର୍ମ ପ୍ରଚାର କରି ଗାଲିଲୀ ଓ ଜୁଡିଆରେ ଅତି ପ୍ରସିଦ୍ଧ ହୋଇଥିଲେ। ଯୀଶୁଙ୍କ ଆତ୍ମବଳି ପରେ ଖ୍ରୀଷ୍ଟଧର୍ମର ସୁଦୃଢ଼ ଭିତ୍ତି ସ୍ଥାପିତ ହେଲା। ସେଣ୍ଟପଲ୍ ଓ ସେଣ୍ଟ ପିଟର୍ ସେହି ଭିତ୍ତିଭୂମିରେ ଖ୍ରୀଷ୍ଟ ଧର୍ମର ସୌଧ ନିର୍ମାଣ କଲେ।

ଇସ୍‌ଲାମ ଧର୍ମ ଖ୍ରୀଷ୍ଟଧର୍ମ ପରି ମଧ୍ୟ ପ୍ରସିଦ୍ଧ ହୋଇପାରିଥିଲା। ଏହାର ପ୍ରତିଷ୍ଠାତା ମହମ୍ମଦ ଆରବ ଦେଶର ମକ୍‌କାଠାରେ ୫୭୦ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାଣୀ କୋରାନ୍ ନାମକ ଧର୍ମଗ୍ରନ୍ଥରେ ଲିପିବଦ୍ଧ ହୋଇଥିଲା। ଏହି ଗ୍ରନ୍ଥରେ ଇସ୍‌ଲାମ୍ ଧର୍ମର ନୀତି ଓ ମୁସଲମାନ୍‌ମାନଙ୍କ ଚରିତ୍ରର ବିକାଶ ପାଇଁ କେତେକ ନିୟମାବଳୀ ପ୍ରଦତ୍ତ ହୋଇଥିଲା। ଏକେଶ୍ୱରବାଦ ଇସ୍‌ଲାମ ଧର୍ମର ମୂଳ ନୀତି। ଚରିତ୍ରର ବିକାଶ ପାଇଁ କୋରାନ୍‌ରେ ଅନେକ ଉପଦେଶ ସ୍ଥାନ ପାଇଛି। ମହମ୍ମଦ ୬୩୨ ଖ୍ରୀଷ୍ଟାବ୍ଦରେ ୬୩ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ।

# ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର।

୧। ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ।

(କ) ଯୀଶୁଙ୍କର ଜନ୍ମ କେଉଁ ସ୍ଥାନରେ ହୋଇଥିଲା ?

(i) ନାଜାରେଥ (ii) ବେଥଲହମ୍ (iii) ଗ୍ରୀସ୍ (iv) ରୋମ

(ଖ) କେଉଁ ଶାସକ ଯୀଶୁଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଇଥିଲେ ?

(i) ହେରଡ଼ (ii) ଅଗଷ୍ଟସ୍‌ସିଜର (iii) ପଣ୍ଟିଅସ୍ ପିଲେଟ (iv) କନ୍‌ଷ୍ଟାଣ୍ଟାଇନ୍

(ଗ) ମହମ୍ମଦ କେବେ ଜନ୍ମ ଗ୍ରହଣ କରିଥିଲେ ?

(i) ଖ୍ରୀ. ୩୪୬ (ii) ଖ୍ରୀ ୫୭୦ (iii) ଖ୍ରୀ. ୬୨୨ (iv) ଖ୍ରୀ. ୭୨୦

(ଘ) ମୁସଲ୍‌ମାନ୍‌ମାନଙ୍କର ଧର୍ମଗ୍ରନ୍ଥର ନାମ କ'ଣ ?

(i) ବାଇବେଲ (ii) କୋରାନ୍ (iii) ଗ୍ରନ୍ଥସାହିବ (iv) ରାମାୟଣ

(ଙ) ମହମ୍ମଦଙ୍କର କେବେ ଦେହତ୍ୟାଗ ହୋଇଥିଲା ?

(i) ୫୭୦ ଖ୍ରୀଷ୍ଟାବ୍ଦ (ii) ୬୨୨ ଖ୍ରୀଷ୍ଟାବ୍ଦ (iii) ୬୩୨ ଖ୍ରୀଷ୍ଟାବ୍ଦ (iv) ୬୪୦ ଖ୍ରୀଷ୍ଟାବ୍ଦ

(ଚ) କେବେ ମହମ୍ମଦ ମକ୍‌କାରୁ ମଦିନାକୁ ପଳାୟନ କରିଥିଲେ ?

(i) ୫୭୦ ଖ୍ରୀଷ୍ଟାବ୍ଦ (ii) ୬୦୬ ଖ୍ରୀଷ୍ଟାବ୍ଦ (iii) ୬୨୨ ଖ୍ରୀଷ୍ଟାବ୍ଦ (iv) ୬୩୨ ଖ୍ରୀଷ୍ଟାବ୍ଦ

୨। ଶୂନ୍ୟସ୍ଥାନ ପୂରଣ କର।

(କ) ଯୀଶୁଙ୍କର ମାତାଙ୍କ ନାମ ———।

(ଖ) ଯୀଶୁ ଖ୍ରୀଷ୍ଟପୂର୍ବ ———ରେ ଜନ୍ମଗ୍ରହଣ କରିଥିଲେ।

(ଗ) ଯୀଶୁଙ୍କ ପରେ ——— ଖ୍ରୀଷ୍ଟଧର୍ମର ପ୍ରଚାର କରିଥିଲେ।

(ଘ) ———ଙ୍କ ରାଜତ୍ୱ କାଳରେ ରୋମରେ ଖ୍ରୀଷ୍ଟର୍ମର ପୁନରୁତ୍ଥାନ ହେଲା।

(ଙ) ——— ଖ୍ରୀଷ୍ଟୟାନମାନଙ୍କର ଧର୍ମଗ୍ରନ୍ଥ।

(ଚ) ମହମ୍ମଦ ——— ସ୍ଥାନରେ ଜନ୍ମଗ୍ରହଣ କରିଥିଲେ।

(ଛ) ମହମ୍ମଦଙ୍କର ମକ୍‌କାରୁ ମଦିନାକୁ ପଳାୟନ ——— ଭାବରେ ପରିଚିତ।

(ଜ) ମୁସଲମାନମାନେ ——— ମାସରେ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉପବାସ ରହି ପର୍ବ ପାଳନ କରନ୍ତି।

(ଝ) ମୁସଲମାନମାନେ ଦିନକୁ ——— ଥର ପ୍ରାର୍ଥନା ବା ନମାଜ କରନ୍ତି।

## 'ଖ' ବିଭାଗ

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର

୩। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ।

(କ) ଯୀଶୁଙ୍କର ଜନ୍ମ କେବେ ଓ କେଉଁଠାରେ ହୋଇଥିଲା ?

(ଖ) ପଣ୍ଟିଅସ୍ ପିଲେଟ୍ କିଏ ?

(ଗ) ସେଣ୍ଟପଲ୍ ଓ ସେଣ୍ଟ ପିଟର କିଏ ?

(ଘ) ମୁସଲମାନଙ୍କର ଧର୍ମକୁ କ'ଣ କୁହାଯାଏ ? ଏହି ଶବ୍ଦର ଅର୍ଥ କ'ଣ ?

(ଙ) ମହମ୍ମଦ କାହିଁକି ମକ୍କାରୁ ମଦିନାକୁ ପଳାୟନ କରିଥିଲେ ?

(ଚ) ଇସ୍‌ଲାମ ଧର୍ମର ମୂଳନୀତି କ'ଣ ?

(ଛ) ରମ୍‌ଜାନ ମାସର ମହତ୍ତ୍ୱ କ'ଣ ?

(ଜ) କୋରାନ୍ କ'ଣ ?

(ଝ) ମଦିନାର ଅଧିବାସୀ କେବେ ଓ କାହିଁକି ମକ୍‌କା ଆକ୍ରମଣ କରିଥିଲେ ?

୪ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩ ନମ୍ବର । ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ଭିତରେ ସୀମିତ ରହିବା ଉଚିତ ।

(କ) 'ସରମନ୍ ଅନ୍ ଦି ମାଉଣ୍ଟ' ମାନେ କ'ଣ ?

(ଖ) ଯୀଶୁଙ୍କର ବାଣୀ ସଂକ୍ଷେପରେ ଲେଖ ।

(ଗ) ଯୀଶୁଙ୍କୁ କେଉଁମାନେ ଓ କାହିଁକି କ୍ରୁଶବିଦ୍ଧ କରିଥିଲେ ?

(ଘ) ଖ୍ରୀଷ୍ଟଧର୍ମ ପ୍ରତି ସେଣ୍ଟପଲ ଓ ସେଣ୍ଟ ପିଟରଙ୍କର କି ଅବଦାନ ରହିଥିଲା ?

(ଙ) ମିଳନ ଆଦେଶନାମା କ'ଣ ? ଏହା କିଏ ଘୋଷଣା କରିଥିଲେ ?

(ଚ) ହିଜିରାବ୍ଦ କେବେଠାରୁ ଗଣନା କରାଗଲା ? ଏହାର ଏପରି ନାମକରଣ କାହିଁକି କରାଯାଇଛି ?

(ଛ) ମହମ୍ମଦଙ୍କ ବାଣୀ ସଂକ୍ଷେପରେ ଲେଖ ।

(ଜ) ଚରିତ୍ରର ବିକାଶ ପାଇଁ କୋରାନ୍‌ରେ କି ଉପଦେଶ ଦିଆଯାଇଛି ?

(ଝ) କୋରାନ୍‌ରେ ଉପାସନା ପାଇଁ କ'ଣ କ'ଣ ବିଧି ରହିଛି ?

## 'ଗ' ବିଭାଗ

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର

୫ । ଖ୍ରୀଷ୍ଟଧର୍ମ ସମ୍ପର୍କରେ ଆଲୋଚନା କର ।

୬ । ଯୀଶୁଙ୍କର ଜୀବନୀ ଓ ବାଣୀ ଆଲୋଚନା କର ।

୭ । ଇସଲାମ ଧର୍ମର ପ୍ରତିଷ୍ଠାତା ମହମ୍ମଦଙ୍କର ଜୀବନୀ ଓ ବାଣୀ ବର୍ଣ୍ଣନା କର ।

— ❖ —

ଅଷ୍ଟମ ଅଧ୍ୟାୟ

# ୟୁରୋପରେ ବିଜ୍ଞାନ ଓ ପରିବର୍ତ୍ତନଶୀଳ ସାଂସ୍କୃତିକ ପରମ୍ପରା

# (ଏକାଦଶ ଶତାବ୍ଦୀରୁ  ସପ୍ତଦଶ ଶତାବ୍ଦୀ)

ପରମ୍ପରା ଓ ସଂସ୍କୃତି  ମାନବ ସମାଜରେ ସଦାସର୍ବଦା ପରିବର୍ତ୍ତନଶୀଳ । ପରିବର୍ତ୍ତନର କାରଣ ଓ ବାଟ ଅନେକ । ପଶ୍ଚିମ ୟୁରୋପରେ ଏକାଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ମାନବ ସମାଜର ପରିବର୍ତ୍ତନ ମଧ୍ୟରେ ଆଧୁନିକତାର ନିହ ବା ମୂଳ ପରିଲକ୍ଷିତ ହୁଏ । ଧର୍ମବିଶ୍ୱାସ ଅପେକ୍ଷା ପରୀକ୍ଷା ନିରୀକ୍ଷାରୁ ଉପନୀତ ବିଜ୍ଞାନସମ୍ମତ ଜ୍ଞାନ, ସରକାର ଗଠନ ଓ ସଙ୍ଗଠନକୁ ନେଇ ତତ୍ତ୍ୱଜ୍ଞାନ, ଶାସନ ସୁପରିଚାଳନା ପାଇଁ ବେସାମରିକ କର୍ମଚାରୀ ସେବା, ପାର୍ଲାମେଣ୍ଟ ଏବଂ ଶାସନବିଧି, ବୈଷୟିକ ଜ୍ଞାନ କୌଶଳର ଉନ୍ନତି ବହୁଲୋକଙ୍କ ପାଖରେ ପହଞ୍ଚି ଥିଲା । କୃଷି ଓ ଶିଳ୍ପ କ୍ଷେତ୍ରରେ ବିପ୍ଳବର ସୂତ୍ରପାତ ହେଲା । ଏ ସମସ୍ତ  ପରିବର୍ତ୍ତନ କେବଳ ୟୁରୋପରେ ସୀମାବଦ୍ଧ ନହୋଇ ସାରା ପୃଥିବୀର ଦେଶମାନଙ୍କରେ ନୂତନ ଉଦ୍ଦୀପନା ସୃଷ୍ଟି କରି ପରିବର୍ତ୍ତନର ଦ୍ୱାର ଉନ୍ମୁକ୍ତ କଲା ।

### ଏକାଦଶ ଶତାବ୍ଦୀ ପୂର୍ବର ୟୁରୋପ :

ନବମ ଓ ଏକାଦଶ ଶତାବ୍ଦୀ ମଧ୍ୟରେ ୟୁରୋପର ଗ୍ରାମାଞ୍ଚଳରେ ଖ୍ରୀଷ୍ଟିଆନ ଗୀର୍ଜାର ପାଦ୍ରୀ ଓ ଶାସକ ମିଳିତ ଭାବେ ରୋମ ସାମ୍ରାଜ୍ୟର ଶାସନ ପଦ୍ଧତି ସହିତ ସ୍ଥାନୀୟ ଆଦିବାସୀଙ୍କ ଲୌକିକ ପରମ୍ପରାର ଏକ ସମନ୍ୱୟ ରକ୍ଷାକରି ବିକାଶର ଧାରାକୁ ଜାରି ରଖିଥିଲେ । ରୋମ ସମ୍ରାଟ ଚାର୍ଲମେନ୍‌ଙ୍କ ରାଜତ୍ୱ ସମୟରେ ତଥା ତାଙ୍କ ମୃତ୍ୟୁ ପରେ ସାମ୍ରାଜ୍ୟର ଦ୍ରୁତ ପତନ  ସତ୍ତ୍ୱେ ସମନ୍ୱୟର ପ୍ରକ୍ରିୟା ଚାଲୁ ରହିଲା । ବିଦେଶୀ ଆକ୍ରମଣ  ଓ ଆଭ୍ୟନ୍ତରୀଣ  ଅରାଜକତା  ମଧ୍ୟରେ ସହର ଓ ବାଣିଜ୍ୟ  କେନ୍ଦ୍ରମାନ ନିଜର  ଅସ୍ତିତ୍ୱ  ବଜାଇ ରଖିଲେ ।

ରୋମ ସାମ୍ରାଜ୍ୟର ପତନ ପରେ ଚାଷ, ଚାଷୀ ଓ  ଚାଷ ଜମି କେନ୍ଦ୍ରୀକ  ସାମନ୍ତବାଦୀ ବ୍ୟବସ୍ଥାରେ ଶାସକ ବର୍ଗ ସୁବିଧାଭୋଗୀ ହୋଇ  କେସଲ୍ ବା ଦୁର୍ଗ ଓ ମେନରରେ ଆବାସ ସ୍ଥାପନକରି  ତତ୍ ସଂଲଗ୍ନ  ଚାଷ ଜମିରେ କୃଷିଭୃତ୍ୟ ମାଧ୍ୟମରେ ଉତ୍ପାଦିତ ସାମଗ୍ରୀର ମାଲିକ ହେଲେ । ଚାଷୀ ଲର୍ଡ ବା ଜମି ମାଲିକ ପାଖରେ ସେବା ଓ ସାମଗ୍ରୀ ଯୋଗାଇବ ଏବଂ ବିଶ୍ୱସ୍ତ  ରହିବ ବୋଲି  ଶପଥ ନେଉଥିଲା । ଲର୍ଡମାନେ  ତାଙ୍କ ଉପରିସ୍ଥ  ବଡ ଲର୍ଡ ବା ଶାସକ ପାଖରେ ଶପଥ ନେଉଥିଲେ  ସାମନ୍ତ ରହିବା ପାଇଁ । ପାଦ୍ରୀ ଏ ବ୍ୟବସ୍ଥାକୁ  ସ୍ୱୀକୃତି  ଦେଇ ପ୍ରତ୍ୟକ୍ଷ  ସାହାଯ୍ୟ କରୁଥିଲେ । ଚର୍ଚ୍ଚ ବା ଗୀର୍ଜା ମଧ୍ୟ  ନିଜ ଅଧିନରେ  ଚାଷ ଜମି ରଖି  କୃଷିଭୃତ୍ୟ ନିୟୋଜନ  କରୁଥିଲା । ଏ ବ୍ୟବସ୍ଥାରେ  ଚାଷ ଓ ଚାଷୀଙ୍କ  ଅବସ୍ଥା ଶୋଚନୀୟ  ଥିଲା । ମଣିଷର  ମୃତ୍ୟୁହାର  ମାତ୍ରାଧିକ  ଥିଲା । ଅଳ୍ପ ବୟସରେ ଲୋକେ  ମୃତ୍ୟୁବରଣ କରିବା ସାଧାରଣ ଥିଲା । ଔଷଧ  ଓ ଚିକିତ୍ସା  ବ୍ୟବସ୍ଥା ଅନ୍ଧ ବିଶ୍ୱାସ ଉପରେ  ଆଧାରିତ ଥିଲା ଏବଂ ଜୀବନ ଧାରଣ  ଅନିଶ୍ଚିତ ଥିଲା ।

ଧର୍ମଯାଜକ ଓ ଗୀର୍ଜାର ସେବା କଲେ ଓ ନିର୍ଦ୍ଦିଷ୍ଟ ପଦ୍ଧତିରେ ପୂଜାପାଠ କଲେ । ମୃତ୍ୟୁ ପରେ ଜୀବନ ସହଜ ହେବ ବୋଲି ପାଦ୍ରୀମାନେ ଶିକ୍ଷା ମାଧ୍ୟମରେ ଜନମାନସରେ ଧାରଣା ସୃଷ୍ଟି କରୁଥିଲେ । ଈଶ୍ୱରଙ୍କୁ ଭୟ କରୁଥିବା ଲୋକ ସୃଷ୍ଟି ହିଁ ମୂଳ ଲକ୍ଷ୍ୟ ଥିଲା । କାରଣ ଭୟାଳୁ ଲୋକ ହିଁ ଚର୍ଚ୍ଚ ଓ ସାମନ୍ତବାଦୀ ବ୍ୟବସ୍ଥାରେ ଭୃତ୍ୟ ଓ ବିଶ୍ୱସ୍ତ ହୋଇରହିବ । କିନ୍ତୁ ଏ ବ୍ୟବସ୍ଥାର ମୂଳଦୁଆ ଦୁର୍ବଳ ଥିଲା ଓ ଭୁଷୁଡ଼ି ପଡିଲା ପରିବର୍ତ୍ତନର ସୁଅ ମୁହଁରେ ।

**ଏକାଦଶ ଶତାବ୍ଦୀ :**

ବ୍ୟବସ୍ଥାରେ ପରିବର୍ତ୍ତନର ଅନେକ କାରଣ ଅଛି । ତନ୍ମଧ୍ୟରୁ ଏକାଦଶ ଶତାବ୍ଦୀରେ ପରିବେଶର ଧୀର ପରିବର୍ତ୍ତନ, ନାଟକୀୟ ଭଙ୍ଗିରେ ପ୍ରଯୁକ୍ତିଜ୍ଞାନ କୌଶଳରେ ଏବଂ ଚାଷ ଜମିର ବ୍ୟବହାର ପଦ୍ଧତିରେ ପରିବର୍ତ୍ତନ ଅନ୍ୟତମ । ଉପରୋକ୍ତ ପରିବର୍ତ୍ତନର ପରିସର ଭିନ୍ନ ହେଲେ ମଧ୍ୟ ମଣିଷ ସହିତ ମଣିଷର ସଂପର୍କ ଓ ବନ୍ଧନରେ ପ୍ରଭାବ ପକାଇଥିଲା । ଲର୍ଡ, ସାମନ୍ତ, ଚାଷୀ ଓ କୃଷିଭୃତ୍ୟ ମଧ୍ୟରେ ଥିବା ସାମାଜିକ, ଅର୍ଥନୈତିକ ସଂପର୍କ ଓ ବନ୍ଧନକୁ ଦୋହଲାଇ ଦେଲା । ପରିବେଶ ଅଧ୍ୟୟନ କରୁଥିବା ଐତିହାସିକଙ୍କ ମତରେ ଏକାଦଶ ଶତାବ୍ଦୀରେ ୟୁରୋପରେ ଉତ୍ତାପ ବଢିବା ଦ୍ୱାରା ତୁଷାର ମାତ୍ରା କମିଲା ଓ ଫଳସ୍ୱରୂପ ଚାଷୀଙ୍କୁ ଚାଷ କରିବା ସହଜ ହେଲା ଓ ଅଧିକ ଅବଧି ମିଳିଲା । କାଠ ଲଙ୍ଗଳ ବଦଳରେ ଧାତୁ ନିର୍ମିତ ଲଙ୍ଗଳମୁନ ଓ ବଳଦ ସ୍ଥାନରେ ଘୋଡାର ବ୍ୟବହାର, କୃଷି କ୍ଷେତ୍ରରେ ପବନଶକ୍ତି ଓ ଜଳଶକ୍ତିର ଉପଯୋଗ ବଢିଲା । ଶସ୍ୟକୁ ଗୁଣ୍ଡକରିବା, ଚୋପା ଛଡାଇବା, ଅଙ୍ଗୁର ଓ ଅନ୍ୟାନ୍ୟ ଫଳ ରସ ବାହାର କରିବା ପାଇଁ ପବନ ଓ ଜଳ ଚାଳିତ କଳକାରଖାନା ସହାୟକ ହେଲା ।

ଜମିର ସଦୁପଯୋଗ ପାଇଁ ୟୁରୋପରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଲା ଏକାଦଶ ଶତାବ୍ଦୀରେ । ଚାଷଜମି ଓ ଫସଲର ଆବର୍ତ୍ତନ ଦ୍ୱାରା ଜମିର ଉର୍ବରତା ରକ୍ଷା ଯୋଗୁଁ ଉତ୍ପାଦନ ଦ୍ୱିଗୁଣିତ ହେଲା, ପନିପରିବା ଉତ୍ପାଦନ ବଢିଲା । ବିଶେଷତଃ ପ୍ରତ୍ୟେକ ପରିବାର ପ୍ରୋଟିନଯୁକ୍ତ ଆହାର ପାଇଲେ ଓ ଉତ୍ତମ ପଶୁ ଖାଦ୍ୟ ମିଳିଲା । ଚାଷୀ ପୂର୍ବରୁ ଯେତେ ପରିଶ୍ରମ ଓ ସମୟ ଖଟେଇ ଚାଷ କରୁଥିଲା ତା'ଠାରୁ କମ୍ ସମୟ ଓ ପରିଶ୍ରମରେ ଅଧିକ ଉତ୍ପାଦନ କଲା । ଫଳସ୍ୱରୂପ ଚାଷୀ ପାଖରେ ବଳକା ସମୟ ରହିଲା ଅନ୍ୟାନ୍ୟ ଉଦ୍ୟମ ପାଇଁ ।

ପରିବର୍ତ୍ତନ ସୁଯୋଗ ସୃଷ୍ଟି କରେ । ସଂପନ୍ନ ତଥା ଜ୍ଞାନର ଅଧିକାରୀ ବ୍ୟକ୍ତି ପରିବର୍ତ୍ତନର ସୁଯୋଗ ନିଅନ୍ତି । ଚାଷ କ୍ଷେତ୍ରରେ ଓ ଚାଷ ଉପକରଣ କ୍ଷେତ୍ରରେ ପରିବର୍ତ୍ତନ ଓ କଳକାରଖାନା ପାଇଁ ପୁଞ୍ଜି ଦରକାର । ଚାଷୀ ପାଖରେ ଶ୍ରମ ଥିଲା କିନ୍ତୁ ସମ୍ବଳ ନଥିଲା । ଜମି ମାଲିକ ପାଖରେ ପର୍ଯ୍ୟାପ୍ତ ସମ୍ବଳ ମହଜୁଦ ଥିଲା । ସେମାନେ ପବନ ଓ ଜଳ ଚାଳିତ କାରଖାନା ସ୍ଥାପନ କଲେ । ଚାଷୀ ଘୋଡାନାଲ, ଧାତୁ ନିର୍ମିତ ଲଙ୍ଗଳ ମୁନ ଓ ଅନ୍ୟାନ୍ୟ ଛୋଟ ଛୋଟ ଚାଷ ସାମଗ୍ରୀ ତିଆରି କଲା ।

ପୁରୁଣା ସାମନ୍ତବାଦୀ ବ୍ୟବସ୍ଥା ଉପରେ ଅର୍ଥନୈତିକ ଆଦାନ ପ୍ରଦାନ, ସେବା ତଥା ବ୍ୟକ୍ତିଗତ ସଂପର୍କ ଓ ସମ୍ବନ୍ଧ ଆଧାରିତ ଥିଲା । ବର୍ତ୍ତମାନ ନଗଦ ମୁଦ୍ରାର କାରବାର ହେଲା । ଚାଷୀ ଶସ୍ୟ ବିକ୍ରୀକରି ନଗଦ ମୁଦ୍ରା ପଇଠ କଲା ନିଜ ଜମିମାଲିକଙ୍କୁ । ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ପରିଲକ୍ଷିତ ହେଲା । ମରୁଡି ସମୟରେ ମୁଦ୍ରା ପଇଠ କରିବା

କଷ୍ଟକର ହେବାରୁ ସେ ମହାଜନଠାରୁ ଋଣ ନେଲା । ଖ୍ରୀ.୧୨୭୦ରୁ ଖ୍ରୀ.୧୩୨୦ ମସିହା ମଧ୍ୟରେ ପାଞ୍ଚଥର ମରୁଡ଼ି ପଡିଲା ୟୁରୋପରେ। ଦରବୃଦ୍ଧି ଦ୍ୱିଗୁଣିତ ହେଲା । ଏହା ଦ୍ୱାରା ବ୍ୟବସାୟୀ ଓ ମହାଜନ ଲାଭବାନ୍ ହେଲେ ।

ୟୁରୋପରେ ୧୦୦୦ ଖ୍ରୀଷ୍ଟାବ୍ଦରେ ୪୨ ନିୟୁତ ଲୋକସଂଖ୍ୟା ଥିଲା । ୧୨୦୦ ଖ୍ରୀଷ୍ଟାବ୍ଦରେ ଏହା ୭୩ ନିୟୁତରେ ପହଞ୍ଚିଥିଲା। ଲୋକଙ୍କ ହାରାହାରି ଜୀବଦ୍ଦଶା ୧୦ବର୍ଷ ବଢିଗଲା ଯଦିଓ ପୁରୁଷ ତୁଳନାରେ ନାରୀଙ୍କ ହାରାହାରି ଜୀବଦ୍ଦଶା ବଢ଼ି ନଥିଲା ସାମାଜିକ କାରଣରୁ ।

ଚାଷୀ ତା'ର ଶସ୍ୟ ବିକ୍ରୀ କରି ଦରକାରୀ ସାମଗ୍ରୀ କିଣିବା ପାଇଁ ବଜାର ଆବଶ୍ୟକ କଲା । ଫଳ ସ୍ୱରୂପ ଅନେକ ସାପ୍ତାହିକ ବଜାର ଓ ମେଳାର ଆୟୋଜନ ହେଲା । ଯେଉଁଠି ସାପ୍ତାହିକ ବଜାର ଓ ମେଳା ବସିଲା ସେ ସ୍ଥାନରେ ସହର ଗଢି ଉଠିଲା । ସହରର ଚାରି ଛକରେ ଓ ଗୀର୍ଜା ପାଖରେ ଦୋକାନ ସ୍ଥାପନ ହେଲା । ଚାଷୀକୁ ସହରମାନଙ୍କରେ ସେବା ଦେବାକୁ ପଡିଲା ନାହିଁ । ସେଠାରେ ତାର ଶ୍ରମକୁ ବିକ୍ରୟ କରି ରୋଜଗାର କରିବାର ସୁଯୋଗ ପାଇଲା । ସେ ଅନୁଭବ କଲା ଯେ ସେ ଜମିମାଲିକଠାରୁ ମୁକ୍ତ। ବିଶେଷ କରି ଯୁବ ସମ୍ପ୍ରଦାୟ ଏ ମୁକ୍ତିକୁ ସହଜରେ ଗ୍ରହଣ କଲେ । କୃଷିଭୃତ୍ୟମାନେ ଲୁଚିଛପି ସହରକୁ ପଳାୟନ କରି ଲୁଚି ଲୁଚି କାମ କଲେ । ଚାଷୀ ଓ ପଳାତକ କୃଷିଭୃତ୍ୟ ସହରମାନଙ୍କରେ ଅଣକୁଶଳୀ ଶ୍ରମିକ ଭାବରେ କାମ କଲେ ଦୋକାନ ବଜାରରେ ଓ କୋଠାବାଡି ତିଆରି କରିବାରେ । ସହର ବଢିବା ସଙ୍ଗେ ବ୍ୟାଙ୍କ, କଚେରୀ, ସୁରକ୍ଷାକର୍ମୀ, ଉତ୍ସବରେ ନାଚଗୀତ, ସଙ୍ଗୀତ, ରାନ୍ଧୁଣିଆ, ଚୌକିଦାର, ପାନ୍ଥଶାଳାର ପରିଚାଳକ ଇତ୍ୟାଦି ନିମନ୍ତେ ଅଧିକ ଲୋକଙ୍କର ଆବଶ୍ୟକତା ପଡ଼ିଲା।

ଏକାଦଶ ଶତାବ୍ଦୀରେ ଇଂଲଣ୍ଡ, ଫ୍ରାନସରେ ବାଣିଜ୍ୟ ବ୍ୟବସାୟ ବଢିବା ଆଗରୁ କାରିଗର ନିଜର ହାତକାମକୁ ବିକ୍ରୀ କରିବା ପାଇ ମେନରରୁ ମେନର ବୁଲି ବୁଲି ବିକ୍ରୀ କରୁଥିଲା । ବର୍ତ୍ତମାନ ସେମାନେ ଗୋଟିଏ ସହରରେ ବିକ୍ରୀ କରି ପାରିଲେ ଓ ନିଜ ଖାଦ୍ୟ ପେୟ ଓ ଦରକାରୀ ସାମଗ୍ରୀ ସେହି ସହରରେ କିଣିପାରିଲେ । ବ୍ୟବସାୟୀମାନେ ଧନଶାଳୀ ହୋଇ ସାମନ୍ତମାନଙ୍କ ସହିତ ପ୍ରତିଯୋଗିତା ପାଇଁ ସକ୍ଷମ ହେଲେ । ରାଜନୀତିରେ ନିଜର ଅର୍ଥ ବଳରେ ପ୍ରଭାବ ବିସ୍ତାର କଲେ ।

କିଛି ବଡ ବ୍ୟାପାରୀ ଲାଭର କିଛି ଅଂଶ ଗୀର୍ଜାକୁ ଦାନ କଲେ ଓ କେତେକ ସ୍ଥାନରେ ବିଶାଳ ଗୀର୍ଜାଘର ତିଆରି ପାଇଁ ପାଣ୍ଠି ଯୋଗାଇ ଦେଲେ । ବିଶାଳ ଗୀର୍ଜାଘର ତିଆରି ସମୟସାପେକ୍ଷ ଓ ଏଥିପାଇଁ ବହୁ କୁଶଳୀ ଓ ଅଣକୁଶଳୀ ଶ୍ରମିକ ଦରକାର ହେଲା । ସେହି ସ୍ଥାନରେ ସେମାନେ ବହୁଦିନ ରହିବା ଦ୍ୱାରା ଗୀର୍ଜାଘର ପାଖରେ ଛୋଟ ସହର ଗଢିଉଠିଲା ।

## ଚତୁର୍ଦ୍ଦଶ ଶତାବ୍ଦୀରେ ୟୁରୋପରେ ସଙ୍କଟ

ପରିବେଶର ଓଲଟା ପରିବର୍ତ୍ତନ ସହ ତ୍ରୟୋଦଶ ଶତାବ୍ଦୀର ଶେଷ ଭାଗରେ ୟୁରୋପରେ ଗ୍ରୀଷ୍ମଋତୁ ଏକମାସ କମ୍ ହୋଇ ଶୀତର ପ୍ରକୋପ ବଢିଲା । ଚାଷ କ୍ଷତିଗ୍ରସ୍ତ ହେଲା ଏବଂ ଉଚ୍ଚ ଜମିରେ ଚାଷ କରିବା କଷ୍ଟକର ହେଲା ।

ସାମୁଦ୍ରିକ ଝଡ, ବତାଶ, ବନ୍ୟା, ଚାଷ ଓ କୃଷିକ୍ଷେତ୍ରକୁ ନଷ୍ଟ କଲା । ମୃତ୍ତିକା କ୍ଷୟ ଘଟିଲା ଓ ଚାରଣଜମି ପ୍ରଭାବିତ ହେଲା । ପଶୁସଂପଦ ନଷ୍ଟ ହେଲା । ଲୋକସଂଖ୍ୟା ତୁଳନାରେ ଖାଦ୍ୟଶସ୍ୟ ଓ ସମ୍ପଦର ଅଭାବ ଦେଖାଦେଲା । ଖ୍ରୀ. ୧୩୧୫ ଓ ଖ୍ରୀ. ୧୩୧୭ରେ ଦୁର୍ଭିକ୍ଷ ପଡିଲା । ଖ୍ରୀ. ୧୩୪୭ ଓ ଖ୍ରୀ. ୧୩୫୦ରେ ପଶ୍ଚିମ ୟୁରୋପରେ ପ୍ଲେଗ ମହାମାରୀରେ ଶତକଡା କୋଡ଼ିଏ ଭାଗ ଲୋକ ମରିଗଲେ । ମଠ ଓ କନଭେଣ୍ଟ ଯେଉଁଠି ଏକ ସୀମା ଭିତରେ ଲୋକେ ବସବାସ କରୁଥିଲେ ସେଠାରେ ସମସ୍ତେ ମୃତ୍ୟୁବରଣ କଲେ । ଅର୍ଥ ଆଦାୟ କମିଗଲା । ସାରା ୟୁରୋପରେ ସୁନା ରୁପାର ଅଭାବରୁ ଧାତୁ ନିର୍ମିତ ବିନିମୟ ମୁଦ୍ରାର ଘୋର ଅଭାବ ଦେଖାଦେଲା ।

ମହାବିପତ୍ତି ସହିତ ଆର୍ଥିକ ସଙ୍କଟ ସମାଜ ଉପରେ ଅମାପ ପ୍ରଭାବ ପକାଇ ସମାଜକୁ ଅବ୍ୟବସ୍ଥିତ ଓ ମଣିଷକୁ ସ୍ଥାନଚ୍ୟୁତ କରିଦେଲା । ଜନସଂଖ୍ୟା କମିବା ଦ୍ୱାରା ଶ୍ରମଶକ୍ତିର ଅଭାବ ଦେଖାଦେଇ କର୍ମକ୍ଷେତ୍ରରେ ଅସନ୍ତୁଳନ ସୃଷ୍ଟି କଲା । ଶ୍ରମିକ ଶ୍ରମର ଦୈନିକ ମଜୁରୀ ଇଂଲଣ୍ଡରେ ୨୫୦% ବଢିଲା, ତଥାପି ଶ୍ରମିକ ମିଳିଲେ ନାହିଁ । କୃଷି ସାମଗ୍ରୀର ମୂଲ୍ୟ କମିଗଲା କାରଣ କିଣିବା ପାଇଁ ଲୋକ ନଥିଲେ । ଜମିମାଲିକମାନେ ମଧ୍ୟ ପ୍ରଭାବିତ ହେଲେ ଏବଂ ପୁଣିଥରେ ପୁରୁଣା ସାମନ୍ତବାଦୀ ସେବା ବ୍ୟବସ୍ଥାରେ ଜମିକୁ ଠିକା ଦେବାକୁ ଚେଷ୍ଟା କଲେ । ଫଳସ୍ୱରୂପ ଖ୍ରୀ. ୧୩୨୩ରେ ଫ୍ଲେଣ୍ଡରସ (Flanders), ଖ୍ରୀ. ୧୩୪୮ରେ ଫ୍ରାନ୍ସ (France), ଓ ଖ୍ରୀ. ୧୩୮୧ରେ ଇଂଲଣ୍ଡରେ (England) ଚାଷୀ ବିଦ୍ରୋହ ହେଲା । ବିଦ୍ରୋହକୁ ନିଷ୍ଠୁରତା ସହ ଶାସକ ଗୋଷ୍ଠୀ ଦମନ କଲେ । ବିଦ୍ରୋହ ଦମନ ହେଲା । କିନ୍ତୁ ପୂର୍ବ ସାମନ୍ତବାଦୀ ସେବା ବ୍ୟବସ୍ଥା ପୁନଃସ୍ଥାପନ ହୋଇପାରିଲା ନାହିଁ, କାରଣ ଚାଷୀ ନିଜର ଥରେ ପାଇଥିବା ସ୍ୱାଧୀନତାକୁ ଓ ଲାଭକୁ ହରାଇବାକୁ ପ୍ରସ୍ତୁତ ନଥିଲା ।

## ଶିକ୍ଷା ଓ ତତ୍‌କାଳୀନ ମାନବବାଦ

ସେ ସମୟରେ ଧର୍ମଯାଜକ ଓ ଗୀର୍ଜା ଶିକ୍ଷା କାର୍ଯ୍ୟକ୍ରମ ନିର୍ଣ୍ଣୟ କରୁଥିଲେ ଓ ଶିକ୍ଷା ଖସଡାରେ ପୁରାତନ ରୋମ ଓ ଗ୍ରୀସର ସଂସ୍କୃତି ସାହିତ୍ୟର ସ୍ଥାନ ନଥିଲା । ପଞ୍ଚଦଶ ଖ୍ରୀଷ୍ଟାବ୍ଦରେ ଯେଉଁ ଶିକ୍ଷକ ବ୍ୟାକରଣ, ଅଳଙ୍କାର, କବିତା, ଇତିହାସ, ନୀତି ଦର୍ଶନ ଶିକ୍ଷା ଦେଉଥିଲେ ସେମାନଙ୍କୁ 'ମାନବବାଦୀ' କୁହାଯାଉଥିଲା । ଏ ସମସ୍ତ ବିଷୟ ବସ୍ତୁ ଗୀର୍ଜା କିମ୍ବା ଧର୍ମରୁ ଆନୀତ କିମ୍ବା ସମ୍ପର୍କିତ ନୁହେଁ । ଧର୍ମ ଶିକ୍ଷାରେ ଧର୍ମ ଗୁରୁଙ୍କ ମତ ବିନା ତର୍କରେ ଗ୍ରହଣ କରିବାକୁ ପଡ଼େ, କିନ୍ତୁ 'ମାନବବାଦୀ' ଶିକ୍ଷାରେ ଆଲୋଚନା, ବାଦାନୁବାଦ, ବିଚାରବିମର୍ଶ ମାଧ୍ୟମରେ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଗଲା ।

ତତ୍‌କାଳୀନ 'ମାନବବାଦୀ'ଙ୍କ ମତରେ ରୋମ ସାମ୍ରାଜ୍ୟର ଅଧୋପତନ ପରେ ୟୁରୋପରେ 'ଅନ୍ଧକାର' ଯୁଗ ଆସିଥିଲା । କାରଣ ଗୀର୍ଜା ଓ ଧର୍ମ ମଣିଷର ବିଚାରକୁ ସଂପୂର୍ଣ୍ଣ ବନ୍ଦକରି ରଖିଥିଲେ । ସେମାନଙ୍କ ମତରେ ଆଧୁନିକ ଯୁଗ ଆରମ୍ଭ ହେଲା ପଞ୍ଚଦଶ ଶତାବ୍ଦୀରେ ଓ ସେମାନେ 'ପ୍ରକୃତ ସଭ୍ୟତାର' ପୁନଃସ୍ଥାପନ କଲେ । ତତ୍‌କାଳୀନ 'ମାନବବାଦୀ' ଧାରଣାକୁ ସରଳ ଭାବରେ ଗ୍ରହଣ କରି ୟୁରୋପୀୟମାନେ 'ନୂତନ ଯୁଗର' ପ୍ରାରମ୍ଭ ବୋଲି ଗ୍ରହଣ

କଲେ । ରୋମ ସାମ୍ରାଜ୍ୟ ପତନର ୧୦୦୦ବର୍ଷ ବା ସହସ୍ରାବ୍ଦକୁ 'ମଧ୍ୟ ଯୁଗ' ବା 'ଅନ୍ଧକାର ଯୁଗ' ବୋଲି ଆଖ୍ୟା ଦିଆଗଲା।

ବର୍ତ୍ତମାନ ଅନେକ ଐତିହାସିକ ଓ ବିଜ୍ଞ ବ୍ୟକ୍ତି ଏକାଦଶ ଠାରୁ ପଞ୍ଚଦଶ ଶତାବ୍ଦୀର ସଂସ୍କୃତି, ପରମ୍ପରା, ଇତିହାସ ଅଧ୍ୟୟନ ଓ ଗବେଷଣା କରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଇତିହାସର ସମୟକୁ ନିର୍ଦ୍ଦିଷ୍ଟ ଯୁଗର ବା ନିର୍ଦ୍ଦିଷ୍ଟ ଯୁଗରେ ବିଭାଜନ କରି ଆଖ୍ୟାଦେବା ବା 'ଅନ୍ଧାର ଯୁଗ' କହିବା ଅଣ ଐତିହାସିକ ହେବ ଓ ସେ ସମୟ ପ୍ରତି ଅନ୍ୟାୟ ହେବ କାରଣ ସେ ସମୟରେ ମଧ୍ୟ ବିଜ୍ଞାନ, ଦର୍ଶନ ଓ ସାହିତ୍ୟ ସୃଷ୍ଟି ବନ୍ଦ ନଥିଲା।

## ବିଜ୍ଞାନ ଓ ଦର୍ଶନ

ପୁରାତନ ଗ୍ରୀକ ଓ ରୋମୀୟ ସାହିତ୍ୟ କୃତି ଓ ସୃଷ୍ଟି ୟୁରୋପରେ ସନ୍ୟାସୀ ଓ ଧର୍ମଯାଜକମାନେ ଜାଣିଥିଲେ ଓ ସଂଗ୍ରହ ମଧ୍ୟ କରିଥିଲେ, କିନ୍ତୁ ସେ ସମସ୍ତକୁ ସାର୍ବଜନୀନ କରିନଥିଲେ। ଚତୁର୍ଦ୍ଦଶ ଶତାବ୍ଦୀରେ ୟୁରୋପର ଲେଖକ ଓ ସଂଗ୍ରାହକମାନେ ଗ୍ରୀକ୍ ଲେଖକ ପ୍ଲାଟୋ ଓ ଅରିଷ୍ଟୋଟଲଙ୍କ ଲେଖାର ଆରବୀୟ ଅନୁବାଦ ପ୍ରଥମେ ପଢ଼ିଲେ ଓ ପ୍ରଭାବିତ ହେଲେ । ଆରବୀୟମାନେ କେବଳ ଅନୁବାଦ କରିନଥିଲେ, ସେମାନେ ଗ୍ରୀସ ଓ ରୋମର ପୁରୁଣା ପାଣ୍ଡୁଲିପିକୁ ସୁରକ୍ଷିତ ରଖିଥିଲେ । ଉଦାହରଣ ସ୍ୱରୂପ ଆରବ ବିଦ୍ୱାନ ଆଫଲାଟୁନ୍ (Aflatun) ପ୍ଲାଟୋଙ୍କ ଲେଖା ଓ ଅରିସ୍ତୁ (Aristu) ଅରିଷ୍ଟୋଲଙ୍କ ଲେଖାକୁ ସଂଗ୍ରହ ଓ ଅନୁବାଦ କରିଥିଲେ । ସେ ଦୃଷ୍ଟିରୁ ୟୁରୋପୀୟମାନେ ଆରବୀୟମାନଙ୍କଠାରେ ଋଣୀ । ଅନେକ ୟୁରୋପୀୟ ଆରବୀୟ ଭାଷାରେ ଅନୁବାଦିତ ଗ୍ରୀକ୍ ଓ ରୋମ ସାହିତ୍ୟକୃତି ପଢିଲେ ଓ ୟୁରୋପୀୟ ଭାଷାରେ ଅନୁବାଦ କଲେ । ବିଜ୍ଞାନ, ପ୍ରକୃତି, ଗଣିତ, ଜ୍ୟୋର୍ତିବିଜ୍ଞାନ, ଔଷଧ ଓ ରସାୟନ ବିଜ୍ଞାନର ଆରବୀୟ ଅନୁବାଦକୁ ୟୁରୋପୀୟ ଭାଷାରେ ଭାଷାନ୍ତର କରାହେଲା । ଏହା ବ୍ୟତୀତ ଆରବ ବିଜ୍ଞାନୀମାନେ ଇଟାଲୀରେ ସ୍ୱୀକୃତି ପ୍ରାପ୍ତ ଥିଲେ । ସେମାନଙ୍କ ମଧ୍ୟରେ ମଧ୍ୟ ଏସିଆ ବୁକାରାର ଚିକିତ୍ସକ ତଥା ଦାର୍ଶନିକ 'ଇବନ ସିନା' (Ibnsina) (ଖ୍ରୀ.୯୮୦-ଖ୍ରୀ.୧୦୩୭) ଏବଂ ଚିକିତ୍ସା ଜ୍ଞାନକୋଷର ରଚୟିତା ଆଲ୍ ରାଜି (Al Razi) (ଖ୍ରୀ.୧୧୨୬-ଖ୍ରୀ.୧୧୯୮) ଅନ୍ୟତମ। ସ୍ପେନର ଆରବୀୟ ଦର୍ଶନଶାସ୍ତ୍ରୀ ଇବନ୍‌ରୁସଦ୍ (Ibn Rushd), ଦର୍ଶନ ଜ୍ଞାନ ଓ ଧର୍ମ ବିଶ୍ୱାସ ମଧ୍ୟରେ ଥିବା ଉତ୍ତେଜନା ଓ ମତଭେଦକୁ ଦୂର କରିବା ପାଇଁ ନିଜ ଲେଖା ଓ କଥା ମାଧ୍ୟମରେ ପ୍ରୟାସ କରିଥିଲେ । ତାଙ୍କର ଧାରା ବା ପ୍ରଣାଳୀକୁ ଖ୍ରୀଷ୍ଟିଆନ ବିଜ୍ଞ ଚିନ୍ତାଶୀଳ ବ୍ୟକ୍ତିମାନେ ଉପଯୋଗ କରିଥିଲେ ।

ପରିବର୍ତ୍ତନର ବାର୍ତ୍ତାବହ ହେଲେ ଫ୍ରାନସେସକୋ ପିଟ୍ରାର୍କ (ଖ୍ରୀ.୧୩୦୪- ଖ୍ରୀ.୧୩୭୮) (Francesco Petrach) । ପିଟ୍ରାର୍କଙ୍କ ମତରେ ପ୍ରାଚୀନକାଳର ଅବଶେଷ ପୁରାତନ ସଭ୍ୟତାର ପ୍ରତିନିଧି ଏବଂ ସେହି ଅବଶେଷକୁ ଯଦି ପୂର୍ବାପର ସଙ୍ଗତି ସହ ଅଧ୍ୟୟନ କରାଯାଏ ତାହେଲେ ସଠିକ ଧାରଣା ମିଳିପାରିବ । ବିଶେଷ କରି ରୋମ ଓ ଗ୍ରୀକ୍ ସଭ୍ୟତାର ଅବଶେଷକୁ ଗ୍ରୀକ୍ ଓ ରୋମର ଭାଷା ମଧ୍ୟମରେ ଅଧ୍ୟୟନ କଲେ ପ୍ରକୃତ ତଥ୍ୟ ସାମନାକୁ ଆସିବ । ସେଥିପାଇଁ ସେ ରୋମ ଓ ଗ୍ରୀକ ସଭ୍ୟତାର ପୁରାତନ ଲେଖକ ଓ କବିଙ୍କ କୃତିକୁ ଉଦ୍ଧାର, ସଂଗ୍ରହ, ଅଧ୍ୟୟନ ଓ

ରକ୍ଷଣାବେକ୍ଷଣ ଆରମ୍ଭ କଲେ । ବୋକାସିଓ (ଖ୍ରୀ.୧୩୧୩-ଖ୍ରୀ୧୩୭୫) (Boccacio) ଗ୍ରୀକ୍ ସାହିତ୍ୟ କୃତିକୁ ଉଦ୍ଧାର, ସଂଗ୍ରହ, ଅଧ୍ୟୟନ ଓ ରକ୍ଷଣାବେକ୍ଷଣ କରିଥିଲେ ।

ମାନବବାଦୀମାନେ ବିଭିନ୍ନ ଉପାୟରେ ଲୋକଙ୍କ ପାଖରେ ପହଞ୍ଚିଥିଲେ ଯଦିଓ ବିଶ୍ୱବିଦ୍ୟାଳୟ ପାଠ୍ୟ ଖସଡାରେ ଧର୍ମ ଓ ଆଇନ ପ୍ରଭାବ ବିସ୍ତାର କରିଥିଲା । ଧୀରେ ଧୀରେ ମାନବୀୟ ବିଷୟବସ୍ତୁ ସ୍ଥାନ ପାଇଲା । ସ୍କୁଲମାନଙ୍କରେ ବ୍ୟାକରଣ, ଅଳଙ୍କାର, କବିତା, ଇତିହାସ ଓ ନୀତି ଦର୍ଶନ ପଢାଇବା ଆରମ୍ଭ ହେଲା । ଏହା ଇଟାଲୀରୁ ଆରମ୍ଭ ହୋଇ ସାରା ୟୁରୋପର ସ୍କୁଲର ପାଠ୍ୟ ଖସଡାରେ ସାମିଲ ହେଲା ।

**କଳାକାର ଓ ବାସ୍ତବବାଦ**

ମାନବବାଦୀଙ୍କ ପ୍ରକାଶର ମାଧ୍ୟମ କେବଳ ଆନୁଷ୍ଠାନିକ ଶିକ୍ଷାନୁଷ୍ଠାନରେ ସୀମିତ ନଥିଲା । ସେମାନେ କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ପୁସ୍ତକକୁ ମାଧ୍ୟମ କରି ମର୍ମସ୍ପର୍ଶୀ ଫଳପ୍ରଦ ହୃଦୟଗ୍ରାହୀ ମାନବୀୟତାକୁ ପ୍ରକାଶ କରି ଯୁଗ ଚେତନାର ରୂପ ରେଖ ଗଢିଥିଲେ । କଳାକାରମାନେ ହଜାରେ ବର୍ଷ ତଳର ରୋମୀୟ କଳାକୃତିର କୀୟଦଂଶ ଭଗ୍ନ ସହରମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ ଯେ ହଜାରେ ବର୍ଷ ତଳେ ମୂର୍ତ୍ତିକାରମାନେ ସଠିକ ଆନୁପାତିକ ନାରୀ ଓ ପୁରୁଷର ମୂର୍ତ୍ତି ଭାସ୍କର୍ଯ୍ୟ ସୃଷ୍ଟି କରିଛନ୍ତି । ତାହା ଦେଖି ପ୍ରଭାବିତ ହେଲେ ନୂତନ ମୂର୍ତ୍ତିକାରମାନେ । ଇଟାଲୀର ଶିଳ୍ପୀମାନେ ସେ ଭାସ୍କର୍ଯ୍ୟ ପରମ୍ପରାକୁ ଆଗକୁ ବଢାଇଲେ । ୧୪୧୬ ଖ୍ରୀଷ୍ଟାବ୍ଦରେ ଡୋନାଟେଲୋ (ଖ୍ରୀ.୧୩୮୬-ଖ୍ରୀ.୧୪୬୬) (Donatello) ଜୀବନ୍ତ ସଦୃଶ ନିଖୁଣତାର ଭାସ୍କର୍ଯ୍ୟ ସୃଷ୍ଟି କରିବାରେ ନୂତନ ପଥ ଉନ୍ମୋଚନ କଲେ । ବିଜ୍ଞାନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ କାମର ପ୍ରଭାବ ସମାଜ ଓ ଦେଶରେ ପଡିବାର ଅନେକ ଉଦାହରଣ ଅଛି । ବେଲଜିୟମର ପାଡୁଆ (Padua) ବିଶ୍ୱବିଦ୍ୟାଳୟର ଡାକ୍ତର ଏନଡ୍ରିୟସ ଭେସାଲିଅସ (Andreas Vesalius) (ଖ୍ରୀ.୧୫୧୪-ଖ୍ରୀ.୧୫୬୪) ପୃଥିବୀର ସର୍ବ ପ୍ରଥମେ ମଣିଷ ଶରୀରର ବ୍ୟବଚ୍ଛେଦ କରିଥିଲେ ଏବଂ ଶରୀର ବିଜ୍ଞାନ ବିକାଶର ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ । କଳାକାରମାନେ ଚିକିତ୍ସା ବିଦ୍ୟାଳୟର ପ୍ରୟୋଗଶାଳାରେ ମଣିଷ ହାଡର ଆକାର ଓ ଗଠନ ଅଧ୍ୟୟନ କରିବାକୁ ଗଲେ । ବୈଜ୍ଞାନିକମାନଙ୍କ କାମ କଳାକାରଙ୍କ କୃତିକୁ ଉଚ୍ଚ ସୋପାନକୁ ନେଇଥିଲା ।

ରଙ୍ଗ ଶିଳ୍ପୀଙ୍କ ପାଇଁ ପୁରାତନ ଯୁଗର କୌଣସି ବିଶେଷ ଆଦର୍ଶ ନଥିଲା । କିନ୍ତୁ ସେମାନେ ମଧ୍ୟ ନିଜ କ୍ଷେତ୍ରରେ ଭାସ୍କର୍ଯ୍ୟ ବା ମୂର୍ତ୍ତି ଶିଳ୍ପୀଙ୍କ ପରି ପ୍ରାକୃତିକ ରଙ୍ଗ ଚିତ୍ର ଚିତ୍ରଣ କଲେ । ସେମାନେ ଜ୍ୟାମିତିଜ୍ଞାନ ଦ୍ୱାରା ବୁଝିପାରିଲେ ସମତଳ ଉପରେ ଘନବସ୍ତୁ ଚିତ୍ରଣ ଦ୍ୱାରା ପ୍ରଦର୍ଶିତ ଦୃଶ୍ୟରାଜିର ଆପେକ୍ଷିକ ଅବିସ୍ଥିତି ଏବଂ ଆଲୋକର ଗୁଣାତ୍ମକ ପ୍ରୟୋଗ ଦ୍ୱାରା ଲମ୍ବ, ଓସାର ଓ ଉଚ୍ଚତାକୁ ସୁନ୍ଦର ଉପସ୍ଥାପନ କରିପାରିଲେ । ଚିତ୍ରକଳାରେ ତେଲକୁ ମାଧ୍ୟମ ରୂପେ ବ୍ୟବହାର କରିବା ଦ୍ୱାରା ପୂର୍ବାପେକ୍ଷା ଅଧିକ ଉଜ୍ଜ୍ୱଳ ମନୋରମ ରଙ୍ଗିନ ଚିତ୍ର ତିଆରି ହେଲା । ଚିତ୍ରକଳାରେ ଚୀନ ଓ ପାର୍ସିମାନଙ୍କ ପ୍ରଭାବ ପଡିଥିବାର ଯଥେଷ୍ଟ ସମ୍ଭାବନା ଅଛି କାରଣ ମଙ୍ଗୋଲୀୟମାନେ ଚୀନ ଓ ପାର୍ସିଙ୍କଠାରୁ ତୈଳଚିତ୍ର ଆଣିଥିଲେ । ରାଫେଲ, ଲିଓନାର୍ଡୋ ଡା ଭିନସି (ଖ୍ରୀ.୧୪୫୨-ଖ୍ରୀ.୧୫୧୯) ଓ ମାଇକେଲ ଏଞ୍ଜେଲୋ (ଖ୍ରୀ.୧୪୭୫-


ମୋନାଲିସା

ଖ୍ରୀ.୧୫୬୪) ଚିତ୍ରକଳାକୁ ଉଚ୍ଚସ୍ତରକୁ ନେଇଥିଲେ । ଲିଓନାର୍ଡୋ ଦା ଭିନସିଙ୍କ ମୋନାଲିସା ଅନବଦ୍ୟ ସୃଷ୍ଟି । ରାଫେଲଙ୍କ ମାଡୋନା (ଖ୍ରୀ.୧୪୮୩-ଖ୍ରୀ.୧୫୨୦)ମଧ୍ୟ ଉଚ୍ଚକୋଟୀର।

ଶରୀର ଜ୍ଞାନ, ଜ୍ୟାମିତି, ପଦାର୍ଥ ବିଜ୍ଞାନ ଏବଂ ଶିଳ୍ପୀଙ୍କ ସୁଦୃଢ଼ ଚୈତନ୍ୟ, ସୌନ୍ଦର୍ଯ୍ୟ ପ୍ରୀତି ଜନ୍ମଦେଲା ନୂତନ ଯୁଗର ଇଟାଲୀୟ କଳା ଯାହାଥିଲା ବାସ୍ତବତା ଉପରେ ଆଧାରିତ ।

ପଞ୍ଚଦଶ ଶତାବ୍ଦୀରେ ରୋମ ସହରକୁ ମନୋହର ଓ ଚିତ୍ତାକର୍ଷକ କରିବା ପାଇଁ ପୁନରୁଦ୍ଧାର କାମ ଆରମ୍ଭ ହେଲା । ପୁରାତନ ରୋମର ଭଂଗ୍ନାବଶେଷକୁ ପତ୍ନତତ୍ତ୍ୱବିତ୍‌ମାନେ ବୈଜ୍ଞାନିକ ପ୍ରଣାଳୀରେ ଖନନ ଓ ଉଦ୍ଧାର କଲେ । ନୂତନ ପୀଢ଼ିକୁ ପୁନରୁଦ୍ଧାର ହୋଇଥିବା ପୁରାତନ ରୋମୀୟ କୀର୍ତ୍ତୀରାଜି ପ୍ରଭାବିତ କରିଥିଲା । ସେମାନେ ନିଜର ଜ୍ଞାନ କୌଶଳ ପ୍ରୟୋଗକରି ପୁରାତନ ଶୈଳୀକୁ ନୂତନ ରୂପ ଦେଲେ । ତାହାକୁ କ୍ଲାସିକାଲ ବା ଶାସ୍ତ୍ରୀୟ କୁହାଗଲା । ଧନୀକ ବ୍ୟବସାୟୀ, ସମ୍ଭ୍ରାନ୍ତ ଏବଂ ପୋପମାନେ ଶାସ୍ତ୍ରୀୟ ଜ୍ଞାନ ଥିବା ସ୍ଥପତିମାନଙ୍କୁ ନୂତନ ସ୍ଥାପତ୍ୟ ସୃଷ୍ଟି ପାଇଁ ବିନିଯୋଗ କଲେ । ପ୍ରାସାଦ, ଅଟ୍ଟାଳିକାକୁ ଆହୁରି ସୁସଜ୍ଜିତ କରିବା ପାଇଁ ଚାରୁ ଶିଳ୍ପ ଓ ଚିତ୍ର ବ୍ୟବହାର ଓ ଭାସ୍କର୍ଯ୍ୟ ସ୍ଥାପନ କଲେ ।

ମାଇକେଲ ଏଞ୍ଜେଲୋ ବ୍ୟୁନୋରୋଟି ଏକାଧାରରେ ଉଚ୍ଚକୋଟୀର ଚିତ୍ରଶିଳ୍ପୀ, ସ୍ଥପତି ଓ ମୂର୍ତ୍ତିକାର ଥିଲେ । ସେ ରୋମର ସିସଟାଇନ ଚାପେଲର ଛାତ ତଳକୁ ଚାରୁକଳାରେ ସଜେଇ ନୂତନତ୍ୱ ସୃଷ୍ଟି କଲେ ଯାହା ଅମର ହୋଇଯାଇଛି । ତା ବ୍ୟତୀତ ମୂର୍ତ୍ତିକଳାରେ 'ପିଏତା' ଓ ସେଣ୍ଟପିଟର ଚର୍ଚ୍ଚରେ ଗମ୍ବୁଜ ତାଙ୍କର ଉତ୍କର୍ଷ ପ୍ରମାଣ ଦିଏ । ଆଉ ଜଣେ ଶିଳ୍ପୀ ମୂର୍ତ୍ତିକାର ଥିଲେ ଫିଲିପୋ ବ୍ରୁନେଲ୍‌ଚି (Filippo Brunellschi) (ଖ୍ରୀ.୧୩୩୭-ଖ୍ରୀ.୧୪୪୬), ସେ ସ୍ଥପତି ବିଦ୍ୟାରେ ତାଙ୍କ କୃତି ଦେଖାଇ ଫ୍ଲୋରେନସ୍‌ର ମୁଖ୍ୟ ଗୀର୍ଜା ଘରରେ ଗମ୍ବୁଜ ଚିତ୍ତାକର୍ଷକ ଡୁମୋ (Duomo)ର ରୂପରେଖ ଦେଇଥିଲେ ।

ଖ୍ରୀ.୧୪୫୫ ପୂର୍ବରୁ ହାତଲେଖା ପାଣ୍ଡୁଲିପି ଅଳ୍ପ ସଂଖ୍ୟାରେ ଉପଲବଧ୍ ଥିଲା । ଜୋହାନେସ ଗୁଟେନବର୍ଗ (Johannes Gutenberg) (ଖ୍ରୀ.୧୪୦୦-ଖ୍ରୀ.୧୪୫୮) ଜର୍ମାନୀରେ ତାଙ୍କ ଦ୍ୱାରା ଉଦ୍ଭାବିତ ମୁଦ୍ରଣ ଯନ୍ତ୍ର ସାହାଯ୍ୟରେ ୧୫୦ ଖଣ୍ଡ ବାଇବେଲର ପ୍ରଥମ ମୁଦ୍ରଣ କରି ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ । ପଚାଶ ବର୍ଷ ମଧ୍ୟରେ ମୁଦ୍ରଣ ଯନ୍ତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଲା ଓ ଖ୍ରୀ.୧୫୦୦ ବେଳକୁ ଲାଟିନ୍ ଭାଷାର ପ୍ରାୟ ସମସ୍ତ ଶାସ୍ତ୍ରୀୟ ପୋଥି ଛପା ସରିଥିଲା ।

ଛପା ବହି ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ ହେଲା । ଏହା ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାରେ ଅଭୂତପୂର୍ବ ସାହାଯ୍ୟ କରିଥିଲା । ମତ, ଚିନ୍ତାଧାରା, ସୂଚନା, ଆଲୋଚନା ଇତ୍ୟାଦି, ଶୀଘ୍ର ଦୂରାଦୂରାନ୍ତ ଲୋକଙ୍କ ପାଖରେ ପହଂଚିଲା । ପାଠକଙ୍କ ସଂଖ୍ୟା ବଢିଲା ଓ ବହି ପଢାର ଅଭ୍ୟାସ ବଢିଲା । ଲୋକେ ନିଜ ନିଜର ବ୍ୟକ୍ତିଗତ ବ୍ୟବହାର ପାଇଁ ବହି ସ୍ୱଳ୍ପ ଖର୍ଚ୍ଚରେ କିଣି ପାରିଲେ ।

## ମାନବୀୟତା ପ୍ରତି ନୂତନ ଚେତନା

ମାନବ ଜୀବନଧାରା ଓ ଚଳଣି ଉପରେ ଧର୍ମର ପ୍ରଭାବ ଧିରେ ଧିରେ ହ୍ରୁଗୁଳା ହେଲା । ଇଟାଲୀୟ ସମାଜରେ ଲୋକେ ପାର୍ଥିବ ସମ୍ପଦ, କ୍ଷମତା ଓ ଯଶ କୀର୍ତ୍ତି ପ୍ରତି ଆକୃଷ୍ଟ ହେଲେ । ମାନବବାଦୀ ଫ୍ରାନ୍ସେସକୋ ବାରବେରୋ (Francesco Barbaro) (ଖ୍ରୀ.୧୩୯୦-ଖ୍ରୀ.୧୪୫୪) ତାଙ୍କର ଲେଖା ମାଧ୍ୟମରେ ପାର୍ଥିବ ସଂପଦ ସଂଗ୍ରହ ସପକ୍ଷରେ ମତ ରଖିଥିଲେ । ଲରେଜୋ ଭାଲା (ଖ୍ରୀ.୧୪୦୬-ଖ୍ରୀ.୧୪୫୭) ତାଙ୍କ ଲେଖା ‘ଅନ ପ୍ଲେଜର’ରେ (On Pleasure) ଉପସ୍ଥାପନ କଲେ ଯେ ଇତିହାସ ମଣିଷକୁ ବନ୍ଧନରୁ ମୁକ୍ତ କରେ ଓ ସଠିକ୍ ଜୀବନଯାପନର ରାସ୍ତା ଦେଖାଏ । ସେ ଆନନ୍ଦ ଉଲ୍ଲାସ ଉପରେ ଧର୍ମର ପ୍ରତିବନ୍ଧକକୁ ଖୋଲାଖୋଲି ସମାଲୋଚନା କରିଥିଲେ । ଲୋକଙ୍କ ଆଚାର, ବ୍ୟବହାର, କଥାକହିବା ଶୈଳୀ, ପୋଷାକ ପରିଧାନ ଉପରେ ମଧ୍ୟ ଅନେକ ତର୍କ, ବିତର୍କ, ସମାଲୋଚନା ଓ ପ୍ରସ୍ତାବ ଆସିଲା । ୧୫୧୩ ମସିହାରେ ନିକୋଲୋ ମେକିଆଭେଲି (Niccolo Machivelli) ତାଙ୍କ ପ୍ରସିଦ୍ଧ ବହି ‘ଦି ପ୍ରିନ୍ସ’ (The Prince)ରେ ମଣିଷର ଇଚ୍ଛାର ଅନ୍ତ ନାହିଁ ଓ ସ୍ୱାର୍ଥ ମଣିଷକୁ ପ୍ରେରଣା ଯୋଗାଏ ବୋଲି ଉପସ୍ଥାପନା କଲେ ।

ମାନବବାଦୀମାନେ ବିଶ୍ୱାସ କଲେ ଓ ମତ ଦେଲେ ଯେ ମଣିଷ ପ୍ରକୃତିର ଅନେକ ଦିଗ ଅଛି ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜଜୀବନକୁ ଗଢିତୋଳିବାର ପାଇଁ ସକ୍ଷମ । କେବଳ କ୍ଷମତା ଓ ଟଙ୍କା ପଇସାର ଅନୁସରଣ ଏକମାତ୍ର ପଥ ନୁହେଁ । ପରୋକ୍ଷରେ ସେମାନେ ସାମନ୍ତବାଦୀ ବ୍ୟବସ୍ଥାରେ ସମାଜର ତିନିସ୍ତରର ବିଭାଜନକୁ ପ୍ରତ୍ୟାଖ୍ୟାନ କଲେ ।

## ମହିଳାମାନଙ୍କ ଉଚ୍ଚ ଅଭିଳାଷ

ବ୍ୟକ୍ତି ସତ୍ତା ଏବଂ ନାଗରୀକତ୍ୱକୁ ନେଇ ଉତ୍କୃଷ୍ଟତା ସତ୍ତ୍ୱେ ମହିଳାମାନଙ୍କୁ ସାମିଲ କରିନଥିଲା ଇଉରୋପୀୟ ସମାଜ ବ୍ୟବସ୍ଥା । ସମ୍ଭ୍ରାନ୍ତ ପରିବାରର ପୁରୁଷମାନେ ହିଁ ସର୍ବସାଧାରଣ କାର୍ଯ୍ୟରେ ସମସ୍ତ ସୁବିଧା ସୁଯୋଗର ଅଧିକାରୀ ଥିଲେ ଏବଂ ନିଜନିଜ ପରିବାର ମଧ୍ୟରେ ନିଷ୍ପତ୍ତି ନେବାର ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । ପରିବାରର ଉତ୍ତରାଧିକାରୀ ପୁତ୍ର ହିଁ ଥିଲା । ପରିବାରର ସମସ୍ତ କାରବାର ପୁତ୍ର ହିଁ ବୁଝୁଥିଲା । ମହିଳାଙ୍କ ଆଣିଥିବା ଯୌତୁକ ବ୍ୟବସାୟରେ ଲାଗୁଥିଲା ତଥା ବୈବାହିକ ସମ୍ବନ୍ଧ ବାଣିଜ୍ୟ ବ୍ୟବସାୟ ବୃଦ୍ଧି ପାଇଁ ସ୍ଥାପିତ ହେଉଥିଲା । କିନ୍ତୁ ବାଣିଜ୍ୟ ବ୍ୟବସାୟ ତଥା ବିବାହ ଆଦି କ୍ଷେତ୍ରରେ ମହିଳାମାନଙ୍କ ମତର ସ୍ଥାନ ନଥିଲା। ଯୌତୁକ ଅଭାବରୁ ମହିଳାମାନଙ୍କୁ ସନ୍ୟାସିନୀ ହୋଇ ଧାର୍ମିକ ସଂସ୍ଥାରେ ଜୀବନ କଟାଇବାକୁ ପଡୁଥିଲା। ମହିଳାମାନଙ୍କ ଭୂମିକା ଘରକାମ ମଧ୍ୟରେ ସୀମିତ ଥିଲା ।

ସମସ୍ତ କଟକଣା ଏବଂ ସମାଜ ବ୍ୟବସ୍ଥାରେ ମହିଳାଙ୍କ ଗୌଣସ୍ଥାନ ସତ୍ତ୍ୱେ କେତେକ ମହିଳା ମାନବବାଦୀ ଶିକ୍ଷା ସପକ୍ଷରେ ଦୃଢମତ ପ୍ରଦାନ କରିଥିଲେ । ସେମାନେ ସୃଜନଶୀଳ ଓ ସମ୍ବେଦନଶୀଳ ଥିଲେ । ସେମାନଙ୍କ ମଧ୍ୟରୁ ଭେନିସିଆର କାସାନଡ୍ରା ଫିଡେଲ (Cassandra Fidele) (ଖ୍ରୀ.୧୪୬୫-ଖ୍ରୀ.୧୫୫୮) ଅନ୍ୟତମ । ସେ ଲେଖିଥିଲେ 'ଯଦି ପାଠ ପଢିଲେ ମଧ୍ୟ ମହିଳା ମାନଙ୍କୁ ସମାଜରେ ମାନ୍ୟତା, ସମ୍ମାନ ଓ ପୁରସ୍କାର ମିଳେ ନାହିଁ ତଥାପି ସମସ୍ତ ମହିଳା ପାଠ ପଢିବା ଜରୁରୀ' । ସେ ନିଜେ ଜଣେ ଗ୍ରୀକ୍ ଓ ଲାଟିନ୍ ଭାଷାରେ ସିଦ୍ଧହସ୍ତା ବୋଲି ସମାଜ ସ୍ୱୀକୃତି ଦେଇଥିଲା ଏବଂ ପାଡୁଆ ବିଶ୍ୱବିଦ୍ୟାଳୟ ତାଙ୍କୁ ବକ୍ତାରୂପେ ବହୁବାର ନିମନ୍ତ୍ରଣ ଦେଇଥିଲା । ସେ ପ୍ରମାଣ କରିଦେଲେ ଯେ ମହିଳାମାନେ ପୁରୁଷମାନଙ୍କ ସମକକ୍ଷ ।

ସେ ତାଙ୍କର ବକ୍ତୃତା ଓ ଲେଖା ମାଧ୍ୟମରେ ତତ୍‌କାଳୀନ ଭେନିସିଆର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସମାଲୋଚନା କରିଥିଲେ ଓ କହିଥିଲେ ଭେନିସିଆର ଗଣତାନ୍ତ୍ରିକ ସ୍ୱାଧୀନତା ଅତି ସୀମିତ ଏବଂ ପୁରୁଷମାନଙ୍କ ଇଚ୍ଛା ସମ୍ମୁଖରେ ମହିଳା ତୁଚ୍ଛ । ଆଉ ଜଣେ ମହିୟସୀ ମହିଳା ଥିଲେ ମନଟୁଆର ରାଜ୍ୟର ଇସାବେଲା ଡି ଇସତି (ଖ୍ରୀ.୧୪୭୪-ଖ୍ରୀ.୧୫୩୯) (Isabella d'Este) ସେ ତାଙ୍କର ସ୍ୱାମୀ ମନଟୁଆର ରାଜାଙ୍କ ଅନୁପସ୍ଥିତିରେ ସୁଚାରୁରୂପେ ଶାସନ କରି ବିଜ୍ଞତାର ପରିଚୟ ପ୍ରଦାନ କରିଥିଲେ ।

ମହିଳା ଲେଖିକାମାନେ ତାଙ୍କର ହୃଦବୋଧକୁ ଦୃଢତାର ସହ ପରିପ୍ରକାଶ କଲେ ଯେ ମହିଳାମାନେ ପୁରୁଷଙ୍କ ସମକକ୍ଷ । ସେମାନଙ୍କର ମଧ୍ୟ ସଂପତ୍ତି, ଶିକ୍ଷା ଓ ଅର୍ଥନୈତିକ କ୍ଷମତା ଜରୁରୀ ନିଜର ପରିଚୟ ହାସଲ କରିବା ପାଇଁ ପୁରୁଷ ପ୍ରଧାନ ବିଶ୍ୱରେ ।

## ଖ୍ରୀଷ୍ଟିଆନ ଧର୍ମ ଭିତରେ ତର୍କ ବିତର୍କ

ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀରେ ୟୁରୋପର ଅନେକ ଅଂଚଳରେ ମାନବୀୟତାକୁ ନେଇ ତର୍କ ବିତର୍କର ସୁଅ ଛୁଟିଲା । ବିଶେଷକରି ୟୁରୋପର ବିଶ୍ୱବିଦ୍ୟାଳୟର ଜ୍ଞାନୀ ଗୁଣୀମାନେ ମାନବୀୟତାର ନୂତନ ଚିନ୍ତନ ପ୍ରତି ଅନୁପ୍ରାଣିତ ହେଲେ । ସେମାନେ ଧର୍ମ ଶାସ୍ତ୍ର ସହିତ ଗ୍ରୀକ୍ ଓ ରୋମର ଶାସ୍ତ୍ରୀୟ ସାହିତ୍ୟ ଅଧ୍ୟୟନ ଓ ସମାଲୋଚନା ଆରମ୍ଭ କଲେ । କେତେକ ପୂଜା ପଦ୍ଧତି ଓ ଧାର୍ମିକ କର୍ମାନୁଷ୍ଠାନକୁ ସେମାନେ ପ୍ରତ୍ୟାଖ୍ୟାନ କଲେ ଓ କହିଲେ ଏ ସମସ୍ତ ମୂଳ ଖ୍ରୀଷ୍ଟିୟାନ୍ ଧର୍ମରେ ନଥିଲା । ଏକ ନୂତନ ଆନ୍ଦୋଳନର ସୂତ୍ରପାତ ହେଲା ଯାହାକି ସ୍ୱାଧୀନତାର ନୂତନ ମାନବୀୟ ମୂଲ୍ୟବୋଧ ଉପରେ ଆଧାରିତ ଥିଲା । ମାନବକୁ ସ୍ୱାଧୀନ ସଂବେଦନଶୀଳତାର ବାହକ ଓ ଦୂତ ବୋଲି ଅନୁଭବ କଲେ । ଦାର୍ଶନିକମାନେ ଗଭୀର ଚିନ୍ତା କରି କହିଲେ ଈଶ୍ୱର ମଣିଷକୁ ବହୁବାର ସଂପୂର୍ଣ୍ଣ ସ୍ୱାଧୀନତା ଦେଇ ସୃଷ୍ଟି କରିଛନ୍ତି ଏବଂ ନିଜର ସୁଖ ଶାନ୍ତି ଓ ଖୁସି ଏ ସଂସାରରେ ଜୀବନ କାଳରେ ଉପଭୋଗ କରିବାକୁ; ମୃତ୍ୟୁପରେ ଆରପାରିରେ ନୁହେଁ । ଏ ଚିନ୍ତନ ପଞ୍ଚଦଶ ଶତାବ୍ଦୀରେ ବିଚାରଧାରାରେ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ କରିଥିଲା । ମାନବବାଦୀ ଖ୍ରୀଷ୍ଟିଆନମାନେ ମତ ପୋଷଣ କଲେ ଗୀର୍ଜା ତାର ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇ ଲୋଭ ଓ ଶୋଷଣର ଅନୁଷ୍ଠାନରେ ପରିଣତ

ହୋଇଅଛି । ସର୍ବସାଧାରଣଙ୍କଠାରୁ ଅନ୍ୟାୟରେ ଅର୍ଥ ଗ୍ରହଣ କରୁଛି । ଇଂଲଣ୍ଡର ଥୋମାସ ମୋର (Thomas More) (ଖ୍ରୀ.୧୪୭୮-ଖ୍ରୀ.୧୫୩୫) ଏବଂ ହଲାଣ୍ଡ ବା ନେଦରଲେଣ୍ଡର ଇରାସ୍‌ମସ୍ (Erasmus) (ଖ୍ରୀ.୧୪୬୬-ଖ୍ରୀ.୧୫୩୬) ଗୀର୍ଜା ସହିତ ସଂଶ୍ଲିଷ୍ଟ ଥାଇ ମଧ୍ୟ ଗୀର୍ଜାର ଶୋଷଣ ଓ ଅନ୍ୟାୟ ନୀତିକୁ ଖୋଲାଖୋଲି ସମାଲୋଚନା କଲେ । ସେ 'ପ୍ରେଜ ଅଫ୍ ଫଲି' (Praise of folly), 'ଆଦାଜେସ' (Adages), 'ଫେମିଲିଆର କୋଲୋକିଜ୍' (Familiar colloquies) ପ୍ରଭୃତି ବ୍ୟଙ୍ଗାତ୍ମକ ରଚନା ପ୍ରଣୟନ କରିଥିଲେ।

ଗୀର୍ଜା ଦ୍ୱାରା ଅନ୍ୟାୟରେ ଅର୍ଥ ଗ୍ରହଣର ଜ୍ୱଳନ୍ତ ଉଦାହରଣ ଥିଲା 'ଇନଡଲଜେନସ' (Indulgence) ପତ୍ର ବିକ୍ରୀ। ଧର୍ମଯାଜକ ପ୍ରଚାର କରୁଥିଲେ ଯେ ଜଣେ ପାପୀ ଯଦି ଇନଡଲ୍‌ଜେନସ୍ ପତ୍ର କିଣିବ ତାହେଲେ ସେ ତାର ସମସ୍ତ ପାପରୁ ମୁକ୍ତ ହେବ । ଏ ବିଷୟ କିନ୍ତୁ ବାଇବେଲରେ ନାହିଁ ଏବଂ ଲୋକେ ଯେତେବେଳେ ଆଞ୍ଚଳିକ ଭାଷାରେ ଉପଲବ୍ଧ ବାଇବେଲ ପଢିଲେ, ସେମାନେ ଅନୁଭବ କଲେ ଇନଡଲଜେନସ ବିକ୍ରୀ ବାଇବେଲର ମୂଳ ଚିନ୍ତାଧାରା ନୁହେଁ ଓ ଏହା ଧର୍ମଯାଜକମାନଙ୍କର ସୃଷ୍ଟି । ଚାରିଆଡେ ସନ୍ଦେହ ସୃଷ୍ଟି ହେଲା । ୟୁରୋପରେ ଅନେକ ଅଞ୍ଚଳରେ କୃଷକମାନେ ଗୀର୍ଜାର କର ଓ ଅନ୍ୟାନ୍ୟ ଅର୍ଥ ଆଦାୟ ବିରୋଧରେ ବିଦ୍ରୋହ କଲେ ।

୧୫୧୭ ଖ୍ରୀଷ୍ଟାବ୍ଦରେ ଜର୍ମାନୀର ଜଣେ ସନ୍ୟାସୀ ମାର୍ଟିନ ଲୁଥର ଅଭିଯାନ ଆରମ୍ଭ କଲେ ତତ୍‌କାଳୀନ ଗୀର୍ଜାର ଶୋଷଣ ବିରୁଦ୍ଧରେ । ସେ ପ୍ରଚାରରେ ଯୁକ୍ତି ରଖିଲେ ଯେ ମଣିଷକୁ ଇଶ୍ୱରଙ୍କ ସହିତ ସଂପର୍କ କିମ୍ବା ଇଶ୍ୱରଙ୍କ ପାଖକୁ ବା ସ୍ୱର୍ଗକୁ ଯିବାକୁ ଧର୍ମଗୁରୁର ମାଧ୍ୟମ ଦରକାର ନାହିଁ । ବ୍ୟକ୍ତି ଯଦି ନିଜେ ଇଶ୍ୱରଙ୍କୁ ସଂପୂର୍ଣ୍ଣ ବିଶ୍ୱାସ କରିବ ଏବଂ ନିଜ ବିଶ୍ୱାସ ଦ୍ୱାରା ପରିଚାଳିତ ହେବ ତାହେଲେ ସେ ଆପେଆପେ ସଠିକ୍ ରାସ୍ତା ପାଇଯିବ ଓ ସ୍ୱର୍ଗରେ ପହଞ୍ଚିବ । ମାର୍ଟିନ ଲୁଥରଙ୍କ ଆନ୍ଦୋଳନକୁ ପ୍ରୋଟେଷ୍ଟାଣ୍ଟ (Protestant) ସଂସ୍କାର କୁହାଯାଏ। ଏହି ଆନ୍ଦୋଳନର ଫଳ ସ୍ୱରୂପ ଜର୍ମାନୀ ଓ ସୁଇଜରଲ୍ୟାଣ୍ଡ ଆଦି ଦେଶର ରୋମର ପୋପ ଓ କେଥୋଲିକ୍ ଚର୍ଚ୍ଚ ସହିତ ସଂପର୍କ ଛିନ୍ନ ହେଲା। ମାର୍ଟିନ ଲୁଥରଙ୍କ ମତକୁ ସ୍ୱିଜରଲ୍ୟାଣ୍ଡର ଦୁଇଜଣ ସଂସ୍କାରକ ଉଲରିଡ ଜୁଇଂଲି (Ulrigh Zwingli) (ଖ୍ରୀ.୧୪୮୪-ଖ୍ରୀ.୧୫୩୫) ଓ ଯାଁ କାଲଭିନ (Jean Calvin) (ଖ୍ରୀ୧୫୦୯-ଖ୍ରୀ.୧୫୬୪) ପ୍ରଚାର କରି ଜନପ୍ରିୟ କରାଇଥିଲେ । ସହରମାନଙ୍କରେ ବଣିକମାନେ ଉକ୍ତ ମତବାଦକୁ ଗ୍ରହଣ କରି ପ୍ରତ୍ୟକ୍ଷ ଓ ପରୋକ୍ଷ ସାହାଯ୍ୟ କରିଥିଲେ କିନ୍ତୁ ଗ୍ରାମାଞ୍ଚଳରେ ସଂସ୍କାରର ପ୍ରଭାବ ସୁଦୃଢ ନଥିଲା ଓ ଲୋକେ ସହଜରେ ଗ୍ରହଣ କରିନଥିଲେ । ଫଳସ୍ୱରୂପ କ୍ୟାଥୋଲିକ୍ ଗୀର୍ଜାର ପ୍ରଭାବ ଗ୍ରାମାଞ୍ଚଳରେ ବଳବତ୍ତର ରହିଲା ।

ଜର୍ମାନୀର ଅନ୍ୟ ଏକ ସଂସ୍କାରକ ଗୋଷ୍ଠୀ ଆନାବାପଟିଷ୍ଟ (Anabaptist) ପ୍ରଚାର କଲେ ଯେ ମାନବ ଜାତିକୁ ଇଶ୍ୱର ସମଦୃଷ୍ଟିରେ ସୃଷ୍ଟି କରିଛନ୍ତି । ତେଣୁ ଜଣେ ଆଉ ଜଣଙ୍କଠାରୁ କର ଆଦାୟ କରିବା ଓ ଦେବାର ପ୍ରଶ୍ନ ଉଠୁ ନାହିଁ। ସେମାନେ ମୁକ୍ତିର ସମସ୍ତ ବାଟକୁ ସାମାଜିକ ଶୋଷଣର ଅନ୍ତ ସହିତ ଯୋଡିଲେ । ଏପରି ଏକ ବୈପ୍ଳବିକ ମତ ନିଷ୍କେଷିତ ଚାଷୀ ମୂଲିଆଙ୍କ ପ୍ରାଣସ୍ପର୍ଶୀ ହେଲା । ଏପରି ଏକ ସଂପୂର୍ଣ୍ଣ ପରିବର୍ତ୍ତନମୂଳକ ଚିନ୍ତାଧାରା ଦ୍ୱାରା ପ୍ରେରିତ ହୋଇ ଚାଷୀମାନେ ବିଦ୍ରୋହ କଲେ । ରାଜାମାନେ ଏହି ବିଦ୍ରୋହକୁ ଦମନ କଲେ, କିନ୍ତୁ ବୈପ୍ଳବିକ ଚିନ୍ତାଧାରା ବଂଚି ରହିଲା ଓ ଫ୍ରାନ୍ସର

ପ୍ରୋଟେଷ୍ଟାଣ୍ଟମାନଙ୍କ ପ୍ରତିରୋଧ ଆନ୍ଦୋଳନରେ ମିଶିଗଲା । ଫ୍ରାନସରେ କ୍ୟାଥୋଲିକ ଶାସକ ଦ୍ୱାରା ଉତ୍ପୀଡିତ ହୋଇ ପ୍ରୋଟେଷ୍ଟାଣ୍ଟମାନେ ଘୋଷଣା କଲେ ଯେ ଉତ୍ପୀଡ଼କ ରାଜାଙ୍କୁ ଶାସନରୁ ହଟାଇ ନିଜ ପସନ୍ଦର ଲୋକଙ୍କୁ ଶାସନ ଭାର ଦେବାର ଅଧିକାର ଲୋକଙ୍କ ପାଖରେ ଅଛି । ଶେଷରେ ଫ୍ରାନସର ପ୍ରୋଟେଷ୍ଟାଣ୍ଟମାନଙ୍କ ପୂଜା କରିବା ଅଧିକାରକୁ କ୍ୟାଥୋଲିକ ଗୀର୍ଜା ସ୍ୱୀକାର କଲା । ଇଂଲଣ୍ଡ ରାଜା ପୋପଙ୍କ ସହିତ ସଂପର୍କ ଛିନ୍ନ କରି ତାଙ୍କ ଦେଶର ଗୀର୍ଜା ବ୍ୟବସ୍ଥାର ମୁଖ୍ୟ ହେଲେ ।

ପରିବର୍ତ୍ତନ ଓ ସଂସ୍କାରର ସୁଅ ଦ୍ୱାରା କ୍ୟାଥୋଲିକ ଚର୍ଚ୍ଚ ପ୍ରଭାବିତ ହେଲା । ଗୀର୍ଜା ଭିତରୁ ସଂସ୍କାରର ସ୍ୱର ବାହାରି ସଂସ୍କାର ପର୍ବ ଆରମ୍ଭ ହେଲା । ସ୍ପେନ ଓ ଇଟାଲୀରେ ପାଦ୍ରୀମାନେ ସରଳ ଜୀବନଯାପନ ଶୈଳୀ ଓ ଗରିବଙ୍କ ସେବା ଉପରେ ଜୋର ଦେଲେ । ୧୫୪୦ ମସିହାରେ ସ୍ପେନର ଇଗନାଇଟସ ଲୋଏଲୋ (Ignitus Loyola) ସୋସାଇଟି ଫର ଯେସସ୍ (Society for Jesus) ସ୍ଥାପନ କଲେ ପ୍ରୋଟେଷ୍ଟାଣ୍ଟବାଦକୁ ଜବାବ ଦେବା ପାଇଁ । ତାଙ୍କର ଅନୁଗାମୀଙ୍କୁ ନାମ ଦିଆଗଲା ଯେସୁଇଷ୍ଟ (Jesuits) । ଯେସୁଇଷ୍ଟମାନେ କାର୍ଯ୍ୟରେ ଗରିବ ନାରାୟଣର ସେବା ଏବଂ ଅନ୍ୟମାନଙ୍କ ସଂସ୍କୃତି ଉପରେ ଜ୍ଞାନ ଆହରଣ କରିବା ଲକ୍ଷ୍ୟ ଓ ମିଶନାରୀ ଶପଥ ନେଇ ଆଗକୁ ବଢିଲେ ।

## ବୈଜ୍ଞାନିକ ଆବିଷ୍କାର ଓ ପ୍ରମାଣ

ଖ୍ରୀଷ୍ଟିଆନ ସମାଜ ବିଶ୍ୱାସ କରୁଥିଲା ଯେ ପୃଥିବୀ ପାପ ଭୂମି ଓ ପାପ ଏତେ ଅଧିକ ହେଲା ଯେ ପାପର ବୋଝରେ ପୃଥିବୀ ସ୍ଥିର ବା ଅଚଳ ହୋଇଗଲା । ପୃଥିବୀ ବିଶ୍ୱର କେନ୍ଦ୍ରସ୍ଥଳ ଏବଂ ପୃଥିବୀ ଚର୍ତୁପାର୍ଶ୍ୱରେ ଦିବ୍ୟ ଗ୍ରହମାନେ ଆବର୍ତ୍ତନ କରୁଛନ୍ତି । ଏ ସମସ୍ତ ଧାରଣା ଓ ବିଶ୍ୱାସକୁ ବୈଜ୍ଞାନିକମାନେ ସଂପୂର୍ଣ୍ଣ ନୂତନ ଦୃଷ୍ଟିକୋଣରୁ ପ୍ରଶ୍ନ କଲେ । କୋପରନିକସ (Copernicus) (ଖ୍ରୀ.୧୪୭୩-ଖ୍ରୀ.୧୫୪୩)ଙ୍କ ବୈଜ୍ଞାନିକ ଦୃଷ୍ଟିକୋଣ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଲା । ସେ ଦୃଢ ଭାବରେ ପ୍ରମାଣ କଲେ ଯେ ପୃଥିବୀ ଏବଂ ଗ୍ରହମାନେ ସୂର୍ଯ୍ୟ ଚାରିପାଖେ ଆବର୍ତ୍ତନ କରୁଛନ୍ତି କିନ୍ତୁ ଧର୍ମଯାଜକଙ୍କ ପ୍ରତିକ୍ରିୟା ଭୟରୁ ସେ ତାଙ୍କ ଲିଖିତ ପାଣ୍ଡୁଲିପିକୁ ପ୍ରକାଶ ନକରିବା ପାଇଁ ମନସ୍ଥ କଲେ । କାରଣ ସେ ଜାଣିଥିଲେ ଯେ ରକ୍ଷଣଶୀଳ ଧର୍ମଯାଜକମାନେ ସହଜରେ ତାଙ୍କ ପ୍ରମାଣକୁ ସ୍ୱୀକାର କରିବେ ନାହିଁ । ସେ ତାଙ୍କ ମୃତ୍ୟୁ ଶଯ୍ୟାରେ ତାଙ୍କର ଲିଖିତ ପାଣ୍ଡୁଲିପି 'ଡି ରିଭୋଲ୍ୟୁସନିବସ' (De Revolutionibus or The Rotation)କୁ ତାଙ୍କ ଶିଷ୍ୟ ଜେଆଚିମ୍ ରେଟିକସଙ୍କୁ (Joachim Raticus) ପ୍ରଦାନ କରିଥିଲେ । କୋପରନିକସଙ୍କ ମତକୁ ଗ୍ରହଣ କରିବା ପାଇଁ ଲୋକଙ୍କୁ ସମୟ ଲାଗିଥିଲା । ତାଙ୍କର ମୃତ୍ୟୁର ପ୍ରାୟ ୫୦ ବର୍ଷ ପରେ ଜୋହାନେସ କେପଲର (Johannes Kepler) (ଖ୍ରୀ.୧୫୭୧-ଖ୍ରୀ.୧୬୩୦) ଏବଂ ଗାଲିଲିଓଙ୍କର (Galilio) (ଖ୍ରୀ.୧୫୬୪-ଖ୍ରୀ.୧୬୪୨) ଲେଖା ମାଧ୍ୟମରେ ପୃଥିବୀ, ସ୍ୱର୍ଗ, ଦିବ୍ୟଗ୍ରହ ଓ ପାର୍ଥିବ ଗ୍ରହ ମଧ୍ୟରେ ପ୍ରଭେଦ ବିଷୟକ ଜ୍ଞାନର ସଞ୍ଚାର ହେଲା । କେପଲର ତାଙ୍କର କୃତି 'କସମୋଗ୍ରାଫିକଲ ମିସଷ୍ଟ୍ରି' (Cosmographical mystery)ରେ ଦର୍ଶାଇଲେ ଯେ ଗ୍ରହମାନେ ସୂର୍ଯ୍ୟଚାରି ପାଖରେ

ଅଣ୍ଡାକାର ବୃତ୍ତରେ ବୁଲନ୍ତି ଏବଂ ପୃଥିବୀ ସୌର ଜଗତରେ ଏକ ଗ୍ରହ । ଗାଲିଲିଓ ତାଙ୍କର କୃତି 'ଦି ମୋସନ' (The Motion)ରେ ପୃଥିବୀ ଓ ସୌରଜଗତ ବିଷୟ ଧାରଣାକୁ ଦୃଢ ନିଶ୍ଚିତ କଲେ ଓ ଏହାର ପ୍ରମାଣ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଉପସ୍ଥାପନ କଲେ । ଯେତେବେଳେ ଆଇଜାକ ନ୍ୟୁଟନ (Isac Newton) (ଖ୍ରୀ.୧୬୪୩-ଖ୍ରୀ.୧୭୨୭) ମାଧ୍ୟାକର୍ଷଣ ଶକ୍ତି ମତବାଦ ପ୍ରମାଣ ସହ ଉପସ୍ଥାପନ କଲେ ବୈଜ୍ଞାନିକ ବିପ୍ଳବ ଚରମସୀମାରେ ପହଞ୍ଚିଲା ।

ବୈଜ୍ଞାନିକ ଏବଂ ଚିନ୍ତାଶୀଳ ବ୍ୟକ୍ତିଙ୍କ କୃତି ଉପସ୍ଥାପନ କଲା ଯେ ବିଶ୍ୱାସ ଓ ଜ୍ଞାନ ମଧ୍ୟରେ ପାର୍ଥକ୍ୟ ଅଛି । ନିରୀକ୍ଷଣ, ତଥ୍ୟାନୁସନ୍ଧାନ ଓ ପରୀକ୍ଷଣରୁ ଲାଭ ହୁଏ ଜ୍ଞାନ । ବୈଜ୍ଞାନିକମାନଙ୍କର ପରୀକ୍ଷା ନିରୀକ୍ଷା, ଅନୁସନ୍ଧାନରୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନର ସୂତ୍ରପାତ ହୋଇ ବିକାଶ ଲାଭ କଲା । ଏହି ବିକାଶକୁ ବିଜ୍ଞମାନେ ବୈଜ୍ଞାନିକ ବିପ୍ଳବର ଆଖ୍ୟା ଦେଲେ ।

ଫଳସ୍ୱରୂପ ଧାର୍ମିକ ବିଶ୍ୱାସରେ ଅନାସ୍ଥା ପୋଷଣ କରୁଥିବା ଓ ଭଗବାନଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରୁଥିବା ବ୍ୟକ୍ତି ଈଶ୍ୱର ଓ ଭଗବାନଙ୍କ ବଦଳରେ ପ୍ରକୃତିକୁ ସୃଷ୍ଟିର ଉତ୍ସ ବୋଲି ଗ୍ରହଣ କଲେ । ଯେଉଁମାନେ ଈଶ୍ୱର ବିଶ୍ୱାସୀ ଥିଲେ ତାଙ୍କର ଚିନ୍ତାଧାରାରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଲା । ସେମାନେ କହିଲେ ଈଶ୍ୱର ସୃଷ୍ଟିକର୍ତ୍ତା, କିନ୍ତୁ ପାର୍ଥିବ ସଂସାର ମଣିଷ କୃତ । ପ୍ୟାରିସ୍ ଏକାଡେମି ଓ ରୟାଲ ସୋସାଇଟି ଇନ ଲଣ୍ଡନ ପରି ବୈଜ୍ଞାନିକ ସଂସ୍ଥାରେ ବୈଜ୍ଞାନିକମାନେ ବିଜ୍ଞାନସମ୍ମତ ଚିନ୍ତାଧାରାକୁ ଲୋକପ୍ରିୟ କରି ଏକ ନୂତନ ସଂସ୍କୃତି ସୃଷ୍ଟି କଲେ ।

ଶିକ୍ଷା ପାଠ୍ୟ ଖସଡାରେ ଓ ଶିକ୍ଷା ପଦ୍ଧତିରେ ବୈଜ୍ଞାନିକ ପରିବର୍ତ୍ତନର ସୂତ୍ରପାତ ଇଉରୋପର ଅନେକ ବିଶ୍ୱ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା ଓ ବିଶେଷ କରି ପିଟ୍ରାର୍କଙ୍କ ନିଜ ସହର ଫ୍ଲୋରେନସର ନୂତନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଉଲ୍ଲେଖଯୋଗ୍ୟ । ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଫ୍ଲୋରେନସ୍ ସହରର ଇଉରୋପର ବାଣିଜ୍ୟ କିମ୍ବା ଶିକ୍ଷା ମାନଚିତ୍ରରେ କୌଣସି ସ୍ଥାନ ନଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ପଂଚଦଶ ଶତାବ୍ଦୀରେ ଏହା ବାଣିଜ୍ୟ ବ୍ୟବସାୟ ଓ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ସହର ହୋଇଗଲା । ଦାନ୍ତେ ଏଲିଘିଏରି (Dante Alighieri) (ଖ୍ରୀ୧୨୬୫-ଖ୍ରୀ୧୩୨୧) ଜଣେ ଧର୍ମଯାଜକ ନହୋଇ ଧର୍ମ ବିଷୟବସ୍ତୁ ଉପରେ 'ଡିଭାଇନ କମେଡ଼ି' (Divine comedy) ପୁସ୍ତକ ଲେଖିଲେ ଏବଂ ଗିଓର୍ଟୋ (Giotto) (ଖ୍ରୀ.୧୨୬୭-ଖ୍ରୀ.୧୩୩୭) ନାମକ ଜଣେ ଚିତ୍ରକର ଜୀବନ୍ତ ମଣିଷ, ପଶୁ ଓ ପକ୍ଷୀଙ୍କ ରଙ୍ଗୀନ ଚିତ୍ରପଟ ଆଙ୍କିବା ଆରମ୍ଭ କଲେ । ସେ ସମୟରେ ଇଉରୋପରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଥିଲା କାରଣ ତାଙ୍କ ପୂର୍ବରୁ ଓ ସମସାମୟିକମାନେ କେବଳ ଧର୍ମ ନିର୍ଦ୍ଧାରିତ ବିଷୟବସ୍ତୁ ଉପରେ ଚିତ୍ର ଆଙ୍କୁଥିଲେ ଯାହା ପ୍ରାୟତଃ ଅସ୍ୱାଭାବିକ ବା ଅବାସ୍ତବ ଥିଲା । ସେ ସମୟରୁ ଫ୍ଲୋରେନସ୍ ସହର ବୁଦ୍ଧିଜୀବୀଙ୍କ ସର୍ବାଧିକ ଆଗ୍ରହଜାତକାରୀ ଓ କଳା କ୍ଷେତ୍ରରେ କଳାତ୍ମକ ସୃଜନଶୀଳ ସ୍ଥଳର ପ୍ରାଣକେନ୍ଦ୍ର ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା । ସେ ସମୟରେ ଯେଉଁ ବ୍ୟକ୍ତି ବିଭିନ୍ନ କଳା କୌଶଳର ଅଧିକାରୀ ଓ ବହୁବିଧ କଳାରେ ଆଗ୍ରହୀ ସେମାନଙ୍କୁ 'ରିନାଁସା ମେନ' (Renaissance Men) ବୋଲି ଆଖ୍ୟା ଦିଆଯାଉଥିଲା । ସେମାନେ ଥିଲେ ଏକାଧାରରେ ଜ୍ଞାନୀ, କୂଟନୀତିଜ୍ଞ, କଳାକାର ଓ ଈଶ୍ୱରତତ୍ତ୍ୱ ବିଶେଷଜ୍ଞ ।

ଇଟାଲୀର ସହରମାନଙ୍କରେ ସମୟୋଚିତ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା ଯାହା ଥିଲା ଇଉରୋପର ଅଗ୍ରଣୀ ବିଶ୍ୱବିଦ୍ୟାଳୟ । ସେମାନେ ପାଠ୍ୟଖସଡାରେ କ୍ରମେ ପରିବର୍ତ୍ତନ ଆଣି ଏହାକୁ ବିଜ୍ଞାନ ସମ୍ମତ ଓ ଲୋକ ସଂସ୍କୃତି ଆଧାରିତ କଲେ ।

ଏକାଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀର ଇତିହାସ ଅଧ୍ୟୟନର କେତେକ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ମଧ୍ୟରୁ ପ୍ରଥମଟି ହେଲା ଚିନ୍ତାଧାରାରେ ପରିବର୍ତ୍ତନ । ଧିରେ ଧିରେ ବ୍ୟକ୍ତିଗତ କାର୍ଯ୍ୟକ୍ଷେତ୍ର ଓ ସାର୍ବଜନୀନ କାର୍ଯ୍ୟକ୍ଷେତ୍ର ପୃଥକ ହେଲା । ବ୍ୟକ୍ତିଗତ କାର୍ଯ୍ୟକ୍ଷେତ୍ରରେ ରହିଲା ପାରିବାରିକା ସମ୍ପର୍କ ଓ ବ୍ୟକ୍ତିଗତ ଧର୍ମ ଧାରଣା ଓ ସାର୍ବଜନୀନ କାର୍ଯ୍ୟକ୍ଷେତ୍ରରେ ସରକାର, ସରକାରୀ ସଂସ୍ଥା ଓ ଆନୁଷ୍ଠାନିକ ଧର୍ମ । ଜଣେ ବ୍ୟକ୍ତିର ବ୍ୟକ୍ତିଗତ ତଥା ସାର୍ବଜନୀନ ଭୂମିକା ରହିଲା । ସେ କେବଳ ସମାଜର ଜଣେ ସଭ୍ୟ ନୁହେଁ, ତାର ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଅଛି ଓ ତାର ବ୍ୟକ୍ତି ସ୍ୱାଧୀନତା ଓ ପରିଚୟ ଅଛି ଏହା ସ୍ୱୀକାର୍ଯ୍ୟ ହେଲା ।

ଦ୍ୱିତୀୟ ପରିବର୍ତ୍ତନ ଆସିଲା ଆଞ୍ଚଳିକ ପରିଚୟକୁ ନେଇ । ଭାଷା ଭିତ୍ତିକ ପରିଚୟର ସୂତ୍ରପାତ ହେଲା ଏବଂ ଭାଷାଭିତ୍ତିକ ରାଷ୍ଟ୍ର ଜନ୍ମ ନେଲା । ଆଗରୁ ଥିବା ସମାଜଭିତ୍ତିକ, ଲାଟିନଭିତ୍ତିକ ଓ ଧର୍ମଭିତ୍ତିକ ପରିଚୟ ଧିରେ ଧିରେ ବିଲୀନ ହୋଇଗଲା ।

ତୃତୀୟ ଉପଲବ୍ଧି ହେଲା ଇଉରୋପର ସାଂସ୍କୃତିକ ପରିବର୍ତ୍ତନର ରୂପରେଖ କେବଳ ରୋମ ଓ ଗ୍ରୀସର ଶାସ୍ତ୍ରୀୟ ପରମ୍ପରା ଓ ସଭ୍ୟତାର ପ୍ରଭାବରୁ ହୋଇନଥିଲା । ସେମାନେ ଭାରତ, ଇରାନ, ଆରବ, ଚୀନ ଓ ମଧ୍ୟ ଏସିଆରୁ ଶିକ୍ଷାଲାଭ କରିଥିଲେ । ରୋମ ପତ୍ନତତ୍ତ୍ୱ ଖନନ ଓ ସାହିତ୍ୟର ପୁନରୁଦ୍ଧାର ନିଶ୍ଚିତ ଭାବରେ ପୁରାତନ ସଭ୍ୟତାର ପ୍ରଶଂସା ଓ ସମ୍ମାନ ସୃଷ୍ଟି କରିଥିଲା । ଅନେକ ବିଦ୍ୟାରେ ଏସିଆ ରୋମ ଓ ଗ୍ରୀସଠାରୁ ଆଗୁଆ ଥିଲା । ଇସଲାମ ଧର୍ମର ପ୍ରସାର ଓ ମଙ୍ଗୋଲମାନଙ୍କ ଇଉରୋପ ଆକ୍ରମଣ ଇଉରୋପ, ଏସିଆ ଓ ଦକ୍ଷିଣ ଆଫ୍ରିକାକୁ କେବଳ ରାଜନୈତିକ ଦୃଷ୍ଟିକୋଣରୁ ନୁହେଁ ,ବାଣିଜ୍ୟ, ବ୍ୟବସାୟ, ଜ୍ଞାନ କୌଶଳ ଓ ଶିକ୍ଷା ଆହରଣ ପାଇଁ ସଂଯୋଗ ସ୍ଥାପନ କରିଥିଲା । ଇତିହାସର ଇଉରୋପ କେନ୍ଦ୍ରିକ ଅଧ୍ୟୟନରେ ବାହ୍ୟ ପ୍ରଭାବ ବିଶେଷ କରି ଏସିଆ ଓ ଆଫ୍ରିକା ମହାଦେଶର ଅବଦାନ ବିଷୟରେ ଆଲୋଚନା ହୋଇନାହିଁ ।

ଚତୁର୍ଥ ଉପଲବ୍ଧି ହେଲା ତଥାକଥିତ ଇଉରୋପର ସାହିତ୍ୟ ଓ ଇଟାଲୀର ସଂସ୍କୃତିର 'ମଧ୍ୟଯୁଗ', 'ଅନ୍ଧାରଯୁଗ' ଏବଂ "ବିକାଶ ବନ୍ଦ" ଥିବା ଧାରଣା ଇତିହାସର ଅବମାନନା ମାତ୍ର । କାରଣ ତଥାକଥିତ 'ପୁନର୍ଜନ୍ମ' ବା 'ନବୋଦୟ'ର ଅନେକ ବିଷୟବସ୍ତୁ ଓ ଅନୁଭୂତି ଇଟାଲୀରେ ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀର ଉପଲବ୍ଧ ଥିଲା । ଫ୍ରାନସ ଦେଶରେ ନବମ ଶତାବ୍ଦୀରେ ସାହିତ୍ୟ ଓ କଳାର ନବୋଦୟ ହୋଇଥିଲା ।

ଶେଷ ଉପଲବ୍ଧି ଏହି ଯେ ନିଶ୍ଚିତ ଭାବରେ ଗ୍ରୀସ ଓ ରୋମର ପୁରାତନ ସାହିତ୍ୟ, ସଂସ୍କୃତି, କଳା, ସ୍ଥାପତ୍ୟ ନୂତନ ଉଦ୍ଦୀପନା ଓ ପ୍ରେରଣା ଯୋଗାଇଥିଲା । ଫଳତଃ ସଂସ୍କୃତିରେ ନୂତନ ଉତ୍ସାହ, ନୂତନ ସୃଷ୍ଟି ଓ ଗତିଶୀଳତା ଆସିଲା

କିନ୍ତୁ କଳା ସ୍ଥାପତ୍ୟ ଓ ସଂସ୍କୃତିର ସଂପୂର୍ଣ୍ଣ 'ନବୋଦୟ' ବା 'ପୁର୍ନଜନ୍ମ' ଆଖ୍ୟା ଦେବା ଐତିହାସିକ ଭୁଲ ହେବ । ଧାର୍ମିକ ଚିନ୍ତାଧାରାରେ ବୈପ୍ଳବିକ ପରିବର୍ତ୍ତନ ଆସିଥିଲେ ମଧ୍ୟ ଇଉରୋପର ସମାଜରେ ଧର୍ମ ଏକ ସୁଦୃଢ ଅଂଶ ଭାବରେ ମଣିଷ ଜୀବନକୁ ପ୍ରଭାବିତ କରୁଥିଲା ଓ କରିଆସୁଛି ।

## ସାରାଂଶ

ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ, ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀରେ ପଶ୍ଚିମ ଇଉରୋପରେ ପ୍ରାଚୀନ ଗ୍ରୀକ୍ ଓ ରୋମୀୟ ପ୍ରତିଷ୍ଠିତ ଶାସ୍ତ୍ରଗୁଡ଼ିକ ପ୍ରତି ଜନସମାଜର ଏକ ଅସାଧାରଣ ଅନୁରକ୍ତି ଜନ୍ମ ହୋଇଥିଲା । ଏହି ଅନୁରକ୍ତି ପ୍ରାଚୀନ ଗ୍ରୀକ୍ ତଥା ରୋମୀୟ ସଂସ୍କୃତି, ସାହିତ୍ୟ, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ଚିତ୍ରକଳାରେ ପର୍ଯ୍ୟବସିତ ହେଲା । ଏହା ଦ୍ୱାରା ପ୍ରାଚୀନ ସଂସ୍କୃତିର ପୁନରୁଦ୍ଧାର ହେଲା । ଏହା ରେନେସାଁ ବା ସାଂସ୍କୃତିକ ପୁନର୍ଜାଗରଣ / ନବଜାଗରଣ ନାମରେ ବିଦିତ ହେଲା । ଏହା ଯୋଗୁଁ ସମଗ୍ର ପଶ୍ଚିମ ଇଉରୋପରେ ଏକ ବୌଦ୍ଧିକ ବିପ୍ଳବର ସୂତ୍ରପାତ ହେଲା । ମଧ୍ୟଯୁଗୀୟ ପୃଷ୍ଠଭୂମିରେ ପ୍ରାଚୀନ ସଂସ୍କୃତିଗୁଡ଼ିକ ଏକ ନୂତନ ସାଂସ୍କୃତିକ ପରିବେଶ ସୃଷ୍ଟି କରିବା ସଂଗେ ସଂଗେ ସ୍ୱାଧୀନ ଚିନ୍ତାଧାରାର ବିକାଶ ପାଇଁ ମଧ୍ୟ ସହାୟକ ହୋଇଥିଲା । ଏହା ମଧ୍ୟ ସଂସ୍କୃତିର ବିଭିନ୍ନ ଅଙ୍ଗ କଳା, ସାହିତ୍ୟ ଓ ବିଜ୍ଞାନ ସମ୍ପର୍କିତ ଭାବଧାରାକୁ ମଧ୍ୟଯୁଗୀୟ ଚିନ୍ତାଧାରାରୁ ମୁକ୍ତ କଲା । ଧାର୍ମିକ ଚିନ୍ତାଧାରାରେ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା ।

# ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।

(କ) କେଉଁ ଯୁଗକୁ ଅନ୍ଧକାର ଯୁଗ ଭାବରେ ନାମିତ କରାଯାଇଛି ?

(i) ପ୍ରାଚୀନ ଯୁଗ (ii) ମଧ୍ୟ ଯୁଗ (iii) ଆଧୁନିକ ଯୁଗ (iv) ପ୍ରାଗ୍ ଐତିହାସିକ ଯୁଗ

(ଖ) ମୁଦ୍ରଣଯନ୍ତ୍ରର ଉଦ୍ଭାବନ କିଏ କରିଥିଲେ ?

(i) ଜନ୍ ଗୁଟେନବର୍ଗ (ii) ଉଇଲିୟମ୍ କ୍ୟାକ୍ସଟନ (iii) ଗାଲିଲିଓ (iv) ନିଉଟନ୍

(ଗ) ସାଂସ୍କୃତିକ ନବଜାଗରଣ କେଉଁ ଦେଶରୁ ଆରମ୍ଭ ହୋଇଥିଲା ?

(i) ଇଂଲଣ୍ଡ (ii) ଇଟାଲୀ (iii) ଫ୍ରାନ୍ସ (iv) ସ୍ପେନ୍

(ଘ) ଦୂରବୀକ୍ଷଣ ଯନ୍ତ୍ରର ଉଦ୍ଭାବକ କିଏ ?

(i) କୋପର ନିକସ୍ (ii) ଗାଲିଲିଓ (iii) କେପଲର (iv) ନିଉଟନ୍

(ଙ) ନିଉଟନ୍‌ଙ୍କ ଶ୍ରେଷ୍ଠ ଆବିଷ୍କାର କ'ଣ ଥିଲା ?

(i) ମାଧ୍ୟାକର୍ଷଣ ଶକ୍ତି (ii) ପେଣ୍ଡୁଲମ୍ ତତ୍ତ୍ୱ (iii) ରକ୍ତ ସଞ୍ଚାଳନ ପ୍ରକ୍ରିୟା (iv) ଇଥର

(ଚ) ଡିଭାଇଡ୍ କମେଡ଼ି କିଏ ଲେଖିଥିଲେ ?

(i) ଦାନ୍ତେ (ii) ବୋକାସିଓ (iii) ପିଟର ଆବିଲାର୍ଡ (iv) ଇରାସମସ୍

(ଛ) ମୋନାଲିସାର ଚିତ୍ରକର କିଏ ?

(i) ରାଫେଲ (ii) ମାଇକେଲ ଏଞ୍ଜେଲୋ (iii) ଲିଓନାଡ଼ୋଡାଭିନ୍‌ସି (iv) ଆଲବେର୍ଟି

(ଜ) 'ଦ ପ୍ରିନ୍ସ' ପୁସ୍ତକ କିଏ ଲେଖିଥିଲେ ?

(i) ସେକ୍ସପିଅର (ii) ମାକିଆଭେଲି (iii) ଆରିଷ୍ଟୋଟଲ (iv) ଦାନ୍ତେ

୨ । ଶୂନ୍ୟସ୍ଥାନ ପୂରଣ କର ।

(କ) ଲରେଜୋ ଭାଲା ——— ପୁସ୍ତକ ରଚନା କରିଥିଲେ ।

(ଖ) ଗାଲିଲିଓ ——— ପୁସ୍ତକ ରଚନା କରିଥିଲେ ।

(ଗ) ସୂର୍ଯ୍ୟ ଚାରିପଟେ ଗ୍ରହମାନଙ୍କ ପ୍ରଦକ୍ଷିଣ ——— ପ୍ରମାଣ କରିଥିଲେ ।

(ଘ) ——— ସର୍ବପ୍ରଥମେ ମଣିଷ ଶରୀରର ବ୍ୟବଚ୍ଛେଦ କରିଥିଲେ ।

(ଙ) ମାଡୋନା ———ଙ୍କର ସୃଷ୍ଟି ।

## 'ଖ' ବିଭାଗ

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର

୩ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

(କ) ପ୍ରାଚୀନ ସାହିତ୍ୟର ଉଦ୍ଧାର ନିମନ୍ତେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ବିଦ୍ୱାନମାନଙ୍କ ନାମ ଲେଖ ।

(ଖ) କୋପରନିକସ୍ କିଏ ? ସେ କାହିଁକି ପ୍ରସିଦ୍ଧ ?

(ଗ) ନିଉଟନ୍‌ଙ୍କର ଅବଦାନ କ'ଣ ଥିଲା ?

(ଘ) ଇରାସମସ୍ କିଏ ? ତାଙ୍କର କୃତିଗୁଡ଼ିକ ଲେଖ।

(ଙ) ଫିଲିପୋ ବ୍ରୁନେଲଚି କିଏ ? ସେ କାହିଁକି ପ୍ରସିଦ୍ଧ ?

(ଚ) କେଉଁମାନଙ୍କୁ ରିନାଁସା ମେନ୍ ଆଖ୍ୟା ଦିଆଯାଉଥିଲା ?

୪। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୩ ନମ୍ବର। ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ଭିତରେ ସୀମିତ ରହିବା ଉଚିତ।

(କ) ପ୍ରାଚୀନ ସାହିତ୍ୟର କିପରି ପୁନରୁଦ୍ଧାର ହେଲା ?

(ଖ) କାସାନଡ୍ରା ଫିଡେଲ କିଏ ? ତାଙ୍କର ଅବଦାନ ଉଲ୍ଲେଖ କର।

(ଗ) ମାର୍ଟିନ୍ ଲୁଥର କିଏ ? ସେ କାହିଁକି ଗୀର୍ଜା ବିରୁଦ୍ଧରେ ସଂଗ୍ରାମ କଲେ ?

(ଘ) ପଞ୍ଚଦଶ ଶତାବ୍ଦୀରେ ଜ୍ୟୋର୍ତିବିଜ୍ଞାନ କ୍ଷେତ୍ରରେ କିପରି ପରିବର୍ତ୍ତନ ଆସିଲା ?

(ଙ) ବାସ୍ତବବାଦୀ କଳାକାରଙ୍କର କୃତି ଆଲୋଚନା କର।

(ଚ) ସୋସାଇଟି ଫର ଜେସସ୍ କିଏ ସ୍ଥାପନା କରିଥିଲେ ? କାହିଁକି ?

## 'ଗ' ବିଭାଗ

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର

୫। ସାଂସ୍କୃତିକ ଜାଗରଣ ସମୟରେ ବିଜ୍ଞାନ ଓ କଳା କ୍ଷେତ୍ରରେ କିପରି ପରିବର୍ତ୍ତନ ଆସିଥିଲା ବର୍ଣ୍ଣନା କର।

୬। ଇଉରୋପରେ ଆସିଥିବା ପରିବର୍ତ୍ତିତ ପରମ୍ପରା ଉପରେ ଆଲୋକପାତ କର।

୭। ଖ୍ରୀଷ୍ଟିଆନ୍ ଧର୍ମରେ ଘଟିଥିବା ପରିବର୍ତ୍ତନ ଉପରେ ଟିପ୍ପଣୀ ଲେଖ।

— ❖ —

ନବମ ଅଧ୍ୟାୟ

# ୟୁରୋପୀୟମାନଙ୍କ ନୂତନ ସନ୍ଧାନ ନିମନ୍ତେ ଜଳଯାତ୍ରା

# (ପଞ୍ଚଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ)

ଭୌଗୋଳିକ ଆବିଷ୍କାର ପଞ୍ଚଦଶ ଶତାବ୍ଦୀରେ ପର୍ତ୍ତୁଗୀଜ ଓ ସ୍ପେନୀୟ ଆରମ୍ଭ କରିଥିଲେ ବୋଲି ଧାରଣା ଥିଲା। କିନ୍ତୁ ଅନୁସନ୍ଧାନରୁ ଜଣାପଡିଛି ଯେ ଆରବ, ଚୀନ ଓ ଭାରତର ଲୋକେ ଜଳପଥରେ ଯାତ୍ରା କରି ବାଣିଜ୍ୟ କରୁଥିଲେ ପଞ୍ଚଦଶ ଶତାବ୍ଦୀ ପୂର୍ବରୁ । ଘେଲିସେନିଆ ଓ ମାଇକ୍ରୋସିଆର ବଣିକମାନେ ପ୍ରଶାନ୍ତ ମହାସାଗର ପାର କରି ବାଣିଜ୍ୟ କରିଥିଲେ । ନରଓ୍ୱେର ଭାଇକିଂମାନେ ଏକାଦଶ ଶତାବ୍ଦୀରେ ଉତ୍ତର ଆମେରିକାରେ ପ୍ରବେଶ କରିସାରିଥିଲେ ।

## ଦିଗ ନିର୍ଣ୍ଣୟ ଯନ୍ତ୍ର ଓ ନୌଯାତ୍ରା କୌଶଳର ଉନ୍ନତି

ପଞ୍ଚଦଶ ଶତାବ୍ଦୀ ବେଳକୁ ସାମାଜିକ, ଆର୍ଥିକ ପରିବର୍ତ୍ତନ ସହ ମଣିଷର ଧାରଣା ବିଶେଷତଃ କରି ପୃଥିବୀର ଆକାର, ମହାସାଗର, ମହାଦେଶ ବିଷୟରେ  ପରିବର୍ତ୍ତନ ଆସିଲା । ଚୁମ୍ବକୀୟ ଦିଗ ନିର୍ଣ୍ଣାୟକ ଯନ୍ତ୍ର ୧୩୮୦ ବେଳକୁ ପ୍ରଚଳନ ଥିଲା। ପଞ୍ଚଦଶ ଶତାବ୍ଦୀରେ ନାବିକମାନେ ଏହି ଦିଗ ନିର୍ଣ୍ଣୟ ଯନ୍ତ୍ର (Mariners’ Compass) ବ୍ୟବହାର କରି ସମୁଦ୍ରରେ ବହୁ ଦୂର ଯାତ୍ରା କରିବାର ସାହସ ବାନ୍ଧି ପାରିଲେ । ସୌଭାଗ୍ୟବଶତଃ ଡଙ୍ଗା ଓ ଜାହାଜ  ତିଆରିରେ ନୂତନ କୌଶଳ ଦ୍ୱାରା  ଉଚ୍ଚମାନର ପାଲ ବା ପୋତ ଦ୍ୱାରା ପରିଚାଳିତ  ହେଉଥିବା ବଡ ବଡ ଡଙ୍ଗା ଓ ଜାହାଜର ବ୍ୟବହାର ବଢିଲା। ତଦ୍ୱାରା ନାବିକମାନେ ନିଜ ସାଙ୍ଗେ ଯଥେଷ୍ଟ ମାଲ ଓ ଆବଶ୍ୟକ ସରଞ୍ଜାମ, ନିଜର ବ୍ୟବହାର୍ଯ୍ୟ  ଜିନିଷ, ଖାଦ୍ୟ ପଦାର୍ଥ ତଥା ଆତ୍ମରକ୍ଷା ଯନ୍ତ୍ରପାତି ନେଇପାରିଲେ।

## ଲିଖିତ ପୁସ୍ତକରୁ ପ୍ରେରଣା

ନୌଯାତ୍ରା, ଭୂଗୋଳ, ଭୂ ତଥା ଜୀବଜଗତର ସୃଷ୍ଟି ସମ୍ପର୍କିତ ସୃଷ୍ଟି ବିଜ୍ଞାନ ଉପରେ ଲିଖିତ ପୁସ୍ତକରୁ ଅନେକ ସୂଚନା ମିଳିଲା ଏବଂ ସାରା ଇଉରୋପରେ ଆଗ୍ରହ ବଢିଲା ଦୂର ନୌଯାତ୍ରା ପାଇଁ ।  ବିଶେଷ କରି ପର୍ତ୍ତୁଗାଲ ଓ ସ୍ପେନ ନାବିକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ସମୁଦ୍ରରେ ଦୀର୍ଘ ଯାତ୍ରା କରି ଭୌଗୋଳିକ ଆବିଷ୍କାର ପାଇଁ । ‘ମାର୍କୋପୋଲୋଙ୍କ ଭ୍ରମଣ ବୃତ୍ତାନ୍ତ’ (Travels of Marcopolo) ‘ମରଚାଣ୍ଟସ ହେଣ୍ଡବୁକ୍’ (Merchant’s Handbook) ‘ସିକ୍ରେଟସ୍ ଅଫ୍ ଫେଥଫୁଲ୍ କ୍ରୁସେଡର’ (Secrets of Faithful Crusader), ‘ହୋଲିଲ୍ୟାଣ୍ଡ’ (Holyland) ଏବଂ ମିଶର ଦେଶର ଲେଖକ ଟଲେମି (Ptolemy)ଙ୍କ ପୁରାତନ ଭୂଗୋଳ ବହିର ପ୍ରକାଶନ ଇଉରୋପରେ ନୂତନ ପ୍ରେରଣା ଓ ଉତ୍ସାହ ସୃଷ୍ଟି କଲା।

## ଶାସକ ବର୍ଗଙ୍କ ଆର୍ଥିକ ସାହାଯ୍ୟ ଓ ପ୍ରୋତ୍ସାହନ

ୟୁରୋପୀୟ ଓ ବିଶେଷ ଭାବରେ ସ୍ପେନ ଓ ପର୍ତ୍ତୁଗାଲର ଶାସକ ବର୍ଗ ଦୀର୍ଘ ଦିନ ଜଳଯାତ୍ରା ପାଇଁ ନାବିକମାନଙ୍କୁ ଆର୍ଥିକ ସାହାଯ୍ୟ ଓ ପ୍ରୋତ୍ସାହନ ଦେବା ପଛରେ କାରଣ ନିହିତ ଅଛି । ନିଶ୍ଚିତ ଭାବେ ରୌପ୍ୟ, ସ୍ୱର୍ଣ୍ଣ ଓ ଧନ ରତ୍ନ ଲାଭ କରିବାର ଆଗ୍ରହ ସହିତ ନିଜର ଗୌରବ, ସମ୍ମାନ ଏବଂ ଉପାଧି ବଢାଇବାର ଆଶା ମଧ୍ୟ ଥିଲା । ମୋଟାମୋଟି ଭାବରେ ସାମାଜିକ, ଆର୍ଥିକ ଓ ଧାର୍ମିକ ଅଭିପ୍ରାୟ ସଂଶ୍ଳିଷ୍ଟ ଥିଲା ଦୀର୍ଘ ଜଳଯାତ୍ରା ପ୍ରୟାସରେ। ସ୍ପେନ ରାଜତ୍ୱରୁ ପର୍ତ୍ତୁଗାଲ ୧୧୩୯ରେ ସ୍ୱାଧିନତା ପାଇଲା। ପରବର୍ତ୍ତୀ କାଳରେ ପର୍ତ୍ତୁଗାଲର ନାବିକ ରାଜା ହେନେରୀ ନାବିକମାନଙ୍କୁ ସଙ୍ଗଠିତ କରି ପଶ୍ଚିମ ଆଫ୍ରିକା ସ୍ୱିଟା (Ceuta) ରେ ପ୍ରଥମ ଉପନିବେଶ ସ୍ଥାପନ କଲେ ୧୪୧୫ ଖ୍ରୀଷ୍ଟାବ୍ଦରେ । ମୂଲ୍ୟବାନ ଧାତୁ ଲାଭ ସହିତ ଆଫ୍ରିକାବାସୀଙ୍କୁ ଦାସ ରୂପେ ବ୍ୟବହାର କଲେ । ହେନେରୀ ସ୍କୁଲ ଅଫ୍ ନେଭିଗେସନ (School of Navigation) ସ୍ଥାପନ କରି ନାବିକମାନଙ୍କୁ ଜଳଯାତ୍ରାର ପ୍ରଶିକ୍ଷଣ ଦେଲେ ।

ଲାପୋ ଗୋନସାଲଭେସ (Lopo Gonslaves) ବିଷୁବ ରେଖା ଅତିକ୍ରମ କଲେ । । ବାରଥୋଲୋ ମ୍ୟୁ ଡାଏସ୍ (Bartholo mew Daiz) ଦକ୍ଷିଣ ଆଫ୍ରିକାର ଉତ୍ତମାଶା ଅନ୍ତରୀପ ବା କେପ୍ ଅଫ୍ ଗୁଡ ହୋପ୍ (Cape of Good Hope) ପର୍ଯ୍ୟନ୍ତ ଜଳଯାତ୍ରା କଲେ ।

## ୟୁରୋପର ଅର୍ଥନୈତିକ ଦୁରବସ୍ଥା

ଚତୁର୍ଦ୍ଦଶ ଓ ପଞ୍ଚଦଶ ଶତାବ୍ଦୀରେ ୟୁରୋପରେ ବାଣିଜ୍ୟ ବ୍ୟବସାୟ ବାଧାପ୍ରାପ୍ତ ହେଲା । ସୁନାରୂପା ଧାତୁର ଅଭାବ ଦେଖାଦେଲା । ଏପରିକି ମୁଦ୍ରା ତିଆରି ପାଇଁ ପର୍ଯ୍ୟପ୍ତ ଧାତୁ ସରକାରଙ୍କ ପାଖରେ ନଥିଲା । ଦୁର୍ଭାଗ୍ୟକୁ ପ୍ଲେଗ ମହାମାରୀରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କଲେ । ଖ୍ରୀ. ୧୪୫୩ରେ ତୁର୍କୀମାନଙ୍କ ଦ୍ୱାରା କନଷ୍ଟାଣ୍ଟିନୋପଲ ଅଧିକୃତ ହେଲା । ଫଳସ୍ୱରୂପ ୟୁରୋପୀୟମାନଙ୍କ ଦୂର ସ୍ଥାନକୁ ବିଶେଷ କରି ଏସିଆକୁ ସ୍ଥଳପଥ ବାଧାପ୍ରାପ୍ତ ହେଲା । ଇଟାଲୀୟମାନଙ୍କୁ ତୁର୍କୀମାନଙ୍କ ସହ ବ୍ୟବସାୟ ପାଇଁ ଉଚ୍ଚ ଦରରେ କର ଦେବାକୁ ପଡିଲା । ଏସିଆର ବିଳାସ ଓ ଆରାମଦାୟକ ସାମଗ୍ରୀର ଚାହିଦା ୟୁରୋପ ବଜାରରେ ଅଧିକ ଥିଲା ଓ ସରକାର ମଧ୍ୟ 'କର' ପାଉଥିଲେ । ସେଥିପାଇଁ ଏସିଆକୁ ଜଳପଥର ଆବିଷ୍କାର ଓ ବ୍ୟବହାର ଅତି ଜରୁରୀ ହୋଇପଡିଲା ।

ଏକାଦଶ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ମୁସଲମାନ ଶାସକ ବର୍ଗ ଓ ଖ୍ରୀଷ୍ଟିଆନ ଶାସକ ବର୍ଗ ମଧ୍ୟରେ ଧର୍ମ ସ୍ଥାନ ଜେରୁଜେଲମକୁ ଅକ୍ତିଆର କରିବା ପାଇଁ ଲଢେଇ ହେଲା । ଯୀଶୁଖ୍ରୀଷ୍ଟଙ୍କ କ୍ରୁଶବିଦ୍ଧ ସ୍ଥାନ ଜେରୁଜେଲମକୁ ଖ୍ରୀଷ୍ଟିଆନମାନେ ସର୍ବୋତମ ପବିତ୍ର ପୀଠ ଗଣନା କରି ମୁସଲମାନ ଶାସକଙ୍କ ହସ୍ତରୁ ଉଦ୍ଧାର କରିବା ପାଇଁ କରିଥିବା ଲଢେଇକୁ କ୍ରୁଶେଡ (Crusade) ବା ଧର୍ମଯୁଦ୍ଧର ଆଖ୍ୟା ଦିଆ ହୋଇଛି । ଦୀର୍ଘ ଦିନର ଯୁଦ୍ଧ ସହିତ ସେମାନେ ଏସିଆରେ ବାଣିଜ୍ୟ ବ୍ୟବସାୟ ମଧ୍ୟ ବଢାଇଥିଲେ । ଯୁଦ୍ଧ ସମୟରେ ନୌକା ଓ ଜାହାଜର ବ୍ୟବହାର ନାବିକମାନଙ୍କ ସାମୁଦ୍ରିକ ଯାତ୍ରା ଉପରେ ଜ୍ଞାନ ବୃଦ୍ଧିରେ ସହାୟକ ହେଲା । ଏହି ଜ୍ଞାନ ଓ ଅନୁଭୂତି ସେମାନଙ୍କୁ ସାହସ ଓ ଆଗ୍ରହ ଯୋଗାଇଲା ଦୂର ଜଳ

ଯାତ୍ରା ପାଇଁ। କ୍ରୁସେଡ ସମୟରେ ଏସିଆର ଅନୁଭୂତି ପ୍ରେରଣା ଯୋଗାଇଥିଲା ଏସିଆରେ ବାଣିଜ୍ୟ ସହିତ ରାଜନୈତିକ ପତିଆରା ବଢାଇବାକୁ, କାରଣ ଏସିଆର ଉଷ୍ମ ଜଳବାୟୁ ସେମାନଙ୍କ ପାଇଁ ଲାଭପ୍ରଦ ଥିଲା ।

ସ୍ପେନର ରାଜା ନାବିକମାନଙ୍କ ଦୁଃସାହସିକ ନେତାମାନଙ୍କୁ ସେମାନଙ୍କ ନୂତନ ଦ୍ୱୀପ ଆବିଷ୍କାର ପାଇଁ ପୁରସ୍କୃତ କରୁଥିଲେ ଏବଂ ସମୁଦ୍ରର ନାଇଟ୍ ଉପାଧି ଦେଉଥିଲେ ଓ ସ୍ପେନ ରାଜ୍ୟର ଅଧିକାର ସାବ୍ୟସ୍ତ କରି ସେ ଅଂଚଳ ଉପରେ ନାବିକଙ୍କ ଶାସନ କରିବା ଅଧିକାର ଦେଉଥିଲେ ।

ଧର୍ମ ପରାୟଣ ଖ୍ରୀଷ୍ଟିଆନ୍‌ମାନେ ଧର୍ମ ପ୍ରଚାର ପାଇଁ ନୂତନ ସୁଯୋଗ ଓ ସମ୍ଭାବନା ଦେଖିଲେ ଓ ଅଧିକ ଲୋକଙ୍କୁ ଖ୍ରୀଷ୍ଟ ଧର୍ମରେ ସାମିଲ କରିବା ପାଇଁ ଦୁଃସାହସିକ ଜଳଯାତ୍ରାର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହୋଇ ବାହାରି ପଡିଲେ ।

## କ୍ରିଷ୍ଟୋଫର କଲମ୍ବସ (ଖ୍ରୀ.୧୪୫୧-ଖ୍ରୀ.୧୫୦୬)

କଲମ୍ବସ୍ ଦୁଃସାହସିକ ଜଳଯାତ୍ରାର ଗୌରବ ଅର୍ଜନ କରିବା ପାଇଁ ନିଜ ପ୍ରୟାସରେ ନୌକା ଚାଳନା ଓ ଜଳଯାତ୍ରା କୌଶଳ ଶିଖିଥିଲେ । ସେ ନିଜକୁ ନିଜେ ନିଶ୍ଚିତ କରିଥିଲେ ଯେ ତାଙ୍କର ଜନ୍ମ ଓ ଭାଗ୍ୟରେ ଭାରତକୁ ବା ପ୍ରାଚ୍ୟକୁ ଜଳପଥ ଆବିଷ୍କାର ରହିଛି । ତାଙ୍କର ଧାରଣା ଥିଲା ଯଦି ସେ ଆଟଲାଣ୍ଟିକ ମହାସାଗରର ପଶ୍ଚିମ ଦିଗରେ ଯାତ୍ରା କରନ୍ତି ତାହେଲେ ଭାରତରେ ପହଞ୍ଚିବେ । ସେ ମାର୍କୋପୋଲୋ ଓ ତୋସକାନେଲ୍ଲି (Toscanelli)ଙ୍କ ରଚିତ ପୁସ୍ତକ ପଢି ଭୌଗୋଳିକ ଧାରଣା ବଢେଇଲେ । ସେ କାରଡିନାଲ ପିଏରି ଡି'ଏଲି (Cardinal Pierre d'Ailly)ଙ୍କ ୧୪୧୦ରେ ଲିଖିତ ଭୂଗୋଳ ଓ ଜ୍ୟୋର୍ତି ବିଜ୍ଞାନ ଲେଖା ବିଷୟରେ ଇମାଗୋ ମୁନ୍‌ଡି (Imago Mundi) ପାଠ କରି ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ସେ ତାଙ୍କର ନୌଯାତ୍ରା ଯୋଜନା ପ୍ରସ୍ତୁତ କରି ପର୍ତ୍ତୁଗାଲ ରାଜାଙ୍କୁ ପ୍ରସ୍ତାବ ଦେଲେ କିନ୍ତୁ ରାଜା ମନା କରିଦେଲେ । ସେ ଏହି ପ୍ରସ୍ତାବକୁ ଜେନୋଆ, ଭେନିସ, ଇଂଲଣ୍ଡ ଓ ସ୍ପେନର ଶାସକମାନଙ୍କୁ ମଧ୍ୟ ଦେଲେ । ଶେଷରେ ସ୍ପେନ ଶାସକ ଫର୍ଡ଼ିନାଣ୍ଡ ଓ ରାଣୀ ଇସାବେଲା ସାହାଯ୍ୟ ପାଇଁ ସ୍ୱୀକୃତି ଦେଲେ । ୧୪୯୨ ମସିହା ଅଗଷ୍ଟ ୩ ତାରିଖରେ ସ୍ପେନର ଛୋଟ ବନ୍ଦର ପାଲୋସ (Palos) ଠାରୁ ଯାତ୍ରା ଆରମ୍ଭ କଲେ ଗୋଟିଏ ନାଓ (Nao) ବା ଭାରି ଜାହାଜ ସାନ୍ତାମାରିଆ (Santa Maria) ଏବଂ ଦୁଇଟି କାରାଭାଲ ବା ଛୋଟହାଲୁକା ଜାହାଜ ପିଣ୍ଟା (Pinta) ଓ ନିନା (Nina)କୁ ନେଇ । ସାନ୍ତା ମାରିଆର ନିୟନ୍ତ୍ରଣ ଦାୟୀତ୍ୱ ନିଜେ କଲମ୍ବସ ଗ୍ରହଣ କଲେ ଓ ସଙ୍ଗରେ ରଖିଲେ ସୁଦକ୍ଷ ୪୦ ଜଣ ନାବିକ । ଅନ୍ୟ ଦୁଇ ନାବରେ ରହିଲେ ଆହୁରୀ ୪୦ଜଣ ନାବିକ । ଦୀର୍ଘ ୩୩ ଦିନ ଯାତ୍ରା କଲା ପରେ ମଧ୍ୟ ସେମାନଙ୍କୁ କେବଳ ଆକାଶ ଆଉ ଜଳ ଛଡା ଭୁଖଣ୍ଡର ଦର୍ଶନ ହେଲା ନାହିଁ । ବ୍ୟତିବ୍ୟସ୍ତ ନାବିକମାନେ କଲମ୍ବସଙ୍କୁ ଫେରିଯିବା ପାଇଁ ଜୋର ଦେଲେ । କଲମ୍ବସ ଧୈର୍ଯ୍ୟହରା ନହୋଇ ବୁଦ୍ଧି କୌଶଳ ବଳରେ ନାବିକମାନଙ୍କୁ ଶାନ୍ତ କରାଇ କିଛି ଦିନ ଯାତ୍ରା କଲେ । ଶେଷରେ ୭୧ ଦିନର ଯାତ୍ରା ପରେ ସ୍ଥଳ ଭାଗରେ ପଦାର୍ପଣ କଲେ । ପ୍ରକୃତରେ ସେ ସ୍ଥାନ ଭାରତ ନଥିଲା, ତାହା ଥିଲା ବାହାମାର ଏକଦ୍ୱୀପ ଗୁଆନାହାନୀ

(Guanahani) । ଏହି ଦ୍ୱୀପର ପରବର୍ତ୍ତୀ ନାମ ହେଲା ସାନ ସାଲଭାଡ଼ର (San Salvador) । ସେଠାକାର ଅଧିବାସୀ ଆରାଓ୍ୱାକ ଖୁସିରେ ଆମନ୍ତ୍ରଣ କରି କଲମ୍ବସ ଓ ସାଥିଙ୍କୁ ଅତିଥି ଭଳି ସତ୍‌କାର କଲେ ।

କଲମ୍ବସ ଗୁଆନାହାନିରେ ସ୍ପେନ ଦେଶର ପତାକା ଉତ୍ତୋଳନ କଲେ, ପ୍ରାର୍ଥନା ସଭାର ଆୟୋଜନ କଲେ ଏବଂ ନିଜକୁ ସେ ଅଞ୍ଚଳର ରାଜ୍ୟପାଳ ଘୋଷଣା କଲେ । ସେଠାକାର ଲୋକଙ୍କ ସାହାଯ୍ୟରେ ନିକଟରେ ଥିବା ଦୁଇଟି ବଡ ଦ୍ୱୀପ ଯଥା- କ୍ୟୁବାନାସକ୍‌ନ (Cubanasan) ଓ କିସକେୟ (Kishkeya) ଆବିଷ୍କାର କଲେ । ସେ ଭାବୁଥିଲେ ଯେ ସେ ଜାପାନ ଆବିଷ୍କାର କରିଛନ୍ତି, କିନ୍ତୁ ଏହି ଦ୍ୱୀପ ଦୁଇଟି ହେଲା ବର୍ତ୍ତମାନର କ୍ୟୁବା (Cuba) ଓ ହାଇତି (Haiti) । ସେ ନିକଟରେ ଥିବା ଦ୍ୱୀପମାନଙ୍କୁ ଯିବା ପାଇଁ ଇଚ୍ଛା ପ୍ରକାଶ କରୁଥିଲେ । କିନ୍ତୁ ସେ ଅଞ୍ଚଳର ଅନ୍ୟ ଏକ ଅଧିବାସୀ ଗୋଷ୍ଠୀ କେରିବ୍‌ମାନେ ଏହାର ପ୍ରତିରୋଧ କଲେ । ଫଳ ସ୍ୱରୂପ କଲମ୍ବସ ଫେରି ଆସିଲେ ବହୁ କଷ୍ଟରେ ୩୨ ସପ୍ତାହର ଯାତ୍ରା ପରେ । ସେ ଆହୁରି ତିନିଥର ୧୪୯୩,୧୪୯୮ ଓ ୧୫୦୨ ରେ ଜଳଯାତ୍ରା କରିଥିଲେ ଓ ବାହାମା ଦ୍ୱୀପ ଗ୍ରେଟର ଏଣ୍ଟିଲେନସ୍ ଓ ଦକ୍ଷିଣ ଆମରିକାର ସମୁଦ୍ରକୂଳ ଏବଂ ଭିତର ଭାଗ ଯାତ୍ରା କରି ସେ ଅଂଚଳକୁ ଇଣ୍ଡିଜ ଓ ଏହି ଅଞ୍ଚଳର ଅଧିବାସୀଙ୍କୁ ଲୋହିତ ଭାରତୀୟ ବା ରେଡ ଇଣ୍ଡିଆନ୍ ଆଖ୍ୟା ଦେଲେ । ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ସେ ଜାଣିପାରିଲେ ନାହିଁ ଯେ ସେ ଭାରତ ଆବିଷ୍କାର କରିନାହାନ୍ତି ବରଂ ଏକ ନୂତନ ମହାଦେଶ ଆବିଷ୍କାର କରିଛନ୍ତି ।

ପରବର୍ତ୍ତୀ କାଳରେ ଫ୍ଲୋରେନ୍ସର ଜଣେ ନାବିକ ତଥା ଭୂଗୋଳବିତ୍ ଆମେରିଗୋ ଭେସ୍‌ପୁଷି ସେ ଅଞ୍ଚଳର ବିଶାଳତା ଉପରେ ଆଲୋକପାତ କଲେ ଓ ତାକୁ ନୂତନ ବିଶ୍ୱ (New World) ବୋଲି ଅଭିହିତ କଲେ । ତାଙ୍କ ନାମ ଅନୁସାରେ ଉତ୍ତର ଆମେରିକା ଓ ଦକ୍ଷିଣ ଆମେରିକାର ନାମକରଣ ହେଲା । କଲମ୍ବସଙ୍କ ନାମରେ କେବଳ ଗୋଟିଏ ଦକ୍ଷିଣ ଆମେରିକା ଦ୍ୱୀପ କଲମ୍ବିଆ ନାମିତ ହେଲା । ୧୫୦୭ରେ ଜର୍ମାନୀର ଜଣେ ପ୍ରକାଶକ ପ୍ରଥମଥର ପାଇଁ ଆମେରିକାର ନାମ ବ୍ୟବହାର କଲେ ।

## ଭାସ୍କୋଡ଼ାଗାମା (Vasco da Gama) (ଖ୍ରୀ.୧୪୬୦-ଖ୍ରୀ.୧୫୨୪)

ଯେଉଁ ସମୟରେ କଲମ୍ବସ ଦକ୍ଷିଣ ଆମେରିକାକୁ ଭାରତ ଭାବି ବାରମ୍ବାର ଯାତ୍ରା କରିଥିଲେ ପର୍ତ୍ତୁଗାଲର ଜଣେ ନାବିକ ଭାସ୍କୋଡ଼ାଗାମା ଭାରତକୁ ଜଳପଥ ଆବିଷ୍କାର କଲେ ୧୪୯୮ ମସିହାରେ । ସେ ପର୍ତ୍ତୁଗାଲର ଏକ ସମ୍ଭ୍ରାନ୍ତ ପରିବାରରେ ଖ୍ରୀ.୧୪୬୦ରେ ଜନ୍ମଗ୍ରହଣ କରିଥିଲେ । ସମୁଦ୍ର ଯାତ୍ରା ପାଇଁ ତାଙ୍କର ପ୍ରବଳ ଆଗ୍ରହ ଥିଲା ଓ ସମୁଦ୍ର ତାଙ୍କୁ ବାଲ୍ୟକାଳରୁ ଆକୃଷ୍ଟ କରିଥିଲା । ସେ ବଡ ହୋଇ ଜଣେ ଦକ୍ଷ ନାବିକ ହେଲେ ଓ ପର୍ତ୍ତୁଗାଲ ଶାସକଙ୍କ ସାହାଯ୍ୟରେ ଆଫ୍ରିକାର ଉତ୍ତମାଶା ଅନ୍ତରୀପ ଦେଇ ଭାରତକୁ ଜଳପଥ ଆବିଷ୍କାର କଲେ । ସେ ଖ୍ରୀ.୧୪୯୭ରେ ଚାରୋଟି ଜାହାଜ ସହ ଲିସବନ ବନ୍ଦରରୁ ଯାତ୍ରା ଆରମ୍ଭ କରି ଦକ୍ଷିଣ ଆଫ୍ରିକାର ଉତ୍ତମାଶା ଅନ୍ତରୀପ ପାରି ହୋଇ ଆଫ୍ରିକାର ପୂର୍ବ ଉପକୂଳ ମାଲିନ୍ଦି ଠାରେ ପହଞ୍ଚି ଆରବ ନାବିକଙ୍କ ସହାୟତାରେ ଭାରତ ମହାସାଗରର ବାଟ ଦେଇ ୧୪୯୮ ମସିହା ମେ ମାସ ୨୦ତାରିଖରେ ଭାରତର ମାଲାବାର ଉପକୂଳ କାଲିକଟ୍‌ରେ ପହଞ୍ଚିଲେ । କାଲିକଟ୍‌ର ତତ୍‌କାଳୀନ ରାଜା ଜାମୋରିନ୍

ପର୍ତ୍ତୁଗୀଜମାନଙ୍କୁ ବାଣିଜ୍ୟ ପାଇଁ ଅନୁମତି ଦେଲେ। ଖ୍ରୀଷ୍ଟାବ୍ଦ ୧୪୯୯ରେ ଭାସ୍କୋଡାଗାମା ସ୍ୱଦେଶକୁ ବହୁ ମାତ୍ରାରେ ମସଲା ଓ ଧନ ସମ୍ପତ୍ତି ଜାହାଜମାନଙ୍କରେ ଭର୍ତ୍ତି କରି ଫେରିଥିଲେ । ପର୍ତ୍ତୁଗାଲର ରାଜା ତାଙ୍କର ଭାରତକୁ ଜଳପଥ ଆବିଷ୍କାରରେ ଖୁସି ହୋଇ ଭାରତର ଆଡମିରାଲ (Admiral of India) ଉପାଧି ପ୍ରଦାନ କରିଥିଲେ । ଭାସ୍କୋଡାଗାମା ଆଉ ଦୁଇଥର ଭାରତ ଯାତ୍ରାରେ ଆସିଥିଲେ ଓ ସେ ତାଙ୍କର ଶେଷ ନିଃଶ୍ୱାସ ଭାରତରେ ଖ୍ରୀ.୧୫୨୪ରେ ତ୍ୟାଗ କରିଥିଲେ ।

## ଫର୍ଡିନାଣ୍ଡ ମ୍ୟାଗେଲାନ (ଖ୍ରୀ.୧୪୮୦-ଖ୍ରୀ.୧୫୨୧)

ପର୍ତ୍ତୁଗାଲ ଦେଶର ଦୁଃସାହସିକ ନାବିକ ଫର୍ଡିନାଣ୍ଡ ମ୍ୟାଗେଲାନଙ୍କ ଜନ୍ମ ୧୪୮୦ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ସେ ପୃଥିବୀ ଚର୍ତୁପାର୍ଶ୍ୱ ଜଳପଥରେ ବୁଲିବାର ଦୃଢ ସଂକଳ୍ପ ନେଇଥିଲେ କାରଣ ତାଙ୍କ ଦୃଢ ବିଶ୍ୱାସ ଥିଲା ଯେ ପୃଥିବୀ ଗୋଲ ଏବଂ ଜଣେ ଯେ କୌଣସି ସ୍ଥାନରୁ ବାହାରି ଏକ ଦିଗରେ ଯାତ୍ରା କଲେ ଦିନେ ସେ ବାହାରିଥିବା ସ୍ଥାନକୁ ଫେରିଆସିବ । ସେ ଜଳପଥରେ ଭାସ୍କୋଡାଗାମା ଓ ବଣିକମାନଙ୍କ ସହିତ ଭାରତକୁ ଯାଇଥିଲେ । ଖ୍ରୀ.୧୫୧୩ରେ ଜଳଯାତ୍ରା କରି କେପ୍ ଅଫ ଗୁଡହୋପ୍ ଦେଇ ଆଫ୍ରିକାର ମରୋକ୍କୋ ଅଞ୍ଚଳରେ ପହଞ୍ଚିଲେ । ସେଠାରେ ସେ ସ୍ଥାନୀୟ ଅଧିବାସୀଙ୍କ ଆକ୍ରମଣରେ ଏକ ଅଙ୍ଗ ହରାଇଲେ । ତଥାପି ସେ ନିରୁତ୍ସାହ ନ ହୋଇ ପୃଥିବୀ ଚର୍ତୁପାର୍ଶ୍ୱରେ ଜଳପଥରେ ବୁଲିବାପାଇଁ ପର୍ତ୍ତୁଗାଲ ରାଜାଙ୍କୁ ପ୍ରସ୍ତାବ ଦେଲେ । ରାଜା ତାଙ୍କ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କଲା ପରେ ସେ ସ୍ପେନ ରାଜା ଚାର୍ଲସଙ୍କୁ ଅନୁରୋଧ କଲେ । ସ୍ପେନ ରାଜା ତାଙ୍କୁ ପାଞ୍ଚଟି ଜାହାଜ ଓ ୨୮୦ଜଣ ନାବିକ ଦେଇଥିଲେ । ଫଳସ୍ୱରୂପ ୧୫୧୯ ଖ୍ରୀଷ୍ଟାବ୍ଦରେ ପାଞ୍ଚଟି ଜାହାଜ ସାନ ଆଣ୍ଟୋନିଓ, ତ୍ରିନିଦାଦ, କନ୍‌ସେପ୍‌ସନ, ଭିକ୍ଟୋରିଆ ଓ ସାଣ୍ଟିଆଗୋରେ ସ୍ପେନର କାର୍ଡିଜ ବନ୍ଦରରୁ ଜଳଯାତ୍ରା ଆରମ୍ଭ କଲେ । ସେ ଆଟଲାଣ୍ଟିକ ମହାସାଗର ଅତିକ୍ରମ କରି ଅନ୍ୟ ଏକ ମହାସାଗରରେ ପ୍ରବେଶ କଲେ । ଆଟଲାଣ୍ଟିକ ମହାସାଗର ଅପେକ୍ଷା ଏ ମହାସାଗର ଶାନ୍ତ ଥିବାରୁ ଏହି ମହାସାଗରର ନାମ ରଖିଲେ ପ୍ରଶାନ୍ତ ମହାସାଗର । ସେ ଯେଉଁ ପ୍ରଣାଳୀ ଦେଇ ଆଟଲାଣ୍ଟିକରୁ ପ୍ରଶାନ୍ତ ମହାସାଗରରେ ପ୍ରବେଶ କରିଥିଲେ ସେ ପ୍ରଣାଳୀକୁ ମ୍ୟାଗେଲାନ ପ୍ରଣାଳୀ ବୋଲି ନାମିତ କରାଗଲା ।

ତାପରେ ଦୀର୍ଘ ତିନିମାସ ନୌଯାତ୍ରା କରିଥିଲେ ଏକ ନୂତନ ପଥରେ ଯାହା ନାବିକ ମାନଚିତ୍ରରେ ନଥିଲା । ଦୀର୍ଘ ଦିନର ଯାତ୍ରା ପରେ ସେମାନେ କେବଳ ଦୁଇଟି ମରୁଦ୍ୱୀପ ପାଇଲେ । ଫଳସ୍ୱରୂପ ଖାଦ୍ୟାଭାବ ପଡିଲା ତାଙ୍କର ଜାହାଜରେ । ଅଖାଦ୍ୟ ଖାଇବାକୁ ବାଧ ହେଲେ ଓ ନାବିକମାନେ ରୋଗଗ୍ରସ୍ତ ହେଲେ ଏବଂ କିଛି ପ୍ରାଣ ହରାଇଲେ । ଶେଷରେ ସେ ମେରିଆନା ଓ ଫିଲିପାଇନ୍ ଦ୍ୱୀପପୁଞ୍ଜରେ ପହଞ୍ଚିଲେ । ମ୍ୟାଗେଲାନଙ୍କ ନାବିକ ଓ ଫିଲିପାଇନର ଅଧିବାସୀଙ୍କ ମଧ୍ୟରେ କଳହ ସୃଷ୍ଟି ହେଲା । କଳହ ସଂଘର୍ଷରେ ପରିଣତ ହେଲା ଏବଂ ଦୁଃଖଦ ଭାବରେ ଏପ୍ରିଲ ୨୭ ତାରିଖ ୧୫୨୧ ମସିହାରେ ମ୍ୟାଗେଲାନ୍ ନିହତ ହେଲେ । ତାଙ୍କର ୨୮୦ଜଣ ନାବିକ ଦଳ ମଧ୍ୟରୁ ୧୫୨୨ ମସିହାରେ ମାତ୍ର ଅଠର ଜଣ ଜଳପଥରେ ପ୍ରଥମଥର ପାଇଁ ପୃଥିବୀ ପରିକ୍ରମା କରି ଫେରି ଆସିଥିଲେ । ପାଞ୍ଚଟି ଜାହାଜ ମଧ୍ୟରୁ ମାତ୍ର ଗୋଟିଏ ଜାହାଜ ଭିକ୍ଟୋରିଆ ପୃଥିବୀ ପରିକ୍ରମା କରି ଯାତ୍ରା ସଂପୂର୍ଣ୍ଣ କରିଥିଲା ।

## ସାର୍ ଫ୍ରାନସିସ୍ ଡ୍ରେକ୍

ଇଂରେଜ ନାବିକ ଫ୍ରାନସିସ୍ ଡ୍ରେକ ୧୫୭୭ରୁ ୧୫୮୦ମସିହା ମଧ୍ୟରେ ପୃଥିବୀ ପରିକ୍ରମା କରିଥିଲେ ଜଳପଥରେ । ସେ ଯେଉଁ ଜାହାଜରେ ପରିକ୍ରମା କରିଥିଲେ ସେ ଜାହାଜର ନାମ ଗୋଲଡେନ ହିନ୍ଦ (Golden Hind) । ଇଂଲଣ୍ଡର ରାଣୀ ଏଲିଜାବେଥ ତାଙ୍କର କାମ ପାଇଁ ତାଙ୍କୁ 'ନାଇଟ୍' ଉପାଧି ପ୍ରଦାନ କରିଥିଲେ।

ଭୌଗୋଳିକ ଆବିଷ୍କାର ଓ ନୂତନ ଜଳପଥ ଓ ନୂତନ ବିଶ୍ୱ ନୂତନ ସମ୍ଭାବନା ସୃଷ୍ଟି କଲା। ବାଣିଜ୍ୟ, ବ୍ୟବସାୟ ବହୁ ଗୁଣରେ ବଢିଗଲା । ଆଟଲାଣ୍ଟିକ ମହସାଗର ଉପକୂଳରେ ବନ୍ଦରମାନଙ୍କ ଚାହିଦା ବଢିଲା । ଫଳସ୍ୱରୂପ ଲିସବନ୍, ଲଣ୍ଡନ, ସେଭାଇଲ, କାର୍ଡିଜ ବନ୍ଦରମାନ ମୁଖ୍ୟ ସାମୁଦ୍ରିକ ବାଣିଜ୍ୟ କେନ୍ଦ୍ର ହୋଇ ବିଶ୍ୱ ପ୍ରସିଦ୍ଧ ହେଲା । ବାଣିଜ୍ୟ କ୍ଷେତ୍ରରେ ପର୍ତ୍ତୁଗାଲ, ସ୍ପେନ, ଇଂଲଣ୍ଡ ଓ ଫ୍ରାନସ୍ ନିଜନିଜର ଆଧିପତ୍ୟ ବିସ୍ତାର କଲେ । ଇଉରୋପ ଓ ଏସିଆ ମଧ୍ୟର ସ୍ଥଳପଥ ବାଣିଜ୍ୟ ଅପେକ୍ଷା ନୌ-ବାଣିଜ୍ୟ ବୃଦ୍ଧି ହେଲା । ନୂତନ ମହାଦେଶ ଆମେରିକା ଓ ଆଫ୍ରିକାର କଞ୍ଚାମାଲ ଇଉରରୋପୀୟ ବ୍ୟବସାୟୀ ନିଜ ଦେଶକୁ ନେଇ ଲାଭବାନ୍ ହେଲେ । ଭାରତରୁ ପ୍ରସ୍ତୁତ ପଦାର୍ଥର ଚାହିଦା ଇଉରୋପରେ ଅଧିକ ଥିବାରୁ ପ୍ରାରମ୍ଭ କାଳରେ ଭାରତର କଞ୍ଚାମାଲ ନ ନେଇ ଭାରତର ପ୍ରସ୍ତୁତ ଲୁଗା, ଅଳଙ୍କାର ଓ ଅନ୍ୟାନ୍ୟ ପଦାର୍ଥ ନେଇ ଲାଭବାନ୍ ହେଲେ ବଣିକମାନେ । ସେମାନେ ଆଫ୍ରିକା ଓ ଆମେରିକାରୁ ଜିନିଷ ପତ୍ର ସହିତ କୃଷ୍ଣକାୟ ଲୋକଙ୍କୁ ଦାସ କରି ଆଣି କ୍ରୀତଦାସ କରି ବିକ୍ରୀକରି ଲାଭବାନ୍ ହେଲେ ।

## ଉପନିବେଶ ସ୍ଥାପନ

ୟୁରୋପୀୟ ଦେଶ ଗୁଡିକ ନିଜ ନିଜର ସାମ୍ରାଜ୍ୟ ବିସ୍ତାର ଓ ଉପନିବେଶ ସ୍ଥାପନ ପାଇଁ ପ୍ରାଣପଣେ ଚେଷ୍ଟା କଲେ । ଭୌଗୋଳିକ ଆବିଷ୍କାର ନୂତନ ସୁଯୋଗ ସୃଷ୍ଟି କଲା । ଆମେରିକା, ଆଫ୍ରିକା ଓ ଏସିଆର ପ୍ରାକୃତିକ ସମ୍ପଦ ଓ ମାନବ ସମ୍ପଦର ବ୍ୟବହାର ତଥା ଖଣିଜ ସମ୍ପଦ ଉତ୍ତୋଳନ କରି ୟୁରୋପୀୟ ଦେଶଗୁଡ଼ିକ ଲାଭବାନ୍ ହେଲେ । ରାଜନୈତିକ ଦୁର୍ବଳତାର ସୁଯୋଗ ନେଇ ଏସିଆ, ଆଫ୍ରିକାରେ ସେମାନେ ସାମ୍ରାଜ୍ୟ ସ୍ଥାପନ କରି ଲାଭବାନ୍ ହେଲେ । ପୁଞ୍ଜିବାଦକୁ ପ୍ରୋସାହନ ମିଳିଲା । ସାମ୍ରାଜ୍ୟବାଦ, ଉପନିବେଶବାଦ ଓ ପୁଞ୍ଜିବାଦର ଶିକାର ହେଲେ ଏସିଆ, ଆମେରିକା, ଆଫ୍ରିକା ଉପନିବେଶର ଅଧିବାସୀ । ସେମାନେ ଶୋଷଣ ଓ ନିର୍ଯ୍ୟାତନା ଭୋଗିଲେ । ଆର୍ଥିକ ଅଧୋଗତି ଦେଖାଦେଲା । ୟୁରୋପୀୟ ଦେଶରେ ଧନ ସମ୍ପତ୍ତି ବଢ଼ିଲା । ସୁନା ଓ ରୂପା ସହଜରେ ପାଇଲେ । ଜଳପଥ ଶିଳ୍ପର ଅଗ୍ରଗତିରେ ସାହାଯ୍ୟ କଲା । ଆଫ୍ରିକା ଓ ଆମେରିକାରେ ଲୋକଙ୍କୁ ଶ୍ରମିକ ଓ କ୍ରୀତଦାସ ରୂପେ ସାମାଜିକ ଓ ଆର୍ଥିକ ଶୋଷଣ କଲେ ।

ଭୌଗୋଳିକ ଆବିଷ୍କାର ମାନବ ସମାଜର ଜ୍ଞାନକୁ ବହୁଗୁଣରେ ସମ୍ପ୍ରସାରଣ କରିଥିଲା । ନୂତନ ବିଶ୍ୱ ଲୋକ ଲୋଚନକୁ ଆସିଲା । ବାଣିଜ୍ୟ, ବ୍ୟବସାୟ ବଢିଲା ଓ ସଭ୍ୟତାର ଅଭିବୃଦ୍ଧି ହେଲା । ଭୌଗୋଳିକ ଜ୍ଞାନର ବିକାଶ ସଭ୍ୟତାର ଅଭିବୃଦ୍ଧିରେ ସହାୟକ ହେଲା । ଦୁଃସାହସିକ ନୌଯାତ୍ରାର ଅଭିବୃଦ୍ଧି ହେଲା । ଭୌଗୋଳିକ ଜ୍ଞାନ ସମ୍ପ୍ରସାରିତ ହେଲା । ସାମାଜିକ, ଆର୍ଥିକ, ରାଜନୈତିକ ତଥା ଧାର୍ମିକ କ୍ଷେତ୍ରରେ ସାରା ପୃଥିବୀରେ ତତ୍‌କ୍ଷଣାତ୍ ତଥା ସୁଦୂର ପ୍ରସାରୀ ପ୍ରଭାବ ପଡିଲା ।

## ସାରାଂଶ

ଭୌଗୋଳିକ ଆବିଷ୍କାର ଫଳରେ ପଞ୍ଚଦଶ ଶତାବ୍ଦୀ ବେଳକୁ ମାନବ ଇତିହାସରେ ଏକ ନୂତନ ଅଧ୍ୟାୟ ଉନ୍ମୋଚିତ ହୋଇଥିଲା । ନବଜାଗରଣ ଓ ଦୁଃସାହସିକ ଚିନ୍ତାଧାରାର ଅଭ୍ୟୁଦୟ, କ୍ରୁଶେଡ୍ ଯୁଦ୍ଧ, ନୌଯାତ୍ରାର ଉନ୍ନତି, ଭୌଗୋଳିକ ଜ୍ଞାନର ବିକାଶ, ଇଉରୋପରେ ଏସିଆର ଉତ୍ପାଦିତ ଦ୍ରବ୍ୟର ଚାହିଦା, ଖ୍ରୀଷ୍ଟଧର୍ମର ପ୍ରସାର ପାଇଁ ଆଗ୍ରହ ପ୍ରଭୃତି କାରଣ ପାଇଁ ଭୌଗୋଳିକ ଆବିଷ୍କାର ସଫଳ ହୋଇଥିଲା । ସର୍ବପ୍ରଥମେ ପର୍ତ୍ତୁଗାଲ ଦେଶର ନାବିକମାନେ ଭୌଗୋଳିକ ଆବିଷ୍କାର ପାଇଁ ଉଦ୍ୟମ ଚଳାଇଲେ । ଏଥିପାଇଁ ପର୍ତ୍ତୁଗାଲର ରାଜା ହେନେରୀଙ୍କର ସହଯୋଗ ମୁଖ୍ୟତଃ ଦାୟୀ । କ୍ରିଷ୍ଟୋଫର୍ କଲମ୍ବସ୍, ଭାସ୍କୋଡ଼ାଗାମା, ଫର୍ଡ଼ିନାଣ୍ଡ ମ୍ୟାଗେଲାନ୍ ଏବଂ ସାର୍ ଫ୍ରାନ୍ସିସ୍ ଡ୍ରେକ୍ ଏହି ଭୌଗୋଳିକ ଆବିଷ୍କାର କ୍ଷେତ୍ରରେ ଅବିସ୍ମରଣୀୟ । ଭୌଗୋଳିକ ଆବିଷ୍କାର ଫଳରେ ବାଣିଜ୍ୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ ହୋଇଥିଲା । ଉପନିବେଶବାଦର ଅଭ୍ୟୁଦୟ ଏହାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପରିଣାମ । ସଭ୍ୟତାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ପୃଥିବୀର ରାଜନୈତିକ ଇତିହାସରେ ଏହାର ସୁଦୂରପ୍ରସାରୀ ପ୍ରଭାବ ଅନୁଭୂତ ହେଲା ।

# ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

୧ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛିଲେଖ ।

(କ) ମାର୍କୋପୋଲୋ କିଏ ?

(i) ଭେନିସୀୟ ଭ୍ରମଣକାରୀ (ii) ଫରାସୀ ସଙ୍ଗୀତଜ୍ଞ

(iii) ପର୍ତ୍ତୁଗାଲର ନାବିକ (iv) ଇଂଲଣ୍ଡର ନାବିକ

(ଖ) ନାବିକ ହେନେରୀ କେଉଁ ଦେଶର ରାଜା ଥିଲେ ?

(i) ପର୍ତ୍ତୁଗାଲ (ii) ସ୍ପେନ (iii) ଇଂଲଣ୍ଡ (iv) ଫ୍ରାନ୍ସ

(ଗ) ଉତ୍ତମାଶା ଅନ୍ତରୀପ (Cape of Good hope) କିଏ ଆବିଷ୍କାର କରିଥିଲେ ?

(i) ହେନେରୀ (ii) ହକିନ୍ସ (iii) କଲମ୍ବସ (iv) ବାର୍ଥୋଲୋମିଉ ଡ଼ାୟାଜ୍

(ଘ) କଲମ୍ବସ କେଉଁ ମହାଦେଶ ଆବିଷ୍କାର କରିଥିଲେ ?

(i) ଏସିଆ (ii) ଇଉରୋପ (iii) ଆଫ୍ରିକା (iv) ଆମେରିକା

(ଙ) ଭାରତକୁ ଜଳପଥ କିଏ ଆବିଷ୍କାର କରିଥିଲେ ?

(i) କଲମ୍ବସ (ii) ମ୍ୟାଗେଲାନ୍ (iii) ଭାସ୍କୋଡାଗାମା (iv) ଡ୍ରେକ

୨ । ଶୂନ୍ୟସ୍ଥାନ ପୂରଣ କର ।

(କ) ______ ଖ୍ରୀଷ୍ଟାବ୍ଦରେ କଲମ୍ବସ ଆମେରିକା ଆବିଷ୍କାର କରିଥିଲେ ।

(ଖ) ______ଙ୍କୁ ଭାରତର ଆଡ଼ମିରାଲ ଉପାଧିରେ ଭୂଷିତ କରାଯାଇଥିଲା ।

(ଗ) ______ ଖ୍ରୀଷ୍ଟାବ୍ଦରେ ଭାରତକୁ ଜଳପଥ ଆବିଷ୍କୃତ ହୋଇଥିଲା ।

(ଘ) ______ ପ୍ରଶାନ୍ତ ମହାସାଗରର ନାମକରଣ କରିଥିଲେ ।

(ଙ) ସମଗ୍ର ପୃଥିବୀ ପରିକ୍ରମା କରିଥିବା ଜାହାଜର ନାମ ______ ଥିଲା ।

(ଚ) ______ ଙ୍କ ନାମ ଅନୁସାରେ ଆମେରିକାର ନାମକରଣ କରାଯାଇଛି ।

(ଛ) ଫର୍ଡିନାଣ୍ଡ ଓ ଇସାବେଲା ______ ଦେଶର ରାଜା ଓ ରାଣୀ ଥିଲେ ।

(ଜ) ଫ୍ରାନ୍ସିସ୍ ଡ୍ରେକଙ୍କୁ ______ ନାଇଟ୍ ଉପାଧିରେ ଭୂଷିତ କରିଥିଲେ ।

(ଝ) ଡ୍ରେକ ______ ଜାହାଜରେ ପୃଥିବୀ ପରିକ୍ରମା କରିଥିଲେ ।

(ଞ) କାଲିକଟ୍‌ର ରାଜା ______ ଥିଲେ ।

## 'ଖ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର

୩ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

(କ) ଦିଗନିର୍ଣ୍ଣୟ ଯନ୍ତ୍ର କିପରି ଭୌଗୋଳିକ ଆବିଷ୍କାରକୁ ସାହାଯ୍ୟ କଲା ?

(ଖ) ମାର୍କୋପୋଲୋ କିଏ ? ତାଙ୍କ ରଚିତ ପୁସ୍ତକର ନାମ ଲେଖ ।

(ଗ) ନାବିକ ହେନେରୀ କିଏ ?

(ଘ) ଲୋହିତ ଭାରତୀୟମାନେ କିଏ ? ସେମାନେ କେଉଁ ଅଞ୍ଚଳର ଲୋକ ?

୪ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର । ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ଭିତରେ ସୀମିତ ରହିବା ଉଚିତ ।

(କ) ଭୌଗୋଳିକ ଆବିଷ୍କାର କେଉଁ କାରଣ ଯୋଗୁଁ ସମ୍ଭବ ହୋଇଥିଲା ?

(ଖ) ନୌଯାତ୍ରାର ଉନ୍ନତିରେ ଦିଗନିର୍ଣ୍ଣୟଯନ୍ତ୍ର କିପରି ସହାୟକ ହେଲା ?

(ଗ) ଏସିଆର ଉତ୍ପାଦିତ ଦ୍ରବ୍ୟର ଉଇରୋପରେ ଚାହିଦା ଭୌଗୋଳିକ ଆବିଷ୍କାର ପାଇଁ କିପରି ଦାୟୀ ଥିଲା ?

(ଘ) ଭୌଗୋଳିକ ଆବିଷ୍କାର ପାଇଁ ପ୍ରଥମେ କିପରି ଉଦ୍ୟମ ହେଲା ?

(ଙ) କଲମ୍ବସ ପ୍ରଥମେ କିପରି ନୌଯାତ୍ରା ଆରମ୍ଭ କଲେ ?

(ଚ) ଭାସ୍କୋଡ଼ାଗାମାଙ୍କର ନୌଯାତ୍ରା ସଂକ୍ଷେପରେ ଲେଖ ।

(ଛ) ମ୍ୟାଗେଲାନଙ୍କର ନୌଯାତ୍ରା ସଂକ୍ଷେପରେ ଲେଖ ।

(ଜ) ଡ୍ରେକଙ୍କର ନୌଯାତ୍ରା ସମ୍ପର୍କରେ ଆଲୋଚନା କର ।

(ଝ) ଭୌଗୋଳିକ ଆବିଷ୍କାରର ଫଳାଫଳ ଆଲୋଚନା କର ।

## 'ଗ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର

୫ । ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀର ପ୍ରଧାନ ଭୌଗୋଳିକ ଆବିଷ୍କାର ଗୁଡ଼ିକର ବିବରଣୀ ପ୍ରଦାନ କର ।

୬ । କେଉଁ କାରଣ ଯୋଗୁଁ ଏବଂ କେଉଁ ପରିସ୍ଥିତିରେ ଇଉରୋପୀୟମାନେ ଭୌଗୋଳିକ ଆବିଷ୍କାର ପାଇଁ ପ୍ରୟାସୀ ହୋଇଥିଲେ ?

୭ । ଭୌଗୋଳିକ ଆବିଷ୍କାରର କାରଣ ଓ ଫଳାଫଳ ବର୍ଣ୍ଣନା କର ।

— ❖ —

ଦଶମ ଅଧ୍ୟାୟ

# ଆମେରିକାର ସଭ୍ୟତା

## ମାୟା, ଏଜଟେକ୍ ଓ ଇନକା

ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଧାରଣା ଥିଲା ଯେ, ୟୁରୋପୀୟବାସୀଙ୍କ ଆମେରିକା ପ୍ରବେଶ ଓ ବସତି ସ୍ଥାପନା ପରେ ସେଠାକାର ସଭ୍ୟତା ଉନ୍ନତ ହୋଇଥିଲା । ଆମେରିକାର ପ୍ରଥମ ଇତିହାସ ୟୁରୋପ ଐତିହାସିକମାନେ ରଚନା କରିଥିଲେ ଏବଂ ସେମାନଙ୍କ ଦୃଷ୍ଟିକୋଣରେ ୟୁରୋପୀୟମାନଙ୍କ ଆମେରିକା ଆବିଷ୍କାର ପୂର୍ବରୁ ଆମେରିକା ଅଧିବାସୀ ଅନୁନ୍ନତ ଥିଲେ । ସଭ୍ୟତା ନ ଥିଲା ଓ ସେଠାକାର ସଭ୍ୟତାକୁ ୟୁରୋପବାସୀ ସ୍ୱରୂପ ଦେଇଥିଲେ । କିନ୍ତୁ ନୃତତ୍ତ୍ୱବିଦ୍ ମାନଙ୍କ ଅଧ୍ୟୟନ ପ୍ରାକ୍ ୟୁରୋପୀୟ ଆମେରିକାର ଉନ୍ନତ ସଭ୍ୟତା, ସଂସ୍କୃତି ଓ ଅଧିବାସୀଙ୍କ ସମାଜ ଉପରେ ଆଲୋକପାତ କଲା । ପରବର୍ତ୍ତୀ କାଳରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ଆମେରିକାର ପୁରାତନ ସହରୀ ସଭ୍ୟତାର ଭଗ୍ନାବେଶଷ ପାଇଲେ ଓ ୧ ୯ ୧ ୧ ମସିହାରେ ମାଚୁ ପିଚୁ (Machu Picchu)ର ପୁରାତନ ସହରକୁ ଲୋକଲୋଚନକୁ ଆଣିଲେ । ଆକାଶମାର୍ଗରୁ ଉଠାଇଥିବା ଫଟୋ ଚିତ୍ର ପ୍ରକଟ କଲା ଯେ ଅନେକ ପୁରାତନ ସହରର ଅବଶେଷ ଉପରେ ଜଙ୍ଗଲ ସୃଷ୍ଟି ହୋଇଛି ।

ୟୁରୋପୀୟଙ୍କ ଆମେରିକାରେ ବସତି ସ୍ଥାପନର ହଜାର ହଜାର ବର୍ଷ ପୂର୍ବେ ସ୍ଥାନୀୟ ଲୋକେ ଦକ୍ଷିଣ ଓ ଉତ୍ତର ଆମେରିକା ତଥା ଆମେରିକାର ଭୂଖଣ୍ଡ ନିକଟରେ ଥିବା ଅନେକ ଦ୍ୱୀପ ଓ ଉପଦ୍ୱୀପରେ ବସତି ସ୍ଥାପନ କରି ରହୁଥିଲେ । ଦକ୍ଷିଣ ସାଗର ଦ୍ୱୀପ ତଥା ଏସିଆ ସହିତ ସେମାନଙ୍କ ସଂପର୍କ ଥିଲା । ଦକ୍ଷିଣ ଆମେରିକାର ଆମାଜୋନ ନଦୀ ବିଶ୍ୱର ବୃହତ୍ତମ ନଦୀ ମଧ୍ୟରୁ ଅନ୍ୟତମ । ଏହା ପାହାଡ଼ଘେରା ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ବହିଯାଇଛି । ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଦକ୍ଷିଣ ଆମେରିକାର ଅନେକ ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । କେନ୍ଦ୍ର ଆମେରିକାର ମେକ୍ସିକୋ ଅଞ୍ଚଳରେ ସମୁଦ୍ର କୂଳ ଓ ସମତଳ ଅଞ୍ଚଳରେ ଘନ ଜନବସତି ଥିବା ସତ୍ତ୍ୱେ ଆଭ୍ୟନ୍ତରୀଣ ଅଞ୍ଚଳରେ ଜଙ୍ଗଲ ଭିତରେ ସ୍ଥାନେ ସ୍ଥାନେ ଗ୍ରାମମାନ ଦେଖିବାକୁ ମିଳେ ।

### ଆମେରିକାର ମୂଳ ଅଧିବାସୀ ଓ ସଭ୍ୟତା

ୱେଷ୍ଟଇଣ୍ଡିଜ ଓ ତାର ନିକଟବର୍ତ୍ତୀ କେରିବିୟନ ସାଗରରେ ଶହ ଶହ ଦ୍ୱୀପରେ ବସବାସ କରୁଥିବା ଅଧିବାସୀମାନଙ୍କୁ କେରିବ (Carib) କୁହାଯାଏ । ଏ ଅଞ୍ଚଳ ବାହାମା (Bahama) ଏବଂ ଗ୍ରେଟର ଏନ୍‌ଟିଲେସ (Greater Antilles) ନାମରେ ପ୍ରସିଦ୍ଧିଲାଭ କରିଛି । ସ୍ଥାନୀୟ ଅଧିବାସୀ ମଧ୍ୟରେ କେରିବ ଓ ଆରାଓ୍ୱାକିୟନ ଲିକୋୟୋସ (Arawakian

Lucayos) ଗୋଷ୍ଠୀ ପ୍ରଧାନ । କେରିବ ଆଦିବାସୀ ନିଜର ସ୍ୱାତନ୍ତ୍ର୍ୟ ଓ ଆଧିପତ୍ୟ ଜାହିର କରି ଅନ୍ୟକୁ ସହଜରେ ଗ୍ରହଣ କରନ୍ତି ନାହିଁ। କିନ୍ତୁ ଆରାଓ୍ୱାକିୟ ଆଦିବାସୀମାନେ ଉଦାରମନା । ସେମାନେ ଅନ୍ୟକୁ ସହଜରେ ଗ୍ରହଣ କରନ୍ତି ଏବଂ ବୁଝାମୁଣାରେ ବିଶ୍ୱାସ କରନ୍ତି । ସେମାନେ ଶିକାର, ମାଛଧରା, କୃଷି ଉପରେ ନିର୍ଭର କରି ପ୍ରାରମ୍ଭରୁ ଜୀବିକା ନିର୍ବାହ କରୁଥିଲେ । ସେମାନେ ଫମ୍ପା କାଠଗଣ୍ଡିକୁ ସୁନ୍ଦର ଭାବରେ ସଜାଇ ହାଲୁକା ଡଙ୍ଗା ତିଆରି କରି ସମୁଦ୍ର ଭିତରକୁ ଯାତ୍ରା କରିବାରେ ସିଦ୍ଧହସ୍ତ ଥିଲେ ।

ଆଦିବାସୀ ସ୍ୱଗୋତ୍ର ପରିବାରବର୍ଗ ନେଇ ଏକ ମୁଖିଆଙ୍କ ନେତୃତ୍ୱରେ ସଂଗଠିତ ଥିଲେ । ତାଙ୍କର ମୌଳିକ ସାଂସ୍କୃତିକ ମୂଲ୍ୟବୋଧ, ଲୋକ ସଂଗଠନ, ସାମୁହିକ ଖାଦ୍ୟର ଉତ୍ପାଦନ ଓ ସମାଜର ପ୍ରତ୍ୟେକ ସଭ୍ୟ ପାଇଁ ଖାଦ୍ୟର ବ୍ୟବସ୍ଥା ଉପରେ ଆଧାରିତ ଥିଲା । ସେମାନେ ପ୍ରତ୍ୟେକ ବସ୍ତୁରେ ଜୀବନ ଥିବାର ବିଶ୍ୱାସ କରୁଥିଲେ ।

ଆରାଓ୍ୱାକ ଆଦିବାସୀ କୁଶଳୀ ବୁଣାକାର ଥିଲେ । ତାଙ୍କର ବୟନ ଶୈଳୀ ଉଚ୍ଚକୋଟୀର ଥିଲା । ସୁଦକ୍ଷ ବୁଣାକାରଙ୍କ ପ୍ରସ୍ତୁତ ଦୋଳିଶଯ୍ୟା ୟୁରୋପୀୟମାନଙ୍କ ଦୃଷ୍ଟି ଆକର୍ଷଣ କରି ମୁଖ୍ୟ ଚାହିଦା ହେଲା । ସେମାନେ ସୁନାକୁ ମହତ୍ତ୍ୱ ବା ମୂଲ୍ୟ ଦେଉନଥିଲେ ମଧ୍ୟ ସୁନା ଅଳଙ୍କାର ବ୍ୟବହାର କରୁଥିଲେ । ସୁନା ବଦଳରେ ୟୁରୋପୀୟମାନଙ୍କ ଠାରୁ କାଚ ଗୋଲିରେ ତିଆରି ମାଳି ଗ୍ରହଣ କରୁଥିଲେ । ସେମାନେ ଉଦାର ହୃଦୟରେ ସ୍ପେନବାସୀଙ୍କୁ ସୁନା ଖୋଜିବାରେ ସାହାଯ୍ୟ କଲେ, କିନ୍ତୁ ପରବର୍ତ୍ତୀ କାଳରେ ସ୍ପେନର ନିଷ୍ଠୁର ନୀତି ଓ ଶୋଷଣ ବିରୋଧରେ ବିଦ୍ରୋହ କଲେ । ସ୍ପେନୀୟମାନେ ଆରଓ୍ୱାକମାନଙ୍କୁ ଦମନ କରି ସେମାନଙ୍କର ସରଳ ଉଦାରବାଦୀ ସଂସ୍କୃତିକୁ ନଷ୍ଟଭ୍ରଷ୍ଟ କରିଦେଲେ ।

ଦକ୍ଷିଣ ଆମେରିକାର ପୂର୍ବ ଉପକୂଳରେ ଅନ୍ୟ ଏକ ଆଦିବାସୀ ସଂପ୍ରଦାୟ ତୁପିନାମ୍ବା (Tupinamba) ଘଞ୍ଚ ଜଙ୍ଗଲ ମଧ୍ୟରେ ଛୋଟ ଛୋଟ ଗ୍ରାମମାନଙ୍କରେ ବସବାସ କରୁଥିଲେ । ଜଙ୍ଗଲରେ 'ବ୍ରାଜିଲଉଡ୍' ବୃକ୍ଷ ଅଧିକ ଥିବାରୁ ସେ ଅଞ୍ଚଳର ନାମ ହେଲା ବ୍ରାଜିଲ । ଜଙ୍ଗଲରେ ଫଳମୂଳ, ପନିପରିବା ପ୍ରଚୁର ଥିଲା ଓ ଜଙ୍ଗଲ ମଧ୍ୟରେ ଅନେକ ଜଳାଶୟରେ ପ୍ରଚୁର ମାଛ ଥିଲା । ଜଙ୍ଗଲ ଜାତୀୟ ଦ୍ରବ୍ୟ ଓ ମାଛ ଧରା ଉପରେ ସେମାନେ ନିର୍ଭର କରି ଜୀବିକା ନିର୍ବାହ କରୁଥିଲେ । ସେମାନେ କୃତ୍ରିମ ଚାଷକୁ ଗୁରୁତ୍ୱ ଦେଉନଥିଲେ । ତେଣୁ ଜଙ୍ଗଲ ସଫା କରୁନଥିଲେ କିମ୍ୱା ଲୁହାର ବ୍ୟବହାର କରୁନଥିଲେ । ତାଙ୍କ ସମାଜରେ ରାଜା, ସୈନ୍ୟଦଳ କିମ୍ୱା ଗୀର୍ଜା ନ ଥିବା ଦେଖି ୟୁରୋପୀୟବାସୀ ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ । ସେମାନେ ଥିଲେ ଅମୃତର ସନ୍ତାନ ।

## କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାରେ ରାଜ୍ୟ ସ୍ଥାପନ

ରାଜ୍ୟ ସ୍ଥାପନ, ସରକାର ଗଠନ ଓ ଶାସନ ବ୍ୟବସ୍ଥାର ଭରଣପୋଷଣ ପାଇଁ ଅଧିକ ଉତ୍ପାଦନ ସହ ଉତ୍ପାଦନର ଯଥେଷ୍ଟ ବଳକା ପ୍ରାକ ଜରୁରୀ । ଆଦିବାସୀମାନଙ୍କ ରାଜ୍ୟ ସ୍ଥାପନ କରିବା ଅସମ୍ଭବ ନୁହେଁ। କିନ୍ତୁ ଆଦିବାସୀମାନଙ୍କ ଅନଗ୍ରସର ଉତ୍ପାଦନ ପ୍ରଣାଳୀ ଓ ଅର୍ଥନୀତି ଜୀବନ ଧାରଣ ସାଧନରେ ସୀମିତ ଥିଲେ ବଡ ରାଜ୍ୟ ସ୍ଥାପନ ସମ୍ଭବ ନୁହେଁ । ସେ ଦୃଷ୍ଟିରୁ କେରିବିୟନ ଓ ବ୍ରାଜିଲ ଅଞ୍ଚଳରେ ବୃହତ ରାଜ୍ୟ ବ୍ୟବସ୍ଥା ସ୍ଥାପନ ନ ହୋଇ ଛୋଟ ଛୋଟ ଗ୍ରାମ ଓ ସହର

ଗଢି ଉଠିଥିଲା । କିନ୍ତୁ ମଧ୍ୟ ଆମେରିକାର ଏଜ୍‌ଟେକ (Aztek) ମାୟା (Maya) ଓ ଇନ୍‌କା (Inca)ମାନଙ୍କ ସମାଜରେ ଉତ୍ପାଦିତ ଖାଦ୍ୟଶସ୍ୟ ଯଥେଷ୍ଟ ବଳକା ଥିଲା ଓ କୃଷି ପ୍ରଣାଳୀ ଉନ୍ନତ ଥିଲା। ସେମାନେ ଖଣିଜ ପଦାର୍ଥର ଉତ୍ତୋଳନ ଓ ବ୍ୟବହାର ଜାଣିଥିଲେ ଓ ବ୍ୟବସାୟ ମଧ୍ୟ କରୁଥିଲେ । ଫଳସ୍ୱରୂପ ସହର ସଭ୍ୟତା ଗଢି ଉଠିବାର ସମସ୍ତ ଉପାଦାନ ଉପଲବ୍‌ଧ ଥିଲା। ଏଣୁ ଗଢିଉଠିଥିଲା ଏକ ଉନ୍ନତ ସହରୀ ସଭ୍ୟତା । କେଉଁ କାରଣରୁ ତାହା ଧ୍ୱଂସ ପ୍ରାପ୍ତ ହେଲା ତାହାର ସଠିକ୍ ଅଧ୍ୟୟନ ହୋଇପାରି ନାହିଁ। କିନ୍ତୁ ସେ ଅଂଚଳରେ ଉପଲବ୍‌ଧ ଭଗ୍ନାବଶେଷରେ ସ୍ଥାପତ୍ୟ କଳାର ବିରାଟ ସ୍ମାରକୀ ଆଜି ପର୍ଯ୍ୟନ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍‌ଧ କରି ଆସୁଛି ।

## ମାୟା ବା ପ୍ରାଚୀନ ମଧ୍ୟ ଆମେରିକୀୟ ସଭ୍ୟତା

କେନ୍ଦ୍ର ଆମେରିକାର ମେକ୍ସିକୋ ଅଞ୍ଚଳରେ ଏକାଦଶ ଶତାବ୍ଦୀ ଓ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ମାନବ ସଭ୍ୟତା ଉନ୍ନତି ପଥରେ ଥିଲା। ଏ ସଭ୍ୟତାକୁ ଆମେରିକାର ମାୟା ଅଧିବାସୀମାନେ ସ୍ଥାପନ କରିଥିଲେ । ମାୟା ସଭ୍ୟତା କୃଷି କୈନ୍ଦ୍ରିକ ଥିଲା । ଖାଦ୍ୟଶସ୍ୟର ପ୍ରଚୁର ଉତ୍ପାଦନ ମାୟା ସଭ୍ୟତାକୁ ସୁଦୃଢ କରିଥିଲା । ସେମାନଙ୍କ ଜୀବନ, ସଂସ୍କୃତି, ଧାର୍ମିକ କର୍ମକର୍ମାଣି କୃଷି କୈନ୍ଦ୍ରିକ ଥିଲା । ମଞ୍ଜି ବୁଣିବା, ଶସ୍ୟ ଫଳିବା ଓ ଶସ୍ୟକୁ ଅମଳ କରି ଗୃହକୁ ନେବା ସମୟରେ ତାଙ୍କର ପର୍ବପର୍ବାଣୀ, ଯାନିଯାତ୍ରା ପାଳନ କରୁଥିଲେ । ଦେବାଦେବୀଙ୍କ ଉଦ୍ଦେଶ୍ୟରେ ଖାଦ୍ୟଶସ୍ୟ ଅର୍ପଣ କରି ଧାର୍ମିକ ଉତ୍ସବ ପାଳନ କରୁଥିଲେ। ଉନ୍ନତ ଫଳପ୍ରଦ କୃଷି ଉତ୍ପାଦନ ଓ ପଶୁପାଳନ ଲୋକଙ୍କ ଦୈନନ୍ଦିନ ଚାହିଦାଠୁଁ ବଳକା ଓ ଅତିରିକ୍ତ ଖାଦ୍ୟଶସ୍ୟ ମାୟା ସଭ୍ୟତାର ସମସ୍ତଙ୍କୁ ସମୃଦ୍ଧ କରିବାରେ ସାହାଯ୍ୟ କରିଥିଲା । ଶାସକବର୍ଗ, ପୁରୋହିତ ଗୋଷ୍ଠୀପତିଙ୍କ ଉଦବୃତ୍ତ ଶସ୍ୟ ପ୍ରେରଣା ଦେଇଥିଲା କୃଷିକୁ ଆହୁରି ବିକଶିତ କରିବାକୁ। ସେମାନଙ୍କ ବଳକା ଧନକୁ ଅନ୍ୟ କ୍ଷେତ୍ରରେ ଉପଯୋଗ କରି ସୁନ୍ଦର ସୁନ୍ଦର ଘର, ପ୍ରାସାଦ, ମନ୍ଦିର ତିଆରି କଲେ । ସ୍ଥପତିମାନଙ୍କୁ ପ୍ରୋତ୍ସାହନ ଦେଇ ବିନିଯୋଗ କଲେ । ମାୟା ସଭ୍ୟତାବାସୀ ନିଜର ଭାବ ଓ ଚିନ୍ତା ପ୍ରକାଶ କରିବା ପାଇଁ ଛବିଲିପିର ବ୍ୟବହାର କଲେ । ଆଜି ପର୍ଯ୍ୟନ୍ତ ତାଙ୍କର ଛବିଲିପିରେ ଲିଖିତ ବିଷୟବସ୍ତୁର ସଂପୂର୍ଣ୍ଣ ଅର୍ଥ ନିରୂପିତ ହୋଇନାହିଁ । ମାୟା ସଭ୍ୟତାବାସୀ ଜ୍ୟୋତିର୍ବିଦ୍ୟାରେ ବିଶେଷ ଅଗ୍ରଗତି କରିଥିଲେ । ସମୟ ଓ ଋତୁ ପରିବର୍ତ୍ତନର ଲକ୍ଷ୍ୟ କରି ଚାଷ କରୁଥିଲେ । ସେମାନେ ଗଣିତ ବିଦ୍ୟାର ବିକାଶ କରିଥିଲେ । ତାଙ୍କର ପ୍ରାସାଦ, ମନ୍ଦିର ନିର୍ମାଣ ପାଇଁ ସଠିକ ମାପ କରୁଥିଲେ । ଜମିଜମା ମାପ ପାଇଁ ଗଣିତ ଓ ଜ୍ୟାମିତିର ବ୍ୟବହାରରେ ବର୍ଗକ୍ଷେତ୍ର, ଚତୁର୍ଭୂଜ ତିଆରି କରି ଉନ୍ନତି ସାଧନ କରିଥିଲେ । ସହର ରାଜ୍ୟମାନେ ଗଢି ଉଠିଥିଲେ ଚତୁର୍ଦ୍ଦଶ ଶତାବ୍ଦୀରେ । ଥିଓଟିହିୟୁକାନ ସହର ରାଜ୍ୟ, ମେକ୍ସିକୋ ଅଞ୍ଚଳ ଉନ୍ନତ ଥିଲା । ସେମାନଙ୍କ ମନ୍ଦିର ପିରାମିଡ୍ ପରି ତିଆରି ହେଉଥିଲା । ଉତ୍ସବ ପାଳନ ପାଇଁ ଉତ୍ସବ କେନ୍ଦ୍ରମାନ ସ୍ଥାପନ କରିଥିଲେ ।

## ଏଜ୍‌ଟେକମାନଙ୍କ ସଭ୍ୟତା

ଆମେରିକାର ଏଜଟେକ୍ ଅଧିବାସୀମାନେ ଉତ୍ତର ଆମେରିକାରୁ ମେକ୍‌ସିକୋ ଅଞ୍ଚଳର କେନ୍ଦ୍ରୀୟ ଉପତ୍ୟକାରେ ଦ୍ୱାଦଶ ଶତାବ୍ଦୀରେ ପ୍ରବେଶ କଲେ । ସେ ଅଞ୍ଚଳର ଆଦିବାସୀଙ୍କୁ ଛୋଟ ଛୋଟ ରଣରେ ପରାସ୍ତ କରି ନିଜ ସାମ୍ରାଜ୍ୟ

ବିସ୍ତାର କଲେ । ଆଦିବାସୀ ମୁଖ୍ୟଙ୍କଠାରୁ ବାର୍ଷିକ ଭେଟି ସଂଗ୍ରହ କଲେ । ମାୟାଙ୍କ ପରି ଏଜ୍‌ଟେକ ମାନେ ମଧ୍ୟ ଖାଦ୍ୟଶସ୍ୟ ଉତ୍ପାଦନ ଉନ୍ନତ କୃଷି ପ୍ରଣାଳୀରେ କରୁଥିଲେ ।

ସେମାନଙ୍କ ସମାଜ ଢାଞ୍ଚା ବହୁସ୍ତର ବିଶିଷ୍ଟ ଥିଲା । ତାଙ୍କ ସାମାଜିକ ସ୍ତରବିନ୍ୟାସ, ମର୍ଯ୍ୟାଦାକ୍ରମିକ ଥିଲା । ସମ୍ଭ୍ରାନ୍ତବର୍ଗରେ ସମ୍ଭ୍ରାନ୍ତ ପରିବାର ରକ୍ତ ସମ୍ପର୍କୀୟ ବ୍ୟକ୍ତି, ପୁରୋହିତ ଏବଂ ରାଜ୍ୟର ପଦପଦବୀରେ ଥିବା ବ୍ୟକ୍ତି ଥିଲେ । ଏମାନଙ୍କ ମଧ୍ୟରୁ କେତେଜଣ ଉତ୍ତରାଧିକାରୀ ସୂତ୍ରରେ ଉଚ୍ଚତର ପଦାଧିକାରୀ, ସେନାଧ୍ୟକ୍ଷ ଓ ରାଜ ପୁରୋହିତ ଆସନ ଅଳଙ୍କୃତ କରୁଥିଲେ । ସମ୍ଭ୍ରାନ୍ତ ଗୋଷ୍ଠୀ ନିଜ ମଧ୍ୟରୁ ଜଣଙ୍କୁ ସର୍ବୋଚ୍ଚ ନେତା ଚୟନ କରୁଥିଲେ । ରାଜା ତାଙ୍କ ଜୀବନ ଶେଷ ପର୍ଯ୍ୟନ୍ତ ଏଜ୍‌ଟେକ ରାଜ୍ୟର ମୁଖିଆ ରହୁଥିଲେ । ଲୋକେ ରାଜାଙ୍କୁ ଧରାପୃଷ୍ଠରେ ସୂର୍ଯ୍ୟ ଦେବତାଙ୍କ ପ୍ରତିନିଧି ଭାବରେ ସମ୍ମାନ ଦେଉଥିଲେ । ତାଙ୍କ ସମାଜରେ ପୁରୋହିତ, ଯୋଦ୍ଧା ଓ ସମ୍ଭ୍ରାନ୍ତ ପରିବାରବର୍ଗଙ୍କୁ ଉଚ୍ଚସ୍ଥାନ ଦେଉଥିଲେ । ଶିକ୍ଷକ, ଚିକିତ୍ସକ ଏବଂ କଳାକାରଙ୍କ ସମ୍ମାନ ବି କମ୍ ନଥିଲା ସେମାନଙ୍କ ସମାଜରେ । ବ୍ୟବସାୟୀମାନେ ସମାଜରେ ବିଶେଷ ସୁବିଧାସୁଯୋଗ ଉପଭୋଗ କରୁଥିଲେ । ସମୟ ସମୟରେ ରାଜାମାନେ ସେମାନଙ୍କୁ ନିଜର ରାଷ୍ଟ୍ରଦୂତ ରୂପେ ଅନ୍ୟ ଦେଶକୁ ପଠାଉଥିଲେ ତଥା ଅନ୍ୟ ଦେଶର ଗୁପ୍ତ ଖବର ଆଣିବା ପାଇଁ ଗୁପ୍ତଚର ମୁତୟନ କରୁଥିଲେ ।

ଏଜ୍‌ଟେକ ମାନେ କଠିନ ପରିଶ୍ରମୀ ଥିଲେ । ତାଙ୍କର ଦେଶରେ ଚାଷଜମି ସୀମିତ ଥିଲା । ସେଥିପାଇଁ ପତିତ ଜମିର ଉଦ୍ଧାର କରି ଚାଷ ଉପଯୋଗୀ କରୁଥିଲେ । ସେମାନେ ଦୃଢମନା ଥିଲେ ବୁଦ୍ଧି, ବିଦ୍ୟା ଓ ପରିଶ୍ରମରେ । ସନ୍ତସନ୍ତିଆ ସ୍ଥାନରେ ବଢୁଥିବା ଏକ ପ୍ରକାର ଉଦ୍ଭିଦର ନାଡ଼କୁ ଘନଭାବରେ ଛନ୍ଦି ଆସ୍ତରଣ ରୂପେ ଆଚ୍ଛାଦିତ କରି ତା ଉପରେ ମାଟି ପକାଉଥିଲେ । ତାପରେ ଚାରା ଓ ବିବିଧ ଉଦ୍ଭିଦ ଲଗାଇ ଅତି ଉର୍ବର ଜମି ସୃଷ୍ଟିକରି ମେକ୍ସିକୋ ହ୍ରଦରେ 'ଚୀନାମପାସ୍' (Chinampas) ବା କୃତ୍ରିମ ଦ୍ୱୀପ ସ୍ଥାପନପୂର୍ବକ ଇତିହାସରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । କୃଷିର ଉନ୍ନତି ପାଇଁ ସେମାନେ କେନାଲ ବ୍ୟବସ୍ଥା ମଧ୍ୟ କରିଥିଲେ । ୧୩୨୫ ଖ୍ରୀଷ୍ଟାବ୍ଦରେ ସେମାନେ ତାଙ୍କର ରାଜଧାନୀ ଟେନୋକତିତ୍‌ଲାନ୍ (Tenochtitlan) ସହର ସ୍ଥାପନ କଲେ । ତାଙ୍କର ସ୍ଥାପତ୍ୟ ଅତି ମନୋରମ, ଦୂରରୁ ଦେଖିଲେ ତାଙ୍କ ପ୍ରାସାଦ, ମନ୍ଦିର ଏବଂ ପିରାମିଡ୍ ହ୍ରଦର ଜଳ ମଧ୍ୟରୁ ଦେବତାଙ୍କୁ ସମର୍ପିତ ଥିଲା । ଯଦିଓ ଏଜ୍‌ଟେକମାନଙ୍କ ସହର ଆକର୍ଷଣୀୟ ଥିଲା ତାଙ୍କ ସାମ୍ରାଜ୍ୟର ମୂଳପିଣ୍ଡ ଥିଲା ଗ୍ରାମାଞ୍ଚଳ । କୃଷି ତାଙ୍କର ମୁଖ୍ୟ ଜୀବନ ଓ ଜୀବିକା ଥିଲା । ଖାଦ୍ୟଶସ୍ୟ, ବିନସ୍, ଆଳୁ, କଖାରୁ, ଲାଉ, କନ୍ଦା ଓ ଅନ୍ୟାନ୍ୟ ଫଳ ଚାଷ ହେଉଥିଲା । ଗ୍ରାମାଞ୍ଚଳରେ ଜମି ଗୋଷ୍ଠୀ ସମ୍ପତ୍ତି ଥିଲା ଓ ଗ୍ରାମର ରାସ୍ତାଘାଟ ଓ ଜନସାଧାରଣଙ୍କ ପାଇଁ କୋଠାବାଡି ତିଆରି ସାମୁହିକ ଭାବରେ ଗୋଷ୍ଠୀ ଦ୍ୱାରା ସଂଘଟିତ ହେଉଥିଲା ।

ସମ୍ଭ୍ରାନ୍ତ ଗୋଷ୍ଠୀ ବ୍ୟକ୍ତିଗତ ଚାଷ ଜମିରେ ଭାଗଚାଷୀ ମୁତୟନ କରୁଥିଲେ । ଭାଗଚାଷୀ ଉତ୍ପାଦନର କିଛି ଅଂଶ ନିଜେ ରଖି ବାକି ସମସ୍ତ ଜମିମାଲିକଙ୍କୁ ପ୍ରଦାନ କରୁଥିଲେ । ଭାଗାଂଶର ଅନୁପାତ ସମ୍ଭ୍ରାନ୍ତ ଜମି ମାଲିକ ନିଷ୍ପତ୍ତି ନେଉଥିଲେ । ସମାଜର ଗରିବ ଶ୍ରେଣୀର ଲୋକେ ଏକ ନିର୍ଦ୍ଦିଷ୍ଟ ପରିମାଣର ଖାଦ୍ୟ ଶସ୍ୟ ବଦଳରେ ନିଜ ସନ୍ତାନଙ୍କୁ ବର୍ଷକ ପାଇଁ ବନ୍ଧକ ରଖୁଥିଲେ । ବର୍ଷ ଶେଷରେ ସେ ମୁକ୍ତ ହେଉଥିଲା । ସମୟ ବିଶେଷରେ ସେମାନେ କୃଷିଦାସ ଓ କ୍ରୀତଦାସ ହେବାର ମଧ୍ୟ ଅନେକ ଦୃଷ୍ଟାନ୍ତ ଅଛି ।

ଏଜଟେକମାନେ ଆନୁଷ୍ଠାନିକ ଶିକ୍ଷା ପ୍ରତି ସଚେତନ ଥିଲେ, ଯଦିଓ ସମସ୍ତଙ୍କ ପାଇଁ ସମାନ ପ୍ରକାର ଶିକ୍ଷା ଅନୁଷ୍ଠାନ ନଥିଲା । ତଥାପି ସର୍ବସାଧାରଣ ପାଇଁ ନିଜ ଗ୍ରାମ ପାଖରେ ଶିକ୍ଷାନୁଷ୍ଠାନ ଟେପୋଚକାଲି (Tepachalli)ରେ ପାଠ ପଢୁଥିଲେ । ସ୍କୁଲ ଶିକ୍ଷାରେ ଧର୍ମ, ପୌରାଣିକ ଉପାଖ୍ୟାନ ଓ ଇତିହାସ ପାଠ୍ୟ ଖସଡାରେ ଥିଲା । ତା'ବ୍ୟତୀତ ଆନୁଷ୍ଠାନିକ ସଙ୍ଗୀତ ଶିକ୍ଷାଦେଇ ଉତ୍ସବମାନଙ୍କରେ ସମବେତ ଗାନ କରୁଥିଲେ । ସମ୍ଭ୍ରାନ୍ତ ପରିବାରର ଶିଶୁମାନଙ୍କ ପାଇଁ ଶିକ୍ଷାନୁଷ୍ଠାନ 'କାଲମେକାକ୍' (Calmecac)ରେ ଯୁଦ୍ଧବିଦ୍ୟା ଓ ଧର୍ମ ଶିକ୍ଷାଦାନ କରାଯାଉଥିଲା । ଶିକ୍ଷାନୁଷ୍ଠାନରେ ଝିଅମାନଙ୍କ ଗୃହ କର୍ମ ପାଇଁ କୌଶଳ ପ୍ରଶିକ୍ଷଣ ବ୍ୟବସ୍ଥା ଥିଲା । ପୁଅମାନଙ୍କୁ ଚାଷ କରିବା କୌଶଳ ବ୍ୟତୀତ ଯୁଦ୍ଧବିଦ୍ୟାର ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା ଥିଲା । ଷୋଡଶ ଶତାବ୍ଦୀ ବେଳକୁ ଏଜ୍‌ଟେକ ସାମ୍ରାଜ୍ୟ ବିସ୍ତାର ଲାଭ କଲା ମେକ୍ସିକୋ ଅଂଚଳରେ । ପରାଧୀନ ଗୋଷ୍ଠୀ ସମୟ ସମୟରେ କେନ୍ଦ୍ର ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲେ । କ୍ରମଶଃ ବିଦ୍ରୋହର ସ୍ୱର ତୀବ୍ର ହେଲା । ପରାଧୀନ ଗୋଷ୍ଠୀ ନିଜ ନିଜର ସ୍ୱାଧୀନତା ପାଇଁ ସଂଗ୍ରାମ ଆରମ୍ଭ କଲେ ।

### ପେରୁ ଅଞ୍ଚଳରେ ଇନକା (Incas) ଅଧିବାସୀ

ଦକ୍ଷିଣ ଆମେରିକା ପେରୁ ଅଞ୍ଚଳରେ ମୂଳ ଅଧିବାସୀଙ୍କ ବୃହତ୍ତମ ସଭ୍ୟତା ଗଢିଥିଲେ ଇନକା ବା କ୍ୱେଚଆସ (Quechuas)ମାନେ । ଦ୍ୱାଦଶ ଶତାବ୍ଦୀରେ ଇନକା ଗୋଷ୍ଠୀର ନେତୃତ୍ୱରେ ମାନକୋ କେପାକ (Manco Capac) ପ୍ରଥମ ରାଜ୍ୟ ସ୍ଥାପନ କରି କୁଜକୋ (Cuzco) ଠାରେ ନିଜର ରାଜଧାନୀ ସ୍ଥାପନ କଲେ । ସେମାନଙ୍କ ନବମ ରାଜା ନିଜ ସାମ୍ରାଜ୍ୟକୁ ଏକୁଆଡୋର (Ecuador) ଠାରୁ ଚିଲି (Chile) ପର୍ଯ୍ୟନ୍ତ ତିନିହଜାର ମାଇଲ ବିସ୍ତାର କରିବାର ସକ୍ଷମ ହୋଇଥିଲେ ।

ତାଙ୍କ ସାମ୍ରାଜ୍ୟ କେନ୍ଦ୍ର ଶାସିତ ଥିଲା । ପରାଜିତ ରାଜ୍ୟ ଓ ଅଧିବାସୀଙ୍କୁ ନିଜ ରାଜ୍ୟରେ ସଂପୂର୍ଣ୍ଣ ଅର୍ନ୍ତଭୁକ୍ତ କରୁଥିଲେ । ତାଙ୍କ ରାଜ୍ୟବାସୀ ଏକ ଭାଷା କ୍ୱେଚୁଆ କହିବାକୁ ବାଧ୍ୟ କରୁଥିଲେ ଏବଂ କ୍ୱେଚୁଆ (Quechua)କୁ ହିଁ ଏକମାତ୍ର ରାଜଭାଷା ରୂପେ ପରିଷଦ ବା ସ୍ଥାନୀୟ ପରିଚାଳନା ସଂଘ ସ୍ୱୀକୃତି ଦେଇଥିଲେ । ଇନକା ଆଦିବାସୀ ମାନେ ନିଜ ନିଜ ଅଞ୍ଚଳରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ପରିଷଦ ଦ୍ୱାରା ପରିଚାଳିତ ହେଉଥିଲେ କିନ୍ତୁ ଆଦିବାସୀ ସଂଘବଦ୍ଧ ଭାବରେ ସମ୍ରାଟଙ୍କ ପ୍ରତି ଆନୁଗତ୍ୟ ସ୍ୱୀକାର କରିଥିଲେ ଏବଂ ଯୁଦ୍ଧ ସମୟରେ ପୂର୍ଣ୍ଣ ସାହାଯ୍ୟ କରୁଥିଲେ । ସମ୍ରାଟ ମଧ୍ୟ ସମୟ ସମୟରେ ଆଞ୍ଚଳିକ ମୁଖ୍ୟମାନଙ୍କୁ ପୁରସ୍କୃତ କରୁଥିଲେ ସେମାନଙ୍କ ସାମରିକ ସହାୟତା ପାଇଁ । ଇନକା ସାମ୍ରାଜ୍ୟରେ ଯଦିଓ ସମସ୍ତ କ୍ଷମତା କେନ୍ଦ୍ରୀଭୂତ ଥିଲା ଇନକା ସମ୍ରାଟଙ୍କ ପାଖରେ କିନ୍ତୁ ନିରୀକ୍ଷଣରୁ ଅନୁଭୂତ ହୁଏ ସମୂହ ଏକ ପ୍ରକାର ଇନକା ଆଦିବାସୀଙ୍କ ପାରମ୍ପରିକ ମିଶ୍ରଣ ଉପରେ ପର୍ଯ୍ୟବେସିତ ଏକ ସଂଘ ଥିଲା ।

ଇନକା ସଭ୍ୟତା କୃଷି ଉପରେ ଆଧାରିତ ଥିଲା । ପାହାଡ ପର୍ବତରେ ପରିପୂର୍ଣ୍ଣ ଅଞ୍ଚଳରେ ପଥୁରିଆ ଜମିରେ ଚାଷ କରିବା ଏତେ ସହଜ ନଥିଲା । ତଥାପି ସେମାନେ ପାହାଡ ତଳ ଅଞ୍ଚଳକୁ କାଟି ଚାଷ ପାଇଁ ସ୍ତରସ୍ତରରେ ସମତଳ ଅଞ୍ଚଳ ସୃଷ୍ଟି କରି ପାହାଡ ଝର ଠାରୁ ଜଳସେଚନର ଓ ଜଳ ନିଷ୍କାସନର ବ୍ୟବସ୍ଥା କରିଥିଲେ । ଏନଡିଅନ୍ ଉଚ୍ଚ ଭୂମିରେ ଆଜକୁ ୬୦୦ ବର୍ଷ ପୂର୍ବେ ଯାହା ଉତ୍ପାଦନ ହେଉଥିଲା ଏକବିଂଶ ଶତାବ୍ଦୀରେ ତା ଠାରୁ କମ୍ ହଉଛି । ଚାଷରେ

ଖାଦ୍ୟ ଶସ୍ୟ ଓ ଆଳୁ ଉତ୍ପାଦନ ମୁଖ୍ୟ ଥିଲା । ଗୃହପାଳିତ ପଶୁଙ୍କ ମଧ୍ୟରେ ଲାମା ମୁଖ୍ୟ ଥିଲା । ଲାମାର ମାଂସ ଖାଦ୍ୟ ରୂପେ ବ୍ୟବହାର କରୁଥିଲେ ଓ ଲୋମରୁ ବସ୍ତ୍ର ତିଆରି କରୁଥିଲେ । ଲାମାକୁ ଜିନିଷ ପରିବହନ ପାଇଁ ମଧ୍ୟ ବ୍ୟବହାର କରୁଥିଲେ ।

ଇନ୍‌କାମାନଙ୍କ ବୟନ ଶୈଳୀ ଓ ପୋଡାମାଟିର ପାତ୍ର ବା ମୃଣ୍ମୟ ପାତ୍ର ଉଚ୍ଚକୋଟୀର ଥିଲା । ସେମାନଙ୍କ ଆୟ ବ୍ୟୟର ହିସାବ ବ୍ୟବସ୍ଥା ଥିଲା କିନ୍ତୁ ସେମାନେ ଲିଖନ ଜାଣି ନଥିଲେ । କ୍ୱିପ ବା ଦଉଡିରେ ଗଣ୍ଠିପକାଇ ଗଣନା କରୁଥିଲେ । କ୍ୱିପରେ ବନ୍ଧନ ପକାଇ ଏକ ସାଙ୍କେତିକ ସୂଚନା ରଖୁଥିଲେ ଓ ପ୍ରେରଣ କରୁଥିଲେ ।

ଇନକାମାନେ ଚିତ୍ତାକର୍ଷକ ବିରାଟ ପ୍ରାସାଦ ଓ ମନ୍ଦିରରେ ନିର୍ମାଣ କରିଥିଲେ । ସେମାନଙ୍କର ଦୁର୍ଗ ବଡ ବଡ ପଥର ଖଣ୍ଡରେ ତିଆରି । ପଥର ଖଣ୍ଡକୁ ଏପରି କୌଶଳରେ ଚାରିକୋଣିଆ କାଟି ପ୍ରସ୍ତୁତ କରୁଥିଲେ ଯେପରି ପ୍ରତ୍ୟେକ ପ୍ରସ୍ତର ଖଣ୍ଡର ଓଜନ ୧୦୦ ମେଟ୍ରିକ ଟନ୍ ଥିବ । ପଥରକୁ ସ୍ଥାନାନ୍ତର କରିବା ପାଇଁ ସେ ସମୟରେ ଚକଯୁକ୍ତ ଯାନ ନଥିବାରୁ ମଣିଷର ଜ୍ଞାନ କୌଶଳ ଶ୍ରମ ଉପରେ ନିର୍ଭର କରୁଥିଲା । ନିଶ୍ଚିତ ଭାବେ ଇନକା ସଭ୍ୟତାର ଶ୍ରମିକ, ମିସ୍ତ୍ରୀ ଓ କାରିଗରମାନେ ଧନ୍ୟବାଦର ପାତ୍ର । ଆଜି ପର୍ଯ୍ୟନ୍ତ ଦର୍ଶକଙ୍କୁ ଆଶ୍ଚର୍ଯ୍ୟଚକିତ କରେ ଇନକାମାନଙ୍କ କଳା ନୈପୁଣ୍ୟ ଏବଂ କୌଶଳ । ପାହାଡ ଉପର ସହର ମାଚୁ ପିଚୁ (Machu Picchu) ବର୍ତ୍ତମାନ ପର୍ଯ୍ୟନ୍ତ ଦର୍ଶକଙ୍କୁ ଆକୃଷ୍ଟ କରେ । ସେମାନେ ଏକୁଆଡୋରରୁ ଚିଲି ପର୍ଯ୍ୟନ୍ତ ପାହାଡ଼ ପର୍ବତ ଦେଇ ୩ହଜାର ମାଇଲ୍ ଲମ୍ବ ରାସ୍ତା ତିଆରି କରିଥିଲେ ।

ଇନକା ସାମ୍ରାଜ୍ୟ ଇନକା ଆଦିବାସୀଙ୍କ ଏକ ସଂଘ ଥିଲା । କିନ୍ତୁ ସମ୍ରାଟଙ୍କ ନିକଟରେ ସମସ୍ତ କ୍ଷମତା କେନ୍ଦ୍ରୀଭୁତ ଥିଲା । ଏଣୁ ଯେଉଁ ସମୟରେ ଇଉରୋପୀୟମାନେ ଆକ୍ରମଣ କଲେ ଏବଂ ସମ୍ରାଟକୁ ଅକ୍ତିଆର କଲେ ସାମ୍ରାଜ୍ୟ ସହଜରେ ବିଭାଜିତ ହୋଇଥିଲା । ଇଉରୋପୀୟ ସଂସ୍କୃତି ଏବଂ ଇନକା ଓ ଏଜଟେକ୍‌ମାନଙ୍କ ସଂସ୍କୃତିର ମୌଳିକ ପାର୍ଥକ୍ୟ ହେଲା ଦକ୍ଷିଣ ଆମେରିକାର ମୂଳ ଅଧିବାସୀଙ୍କ ସମାଜ ବ୍ୟବସ୍ଥାରେ ସାମାଜିକ ସ୍ତର ଥିଲା କିନ୍ତୁ ସମ୍ପତ୍ତିରେ ବ୍ୟକ୍ତିଗତ ମାଲିକାନା ନଥିଲା ଯେପରିକି ଇଉରୋପର ସମାଜରେ କିଛି ବ୍ୟକ୍ତିଙ୍କ ପାଇଁ ଦେଶର ସମ୍ପତ୍ତି ବ୍ୟକ୍ତିଗତ ଥିଲା । ଧାର୍ମିକ ବ୍ୟବସ୍ଥାରେ ପୂଜାସ୍ଥଳ ବିଶାଳ ପ୍ରାସାଦ ଥିଲା ଏବଂ ଧର୍ମୀୟ କର୍ମ କାଣ୍ଡରେ ସୁନା ରୂପାର ବହୁ ମାତ୍ରାରେ ବ୍ୟବହାର ହେଉଥିଲା । କିନ୍ତୁ ଏସବୁ ଧାତୁକୁ ସେମାନେ ଅତି ମୂଲ୍ୟବାନ ପଦାର୍ଥ ରୂପେ ଗଣନା କରୁନଥିଲେ । ପୂଜାସ୍ଥଳରେ ପୂଜକ ଓ ଗୁଣିଆଙ୍କ ଉଚ୍ଚସ୍ଥାନ ଥିଲା । କିନ୍ତୁ ସେମାନଙ୍କ ସମାଜ ଉପରେ ନିୟନ୍ତ୍ରଣ ସୀମିତ ଥିଲା । ସେ ଦୃଷ୍ଟିରୁ ଇନକା ଓ ଏଜଟେକ୍ ସଭ୍ୟତା ଇଉରୋପୀୟ ସଭ୍ୟତାଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲା ।

୧୪୯୨ମସିହାରେ କଲମ୍ବସ ବାହାମା ଅଂଚଳର ଗୁଆନାହାନିରେ ପ୍ରଥମେ ପଦାର୍ପଣ କରି ନୂତନ ଇତିହାସ ସୃଷ୍ଟି କଲେ । ସେ ଅଂଚଳକୁ ଭାରତ ଭାବି ଓ ସେଠାକାର ଅଧିବାସୀ ଆରାୱାକମାନଙ୍କ ଆତିଥ୍ୟ ଦେଖି ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ ଓ ଲେଖିଥିଲେ "ସେମାନେ ଏତେ ଅମାୟିକ ଓ ମୁକ୍ତ ହସ୍ତ ଯେ ଜଣେ ସ୍ୱଚକ୍ଷୁରେ ନଦେଖିଲେ ବିଶ୍ୱାସ କରିବ ନାହିଁ । ମୁକ୍ତହସ୍ତରେ ଖୋଲାହୃଦୟରେ ନିଜ ହସ୍ତଗତ ବସ୍ତୁକୁ ଅନ୍ୟକୁ ଏପରିକି ଆଗନ୍ତୁକକୁ ଭାଗ ଦିଅନ୍ତି" । କଲମ୍ବସ୍‌ଙ୍କ ଜଳପଥ ଆବିଷ୍କାରର ୫୦ବର୍ଷ ଭିତରେ ସ୍ପେନର ନାବିକ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାର ଅନେକ ଦ୍ୱୀପ ଆବିଷ୍କାର କରି ଉପନିବେଶ ସ୍ଥାପନ କଲେ ଓ ସ୍ଥାନୀୟ ସାମ୍ରାଜ୍ୟକୁ ଅକ୍ତିଆର କଲେ ।

୧୫୧୯ ମସିହାରେ ସ୍ପେନର ନାବିକ କୋରଟେସ୍ (Cortes) ଏବଂ ତାଙ୍କ ସୈନ୍ୟଦଳ ମେକ୍ସିକୋ ଜୟ କଲେ । ସେତେବେଳେ ଏଜଟେକ୍ ରାଜ୍ୟର ରାଜା ମନଟେଜୁମା (Mantzuma) ସ୍ପେନୀୟ ମାନଙ୍କ ଅଶ୍ୱାରୋହୀ ଓ ଗୋଲାବାରୁଦ ବ୍ୟବହାର ଦେଖି ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ ଓ ଭାବିଲେ ଯେ କୋରଟେସ ହଉଛନ୍ତି ଏଜଟେକ୍ ମାନଙ୍କ ନିର୍ବାସିତ ଦେବତାଙ୍କ ଅବତାର । ସେ ପ୍ରତିଶୋଧ ନେବା ପାଇଁ ଧରାପୃଷ୍ଠକୁ ଆସିଛନ୍ତି । କୋରଟେସ୍ ଯେଉଁ ସମୟରେ ଏଜଟେକ୍ ମାନଙ୍କ ସହର ଟେନେକତିତ୍ଲାନ (Tenochtitlan) ପହଞ୍ଚିଲେ ସେ ସହର ଦେଖି ଆଶ୍ଚର୍ଯ୍ୟ ହେଲେ । କାରଣ ସ୍ପେନର ସବୁଠାରୁ ବଡ ସହର ସେଭିଲି (Seville) ଠାରୁ ଏହା ଦ୍ୱିଗୁଣ ବଡ ଥିଲା । କିନ୍ତୁ ଏଜଟେକମାନଙ୍କ ରାଜା ତାଙ୍କୁ ଉପହାର ଦେଇ ଆମନ୍ତ୍ରଣ କଲେ । କୋରଟେସ ଏଜଟେକ୍‌ମାନଙ୍କ ରାଜାଙ୍କୁ ଗୃହବନ୍ଦୀ କଲେ ଓ ସେମାନଙ୍କ ମନ୍ଦିରରେ ଖ୍ରୀଷ୍ଟିଆନମାନଙ୍କ ପ୍ରତୀକ ସ୍ଥାପନ କଲେ । କୋରଟେସଙ୍କ ନିଷ୍ଠୁରତା ବିରୁଦ୍ଧରେ ଏଜଟେକମାନେ ବିଦ୍ରୋହ କଲେ ଏବଂ ଶେଷରେ କୋରଟେସ୍ ସେଠାରୁ ବାଧ୍ୟ ହୋଇ ଫେରି ଆସିଲେ । ଦୁର୍ଭାଗ୍ୟବଶତଃ ଏଜଟେକ ରାଜାଙ୍କ ମୃତ୍ୟୁ ହେଲା ଏବଂ ବସନ୍ତ ରୋଗରେ ହଜାର ହଜାର ଏଜଟେକ ବାସୀ ମୃତ୍ୟୁବରଣ କଲେ । ଏଜଟେକମାନଙ୍କ ନୂତନ ରାଜା କ୍ୟୁଟୋମୋକ ପ୍ରତିରୋଧ ଜାରି ରଖିଲେ କିନ୍ତୁ ଶେଷରେ କୋରଟେସ ଦୁଇ ବର୍ଷ ପରେ ଜୟଲାଭ କଲେ ଓ ମେକ୍ସିକୋ ଅକ୍ତିଆର କଲେ । ତାଙ୍କୁ ମେକ୍ସିକୋର କ୍ୟାପଟେନ୍ ଜେନେରାଲ ରୂପେ ଅବସ୍ଥାପିତ କରାଗଲା । ମେକ୍ସିକୋ, ଗୁଆଟାମେଲା, ନକାରାଗୋଆ ଓ ହାଣ୍ଡୁରସ୍ ସ୍ପେନର ନୂଆ ଉପନିବେଶ ହେଲା ।

ଏଜଟେକମାନଙ୍କ ଭଳି ଆରାଓ୍ୱାକମାନେ ମଧ୍ୟ ବସନ୍ତ ଓ ପ୍ଲେଗ ମହାମାରୀର ଶିକାର ହେଲେ । ଆରାଓ୍ୱାକ ମାନେ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେ କିନ୍ତୁ ସେମାନଙ୍କ ଅବଶେଷ, ତାଙ୍କର ଜୀବନ ଶୈଳୀ ଓ ସ୍ପେନର ଉପନିବେଶ ସହିତ ଦୁଃଖଦ ସଙ୍ଘର୍ଷର ମୂକସାକ୍ଷୀ ହୋଇ ଆଜି ବି ବିଦ୍ୟମାନ ଲାଟିନ୍ ଆମେରିକାରେ ।

## ସାରାଂଶ

ଇଉରୋପୀୟମାନେ ଆମେରିକାରେ ବସତି ସ୍ଥାପନ କରିବାର ବହୁ ବର୍ଷ ପୂର୍ବରୁ ଉତ୍ତର ଆମେରିକା ଓ ଦକ୍ଷିଣ ଆମେରିକା ତଥା ତତ୍‌ସଂଲଗ୍ନ ଦ୍ୱୀପପୁଞ୍ଜରେ ସଭ୍ୟତାର ଅଭ୍ୟୁଦୟ ଘଟିଥିଲା । ସେଥି ମଧ୍ୟରୁ ମାୟା, ଏଜଟେକ୍ ଓ ଇନକା ସଭ୍ୟତା ଉଲ୍ଲେଖଯୋଗ୍ୟ । କୃଷି କୈନ୍ଦ୍ରିକ ମାୟା ସଭ୍ୟତାର ଅଧିବାସୀମାନେ ଛବିଲିପିର ବ୍ୟବହାର କରୁଥିଲେ ଓ ବିଭିନ୍ନ ମନ୍ଦିର ପ୍ରାସାଦ ଆଦି ନିର୍ମାଣ କରିଥିଲେ । ଏଜଟେକ ସଭ୍ୟତାର ଅଧିବାସୀମାନେ ଅତ୍ୟନ୍ତ ପରିଶ୍ରମୀ ତଥା ଆନୁଷ୍ଠାନିକ ଶିକ୍ଷା ପ୍ରତି ସଚେତନ ଥିଲେ । ଏଜଟେକ ସାମ୍ରାଜ୍ୟ ମେକ୍ସିକୋ ଅଞ୍ଚଳରେ ବିସ୍ତାର ଲାଭ କରିଥିଲା । ଦକ୍ଷିଣ ଆମେରିକାର ପେରୁ ଅଞ୍ଚଳର ବୃହତ୍ତମ ସଭ୍ୟତା ଥିଲା ଇନକା । କୃଷି ବ୍ୟତୀତ ବୟନ ଶିଳ୍ପ ଓ ମୃଣ୍ମୟ ପାତ୍ର ନିର୍ମାଣରେ ଇନକା ଅଧିବାସୀ ଥିଲେ ନିପୁଣ । ସେମାନଙ୍କର ଏକ ରାଜନୈତିକ ସଂଘ ଥିଲା, କ୍ୱେଚୁଆ ଥିଲା ଏମାନଙ୍କର ଏକମାତ୍ର ରାଜଭାଷା । ଏହିପରି ଭାବରେ ଆମେରିକାରେ ଉନ୍ନତ ସଭ୍ୟତାର ପରିପ୍ରକାଶ ଘଟିଥିଲା ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର

୧ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛିଲେଖ ।

(କ) ପୁରାତନ ସହର ଇନକା କେଉଁଠାରେ ଅବସ୍ଥିତ ?

(i) ଆମେରିକା (ii) ଇଉରୋପ (iii) ଆଫ୍ରିକା (iv) ଅଷ୍ଟ୍ରେଲିଆ

(ଖ) ମାୟା ଅଧିବାସୀମାନେ କେଉଁଠାରେ ତାଙ୍କର ସଭ୍ୟତା ସ୍ଥାପନ କରିଥିଲେ ?

(i) ଆଟଲାଣ୍ଟା (ii) କାନାଡ଼ା (iii) ମେକ୍ସିକୋ (iv) ହରପ୍ପା

(ଗ) ଟେନେକତିତଲାନ୍ କେଉଁମାନଙ୍କର ରାଜଧାନୀ ଥିଲା ?

(i) ମାୟା (ii) ଏଜ୍‌ଟେକ (iii) ଇନକା (iv) ମିଶରୀୟ

(ଘ) କଲମ୍ବସ ଆମେରିକାର କେଉଁ ଅଞ୍ଚଳରେ ପ୍ରଥମେ ପହଞ୍ଚିଥିଲେ ?

(i) ମେକ୍ସିକୋ (ii) ବାହାମା (iii) ଚିଲି (iv) ଆର୍ଜେଣ୍ଟିନା

(ଙ) ୧୫୧୯ ମସିହାରେ କିଏ ମେକ୍ସିକୋ ଜୟ କଲେ ?

(i) କଲମ୍ବସ (ii) କୋରଟେସ (iii) ଏଜ୍‌ଟେକ (iv) ମନଟେଜୁମା

୨ । ଶୂନ୍ୟସ୍ଥାନ ପୂରଣ କର ।

(କ) ଦକ୍ଷିଣ ଆମେରିକାର ______ ନଦୀ କୂଳରେ ପୁରାତନ ସଭ୍ୟତା ଗଢ଼ି ଉଠିଥିଲା ।

(ଖ) ଦକ୍ଷିଣ ଆମେରିକାର ______ ଆଦିବାସୀମାନେ କୁଶଳୀ ବୁଣାକାର ଥିଲେ ।

(ଗ) ବାହାମା ଅଞ୍ଚଳର ସ୍ଥାନୀୟ ଅଧିବାସୀ ______ ।

(ଘ) ଏଜ୍‌ଟେକମାନଙ୍କର ସର୍ବସାଧାରଣ ଶିକ୍ଷାନୁଷ୍ଠାନକୁ ______ କୁହାଯାଏ ।

(ଙ) ______ ସହର ତାର କଳା ନୈପୁଣ୍ୟ ପାଇଁ ପ୍ରସିଦ୍ଧ ।

## 'ଖ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର

୩ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

(କ) ପୁରାତନ ସହର ଇନକା କେବେ ଓ କିପରି ଲୋକଲୋଚନକୁ ଆସିଲା ?

(ଖ) ଆରଓ୍ୱାକମାନେ ସ୍ପେନ୍ ବିରୁଦ୍ଧରେ କାହିଁକି ବିଦ୍ରୋହ କଲେ ?

(ଗ) ବ୍ରାଜିଲର ଏପରି ନାମକରଣ କାହିଁକି ହୋଇଛି ?

(ଘ) ଚୀନାମପାସ କ'ଣ ?

(ଙ) ଏଜଟେକ୍ ସଭ୍ୟତାର ସମ୍ଭ୍ରାନ୍ତ ପରିବାରର ଶିଶୁମାନଙ୍କ ଶିକ୍ଷାନୁଷ୍ଠାନକୁ କ'ଣ କୁହାଯାଏ ? ଏଠାରେ କ'ଣ ଶିକ୍ଷା ଦିଆଯାଉଥିଲା ?

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର)

୪ । ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ଭିତରେ ସୀମିତ ରହିବା ଉଚିତ ।

(କ) ଦକ୍ଷିଣ ଆମେରିକାର କେଉଁଠାରେ ଓ କେଉଁମାନେ ପ୍ରଥମ ସଭ୍ୟତା ଗଢ଼ିଥିଲେ ?

(ଖ) ତୁପିନାମ୍ବା ଆଦିବାସୀମାନଙ୍କର ଜୀବନ ଶୈଳୀ ବର୍ଣ୍ଣନା କର।

(ଗ) ମାୟା ସଭ୍ୟତା ଉପରେ ଏକ ଟିପ୍ପଣୀ ଲେଖ।

(ଘ) ଏଜ୍‌ଟେକ ସଭ୍ୟତାର ସାମାଜିକ ବ୍ୟବସ୍ଥା ଉପରେ ଆଲୋକପାତ କର।

(ଙ) ଇନକା ସଭ୍ୟତାର କୃଷି ପ୍ରଣାଳୀ ଉପରେ ଏକ ଟିପ୍ପଣୀ ଲେଖ।

୫। ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର।
ନିମ୍ନଲିଖିତ ବିଷୟ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ

(କ) ମାୟା ସଭ୍ୟତା (ଖ) ଏଜଟେକ୍ ସଭ୍ୟତା (ଗ) ଇନକା ସଭ୍ୟତା

## 'ଗ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର

୬ । ଦକ୍ଷିଣ ଆମେରିକାର ପୁରାତନ ସଭ୍ୟତା ବର୍ଣ୍ଣନା କର।

୭ । ଇନକା ସଭ୍ୟତା ଉପରେ ଆଲୋକପାତ କର।

୮ । ଏଜଟେକ୍ ସଭ୍ୟତାର ବୈଶିଷ୍ଟ୍ୟ ବର୍ଣ୍ଣନା କର।

— ❖ —

**ଏକାଦଶ ଅଧ୍ୟାୟ**

# ଶିଳ୍ପ ବିପ୍ଳବ

ଅଷ୍ଟାଦଶ ଶତାବ୍ଦୀ ବିଶ୍ୱ ଇତିହାସରେ ଉନ୍ମୋଚନ କରିଥିଲା ଏକ ନୂତନ ଅଧ୍ୟାୟ । ଏହି ସମୟରେ ଉତ୍ପାଦନ କ୍ଷେତ୍ରରେ ଘଟିଥିଲା ବୈପ୍ଳବିକ ପରିବର୍ତ୍ତନ, ଯାହାକୁ ଶିଳ୍ପ ବିପ୍ଳବ କୁହାଯାଏ । କୁଟୀର ଶିଳ୍ପ ତଥା ହସ୍ତଶିଳ୍ପ ପରିବର୍ତ୍ତେ ଉତ୍ପାଦନ କ୍ଷେତ୍ରରେ ଯନ୍ତ୍ର ଓ ବାଷ୍ପ ଶକ୍ତିର ବ୍ୟବହାର ଶିଳ୍ପ କ୍ଷେତ୍ରରେ ଆଣିଥିଲା ଅଭୂତପୂର୍ବ ପରିବର୍ତ୍ତନ । ଏହି ଶିଳ୍ପ ବିପ୍ଳବର ପ୍ରଭାବ ଉତ୍ପାଦନ କ୍ଷେତ୍ର ସହିତ ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ପରିଲକ୍ଷିତ ହୋଇଥିଲା ।

ପୂର୍ବରୁ ଶିଳ୍ପୀ ଓ କାରିଗରମାନେ ନିଜ ଘରେ ହାତରେ ଓ କୁଟୀର ଶିଳ୍ପ ମାଧ୍ୟମରେ ଆବଶ୍ୟକ ଦ୍ରବ୍ୟମାନ ପ୍ରସ୍ତୁତ କରି ଜନସାଧାରଣଙ୍କର ଚାହିଦା ପୂରଣ କରୁଥିଲେ । ତେଣୁ ଉତ୍ପାଦନର ଗତି ଥିଲା ମନ୍ଥର ଓ ଉତ୍ପାଦିତ ଦ୍ରବ୍ୟର ପରିମାଣ ଥିଲା କମ୍ । କୁଟୀର ଶିଳ୍ପ ଥିଲା ସମୟସାପେକ୍ଷ । ଅଳ୍ପ ଜିନିଷ ପ୍ରସ୍ତୁତ ନିମନ୍ତେ ଅଧିକ ପରିଶ୍ରମ କରିବାକୁ ପଡୁଥିଲା । କାଳକ୍ରମେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜିନିଷପତ୍ରର ଚାହିଦା ମଧ୍ୟ ବୃଦ୍ଧି ପାଇଲା । ତେଣୁ ନୂତନ ଯନ୍ତ୍ରପାତିର ଆବଶ୍ୟକତା ଅନୁଭବ ହେଲା । ମନୁଷ୍ୟର ଏହି ଆବଶ୍ୟକତାବୋଧ ବୈଜ୍ଞାନିକ ଉଦ୍ଭାବନ ଓ ଯାନ୍ତ୍ରିକ ବିକାଶ ପାଇଁ ପଥ ଉନ୍ମୋଚନ କଲା । କୁହାଯାଏ Necessity is the mother of invention. ଅର୍ଥାତ୍ ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ । ଧୀରେ ଧୀରେ ବଡ଼ ବଡ଼ କଳକାରଖାନା ସ୍ଥାପିତ ହେଲା । ଅଳ୍ପ ସମୟରେ କମ୍ ପରିଶ୍ରମରେ ଏହି କଳ କାରଖାନା ଦ୍ୱାରା ବହୁ ପରିମାଣରେ ଦ୍ରବ୍ୟ ଉତ୍ପାଦିତ ହୋଇପାରିଲା । ଶିଳ୍ପକ୍ଷେତ୍ରରେ ଏହି ଦ୍ରୁତ ପରିବର୍ତ୍ତନ ଇଉରୋପରେ ଆର୍ଥିକ ଓ ସାମାଜିକ ଜୀବନଧାରାରେ ଆଣିଲା ମୌଳିକ ପରିବର୍ତ୍ତନ । ତେଣୁ ଏହାକୁ ବିପ୍ଳବ ଆଖ୍ୟା ଦିଆଯାଇଛି । ସାମାଜିକ ଓ ଆର୍ଥିକ ଜୀବନରେ ଏକ ଯୁଗାନ୍ତକାରୀ ଓ ବୈପ୍ଳବିକ ପରିବର୍ତ୍ତନ ଆଣିଥିବାରୁ ବିଶ୍ୱ ଇତିହାସରେ ଏହା ଏକ ଅବିସ୍ମରଣୀୟ ଅଧ୍ୟାୟ ।

ଏହି ଶିଳ୍ପ ବିପ୍ଳବ ପ୍ରଥମେ ଇଉରୋପ ମହାଦେଶରେ ଇଂଲଣ୍ଡରୁ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ଫ୍ରାନ୍ସ, ବେଲ୍‌ଜିୟମ୍, ଜର୍ମାନୀ ଆଦି ଇଉରୋପୀୟ ଦେଶମାନଙ୍କୁ ବିସ୍ତାରଲାଭ କରିଥିଲା । 'ଶିଳ୍ପ ବିପ୍ଳବ' ଶବ୍ଦଟି ପ୍ରଥମେ ୧୮୩୭ ଖ୍ରୀଷ୍ଟାବ୍ଦରେ ଫରାସୀ ଲେଖକ ବ୍ଲେଙ୍କିଙ୍କ ଲେଖାରେ ସ୍ଥାନ ପାଇଥିଲା । ପରବର୍ତ୍ତୀ ସମୟରେ ଇଂରେଜ ଐତିହାସିକ ଆରନ୍‌ଲଡ ଟଏନ୍‌ବିଙ୍କ ଦ୍ୱାରା ଏହା ବହୁଳ ଭାବରେ ବ୍ୟବହୃତ ହୋଇଥିଲା ।

## ଶିଳ୍ପ ବିପ୍ଳବର କାରଣ :

ଶିଳ୍ପ ବିପ୍ଳବ ବିଭିନ୍ନ କାରଣ ଯୋଗୁଁ ସମ୍ଭବ ହୋଇଥିଲା । ଏହା ନିମ୍ନରେ ପ୍ରଦତ୍ତ ହେଲା ।

**ଜନସଂଖ୍ୟା ବୃଦ୍ଧି:-** ଅଷ୍ଟାଦଶ ଶତାବ୍ଦୀରେ ଇଉରୋପର ଜନସଂଖ୍ୟା କ୍ରମେ ବୃଦ୍ଧି ପାଇଥିଲା । ଏଥି ନିମନ୍ତେ ବିଭିନ୍ନ ଦ୍ରବ୍ୟର ଚାହିଦା ମଧ୍ୟ ବଢ଼ିବାରେ ଲାଗିଲା । କୁଟୀର ଶିଳ୍ପ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଦ୍ୱାରା ଏହି ଚାହିଦା ପୂରଣ ନ ହେବାରୁ

ଯନ୍ତ୍ର ଓ କଳକାରଖାନାର ଆବଶ୍ୟକତା ପଡ଼ିଲା। ଏହାଦ୍ୱାରା ବୈଜ୍ଞାନିକ ଉଦ୍ଭାବନ ଓ ଯାନ୍ତ୍ରିକ ବିକାଶ ନିମନ୍ତେ ମାର୍ଗ ପ୍ରସ୍ତୁତ ହେଲା।

**ଭୌଗୋଳିକ ଆବିଷ୍କାର ଓ ଉପନିବେଶ ସ୍ଥାପନ:-** ଭୌଗୋଳିକ ଆବିଷ୍କାର ଯୋଗୁଁ ଇଉରୋପୀୟମାନେ ଏସିଆ, ଆଫ୍ରିକା ଆଦି ମହାଦେଶରେ ଉପନିବେଶମାନ ସ୍ଥାପନ କଲେ। ଏହି ଉପନିବେଶଗୁଡ଼ିକରେ ବିଭିନ୍ନ ପ୍ରକାରର କଞ୍ଚାମାଲ ଭରପୁର ଭାବରେ ରହିଥିଲା। ଇଉରୋପୀୟମାନେ ଏହି କଞ୍ଚାମାଲ ଆଣି କଳକାରଖାନାରେ ଆବଶ୍ୟକୀୟ ଜିନିଷମାନ ପ୍ରସ୍ତୁତ କରିପାରିଲେ। ଏହାକୁ ବିକ୍ରୀ କରି ଅଧିକ ଲାଭବାନ ହେବା ଉଦ୍ଦେଶ୍ୟରେ ସେମାନେ ନୂତନ ଯନ୍ତ୍ରପାତି ଓ ପରିବହନ ବ୍ୟବସ୍ଥା ଉଦ୍ଭାବନ ପାଇଁ ବିଶେଷ ଆଗ୍ରହୀ ହେଲେ।

**ବାଣିଜ୍ୟର ବିକାଶ:–** ଅଷ୍ଟାଦଶ ଶତାବ୍ଦୀରେ ଇଉରୋପୀୟମାନେ ବିଶ୍ୱର ବହୁ ଦେଶ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିପାରିଥିଲେ। ତେଣୁ ଏହି କ୍ଷେତ୍ରରେ ବିପୁଳ ପୁଞ୍ଜି ବିନିଯୋଗ କରି ସେମାନେ ଅଧିକରୁ ଅଧିକ ଲାଭବାନ ହେବାର ଆଶାପୋଷଣ କରୁଥିଲେ। ତେଣୁ ଅଳ୍ପ ସମୟରେ ଅଧିକ ଦ୍ରବ୍ୟର ଉତ୍ପାଦନ ସେମାନଙ୍କ ପାଇଁ ଆବଶ୍ୟକ ହୋଇପଡ଼ିଥିଲା। ଏଥିନିମନ୍ତେ ଆବଶ୍ୟକ ଥିଲା କଳକାରଖାନା ଓ ଯନ୍ତ୍ରପାତି। ତେଣୁ ବୈଜ୍ଞାନିକ ଉଦ୍ଭାବନ ଓ ଯାନ୍ତ୍ରିକ ବିକାଶ ନିମନ୍ତେ ସେମାନେ ପ୍ରୟାସୀ ହେଲେ।

**କୃଷି ବିପ୍ଳବ:–** ଏହି ସମୟରେ କୃଷି କ୍ଷେତ୍ରରେ ମଧ୍ୟ ଦେଖାଦେଇଥିଲା ବିରାଟ ପରିବର୍ତ୍ତନ। କୃଷି ହେଲା ବ୍ୟବସାୟକେନ୍ଦ୍ରିକ। କୃଷିକ୍ଷେତ୍ରରେ ବ୍ୟବହୃତ ହେଲା ଉନ୍ନତ ଧରଣର ଯନ୍ତ୍ରପାତି ଓ କୃଷିପ୍ରଣାଳୀ। ଏହାଦ୍ୱାରା କୃଷି ଏକ ଲାଭଜନକ ବ୍ୟାପାରରେ ପରିଣତ ହେଲା। ତେଣୁ ଧନୀଚାଷୀମାନେ ଏଥିରେ ପୁଞ୍ଜି ବିନିଯୋଗ କରି ଲାଭବାନ ହେଲେ। କିନ୍ତୁ କ୍ଷୁଦ୍ରଚାଷୀମାନେ ଏହି ପ୍ରକ୍ରିୟାରେ ସେମାନଙ୍କର ଜମି ହରାଇ କାମ ଅନ୍ୱେଷଣରେ ସହରାଭିମୁଖୀ ହେଲେ। ସେମାନେ କଳକାରଖାନାରେ ସ୍ୱଳ୍ପ ମଜୁରୀରେ ଶ୍ରମିକରୂପେ କାର୍ଯ୍ୟରତ ହେଲେ। ଏହାଦ୍ୱାରା ଶିଳ୍ପପାଇଁ ଆବଶ୍ୟକ ପଡୁଥିବା ଶ୍ରମିକମାନଙ୍କ ଚାହିଦା ପୂର୍ଣ୍ଣ ହେଲା। ଅନ୍ୟପକ୍ଷରେ ଧନୀଚାଷୀମାନେ କୃଷିରୁ ଲବ୍ଧ ଅର୍ଥ ଶିଳ୍ପ କ୍ଷେତ୍ରରେ ବିନିଯୋଗ କରିବାରୁ ଶିଳ୍ପର ବିକାଶ ହେଲା।

**ସୁଲଭ ପୁଞ୍ଜି ଓ ଶ୍ରମର ବିନିଯୋଗ:–** କଳକାରଖାନାପାଇଁ ଆବଶ୍ୟକ ପୁଞ୍ଜି ଓ ଶ୍ରମ। ଏହି ସମୟରେ ଧନୀ ଚାଷୀମାନଙ୍କ ବ୍ୟତୀତ ଧନୀ ବଣିକମାନେ ମଧ୍ୟ ବ୍ୟବସାୟ ବାଣିଜ୍ୟରୁ ଲବ୍ଧ ଧନକୁ କଳକାରଖାନାରେ ବିନିଯୋଗ କଲେ। ଏହାଦ୍ୱାରା ପୁଞ୍ଜିର ଅଭାବ ରହିଲା ନାହିଁ। ଅନ୍ୟପକ୍ଷରେ ଗାଁ ଗଣ୍ଡା ଛାଡ଼ି ଗରିବ ଚାଷୀମାନେ ସହରାଭିମୁଖୀ ହେବାରୁ ଶ୍ରମର ମଧ୍ୟ ଅଭାବ ରହିଲା ନାହିଁ। ବିଭିନ୍ନ ଶିଳ୍ପ ସଂସ୍ଥାନରେ ସେମାନେ ସ୍ୱଳ୍ପ ମଜୁରୀରେ କାମ କରିବାକୁ ଲାଗିଲେ। ତେଣୁ ସୁଲଭ ପୁଞ୍ଜି ଓ ଶ୍ରମ ଯୋଗୁଁ ଶିଳ୍ପ କ୍ଷେତ୍ରରେ ବିକାଶ ତ୍ୱରାନ୍ୱିତ ହେଲା।

## ଶିଳ୍ପ ବିପ୍ଳବ ଓ ଇଂଲଣ୍ଡ

ଶିଳ୍ପ ବିପ୍ଳବ ପ୍ରଥମେ ଆରମ୍ଭ ହୋଇଥିଲା ଇଂଲଣ୍ଡରେ। ଏହାର ମୁଖ୍ୟ କାରଣ ହେଲା ଇଂଲଣ୍ଡର ଅନୁକୂଳ ପରିସ୍ଥିତି।

- ପ୍ରଥମତଃ ଇଂଲଣ୍ଡର ଭୌଗୋଳିକ ଅବସ୍ଥିତି ଶିଳ୍ପ ବିପ୍ଳବରେ ସହାୟକ ହୋଇଥିଲା । ଏହାର ଚତୁର୍ଦ୍ଦିଗରେ ସମୁଦ୍ର ଥିବାରୁ ଅନେକ ବନ୍ଦର ଗଢ଼ି ଉଠିଥିଲା, ଯାହାଦ୍ୱାରା ଜିନିଷପତ୍ର ନେବା ଆଣିବା ପାଇଁ ସହଜ ହୋଇଥିଲା ।
- କଳକାରଖାନାର ମୂଳ ଆବଶ୍ୟକତା ହେଲା ଲୁହା ଓ କୋଇଲା । ଇଂଲଣ୍ଡ ଏହି ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଥିଲା । ତେଣୁ ଶିଳ୍ପାୟନ ପାଇଁ ପଥ ସୁଗମ ହୋଇଥିଲା ।
- ଅନ୍ୟ ଦେଶ ତୁଳନାରେ ଇଂଲଣ୍ଡର ଔପନିବେଶିକ ସାମ୍ରାଜ୍ୟ ଥିଲା ବିଶାଳ । ସେହି ଉପନିବେଶଗୁଡ଼ିକରୁ କଞ୍ଚାମାଲ ଆଣି ଇଂଲଣ୍ଡର କଳକାରଖାନାରେ ବିଭିନ୍ନ ଜିନିଷ ପ୍ରସ୍ତୁତ ହୋଇପାରିଲା ଓ ତା'ର ବନ୍ଦରମାନଙ୍କ ମାଧ୍ୟମରେ ଦୂର ଦେଶକୁ ରପ୍ତାନି ମଧ୍ୟ ହୋଇପାରିଲା ।
- ଇଂଲଣ୍ଡର ନୌବାହିନୀ ଥିଲା ଅତ୍ୟନ୍ତ ଶକ୍ତିଶାଳୀ । ତେଣୁ ଜାହାଜରେ ଜଳପଥରେ ମାଲ ପରିବହନ ନିମନ୍ତେ କୌଣସି ସମସ୍ୟା ନ ଥିଲା । ଜାହାଜ ନିର୍ମାଣ ଶିଳ୍ପରେ ମଧ୍ୟ ଉନ୍ନତି ଘଟିଥିଲା ।
- ଇଂଲଣ୍ଡର ଶକ୍ତିଶାଳୀ ରାଜତନ୍ତ୍ର ଶାସନ ଦେଶରେ ରାଜନୈତିକ ସ୍ଥିରତା, ଶାନ୍ତି ଓ ସୁରକ୍ଷାର ବାତାବରଣ ପ୍ରତିଷ୍ଠା କରିବା ଦ୍ୱାରା ମଧ୍ୟ ଶିଳ୍ପ ବିପ୍ଳବ ସମ୍ଭବ ହୋଇପାରିଲା ।
- ଜନସାଧାରଣଙ୍କର କାର୍ଯ୍ୟାବଳୀ ଓ ଚିନ୍ତାଧାରାରେ ସରକାରୀ ହସ୍ତକ୍ଷେପ ନ ଥିବାରୁ ସ୍ୱାଧୀନ ବୈଜ୍ଞାନିକ ପରୀକ୍ଷାମାନ ହୋଇପାରୁଥିଲା ।
- କଳକାରଖାନା ପାଇଁ ଶ୍ରମିକଙ୍କର ଅଭାବ ନ ଥିଲା । ଜନସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଭୂମିହୀନ ଓ କର୍ମହୀନ ଓ ଗରୀବ କୃଷକମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା । ଏହିମାନେ ହିଁ କଳକାରଖାନାରେ ଶ୍ରମିକ ଭାବରେ କାର୍ଯ୍ୟରତ ହେଲେ ।

ଏହିସବୁ କାରଣରୁ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିଲା ।

## ବୈଜ୍ଞାନିକ ଓ ଯାନ୍ତ୍ରିକ ବିକାଶ:

ଏହି ସମୟରେ ବୈଜ୍ଞାନିକ ଦୃଷ୍ଟିକୋଣର ସମ୍ପ୍ରସାରଣ ଓ ଯାନ୍ତ୍ରିକ ବିକାଶ ସମଗତିରେ ସମ୍ଭବ ହୋଇଥିଲା । ବିଭିନ୍ନ ଶିଳ୍ପର ବିକାଶ ଓ ଅଗ୍ରଗତି ମୂଳରେ ଥିଲା ବୈଜ୍ଞାନିକ ଦୃଷ୍ଟିକୋଣ । ବିଭିନ୍ନ ଶିଳ୍ପର ବିକାଶ ଓ ବୈଜ୍ଞାନିକ ଉଦ୍ଭାବନ ନିମ୍ନରେ ପ୍ରଦତ୍ତ ହେଲା ।

### ବୟନ ଶିଳ୍ପ:

ଇଂଲଣ୍ଡରେ ଶିଳ୍ପ ବିପ୍ଳବ ବୟନ ଶିଳ୍ପରୁ ଆରମ୍ଭ ହୋଇଥିଲା । ସୂତା କାଟିବା ଓ ଲୁଗା ବୁଣିବା ପାଇଁ ହସ୍ତଚାଳିତ ଚରଖା ଓ ତନ୍ତ ବ୍ୟବହାର କରାଯାଉଥିଲା । ଏହାଦ୍ୱାରା ବସ୍ତ୍ର ଉତ୍ପାଦନର ପରିମାଣ ଥିଲା କମ୍ । ଅଳ୍ପ ସମୟରେ ଅଧିକ ବସ୍ତ୍ର ଉତ୍ପାଦନ ପାଇଁ ନୂତନ ଉଦ୍ଭାବନର ଆବଶ୍ୟକତା ପଡ଼ିଲା । ଏଥି ନିମନ୍ତେ ଉଦ୍ଭାବନ ହେଲା ନୂତନ ଯନ୍ତ୍ରପାତି ।

**ଫ୍ଲାଇଙ୍ଗ ସଟଲ (Flying Shuttle) :–** ୧୭୩୩ ଖ୍ରୀ.ରେ ଜନ କେ ନାମକ ଲାଙ୍କାସାୟାରର ଜଣେ ବୁଣାକାର 'ଫ୍ଲାଇଙ୍ଗ ସଟଲ' ପରି ଲୁଗାବୁଣା ଯନ୍ତ୍ର ଉଦ୍ଭାବନ କଲେ । ଏହାଦ୍ୱାରା ଅଧିକ ଲୁଗା ବୁଣାଯାଇ ପାରିଲା ।

**ସ୍ପିନିଙ୍ଗ ଜେନି (Spinning Jenny):–** ଅଧିକ ଲୁଗା ବୁଣିବା ପାଇଁ ଅଧିକ ସୂତାର ଆବଶ୍ୟକତା ହେବାରୁ ୧୭୬୫ ଖ୍ରୀ.ରେ ଜେମସ୍ ହାରଗ୍ରୀଭସ୍ 'ସ୍ପିନିଂ ଜେନି' ନାମକ ଏକ ଯନ୍ତ୍ର ଉଦ୍ଭାବନ କଲେ । ସ୍ତ୍ରୀ ଜେନିଙ୍କର ପ୍ରେରଣାରେ ଏହି ଯନ୍ତ୍ର ଉଦ୍ଭାବନ ହୋଇଥିବାରୁ ଏହାର ଏପରି ନାମକରଣ କରିଥିଲେ । ଏଥିରେ ଏକକାଳୀନ ଶହେଖିଅ ସୂତା କାଟିବା ସମ୍ଭବ ହେଲା ।

**ୱାଟର ଫ୍ରେମ୍ (Water Frame):–** ୧୭୬୯ ଖ୍ରୀ.ରେ ରିଚାର୍ଡ୍ ଆର୍କରାଇଟ୍ 'ୱାଟର ଫ୍ରେମ' ନାମକ ଜଳଶକ୍ତି ଚାଳିତ ଅନ୍ୟ ଏକ ସୂତାକଟା ଯନ୍ତ୍ର ଉଦ୍ଭାବନ କଲେ । ଏହାଦ୍ୱାରା ସୂକ୍ଷ୍ମ ଓ ଶକ୍ତ ସୂତା ଖିଅ ପ୍ରସ୍ତୁତ କରାଯାଇ ପାରିଲା ।

**ସ୍ପିନିଙ୍ଗ୍ ମ୍ୟୁଲ (Spinning Mule):–** ପରବର୍ତ୍ତୀ ସମୟରେ ସାମୁଏଲ୍ କ୍ରମ୍ପଟନ୍ ୧୭୭୯ଖ୍ରୀ.ରେ ସ୍ପିନିଂ ଜେନି ଓ ୱାଟର ଫ୍ରେମ୍‌ର ସିଦ୍ଧାନ୍ତକୁ ଏକତ୍ରିତ କରି ସ୍ପିନିଂ ମ୍ୟୂଲ ନାମକ ଜଳଶକ୍ତି ଚାଳିତ ଯନ୍ତ୍ର ଉଦ୍ଭାବନ କଲେ । ଏହାଦ୍ୱାରା ବହୁ ପରିମାଣରେ ଉତ୍କୃଷ୍ଟ ଧରଣର ସୂତା ତିଆରି ହୋଇପାରିଲା ।

**ପାୱାର ଲୁମ୍ (Power Loom):–** ୧୭୮୫ ଖ୍ରୀ.ରେ ଏଡ଼ମଣ୍ଡ ଆର୍କରାଇଟ୍ ପାୱାର ଲୁମ୍ ନାମକ ଏକ ଶକ୍ତିଚାଳିତ ଯନ୍ତ୍ର ଉଦ୍ଭାବନ କଲେ । ଏହା ବୟନ ଶିଳ୍ପ କ୍ଷେତ୍ରରେ ଆଣିଥିଲା ବୈପ୍ଳବିକ ପରିବର୍ତ୍ତନ । ଏହାଦ୍ୱାରା ଅଧିକ ବସ୍ତ୍ର ଉତ୍ପାଦନ ହୋଇପାରିଲା ।

**କଟନ ଜିନ୍ (Cotton Gin):–** ବସ୍ତ୍ର ଉତ୍ପାଦନ କ୍ଷେତ୍ରରେ ଭିଣାତୁଳାର ଅଭାବ ପରିଲକ୍ଷିତ ହେଲା । ଏହାକୁ ଦୂର କରିବା ପାଇଁ ୧୭୯୩ଖ୍ରୀ.ରେ ଏଲି ହ୍ୱିଟନେ କଟନ ଜିନ୍ ନାମକ ଏକ ତୁଳାଭିଣା ଯନ୍ତ୍ର ଉଦ୍ଭାବନ କଲେ ।

ଏହାଛଡ଼ା ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଛାପାବସ୍ତ୍ର ପ୍ରସ୍ତୁତ କରିବା ପାଇଁ ସିଲିଣ୍ଡର ପ୍ରିଣ୍ଟିଂ ଉଦ୍ଭାବିତ ହେଲା । ଏହିସବୁ ଉଦ୍ଭାବନ ଯୋଗୁଁ ଇଂଲଣ୍ଡର ବୟନ ଶିଳ୍ପରେ ଦ୍ରୁତ ବିକାଶ ଘଟିଲା । ଏହାର ବୟନ ଶିଳ୍ପକେନ୍ଦ୍ର ଲାଙ୍କାସାୟାର ଓ ମାଞ୍ଚେଷ୍ଟରର ବସ୍ତ୍ର ସାରା ବିଶ୍ୱରେ ଆଦୃତ ହୋଇଥିଲା ।

## ବାଷ୍ପୀୟ ଶକ୍ତିର ଉଦ୍ଭାବନ ଓ ପ୍ରୟୋଗ:

ବାଷ୍ପୀୟ ଶକ୍ତିର ଉଦ୍ଭାବନ ଓ ପ୍ରୟୋଗ ଶିଳ୍ପ ବିପ୍ଳବର ଏକ ବିସ୍ମୟକର ଅବଦାନ । ବୟନ ଶିଳ୍ପ ସହିତ ସମ୍ପୃକ୍ତ ଯନ୍ତ୍ରପାତି ମନୁଷ୍ୟ, ପଶୁ କିମ୍ବା ଜଳ ଶକ୍ତି ଦ୍ୱାରା ଚାଳିତ ହେଉଥିଲା । ବାଷ୍ପୀୟ ଶକ୍ତିର ଉଦ୍ଭାବନ ଦ୍ୱାରା ଏହାର ବିଶେଷ ଅଗ୍ରଗତି ଘଟିଲା । ଅଷ୍ଟାଦଶ ଶତାବ୍ଦୀର ଆରମ୍ଭରେ ଟମାସ୍ ନିଉକୋମେନ୍ ଏକ ବାଷ୍ପୀୟ ଯନ୍ତ୍ର ଉଦ୍ଭାବନ କଲେ । ଏହାଦ୍ୱାରା ଖଣିଗର୍ଭରୁ ଜଳନିଷ୍କାସନ ସମ୍ଭବ ହେଲା । କିନ୍ତୁ ଏହା ବିଶେଷ ଫଳପ୍ରଦ ନ ହେବାରୁ ୧୭୬୯ ଖ୍ରୀ.ରେ ଗ୍ଲାସଗୋ ବିଶ୍ୱବିଦ୍ୟାଳୟର ଜେମସ୍ ୱାଟ ଉନ୍ନତଧରଣର ଏକ ବାଷ୍ପଚାଳିତ ଇଞ୍ଜିନ ଉଦ୍ଭାବନ କଲେ । ଏହାଦ୍ୱାରା ଯାତାୟତ କ୍ଷେତ୍ରରେ ପରିବର୍ତ୍ତନ ଆସିବା ସଙ୍ଗେ ସଙ୍ଗେ କଳକାରଖାନରେ ଉତ୍ପାଦନ ପ୍ରଣାଳୀ ତ୍ୱରାନ୍ୱିତ ହୋଇଥିଲା ।

## ଲୌହ ଓ କୋଇଲା ଶିଳ୍ପର ବିକାଶ:

ଲୌହ ଓ କୋଇଲା ଶିଳ୍ପର ବିକାଶ ଶିଳ୍ପ ବିପ୍ଳବର ଅନ୍ୟତମ ଅବଦାନ । ଲୁହାପଥରକୁ ତରଳେଇବା ପାଇଁ ବହୁଦିନ ଧରି କାଠ କୋଇଲାର ବ୍ୟବହାର କରାଯାଉଥିଲା । କିନ୍ତୁ ଇଂଲଣ୍ଡର ସୀମିତ ଜଙ୍ଗଲ ସମ୍ପଦ ହେତୁ କାଠ ପରିବର୍ତ୍ତେ କୋଇଲାକୁ ଜାଳେଣୀ ରୂପେ ବ୍ୟବହାର କରିବା ସୁବିଧାଜନକ ଥିଲା । ଏଥିନିମନ୍ତେ କୋଇଲା ଖଣିଗୁଡ଼ିକରେ ଖନନ କାର୍ଯ୍ୟ ଆରମ୍ଭ ହେଲା । ଖଣିରେ କାମ କରୁଥିବା ଶ୍ରମିକମାନଙ୍କ ସୁବିଧା ନିମନ୍ତେ ଅନେକ ଯନ୍ତ୍ରପାତି ଉଦ୍ଭାବିତ ହେଲା ।

୧୭୫୦ ଖ୍ରୀ.ରେ ଆବ୍ରାହମ୍ ଡର୍ବି ନାମକ ଜଣେ ବ୍ୟକ୍ତି କାଠ କୋଇଲା ପରିବର୍ତ୍ତେ ପୋଡ଼ା କୋଇଲା ବା କୋକ୍ (coke) ଦ୍ୱାରା ଲୁହା ତରଳାଇବା ପଦ୍ଧତି ଆରମ୍ଭ କଲେ । ଏହାଦ୍ୱାରା ଲୌହଶିଳ୍ପରେ ବିଶେଷ ଉନ୍ନତି ପରିଲକ୍ଷିତ ହେଲା । କୋଇଲା ଖଣି ନିକଟବର୍ତ୍ତୀ ସ୍ଥାନମାନଙ୍କରେ ବଡ଼ ବଡ଼ ଲୁହା କାରଖାନା ସ୍ଥାପିତ ହେବା ସଙ୍ଗେ ସଙ୍ଗେ ଲୌହ ସାମଗ୍ରୀର ଉତ୍ପାଦନ ବୃଦ୍ଧି ପାଇଲା । ୧୮୧୫ ଖ୍ରୀ.ରେ ହମ୍ଫ୍ରେ ଡେଭିଙ୍କର ନିରାପଦ ବତୀ (Safety Lamp)ର ଉଦ୍ଭାବନ ଖଣି ଶ୍ରମିକମାନଙ୍କ ପାଇଁ ଏକ ଅମୂଲ୍ୟ ଅବଦାନ ଥିଲା । ଖଣିକୁ ଆଲୋକିତ କରିବା ସଙ୍ଗେ ସଙ୍ଗେ ଏହା ଖଣି ମଧ୍ୟରେ ଘଟୁଥିବା ବିଭିନ୍ନ ଦୁର୍ଘଟଣାରୁ ଶ୍ରମିକମାନଙ୍କୁ ରକ୍ଷା କରୁଥିଲା । ୧୮୫୬ଖ୍ରୀ.ରେ ହେନେରୀ ବିସମାର୍କ ଲୁହାରୁ ମଇଳା ବାହାର କରି ତା'କୁ ଅଧିକ ଶକ୍ତ ଓ କଠିନ କରିବାର ଉପାୟ ବାହାର କଲେ । ହେନେରୀ କର୍ଟ ଲୌହପିଣ୍ଡ ପ୍ରସ୍ତୁତ କରିବା ଓ ଲୁହା ଚାଦର ଗୁଡ଼ାଇବା ନିମିତ୍ତ ନୂତନ ପଦ୍ଧତିର ଉଦ୍ଭାବନ କଲେ । ଏହି ଲୁହା ପରବର୍ତ୍ତୀକାଳରେ ଇସ୍ପାତ ନାମରେ ନାମିତ ହେଲା । ଏହା ଉନ୍ନତ ଧରଣର ଶକ୍ତ ଓ ଦୀର୍ଘସ୍ଥାୟୀ ଯନ୍ତ୍ରପାତି ତିଆରିରେ ବ୍ୟବହୃତ ହେଲା । ବାଷ୍ପୀୟ ଯନ୍ତ୍ରର ଉଦ୍ଭାବନ ଓ କୋଇଲାର ସଦୁପଯୋଗ ଫଳରେ ଲୁହା କାରଖାନାମାନଙ୍କରେ ଅଭୂତପୂର୍ବ ଉନ୍ନତି ସାଧିତ ହେଲା ।

## ପରିବହନ ଓ ଯାତାୟତ କ୍ଷେତ୍ରରେ ଉଦ୍ଭାବନ:

ନୂତନ ଶିଳ୍ପ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ, କଞ୍ଚାମାଲ ଓ ଯନ୍ତ୍ରପାତି ନେବା ଆଣିବା ପାଇଁ ଆବଶ୍ୟକ ଥିଲା ଉନ୍ନତ ପରିବହନ ଓ ଯାତାୟତ ବ୍ୟବସ୍ଥା । ତେଣୁ ସ୍ଥଳପଥ, ଜଳପଥ ଆଦି ଯାତାୟତ ମାଧ୍ୟମରେ ପରିଲକ୍ଷିତ ହେଲା ଯୁଗାନ୍ତକାରୀ ପରିବର୍ତ୍ତନ । ବିଶେଷକରି ବାଷ୍ପୀୟ ଶକ୍ତିର ବହୁଳ ପ୍ରସାର ଫଳରେ ପରିବହନ ଓ ଯାତାୟତ କ୍ଷେତ୍ରରେ ପରିବର୍ତ୍ତନ ଘଟିଲା ।

**ସ୍ଥଳପଥ:–** ସ୍ଥଳପଥର ମୁଖ୍ୟ ମାଧ୍ୟମ ଥିଲା ସଡ଼କ । ଉତ୍ତମ ସଡ଼କ ନିର୍ମାଣ କରି ଦ୍ରୁତ ପରିବହନ ପାଇଁ ସର୍ବପ୍ରଥମେ ସ୍କଟଲାଣ୍ଡର ମାକ୍ଆଡାମ୍ ନାମକ ଜଣେ ଇଞ୍ଜିନିୟର ଛୋଟ ଛୋଟ ପଥରଖଣ୍ଡମାନ ବିଛାଇ ପକ୍କା ସଡ଼କ ନିର୍ମାଣର ପରିକଳ୍ପନା କଲେ । ପରବର୍ତ୍ତୀ ସମୟରେ ବହୁ ସଡ଼କ ନିର୍ମାଣ କରାଯାଇ ଗମନାଗମନ ଓ ଯାତାୟତ କ୍ଷେତ୍ର ପ୍ରଶସ୍ତ କରାଗଲା ।

**ରେଳପଥ:–** ସ୍ଥଳପଥରେ ଦୂର ଦୂରାନ୍ତକୁ ଶିଳ୍ପଜାତ ଦ୍ରବ୍ୟର ପରିବହନ ନିମନ୍ତେ ଉଦ୍ଭାବିତ ହେଲା ରେଳପଥ । ୧୮୧୪ଖ୍ରୀ.ରେ ଜର୍ଜ ଷ୍ଟିଫେନ୍‌ସନ୍ ଉଦ୍ଭାବନ କରିଥିଲେ ବାଷ୍ପଚାଳିତ ରେଳଗାଡ଼ି । ପ୍ରଥମେ ଏହି ରେଳଗାଡ଼ିରେ

କୋଇଲା ନେବା ଆଣିବା କରାଯାଉଥିଲା। ୧୮୩୦ ଖ୍ରୀ.ରେ ଲିଭରପୁଲରୁ ମାଞ୍ଚେଷ୍ଟର ପର୍ଯ୍ୟନ୍ତ ନିର୍ମିତ ରେଳପଥରେ ଉଭୟ ଯାତ୍ରୀ ଓ ମାଲପତ୍ର ନେବା ଆଣିବା ପାଇଁ ରେଳଗାଡ଼ିର ବ୍ୟବହାର ହେଲା। ପୃଥିବୀର ଏହି ସର୍ବପ୍ରଥମ ରେଳଗାଡ଼ି ଜର୍ଜ ଷ୍ଟିଫେନ୍‌ସନ୍‌ଙ୍କର ଶ୍ରେଷ୍ଠ ଅବଦାନ। ସେହି ଇଞ୍ଜିନର ନାମ ଥିଲା ରକେଟ ଓ ଏହାର ବେଗ ଥିଲା ଘଣ୍ଟାକୁ ୩୦ ମାଇଲ। ପରବର୍ତ୍ତୀ ସମୟରେ ନଦୀ ଉପରେ ପୋଲ ଦ୍ୱାରା ଓ ପାହାଡ଼ ଭିତରେ ସୁଡ଼ଙ୍ଗ କରି ରେଳପଥ ନିର୍ମାଣ କରାଗଲା। କ୍ରମେ ଏହା ସମଗ୍ର ବିଶ୍ୱକୁ ପ୍ରସାରିତ ହୋଇଥିଲା।

**ଜଳପଥ:–** ଦୂର ଦେଶମାନଙ୍କୁ ଶିଳ୍ପଜାତ ଦ୍ରବ୍ୟର ଆମଦାନୀ ଓ ରପ୍ତାନୀ ନିମନ୍ତେ ଜଳପଥର ଉନ୍ନତି ଆବଶ୍ୟକ ଥିଲା। ୧୭୬୧ ଖ୍ରୀ.ରେ ଜେମସ୍ ବ୍ରିଣ୍ଡଲେ ନାମକ ଜଣେ ଇଞ୍ଜିନିୟର ମାଞ୍ଚେଷ୍ଟର ଠାରୁ ଓ୍ୱାର୍ସଲେ ପର୍ଯ୍ୟନ୍ତ ଗୋଟିଏ କେନାଲ ଖୋଳାଇଲେ। ଏହି କେନାଲ ପଥରେ ପ୍ରଥମଥର ପାଇଁ କାରଖାନାକୁ ଜାହାଜ ଦ୍ୱାରା କୋଇଲା ପଠାଇବାର ସୁବିଧା ହେଲା। ପରେ ବାଷ୍ପଚାଳିତ ନୌକା ଚଳାଇବା ପାଇଁ ଉଦ୍ୟମ ହେଲା। ୧୮୩୮ ଖ୍ରୀ.ରେ ଦୁଇଟି ବାଷ୍ପଚାଳିତ ଜାହାଜ ଆଟ୍‌ଲାଣ୍ଟିକ୍ ମହାସାଗରକୁ ଅତିକ୍ରମ କରି ଦୂର ବିଦେଶକୁ ଯାତ୍ରା କରିଥିଲେ।

## ବିଜୁଳି ଶକ୍ତିର ଉଦ୍ଭାବନ:

ଊନବିଂଶ ଶତାବ୍ଦୀରେ ବିଜୁଳି ଶକ୍ତିର ଉଦ୍ଭାବନ ଓ ପ୍ରସାର ଫଳରେ ଯୋଗାଯୋଗ ଓ ଦୂରସଞ୍ଚାର ବ୍ୟବସ୍ଥାରେ ଅଭୂତପୂର୍ବ ଉନ୍ନତି ପରିଲକ୍ଷିତ ହେଲା। ୧୮୩୭ ଖ୍ରୀ.ରେ ଇଂଲଣ୍ଡର ଚାର୍ଲସ ହ୍ୱିଟଲେ ଓ ଆମେରିକାର ସାମୁଏଲ୍ ମୋର୍ସ ନିଜ ନିଜ ଦେଶରେ ବିଦ୍ୟୁତ୍ ଶକ୍ତି ସମ୍ପନ୍ନ ଟେଲିଗ୍ରାଫ୍ ବ୍ୟବସ୍ଥା ଆରମ୍ଭ କଲେ। ମାଇକେଲ ଫାରାଡ଼େଙ୍କର ନୂତନ ବିଦ୍ୟୁତ ଚୁମ୍ବକୀୟ ତତ୍ତ୍ୱ, ୧୮୭୮ଖ୍ରୀ.ରେ ଉଦ୍ଭାବିତ ଟମାସ୍ ଏଡିସନ୍‌ଙ୍କ ବୈଦ୍ୟୁତିକ ଆଲୋକ, ସିନେମା ଓ ଫୋନୋଗ୍ରାଫ୍, ୧୮୭୬ ଖ୍ରୀ.ରେ ଗ୍ରାହମ୍‌ବେଲଙ୍କର ଟେଲିଫୋନ୍‌ର ଉଦ୍ଭାବନ ଓ ୧୮୯୫ରେ ମାର୍କୋନିଙ୍କର ରେଡ଼ିଓ ଉଦ୍ଭାବନ ଆଦି ଶିଳ୍ପ ବିପ୍ଳବର ଯୁଗାନ୍ତକାରୀ ଅବଦାନ।

୧୮୪୦ରେ ଇଂଲଣ୍ଡରେ ପ୍ରଚଳିତ ହୋଇଥିବା ପେନି ଡାକ ପ୍ରଥା ଯୋଗାଯୋଗ କ୍ଷେତ୍ରକୁ ଅଧିକ ଉନ୍ନତ କରିଥିଲା।

## କୃଷି ବିପ୍ଳବ:

ଶିଳ୍ପ ବିପ୍ଳବ ଯୋଗୁଁ କୃଷିକ୍ଷେତ୍ରରେ ମଧ୍ୟ ଦେଖାଦେଇଥିଲା ବୈପ୍ଳବିକ ପରିବର୍ତ୍ତନ। କୃଷି ପ୍ରଣାଳୀରେ ବିଭିନ୍ନ ଯନ୍ତ୍ରପାତିର ପ୍ରୟୋଗ ଦ୍ୱାରା ଉତ୍ପାଦନ ବୃଦ୍ଧି ହେବା ସଙ୍ଗେ ସଙ୍ଗେ କୃଷକମାନଙ୍କର ଶ୍ରମ ଲାଘବ ହୋଇଥିଲା। ୧୮୩୦ ଖ୍ରୀ.ରେ ବେଙ୍ଗଳା ପକାଇବା ପାଇଁ ବାଷ୍ପଚାଳିତ ଯନ୍ତ୍ର, ୧୮୪୩ ଖ୍ରୀ.ରେ ଶସ୍ୟ କାଟିବା ଯନ୍ତ୍ର, ୧୮୫୦ଖ୍ରୀ.ରେ ବାଷ୍ପଚାଳିତ ଲଙ୍ଗଳ କୃଷି ପଦ୍ଧତିକୁ କରିଥିଲା ଅଧିକ ସହଜସାଧ୍ୟ। ଟାଉନ୍‌ସେଣ୍ଡ ନାମକ ଜଣେ କୃଷିବିତ୍ ଗୋଟିଏ ଜମିରୁ ପର୍ଯ୍ୟାୟକ୍ରମେ ବିଭିନ୍ନ ଫସଲ ଉତ୍ପାଦନ ପଦ୍ଧତି ଆରମ୍ଭ କଲେ। ଏହାଦ୍ୱାରା ଜମିର ଉର୍ବରତା ରକ୍ଷା ହେବା ସଙ୍ଗେ ସଙ୍ଗେ ଜମି ଆଉ ପଡ଼ିଆ ପଡ଼ିଲା ନାହିଁ। ଚାଷ ଜମିରେ ଯାନ୍ତ୍ରିକ କୃଷିପଦ୍ଧତିର ପ୍ରବର୍ତ୍ତନ କୃଷି ସମ୍ପ୍ରସାରଣରେ ସାହାଯ୍ୟ କରିଥିଲା।

## ଶିଳ୍ପ ବିପ୍ଳବର ଫଳାଫଳ:

ଶିଳ୍ପ ବିପ୍ଳବ ଇଂଲଣ୍ଡରେ ଆରମ୍ଭ ହୋଇ ପୃଥିବୀର ଅନ୍ୟ ଦେଶକୁ ପ୍ରସାରିତ ହୋଇଥିଲା । ଐତିହାସିକ ରାମସେ ମୁରଙ୍କ ମତରେ ଏହା ଥିଲା ଏକ ଶକ୍ତିଶାଳୀ କିନ୍ତୁ ନୀରବ ପରିପ୍ରକାଶ (Mighty but silent upheaval) ଏହା ଏକ ଶାନ୍ତିପୂର୍ଣ୍ଣ ଅର୍ଥନୈତିକ ବିପ୍ଳବ ହୋଇଥିଲେ ମଧ୍ୟ ଏହାର ପ୍ରଭାବ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ପରିଲକ୍ଷିତ ହୋଇଥିଲା । ଏହାର ଫଳାଫଳଗୁଡ଼ିକ ଆଲୋଚନା କରିବା ।

**ସୁଫଳ:–**

– ଶିଳ୍ପ ବିପ୍ଳବ ଦ୍ୱାରା ଅଗଣିତ କଳକାରଖାନା ଗଢ଼ିଉଠି ଅଳ୍ପ ସମୟ ମଧ୍ୟରେ ବହୁ ପରିମାଣରେ ଶସ୍ତା, ସୁନ୍ଦର ଓ ଉଚ୍ଚକୋଟୀର ବ୍ୟବହାର୍ଯ୍ୟ ବସ୍ତୁ ଉତ୍ପାଦିତ ହୋଇପାରିଲା । ଇଂଲଣ୍ଡରେ ପ୍ରସ୍ତୁତ ଶିଳ୍ପଜାତ ଦ୍ରବ୍ୟର ଚାହିଦା ସାରା ବିଶ୍ୱରେ ବୃଦ୍ଧି ପାଇବା ଦ୍ୱାରା ଇଂଲଣ୍ଡର ଅର୍ଥନୈତିକ ପ୍ରଗତି ଘଟିଲା । ଶିଳ୍ପ ଦ୍ୱାରା ମନୁଷ୍ୟର ଶ୍ରମ ଲାଘବ ହେବା ଯୋଗୁଁ ଜୀବନ ହେଲା ସୁଖସ୍ୱାଚ୍ଛନ୍ଦପୂର୍ଣ୍ଣ ।

– ପରିବହନ ଓ ଯାତାୟତ କ୍ଷେତ୍ରରେ ପରିବର୍ତ୍ତନ ଦ୍ୱାରା ଦୂରତାକୁ ମନୁଷ୍ୟ ଜୟ କରିପାରିଲା । ଆନ୍ତର୍ଜାତିକ ବାଣିଜ୍ୟ ବ୍ୟବସାୟ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ବିଭିନ୍ନ ଦେଶର ଲୋକମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ବୃଦ୍ଧି ପାଇଲା ।

– କୃଷି କ୍ଷେତ୍ରରେ ନୂତନ ଯନ୍ତ୍ରପାତି ଓ କୃଷିପଦ୍ଧତିର ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ କୃଷକମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେଲା ।

– ଯାନ୍ତ୍ରିକ ବିକାଶ ଓ କୃଷି ବିକାଶ ଦ୍ୱାରା ସମାଜରେ ଏକ ଶକ୍ତିଶାଳୀ ମଧ୍ୟବିତ୍ତ ଗୋଷ୍ଠୀର ଉତ୍‌ଥାନ ହେଲା । ଏହି ଗୋଷ୍ଠୀ ପରବର୍ତ୍ତୀ ସମୟରେ ଇଂଲଣ୍ଡରେ ବହୁ ରାଜନୈତିକ ସଂସ୍କାରର ପୁରୋଧା ହୋଇଥିଲେ ।

– ଶିଳ୍ପ ବିପ୍ଳବ ହେତୁ ବର୍ମିଂହାମ, ମାଞ୍ଚେଷ୍ଟର, ଲିଭରପୁଲ ଆଦି ନୂଆ ଶିଳ୍ପଭିତ୍ତିକ ସହର ଗଢ଼ିଉଠି ଲଣ୍ଡନକୁ ଆନ୍ତର୍ଜାତିକ ବାଣିଜ୍ୟ କେନ୍ଦ୍ରରେ ପରିଣତ କରିଥିଲା । ବିଭିନ୍ନ ଦେଶରେ ମଧ୍ୟ ଶିଳ୍ପକୁ କେନ୍ଦ୍ରକରି ନୂତନ ସହରମାନ ଗଢ଼ିଉଠିଲା ।

– ଶିଳ୍ପ ବିପ୍ଳବ ଯୋଗୁଁ ଜାତୀୟ ସମ୍ପତ୍ତିର ଅଭିବୃଦ୍ଧି ଘଟିଲା । କୃଷି, ଶିଳ୍ପ ଓ କଳକାରଖାନାମାନଙ୍କରେ ଯାନ୍ତ୍ରିକ ଉତ୍ପାଦନ ଫଳରେ ପ୍ରଚୁର ଅର୍ଥ ଉପାର୍ଜନର ମାର୍ଗ ସୁଗମ ହେଲା ।

– ଶିଳ୍ପ ବିପ୍ଳବରୁ ସୃଷ୍ଟି ହୋଇଥିଲେ ଶ୍ରମିକ ଗୋଷ୍ଠୀ । କାଳକ୍ରମେ ସେମାନେ ରାଜନୈତିକ କ୍ଷେତ୍ରରେ ସୁବିଧାସୁଯୋଗ ହାସଲପାଇଁ ଦାବି ଉପସ୍ଥାପନ କଲେ । ସେମାନଙ୍କ ପାଇଁ ବ୍ରିଟିଶ ପାର୍ଲାମେଣ୍ଟରେ ଅନେକଗୁଡ଼ିଏ ସଂସ୍କାର ଆଇନ୍ ପାରିତ ହୋଇଥିଲା । ରିକାର୍ଡୋ, ଜେମସ୍ ମିଲ୍ ପ୍ରଭୃତି ଅର୍ଥନୀତିଜ୍ଞ ଶ୍ରମିକ ସ୍ୱାର୍ଥ ପାଇଁ ସୃଷ୍ଟି କରିଥିଲେ ନୂତନ ମତବାଦ ।

- ଶିଳ୍ପ ବିପ୍ଳବ ଦ୍ୱାରା ବ୍ୟକ୍ତିବାଦ ଆଦର୍ଶର ସୃଷ୍ଟି ହୋଇଥିଲା । ସାହିତ୍ୟ ରଚନା କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହୋଇଥିଲା ।

**କୁଫଳ:–**

ମୁଦ୍ରାର ଦୁଇପାର୍ଶ୍ୱ ପରି ଶିଳ୍ପ ବିପ୍ଳବର ସୁଫଳ ସହିତ କୁଫଳ ମଧ୍ୟ ଦେଖାଦେଇଥିଲା ।

- ଶିଳ୍ପ ବିପ୍ଳବ ଦ୍ୱାରା ସର୍ବପ୍ରଥମେ କ୍ଷତିଗ୍ରସ୍ତ ହେଲା କୁଟୀର ଓ ହସ୍ତ ଶିଳ୍ପ । ଯନ୍ତ୍ରଜାତ ଦ୍ରବ୍ୟ ସହଜଲଭ୍ୟ ହେବାରୁ ହାତତିଆରି ଜିନିଷର ଚାହିଦା କମିଗଲା । ତେଣୁ ହସ୍ତଶିଳ୍ପୀ ଓ କାରିଗରମାନେ ସେମାନଙ୍କର ବଂଶାନୁକ୍ରମିକ କାମ ହରାଇ ଦାରିଦ୍ର୍ୟ ଭିତରେ ଜୀବନଧାରଣ କଲେ ।

- ଉନ୍ନତ ଯନ୍ତ୍ରପାତିର ବ୍ୟବହାର ଓ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରାଯିବାରୁ କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନେ ଧନୀ ଓ ବଡ଼ ବଡ଼ ଚାଷୀମାନଙ୍କ ସହିତ ପ୍ରତିଯୋଗିତା କରି ନ ପାରି କ୍ଷତିଗ୍ରସ୍ତ ହେଲେ । ସେମାନଙ୍କର ଜମିକୁ ଧନୀ ଚାଷୀମାନେ କିଣିନେବାରୁ ସେମାନେ ଜମିହୀନ ହୋଇ ସହରକୁ ଯାଇ କାରଖାନା ଶ୍ରମିକରେ ପରିଣତ ହେଲେ ।

- ଶିଳ୍ପ ବିପ୍ଳବ ଦ୍ୱାରା ଗ୍ରାମାଞ୍ଚଳ ଜନଶୂନ୍ୟ ହୋଇପଡ଼ିଲା । ଚାଷୀ ଓ କାରିଗରମାନେ ଜୀବିକା ହରାଇ ବେକାର ହେବାରୁ ଜୀବିକା ସନ୍ଧାନରେ ଗାଁ ଛାଡ଼ି ସହରାଭିମୁଖୀ ହେଲେ ।

- ଶିଳ୍ପ ବିପ୍ଳବ ଯୋଗୁଁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇଥିଲା । କଳକାରଖାନାରୁ ନିର୍ଗତ ଧୂଆଁ ଓ ମଇଳା ଦ୍ୱାରା ପରିବେଶ ଦୂଷିତ ହେଲା । ଏହାର କୁପ୍ରଭାବ ଜନସାଧାରଣଙ୍କର ସ୍ୱାସ୍ଥ୍ୟ ଉପରେ ପଡ଼ିଲା ।

- ସାମାଜିକ କ୍ଷେତ୍ରରେ ସୃଷ୍ଟି ହେଲେ ପୁଞ୍ଜିପତି ଓ ଶ୍ରମିକ ନାମରେ ଦୁଇଟି ବିପରୀତମୁଖୀ ଗୋଷ୍ଠୀ । ଶିଳ୍ପପତିମାନେ ଧନୀ ହୋଇ କାପିଟାଲିଷ୍ଟ (Capitalist) ନାମରେ ପରିଚିତ ହେଲେ ଓ ଶ୍ରମିକମାନେ ସର୍ବହରା ବା ପ୍ରୋଲେଟାରିଏଟ୍ (Proletariat) ନାମରେ ନାମିତ ହେଲେ । ଶିଳ୍ପପତିମାନେ ସମସ୍ତ ପ୍ରକାର ସୁଖସୁବିଧା ଭୋଗ କରୁଥିବାବେଳେ ଶ୍ରମିକମାନେ ଏଥିରୁ ବଞ୍ଚିତ ହୋଇଥିଲେ । ଶିଳ୍ପପତି ବା ପୁଞ୍ଜିପତିମାନେ ଶୋଷକଶ୍ରେଣୀ ଓ ସର୍ବହରା ଶ୍ରମିକମାନେ ଶୋଷିତ ଶ୍ରେଣୀରେ ପରିଗଣିତ ହେଲେ । ଏହାଦ୍ୱାରା ସମାଜରେ ସୃଷ୍ଟି ହେଲା ବିଭେଦ ଓ ସାମାଜିକ ଐକ୍ୟ ନଷ୍ଟ ହୋଇ ଶ୍ରେଣୀ ସଂଘର୍ଷର ସୂତ୍ରପାତ ହେଲା ।

- ଶ୍ରମିକମାନେ କଳକାରଖାନାରେ ଅଳ୍ପ ମଜୁରୀରେ କଠିନ ପରିଶ୍ରମ କରୁଥିଲେ । ଦାରିଦ୍ର୍ୟର ତାଡ଼ନା ଯୋଗୁଁ ମହିଳା ଓ ଶିଶୁମାନେ ମଧ୍ୟ କଳକାରଖାନା ଓ ଖଣିମାନଙ୍କରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଦୀର୍ଘକାଳ ପରିଶ୍ରମ କରୁଥିଲେ । ଦାରିଦ୍ର୍ୟ, ଅଭାବ ଓ ଅନାଟନରେ ଶ୍ରମିକ ଗୋଷ୍ଠୀ ଥିଲେ ନିଷ୍ପେଷିତ । ଶ୍ରମିକ ବସ୍ତିଗୁଡ଼ିକୁ ଲେଖକ ବ୍ଲେକ୍ ଅନ୍ଧକାରାଚ୍ଛନ୍ନ ସଇତାନର କାରଖାନା (Dark Satanic Mills) ଭାବରେ ବର୍ଣ୍ଣନା କରିଥିଲେ । ଶ୍ରମିକମାନଙ୍କର ଏହି ସମସ୍ୟାକୁ ବିଖ୍ୟାତ ବିପ୍ଳବୀ ତଥା ଦାର୍ଶନିକ କାର୍ଲମାର୍କ୍ସ ଲୋକଲୋଚନକୁ ଆଣିଥିଲେ ।

କାଳକ୍ରମେ ଶ୍ରମିକମାନଙ୍କର ସଂଘ ତଥା ଟ୍ରେଡ୍ ଇଉନିୟନ୍ ଆଦି ଗଠିତ ହେଲା । ଏହି ସଂଘଗୁଡ଼ିକ ଶ୍ରମିକମାନଙ୍କର ସ୍ୱାର୍ଥରକ୍ଷା ପାଇଁ ନ୍ୟାଯ୍ୟ ଦାବି ପୁଞ୍ଜିପତି ତଥା ଶିଳ୍ପପତିମାନଙ୍କଠାରେ ଉପସ୍ଥାପନ କଲେ । ସେମାନଙ୍କର ଦାବି ଅଗ୍ରାହ୍ୟ ହେବା ଦ୍ୱାରା କଳକାରଖାନାରେ ଶ୍ରମିକ ବିକ୍ଷୋଭ, ଧର୍ମଘଟ ଆଦି ହେଲା । ଏହାର କୁପ୍ରଭାବ ଉତ୍ପାଦନ ଉପରେ ପଡ଼ିଲା । ଉଭୟ ଶିଳ୍ପପତି ଓ ଶ୍ରମିକଗୋଷ୍ଠୀ ଏହାଦ୍ୱାରା ଅସୁବିଧାର ସମ୍ମୁଖୀନ ହେଲେ ।

ପରବର୍ତ୍ତୀ ସମୟରେ କାର୍ଲମାର୍କ୍ସ ଏହି ଶ୍ରେଣୀସଂଘର୍ଷ ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ । ସେ ଆହ୍ୱାନ ଦେଇଥିଲେ, 'ବିଶ୍ୱର ଶ୍ରମିକମାନେ ଏକତ୍ର ହୁଅ, ବିପ୍ଳବ ଦ୍ୱାରା କେବଳ ବନ୍ଧନ-ଶୃଙ୍ଖଳ ଛଡ଼ା ତୁମର ଆଉ କିଛି ହରାଇବାର ନାହିଁ ।' (Workers of the world unite. You have nothing to lose except your bonds).

- ଶିଳ୍ପ ବିପ୍ଳବ ଯୋଗୁଁ ଉପନିବେଶବାଦର ବୃଦ୍ଧି ଘଟିଥିଲା । ଶିଳ୍ପ ପାଇଁ ଆବଶ୍ୟକୀୟ କଞ୍ଚାମାଲ ଓ ଶିଳ୍ପଜାତ ଦ୍ରବ୍ୟର ବିକ୍ରୀ ପାଇଁ ଆବଶ୍ୟକ ବଜାର ନିମନ୍ତେ ଇଉରୋପୀୟ ଦେଶମାନେ ଅନୁନ୍ନତ ଦେଶରେ ଉପନିବେଶମାନ ସ୍ଥାପନ କରି ସେମାନଙ୍କୁ ଶୋଷଣ କଲେ । ଏଥିପାଇଁ ଦେଶ ଦେଶ ମଧ୍ୟରେ ଦେଖାଦେଲା ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ।
- ଶିଳ୍ପ ବିପ୍ଳବ ମନୁଷ୍ୟକୁ କରିଥିଲା ଅଧିକ ବସ୍ତୁବାଦୀ, ଆଧ୍ୟାତ୍ମିକ ତଥା ଧର୍ମୀୟ ଚିନ୍ତାଧାରା ଠାରୁ ଦୂରେଇ ଯାଇ ମନୁଷ୍ୟ ଅଧିକ ପାର୍ଥିବ ଚିନ୍ତାଧାରାଯୁକ୍ତ ହୋଇଥିଲା ।

## ସାରାଂଶ

ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଓ ଉନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ହସ୍ତଶିଳ୍ପ ପରିବର୍ତ୍ତେ ଉତ୍ପାଦନ କ୍ଷେତ୍ରରେ ଯନ୍ତ୍ର ଓ ବାଷ୍ପଶକ୍ତିର ବ୍ୟବହାର ଫଳରେ ଶିଳ୍ପ ବ୍ୟବସ୍ଥାରେ ଘଟିଥିବା ବୈପ୍ଳବିକ ପରିବର୍ତ୍ତନକୁ ଶିଳ୍ପ ବିପ୍ଳବ କୁହାଯାଏ । ଏହା ପ୍ରଥମେ ଇଂଲଣ୍ଡରେ ବୟନ ଶିଳ୍ପରୁ ଆରମ୍ଭ ହୋଇଥିଲା । ଫ୍ଲାଇଙ୍ଗ୍ ସଟଲ, ସ୍ପିନିଂ ଜେନି, ୱାଟର ଫ୍ରେମ୍, ସ୍ପିନିଙ୍ଗ ମ୍ୟୁଲ, ପାୱାର ଲୁମ୍, କଟନ ଜିନ୍ ଆଦି ଯନ୍ତ୍ରର ଉଦ୍ଭାବନ ବୟନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ଲୁହା ଓ କୋଇଲା କ୍ଷେତ୍ରରେ ଧୂମହୀନ କୋଇଲା, ହମ୍ଫ୍ରେ ଡେଭିଙ୍କ ନିରାପଦ ବତୀ, ଲୌହପିଣ୍ଡ ଓ ଲୁହା ଚାଦର ଗୁଡ଼ାଇବା ପଦ୍ଧତି, ଖଣିଜ ଜଳ ନିଷ୍କାସନ ଯନ୍ତ୍ର ଆଦି ଥିଲା ଶିଳ୍ପ ବିପ୍ଳବର ଅନ୍ୟ ଅବଦାନ । ଜେମସ୍ ୱାଟଙ୍କ ବାଷ୍ପୀୟ ଇଞ୍ଜିନ୍, ଜର୍ଜ ଷ୍ଟିଫେନସନଙ୍କର ରେଳ ଇଞ୍ଜିନ୍ ପରିବହନ ଓ ଯାତାୟତ କ୍ଷେତ୍ରରେ ବହୁ ପରିବର୍ତ୍ତନ ଆଣିଥିଲା । ସଡ଼କପଥ, ରେଳପଥ ଓ ଜଳପଥରେ ଘଟିଥିଲା ବିଶେଷ ଉନ୍ନତି ।

ଶିଳ୍ପ ବିପ୍ଳବର ଅନ୍ୟାନ୍ୟ ଅବଦାନ ମଧ୍ୟରେ ବିଜୁଳିଶକ୍ତି, ରେଡ଼ିଓ ଓ ଟେଲିଫୋନ୍ ଆଦିର ଉଦ୍ଭାବନ ଉଲ୍ଲେଖଯୋଗ୍ୟ। କୃଷି କ୍ଷେତ୍ରରେ ଯାନ୍ତ୍ରିକ ତଥା ବୈଜ୍ଞାନିକ ପଦ୍ଧତି ଆଣିଥିଲା କୃଷି ବିପ୍ଳବ। ଶିଳ୍ପ ବିପ୍ଳବ ଯୋଗୁଁ ମନୁଷ୍ୟର ଶ୍ରମ ଲାଘବ ହେବା ସଙ୍ଗେ ସଙ୍ଗେ ଜୀବନଧାରଣର ମାନଦଣ୍ଡ ବୃଦ୍ଧି ପାଇଲା। ଏହି ବିପ୍ଳବ ଫଳରେ ମାନବଜାତିର ଅଶେଷ ହିତ ସାଧନ ହୋଇଥିଲେ ମଧ୍ୟ ଏହା ମନୁଷ୍ୟ ସମାଜରେ ଦାରିଦ୍ର୍ୟ, ଶୋଷଣ ଓ ଭେଦଭାବ ସୃଷ୍ଟି କରିଥିଲା। କିନ୍ତୁ ଏହା ଯେ ଏକ ଯୁଗାନ୍ତକାରୀ ବିପ୍ଳବ ଏହା ଅସ୍ୱୀକାର କରିହେବ ନାହିଁ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଦିଆଯାଇଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ।

(କ) ଶିଳ୍ପ ବିପ୍ଳବ ପ୍ରଥମେ କେଉଁ ଦେଶରୁ ଆରମ୍ଭ ହୋଇଥିଲା ?

(i) ଫ୍ରାନ୍ସ (ii) ଇଂଲଣ୍ଡ (iii) ଜର୍ମାନୀ (iv) ଜାପାନ

(ଖ) ଫ୍ଲାଇଙ୍ଗ ସଟଲ କିଏ ଉଦ୍ଭାବନ କରିଥିଲେ ?

(i) ଜେମସ୍ ହାରଗ୍ରିଭସ୍ (ii) ସାମୁଏଲ କ୍ରମ୍ପଟନ୍ (iii) ଜନ କେ (iv) ଏଲି ହ୍ୱିଟନେ

(ଗ) ଜେମସ୍ ହାରଗ୍ରୀଭସ କ'ଣ ଉଦ୍ଭାବନ କରିଥିଲେ ?

(i) ସ୍ପିନିଂ ଜେନି (ii) ଫ୍ଲାଇଙ୍ଗ୍ ସଟଲ (iii) ପାୱାରଲୁମ୍ (iv) କଟନ ଜିନ୍

(ଘ) ଏଲି ହ୍ୱିଟନେଙ୍କର ଉଦ୍ଭାବନର ନାମ ଲେଖ।

(i) ସ୍ପିନିଂ ମ୍ୟୁଲ (ii) କଟନ ଜିନ୍ (iii) ପାୱାରଲୁମ୍ (iv) ୱାଟର ଫ୍ରେମ୍

(ଙ) ବାଷ୍ପୀୟ ଇଞ୍ଜିନର ଉଦ୍ଭାବକ କିଏ ?

(i) ଜେମସ୍ ୱାଟ (ii) ଜର୍ଜ ଷ୍ଟିଫେନସନ୍ (iii) ହମ୍ଫ୍ରେ ଡେଭି (iv) ଟମାସ୍ ନିଉକୋମେନ୍

(ଚ) ପ୍ରଥମ ରେଳପଥର ନିର୍ମାଣ କେଉଁ ସ୍ଥାନରୁ କେଉଁ ସ୍ଥାନ ପର୍ଯ୍ୟନ୍ତ ହୋଇଥିଲା ?

(i) ଲିଭରପୁଲରୁ ମାଞ୍ଚେଷ୍ଟର (ii) ମାଞ୍ଚେଷ୍ଟରରୁ ଲାଙ୍କାସାୟାର

(iii) ଲଣ୍ଡନରୁ ଲିଭରପୁଲ (iv) ଲାଙ୍କାସାୟାରରୁ ଲିଭରପୁଲ

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ରଚାର୍ଡ଼ ଆର୍କରାଇଟ୍ ——— ଉଦ୍ଭାବନ କରିଥିଲେ ।

(ଖ) ହମ୍ପ୍ରେ ଡେଭି ——— ଉଦ୍ଭାବନ କରିଥିଲେ ।

(ଗ) ପୃଥିବୀର ସର୍ବପ୍ରଥମ ରେଳଗାଡ଼ି ———ଙ୍କର ଅବଦାନ ।

(ଘ) ମାଞ୍ଚେଷ୍ଟର ଠାରୁ ଓ୍ୱର୍ସଲେ ପର୍ଯ୍ୟନ୍ତ ——— ପ୍ରଥମେ ଗୋଟିଏ କେନାଲ ଖୋଳାଇଥିଲେ ।

(ଙ) ——— ଟେଲିଫୋନ୍‌ର ଉଦ୍ଭାବକ ।

(ଚ) ମାର୍କୋନି ——— ଉଦ୍ଭାବନ କରିଥିଲେ ।

## 'ଖ' ବିଭାଗ

## ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର

୩. ପ୍ରତି ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

(କ) ଶିଳ୍ପ ବିପ୍ଳବ କହିଲେ କ'ଣ ବୁଝ ? ଏହା ପ୍ରଥମେ କେଉଁଠି ଆରମ୍ଭ ହୋଇଥିଲା ?

(ଖ) ସ୍ପିନିଂ ଜେନି କ'ଣ ? ଏହା କେବେ ଓ କାହାଦ୍ୱାରା ଉଦ୍ଭାବିତ ହୋଇଥିଲା ?

(ଗ) ସ୍ପିନିଂ ମ୍ୟୁଲ କ'ଣ ? ଏହା କିଏ ଉଦ୍ଭାବନ କରିଥିଲେ ?

(ଘ) ନିରାପଦ ବତୀ କ'ଣ ? ଏହାକୁ କିଏ ଉଦ୍ଭାବନ କରିଥିଲେ ?

(ଙ) ପ୍ରଥମ ରେଳ ଇଞ୍ଜିନର ନାମ କ'ଣ ? ଏହା ଘଣ୍ଟାକୁ କେତେ ମାଇଲ ବେଗରେ ଚାଲୁଥିଲା ?

(ଚ) କେଉଁ ମସିହାରେ ଓ କାହାର ପରିକଳ୍ପନାରେ ଶିଳ୍ପ ବିପ୍ଳବ ସମୟରେ ପ୍ରଥମ କେନାଲ ଖୋଳାଯାଇଥିଲା ? ଏହାର ବିସ୍ତୃତି କେଉଁଠାରୁ କେତେ ପର୍ଯ୍ୟନ୍ତ ଥିଲା ?

(ଛ) କିଏ କାହାକୁ 'ଅନ୍ଧକାରାଛନ୍ନ ସଇତାନର କାରଖାନା' ବୋଲି ଅଭିହିତ କରିଥିଲେ ?

(ଜ) ମ୍ୟାକ୍ ଆଡ଼ାମ୍ କିଏ ? ତାଙ୍କର ଅବାଦନ କ'ଣ ଥିଲା ?

(ଝ) ଶିଳ୍ପ ବିପ୍ଳବ ସମୟରେ କାହିଁକି ଇଂଲଣ୍ଡରେ କାଠ ପରିବର୍ତ୍ତେ କୋଇଲାକୁ ଜାଳେଣୀରୂପେ ବ୍ୟବହାର କରାଗଲା ? ପ୍ରଥମେ କିଏ ପୋଡ଼ା କୋଇଲା ବା କୋକର ବ୍ୟବହାର ଆରମ୍ଭ କରିଥିଲେ ?

୪. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର।

ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ମଧ୍ୟରେ ସୀମିତ ରହିବା ଉଚିତ।

(କ) ଭୌଗୋଳିକ ଆବିଷ୍କାର ଓ ଉପନିବେଶ ସ୍ଥାପନ କିପରି ଶିଳ୍ପ ବିପ୍ଳବ ଆରମ୍ଭ ହେବାରେ ସାହାଯ୍ୟ କରିଥିଲା ?

(ଖ) ଶିଳ୍ପ ବିପ୍ଳବ ପ୍ରଥମେ ଇଂଲଣ୍ଡରେ କାହିଁକି ଆରମ୍ଭ ହେଲା ?

(ଗ) ଶିଳ୍ପ ବିପ୍ଳବ ସମୟରେ ଲୁହା ଓ କୋଇଲା ଶିଳ୍ପର ବିକାଶ ଉଲ୍ଲେଖ କର।

(ଘ) ଶିଳ୍ପ ବିପ୍ଳବ ସମୟରେ ବୟନ ଶିଳ୍ପରେ କେଉଁ କେଉଁ ଉଦ୍ଭାବନ ହୋଇଥିଲା ଲେଖ।

(ଙ) ଶିଳ୍ପ ବିପ୍ଳବ ଦ୍ୱାରା ପରିବହନ କ୍ଷେତ୍ରରେ କିପରି ପରିବର୍ତ୍ତନ ଆସିଲା ?

(ଚ) ଶିଳ୍ପ ବିପ୍ଳବ କିପରି କୃଷି ବିପ୍ଳବ ସୃଷ୍ଟିରେ ସାହାଯ୍ୟ କଲା ବର୍ଣ୍ଣନା କର।

୫. (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର।) ନିମ୍ନଲିଖିତ ବିଷୟ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ।

(କ) ଶିଳ୍ପ ବିପ୍ଳବର ସୁଫଳ (ଖ) ଶିଳ୍ପ ବିପ୍ଳବର କୁଫଳ (ଗ) କୃଷି ବିପ୍ଳବ

୬. (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର।) ପାର୍ଥକ୍ୟ ଦର୍ଶାଅ।

(କ) ଶିଳ୍ପ ବିପ୍ଳବ ଓ କୃଷି ବିପ୍ଳବ

(ଖ) ସ୍ପିନିଂ ଜେନି ଓ ସ୍ପିନିଂ ମୂଲ୍ୟ

(ଗ) ବାଷ୍ପୀୟ ଇଞ୍ଜିନ୍ ଓ ବାଷ୍ପଚାଳିତ ରେଳଗାଡ଼ି

(ଘ) ପୁଞ୍ଜିପତି ଓ ସର୍ବହରା।

## 'ଗ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର

୭. ଶିଳ୍ପ ବିପ୍ଳବ କ'ଣ ? ଏହାର କାରଣମାନ ଆଲୋଚନା କର।

୮. ଶିଳ୍ପ ବିପ୍ଳବ କାହିଁକି ଇଂଲଣ୍ଡରୁ ଆରମ୍ଭ ହୋଇଥିଲା ? ଏହାର ଫଳାଫଳ ବର୍ଣ୍ଣନା କର।

୯. ଶିଳ୍ପ ବିପ୍ଳବ ସମୟରେ ଘଟିଥିବା ବୈଜ୍ଞାନିକ ଓ ଯାନ୍ତ୍ରିକ ବିକାଶ ଉପରେ ଆଲୋକପାତ କର।

୧୦. ଶିଳ୍ପ ବିପ୍ଳବର କାରଣ, ଅଗ୍ରଗତି ଓ ଫଳାଫଳ ବର୍ଣ୍ଣନା କର।

— ❖ —

ଦ୍ୱାଦଶ ଅଧ୍ୟାୟ

# ଆମେରିକାର ସ୍ୱାଧୀନତା ସଂଗ୍ରାମ

ବିଶ୍ୱ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ତଥା ସୁଦୂରପ୍ରସାରୀ ପରିଗଣିତ ହେଉଥିବା ଘଟଣାମାନଙ୍କ ମଧ୍ୟରେ ଆମେରିକାର ସ୍ୱାଧୀନତା ସଂଗ୍ରାମ ଅନ୍ୟତମ। ଇଂଲଣ୍ଡ ଓ ଉତ୍ତର ଆମେରିକାର ଉପନିବେଶଗୁଡ଼ିକ ମଧ୍ୟରେ ୧୭୭୬ ଖ୍ରୀଷ୍ଟାବ୍ଦରେ ଏହି ସଂଗ୍ରାମ ଆରମ୍ଭ ହୋଇ ୧୭୮୧ ଖ୍ରୀଷ୍ଟାବ୍ଦରେ ସମାପ୍ତ ହୋଇଥିଲା। ଇଂଲଣ୍ଡର ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ଆରମ୍ଭ ହୋଇଥିବା ଆମେରିକାବାସୀଙ୍କର ଏହି ସ୍ୱାଧୀନତା ସଂଗାମ ସମଗ୍ର ବିଶ୍ୱରୁ ଉପନିବେଶବାଦର ବିଲୋପ ନିମନ୍ତେ ପଥ ଉନ୍ମୁକ୍ତ କରିଥିଲା।

## ଉତ୍ତର ଆମେରିକାରେ ଇଂରେଜମାନଙ୍କ ଉପନିବେଶ ସ୍ଥାପନ:

୧୪୯୨ ଖ୍ରୀଷ୍ଟାବ୍ଦରେ କଲମ୍ବସଙ୍କ ଆମେରିକା ଆବିଷ୍କାର ଇଉରୋପ ନିମନ୍ତେ ଏହି ନୂତନ ଭୂଖଣ୍ଡର ଦ୍ୱାର ଉନ୍ମୁକ୍ତ କରିଥିଲା। ୧୬୦୭ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ରାଜା ପ୍ରଥମ ଜେମସ୍‌ଙ୍କ ସମୟରେ ଉତ୍ତର ଆମେରିକାରେ ପ୍ରଥମ ଇଂରେଜ ଉପନିବେଶ ସ୍ଥାପିତ ହୋଇଥିଲା। ଏହାର ନାମ ରଖାଯାଇଥିଲା ଜେମସ୍ ଟାଉନ୍। ପରବର୍ତ୍ତୀ ସମୟରେ ରାଣୀ ଏଲିଜାବେଥ୍‌ଙ୍କ ସମ୍ମାନାର୍ଥେ ଏହାର ନାମ ପରିବର୍ତ୍ତନ କରି ରଖାଯାଇଥିଲା ଭର୍ଜିନିଆ, ଯେହେତୁ ରାଣୀ ଭର୍ଜିନ ବା ଚିରକୁମାରୀ ଥିଲେ।

ପ୍ରଥମ ଜେମସ୍ କ୍ୟାଥଲିକ୍ ଧର୍ମାବଲମ୍ବୀ ହୋଇଥିବାରୁ ପ୍ରୋଟେଷ୍ଟାଣ୍ଟ ମତବାଦୀମାନଙ୍କ ପ୍ରତି ସହନଶୀଳ ନ ଥିଲେ। ଇଂଲଣ୍ଡରେ ଚରମ ଧର୍ମନିଷ୍ଠ ପ୍ରୋଟେଷ୍ଟାଣ୍ଟମାନେ ପ୍ୟୁରିଟାନ ଭାବରେ ପରିଚିତ ଥିଲେ। ରାଜାଙ୍କର ଧର୍ମନୀତିରେ ଅସନ୍ତୁଷ୍ଟ ହୋଇ କିଛି ପ୍ୟୁରିଟାନ୍ ଇଂଲଣ୍ଡ ପରିତ୍ୟାଗ କରି ଉତ୍ତର ଆମେରିକା ଯିବାପାଇଁ ମନସ୍ଥ କଲେ। ସ୍ୱାଧୀନ ଭାବରେ ନିଜର ଧର୍ମମତ ପାଳନ କରିବାପାଇଁ ସେମାନେ ଦେଶାନ୍ତର ଯିବାପାଇଁ ବାହାରିଲେ। ସେମାନଙ୍କୁ ପିଲିଗ୍ରିମ୍ ଫାଦର (piligrim father) ବୋଲି କୁହାଗଲା। ୧୬୨୦ ଖ୍ରୀଷ୍ଟାବ୍ଦରେ ମେ ଫ୍ଲାୱାର ନାମକ ଏକ ଜାହାଜରେ ୧୦୨ ଜଣ ପିଲିଗ୍ରିମ୍ ଫାଦର ଇଂଲଣ୍ଡର ପ୍ଲାଇମାଉଥ୍ ନାମକ ବନ୍ଦରରୁ ଉତ୍ତର ଆମେରିକା ଅଭିମୁଖେ ଯାତ୍ରା କଲେ। ସେମାନେ ଉତ୍ତର ଆମେରିକାରେ ପହଞ୍ଚି ନିଉପ୍ଲାଇମାଉଥ ଉପନିବେଶ ସ୍ଥାପନ କଲେ। ପ୍ରଥମ ଜେମସ୍‌ଙ୍କ ପରେ ପ୍ରଥମ ଚାର୍ଲସଙ୍କ ରାଜତ୍ୱକାଳରେ ମଧ୍ୟ ଅଧିକ ସଂଖ୍ୟାରେ ପ୍ୟୁରିଟାନ୍‌ମାନେ ତଥା ବ୍ୟବସାୟୀମାନେ ଆମେରିକା ଯାତ୍ରା କଲେ। ଇଂଲଣ୍ଡ ଛଡ଼ା ଜର୍ମାନୀ, ଆର୍ୟଲାଣ୍ଡ, ହଲାଣ୍ଡ ଆଦି ଦେଶରୁ ମଧ୍ୟ ଲୋକ ଉତ୍ତର ଆମେରିକାରେ ବସତି ସ୍ଥାପନ କରିଥିଲେ। କିନ୍ତୁ ଇଂରେଜମାନଙ୍କ ସଂଖ୍ୟା ଥିଲା ଅଧିକ। ନୂତନ ଦେଶର ଜଳବାୟୁ, ଉର୍ବର ଭୂମି ଓ ପ୍ରାକୃତିକ ସମ୍ପଦ ଦ୍ୱାରା ଆକୃଷ୍ଟ ହୋଇ କ୍ରମେ ବହୁ ଇଂରେଜ ଆମେରିକାରେ ବସତି ସ୍ଥାପନ କଲେ। ଏହିପରି ଭାବରେ ଉତ୍ତର ଆମେରିକାରେ ଗଢ଼ି ଉଠିଲା ୧୩ଟି ଇଂରେଜ ଉପନିବେଶ। ସେଗୁଡ଼ିକ ହେଲା ଭର୍ଜିନିଆ, ନିଉହାମ୍ପସାୟାର, ନିଉୟର୍କ, ମାସାଚୁସେଟସ୍, ରୋଡ୍ ଦ୍ୱୀପପୁଞ୍ଜ, କନେକଟିକଟ୍, ନିଉଜର୍ସି, ଉତ୍ତର କାରୋଲୀନା, ଦକ୍ଷିଣ କାରୋଲୀନା, ଜର୍ଜିଆ, ମେରିଲ୍ୟାଣ୍ଡ ଓ ପେନ୍‌ସିଲଭାନିଆ।

ଇଂଲଣ୍ଡରେ ପ୍ରଚଳିତ ଆଇନ୍ ଓ ବିଚାର ବ୍ୟବସ୍ଥା ଏହି ଉପନିବେଶଗୁଡ଼ିକରେ ପ୍ରଚଳିତ ହେଲା। ପ୍ରତ୍ୟେକ ଉପନିବେଶରେ ଗୋଟିଏ ଗୋଟିଏ ବିଧାନସଭା ଗଠିତ ହେଲା ଓ ଜଣେ ଗଭର୍ଣ୍ଣର ରାଜାଙ୍କ ପ୍ରତିନିଧିରୂପରେ ପ୍ରତ୍ୟେକ ଉପନିବେଶକୁ ଶାସନ କଲେ। ଇଂଲଣ୍ଡ ସେମାନଙ୍କର ମାତୃଦେଶ ଓ ଉପନିବେଶଗୁଡ଼ିକ ତା'ର କନ୍ୟାରୂପେ ପରିଗଣିତ ହେଲେ। ଏହିପରି ଭାବରେ ବର୍ଷ ବର୍ଷ ଧରି ଉପନିବେଶର ଅଧିବାସୀମାନେ ଇଂଲଣ୍ଡର କର୍ତ୍ତୃତ୍ୱ ତଳେ ରହିଥିଲେ ଓ ଇଂଲଣ୍ଡ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ। ସେହି ସମୟରେ ମହାଦେଶର ଉତ୍ତର ଭାଗରେ ଥିବା କାନାଡ଼ା ଫରାସୀମାନଙ୍କ ଅଧିକୃତ ଥିଲା। ତେଣୁ ଉପନିବେଶଗୁଡ଼ିକ ଉପରେ ଫରାସୀ ଆକ୍ରମଣର ସମ୍ଭାବନା ରହିଥିଲା। ଏହି ପରିସ୍ଥିତିରେ ସେମାନେ ଇଂଲଣ୍ଡର ସୁରକ୍ଷାରେ ରହିବାପାଇଁ ମନ ବଳାଇଥିଲେ। କାଳକ୍ରମେ ବିଭିନ୍ନ କାରଣରୁ ଇଂଲଣ୍ଡ ସହିତ ସେମାନଙ୍କର ସମ୍ପର୍କ ତିକ୍ତ ହେବାକୁ ଲାଗିଲା। ଉପନିବେଶବାସୀମାନଙ୍କ ମଧ୍ୟରେ ନୂତନ ଚିନ୍ତାଧାରାର ଅଭ୍ୟୁଦୟ ହେଲା। ତେଣୁ ସେମାନେ ମାତୃଦେଶ ସହିତ ସମ୍ପର୍କ ଛିନ୍ନ କରି ଗୋଟିଏ ସ୍ୱାଧୀନ ରାଷ୍ଟ୍ରରୂପେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଚାହିଁଲେ।

## ସ୍ୱାଧୀନତା ସଂଗ୍ରାମର କାରଣ:

ଆମେରିକାର ସ୍ୱାଧୀନତା ସଂଗ୍ରାମର କାରଣ ଥିଲା ଅନେକ। ପ୍ରକୃତ ସଂଗ୍ରାମ ଆରମ୍ଭ ହେବାର ବହୁ ପୂର୍ବରୁ ଉପନିବେଶବାସୀମାନଙ୍କ ମନରେ ଜଳୁଥିଲା ବିଦ୍ରୋହର ଅଗ୍ନି। ତେଣୁ ଏହାର ଉଭୟ ପରୋକ୍ଷ ଓ ପ୍ରତ୍ୟକ୍ଷ କାରଣ ଥିଲା।

## ପରୋକ୍ଷ କାରଣ:

**ଧର୍ମଗତ ତଥା ସାମାଜିକ ପ୍ରଭେଦ :** ପ୍ୟୁରିଟାନମାନେ ଇଂଲଣ୍ଡର ପ୍ରତିଷ୍ଠିତ ଗୀର୍ଜାର ବିରୋଧ କରି ସ୍ୱାଧୀନ ଭାବେ ନିଜ ଧର୍ମପାଳନ କରିବା ନିମନ୍ତେ ଆମେରିକା ଆସିଥିଲେ। ତେଣୁ ସେମାନେ ଥିଲେ ସଂସ୍କାରବାଦୀ। ସେମାନଙ୍କର ବଂଶଧରମାନେ ମଧ୍ୟ ଥିଲେ ସଂସ୍କାରବାଦୀ ଓ ପ୍ରଗତିଶୀଳ। ତେଣୁ ସେମାନେ ଇଂଲଣ୍ଡରେ ପ୍ରତିଷ୍ଠିତ ବିଶ୍ୱାସ ପ୍ରତି ଶ୍ରଦ୍ଧାବାନ ନ ଥିଲେ। ସେମାନେ ସ୍ୱାଧୀନ ଭାବରେ ନିଜର ଧର୍ମମତ ପାଳନ ନିମନ୍ତେ ଇଚ୍ଛୁକ ଥିଲେ। ଏହି ସାମ୍ପ୍ରଦାୟିକ ବିଭେଦରୁ ଉଭୟଙ୍କ ମଧ୍ୟରେ ଦେଖାଗଲା ତିକ୍ତତା। ଇଂଲଣ୍ଡ ଓ ଆମେରିକାର ସମାଜ ମଧ୍ୟରେ ଥିଲା ବହୁ ପାର୍ଥକ୍ୟ। ଆମେରିକାର ବାସିନ୍ଦାମାନେ ସମସ୍ତେ ପ୍ରାୟ ଏକଶ୍ରେଣୀଭୁକ୍ତ ଥିଲେ। ସମାଜରେ ପ୍ରଚଳିତ ଥିଲା ସାମ୍ୟଭାବ। ଇଂଲଣ୍ଡର ରକ୍ଷଣଶୀଳ ସମାଜ ପ୍ରତି ସେମାନଙ୍କ କୌଣସି ସମ୍ମାନ ନ ଥିଲା। ତେଣୁ ସେମାନେ ସେହି ରକ୍ଷଣଶୀଳ ସମାଜଠାରୁ ସମ୍ପର୍କ ଛିନ୍ନ କରିବାପାଇଁ ଚାହିଁଲେ।

**ଭୌଗୋଳିକ ଦୂରତା :** ଭୌଗୋଳିକ ଦୂରତ୍ୱ ମଧ୍ୟ କିଛି ପରିମାଣରେ ଏହି ସ୍ୱାଧୀନତା ସଂଗ୍ରାମ ପାଇଁ ସାହାଯ୍ୟ କରିଥିଲା। ଇଂଲଣ୍ଡ ଓ ଆମେରିକା ମଧ୍ୟରେ ଥିଲା ବିଶାଳ ଆଟଲାଣ୍ଟିକ ମହାସାଗର। ଇଂଲଣ୍ଡରୁ ଆମେରିକା ଆସିଥିବା ପ୍ରଥମ ପୀଢ଼ିର ଲୋକମାନଙ୍କ ଇଂଲଣ୍ଡ ପ୍ରତି କିଛିଟା ଆକର୍ଷଣ ରହିଥିଲା। କିନ୍ତୁ ପରବର୍ତ୍ତୀ ପୀଢ଼ିମାନଙ୍କର ଆଉ ସେ ଆକର୍ଷଣ ରହିଲା ନାହିଁ। ନୂତନପୀଢ଼ିର ଲୋକମାନଙ୍କର ଇଂଲଣ୍ଡ ସହିତ କୌଣସି ସମ୍ପର୍କ ରହିଲା ନାହିଁ। ସେ ସମୟରେ ଯାତାୟତ ଓ ଯୋଗାଯୋଗର ବିଶେଷ ସୁବିଧା ନ ଥିବାରୁ ଉଭୟ ଦେଶର ବାସିନ୍ଦାଙ୍କ ମଧ୍ୟରେ ଭାବ ବିନିମୟର ସମ୍ଭାବନା

ମଧ୍ୟ ନ ଥିଲା । ଇଂଲଣ୍ଡ ସରକାର ଏହି ଉପନିବେଶଗୁଡ଼ିକର ସୁବିଧା ଅସୁବିଧା ପ୍ରତି ଦୃଷ୍ଟି ଦେଇପାରୁ ନ ଥିଲେ । ଏହିସବୁ କାରଣରୁ ମାତୃଦେଶ ଓ ଉପନିବେଶଗୁଡ଼ିକ ମଧ୍ୟରେ ସମ୍ପର୍କ କମି କମି ଆସିଲା ।

## ପ୍ରତ୍ୟକ୍ଷ କାରଣ :

**ପ୍ରଶାସନିକ କାରଣ :** ଉପନିବେଶଗୁଡ଼ିକରେ ପ୍ରଚଳିତ ଇଂଲଣ୍ଡର ଶାସନପଦ୍ଧତି ଉପନିବେଶବାସୀମାନଙ୍କ ମଧ୍ୟରେ ସୃଷ୍ଟି କରିଥିଲା ବିଦ୍ୱେଷ ଭାବ । ପ୍ରତ୍ୟେକ ଉପନିବେଶରେ ଥିଲା ଏକ ଲୋକପ୍ରତିନିଧିମୂଳକ ବିଧାନସଭା । ସେଥିରେ ନିର୍ବାଚିତ ଲୋକପ୍ରତିନିଧିମାନେ ମଧ୍ୟ ଥିଲେ । କିନ୍ତୁ ଉପନିବେଶର ଶାସକ ରୂପେ ଇଂରେଜ ସରକାରଙ୍କ ଦ୍ୱାରା ନିଯୁକ୍ତ ଥିଲେ ଜଣେ ଜଣେ ଶାସନକର୍ତ୍ତା । ସେମାନଙ୍କର ସମସ୍ତ ଖର୍ଚ୍ଚ ବହନ କରୁଥିଲେ ଉପନିବେଶବାସୀ । ନିର୍ବାଚିତ ସଭ୍ୟମାନେ ଆଇନ୍ ପ୍ରଣୟନ, କରଧାର୍ଯ୍ୟ ଆଦି ଦାୟିତ୍ୱ ବହନ କରୁଥିଲେ ମଧ୍ୟ ଇଂଲଣ୍ଡର ରାଜପ୍ରତିନିଧିଙ୍କ ଅନୁମତି ବିନା ସ୍ୱାଧୀନଭାବେ କିଛି କରିପାରୁ ନ ଥିଲେ । ଏହାଦ୍ୱାରା ପ୍ରତି ଉପନିବେଶଗୁଡ଼ିକ ପରୋକ୍ଷରେ ଇଂଲଣ୍ଡର ପାର୍ଲାମେଣ୍ଟ ଦ୍ୱାରା ନିୟନ୍ତ୍ରିତ ହେଉଥିଲେ । ଏହି ଶାସନ ବ୍ୟବସ୍ଥା ଉପନିବେଶଗୁଡ଼ିକର ହିତ ସାଧନ କରିବା ପରିବର୍ତ୍ତେ ବସ୍ତୁତଃ ଇଂଲଣ୍ଡର ହିତସାଧନ କରୁଥିଲା । ଏହି ପରିପ୍ରେକ୍ଷୀରେ ଉପନିବେଶବାସୀମାନେ ଏହି ତ୍ରୁଟିପୂର୍ଣ୍ଣ ଶାସନ ପଦ୍ଧତିର ଅନ୍ତ କରିବା ନିମନ୍ତେ ବିଦ୍ରୋହାତ୍ମକ ଭୂମିକା ଗ୍ରହଣ କଲେ ।

**ବାଣିଜ୍ୟଗତ କାରଣ :** ଉପନିବେଶବାସୀଙ୍କର ମାତୃଦେଶ ପ୍ରତି ଅସନ୍ତୋଷର ଅନ୍ୟ ଏକ କାରଣ ହେଲା ଇଂଲଣ୍ଡର ଏକଚାଟିଆ ବାଣିଜ୍ୟ ନୀତି । 'ଉପନିବେଶଗୁଡ଼ିକ ମାତୃଦେଶ ପାଇଁ ଉଦ୍ଦିଷ୍ଟ'– ଏହି ଧାରଣା ଉପରେ ଇଂଲଣ୍ଡର ବାଣିଜ୍ୟ ନୀତି ପର୍ଯ୍ୟବେସିତ ଥିଲା । ତେଣୁ ଇଂଲଣ୍ଡର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଇଂରେଜ ସରକାର ଉପନିବେଶର ବାଣିଜ୍ୟନୀତି ନିୟନ୍ତ୍ରଣ କରୁଥିଲେ । ୧୬୬୦ ଖ୍ରୀ.ରେ ପ୍ରଚଳିତ ଥିବା ନୌ ଆଇନ୍ (Navigation Act)କୁ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଗ୍ରେନ୍‌ଭିଲେ ପୁନଃ ପ୍ରଚଳନ କରିଥିଲେ । ଫଳତଃ ଅନ୍ୟ ଦେଶ ସହିତ ଉପନିବେଶ ଗୁଡ଼ିକର ବାଣିଜ୍ୟିକ ସମ୍ପର୍କ ଇଂଲଣ୍ଡ ମାଧ୍ୟମରେ ହିଁ ସ୍ଥାପିତ ହେଉଥିଲା । ଇଉରୋପର ସବୁ ବାଣିଜ୍ୟ ଦ୍ରବ୍ୟ ଇଂଲଣ୍ଡ ଜରିଆରେ ଓ ଇଂଲଣ୍ଡର ଜାହାଜ ଦ୍ୱାରା ଆମେରିକାକୁ ରପ୍ତାନି କରାଯାଉଥିଲା । ଯେଉଁ ଦ୍ରବ୍ୟ ଇଂଲଣ୍ଡରେ ମିଳୁନଥିଲା ସେଗୁଡ଼ିକୁ ଉପନିବେଶମାନ ଯୋଗାଉଥିଲେ । ଉପନିବେଶର ବାଣିଜ୍ୟ ଉପରେ ଧାର୍ଯ୍ୟ ଶୁଳ୍କ ଇଂଲଣ୍ଡର ରାଜକୋଷକୁ ଯାଉଥିଲା । ପ୍ରୋହିବିଶନ୍ ଆଇନ୍ (Prohibition Act) ଦ୍ୱାରା ଉପନିବେଶର ଇସ୍ପାତ ଓ ପଶମଜାତ ଦ୍ରବ୍ୟ ପ୍ରସ୍ତୁତ କରିବା ନିଷିଦ୍ଧ ହୋଇଥିଲା । ୧୭୩୩ ଖ୍ରୀଷ୍ଟାବ୍ଦରେ ପ୍ରଣୀତ ଲାଲଶର୍କରା ଆଇନ୍ (Molasses Act) ଦ୍ୱାରା ଆମେରିକାର ଉପନିବେଶଗୁଡ଼ିକ ଇଂଲଣ୍ଡ ଅଧିନସ୍ଥ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜରୁ ଲାଲ ଶର୍କରା ଆମଦାନୀ କରିବା ପାଇଁ ଅନୁମତି ପାଇଥିଲେ । ଇଂଲଣ୍ଡର ଏହି ଏକଚାଟିଆ ବାଣିଜ୍ୟନୀତି ଆମେରିକାର ସ୍ୱାର୍ଥରେ ବ୍ୟାଘାତ ଜନ୍ମାଇଥିଲା । ଏହାଦ୍ୱାରା ଆମେରିକୀୟମାନେ ସ୍ୱାଧୀନ ହେବାପାଇଁ ଦୃଢ଼ପରିକର ହେଲେ ।

**ସପ୍ତବର୍ଷୀୟ ଯୁଦ୍ଧର ପ୍ରଭାବ :** ୧୭୫୬ ଖ୍ରୀ.ରୁ ଆରମ୍ଭ ହୋଇଥିବା ସପ୍ତବର୍ଷୀୟ ଯୁଦ୍ଧ ୧୭୬୩ଖ୍ରୀ.ରେ ସମାପ୍ତ ହୋଇଥିଲା । ଏହି ଯୁଦ୍ଧରେ ଫ୍ରାନ୍ସ ଓ ଇଂଲଣ୍ଡ ମୁଖ୍ୟ ଶତ୍ରୁଭାବରେ ଅବତୀର୍ଣ୍ଣ ହୋଇଥିଲେ । ଏଥିରେ ଫ୍ରାନ୍ସ ପରାଜିତ

ହେବାରୁ ଉତ୍ତର ଆମେରିକାସ୍ଥିତ ଫରାସୀ ଉପନିବେଶ କାନାଡ଼ା ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେଲା । ଫଳତଃ ଉପନିବେଶବାସୀଙ୍କ ମନରୁ ବହିଃ ଆକ୍ରମଣର ଭୟ ଅନ୍ତର୍ହିତ ହେଲା । ତେଣୁ ସେମାନେ ଆଉ ଅଧିକ ସମୟ ପରାଧୀନତାର ରଜ୍ଜୁରେ ଆବଦ୍ଧ ହୋଇ ରହିବାକୁ ଚାହିଁଲେ ନାହିଁ । ଇଂଲଣ୍ଡ ବିରୁଦ୍ଧରେ ସଂଗ୍ରାମ ନିମନ୍ତେ ସେମାନଙ୍କର ପଥ ହେଲା ପ୍ରଶସ୍ତ ।

**ଇଂଲଣ୍ଡର କରଧାର୍ଯ୍ୟ ନୀତି :** ସପ୍ତବର୍ଷୀୟ ଯୁଦ୍ଧପରେ ଇଂଲଣ୍ଡ ଘୋର ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ହୋଇଥିଲା । ଉକ୍ତ ଯୁଦ୍ଧରେ ଉପନିବେଶଗୁଡ଼ିକୁ ଫ୍ରାନ୍ସ ହାତରୁ ରକ୍ଷା କରିବାପାଇଁ ଇଂରେଜ ସରକାର ବିପୁଳ ଅର୍ଥବ୍ୟୟ କରିଥିଲେ । ତେଣୁ ରାଜା ତୃତୀୟ ଜର୍ଜ ଓ ପ୍ରଧାନମନ୍ତ୍ରୀ ଗ୍ରେନ୍‌ଭିଲେ ସ୍ଥିର କଲେ ଯେ ଉପନିବେଶଗୁଡ଼ିକ ଇଂଲଣ୍ଡର ବ୍ୟୟଭାର ବହନ କରିବେ । ଗ୍ରେନ୍‌ଭିଲେ ପ୍ରସ୍ତାବ ଦେଲେ ଯେ ଆମେରିକାର ଉପନିବେଶଗୁଡ଼ିକ ସମୁଦାୟ ବାର୍ଷିକ ଦେଢ଼ଲକ୍ଷ ପାଉଣ୍ଡ ଇଂଲଣ୍ଡକୁ ଶୁଳ୍କ ଆକାରରେ ଦେବେ । ଏଥି ନିମନ୍ତେ ସ୍ୱେଚ୍ଛାଚାରୀ ଭାବରେ ତାଙ୍କର ମନ୍ତ୍ରୀମଣ୍ଡଳ କେତେଗୁଡ଼ିଏ ଆଇନ୍ ପ୍ରଣୟନ କଲେ, ଯାହା ଆମେରିକୀୟଙ୍କୁ ଅଧିକ କ୍ରୋଧାନ୍ୱିତ କରିଥିଲା ।

୧୭୬୪ଖ୍ରୀ.ର ଚିନି ଆଇନ୍ (Sugar Act) ବଳରେ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜରୁ ଉତ୍ତର ଆମେରିକାକୁ ଆମଦାନୀ ହେଉଥିବା ଚିନି ଉପରେ ଶୁଳ୍କ ଆଦାୟ କରାଗଲା । ସେହିପରି ମୁଦ୍ରା ଆଇନ୍ (Currency Act) ବଳରେ ଆମେରିକୀୟମାନେ କାଗଜ ନୋଟ ଛପେଇ ପାରିବାର ଅଧିକାରରୁ ବଞ୍ଚିତ ହେଲେ । ସେମାନେ ଇଂଲଣ୍ଡର ପ୍ରଚଳିତ କାଗଜ ନୋଟ୍ ବ୍ୟବହାର କରିବାକୁ ବାଧ ହେଲେ । ୧୭୬୫ ଖ୍ରୀ.ରେ ପ୍ରଚଳିତ ଷ୍ଟାମ୍ପ ଆଇନ୍ (Stamp Act) ସ୍ଥିତିକୁ ଆହୁରି ଜଟିଳ କରିଥିଲା । ଏହାଦ୍ୱାରା ଉପନିବେଶବାସୀ ଆଇନ୍ ଓ ବିଚାରାଳୟ ସଂକ୍ରାନ୍ତ ସମସ୍ତ କାଗଜପତ୍ରରେ ଟିକଟ ବ୍ୟବହାର କରିବାକୁ ବାଧ ହେଲେ । ଏପରିକି ସମ୍ବାଦପତ୍ର ଉପରେ ମଧ୍ୟ ଏହି ଆଇନ୍ ଲାଗୁ ହେଲା । ଏହି ଟିକଟ ବାବଦ ଆଦାୟ ଅର୍ଥ ଉପନିବେଶବାସୀଙ୍କ ସୁରକ୍ଷା ପାଇଁ ବ୍ୟୟ ହେବାର ଯୋଜନା ରହିଲା । ଏହି ଆଇନ୍ ପ୍ରବର୍ତ୍ତନ ଯୋଗୁଁ ଲୋକମାନଙ୍କ ମନରେ ସୃଷ୍ଟି ହେଲା ଭୀଷଣ ପ୍ରତିକ୍ରିୟା ।

ନ୍ୟୁୟର୍କଠାରେ ୯ଟି ଉପନିବେଶର ପ୍ରତିନିଧିଗଣ ଏକତ୍ରିତ ହୋଇ ଏହାର ତୀବ୍ର ପ୍ରତିବାଦ କଲେ । ଏହାର ନେତୃତ୍ୱ ନେଇଥିଲେ ପେଟ୍ରିକ ହେନେରୀ ଓ ସାମୁଏଲ ଆଡାମସ୍ । ଯେହେତୁ ଇଂଲଣ୍ଡର ପାର୍ଲାମେଣ୍ଟରେ ଆମେରିକୀୟମାନଙ୍କ ପ୍ରତିନିଧି ନ ଥିଲେ, ତେଣୁ ସେଠାରେ ପ୍ରଣୀତ ଆଇନ୍ ମାନିବାକୁ ବାଧ ନୁହଁନ୍ତି ବୋଲି ଘୋଷଣା କଲେ । ପ୍ରତିନିଧିତ୍ୱ ବିନା କର ନିର୍ଦ୍ଧାରଣ ଅତ୍ୟାଚାର (Taxation without representation is tyranny) ବୋଲି ସେମାନେ ଘୋଷଣା କଲେ । ଉପନିବେଶଗୁଡ଼ିକର ପ୍ରତିବାଦ ଯୋଗୁଁ ଗ୍ରେନଭିଲେ ଇସ୍ତଫା ଦେଲେ । ଏହି ତୀବ୍ର ପ୍ରତିକ୍ରିୟା ଦେଖି ପ୍ରଧାନମନ୍ତ୍ରୀ ରକିଙ୍ଗହାମ୍ ୧୭୬୬ ଖ୍ରୀ.ରେ ଉକ୍ତ ଆଇନ୍ ପ୍ରତ୍ୟାହାର କଲେ । କିନ୍ତୁ ତାଙ୍କର ପ୍ରସ୍ତାବ ଯୋଗୁଁ ପାର୍ଲାମେଣ୍ଟ ଘୋଷଣାତ୍ମକ ଆଇନ୍ (Declaratory Act) ପ୍ରଣୟନ କଲେ । ଏତଦ୍ୱାରା ଉପନିବେଶମାନଙ୍କରେ ପାର୍ଲାମେଣ୍ଟର ଆଇନ୍ ପ୍ରବର୍ତ୍ତନ ଓ କରଧାର୍ଯ୍ୟ କରିବାର କ୍ଷମତା ଘୋଷିତ ହେଲା । ଏଣୁ ଉପନିବେଶଗୁଡ଼ିକରେ ଜଳି ଉଠିଲା ଅସନ୍ତୋଷର ବହ୍ନି ।

ଇଂଲଣ୍ଡର ଅର୍ଥମନ୍ତ୍ରୀ ଟାଉନ୍‌ସେଣ୍ଡ ୧୭୬୭ ଖ୍ରୀ.ରେ ଇଂଲଣ୍ଡରୁ ଆମେରିକାକୁ ଆମଦାନୀ ହେଉଥିବା ଚା, କାଚ, କାଗଜ ଓ ରଙ୍ଗ ଉପରେ ଆମଦାନୀ ଶୁଳ୍କ ଧାର୍ଯ୍ୟ କଲେ । ପେନ୍‌ସିଲଭାନିଆର ନେତା ଜନ୍ ଡିକିନସନ୍ 'ଏକ କୃଷକର ପତ୍ର' (Letter from a farmer) ନାମକ କ୍ଷୁଦ୍ର ପୁସ୍ତିକାରେ ଟାଉନ୍‌ସେଣ୍ଡ ଆଇନ୍‌ର ତୀବ୍ର ନିନ୍ଦା କରିଥିଲେ । ମାସାଚୁଟେସ୍ ଅଧିବାସୀମାନେ ଏହି ଶୁଳ୍କ ନ ଦେବା ଲାଗି ନିଷ୍ପତ୍ତି ଗ୍ରହଣ କରି ବିପ୍ଳବର ବୀଜବପନ କରିଥିଲେ । ଉପନିବେଶବାସୀ ଆଉ ଇଂଲଣ୍ଡ ପ୍ରସ୍ତୁତ ଜିନିଷ ନ କିଣି ଆମେରିକୀୟ ବିଦ୍ରୋହୀମାନେ ଘୋଷଣା କରିଥିବା 'ବାୟ ଆମେରିକାନ୍' (Buy American) ନୀତିରେ ଆମେରିକା ତିଆରି ଜିନିଷ କିଣିଲେ । ୧୭୭୦ ଖ୍ରୀ.ରେ ବୋଷ୍ଟନ୍ ନାମକ ସ୍ଥାନରେ ଆମେରିକୀୟ ଓ ଇଂରେଜ ସୈନ୍ୟମାନଙ୍କ ମଧ୍ୟରେ ସଂଘର୍ଷ ହେବାରୁ କେତେକ ବ୍ୟକ୍ତି ହତାହତ ହେଲେ । ଏହାକୁ ବୋଷ୍ଟନ୍ ହତ୍ୟାକାଣ୍ଡ (Boston Massacre) କୁହାଯାଏ ।

**ବୌଦ୍ଧିକ ଜାଗରଣ :** ଆମେରିକାର ସ୍ୱାଧୀନତା ସଂଗ୍ରାମ ପୂର୍ବରୁ ଆମେରିକୀୟମାନଙ୍କ ମଧ୍ୟରେ ଦେଖାଦେଇଥିଲା ବୌଦ୍ଧିକ ଜାଗରଣ । ଏଥି ନିମନ୍ତେ ବହୁ ଲେଖକ ଓ ଦାର୍ଶନିକମାନଙ୍କର ଅବଦାନ ଅତୁଳନୀୟ । ୧୭୦୪ ଖ୍ରୀ.ରେ ଆମେରିକାର ପ୍ରଥମ ସମ୍ବାଦପତ୍ର 'ବୋଷ୍ଟନ୍ ନ୍ୟୁଜଲେଟର' (Boston Newsletter) ବୋଷ୍ଟନରୁ ପ୍ରକାଶିତ ହୋଇଥିଲା । ୧୭୧୯ ଖ୍ରୀ.ରେ ଆମେରିକାନ୍ ମର୍କ୍ୟୁରୀ (American Mercury), ୧୭୬୫ ଖ୍ରୀ.ରେ ନ୍ୟୁୟର୍କ ଗେଜେଟ୍ (Newyork Gazette) ପ୍ରକାଶିତ ହୋଇ ପ୍ରଚଳିତ ଶାସନ ବ୍ୟବସ୍ଥା ବିରୁଦ୍ଧରେ ସୃଷ୍ଟି କରିଥିଲା ଜନସଚେତନତା । ସେହିପରି ଟମାସ୍ ପେନ୍ (Thomas Paine) ତାଙ୍କର ପୁସ୍ତକ କମନ୍‌ସେନ୍‌ସ୍ (Commonsense) ଓ ଅନ୍ୟ ରଚନା ମାଧ୍ୟମରେ ସ୍ୱାଧୀନତା ପ୍ରାପ୍ତିର ଆକାଂକ୍ଷା ସୃଷ୍ଟି କରିଥିଲେ । ବେଞ୍ଜାମିନ୍ ଫ୍ରାଙ୍କଲିନ୍‌ଙ୍କର ଆମେରିକାନ୍ ଫିଲୋସୋଫିକାଲ ସୋସାଇଟି (American philosophical Society) ମଧ୍ୟ ଏହି କ୍ଷେତ୍ରରେ ଗ୍ରହଣ କରିଥିଲା ଅଗ୍ରଣୀ ଭୂମିକା । ଜେମସ୍ ଓଟିସ୍ ଓ ସାମୁଏଲ୍ ଆଡ଼ାମସ୍ ଆଦି ଲେଖକ ସେମାନଙ୍କ ଲେଖନୀ ମାଧ୍ୟମରେ ଜାତୀୟତାର ବାର୍ତ୍ତା ପ୍ରଚାର କରିଥିଲେ ।

**ଆଶୁ କାରଣ :** ଏହିପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଇଂଲଣ୍ଡର ରାଜା ତୃତୀୟ ଜର୍ଜ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ନ କରି ନିଜର ଅନୁଗତ ହେବା ଭଳି ଦୁର୍ବଳ ବ୍ୟକ୍ତିମାନଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରୁଥିଲେ । ତେଣୁ ସେ ପ୍ରଧାନମନ୍ତ୍ରୀଙ୍କଠାରୁ ଉପଯୁକ୍ତ ଉପଦେଶ ଲାଭ କରିପାରିଲେ ନାହିଁ । ସେ ନିଜେ ଜଣେ କ୍ଷମତାଲିପ୍ସୁ ଥିବା ଯୋଗୁଁ ଆମେରିକାର ଉପନିବେଶଗୁଡ଼ିକୁ ଇଂଲଣ୍ଡର ଚିରସ୍ଥାୟୀ ସମ୍ପତ୍ତି ବୋଲି ଭାବି ନେଇ ବଳପୂର୍ବକ ସେଗୁଡ଼ିକୁ ଅଧିନରେ ରଖିବାକୁ ଚାହିଁଲେ । ଏହି ସମୟରେ ୧୭୭୦ ଖ୍ରୀ.ରେ ପ୍ରଧାନମନ୍ତ୍ରୀ ଲର୍ଡ଼ନର୍ଥ ଆନ୍ଦୋଳନକୁ ପ୍ରଶମିତ କରିବା ନିମନ୍ତେ ଚା ବ୍ୟତୀତ ଅନ୍ୟାନ୍ୟ ପଦାର୍ଥଗୁଡ଼ିକରୁ ଆମଦାନୀ ଶୁଳ୍କ ପ୍ରତ୍ୟାହାର କଲେ । କିନ୍ତୁ ଆମେରିକାବାସୀ ବ୍ରିଟିଶ ପାର୍ଲାମେଣ୍ଟ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କୌଣସି କର ଦେବେ ନାହିଁ ବୋଲି ପ୍ରତିଜ୍ଞାବଦ୍ଧ ହେଲେ । ସେମାନେ ମିଶି ବୋଷ୍ଟନ ଚା ସଂଘ (Boston Tea Party) ନାମକ ଏକ ସଙ୍ଗଠନ ତିଆରି କରିଥିଲେ ।


୧୭୭୩ ଖ୍ରୀ. ଡିସେମ୍ବର ୬ ତାରିଖରେ ଇଂରେଜମାନଙ୍କ କିଛି ଜାହାଜ ବହୁ ସଂଖ୍ୟକ ଚା' ପେଟି ଧରି ବୋଷ୍ଟନ ବନ୍ଦରରେ ପ୍ରବେଶ କଲା । ଇଂରେଜ ସରକାରଙ୍କୁ ଉଚିତ ଶିକ୍ଷା ଦେବାପାଇଁ ମାସାଚୁସେଟସ୍‌ର କିଛି ବ୍ୟକ୍ତି ସାମୁଏଲ ଆଡ଼ାମସ୍‌ଙ୍କ ନେତୃତ୍ୱରେ ଲୋହିତ ଭାରତୀୟଙ୍କ ବେଶରେ ଉକ୍ତ ଜାହାଜଗୁଡ଼ିକରେ ପ୍ରବେଶ କରି ଶହ ଶହ ଚା ପେଟି

ସମୁଦ୍ରକୁ ନିକ୍ଷେପ କଲେ । ଏହି ଘଟଣା ବୋଷ୍ଟନ ଚା ଗଣ୍ଡଗୋଳ (Boston Tea riots) ନାମରେ କଥିତ । ଏହି ଘଟଣା ଦ୍ୱାରା ଇଂରେଜ ସରକାର କ୍ରୁଦ୍ଧ ହୋଇ ବୋଷ୍ଟନ୍ ପୋର୍ଟ ଆକ୍ଟ ବା ବୋଷ୍ଟନ୍ ବନ୍ଦର ଆଇନ୍ ବଳରେ ବୋଷ୍ଟନ୍ ବନ୍ଦରକୁ ବନ୍ଦ କରିଦେଲେ । ମାସାଚୁସେଟସ୍ ବିଧାନସଭା ବେଆଇନ୍ ଘୋଷିତ ହେଲା । ଉକ୍ତ ଉପନିବେଶର ସ୍ୱାୟତ୍ତ ଶାସନ ଅଧିକାର ଲୋପ କରାଗଲା ଓ ସେନାଧ୍ୟକ୍ଷ ଗେଜଙ୍କ ଅଧୀନରେ ଏକ ଇଂରେଜ ସୈନ୍ୟବାହିନୀ ସେଠାରେ ଅବସ୍ଥାପିତ ହେଲା ।

ରାଜା ତୃତୀୟ ଜର୍ଜ ଇଂଲଣ୍ଡର ବରିଷ୍ଠ ନେତା ଉଇଲିୟମ୍ ପିଟ୍ ତଥା ଏଡ଼ମଣ୍ଡ ବର୍କ ଆଦିଙ୍କ ଉପଦେଶକୁ କର୍ଣ୍ଣପାତ ନ କରି ଶକ୍ତି ପ୍ରୟୋଗ କରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କଲେ । ଇଂରେଜ ସରକାରଙ୍କର ଏହି ଦମନମୂଳକ ନୀତି ଯୋଗୁଁ ଉପନିବେଶବାସୀ ସଂଗ୍ରାମ କରି ସ୍ୱାଧୀନତା ଲାଭ କରିବାପାଇଁ ଦୃଢ଼ ପ୍ରତିଜ୍ଞ ହେଲେ । ଫିଲାଡ଼େଲଫିଆଠାରେ ଆୟୋଜିତ ପ୍ରଥମ ମହାଦେଶୀୟ କଂଗ୍ରେସ (First Continental Congress)ରେ ଉପସ୍ଥିତ ରହି ଉପନିବେଶର ପ୍ରତିନିଧିମାନେ ଇଂଲଣ୍ଡ ସହିତ ବ୍ୟବସାୟିକ ସମ୍ପର୍କ ଛିନ୍ନ କରିବାପାଇଁ ସ୍ଥିର କଲେ । ପୁନଶ୍ଚ ୧୭୭୬ ଖ୍ରୀ. ମେ ୧୦ ତାରିଖରେ ଫିଲାଡେଲ୍‌ଫିଆରେ ଦ୍ୱିତୀୟଥର ପାଇଁ ଉପନିବେଶର ପ୍ରତିନିଧିମାନେ ମିଳିତ ହୋଇଥିଲେ, ଯାହାକୁ ଦ୍ୱିତୀୟ ମହାଦେଶୀୟ କଂଗ୍ରେସ (Second Continental Congress) କୁହାଯାଏ । ଏଠାରେ ଉପସ୍ଥିତ ଥିଲେ ବେଞ୍ଜାମିନ୍ ଫ୍ରାଙ୍କଲିନ୍ ଓ ଟମାସ୍ ଜେଫରସନ୍ ଆଦି ନେତୃବୃନ୍ଦ । ୧୭୭୬ ଜୁଲାଇ ୪ ତାରିଖରେ ଟମାସ୍ ଜେଫରସନ୍‌ଙ୍କ ଦ୍ୱାରା ଲିଖିତ ସ୍ୱାଧୀନତାର ଘୋଷଣାପତ୍ର (Declaration of Independence) ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଇଂଲଣ୍ଡ ସରକାର ଏହି ଘୋଷଣାକୁ ରାଜଦ୍ରୋହ କହି ଆମେରିକାବାସୀଙ୍କୁ ବିଦ୍ରୋହୀ ଘୋଷଣା କଲେ ।

## ସ୍ୱାଧୀନତା ସଂଗ୍ରାମର ଘଟଣାପ୍ରବାହ :

ସ୍ୱାଧୀନତା ସଂଗ୍ରାମର ବହ୍ନି ପ୍ରଥମେ ମାସାଚୁସେଟସ୍‌ରେ ପ୍ରଜ୍ୱଳିତ ହୋଇଥିଲା । ଲେକ୍‌ସିଙ୍ଗଟନ ଠାରୁ ପ୍ରାୟ ୧୬ କି.ମି. ଦୂରରେ ଅବସ୍ଥିତ ଥିବା କନକର୍ଡ଼ ସହରଠାରେ ଇଂରେଜ ଓ ଆମେରିକୀୟ ସୈନ୍ୟମାନଙ୍କ ମଧ୍ୟରେ ତୁମୁଳ ସଂଗ୍ରାମ ହେଲା । ଏହିଠାରେ ଇଂରେଜ ସୈନ୍ୟମାନେ ପରାଜୟ ଲାଭକଲେ । ଲେକ୍‌ସିଙ୍ଗଟନ୍ ଯୁଦ୍ଧରେ ବିଜୟ ଲାଭକରି ଆମେରିକୀୟ ସୈନ୍ୟମାନେ ଦ୍ୱିଗୁଣିତ ଉତ୍ସାହରେ ବଙ୍କରହିଲ ରଣକ୍ଷେତ୍ରରେ ଇଂରେଜ ସୈନ୍ୟମାନଙ୍କ ସମ୍ମୁଖୀନ ହୋଇଥିଲେ । ୧୭୭୫ଖ୍ରୀ. ଜୁଲାଇ ୧୭ ତାରିଖରେ ଏହିଠାରେ ଯେଉଁ ଭୀଷଣ ସଂଘର୍ଷ ହେଲା ସେଥିରେ ଉଭୟ ପକ୍ଷର ଅଧିକ ସୈନ୍ୟ ନିହତ ହୋଇଥିଲେ । ଏହାପରେ ଉପନିବେଶର ପ୍ରତିନିଧିଗଣ ଦ୍ୱିତୀୟ ଫିଲାଡେଲଫିଆ କଂଗ୍ରେସରେ ସମ୍ମିଳିତ ହୋଇଥିଲେ ଓ ଜର୍ଜ ଓ୍ୱାସିଙ୍ଗଟନ୍‌ଙ୍କୁ ସ୍ୱାଧୀନତା ସଂଗ୍ରାମର ସେନାଧ୍ୟକ୍ଷ ରୂପେ ମନୋନୀତ କଲେ । ଓ୍ୱାସିଙ୍ଗଟନ୍‌ଙ୍କ ନେତୃତ୍ୱରେ ଆମେରିକାବାସୀ ପ୍ରଚଣ୍ଡ ସଂଗ୍ରାମ ଆରମ୍ଭ କଲେ ।



ଜର୍ଜ ଓ୍ୱାସିଂଟନ୍

ଏହି ସଂଗ୍ରାମରେ ଇଂରେଜ ସୈନ୍ୟମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନିଜ ଦେଶଠାରୁ ଦୂରରେ ଶତ୍ରୁ ଦେଶରେ ଯୁଦ୍ଧ କରୁଥିବା ଯୋଗୁଁ ସେମାନଙ୍କ ନୈତିକ ସାହସ ଭାଙ୍ଗି ପଡୁଥିଲା। ଇଂଲଣ୍ଡରୁ ଯୁଦ୍ଧ ସାମଗ୍ରୀ ତଥା ଖାଦ୍ୟଦ୍ରବ୍ୟ ଯଥାସମୟରେ ପହଞ୍ଚି ପାରୁନଥିଲା। ଆମେରିକାର ବିଶାଳତା ଯୋଗୁଁ ସେମାନେ ଦୂରଦୂରାନ୍ତ ସ୍ଥାନକୁ ଯାଇପାରୁ ନ ଥିଲେ। ଅପର ପକ୍ଷରେ ଆମେରିକାବାସୀ ସ୍ୱଦେଶରେ ପ୍ରବଳ ଉତ୍ସାହର ସହ ସ୍ୱାଧୀନତା ପାଇଁ ସଂଗ୍ରାମ ଚଳାଇଥିଲେ। ତେଣୁ ସେମାନଙ୍କ ସ୍ଥିତି କ୍ରମଶଃ ସୁଦୃଢ଼ ହେବାକୁ ଲାଗିଲା।

୧୭୭୭ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ପ୍ରଥମ ଦାରୁଣ ପରାଜୟ ଲାଭକଲେ। ଇଂରେଜ ସେନାଧ୍ୟକ୍ଷ ବୁରଗୋଏନ୍ (General Bourgoyne) ଛଅ ହଜାର ସୈନ୍ୟ ସହ ସାରାଟୋଗା ନାମକ ସ୍ଥାନରେ ଆମେରକୀୟମାନଙ୍କ ନିକଟରେ ଆତ୍ମସମର୍ପଣ କଲେ। ଏହି ସମୟରେ ବେଞ୍ଜାମିନ୍ ଫ୍ରାଙ୍କଲିନ୍ ଫ୍ରାନ୍ସର ସରକାରଙ୍କୁ ଆମେରିକାର ସପକ୍ଷରେ ଇଂଲଣ୍ଡ ବିପକ୍ଷରେ ଯୁଦ୍ଧ ଘୋଷଣା ପାଇଁ ଅନୁରୋଧ କରୁଥାଆନ୍ତି। ଆମେରିକାର ସ୍ୱାଧୀନତା ସଂଗ୍ରାମ ଇଂଲଣ୍ଡ ଉପରେ ପ୍ରତିଶୋଧ ନେବାପାଇଁ ଫ୍ରାନ୍ସ ପାଇଁ ଥିଲା ଅପୂର୍ବ ସୁଯୋଗ। ତେଣୁ ୧୭୭୮ ଖ୍ରୀ,ରେ ଫ୍ରାନ୍ସ ଇଂଲଣ୍ଡ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା। ତା'ପରେ ସ୍ପେନ ଓ ହଲାଣ୍ଡ ମଧ୍ୟ ଇଂଲଣ୍ଡ ବିରୁଦ୍ଧରେ ଫ୍ରାନ୍ସ ସହିତ ଯୋଗଦେଲେ। ଏହାଦ୍ୱାରା ସଂଗ୍ରାମ ଏକ ନୂତନ ରୂପରେଖ ଧାରଣ କଲା। ଋଷ, ଡେନମାର୍କ ଓ ସ୍ୱିଡେନ୍ ଆଦି ଦେଶ ଆମେରିକୀୟମାନଙ୍କୁ ଯୁଦ୍ଧ ସାମଗ୍ରୀ ଯୋଗାଇ ଦେଲେ। ଏହି ସାମୟିକ ବୈଦେଶିକ ସାହାଯ୍ୟ ଦ୍ୱାରା ଆମେରିକା ଅଧିକ ଶକ୍ତିଶାଳୀ ହେଲା।

୧୭୭୮ ଖ୍ରୀ.ରେ ଇଂରେଜ ସୈନ୍ୟମାନେ ୱାସିଂଟନ୍‌ଙ୍କ ଦ୍ୱାରା ଶୋଚନୀୟଭାବେ ପରାସ୍ତ ହେଲେ। ପରିଶେଷରେ ଇଂରେଜ ସେନାଧ୍ୟକ୍ଷ କର୍ଣ୍ଣୱାଲିସ୍ ୧୯ ଅକ୍ଟୋବର ୧୭୮୧ ଖ୍ରୀ.ରେ ୟର୍କଟାଉନ୍‌ଠାରେ ୭୦୦୦ ସୈନ୍ୟ ସହ ଆମେରିକୀୟଙ୍କ ପାଖରେ ଆତ୍ମସମର୍ପଣ କଲେ। ଏହାଦ୍ୱାରା ସଂଗ୍ରାମର ଶେଷ ଯବନିକାପାତ ହେଲା ଓ ଆମେରିକାର ସ୍ୱାଧୀନତା ସଂଗ୍ରାମର ପୂର୍ଣ୍ଣାହୂତି ପଡ଼ିଲା।

## ସଂଗ୍ରାମର ଫଳାଫଳ:

ଆମେରିକାର ସ୍ୱାଧୀନତା ସଂଗ୍ରାମର ଫଳାଫଳ ଥିଲା ମହତ୍ତ୍ୱପୂର୍ଣ୍ଣ ଓ ସୁଦୂରପ୍ରସାରୀ। ଏହାର ପ୍ରଭାବ କେବଳ ଆମେରିକାରେ ସୀମାବଦ୍ଧ ନ ଥିଲା। ଇଉରୋପର ଅନ୍ୟ ଦେଶମାନଙ୍କ ଉପରେ ଏହାର ପ୍ରଭାବ ଉଲ୍ଲେଖଯୋଗ୍ୟ।

**ପ୍ୟାରିସ୍ ସନ୍ଧି ସ୍ୱାକ୍ଷର:–** ଇଂରେଜମାନଙ୍କ ଶୋଚନୀୟ ପରାଜୟ ପରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଲର୍ଡ଼ନର୍ଥ ନିଜ ପଦବୀରୁ ଇସ୍ତଫା ପ୍ରଦାନ କରିଥିଲେ। ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନେଲେ ଲର୍ଡ଼ ସେଲବର୍ଣ୍ଣ। ୧୭୮୩ ଖ୍ରୀ. ସେପ୍ଟେମ୍ବର ୩ ତାରିଖରେ ସ୍ୱାକ୍ଷରିତ ହେଲା ପ୍ୟାରିସ ସନ୍ଧି। ଏହି ସନ୍ଧି ଅନୁସାରେ ଉତ୍ତର ଆମେରିକାର ତେର ଗୋଟି ଉପନିବେଶକୁ 'ଯୁକ୍ତରାଷ୍ଟ୍ର ଆମେରିକା' ନାମରେ ଏକ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ର ରୂପେ ଇଂଲଣ୍ଡ ସରକାର ସ୍ୱୀକାର କଲେ। ମାତ୍ର ଉକ୍ତ ସଂଗ୍ରାମରେ ଅଂଶ ଗ୍ରହଣ କରି ନ ଥିବା କାନାଡ଼ା, ନୋଭୋସ୍କୋଟିଆ ଓ ନିଉଫାଉଣ୍ଡଲାଣ୍ଡ ଇଂରେଜ କର୍ତ୍ତୃତ୍ୱାଧୀନ ରହିଲା। ମିନାର୍କା ଓ ଫ୍ଲୋରିଡ଼ା ସ୍ପେନର ହସ୍ତଗତ ହେଲା। ଫ୍ରାନ୍ସ ଇଂଲଣ୍ଡଠାରୁ ଭାରତର ଚନ୍ଦନ ନଗର ଓ ଅନ୍ୟ କେତୋଟି ବାଣିଜ୍ୟ କୋଠି ସହିତ ପଶ୍ଚିମ ଆଫ୍ରିକାର ସେନେଗାଲ, ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜରେ ଅବସ୍ଥିତ ଟାବାଗୋ ଓ ସେଣ୍ଟଲୁସିଆ ଆଦି ଲାଭ କଲା।

**ସମ୍ବିଧାନ ପ୍ରଣୟନ:–** ୧୭୮୭ଖ୍ରୀ.ରେ ଉପନିବେଶର ପ୍ରତିନିଧିମାନେ ଫିଲାଡେଲଫିଆଠାରେ ଏକ ସମ୍ମିଳନୀରେ ଏକତ୍ରିତ ହୋଇ ଏକ ସଂଯୁକ୍ତ ରାଷ୍ଟ୍ରସଂଘର ସମ୍ବିଧାନ ପ୍ରଣୟନ କଲେ । ଗଣତାନ୍ତ୍ରିକ ରୀତିନୀତି ହେଲା ଏହାର ମୂଳଭିତ୍ତି । ୧୭୮୯ଖ୍ରୀ.ରେ ସମ୍ବିଧାନକୁ କାର୍ଯ୍ୟକାରୀ କରାଗଲା ଓ ଜର୍ଜ ୱାସିଂଟନ୍ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ରାଷ୍ଟ୍ରପତି ରୂପେ ନିର୍ବାଚିତ ହେଲେ । ଯୁକ୍ତରାଷ୍ଟ୍ର ଆମେରିକା ଆଧୁନିକ ବିଶ୍ୱର ସର୍ବପ୍ରଥମ ସାଧାରଣତନ୍ତ୍ର ରାଷ୍ଟ୍ରରୂପେ ସ୍ୱୀକୃତ । ଏହାର ଗଣତାନ୍ତ୍ରିକ ସମ୍ବିଧାନ ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କର ଅନୁସରଣୀୟ ହେଲା ।

**ଆୟରଲାଣ୍ଡ ଓ ଫ୍ରାନ୍ସ ଉପରେ ପ୍ରଭାବ:–** ଆମେରିକୀୟମାନଙ୍କ ବିଜୟ ଆୟରଲାଣ୍ଡ ଓ ଫ୍ରାନ୍ସର ଅଧିବାସୀମାନଙ୍କୁ ବହୁଳଭାବରେ ଉତ୍ସାହିତ କରିଥିଲା । ସେମାନେ ମଧ୍ୟ ନିଜ ନିଜ ଦେଶର ସ୍ୱେଚ୍ଛାଚାରୀ ଶାସନର ଅନ୍ତ ନିମନ୍ତେ ଦୃଢ଼ପରିକର ହେଲେ । ୧୭୮୨ଖ୍ରୀ.ରେ ଆୟରଲାଣ୍ଡର ଅଧିବାସୀ ଇଂଲଣ୍ଡଠାରୁ ମୁକ୍ତ ହୋଇ ନିଜର ସାମ୍ବିଧାନିକ ସ୍ୱାଧୀନତା ଲାଭ କରିଥିଲା ।

ଫ୍ରାନ୍ସର ରାଜନୈତିକ ପରିସ୍ଥିତିରେ ଦେଖାଯାଇଥିଲା ନାଟକୀୟ ପରିବର୍ତ୍ତନ । ଫ୍ରାନ୍ସର ସମ୍ରାଟ ଷୋଡ଼ଶ ଲୁଇ ଇଂଲଣ୍ଡ ବିରୁଦ୍ଧରେ ପ୍ରତିଶୋଧ ନେବାପାଇଁ ଆମେରିକା ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । କିନ୍ତୁ ଏହାଦ୍ୱାରା ଫ୍ରାନ୍ସର ଆର୍ଥିକ ସଙ୍କଟ ଘନୀଭୂତ ହେଲା । ଆମେରିକାର ମୁକ୍ତି ସଂଗ୍ରାମରେ ଫରାସୀ ସୈନ୍ୟମାନେ କେବଳ ଯେ ରାଜନୈତିକ ବିଜୟ ଲାଭକଲେ ତାହା ନୁହେଁ, ସେମାନଙ୍କର ସାମ୍ବିଧାନିକ ଅଧିକାର ଲାଭପାଇଁ ମଧ୍ୟ ଆମେରିକାରୁ ଯଥେଷ୍ଟ ପ୍ରେରଣା ପାଇଲେ । ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ସେମାନେ ଜନସାଧାରଣଙ୍କୁ ଫରାସୀ ସାମନ୍ତଗୋଷ୍ଠୀ ଓ ସ୍ୱେଚ୍ଛାଚାରୀ ଶାସକଙ୍କ ବିରୁଦ୍ଧରେ ବିଦ୍ରୋହ କରିବା ପାଇଁ ପ୍ରସ୍ତୁତ କରାଇଥିଲେ ।

**ଅଷ୍ଟ୍ରେଲିଆରେ ଉପନିବେଶ ସ୍ଥାପନ:–** ଆମେରିକା ସ୍ୱାଧୀନତା ସଂଗ୍ରାମ ଅଷ୍ଟ୍ରେଲିଆ ମହାଦେଶରେ ଇଂରେଜ ଉପନିବେଶ ସ୍ଥାପନ କରିବା ଦିଗରେ ସହାୟକ ହୋଇଥିଲା । ଦୀର୍ଘଦିନ ଧରି ଆମେରିକାର ଭର୍ଜିନିଆ ଉପନିବେଶଟି ଇଂଲଣ୍ଡର ଅପରାଧୀଙ୍କ ପାଇଁ ନିର୍ବାସନ ଅଞ୍ଚଳ ରୂପେ ବ୍ୟବହୃତ ହେଉଥିଲା । ଏଠାରୁ ଇଂରେଜମାନଙ୍କ କର୍ତ୍ତୃତ୍ୱ ଲୋପ ପାଇବାରେ ନିର୍ବାସିତ ଅପରାଧୀଙ୍କ ପାଇଁ ଅନ୍ୟ ଏକ ଅଞ୍ଚଳ ଆବିଷ୍କାର ପାଇଁ ଇଂଲଣ୍ଡ ତତ୍ପର ହେଲା । ୧୭୮୭ଖ୍ରୀ.ରେ କ୍ୟାପ୍ଟେନ୍ ଫିଲିଫଙ୍କ ଅଧକ୍ଷତାରେ ଅଷ୍ଟ୍ରେଲିଆର ବୋଟାନୀ ବେ ନାମକ ଏକ ଅଞ୍ଚଳକୁ କିଛି ଇଂରେଜ ଅପରାଧୀମାନଙ୍କୁ ପ୍ରେରଣ କରାଯାଇଥିଲା । ଏହିଠାରେ ଇଂରେଜମାନଙ୍କ ପ୍ରଥମ ଉପନିବେଶ ସ୍ଥାପିତ ହେବାପରେ ସମଗ୍ର ଅଷ୍ଟ୍ରେଲିଆରେ ଇଂରେଜ ସାମ୍ରାଜ୍ୟ ପ୍ରତିଷ୍ଠିତ ହେଲା ।

**ଉପନିବେଶବାଦର ପତନ:–** ଆମେରିକା ସ୍ୱାଧୀନତା ସଂଗ୍ରାମ ଉପନିବେଶବାଦ ମୂଳରେ କରିଥିଲା ପ୍ରଥମ କୁଠାରାଘାତ । ଏହାପରେ ଇଂଲଣ୍ଡ ନିଜ ଉପନିବେଶଗୁଡ଼ିକ ପ୍ରତି କୋହଳନୀତି ଅବଲମ୍ବନ କରିଥିଲା । ଏହାଦ୍ୱାରା ଇଂଲଣ୍ଡର କ୍ଷମତା ସଙ୍କୁଚିତ ହେବା ସଙ୍ଗେ ସଙ୍ଗେ ଉପନିବେଶବାସୀମାନଙ୍କ ମନରେ ନୂତନ ଆଶାର ସଞ୍ଚାର ହୋଇଥିଲା । ସେମାନେ ମଧ୍ୟ ସ୍ୱାଧୀନତାର ସ୍ୱପ୍ନକୁ ସାକାର କରିବା ପାଇଁ ଚେଷ୍ଟିତ ହେଲେ ।

**ମାନବିକ ଅଧିକାରର ବିଜୟ:–** ଆମେରିକାବାସୀଙ୍କର ବିଜୟ ଥିଲା ମାନବିକ ଅଧିକାରର ବିଜୟ। ଟମାସ ଜେଫରସନ୍‌ଙ୍କ ଘୋଷଣାପତ୍ର ମାନବିକ ଅଧିକାରକୁ ଦୃଢ଼ ଭାବରେ ସାବ୍ୟସ୍ତ କରିଥିଲା। ସମଗ୍ର ବିଶ୍ୱ ମାନବିକ ଅଧିକାର ଓ ବ୍ୟକ୍ତି ସ୍ୱାଧୀନତା ଆଦି ନୂତନ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲା।

**ଯୁକ୍ତରାଷ୍ଟ୍ର ଆମେରିକାର ଉତ୍‌ଥାନ:–** ସ୍ୱାଧୀନତା ଲାଭପରେ ଯୁକ୍ତରାଷ୍ଟ୍ର ଆମେରିକା ନିମନ୍ତେ ଏକ ନୂତନ ଯୁଗର ଆରମ୍ଭ ହେଲା। ସ୍ୱାଧୀନ ଭାବରେ ବାଣିଜ୍ୟ ବ୍ୟବସାୟ କରିବା ଦ୍ୱାରା ଏହାର ଅର୍ଥନୀତି ସୁଦୃଢ଼ ହେଲା। ପରବର୍ତ୍ତୀ ସମୟରେ ଆମେରିକା ବିଶ୍ୱର ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହୋଇପାରିଥିଲା।

ବାସ୍ତବିକ୍ ଆମେରିକାର ସ୍ୱାଧୀନତା ସଂଗ୍ରାମ ବିଶ୍ୱ ଇତିହାସର ଏକ ଉଲ୍ଲେଖନୀୟ ଘଟଣା। ଏହା ଇଂଲଣ୍ଡର ଉପନିବେଶବାଦୀ ମନୋବୃତ୍ତିକୁ ଏକ ଶକ୍ତ ଧକ୍‌କା ଦେଇଥିଲା। ସମଗ୍ର ବିଶ୍ୱରେ ଗଣତାନ୍ତ୍ରିକ ଚିନ୍ତାଧାରା ତଥା ମାନବିକ ଅଧିକାର ଆଦିର ବୀଜବପନ କରିଥିଲା ଏହି ମୁକ୍ତିସଂଗ୍ରାମ। କାଳକ୍ରମେ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଯୁକ୍ତରାଷ୍ଟ୍ର ଆମେରିକାର ଅଭ୍ୟୁଦୟ ହୋଇଥିଲା।

## ସାରାଂଶ

୧୪୯୨ ଖ୍ରୀଷ୍ଟାବ୍ଦରେ କଲମ୍ବସଙ୍କ ଆମେରିକା ଆବିଷ୍କାର ପରେ ଇଂଲଣ୍ଡ ଉତ୍ତର ଆମେରିକାରେ ୧୩ଟି ଉପନିବେଶ ସ୍ଥାପନ କରିଥିଲା। ବହୁଦିନ ଇଂରେଜ ଶାସନାଧୀନ ରହିବାପରେ ଉପନିବେଶବାସୀମାନେ ସ୍ୱାଧୀନତା ନିମନ୍ତେ ମାତୃଦେଶ ଇଂଲଣ୍ଡ ବିରୁଦ୍ଧରେ ସଂଗ୍ରାମ କରିଥିଲେ। ସାମାଜିକ ତଥା ଧର୍ମଗତ ପ୍ରଭେଦ ଓ ଭୌଗୋଳିକ ଦୂରତ୍ୱ ଏହି ସଂଗ୍ରାମର ପରୋକ୍ଷ କାରଣ ହୋଇଥିବାବେଳେ ଶାସନଗତ ତ୍ରୁଟି, ଏକଚାଟିଆ ବାଣିଜ୍ୟନୀତି, କରଧାର୍ଯ୍ୟ ନୀତି, ସପ୍ତବର୍ଷୀୟ ଯୁଦ୍ଧ ଓ ବୌଦ୍ଧିକ ଜାଗରଣ ଆଦି ଏହାର ପ୍ରମୁଖ ପ୍ରତ୍ୟକ୍ଷ କାରଣ ଥିଲା। ଲର୍ଡ଼ ନର୍ଥଙ୍କର ବୋଷ୍ଟନ ବନ୍ଦର ଆଇନ୍ ପ୍ରଣୟନ ଏହି ସଂଗ୍ରାମର ଆଶୁକାରଣ ହୋଇଥିଲା।

ସ୍ୱାଧୀନତା ସଂଗ୍ରାମର ବହ୍ନି ପ୍ରଥମେ ମାସାଚୁସେଟସ୍‌ରେ ପ୍ରଜ୍ଜ୍ୱଳିତ ହୋଇଥିଲା। ଫିଲାଡେଲଫିଆ ଠାରେ ପ୍ରଥମ ଓ ଦ୍ୱିତୀୟ ମହାଦେଶୀୟ କଂଗ୍ରେସ ଡକାଯାଇ ଜର୍ଜ ଓ୍ୱାସିଂଟନଙ୍କୁ ସଂଗ୍ରାମର ସେନାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଥିଲା। ବିଶିଷ୍ଟ ନେତା ଟମାସ୍ ଜେଫରସନ୍ ୧୭୭୬ ଖ୍ରୀ. ଜୁଲାଇ ୪ ତାରିଖରେ ସ୍ୱାଧୀନତାର ଘୋଷଣାପତ୍ର ପ୍ରକାଶ କରିଥିଲେ। ଏହି ସଂଗ୍ରାମର ଅବସାନ ଘଟିଥିଲା ୧୭୮୧ଖ୍ରୀ. ଅକ୍ଟୋବର ମାସରେ ଇଂରେଜ ସେନାଧ୍ୟକ୍ଷ ଲର୍ଡ଼ କର୍ଣ୍ଣୱାଲିସ୍‌ଙ୍କ ଆତ୍ମସମର୍ପଣ ସହିତ। ୧୭୮୩ଖ୍ରୀ.ରେ ସ୍ୱାକ୍ଷରିତ ପ୍ୟାରିସ ସନ୍ଧି ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକା ଏକ ନୂତନ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହେଲା। ୧୭୮୯ଖ୍ରୀ.ରେ ଏହାର ସମ୍ବିଧାନ କାର୍ଯ୍ୟକାରୀ ହେବାପରେ ଜର୍ଜ ଓ୍ୱାସିଂଟନ୍ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାର ପ୍ରଭାବ ଆୟରଲାଣ୍ଡ ଓ ଫ୍ରାନ୍ସ ଆଦି ଦେଶରେ ମଧ୍ୟ ଅନୁଭୂତ ହୋଇଥିଲା। ଅଷ୍ଟ୍ରେଲିଆରେ ଇଂଲଣ୍ଡର ଉପନିବେଶ ସ୍ଥାପନ, ଉପନିବେଶବାଦର ପତନ, ମାନବିକ ଅଧିକାରର ବିଜୟ ଆଦି ଥିଲା ଏହି ସଂଗ୍ରାମର ଅନ୍ୟାନ୍ୟ ଫଳାଫଳ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଦିଆଯାଇଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।

(କ) ଉତ୍ତର ଆମେରିକାରେ ପ୍ରଥମ ଇଂରେଜ ଉପନିବେଶ କେବେ ସ୍ଥାପିତ ହୋଇଥିଲା ?

(i) ୧୫୮୭ (ii) ୧୫୯୭ (iii) ୧୬୦୭ (iv) ୧୬୧୭

(ଖ) ଇଂଲଣ୍ଡରୁ ପିଲିଗ୍ରିମ ଫାଦରମାନେ କେବେ ଉତ୍ତର ଆମେରିକା ଅଭିମୁଖେ ଯାତ୍ରାକଲେ ?

(i) ୧୬୦୦ (ii) ୧୬୦୭ (iii) ୧୬୨୦ (iv) ୧୬୨୨

(ଗ) ପିଲିଗ୍ରିମ ଫାଦରମାନେ କେଉଁ ସ୍ଥାନରେ ଉପନିବେଶ ସ୍ଥାପନ କଲେ ?

(i) ଫ୍ଲୋରିଡ଼ା (ii) ନିଉପ୍ଲାଇମାଉଥ୍ (iii) ଭର୍ଜିନିଆ (iv) ତ୍ରିନିଦାଦ

(ଘ) ସପ୍ତବର୍ଷୀୟ ଯୁଦ୍ଧର କେବେ ଅବସାନ ହେଲା ?

(i) ୧୭୫୭ (ii) ୧୭୬୧ (iii) ୧୭୬୨ (iv) ୧୭୬୩

(ଙ) ଷ୍ଟାମ୍ପ ଆଇନ୍ କେଉଁ ପ୍ରଧାନମନ୍ତ୍ରୀ ପ୍ରଚଳନ କରିଥିଲେ ?

(i) ଗ୍ରେନଭିଲେ (ii) ରକିଙ୍ଗହମ୍ (iii) ଟାଉନ୍‌ସେଣ୍ଡ (iv) ନର୍ଥ

(ଚ) ଘୋଷଣାତ୍ମକ ଆଇନ କେଉଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ହେଲା ?

(i) ଗ୍ରେନ୍‌ଭିଲେ (ii) ରକିଙ୍ଗହମ୍ (iii) ଟାଉନ୍‌ସେଣ୍ଡ (iv) ନର୍ଥ

(ଛ) ଆମେରିକାର ସ୍ୱାଧୀନତା ସଂଗ୍ରାମ ସମୟରେ ଇଂଲଣ୍ଡର ରାଜା କିଏ ଥିଲେ ?

(i) ପ୍ରଥମ ଜେମସ୍ (ii) ପ୍ରଥମ ଚାର୍ଲସ (iii) ଜର୍ଜ ଦ୍ୱିତୀୟ (iv) ଜର୍ଜ ତୃତୀୟ

(ଜ) ବୋଷ୍ଟନ୍ ହତ୍ୟାକାଣ୍ଡ କେବେ ହୋଇଥିଲା ?

(i) ୧୭୬୭ (ii) ୧୭୭୦ (iii) ୧୭୭୩ (iv) ୧୭୭୫

(ଝ) ସ୍ୱାଧୀନତାର ଘୋଷଣାପତ୍ର କିଏ ଲେଖିଥିଲେ ?

(i) ଜର୍ଜ ୱାଶିଂଟନ୍ (ii) ଟମାସ ଜେଫରସନ୍ (iii) ଟମାସ୍ ପେନ୍ (iv) କର୍ଣ୍ଣୱାଲିସ୍

(ଞ) ସ୍ୱାଧୀନତା ସଂଗ୍ରାମରେ ବିଦ୍ରୋହୀମାନଙ୍କ ସେନାଧ୍ୟକ୍ଷ କିଏ ଥିଲେ ?

(i) ଜର୍ଜ ୱାଶିଂଟନ୍ (ii) ଟମାସ୍ ଜେଫରସନ୍ (iii) ପେଟ୍ରିକ୍ ହେନେରୀ (iv) ଟମାସ୍ ପେନ୍

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ଉତ୍ତର ଆମେରିକାରେ ——ଟି ଇଂରେଜ ଉପନିବେଶ ଥିଲା ।

(ଖ) ବୋଷ୍ଟନ ଚା ଗଣ୍ଡଗୋଳ —— ଖ୍ରୀଷ୍ଟାବ୍ଦରେ ହୋଇଥିଲା ।

(ଗ) —— ସ୍ଥାନରେ ସ୍ୱାଧୀନତାର ଘୋଷଣାପତ୍ର ଗୃହୀତ ହୋଇଥିଲା ।

(ଘ) ଆମେରିକାର ସ୍ୱାଧୀନତା ସଂଗ୍ରାମ ପ୍ରଥମେ —— ଠାରୁ ଆରମ୍ଭ ହେଲା ।

(ଙ) ଇଂରେଜମାନଙ୍କ ସେନାପତି —— ୱାଶିଂଟନ୍‌ଙ୍କ ନିକଟରେ ୟର୍କଟାଉନ୍‌ରେ ଆତ୍ମସର୍ପଣ କଲେ ।

(ଚ) ୧୭୮୩ ଖ୍ରୀଷ୍ଟାବ୍ଦରେ —— ସନ୍ଧି ସ୍ୱାକ୍ଷରିତ ହେଲା ।

(ଛ) —— ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ରାଷ୍ଟ୍ରପତି ହେଲେ ।

## 'ଖ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର ।

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟ ମଧ୍ୟରେ ଲେଖ ।

(କ) ଇଂରେଜମାନେ ପ୍ରଥମେ କେଉଁଠାରେ ଉପନିବେଶ ସ୍ଥାପନ କରିଥିଲେ ? ପରେ ସେହି ସ୍ଥାନର ନାମ କ'ଣ ରଖାଗଲା ?

(ଖ) କେବେ ଓ କେଉଁ ବନ୍ଦରରୁ 'ମେ ଫ୍ଲାୱାର' ନାମକ ଜାହାଜ ଆମେରିକା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ? ଏହାର ଯାତ୍ରୀମାନଙ୍କୁ କ'ଣ କୁହାଯାଉଥିଲା ?

(ଗ) ମାତୃଦେଶ କାହାକୁ ଓ କାହିଁକି କୁହାଯାଉଥିଲା ?

(ଙ) ସପ୍ତବର୍ଷୀୟ ଯୁଦ୍ଧ କେବେଠାରୁ କେବେ ପର୍ଯ୍ୟନ୍ତ ହୋଇଥିଲା ? ଏହି ଯୁଦ୍ଧର ଫଳାଫଳ କ'ଣ ହେଲା ?

(ଚ) ଆମେରିକାର ପ୍ରଥମ ସମ୍ବାଦପତ୍ରର ନାମ କ'ଣ ? ଏହା କେବେ ଓ କେଉଁଠାରୁ ପ୍ରକାଶିତ ହୋଇଥିଲା ?

(ଛ) 'ଏକ କୃଷକର ପତ୍ର' କ'ଣ ? ଏହା କିଏ ଲେଖିଥିଲେ ?

(ଜ) 'ପ୍ରତିନିଧିତ୍ୱ ବିନା କରଧାର୍ଯ୍ୟ ଅତ୍ୟାଚାର' ଏହି ଉକ୍ତିର ତାତ୍ପର୍ଯ୍ୟ ବୁଝାଅ ।

(ଝ) ବୋଷ୍ଟନ୍ ହତ୍ୟାକାଣ୍ଡ କ'ଣ ?

(ଞ) ସ୍ୱାଧୀନତାର ଘୋଷଣାପତ୍ର କେବେ ଓ କେଉଁଠାରେ ଗୃହୀତ ହୋଇଥିଲା ? ଏହା କିଏ ଲେଖିଥିଲେ ?

(ଟ) ପ୍ୟାରିସ ସନ୍ଧିପରେ ଆମେରିକାର ନୂତନ ନାମ କ'ଣ ହେଲା ? ଏହାର ସମ୍ବିଧାନ କେବେ କାର୍ଯ୍ୟକାରୀ ହେଲା ? କିଏ ଏହାର ପ୍ରଥମ ରାଷ୍ଟ୍ରପତି ହେଲେ ?

୪. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର ।

ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ମଧ୍ୟରେ ସୀମିତ ରହିବା ଉଚିତ ।

(କ) ଉତ୍ତର ଆମେରିକାରେ ଇଂରେଜ ଉପନିବେଶ ସ୍ଥାପନ କିପରି ହେଲା ?

(ଖ) ଭୌଗୋଳିକ ଦୂରତ୍ୱ ଆମେରିକା ସ୍ୱାଧୀନତା ସଂଗ୍ରାମ ପାଇଁ କିପରି ଦାୟୀ ?

(ଗ) ଉପନିବେଶ ଗୁଡ଼ିକରେ ଇଂଲଣ୍ଡ କିପରି ଏକଚାଟିଆ ବାଣିଜ୍ୟନୀତି ଚଳାଇଥିଲା ?

(ଘ) ଗ୍ରେନ୍‌ଭିଲେଙ୍କ ସ୍ୱେଚ୍ଛାଚାରୀ କରଧାର୍ଯ୍ୟ ନୀତି ସମ୍ବନ୍ଧରେ ଉଲ୍ଲେଖ କର ।

(ଙ) 'ବୋଷ୍ଟନ୍ ଚା ଗଣ୍ଡଗୋଳ' କହିଲେ କ'ଣ ବୁଝ ? ସ୍ୱାଧୀନତା ସଂଗ୍ରାମ ପାଇଁ ଏହାର ଭୂମିକା କ'ଣ ଥିଲା ।

(ଚ) ଆମେରିକା ସ୍ୱାଧୀନତା ସଂଗ୍ରାମର ଫଳାଫଳ ଲେଖ ।

୫. ପ୍ରତି ପ୍ରଶ୍ନର ମୂଲ୍ୟ ୩ ନମ୍ବର ।

ନିମ୍ନଲିଖିତ ବିଷୟ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

(କ) ଉପନିବେଶର ତ୍ରୁଟିପୂର୍ଣ୍ଣ ଶାସନ ପଦ୍ଧତି ।

(ଖ) ଆମେରିକା ସ୍ୱାଧୀନତା ସଂଗ୍ରାମରେ ସପ୍ତବର୍ଷୀୟ ଯୁଦ୍ଧର ପ୍ରଭାବ ।

(ଗ) ଆମେରିକା ସ୍ୱାଧୀନତା ସଂଗ୍ରାମରେ ବୌଦ୍ଧିକ ଜାଗରଣର ଭୂମିକା ।

(ଘ) ପ୍ୟାରିସ ସନ୍ଧି

(ଙ) ଲର୍ଡ଼ ନର୍ଥ

୬. ପ୍ରତି ପ୍ରଶ୍ନର ମୂଲ୍ୟ ୩ ନମ୍ବର। ପାର୍ଥକ୍ୟ ଦର୍ଶାଅ

(କ) ମାତୃ ଦେଶ ଓ ଉପନିବେଶ

(ଖ) ଲାଲ ଶର୍କରା ଆଇନ୍ ଓ ଚିନି ଆଇନ୍

(ଗ) ବୋଷ୍ଟନ ଚା ଦଳ ଓ ବୋଷ୍ଟନ୍ ଚା ଗଣ୍ଡଗୋଳ

(ଘ) ପ୍ରଥମ ମହାଦେଶୀୟ କଂଗ୍ରେସ ଓ ଦ୍ୱିତୀୟ ମହାଦେଶୀୟ କଂଗ୍ରେସ

## 'ଗ' ବିଭାଗ

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର

୭. ଆମେରିକା ସ୍ୱାଧୀନତା ସଂଗ୍ରାମର କାରଣ ଆଲୋଚନା କର।

୮. ଆମେରିକା ସ୍ୱାଧୀନତା ସଂଗ୍ରାମର ଘଟଣାପ୍ରବାହ ଓ ଫଳାଫଳ ଆଲୋଚନା କର।

୯. ଆମେରିକା ସ୍ୱାଧୀନତା ସଂଗ୍ରାମ ଉପରେ ଆଲୋକପାତ କର।

୧୦. ଇଂରେଜମାନେ ଆମେରିକାରେ କିପରି ଉପନିବେଶ ସ୍ଥାପନ କରିଥିଲେ ? ଆମେରିକାରେ ସ୍ୱାଧୀନତା ସଂଗ୍ରାମ କାହିଁକି ହେଲା ?

—❖—

ତ୍ରୟୋଦଶ ଅଧ୍ୟାୟ

# ଫରାସୀ ବିପ୍ଳବ

ଇତିହାସର ପୃଷ୍ଠା ମଣ୍ଡନ କରିଥିବା କତିପୟ ବିପ୍ଳବ ମଧ୍ୟରେ ୧୭୮୯ ଖ୍ରୀଷ୍ଟାବ୍ଦର ଫରାସୀ ବିପ୍ଳବ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଯୁଗାନ୍ତରକାରୀ ଅଧ୍ୟାୟ । ରାଜତାନ୍ତ୍ରିକ ଶାସନ ବ୍ୟବସ୍ଥା, ଅଭିଜାତ ଗୋଷ୍ଠୀର ପ୍ରତିପତ୍ତି ବିରୁଦ୍ଧରେ ସଙ୍ଗଠିତ ଏହି ବିପ୍ଳବ ଦ୍ୱାରା ଫ୍ରାନ୍ସରେ ଘଟିଥିଲା ସାମନ୍ତବାଦର ବିଲୋପ ଓ ବ୍ୟକ୍ତି ସ୍ୱାତନ୍ତ୍ର୍ୟ, ସାମାଜିକ ସାମ୍ୟ ତଥା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପ୍ରତିଷ୍ଠା । ସମଗ୍ର ବିଶ୍ୱରେ ମୁକ୍ତି, ସାମ୍ୟ ଓ ଭ୍ରାତୃତ୍ୱର (Liberty, equality and fraternity) ଆହ୍ୱାନ ଦେଇ ୧୭୮୯ର ଏହି ବିପ୍ଳବ ମାନବ ଜାତିକୁ ବିଭିନ୍ନ ଦିଗରୁ ପ୍ରଭାବିତ କରିଥିଲା ଓ ଏକ ନୂତନ ଯୁଗ ନିମନ୍ତେ ପଥ ଉନ୍ମୋଚନ କରିଥିଲା ।

## ବିପ୍ଳବର କାରଣ :

ବିପ୍ଳବ ପୁଞ୍ଜୀଭୂତ ଜନ ଅସନ୍ତୋଷର ପରିପ୍ରକାଶ ମାତ୍ର । ଏଥି ନିମନ୍ତେ ବହୁ ପୂର୍ବରୁ କ୍ଷେତ୍ର ପ୍ରସ୍ତୁତ ହୋଇଥାଏ ଓ ଉପଯୁକ୍ତ ସମୟରେ ଏହାର ପରିପ୍ରକାଶ ଘଟିଥାଏ । ସେହିପରି ଭାବରେ ଫ୍ରାନ୍ସର ତତ୍‌କାଳୀନ ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ ଅବସ୍ଥା ଫରାସୀ ବିପ୍ଳବ ପାଇଁ ଯୋଗାଇଥିଲା ଇନ୍ଧନ ।

## ସାମାଜିକ କାରଣ :

ଅଷ୍ଟାଦଶ ଶତାବ୍ଦୀରେ ଫ୍ରାନ୍ସରେ ତିନୋଟି ଗୋଷ୍ଠୀର ଲୋକ ବସବାସ କରୁଥିଲେ । ସେମାନେ ହେଲେ ଧର୍ମଯାଜକ ଓ ପୁରୋହିତ ସମ୍ପ୍ରଦାୟ (Clergy) ବା ପ୍ରଥମ ଗୋଷ୍ଠୀ (First Estate) । ସେମାନଙ୍କ ପରେ ଥିଲେ ସାମନ୍ତ ବା ଅଭିଜାତ ସମ୍ପ୍ରଦାୟ (Nobles) ବା ଦ୍ୱିତୀୟ ଗୋଷ୍ଠୀ (Second Estate) ଓ ସର୍ବନିମ୍ନରେ ଥିଲେ ମଧ୍ୟବିତ୍ତ ଓ ସାଧାରଣ ଜନତା ବା ତୃତୀୟ ଗୋଷ୍ଠୀ (Third Estate) । ପ୍ରଥମ ଦୁଇ ଗୋଷ୍ଠୀ ଥିଲେ ସୁବିଧାଭୋଗୀ ଗୋଷ୍ଠୀ (Privileged class) ଓ ତୃତୀୟ ଗୋଷ୍ଠୀ ଥିଲେ ସୁବିଧାବଞ୍ଚିତ ଗୋଷ୍ଠୀ (Unprivileged class) । ପ୍ରଚଳିତ ପ୍ରବାଦ ଅନୁସାରେ 'Nobles fight, the clergy pray and the people pay' ଅର୍ଥାତ୍ ସାମନ୍ତମାନେ ଯୁଦ୍ଧ କରନ୍ତି, ଧର୍ମଯାଜକମାନେ ଉପାସନା କରନ୍ତି ଓ ଜନସାଧାରଣ କର ଦିଅନ୍ତି । ଫରାସୀ ସମାଜରେ ଥିବା ଏହି ସାମାଜିକ ବୈଷମ୍ୟ ଜନଅସନ୍ତୋଷର ମୁଖ୍ୟ କାରଣ ଥିଲା ।

**ଧର୍ମଯାଜକ ଗୋଷ୍ଠୀ:–** ଧର୍ମଯାଜକ ଓ ପୁରୋହିତ ଗୋଷ୍ଠୀ ଥିଲେ ସମାଜର ସବୁଠାରୁ ଉପର ସ୍ତରରେ ଓ ପ୍ରତିପତ୍ତିଶାଳୀ । ରୋମୀୟ କ୍ୟାଥୋଲିକ୍ ଚର୍ଚ୍ଚ (ଫ୍ରାନ୍ସର ଧର୍ମସଂସ୍ଥା) ରାଷ୍ଟ୍ରର ଏକ ପଞ୍ଚମାଂଶ ଭୂସମ୍ପତ୍ତିର ଅଧିକାରୀ ଥିଲା । ଧର୍ମଯାଜକମାନେ ସାମନ୍ତ ଭାବରେ ସାମନ୍ତ ପ୍ରାପ୍ୟ ଆଦାୟ କରୁଥିଲେ । ଏହା ବ୍ୟତୀତ ପ୍ରତ୍ୟେକ ବ୍ୟକ୍ତିର ଆୟର ଏକଦଶମାଂଶ ଚର୍ଚ୍ଚ ଟିଥ୍ (Tithes) ଆକାରରେ ଗ୍ରହଣ କରୁଥିଲା । ଏହିପରି ଭାବରେ ଧର୍ମଯାଜକମାନେ ଥିଲେ ବିପୁଳ

ସମ୍ପତ୍ତିର ଅଧିକାରୀ । କ୍ରମେ ଏହି ଧର୍ମଯାଜକ ଗୋଷ୍ଠୀ ଦୁର୍ନୀତିପରାୟଣ ହୋଇ ଏହି ଧନର ସଦୁପଯୋଗ ପରିବର୍ତ୍ତେ ଦୁରୁପଯୋଗ କଲେ । ଜନସାଧାରଣଙ୍କ ହିତ ପରିବର୍ତ୍ତେ ନିଜର ବିଳାସବ୍ୟସନରେ ଏହି ଅର୍ଥ ଖର୍ଚ୍ଚ କଲେ । ଏହାଛଡ଼ା ସେମାନେ ବାଧ୍ୟତାମୂଳକ ବିବାହ କର, ଜନ୍ମକର, ମୃତ୍ୟୁକର ଆଦି କରମାନ ଆଦାୟ କରି ଜନସାଧାରଣଙ୍କୁ ଶୋଷଣ କରିବାକୁ ଲାଗିଲେ । ରାଜକୋଷକୁ ସାମାନ୍ୟ ଅର୍ଥ ଦେଇ ସେମାନେ ଏକ ଶୋଷକ ଶ୍ରେଣୀରେ ପରିଣତ ହୋଇଥିଲେ । ଚାରିତ୍ରିକ ସ୍ଖଳନ, ନୈତିକ ଅଧୋପତନ ହେବା ଦ୍ୱାରା ସେମାନେ ହରାଇଥିଲେ ଜନସାଧାରଣଙ୍କ ଆଖିରେ ସମ୍ମାନ ଓ ମର୍ଯ୍ୟାଦା । ଏହିପରି ଭାବରେ ଚର୍ଚ୍ଚଗୁଡ଼ିକ ଦୁର୍ନୀତିର ପୀଠସ୍ଥଳୀରେ ପରିଣତ ହୋଇଥିଲା । ଏହା ଫରାସୀମାନଙ୍କ ମଧ୍ୟରେ ସୃଷ୍ଟି କରିଥିଲା ତୀବ୍ର ପ୍ରତିକ୍ରିୟା ।

**ସାମନ୍ତ ଗୋଷ୍ଠୀ:–** ଧର୍ମଯାଜକମାନଙ୍କ ପରେ ସମାଜର ଦ୍ୱିତୀୟ ସ୍ତରରେ ରହିଥିଲେ ସାମନ୍ତ ଗୋଷ୍ଠୀ, ସାମନ୍ତମାନେ ସୁବିଧାଭୋଗୀ ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇ ପ୍ରଭୂତ ଭୂସମ୍ପତ୍ତିର ଅଧିକାରୀ ଥିଲେ । ଫ୍ରାନ୍ସରେ ସାମନ୍ତ ପ୍ରଥାର ସମ୍ପୂର୍ଣ୍ଣ ବିଲୋପ ଘଟି ନ ଥିବାରୁ ସେମାନେ ସାମନ୍ତ କର (Feudal dues) ଆଦାୟ କରିବା ସହିତ ସୈନ୍ୟବାହିନୀ ଓ ଶାସନବ୍ୟବସ୍ଥାରେ ଉଚ୍ଚପଦବୀ ଅଳଙ୍କୃତ କରୁଥିଲେ । କିନ୍ତୁ କାଳକ୍ରମେ ପରାକ୍ରମୀ ରାଜାଙ୍କ ଶାସନ କାଳରେ ସେମାନଙ୍କର ଆଉ ଆବଶ୍ୟକତା ନ ଥିଲା । ତେଣୁ ସେମାନେ ଅପର୍ଯ୍ୟାପ୍ତ ଧନ ସମ୍ପତ୍ତିର ଅଧିକାରୀ ହୋଇ ବିଳାସବ୍ୟସନରେ ସମୟ ଅତିବାହିତ କରୁଥିଲେ । ଜନସାଧାରଣଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରି ସେମାନେ ଏକ ପରୋପଜୀବି ଗୋଷ୍ଠୀରେ ପରିଣତ ହୋଇଥିଲେ । ଏହିପରି ଏକ ପରାଙ୍ଗପୁଷ୍ଟ ଶ୍ରେଣୀ ପ୍ରତି ସୃଷ୍ଟି ହୋଇଥିଲା ଜନସାଧାରଣଙ୍କର ବିଦ୍ୱେଷ ଓ ଘୃଣାଭାବ ।

**ମଧ୍ୟବିତ୍ତ ଓ ସାଧାରଣ ଗୋଷ୍ଠୀ:–** ଫରାସୀ ସମାଜରେ ତୃତୀୟ ସ୍ତରରେ ଥିଲେ ମଧ୍ୟବିତ୍ତ ଓ ସାଧାରଣ ଜନତା । ମଧ୍ୟବିତ୍ତ ବା ବୁର୍ଜୁଆ (Bourgeoisie) ଗୋଷ୍ଠୀରେଥିଲେ ଚିକିତ୍ସକ, ଶିକ୍ଷକ, ଆଇନ୍‌ଜୀବୀ, ବ୍ୟବସାୟୀ ଇତ୍ୟାଦି । ଆର୍ଥିକ ଦୃଷ୍ଟିରୁ ଏହି ମଧ୍ୟବିତ୍ତ ଗୋଷ୍ଠୀ ଥିଲେ କିଛି ପରିମାଣରେ ସ୍ୱଚ୍ଛଳ । ବିଦ୍ୟା ଓ ବୁଦ୍ଧିରେ ସେମାନେ ସାମନ୍ତ ତଥା ଧର୍ମଯାଜକମାନଙ୍କଠାରୁ ଯଥେଷ୍ଟ ଉନ୍ନତ ଥିଲେ ମଧ୍ୟ ସେମାନେ ଥିଲେ ସମସ୍ତ ସୁବିଧାସୁଯୋଗରୁ ବଞ୍ଚିତ । ଆର୍ଥିକ ସ୍ୱଚ୍ଛଳତା ଥିବା ସତ୍ତ୍ୱେ ପ୍ରଥମ ଦୁଇ ଗୋଷ୍ଠୀ ସେମାନଙ୍କୁ ନ୍ୟୁନ ଚକ୍ଷୁରେ ଦେଖୁଥିଲେ ଓ କୌଣସି ସାମାଜିକ ସମ୍ପର୍କ ରଖୁ ନ ଥିଲେ । ତେଣୁ ପ୍ରଚଳିତ ସାମାଜିକ ବୈଷମ୍ୟ ତଥା ଶାସନ ବ୍ୟବସ୍ଥା ବିରୁଦ୍ଧରେ ଏହି ଗୋଷ୍ଠୀ ଉଠାଇଥିଲେ ପ୍ରତିବାଦର ସ୍ୱର । ସାଧାରଣ ଜନତାଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ଏମାନେ ହିଁ ଥିଲେ ଏହି ଫରାସୀ ବିପ୍ଳବର କର୍ଣ୍ଣଧାର । ନେପୋଲିୟନ୍‌ଙ୍କ ଭାଷାରେ – "It is vanity that created the Revolution, Liberty was only an excuse." ଅର୍ଥାତ୍ ମଧ୍ୟବିତ୍ତ ଗୋଷ୍ଠୀର ଆତ୍ମାଭିମାନ ହିଁ ଫରାସୀ ବିପ୍ଳବ ସୃଷ୍ଟି କରିଥିଲା । ମୁକ୍ତି ଏକ ବାହାନା ମାତ୍ର । ଏଥି ନିମନ୍ତେ ଏହି ବିପ୍ଳବକୁ ମଧ୍ୟବିତ୍ତ ଶ୍ରେଣୀର ବିପ୍ଳବ (Bourgeoisie Revolution) ମଧ୍ୟ କୁହାଯାଏ ।

ତୃତୀୟ ସ୍ତରରେ ଥିବା ଅନ୍ୟ ଲୋକମାନେ ଥିଲେ ସାଧାରଣତଃ କୃଷକ ଓ ଶ୍ରମିକ । କୃଷକମାନେ ଏହି ଗୋଷ୍ଠୀରେ ଥିଲେ ସଂଖ୍ୟାଧିକ । କିନ୍ତୁ ସେମାନଙ୍କର ଅବସ୍ଥା ଥିଲା ଶୋଚନୀୟ । ସେମାନେ ରାଜାଙ୍କ ସମେତ ସାମନ୍ତ ଓ ଧର୍ମଯାଜକମାନଙ୍କୁ ଆୟର ୫୫ ଭାଗ ବିଭିନ୍ନ କର ଭାବରେ ପ୍ରଦାନ କରୁଥିଲେ । ସେମାନେ ଭୂମିକର (Taille), ଆୟକର (Vingtiome),

ଲବଣ କର (Gabelle), ପଥକର (Corvee), ଗୀର୍ଜାକର (Tithe) ଆଦି ପତ୍ୟକ୍ଷ ଓ ପରୋକ୍ଷ କର ପ୍ରଦାନ କରି ସର୍ବସ୍ୱାନ୍ତ ହୋଇଯାଉଥିଲେ । ଅବଶିଷ୍ଟାଂଶରେ ଜୀବନ ନିର୍ବାହ କରିବା ଥିଲା କଷ୍ଟକର । ଏହିପରି ଭାବରେ କରଭାରରେ ନିଷ୍ପେଷିତ ଓ ସୁବିଧାଭୋଗୀ ଗୋଷ୍ଠୀ ଦ୍ୱାରା ଶୋଷିତ ହୋଇ ଏହି କୃଷକମାନେ ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଥିଲେ । କୁହାଯାଏ–

What is Third Estate – Everything

What has it been – Nothing

What does it want to be – Something

ଅର୍ଥାତ୍ ସମାଜରେ ତୃତୀୟ ଗୋଷ୍ଠୀ ସବୁକିଛି ହୋଇ ମଧ୍ୟ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ । ତେଣୁ ଏହା ଏହାର ନ୍ୟାଯ୍ୟ ପ୍ରାପ୍ୟ ପାଇବା ପାଇଁ ଇଚ୍ଛୁକ ।

## ରାଜନୈତିକ କାରଣ :

ଫରାସୀ ବିପ୍ଳବର ଅନ୍ୟତମ କାରଣ ହେଲା ଫ୍ରାନ୍ସରେ ପ୍ରଚଳିତ ରାଜନୈତିକ ବ୍ୟବସ୍ଥା । ଫ୍ରାନ୍ସରେ ବୁର୍ବୋଁ (Bourbon) ରାଜବଂଶ ଶାସନ କରୁଥିଲା । ଏହି ରାଜାମାନେ ରାଜାଙ୍କର ଐଶ୍ୱରିକ ଅଧିକାର ନୀତି (Divine Right theory of Kingship)ରେ ବିଶ୍ୱାସ କରୁଥିଲେ । ସେମାନେ ନିଜକୁ ଈଶ୍ୱରଙ୍କ ପ୍ରତିନିଧି ଭାବି ନିରଙ୍କୁଶ କ୍ଷମତା ଉପଭୋଗ କରୁଥିଲେ । ରାଜାଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ବ୍ୟକ୍ତିକୁ ଗିରଫ ପରଓ୍ୱାନା (Letter de catchet) ବଳରେ ବନ୍ଦୀ କରାଯାଉଥିଲା । ଏହିପରି ଭାବରେ ଫ୍ରାନ୍ସରେ ପ୍ରଚଳିତ ଥିଲା ସ୍ୱେଚ୍ଛାଚାରୀ ରାଜତନ୍ତ୍ର ବ୍ୟବସ୍ଥା । ଫରାସୀ ଶାସକମାନଙ୍କ ନୀତି ଓ କୁଶାସନ ଉପରେ ଏକ ଦୃଷ୍ଟିପାତ ନିମ୍ନରେ ପ୍ରଦତ୍ତ ହେଲା ।

**ଚତୁର୍ଦ୍ଦଶ ଲୁଇ :** ସମ୍ରାଟ ଚତୁର୍ଦ୍ଦଶ ଲୁଇ ୧୬୪୩ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ଥିଲେ ସବୁ କ୍ଷମତାର ଅଧିକାରୀ । କ୍ଷମତାନ୍ଧ ଚତୁର୍ଦ୍ଦଶ ଲୁଇ ଘୋଷଣା କରିଥିଲେ 'ମୁଁ ହିଁ ରାଷ୍ଟ୍ର' (I am the state) । ତାଙ୍କ ମୁଖନିସୃତ ବାଣୀ ହିଁ ଥିଲା ଆଇନ୍ । ତାଙ୍କର ସ୍ୱେଚ୍ଛାଚାରିତା ଜନ ଅସନ୍ତୋଷର ମୁଖ୍ୟ କାରଣ ଥିଲା । ରାଜଧାନୀ ପ୍ୟାରିସଠାରୁ ୧୯ କିଲୋମିଟର ଦୂରରେ ଅବସ୍ଥିତ ଭର୍ସାଇ ରାଜପ୍ରାସାଦରେ ସେ ଅବସ୍ଥାନ କରୁଥିଲେ । ଏ ପ୍ରକାର ବିଳାସପୂର୍ଣ୍ଣ ପ୍ରାସାଦ ନିର୍ମାଣ ନିମନ୍ତେ ସେ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ କରିଥିଲେ । ଏହି ପ୍ରାସାଦରେ ଥିବା ଦର୍ପଣ କକ୍ଷ (Hall of Mirrors) ଥିଲା ରାଜାଙ୍କର ବିଳାସ ତଥା ଆମୋଦପ୍ରମୋଦର ପ୍ରତୀକ । ଏଠାରେ ରାଣୀ ଓ ସାମନ୍ତବର୍ଗଙ୍କ ସହିତ ଆନନ୍ଦରେ ସମୟ ଅତିବାହିତ କରି ରାଜା ଶାସନ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିଲେ ।

**ପଞ୍ଚଦଶ ଲୁଇ:** ପଞ୍ଚଦଶ ଲୁଇଙ୍କର ଶାସନକାଳ ଥିଲା ଖ୍ରୀଷ୍ଟାବ୍ଦ ୧୭୧୫ ରୁ ଖ୍ରୀଷ୍ଟାବ୍ଦ ୧୭୭୪ । ସେ ମଧ୍ୟ ଚତୁର୍ଦ୍ଦଶ ଲୁଇଙ୍କ ପରି ଶାସନ କାର୍ଯ୍ୟ ପ୍ରତି ଧ୍ୟାନ ନ ଦେଇ ଭର୍ସାଇ ପ୍ରାସାଦରେ ବିଳାସବ୍ୟସନରେ ସମୟ ଅତିବାହିତ କରୁଥିଲେ । ଦୂରଦୃଷ୍ଟିର ଅଭାବ ଯୋଗୁଁ ସେ ଇଉରୋପରେ ଆରମ୍ଭ ହୋଇଥିବା ସପ୍ତବର୍ଷୀୟ ଯୁଦ୍ଧରେ ଭାଗ ନେଇଥିଲେ । ଏଥିରେ

ଫ୍ରାନ୍ସର ପରାଜୟ ହେବା ସଙ୍ଗେ ଆର୍ଥିକ ଦୃଷ୍ଟିରୁ ମଧ୍ୟ ଫ୍ରାନ୍ସ ଦୁର୍ବଳ ହୋଇପଡ଼ିଲା । ଦୁର୍ବଳ ଶାସନ, ଆର୍ଥିକ ଦୁର୍ବଳତା ତଥା ପରାଜୟର ଗ୍ଳାନି ଯୋଗୁଁ ଜନ ଅସନ୍ତୋଷ ବୃଦ୍ଧି ପାଇଲା । ନିଜ ଶେଷ ସମୟରେ ସେ ନିଜର ଭୁଲ ବୁଝିପାରି କହିଥିଲେ 'ମୋ ପରେ ମହାପ୍ରଳୟ' (After me, the deluge) ।

**ଷୋଡ଼ଶ ଲୁଇ:–** ଷୋଡ଼ଶ ଲୁଇଙ୍କୁ ନିଜର ପୂର୍ବବର୍ତ୍ତୀ ରାଜାଙ୍କର କୁଶାସନ ଓ ଅପରିଣାମଦର୍ଶିତାର ମୂଲ୍ୟ ଦେବାକୁ ପଡ଼ିଥିଲା । ଅଷ୍ଟ୍ରିଆର ସୁନ୍ଦରୀ ରାଜକୁମାରୀ ମେରୀ ଏଣ୍ଟୋଇନେଙ୍କ ସହିତ ତାଙ୍କର ବିବାହ ମଧ୍ୟ ତାଙ୍କ ପାଇଁ ଦୁର୍ଭାଗ୍ୟର କାରଣ ହୋଇଥିଲା । ରାଣୀ ଥିଲେ ଅତ୍ୟନ୍ତ ଗର୍ବୀ ଓ ଉଦ୍ଧତ । ଶାସନ କାର୍ଯ୍ୟରେ ତାଙ୍କର ଅଯଥା ହସ୍ତକ୍ଷେପ ରାଜାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା । ପ୍ରଜାଙ୍କର ହିତପ୍ରତି ଦୃଷ୍ଟି ନ ଦେଇ ନିଜର ବିଳାସବ୍ୟସନର ସେ ବିପୁଳ ଅର୍ଥ ବ୍ୟୟ କରୁଥିଲେ । ଷୋଡ଼ଶ ଲୁଇ ରାଣୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ଏହାଦ୍ୱାରା ପ୍ରଜାମାନଙ୍କ ମନରେ ଅସନ୍ତୋଷର ବହ୍ନି ଜଳି ଉଠିଲା ।

ଫ୍ରାନ୍ସରେ କେନ୍ଦ୍ରୀଭୂତ ଶାସନ ବ୍ୟବସ୍ଥା ଥିବା ସତ୍ତ୍ୱେ ଶାସନ କ୍ଷେତ୍ରରେ ଐକ୍ୟ ପ୍ରତିଷ୍ଠିତ ହୋଇପାରି ନ ଥିଲା । ଶାସନ କ୍ଷେତ୍ରରେ ସର୍ବତ୍ର ବିଶୃଙ୍ଖଳା ପରିଲକ୍ଷିତ ହୋଇଥିଲା । ପ୍ରାଦେଶିକ ଶାସନକର୍ତ୍ତାମାନେ ମଧ୍ୟ ଶାସନ କ୍ଷେତ୍ରରେ ଦକ୍ଷ ନ ଥିଲେ ଓ ଅବହେଳା ପ୍ରଦର୍ଶନ କରୁଥିଲେ । ବ୍ୟକ୍ତି ସ୍ୱାତନ୍ତ୍ର୍ୟ ସମ୍ପୂର୍ଣ୍ଣରୂପେ ଅନୁପସ୍ଥିତ ଥିଲା । ସଭା-ସମିତି ଗଠନ କରିବାର ଅଧିକାର ପ୍ରଜାମାନଙ୍କର ନ ଥିଲା । ଫ୍ରାନ୍ସରେ ନାମକୁ ମାତ୍ର ଇଷ୍ଟେଟ ଜେନେରାଲ (Estates General) ନାମକ ଏକ ବ୍ୟବସ୍ଥାପକ ସଭା ଥିଲା । ତାହା ମଧ୍ୟ ନିୟମିତ ଆହୂତ ହେଉ ନ ଥିଲା । ଏପରି ରାଜନୈତିକ ପରିସ୍ଥିତି ଫରାସୀ ବିପ୍ଳବ ପାଇଁ ମାର୍ଗ ପ୍ରସ୍ତୁତ କରିଥିଲା ।

## ଅର୍ଥନୈତିକ କାରଣ:

ଆର୍ଥିକ ଦୁରବସ୍ଥା ଫରାସୀ ବିପ୍ଳବର ମୁଖ୍ୟ କାରଣ ଥିଲା । ଫ୍ରାନ୍ସରେ କର ନିର୍ଦ୍ଧାରଣ ବ୍ୟବସ୍ଥା ନ୍ୟାୟୋଚିତ ଭିତ୍ତିରେ ପ୍ରତିଷ୍ଠିତ ନ ଥିଲା । ଫ୍ରାନ୍ସର ଅର୍ଦ୍ଧାଧିକ ଜାତୀୟ ସମ୍ପତ୍ତିର ଅଧିକାରୀ ଧର୍ମଯାଜକ ଓ ସାମନ୍ତଗୋଷ୍ଠୀ କୌଣସି ପ୍ରକାର କର ପ୍ରଦାନ କରୁ ନ ଥିବାବେଳେ ଜନସାଧାରଣ ସମସ୍ତ କର ଭାର ବହନ କରୁଥିଲେ । ଭର୍ସାଇ ରାଜପ୍ରାସାଦର ବ୍ୟୟବହୁଳତା ସହିତ କ୍ରମାଗତ ବୈଦେଶିକ ଯୁଦ୍ଧ ଫରାସୀ ରାଜକୋଷକୁ ଶୂନ୍ୟକରି ଦେଇଥିଲା । ସପ୍ତବର୍ଷୀୟ ଯୁଦ୍ଧ ଓ ଆମେରିକାର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଫ୍ରାନ୍ସ ବ୍ୟୟ କରିଥିଲା ଅପର୍ଯ୍ୟାପ୍ତ ଅର୍ଥ । ରାଷ୍ଟ୍ରର ଋଣଭାର କ୍ରମାଗତ ଭାବରେ ବୃଦ୍ଧି ପାଉଥିଲା । ତେଣୁ କୁହାଯାଉଥିଲା 'ଫ୍ରାନ୍ସ ହେଉଛି ଅର୍ଥନୈତିକ ତ୍ରୁଟିର ପ୍ରକୃଷ୍ଟ ସଂଗ୍ରହାଳୟ' (Vast museum of economic errors) ।

ପଞ୍ଚଦଶ ଲୁଇଙ୍କ ପରେ ଷୋଡ଼ଶ ଲୁଇଙ୍କ ପକ୍ଷରେ ମିତବ୍ୟୟିତା ଅବଲମ୍ବନ ଦିଗରେ ଯଥାର୍ଥ ପଦକ୍ଷେପ ନେବା ସମ୍ଭବ ହେଲା ନାହିଁ । ରାଣୀ ମେରୀ ଏଣ୍ଟଏନେଙ୍କ ବିଳାସପ୍ରିୟତା ଯୋଗୁଁ ଭର୍ସାଇ ରାଜପ୍ରାସାଦର ବ୍ୟୟଭାର ବଢ଼ି ଚାଲିଥିଲା । ଏହି ସମୟରେ ଫ୍ରାନ୍ସ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲା । ଜାତୀୟ ଆୟର ଅର୍ଦ୍ଧେକ ଭାଗ ପ୍ରତ୍ୟେକ ବର୍ଷ କେବଳ ଋଣ ପରିଶୋଧ ନିମନ୍ତେ ବ୍ୟୟ ହେଉଥିଲା । ଏହିପରି ଗୁରୁତର ପରିସ୍ଥିତିରେ ଷୋଡ଼ଶ ଲୁଇ

ଆର୍ଥିକ ସମସ୍ୟାର ସମାଧାନ ନିମନ୍ତେ ତୁର୍ଗୋଁ (Turgot) ନାମକ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କୁ ଅର୍ଥସଚିବ ପଦବୀରେ ନିଯୁକ୍ତି ଦେଇଥିଲେ। କିନ୍ତୁ ତାଙ୍କର ମିତବ୍ୟୟିତା ଓ ବିଜ୍ଞନୀତି ଯୋଗୁଁ ଫ୍ରାନ୍ସର ଆର୍ଥିକ ଅବସ୍ଥାରେ କିଛି ସୁଧାର ଆସିଥିଲେ ହେଁ ତାହା ରାଣୀ ତଥା ସାମନ୍ତବର୍ଗଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥିଲା। ଶେଷରେ ରାଣୀଙ୍କ ପ୍ରରୋଚନାରେ ରାଜା ଷୋଡ଼ଶଲୁଇ ତାଙ୍କୁ ୧୭୭୬ ଖ୍ରୀଷ୍ଟାବ୍ଦରେ ବିଦାୟ ଦେଇଥିଲେ। ପରବର୍ତ୍ତୀ ସମୟରେ ଦାୟିତ୍ୱ ନେଇଥିଲେ ନେକର (Necker)। ସେ ଫରାସୀ ଜନସାଧାରଣଙ୍କୁ ଦେଶର ଆର୍ଥିକ ପରିସ୍ଥିତି ସମ୍ବନ୍ଧରେ ସଚେତନ କରିବା ନିମନ୍ତେ ରାଜ୍ୟର ଆୟ ବ୍ୟୟର ବିବରଣୀ ପ୍ରକାଶ କରିଥିଲେ। ରାଣୀ ଓ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀଙ୍କ ଦ୍ୱାରା ଏହା ମଧ୍ୟ ଗ୍ରହଣୀୟ ନ ହେବାରୁ ନେକର ୧୭୮୧ ଖ୍ରୀଷ୍ଟାବ୍ଦରେ କାର୍ଯ୍ୟରୁ ଅନ୍ତର ହୋଇଥିଲେ।

ଏହାପରେ କାଲୋନ (Calone) ଆର୍ଥିକ ଅନାଟନ ପରିପୂରଣ ଦିଗରେ ପରାମର୍ଶ ଦେବାପାଇଁ ନିଯୁକ୍ତ ହେଲେ। ସେ ଗୋଷ୍ଠୀ ନିର୍ବିଶେଷରେ ସମସ୍ତଙ୍କ ଉପରେ କର ଲାଗୁ କରିବା ପାଇଁ ପ୍ରସ୍ତାବ ଦେଲେ କାରଣ ସାଧାରଣ ବର୍ଗର ଲୋକମାନେ ଅଧିକ କରଦେବା ପରିସ୍ଥିତିରେ ନ ଥିଲେ। ତାଙ୍କର ଏ ପ୍ରକାର ପ୍ରସ୍ତାବରେ ଉଚ୍ଚ ସାମନ୍ତବର୍ଗ ଅତ୍ୟନ୍ତ କ୍ଷୁବ୍ଧ ହେଲେ କାରଣ ସେମାନେ କୌଣସି ପ୍ରକାର କର ଦେବା ସପକ୍ଷରେ ନ ଥିଲେ। ତେଣୁ କାଲୋନ ମଧ୍ୟ ବାଧ୍ୟ ହୋଇ କାର୍ଯ୍ୟରୁ ଅବ୍ୟାହତି ନେଲେ। ୧୭୮୭ ଖ୍ରୀଷ୍ଟାବ୍ଦରେ ବ୍ରିଏନି (Brienne) ହେଲେ ଫ୍ରାନ୍ସର ଅର୍ଥ ସଚିବ। ଦେଶର ଆର୍ଥିକ ଅବସ୍ଥା କ୍ରମେ ଗୁରୁତର ହେବାକୁ ଲାଗିଥିଲା। ବାଧ୍ୟ ହୋଇ ରାଜା ତିନୋଟି ଇଷ୍ଟେଟର ପ୍ରତିନିଧିମାନଙ୍କ ସଭା (Meeting of the Estates General) ଡାକିବାକୁ ଘୋଷଣା କଲେ। ଏଥିରୁ ହିଁ ହୋଇଥିଲା ବିଦ୍ରୋହର ସୂତ୍ରପାତ।

## ବୌଦ୍ଧିକ କାରଣ :

ଅଷ୍ଟାଦଶ ଶତାବ୍ଦୀକୁ ସଚେତନତାର ଯୁଗ (Age of Enlightenment) କୁହାଯାଏ। ଫ୍ରାନ୍ସର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ଦାର୍ଶନିକ ଓ ଲେଖକମାନେ ଗଭୀର ସମାଲୋଚନା କରି ଏହାର ବୈପ୍ଳବିକ ପରିବର୍ତ୍ତନ ପାଇଁ ଚିନ୍ତା କରିଥିଲେ। ସେମାନଙ୍କର ମତ ଓ ମନ୍ତବ୍ୟ ଫରାସୀମାନଙ୍କୁ ବିପ୍ଳବାଭିମୁଖୀ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ମନରେ ଆଶାର ସଞ୍ଚାର କରାଇଥିଲା। ଏହି ନୂଆ ଦର୍ଶନ ଓ ଚିନ୍ତାଧାରାର ପୁରୋଧା ଥିବା ଦାର୍ଶନିକ ତଥା ଚିନ୍ତାନାୟକମାନଙ୍କ ମଧ୍ୟରେ ଅଗ୍ରଣୀ ଭୂମିକା ନେଇଥିଲେ ମଣ୍ଟେସ୍କ୍ୟୁ, ଭଲଟାୟାର ଓ ରୁଷୋ।

**ମଣ୍ଟେସ୍କ୍ୟୁ (ଖ୍ରୀ. ୧୬୮୯-ଖ୍ରୀ. ୧୭୫୫):–** ମଣ୍ଟେସ୍କ୍ୟୁ ଥିଲେ ଫ୍ରାନ୍ସର ଜଣେ ବିଶିଷ୍ଟ ଦାର୍ଶନିକ। ୧୭୪୮ ମସିହାରେ ତାଙ୍କର ପ୍ରକାଶିତ 'ଆଇନର ତାତ୍ପର୍ଯ୍ୟ' (The Spirit of Laws) ପୁସ୍ତକରେ ସେ କ୍ଷମତା ପୃଥକୀକରଣ ନୀତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ତାଙ୍କ ମତରେ ପ୍ରତ୍ୟେକ ସରକାରଙ୍କର ତିନୋଟି କ୍ଷମତା ରହିଛି ଯଥା- ଆଇନ୍ ପ୍ରଣୟନ କ୍ଷମତା (Legislative Power), ଶାସନ କ୍ଷମତା (Executive Power) ଓ ବିଚାର ବିଭାଗୀୟ କ୍ଷମତା (Judicial Power)। ଫ୍ରାନ୍ସରେ ଏହି ସବୁ କ୍ଷମତା ରାଜାଙ୍କଠାରେ କେନ୍ଦ୍ରୀଭୂତ ଥିବାରୁ ସେ ସ୍ୱେଚ୍ଛାଚାରୀ ଶାସକ ଭାବରେ ଶାସନ କରୁଛନ୍ତି। ଏହାଦ୍ୱାରା ବ୍ୟକ୍ତି ସ୍ୱାଧୀନତା ବିପଦାପନ୍ନ ହେଉଛି। ତେଣୁ ଏହି ତିନି କ୍ଷମତାର ପୃଥକୀକରଣ

ହେବା ସର୍ବାଦୌ ଆବଶ୍ୟକ । ଫ୍ରାନ୍ସରେ କେନ୍ଦ୍ରୀଭୂତ ଶାସନ ବିପକ୍ଷରେ ସେ ସ୍ୱର ଉତ୍ତୋଳନ କରି ଫରାସୀମାନଙ୍କ ମଧ୍ୟରେ ନବଚେତନା ଆଣିଥିଲେ । ତାଙ୍କର ଅନ୍ୟ ଏକ ପୁସ୍ତକ ପର୍ସିଆନ ଲେଟରସ୍ (Persian Letters)ରେ ରାଜଦରବାର ଓ ସାମନ୍ତବର୍ଗଙ୍କ ଦୁର୍ନୀତିକୁ ତୀବ୍ର ସମାଲୋଚନା କରିଥିଲେ ମଣ୍ଟେସ୍କ୍ୟୁ ।

**ଭଲଟାୟାର (ଖ୍ରୀ.୧୬୯୪-ଖ୍ରୀ.୧୭୭୮):–** ଭଲଟାୟାର ଥିଲେ ଏକାଧାରାରେ ଜଣେ ଦାର୍ଶନିକ, ଐତିହାସିକ, ନାଟ୍ୟକାର ଓ ବ୍ୟଙ୍ଗକାର । ତାଙ୍କର ବ୍ୟଙ୍ଗାତ୍ମକ ରଚନା ମାଧ୍ୟମରେ ସେ ଫ୍ରାନ୍ସର ସାମାଜିକ, ଧାର୍ମିକ ଓ ରାଜନୈତିକ ଅବସ୍ଥାର ତୀବ୍ର ସମାଲୋଚନା କରିଥିଲେ । ଏଥିପାଇଁ ତାଙ୍କୁ ନିର୍ବାସନ ଦଣ୍ଡ ମଧ୍ୟ ଭୋଗ କରିବାକୁ ପଡ଼ିଥିଲା । ସର୍ବୋପରି ଫ୍ରାନ୍ସର ଚର୍ଚ୍ଚଗୁଡ଼ିକ ତାଙ୍କର ସମାଲୋଚନାର ଶରବ୍ୟ ହୋଇଥିଲା । ଚର୍ଚ୍ଚଗୁଡ଼ିକ ଅଧର୍ମ ଓ ଅନୈତିକତାର ପୀଠସ୍ଥଳୀରେ ପରିଣତ ହୋଇଥିଲା । ଏଥିପ୍ରତି ସେ ଜନସାଧାରଣଙ୍କର ସଚେତନତା ସୃଷ୍ଟି କରିଥିଲେ । ତାଙ୍କ ରଚିତ ପୁସ୍ତକ 'ଲେଟର୍ସ ଇନ୍ ଇଂଲିଶ' (Letters in English) ଜନସାଧାରଣଙ୍କ ଉପରେ ଅଧିକ ପ୍ରଭାବ ପକାଇଥିଲା । ତାଙ୍କର ଶବଯାତ୍ରାରେ ଫରାସୀମାନଙ୍କ ଦ୍ୱାରା ଲିଖିତ ଉକ୍ତି ଜନସାଧାରଣଙ୍କ ଉପରେ ତାଙ୍କର ପ୍ରଭାବର ସୂଚକ ଅଟେ । - Voltaire has given wings to the human minds and has prepared us to be free. ଅର୍ଥାତ୍ ଭଲଟାୟାର ଆମ ଚିନ୍ତାଶକ୍ତିରେ ଡେଣା ଯୋଗାଇ ଆମକୁ ସ୍ୱାଧୀନ ହେବାକୁ ପ୍ରସ୍ତୁତ କରାଇଛନ୍ତି ।

**ରୁଷୋ (ଖ୍ରୀ. ୧୭୧୨-ଖ୍ରୀ.୧୭୭୮):–** ଫରାସୀ ଦାର୍ଶନିକମାନଙ୍କ ମଧ୍ୟରେ ସବୁଠୁ ପ୍ରଭାବଶାଳୀ ଥିଲେ ରୁଷୋ ଯାହାଙ୍କ ଚିନ୍ତାଧାରା ଫରାସୀମାନଙ୍କୁ ବିପ୍ଳବ ନିମନ୍ତେ ଅଧିକ ପ୍ରେରଣା ଯୋଗାଇଥିଲା । ୧୭୬୧ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ତାଙ୍କର ଅନବଦ୍ୟ କୃତି ଥିଲା 'ସାମାଜିକ ଚୁକ୍ତି' (The Social Contract) । ଏହି ପୁସ୍ତକରେ ପ୍ରଥମ ଉକ୍ତି ହେଲା- ମନୁଷ୍ୟ ମୁକ୍ତଭାବରେ ଜନ୍ମଲାଭ କରିଥିଲେ ମଧ୍ୟ ସର୍ବତ୍ର ସେ ଶୃଙ୍ଖଳରେ ଆବଦ୍ଧ (Man is born free but everywhere he is in chains) । ତାଙ୍କ ମତରେ ଶାସକ ଓ ଶାସିତ ଏକ ଚୁକ୍ତିରେ ଆବଦ୍ଧ ଯାହାର ଆଧାର ହେଲା ସାମୂହିକ ଇଚ୍ଛା (General Will) । ତେଣୁ ଶାସକ ଉତ୍ତମ ଶାସନ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ । ଏଥିରେ ଯଦି ସେ ବିଫଳ ହୁଏ ତେବେ ଶାସିତମାନେ ନିଜ ଅଧିକାର ବଳରେ ତାକୁ ବହିଷ୍କୃତ କରିପାରିବେ । ନିରଙ୍କୁଶ ରାଜତନ୍ତ୍ରର ବିଲୋପ ସାଧନ କରି ଗଣତାନ୍ତ୍ରିକ ଶାସନ ପଦ୍ଧତି ପ୍ରବର୍ତ୍ତନ କରିବାପାଇଁ ସେ ପ୍ରେରଣା ଦେଇଥିଲେ । ଫରାସୀ ବିପ୍ଳବର ମୂଳମନ୍ତ୍ର ସାମ୍ୟ, ମୁକ୍ତି ଓ ଭ୍ରାତୃତ୍ୱର ସେ ଥିଲେ ପ୍ରବକ୍ତା । ରୁଷୋ ତାଙ୍କର ଅନ୍ୟ ଏକ ପୁସ୍ତକ 'ଡିସକୋର୍ଷ ଅନ ଦି ଅରିଜିନ ଅଫ ଇନ୍ଇକ୍ୱାଲିଟି' (Discourse on the origin of Inequality)ରେ ସାମାଜିକ ଅନ୍ୟାୟ ଓ ବୈଷମ୍ୟ ବିରୁଦ୍ଧରେ ଲେଖନୀ ଚାଳନା କରିଥିଲେ ।

ଉପରୋକ୍ତ ତିନି ମନୀଷୀଙ୍କ ବ୍ୟତୀତ ଡି. ଆଲମବର୍ଟ, ହେଲଭେସିଅସ, ହଲବାକ୍ ପ୍ରଭୃତି ଦାର୍ଶନିକ ସେମାନଙ୍କ ରଚନା ମାଧ୍ୟମରେ ସୁପ୍ତ ଫରାସୀମାନଙ୍କୁ ଜାଗ୍ରତ କରାଇଥିଲେ । ଦାର୍ଶନିକ ଡାଇଡେରୋଙ୍କ ଏନ୍ସାଇକ୍ଲୋପେଡ଼ିଷ୍ଟ ଗୋଷ୍ଠୀ (Encyclopaedists) ଓ ଅର୍ଥନୀତିଜ୍ଞ କ୍ୱେସନେଙ୍କର ଫିଜିଓକ୍ରାଟ ଗୋଷ୍ଠୀ (physiocrats) ପ୍ରଚଳିତ ବ୍ୟବସ୍ଥାକୁ ସମାଲୋଚନା କରି ନିଜ ଲେଖନୀ ମାଧ୍ୟମରେ ଜନମାନସରେ ସୃଷ୍ଟି କରିଥିଲେ ଏକ ନବ ଆଲୋଡ଼ନ । କୁହାଯାଏ- "The

Train loaded with philosophy was fired by finance." ଅର୍ଥାତ୍ ଦାର୍ଶନିକ ଚିନ୍ତାଧାରାରେ ପରିପୂର୍ଣ୍ଣ ଫରାସୀ ରେଳଗାଡ଼ିରେ ଅର୍ଥନୈତିକ କାରଣରୁ ବିସ୍ଫୋରଣ ହୋଇଥିଲା। ଅର୍ଥନୈତିକ କାରଣ ଯୋଗୁଁ ବିପ୍ଳବ ଆରମ୍ଭ ହୋଇଥିଲେ ମଧ୍ୟ ଦାର୍ଶନିକ ଚିନ୍ତାଧାରା ଏଥିନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥିଲା।

## ଆମେରିକା ସ୍ୱାଧୀନତା ସଂଗ୍ରାମର ପ୍ରଭାବ :

ଆମେରିକା ସ୍ୱାଧୀନତା ସଂଗ୍ରାମ ପରୋକ୍ଷରେ ଫରାସୀ ବିପ୍ଳବ ପାଇଁ ସାହାଯ୍ୟ କରିଥିଲା। ଇଂଲଣ୍ଡ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଫ୍ରାନ୍ସ ଆମେରିକୀୟମାନଙ୍କୁ ଯୋଗାଇଥିଲା ସାମାରିକ ଓ ଆର୍ଥିକ ସାହାଯ୍ୟ। ଫଳତଃ ଫରାସୀ ରାଜକୋଷ ଶୂନ୍ୟ ହୋଇପଡ଼ିଥିଲା। ଶାସନ ପରିଚାଳନା ନିମନ୍ତେ ରାଜା ବହୁବର୍ଷ ଧରି ବନ୍ଦ ରହିଥିବା ଫ୍ରାନ୍ସର ଲୋକ ପ୍ରତିନିଧି ଅନୁଷ୍ଠାନ ଇଷ୍ଟେଟସ୍ ଜେନେରାଲଙ୍କୁ ଡାକିବା ପାଇଁ ବାଧ୍ୟ ହୋଇଥିଲେ ଓ ଏହିଠାରୁ ଫରାସୀ ବିପ୍ଳବ ସୃଷ୍ଟି ହୋଇଥିଲା। ଆମେରିକୀୟମାନଙ୍କୁ ସାହାଯ୍ୟ କରିବାପାଇଁ ଫ୍ରାନ୍ସରୁ ଲାଫଏତ୍‌ଙ୍କ ନେତୃତ୍ୱରେ ଯାଇଥିଲେ ସ୍ୱେଚ୍ଛାସେବୀ ବାହିନୀ। ସାମ୍ୟ, ମୁକ୍ତି ଓ ମାନବିକ ଅଧିକାର ଆଦର୍ଶରେ ଅନୁପ୍ରାଣିତ ହୋଇ ଫେରିଥିବା ଏହି ସ୍ୱେଚ୍ଛାସେବୀମାନେ ନିଜ ଦେଶର ଲୋକମାନଙ୍କୁ ସେମାନଙ୍କ ଦୁରବସ୍ଥା ପ୍ରତି ସଚେତନ କରିବା ସଙ୍ଗେ ସଙ୍ଗେ ବିପ୍ଳବ ମାଧ୍ୟମରେ ଏଥିରେ ପରିବର୍ତ୍ତନ ଆଣିବା ପାଇଁ ପ୍ରେରଣା ଦେଇଥିଲେ। ଆମେରିକାର ସ୍ୱାଧୀନତା ସଂଗ୍ରାମ ନିଷ୍ପେଷିତ ଫରାସୀମାନଙ୍କ ମଧ୍ୟରେ ସୃଷ୍ଟି କରିଥିଲା ବିପ୍ଳବର ଉନ୍ମାଦନା।

## ବିପ୍ଳବର ଘୋଷଣା :

ଅର୍ଥନୈତିକ ପରିସ୍ଥିତି ରାଜା ଷୋଡ଼ଶଲୁଇଙ୍କ ନିୟନ୍ତ୍ରଣାଧୀନ ନ ରହିବାରୁ ସେ ବାଧ୍ୟ ହୋଇ ଫ୍ରାନ୍ସର ପ୍ରାଚୀନ ଲୋକ ପ୍ରତିନିଧିମୂଳକ ଅନୁଷ୍ଠାନ ଇଷ୍ଟେଟସ୍ ଜେନେରାଲଙ୍କୁ ମେ ୫, ୧୭୮୯ ଖ୍ରୀଷ୍ଟାବ୍ଦରେ ଆହ୍ୱାନ କରିଥିଲେ। ଏହି ସଭାରେ ପ୍ରତି ଇଷ୍ଟେଟ୍ ପାଇଁ ସ୍ୱତନ୍ତ୍ର କକ୍ଷ ଥିଲା। ପ୍ରଥମ ଦୁଇଟି କକ୍ଷ ସାମନ୍ତ ଓ ଧର୍ମଯାଜକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ତୃତୀୟଟି ମଧ୍ୟବିତ୍ତ ଶ୍ରେଣୀ, କୃଷକ ଓ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଭୋଟ ଦେବା ପଦ୍ଧତି କକ୍ଷ ଅନୁସାରେ ହୋଇଥିବାରୁ ପ୍ରଥମ ଓ ଦ୍ୱିତୀୟ ମିଶିକରି ଦୁଇଟି ଭୋଟ ଏବଂ ତୃତୀୟର ଗୋଟିଏ ଭୋଟ ଅଧିକାର ଥିଲା। ଏହାଦ୍ୱାରା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଭୋଟ ଦ୍ୱାରା ତୃତୀୟ ଶ୍ରେଣୀକୁ ପରାସ୍ତ କରିପାରୁଥିଲେ। ତେଣୁ ତୃତୀୟ ଇଷ୍ଟେଟର ସଦସ୍ୟମାନେ ସମସ୍ତ ଇଷ୍ଟେଟର ସଦସ୍ୟମାନଙ୍କର ମୁଣ୍ଡପିଛା ଭୋଟ ଦେବା ଉଚିତ ବୋଲି ଦାବି କଲେ। ଏହାକୁ ସାମନ୍ତ ଓ ଧର୍ମଯାଜକମାନେ ଅଗ୍ରାହ୍ୟ କରିବାରୁ ୧୭୮୯ ଜୁନ୍ ୧୭ ତାରିଖରେ ତୃତୀୟ ଇଷ୍ଟେଟର ପ୍ରତିନିଧିମାନେ ଜାତୀୟସଭା ଗଠନ କରି ବିପ୍ଳବର ଘୋଷଣା କଲେ। ଜୁଲାଇ ୧୪, ୧୭୮୯ରେ ପ୍ୟାରିସ ଅଧିବାସୀମାନେ କାରାଗାର ରୂପେ ବ୍ୟବହୃତ ହେଉଥିବା ସର୍ବଶ୍ରେଷ୍ଠ ଦୁର୍ଗ ବାଷ୍ଟେଲକୁ ଅଧିକାର କଲେ। ଏହି ଦୁର୍ଗ ଥିଲା ଅତ୍ୟାଚାରୀ ଶାସନର ପ୍ରାଣକେନ୍ଦ୍ର। ଦୁର୍ଗର ପତନ ପରେ ପରେ ଫ୍ରାନ୍ସରେ ଘଟିଥିଲା ବିପ୍ଳବର ପ୍ରବଳ ପ୍ଲାବନ। ପରିଶେଷରେ ରାଜତନ୍ତ୍ରର ଅବସାନ ଘଟିଥିଲା। ତେଣୁ ଜୁଲାଇ ୧୪କୁ ଫ୍ରାନ୍ସର ସ୍ୱାଧୀନତା ଦିବସର ମାନ୍ୟତା ଦିଆଯାଏ।

## ଫରାସୀ ବିପ୍ଳବର ବୈଶିଷ୍ଟ୍ୟ :

ଫରାସୀ ବିପ୍ଳବର ପ୍ରଭାବ ଫ୍ରାନ୍ସ ମଧ୍ୟରେ ସୀମିତ ନ ରହି ସମଗ୍ର ବିଶ୍ୱରେ ହୋଇଥିଲା ପରିବ୍ୟାପ୍ତ । ଏହାର ବୈଶିଷ୍ଟ୍ୟ ନିମ୍ନରେ ପ୍ରଦତ୍ତ ହେଲା ।

- ଫରାସୀ ବିପ୍ଳବ ସ୍ୱେଚ୍ଛାଚାରୀ ରାଜତନ୍ତ୍ରର ପତନ ସଙ୍ଗେ ଆଣିଥିଲା ଗଣତନ୍ତ୍ରର ଉତ୍ଥାନ । ଜନସାଧାରଣଙ୍କର ସାର୍ବଭୌମ ଅଧିକାର ଥିଲା ଏହି ବିପ୍ଳବର ଏକ ମୁଖ୍ୟ ଅବଦାନ ।
- ବିପ୍ଳବୀମାନଙ୍କ ଦ୍ୱାରା ଘୋଷିତ 'ନାଗରିକ ଅଧିକାର ଶୀର୍ଷକ ଘୋଷଣାପତ୍ର' (The Declaration of the Rights of Men and Citizens) ସ୍ଥାପନ କରିଥିଲା ବ୍ୟକ୍ତି ସ୍ୱାଧୀନତା ଓ ମାନବିକ ଅଧିକାରର ମୂଳଦୁଆ ।
- ବିପ୍ଳବର ମୂଳମନ୍ତ୍ର ସାମ୍ୟ, ମୁକ୍ତି ଓ ଭ୍ରାତୃତ୍ୱ ଏକ ନୂତନ ଯୁଗର ସ୍ଥାପନା କରିଥିଲା ।
- ଫ୍ରାନ୍ସରେ ସାମନ୍ତବାଦ ଓ କୃଷିଭୃତ୍ୟ ପ୍ରଥାର ଅବସାନ ଘଟିଥିଲା । ସାମନ୍ତ ଓ ଧର୍ମଯାଜକମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ ହୋଇ ସମାଜରେ ହୋଇଥିଲା ସାମ୍ୟବାଦର ପ୍ରବର୍ତ୍ତନ । ସୁବିଧାଭୋଗୀ ଗୋଷ୍ଠୀର ସମସ୍ତ ସୁବିଧା ସୁଯୋଗର ବିଲୋପ ହେବା ସଙ୍ଗେ ସଙ୍ଗେ ଦେଶର ନେତୃତ୍ୱ ନେଇଥିଲେ ମଧ୍ୟବିତ୍ତ ଗୋଷ୍ଠୀ ।
- ମଣ୍ଟେସ୍କ୍ୟୁଙ୍କର କ୍ଷମତା ପୃଥକୀକରଣ ନୀତି ଅବଲମ୍ବନରେ ଫ୍ରାନ୍ସରେ ପ୍ରଥମ ଲିଖିତ ସମ୍ବିଧାନ ପ୍ରସ୍ତୁତ ହେଲା । ଏଥିରେ ସମସ୍ତ ନାଗରିକ ଭୋଟଦେବା ଅଧିକାର ପ୍ରାପ୍ତ ହୋଇଥିଲେ ।
- ଧର୍ମ ଓ ଉପାସନାଗତ ସ୍ୱାଧୀନତା ଫରାସୀ ଜନସାଧାରଣ ଲାଭ କଲେ । ଚର୍ଚ୍ଚ ରାଷ୍ଟ୍ରର ଅଧିନ ହେବା ସଙ୍ଗେ ସଙ୍ଗେ ଚର୍ଚ୍ଚ ସମ୍ପତ୍ତି ହେଲା ଜାତୀୟ ସମ୍ପତ୍ତି ।
- ଏହି ବିପ୍ଳବର ଆଦର୍ଶରେ ଦାସତ୍ୱ ପ୍ରଥାର ଅବସାନ ଘଟିଥିଲା । ପ୍ରଥମେ ଫରାସୀମାନେ ସେମାନଙ୍କର ଏକ ଉପନିବେଶରୁ ଦାସତ୍ୱର ଅବସାନ ଘଟାଇଥିଲେ ଯାହା ଅନ୍ୟ ଇଉରୋପୀୟ ଦେଶମାନଙ୍କୁ ପ୍ରଭାବିତ କରିଥିଲା ।
- ଫରାସୀ ବିପ୍ଳବ ଜାତୀୟତାବାଦର ଉନ୍ମେଷ ନିମନ୍ତେ ପଥ ଉନ୍ମୋଚନ କରିଥିଲା । ପରବର୍ତ୍ତୀ ସମୟରେ ଗ୍ରୀସ୍, ବେଲ୍‌ଜିୟମ୍, ଇଟାଲୀ ଓ ଜର୍ମାନୀ ଆଦି ଦେଶ ଏହାଦ୍ୱାରା ଉଦ୍‌ବୁଦ୍ଧ ହୋଇଥିଲେ ।

ଏହିପରି ଭାବରେ ୧୭୮୯ ଖ୍ରୀଷ୍ଟାବ୍ଦରେ ସଙ୍ଗଠିତ ଫରାସୀ ବିପ୍ଳବ ଉନ୍ମୋଚନ କରିଥିଲା ଏକ ନୂତନ ଯୁଗ । ଏହାର ମୂଳମନ୍ତ୍ର ସାମ୍ୟ, ମୁକ୍ତି ଓ ଭ୍ରାତୃତ୍ୱ ଅଦ୍ୟାବଧି ମାନବଜାତି ପାଇଁ ପ୍ରେରଣାଦାୟୀ ହୋଇ ରହିଛି ।

## ସାରାଂଶ

୧୭୮୯ ମସିହାରେ ଫ୍ରାନ୍ସରେ ଘଟିଥିଲା ଏକ ମହାବିପ୍ଳବ ଯାହାର ପ୍ରଭାବ ଥିଲା ସୁଦୂରପ୍ରସାରୀ । ଏହି ବିପ୍ଳବ ପାଇଁ ସ୍ୱେଚ୍ଛାଚାରୀ ଦୁର୍ବଳ ରାଜତନ୍ତ୍ର, ସାମନ୍ତବାଦୀ ଭାବଧାରା, ସାମାଜିକ ବୈଷମ୍ୟ, ଅର୍ଥନୈତିକ ଅଧୋଗତି ଓ ବୌଦ୍ଧିକ ଜାଗରଣ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ୧୭୮୯ ଖ୍ରୀ., ମେ ୫ ତାରିଖରେ ଇଷ୍ଟେଟସ୍ ଜେନେରାଲ ସଭାରୁ ଆରମ୍ଭ ହୋଇଥିଲା ବିପ୍ଳବ । ଜୁଲାଇ ୧୪ ତାରିଖରେ ଫ୍ରାନ୍ସର ସର୍ବଶ୍ରେଷ୍ଠ ଦୁର୍ଗ ବାଷ୍ଟେଲ ପ୍ୟାରିସର ଉତ୍ତ୍ୟକ୍ତ ଜନତାଙ୍କ ଦ୍ୱାରା ଅଧିକୃତ ହେବାରୁ ବିପ୍ଳବର ବହ୍ନି ସର୍ବତ୍ର ପ୍ରସାରିତ ହେଲା । ଏହି ବିପ୍ଳବ ଫଳରେ ମାନବଜାତିର ଇତିହାସରେ ସୃଷ୍ଟି ହେଲା ଏକ ଯୁଗାନ୍ତକାରୀ ଅଧ୍ୟାୟ । ସାମ୍ୟ, ମୁକ୍ତି ଓ ଭ୍ରାତୃତ୍ୱର ବାର୍ତ୍ତା ପ୍ରଚାର କରି ଏହି ବିପ୍ଳବ ନାଗରିକ ଅଧିକାର, ବ୍ୟକ୍ତି ସ୍ୱାଧୀନତା ଓ ମର୍ଯ୍ୟାଦାର ସୁରକ୍ଷା ପାଇଁ ଦେଇଥିଲା ଆହ୍ୱାନ । ସାମନ୍ତବାଦ, ଦାସତ୍ୱ ଓ ସାମାଜିକ ବୈଷମ୍ୟର ଅବସାନ କରି ଗଣତାନ୍ତ୍ରିକ ଶାସନ ପଦ୍ଧତିର ପ୍ରତିଷ୍ଠା ହୋଇଥିଲା । ଏହି ବିପ୍ଳବର ଭାବଧାରା ସମଗ୍ର ବିଶ୍ୱକୁ ପ୍ରଭାବିତ କରି ଜାତୀୟତାବାଦର ଉନ୍ମେଷ ନିମନ୍ତେ ପଥ ପ୍ରସ୍ତୁତ କରିଥିଲା ।

# ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଦିଆଯାଇଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।

(କ) ଫରାସୀ ବିପ୍ଳବ କେବେ ଘଟିଥିଲା ?

(i) ୧୭୭୯ (ii) ୧୭୮୯ (iii) ୧୭୯୯ (iv) ୧୮୦୦

(ଖ) ଫରାସୀ ବିପ୍ଳବ ସମୟରେ ଫ୍ରାନ୍ସରେ କେଉଁ ରାଜବଂଶ ଶାସନ କରୁଥିଲେ ?

(i) ଷ୍ଟୁଆର୍ଟ (ii) ବୁର୍ବୋଁ (iii) ସାଭଏ (iv) ହାବସବର୍ଗ

(ଗ) କିଏ କହିଥିଲେ, 'ମୁଁ ହିଁ ରାଷ୍ଟ୍ର' ?

(i) ଚତୁର୍ଦ୍ଦଶ ଲୁଇ (ii) ପଞ୍ଚଦଶ ଲୁଇ (iii) ଷୋଡ଼ଶ ଲୁଇ (iv) ମେରୀ ଏନ୍ଟଏନେ

(ଘ) 'ଆଇନର ତାତ୍ପର୍ଯ୍ୟ' ବା 'ଦି ସ୍ପିରିଟ ଅଫ୍ ଲ'ର ଲେଖକ କିଏ ?

(i) ମଣ୍ଟେସ୍କ୍ୟୁ (ii) ଭଲଟାୟାର (iii) ରୁଷୋ (iv) ନେକର

(ଙ) 'ସାମାଜିକ ଚୁକ୍ତି' ବା 'ଦି ସୋସିଆଲ କଣ୍ଟ୍ରାକ୍ଟ' ପୁସ୍ତକ କିଏ ରଚନା କରିଥିଲେ ?

(i) ଭଲଟାୟାର (ii) ମଣ୍ଟେସ୍କ୍ୟୁ (iii) ରୁଷୋ (iv) ହଲବାକ୍

(ଚ) କାହା ନେତୃତ୍ୱରେ ଫରାସୀ ସ୍ୱେଚ୍ଛାସେବୀମାନେ ଆମେରିକାର ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିଲେ ?

(i) ମୀରାବ୍ୟୁ (ii) ଲଫାଏତ୍ (iii) ରୁଷୋ (iv) ନେକର

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ——— ଭର୍ସାଇଠାରେ ରାଜପ୍ରାସାଦ ନିର୍ମାଣ କରିଥିଲେ ।

(ଖ) ଫରାସୀ ବିପ୍ଳବ ସମୟରେ ——— ଫ୍ରାନ୍ସର ରାଜା ଥିଲେ ।

(ଗ) ——— କହିଥିଲେ 'ମୋ ପରେ ମହାପ୍ରଳୟ' ।

(ଘ) ——— କ୍ଷମତା ପୃଥକୀକରଣ ନୀତିର ସମର୍ଥକ ଥିଲେ ।

(ଙ) ——— ଦୁର୍ଗର ପତନ ପରେ ଫରାସୀ ବିପ୍ଳବ ସର୍ବତ୍ର ବ୍ୟାପିଥିଲା ।

(ଚ) ମେରୀ ଏନ୍ତଏନେ ——— ଦେଶର ରାଜକନ୍ୟା ଥିଲେ ।

## 'ଖ' ବିଭାଗ

## (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

(କ) ଫ୍ରାନ୍ସରେ ସୁବିଧାଭୋଗୀ ଓ ସୁବିଧାବଞ୍ଚିତ ଗୋଷ୍ଠୀର କେଉଁମାନେ ଅନ୍ତର୍ଭୁକ୍ତ ଥିଲେ ?

(ଖ) ବୁରଜୁଆମାନେ କିଏ ?

(ଗ) ଗିରଫ ପରୱାନା ବା ଲେଟରସ ଡି କ୍ୟାଚେ କ'ଣ ? ଏହା କିପରି ପ୍ରୟୋଗ କରାଯାଉଥିଲା ?

(ଘ) କ୍ଷମତା ପୃଥକୀକରଣ ନୀତି କହିଲେ କ'ଣ ବୁଝ ? ଏହା କିଏ ବାହାର କରିଥିଲେ ?

(ଙ) 'ମନୁଷ୍ୟ ମୁକ୍ତଭାବେ ଜନ୍ମଲାଭ କରି ମଧ୍ୟ ସର୍ବତ୍ର ଶୃଙ୍ଖଳାବଦ୍ଧ'– ଏହି ଉକ୍ତିଟି କିଏ କେଉଁ ପୁସ୍ତକରେ ଉଲ୍ଲେଖ କରିଥିଲେ ?

(ଚ) ଫରାସୀ ବିପ୍ଳବକୁ କାହିଁକି ମଧ୍ୟବିତ୍ତ ଶ୍ରେଣୀର ବିପ୍ଳବ ବୋଲି କୁହାଯାଏ ?

(ଛ) ଫରାସୀ ବିପ୍ଳବ କେଉଁ ସ୍ୱାଧୀନତା ସଂଗ୍ରାମ ଦ୍ୱାରା ପ୍ରଭାବିତ ହୋଇଥିଲା ?

(ଜ) ବାସ୍ତେଲ ଦୁର୍ଗର ପତନ କେବେ ଓ କିପରି ହେଲା ?

୪. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର ।
ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ମଧ୍ୟରେ ସୀମିତ ରହିବା ଉଚିତ ।

(କ) ଐଶ୍ୱରିକ ଅଧିକାର ନୀତି କ'ଣ ?

(ଖ) ଚତୁର୍ଦ୍ଦଶ ଲୁଇଙ୍କର ଶାସନ ବ୍ୟବସ୍ଥା ଉଲ୍ଲେଖ କର ।

(ଗ) ଫରାସୀ ସମାଜରେ ଧର୍ମଯାଜକଗୋଷ୍ଠୀର କାର୍ଯ୍ୟକଳାପ ବର୍ଣ୍ଣନା କର ।

(ଘ) ଫ୍ରାନ୍ସରେ କୃଷକମାନେ କିପରି ଶୋଷିତ ହେଉଥିଲେ ?

(ଙ) ରୁଷୋଙ୍କର ସାମାଜିକ ଓ ରାଜନୈତିକ ଚିନ୍ତାଧାରା କ'ଣ ଥିଲା ?

(ଚ) ଫରାସୀ ବିପ୍ଳବ ଉପରେ ଆମେରିକା ସ୍ୱାଧୀନତା ସଂଗ୍ରାମର କିପରି ପ୍ରଭାବ ପଡ଼ିଲା ?

୫. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର ।

ନିମ୍ନଲିଖିତ ବିଷୟ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

(କ) ଫ୍ରାନ୍ସରେ ସାମାଜିକ ବୈଷମ୍ୟ

(ଖ) ଫ୍ରାନ୍ସର ମଧ୍ୟବିତ୍ତ ସମ୍ପ୍ରଦାୟ

(ଗ) ଫ୍ରାନ୍ସର ନିରଙ୍କୁଶ ଓ ସ୍ୱେଚ୍ଛାଚାରୀ ରାଜତନ୍ତ୍ର

(ଘ) ଷୋଡ଼ଶ ଲୁଇ

(ଙ) ମଣ୍ଟେସ୍କ୍ୟୁ

(ଚ) ଭଲଟାୟାର

(ଛ) ଫରାସୀ ବିପ୍ଳବର ବୈଶିଷ୍ଟ୍ୟ

୬. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର

ପାର୍ଥକ୍ୟ ଦର୍ଶାଅ

(କ) ସୁବିଧାଭୋଗୀ ଗୋଷ୍ଠୀ ଓ ସୁବିଧାବଞ୍ଚିତ ଗୋଷ୍ଠୀ

(ଖ) ପୁରୋହିତ ସମ୍ପ୍ରଦାୟ ଓ ସାମନ୍ତ ସମ୍ପ୍ରଦାୟ

(ଗ) ଭର୍ସାଇ ରାଜପ୍ରାସାଦ ଓ ବାସ୍ତେଲ ଦୁର୍ଗ

## 'ଗ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର

୭. ଫରାସୀ ବିପ୍ଳବର କାରଣଗୁଡ଼ିକ ସଂକ୍ଷେପରେ ବର୍ଣ୍ଣନା କର।

୮. ଫରାସୀ ବିପ୍ଳବର ସାମାଜିକ ଓ ଅର୍ଥନୈତିକ କାରଣ ଆଲୋଚନା କର।

୯. ଫରାସୀ ବିପ୍ଳବର ରାଜନୈତିକ ଓ ସାମାଜିକ କାରଣ ଉପରେ ଆଲୋକପାତ କର।

୧୦. ଫରାସୀ ବିପ୍ଳବରେ ଦାର୍ଶନିକମାନଙ୍କ ଭୂମିକା ଆଲୋଚନା କର।

— ❖ —

ଚତୁର୍ଦ୍ଦଶ ଅଧ୍ୟାୟ

# ପ୍ରଥମ ବିଶ୍ୱଯୁଦ୍ଧ

୧୯୧୪ ଖ୍ରୀଷ୍ଟାବ୍ଦରୁ ୧୯୧୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଚାରିବର୍ଷର ଇତିହାସ ମାନବ ସଭ୍ୟତାର ଏକ କଳଙ୍କିତ ଅଧ୍ୟାୟ। ଇତିହାସରେ ପ୍ରଥମଥର ପାଇଁ ପୃଥିବୀର ପ୍ରାୟ ସମସ୍ତ ଦେଶ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଏହି ସମୟରେ ଘଟିଥିବା ପ୍ରଥମ ବିଶ୍ୱଯୁଦ୍ଧ ସହ ଜଡ଼ିତ ଥିଲେ। ଯୁଦ୍ଧର ପରିସର ବ୍ୟାପକ ଥିଲା, ଏଥିରେ ହୋଇଥିବା ଧ୍ୱଂସ ଓ କ୍ଷୟକ୍ଷତିର ପରିମାଣ ଅବର୍ଣ୍ଣନୀୟ ଥିଲା। ୧୮୧୫ ଭିଏନା ବ୍ୟବସ୍ଥା (Vienna Settlement) ପରଠାରୁ ୟୁରୋପର ବୃହତ୍ ଶକ୍ତିମାନଙ୍କ ମଧ୍ୟରେ ଦୂରତ୍ୱ ବଢ଼ି ଯାଇଥିଲା। ୧୯୧୪ ବେଳକୁ ୟୁରୋପର ଶକ୍ତିମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଅବିଶ୍ୱାସ, ଉତ୍ତେଜନାପୂର୍ଣ୍ଣ ପ୍ରଚାର, କୁତ୍ସାରଟନା ଆଦି ଏତେ ବଢ଼ିଯାଇଥିଲା ଯେ, ସମଗ୍ର ପୃଥିବୀ ମାନସିକ ସ୍ତରରେ ଏକ ଆତଙ୍କିତ ବ୍ୟବସ୍ଥା ଆଗେଇ ଯାଉଥିବା ସମସ୍ତେ ଅନୁଭବ କରୁଥିଲେ। ଇଟାଲୀ ଓ ଜର୍ମାନୀର ଏକତ୍ରୀକରଣ ହୋଇସାରିଥିଲା ଓ ଶକ୍ତିଶାଳୀ ରାଷ୍ଟ୍ରରୂପେ ଗଢ଼ିଉଠିବା ପାଇଁ ସେମାନେ ଉପନିବେଶ ସନ୍ଧାନରେ ଥିଲେ। ଯଦିଓ ଅଷ୍ଟିଆର ଆର୍କଡ୍ୟୁକ୍ ଫ୍ରାନ୍‌ସିସ୍ ଫର୍ଡ଼ିନାଣ୍ଡଙ୍କ ମୃତ୍ୟୁ ହିଁ ଯୁଦ୍ଧର ହଠାତ୍ ଆରମ୍ଭର କାରଣ ହୋଇଥିଲା; କିନ୍ତୁ ଏହାର ପୃଷ୍ଠଦେଶରେ ଥିବା କାରଣମାନ ଏହାର କିଛିବର୍ଷ ପୂର୍ବରୁ ରୂପରେଖ ନେବା ଆରମ୍ଭ କରିସାରିଥିଲା। ଏହି କାରଣଗୁଡ଼ିକର ଅନୁଧ୍ୟାନ କରିବା ଆବଶ୍ୟକ।

## ବିଶ୍ୱଯୁଦ୍ଧର କାରଣ :

### ଉଗ୍ର ଜାତୀୟତାବାଦ:

ଉଗ୍ର ଜାତୀୟତାବାଦ ପ୍ରଥମ ବିଶ୍ୱଯୁଦ୍ଧର ମୁଖ୍ୟ କାରଣ ଥିଲା। ଫରାସୀ ବିପ୍ଳବ ସମୟରୁ ଜାତୀୟତାବାଦ ଜନ୍ମ ହୋଇସାରିଥିଲା। କିନ୍ତୁ ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଜାତୀୟତାବାଦ ଉଗ୍ରଜାତୀୟତାବାଦରେ ପରିଣତ ହୋଇଥିଲା। ଜାତୀୟତାବାଦ ଏକ ଜାତିର ଗୌରବ ଗାନକରିଥାଏ କିନ୍ତୁ ଉଗ୍ରଜାତୀୟତାବାଦ ନିଜ ଦେଶର ସଭ୍ୟତା, ସଂସ୍କୃତି, ଆଚାର, ବ୍ୟବହାରକୁ ଅନ୍ୟଦେଶଠାରୁ ମହାନ୍ ଓ ଶ୍ରେଷ୍ଠତର ବୋଲି ବିବେଚନା କରିବା ସହ ନିଜକୁ ଅନ୍ୟ ଦେଶଠାରୁ ଉଚ୍ଚତର ବୋଲି ବିଚାରକରେ। ଉଗ୍ରଜାତୀୟତାବାଦ ୟୁରୋପର ବଡ଼ ବଡ଼ ଦେଶ ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ ପ୍ରଭୃତିଙ୍କୁ ଆକ୍ରାନ୍ତ କରିଥିଲା। ଏପରିକି ବଲକାନ୍ ଅଞ୍ଚଳର କ୍ଷୁଦ୍ରରାଷ୍ଟ୍ରମାନେ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ଏହାଦ୍ୱାରା ପ୍ରଭାବିତ ରାଷ୍ଟ୍ରମାନେ ଅନ୍ୟ ଦେଶମାନଙ୍କୁ ଘୃଣା ଚକ୍ଷୁରେ ଦେଖିଲେ। ଏହି ଘୃଣା, ଈର୍ଷା ଓ ଶତ୍ରୁତାଭାବରୁ ଦେଶ ଦେଶ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହେଲା। ୟୁରୋପରେ ପ୍ରଭୁତ୍ୱ ବିସ୍ତାର ପାଇଁ ସଂଗ୍ରାମର ଆରମ୍ଭ ହେଲା। ଏହାଦ୍ୱାରା ପ୍ରଭାବିତ ହୋଇ କୌଣସି ଦେଶ ଅନ୍ୟ ଦେଶର କଲ୍ୟାଣ ପ୍ରତି ଧ୍ୟାନ ଦେଲେ ନାହିଁ। ଏଥିରୁ ଜନ୍ମନେଲା ଔପନିବେଶିକ ମନୋବୃତ୍ତି। ପ୍ରତ୍ୟେକ ଦେଶ ନିଜର ଶକ୍ତି, ସମୃଦ୍ଧି ଓ ବ୍ୟବସାୟର ପ୍ରସାରକୁ ପ୍ରୋତ୍ସାହନ ଦେଲେ। ୟୁରୋପର ରାଜନୈତିକ ବାତାବରଣ ବିଷାକ୍ତ ହୋଇଗଲା। ଏମାନଙ୍କ ମଧ୍ୟରେ ସ୍ୱାର୍ଥର ସଂଘର୍ଷ ସୃଷ୍ଟି ହେଲା। ଏହା ସଂଘର୍ଷମୟ ପରିସ୍ଥିତି ଆଡ଼କୁ ସମଗ୍ର ପୃଥିବୀକୁ ଆଗେଇ ନେଲା ଓ ଶାନ୍ତିର ବାତାବରଣକୁ ଧ୍ୱଂସମୁଖୀ କଲା।

## ଉପନିବେଶବାଦ :

ଊନବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକା ଦେଶମାନଙ୍କ ଉପରେ ୟୁରୋପର ବୃହତ୍ ଶକ୍ତି ଯଥା ଇଂଲଣ୍ଡ, ଫ୍ରାନ୍ସ, ଋଷିଆ, ପର୍ତ୍ତୁଗାଲ, ସ୍ପେନ ଆଦି ରାଷ୍ଟ୍ରମାନେ ଉପନିବେଶ ସ୍ଥାପନ କରିଥିଲେ ଓ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖା ଦେଇଥିଲା । ଇଂଲଣ୍ଡର ଏସିଆ ଓ ଆଫ୍ରିକା ମହାଦେଶରେ ବହୁତ ଉପନିବେଶ ଥିବାରୁ କୁହାଯାଉଥିଲା 'ବ୍ରିଟିଶ୍ ସାମ୍ରାଜ୍ୟରେ ସୂର୍ଯ୍ୟାସ୍ତ କେବେ ହୁଏ ନାହିଁ' । ଜର୍ମାନୀ ଏକ ସ୍ୱତନ୍ତ୍ର ରାଷ୍ଟ୍ର ରୂପେ ଜନ୍ମ ହେବାପରେ ଏହା ନିଜର ଅଭିବୃଦ୍ଧି ପାଇଁ ଉପନିବେଶ ଖୋଜିବା ଆରମ୍ଭ କଲା । ଔପନିବେଶିକ ସାମ୍ରାଜ୍ୟର ପୁର୍ନଃଗଠନ ପାଇଁ ଔପନିବେଶ ଶକ୍ତିମାନେ ରାଜି ନ ଥିଲେ । ଫଳରେ ଜର୍ମାନୀ ନିଜର ସ୍ଥଳ ଓ ନୌସେନାକୁ ବୃଦ୍ଧି କରି ଶକ୍ତି ବଳରେ ଉପନିବେଶ ସ୍ଥାପନ ପାଇଁ ଉଦ୍ୟମ କଲା । ୧୮୯୫ ମସିହାରେ ଜର୍ମାନୀ ସମ୍ରାଟ ଦ୍ୱିତୀୟ ଉଇଲିୟମ୍ ଜର୍ମାନୀକୁ ବିଶ୍ୱଶକ୍ତି ରୂପେ ଚିତ୍ରଣ କରିଥିଲେ । ଏପରିକି ୟୁରୋପର ଇଟାଲୀ ଓ ଏସିଆର ଜାପାନ ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଜର୍ମାନୀର ଶକ୍ତିବୃଦ୍ଧିରେ ଆତଙ୍କିତ ଇଂଲଣ୍ଡ ତାହାର ସାମରିକ ଶକ୍ତି ଅଧିକ ବୃଦ୍ଧି କଲା । ଫଳରେ ୟୁରୋପୀୟ ଦେଶମାନଙ୍କ ମଧ୍ୟରେ ଯୁଦ୍ଧ ମନୋଭାବ ଓ ସାମରିକ ପ୍ରତିଦ୍ୱନ୍ଦ୍ୱିତା ପ୍ରଥମ ବିଶ୍ୱଯୁଦ୍ଧ ପାଇଁ ବାଟ ସଫା କରିଦେଲା ।

## ଆର୍ଥିକ ସାମ୍ରାଜ୍ୟବାଦ :

ଆନ୍ତର୍ଜାତିକ ବାଣିଜ୍ୟ କ୍ଷେତ୍ରରେ ଏହି ସମୟରେ ବୃହତ୍ ରାଷ୍ଟ୍ରମାନଙ୍କର ପ୍ରତିଦ୍ୱନ୍ଦ୍ୱିତା ପ୍ରଥମ ବିଶ୍ୱଯୁଦ୍ଧର ଅନ୍ୟ ଏକ ପ୍ରମୁଖ କାରଣ । ଇଂଲଣ୍ଡରେ ଆରମ୍ଭ ହୋଇଥିବା ଶିଳ୍ପ ବିପ୍ଳବ ଧିରେ ଧିରେ ଅନ୍ୟାନ୍ୟ ୟୁରୋପୀୟ ଦେଶମାନଙ୍କୁ ବିସ୍ତାର ହେଲା । ଦ୍ରୁତ ଶିଳ୍ପ ବିକାଶ ଫଳରେ ପ୍ରଚୁର କଞ୍ଚାମାଲର ଆବଶ୍ୟକତା ଓ ଶିଳ୍ପଜାତ ସାମଗ୍ରୀର ବିକ୍ରୟ ପାଇଁ ଉନ୍ନତ ବଜାରର ଆବଶ୍ୟକତା ଦେଖାଦେଲା । ତାହା ସହ ଶ୍ରମିକମାନଙ୍କୁ ଖାଦ୍ୟଯୋଗାଣ ପାଇଁ ବିଦେଶରୁ ଖାଦ୍ୟଶସ୍ୟର ଆମଦାନୀ ମଧ୍ୟ ଆବଶ୍ୟକ ହେଲା । କାରଣ କୃଷିକ୍ଷେତ୍ରରୁ ଶିଳ୍ପକ୍ଷେତ୍ରକୁ କର୍ମଷ୍ଠ ବ୍ୟକ୍ତିମାନଙ୍କର ଆସିବା ଫଳରେ କୃଷି କ୍ଷେତ୍ରରେ ଶିଳ୍ପୋନ୍ନତ ଦେଶମାନଙ୍କରେ କୃଷକ ସମସ୍ୟା ଉତ୍କଟ ହେଲା । ସାମ୍ରାଜ୍ୟବାଦୀ ଶକ୍ତିମାନେ ଉପନିବେଶମାନଙ୍କରେ ଏକଚାଟିଆ ବ୍ୟବସାୟ ପାଇଁ ରାଜନୈତିକ କ୍ଷମତାକୁ ପ୍ରୟୋଗ କରୁଥିଲେ । ଦକ୍ଷିଣ ଆମେରିକାର ବଜାର ଦଖଲ ପାଇଁ ଇଂଲଣ୍ଡ ଓ ଜର୍ମାନୀ ମଧ୍ୟରେ ସଂଘର୍ଷ ହୋଇଥିଲା । ଜର୍ମାନୀର ଦକ୍ଷିଣ ଆମେରିକାରେ ପ୍ରବେଶ ଦ୍ୱାରା ଇଂଲଣ୍ଡର ଏକଚାଟିଆ ବାଣିଜ୍ୟ କାରବାରରେ ବାଧା ସୃଷ୍ଟି ହେଲା । ଏହାଫଳରେ ଜର୍ମାନୀ ୟୁରୋପୀୟ ଦେଶମାନଙ୍କର ତଥା ପ୍ରଧାନତଃ ଇଂଲଣ୍ଡର ଅର୍ଥନୈତିକ ଶତୃଭାବେ ଠିଆ ହେଲା । ବାଣିଜ୍ୟିକ ଶତ୍ରୁତା ଦେଶ ଦେଶ ମଧ୍ୟରେ ବିଦ୍ୱେଷ ସୃଷ୍ଟି କଲା । ଏପରି ଭାବରେ ଆର୍ଥିକ ସାମ୍ରାଜ୍ୟବାଦ ବିଶ୍ୱଯୁଦ୍ଧ ପାଇଁ କ୍ଷେତ୍ର ପ୍ରସ୍ତୁତ କଲା ।

## ସାମରିକ ପ୍ରତିଯୋଗିତା :

ୟୁରୋପରେ ସାମରିକ ଅସ୍ତ୍ର ପ୍ରତିଯୋଗିତା ପ୍ରଥମ ବିଶ୍ୱଯୁଦ୍ଧର ଏକ ମୁଖ୍ୟ କାରଣ । ବୃହତ୍ ଶକ୍ତିମାନେ ତାଙ୍କର ସାମ୍ରାଜ୍ୟ ବିସ୍ତାର ଓ ଉପନିବେଶମାନ ସ୍ଥାପନ ପାଇଁ ନିଜ ନିଜର ସାମରିକ ଶକ୍ତିର ଅଭିବୃଦ୍ଧି କଲେ । ଅନେକ ଦେଶ

ବାଧ୍ୟତାମୂଳକ ସାମରିକ ଶିକ୍ଷାର ବ୍ୟବସ୍ଥା କରିଥିଲେ। ନୂଆ ନୂଆ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ନିମନ୍ତେ ବୈଜ୍ଞାନିକମାନେ ଗବେଷଣା କଲେ। ୟୁରୋପର ପ୍ରାୟ ପ୍ରତ୍ୟେକ ରାଜ୍ୟ ନିଜକୁ ଯୁଦ୍ଧ ପାଇଁ ପ୍ରସ୍ତୁତ ରଖୁଥିଲେ। ଜର୍ମାନୀ ନିଜକୁ ଏକ ବିଶ୍ୱଶକ୍ତି ରୂପେ ଗଢ଼ିବାପାଇଁ ବଦ୍ଧପରିକର ଥିଲା, ତେଣୁ ନିଜର ସ୍ଥଳ ଓ ନୌସେନାକୁ ବୃଦ୍ଧି କରିଚାଲିଲା। ଯୁଦ୍ଧପୋତର ସୁଗମନାଗମନ ପାଇଁ କିଲ୍ କେନାଲକୁ ଅଧିକ ଗଭୀର କରି ଖୋଳାଗଲା। ଜର୍ମାନୀ ଉଦ୍ୟମରେ ଆତଙ୍କିତ ଇଂଲଣ୍ଡ ତା'ର ସାମରିକ କ୍ଷମତାକୁ ଅଧିକ ଉନ୍ନତ କଲା ଓ ବିଭିନ୍ନ ପ୍ରକାର ଧ୍ୱଂସକାରୀ ଅସ୍ତ୍ରରେ ନିଜକୁ ସଜ୍ଜିତ କଲା। ଫଳରେ ୟୁରୋପୀୟ ଦେଶମାନଙ୍କ ମଧ୍ୟରେ ଯୁଦ୍ଧ ମନୋଭାବ ଓ ସାମରିକ ପ୍ରତିଦ୍ୱନ୍ଦ୍ୱିତା ବିଶ୍ୱଯୁଦ୍ଧ ପାଇଁ ବାଟ କଢ଼େଇଲା।

**ସାମରିକ ମେଣ୍ଟ ଗଠନ :**

ପ୍ରଥମ ବିଶ୍ୱଯୁଦ୍ଧର ପ୍ରମୁଖ କାରଣ ଥିଲା ବିଭିନ୍ନ ୟୁରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସାମରିକ ମେଣ୍ଟ ଗଠନ। ସେମାନେ ଉଚ୍ଚ ଆକାଂକ୍ଷା ସହିତ ପରସ୍ପର ପ୍ରତି ଭୟ ଓ ଆଶଙ୍କା ପ୍ରକାଶ କରି ପରସ୍ପର ମଧ୍ୟରେ ସନ୍ଧି ଓ ପ୍ରତିସନ୍ଧି ପ୍ରତିଷ୍ଠା କଲେ। ଏହା ଫଳରେ ସମଗ୍ର ୟୁରୋପ ଦୁଇଟି ସାମରିକ ଗୋଷ୍ଠୀରେ ବିଭକ୍ତ ହେଲେ। ଏ ସମଗ୍ର ବ୍ୟବସ୍ଥା ଆରମ୍ଭ ହୋଇଥିଲା ୧୮୭୧ ମସିହା ଠାରୁ ଯେବେ ଜର୍ମାନୀ ଏକ ସ୍ୱତନ୍ତ୍ର ରାଷ୍ଟ୍ର ରୂପେ ଜନ୍ମଗ୍ରହଣ କରିଥିଲା। ଜର୍ମାନୀର ଚାନ୍ସଲର ବିସ୍‌ମାର୍କ ପ୍ରଥମେ ଫ୍ରାନ୍ସକୁ ୟୁରୋପୀୟ ରାଜନୀତିରୁ ଦୂରେଇ ରଖିବା ପାଇଁ ଋଷିଆ, ଅଷ୍ଟ୍ରିଆ, ଇଟାଲୀ, ରୋମାନିଆ ଆଦି ଦେଶମାନଙ୍କ ସହିତ କୂଟନୈତିକ ଚୁକ୍ତି ସ୍ୱାକ୍ଷର କରିଥିଲେ। ୧୮୭୯ ମସିହାରେ ଜର୍ମାନୀ ଅଷ୍ଟ୍ରିଆ ସହ ଦ୍ୱିପାକ୍ଷିକ ଚୁକ୍ତି (Dual Alliance) ସ୍ୱାକ୍ଷର କଲେ ଓ ୧୮୮୨ ମସିହାରେ ଇଟାଲୀ ଏଥିରେ ସ୍ୱାକ୍ଷର କରିବାରୁ ଏହା ତ୍ରିଶକ୍ତି ମେଣ୍ଟ (Tripple Alliance)ରେ ପରିଣତ ହେଲା। ଜର୍ମାନୀର ଲକ୍ଷ୍ୟ ଥିଲା ୟୁରୋପରେ ଫ୍ରାନ୍ସକୁ ବନ୍ଧୁହୀନ କରି ରଖିବା।

ଅନ୍ୟ ପକ୍ଷରେ ଜର୍ମାନୀ ଚାନ୍ସଲର ଭାବେ ବିସମାର୍କଙ୍କ ଇସ୍ତଫା ପ୍ରଦାନ ପରେ ମଧ୍ୟ ଜର୍ମାନୀର ଫ୍ରାନ୍ସ ବିରୋଧୀ ମନୋଭାବର ଅବସାନ ଘଟି ନ ଥିଲା। ଋଷିଆ ଓ ଜର୍ମାନୀ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଲା। ଏହାର ଫଳସ୍ୱରୂପ ୧୮୯୪ ମସିହାରେ ଫ୍ରାନ୍ସ ଓ ଋଷିଆ ମଧ୍ୟରେ ଏକ ସାମରିକ ମେଣ୍ଟ ଗଠନ ହେଲା। ଜର୍ମାନୀ ନୌଶକ୍ତିର ଶକ୍ତିବୃଦ୍ଧି ଓ ସାମ୍ରାଜ୍ୟବାଦୀ ମନୋଭାବରେ ଅସନ୍ତୁଷ୍ଟ ଇଂଲଣ୍ଡ ତାର ଚିରାଚରିତ ବିଚ୍ଛିନ୍ନତାବାଦୀ ନୀତି ପରିତ୍ୟାଗ କରି ୧୯୦୨ ମସିହାରେ ଜାପାନ ସହ, ୧୯୦୪ରେ ଫ୍ରାନ୍ସ ସହ ଓ ୧୯୦୭ରେ ଋଷିଆ ସହିତ ଚୁକ୍ତି ସ୍ୱାକ୍ଷର କରିବାରୁ ସେଥିରୁ ତ୍ରିଶକ୍ତି ମୈତ୍ରୀ (Tripple Entente) ଆରମ୍ଭ ହେଲା। ଏହିପରି ଭାବରେ ୟୁରୋପ ଦୁଇଟି ସାମରିକ ଗୋଷ୍ଠୀରେ ପରିଣତ ହେଲା। ୧୯୦୭ରୁ ୧୯୧୪ ମସିହା ମଧ୍ୟରେ ଘଟିଥିବା ସମସ୍ତ ବିବାଦ ଓ ସଂଘର୍ଷର ଏହି ଦୁଇ ସାମରିକ ମେଣ୍ଟ ନିଜ ନିଜର ପକ୍ଷମାନଙ୍କୁ ସମର୍ଥନ କରିଥିଲେ। ଏହି ସାମରିକ ମେଣ୍ଟ ଗଠନ ବିଶ୍ୱ ଶାନ୍ତିକୁ ନଷ୍ଟ କରିଦେଲା ଓ ସମଗ୍ର ପୃଥିବୀକୁ ଏକ ବିଶ୍ୱଯୁଦ୍ଧ ଦିଗକୁ ଆଗେଇ ନେଇଗଲା।

**କ୍ଷମତା ଭାରସାମ୍ୟ :**

ଭିଏନା କଂଗ୍ରେସ (୧୮୧୫) ଠାରୁ ପ୍ରଥମ ବିଶ୍ୱଯୁଦ୍ଧର ଆରମ୍ଭ (୧୯୧୪) ପର୍ଯ୍ୟନ୍ତ କ୍ରିମିୟା ଯୁଦ୍ଧ (୧୮୫୪-୫୫) ବ୍ୟତୀତ କୌଣସି ବଡ଼ ଯୁଦ୍ଧ ସଙ୍ଗଠିତ ହୋଇ ନ ଥିଲା। ଏହି ସମୟରେ ୟୁରୋପୀୟ ଶକ୍ତିମାନଙ୍କ ମଧ୍ୟରେ ଭାରସାମ୍ୟ (Balance of power) ରକ୍ଷା କରାଯାଉଥିବା ଫଳରେ ଯୁଦ୍ଧର ଆତଙ୍କ ଦେଖାଦେଇ ନ ଥିଲା। କିନ୍ତୁ ଏହି ଭାରସାମ୍ୟ ବିଭିନ୍ନ କାରଣ ପାଇଁ ପ୍ରଥମ ବିଶ୍ୱଯୁଦ୍ଧର ଆରମ୍ଭ ବେଳକୁ ନଷ୍ଟ ହୋଇସାରିଥିଲା।

**ବଲକାନ୍ ସମସ୍ୟା:**

ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭର ବହୁବର୍ଷ ପୂର୍ବରୁ ବଲକାନ୍ ଅଞ୍ଚଳରେ ସବୁବେଳେ ସମସ୍ୟା ଦେଖା ଦେଉଥିଲା ଓ ତାହା ଫଳରେ ସେଠାରେ ଉତ୍ତେଜନା ସୃଷ୍ଟି ହେଉଥିଲା। ଆଲବାନିଆ, ବୁଲ୍‌ଗେରିଆ, ସର୍ବିଆ, ରୁମାନିଆ ଆଦି ଦେଶକୁ ବଲକାନ୍ ଅଞ୍ଚଳ ବୋଲି କୁହାଯାଉଥିଲା ଓ ସେହି ଅଞ୍ଚଳରେ ଅଷ୍ଟ୍ରିଆ, ଋଷିଆ ଓ ତୁର୍କୀର ସାମ୍ରାଜ୍ୟ ଥିବା ହେତୁ ସେମାନଙ୍କର ସ୍ୱାର୍ଥ ତାହା ସହିତ ନିହିତ ଥିଲା। ୧୯୦୮ ମସିହାରେ ଅଷ୍ଟ୍ରିଆ ବୋସନିଆ ଓ ହାର୍ଜେଗୋଭିନା ନାମକ ଦୁଇଟି ପ୍ରଦେଶ ଅଧିକାର କରିଥିଲା ଓ ତାହା ବିରୋଧରେ ସର୍ବିଆର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କାରଣ ଏହି ଦୁଇ ପ୍ରଦେଶର ସଂଖ୍ୟାଗରିଷ୍ଠ ଅଧିବାସୀ ସର୍ବିୟ ଥିଲେ। ସର୍ବିଆ ସବୁବେଳେ ଚାହୁଁଥିଲା ଏହି ଦୁଇଟି ପ୍ରଦେଶ ଅଧିକାର କରିବାପାଇଁ। ବଲକାନ୍ ଅଞ୍ଚଳରେ ସ୍ଥାନୀୟ ସମସ୍ୟାକୁ ନେଇ ୧୯୧୧, ୧୯୧୨ ଓ ୧୯୧୩ ମସିହାରେ କ୍ଷୁଦ୍ର ଯୁଦ୍ଧମାନ ଅନୁଷ୍ଠିତ ହୋଇଥିଲା। ସେହି ଅଞ୍ଚଳରେ ସ୍ୱାର୍ଥ ଥିବା ରୁଷିଆ ସର୍ବିଆକୁ ସମର୍ଥନ କରୁଥିବାବେଳେ, ଜର୍ମାନୀ ଅଷ୍ଟ୍ରିଆକୁ ସମର୍ଥନ କରୁଥିଲା। ୧୯୧୩ ମସିହାରେ 'ବୁଚାରେଷ୍ଟ ସନ୍ଧି' ପ୍ରଥମ ବିଶ୍ୱଯୁଦ୍ଧର ବୀଜବପନ କରିଥିଲା।

**ଜର୍ମାନୀ ସମ୍ରାଟ କାଇଜର ଦ୍ୱିତୀୟ ଉଇଲିୟମ୍‌ଙ୍କ ସାମ୍ରାଜ୍ୟବାଦୀ ନୀତି :**

ବିସ୍‌ମାର୍କଙ୍କ ପତନ ପରେ ୧୮୯୦ ମସିହାରେ କାଇଜର ଦ୍ୱିତୀୟ ଉଇଲିୟମ୍ ଜର୍ମାନୀର ସମ୍ରାଟ ରୂପେ ଅଧିଷ୍ଠିତ ହେଲେ। ତାଙ୍କ ନେତୃତ୍ୱରେ ଜର୍ମାନୀର ଅଭ୍ୟନ୍ତରୀଣ ଓ ବୈଦେଶିକ ନୀତି ବିଶ୍ୱଯୁଦ୍ଧ ପାଇଁ ମାର୍ଗ ପ୍ରସାରିତ କରିଥିଲା। ସେ ଅତ୍ୟନ୍ତ ଉଦ୍ଧତ ଓ ଉଚ୍ଚାଭିଳାଷୀ ଥିଲେ। ସେ ଅଷ୍ଟ୍ରିୟାକୁ ତାଙ୍କର ଅଙ୍ଗୁଠି ମୂନରେ ଦବାଇ ରଖିଥିଲେ। ବିସର୍ମାକଙ୍କ ଲହୁ ଓ ଲୌହ ନୀତି ଜର୍ମାନୀର ଯୁବକମାନଙ୍କୁ ଗୌରବାନ୍ୱିତ କରିବା ପାଇଁ ଶିକ୍ଷା ଦିଆଯାଉଥିଲା। ଜର୍ମାନୀ ଜାତିକୁ ଶ୍ରେଷ୍ଠ ପ୍ରତିପାଦିତ କରିବା ପାଇଁ ସେ ପ୍ରତିଜ୍ଞାବଦ୍ଧ ଥିଲେ। ଇଂରେଜ ସାମ୍ରାଜ୍ୟକୁ ଖଣ୍ଡ ବିଖଣ୍ଡିତ କରି ଜର୍ମାନୀ ସାମ୍ରାଜ୍ୟର ବିସ୍ତାରର ସ୍ୱପ୍ନ ଦେଖୁଥିଲେ। ସେଥିପାଇଁ ଜର୍ମାନୀ ନୌସେନାର ସୁଦୃଢ଼ୀକରଣ ପାଇଁ ପଦକ୍ଷେପ ନେଇଥିଲେ। ଏହାଫଳରେ ବିଶ୍ୱର ବୃହତ୍ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଓ ରୁଷିଆ ଭୟଭୀତ ହୋଇ ଜର୍ମାନୀକୁ ସନ୍ଦେହ ଚକ୍ଷୁରେ ଶତ୍ରୁରୂପେ ବିବେଚନା କଲେ। ଅନେକଙ୍କ ଦୃଷ୍ଟିରେ ଜର୍ମାନୀର ଏପରି ନୀତି ଓ କାଇଜରଙ୍କ କାର୍ଯ୍ୟକଳାପ ଏକ ଭୟଙ୍କର ଯୁଦ୍ଧର ପୂର୍ବାଭାସର ଆହ୍ୱାନ ବୋଲି ବିବେଚିତ ହୋଇଥିଲା।

## କେତେକ ଆନ୍ତର୍ଜାତିକ ଘଟଣାର ପ୍ରତିକ୍ରିୟା:

ଊନବିଂଶ ଶତାବ୍ଦୀର ଶେଷଭାଗ ତଥା ବିଂଶ ଶତାବ୍ଦୀର ଆଦ୍ୟଭାଗରେ କେତେକ ୟୁରୋପୀୟ ଓ ଆନ୍ତର୍ଜାତୀୟ ଘଟଣାବଳୀ ବିଶ୍ୱଯୁଦ୍ଧର ପୃଷ୍ଠଭୂମି ରୂପେ କାର୍ଯ୍ୟ କରିଥିଲା । ପ୍ରଥମତଃ ଆଲ୍‌ସେସ୍ ଓ ଲୋରେନ୍ ଦୁଇ ପ୍ରଦେଶକୁ କେନ୍ଦ୍ରକରି ଫ୍ରାନ୍ସ ଓ ଜର୍ମାନୀ ମଧ୍ୟରେ ଶତ୍ରୁତା ଓ ସଂଘର୍ଷ ଲାଗି ରହିଥିଲା । ଦ୍ୱିତୀୟତଃ, ପଶ୍ଚିମ ଆଫ୍ରିକାର ମରକ୍‌କୋ ଜର୍ମାନୀ, ଇଂଲଣ୍ଡ-ଫ୍ରାନ୍ସ ମଧ୍ୟରେ ବିବାଦ ଭୂମି ହିସାବରେ ୧୯୦୪-୧୯୧୧ ପର୍ଯ୍ୟନ୍ତ ଠିଆହୋଇ ରହିଲା । ତୃତୀୟତଃ, ପୂର୍ବ ୟୁରୋପର ରୁମାନିଆ, ବୁଲଗେରିଆ, ସର୍ବିୟା ଓ ଆଲ୍‌ବାନିଆ ପ୍ରଭୃତି ବଲକାନ ଅଞ୍ଚଳ ସଂଘର୍ଷର ପୀଠ ଭାବରେ ବିଶ୍ୱଯୁଦ୍ଧ ପୂର୍ବରୁ ଦେଖା ଦେଇଥିଲା । ରୁଷିଆ ଓ ଅଷ୍ଟ୍ରିୟା ମଧ୍ୟରେ ବିବାଦ ଏହି ଅଞ୍ଚଳକୁ ନେଇ ପ୍ରଥମେ ଦେଖା ଦେଇଥିଲା । ଜର୍ମାନୀ ମଧ୍ୟ ଏହି ଅଞ୍ଚଳରେ ରୁଷିଆର ପ୍ରଭାବ ହ୍ରାସ ପାଇଁ ଉଦ୍ୟମ କଲା । ଇଂଲଣ୍ଡ ଓ ଫ୍ରାନ୍ସ ସହିତ ମିତ୍ରତା ସ୍ଥାପନ କରି ରୁଷିଆ ଏହି ଅଞ୍ଚଳରେ ନିଜର ଶକ୍ତି ପ୍ରତିଷ୍ଠା କରିବାକୁ ଉଦ୍ୟମ କଲା । ଏହିପରି ଅବସ୍ଥାରେ ବଲ୍‌କାନ୍ ଅଞ୍ଚଳ ରୁଷିଆ, ଜର୍ମାନୀ ଓ ଅଷ୍ଟ୍ରିୟାର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାକୁ କେନ୍ଦ୍ରକରି ଏକ ବିପଦଶଙ୍କୁଳ ଅଞ୍ଚଳରେ ପରିଣତ ହେଲା । ବୋସନିଆ ଓ ହରଜିଗୋଭିନା ପ୍ରସଙ୍ଗ ମଧ୍ୟ ବଲ୍‌କାନ୍ ରାଜନୀତିକୁ ଜଟିଳ କରିଦେଇଥିଲା ।

## ଆନ୍ତର୍ଜାତିକ ଅନୁଷ୍ଠାନର ଅଭାବ :

ଏହି ଜଟିଳ ପରିସ୍ଥିତିରେ ଦେଶ ଦେଶ ମଧ୍ୟରେ ଦେଖା ଦେଇଥିବା ବିବାଦପୂର୍ଣ୍ଣ ପରିସ୍ଥିତିକୁ ଉତ୍ତମ ବୁଝାମଣା ଭିତ୍ତିରେ ସମାଧାନ କରିବା ପାଇଁ କୌଣସି ଆନ୍ତର୍ଜାତିକ ଅନୁଷ୍ଠାନ ନ ଥିଲା । ୧୮୯୯ ଓ ୧୯୦୨ ମସିହା ହେଗ୍ ସମ୍ମିଳନୀ ଏ ଦିଗରେ କିଛି ଅଗ୍ରଗତି କରିଥିଲେ ହେଁ ତାହା ସଫଳ ସଙ୍ଗଠନର ରୂପ ନେଇପାରି ନ ଥିଲା । ଅନ୍ୟ ଯେଉଁସବୁ ସମ୍ମିଳନୀ ହେଉଥିଲା ତାହା ପୃଥିବୀର ସବୁ ରାଷ୍ଟ୍ର ବିଷୟରେ ବିଚାର ନ କରି ବୃହତ୍ ଶକ୍ତିମାନଙ୍କର ସ୍ୱାର୍ଥଚର୍ଚ୍ଚା କରୁଥିଲେ । ସମଗ୍ର ୟୁରୋପର ଅବିଶ୍ୱାସ ଓ ବିଦ୍ୱେଷର ବାତାବରଣକୁ ପାରସ୍ପରିକ ତଥା ଅନ୍ୟ ଦେଶମାନଙ୍କ ଦ୍ୱାରା ଆଲୋଚନା ମାଧ୍ୟମରେ ଏଡ଼ାଇ ଦେବାପାଇଁ ବିଶ୍ୱସ୍ତରୀୟ ସଙ୍ଗଠନର ଅଭାବ ପ୍ରଥମ ବିଶ୍ୱଯୁଦ୍ଧର ପଥ ପରିଷ୍କାର କରିଦେଇଥିଲା ।

## ଆଶୁ କାରଣ :

ୟୁରୋପୀୟ ରାଷ୍ଟ୍ରମାନେ ଦୁଇଟି ସାମରିକ ମେଣ୍ଟରେ ବିଭକ୍ତ ହୋଇ ଯୁଦ୍ଧଖୋର ମନୋଭାବ ନେଇ ଆଗେଇ ଯାଉଥିବାବେଳେ ଅଷ୍ଟ୍ରିୟାର ଭାବୀ ସମ୍ରାଟ ଆର୍କଡ୍ୟୁକ୍ ଫ୍ରାନ୍‌ସିସ୍ ଫର୍ଡ଼ିନାଣ୍ଡ ଓ ଯୁବରାଣୀ ସୋଫିଆଙ୍କ ହତ୍ୟା ଏହି ଯୁଦ୍ଧର ଆଶୁ କାରଣ ଥିଲା । ବୋସନିଆ ସହିତ ଅଷ୍ଟ୍ରିୟାର ସମ୍ପର୍କକୁ ଦୃଢ଼ୀଭୂତ କରିବା ପାଇଁ ଏହି ରାଜ ଦମ୍ପତ୍ତି ବୋସନିଆ ରାଜଧାନୀ ସାରାଜେଭୋ ସହରରେ ଅଗ୍ରସର ହେବାବେଳେ ଗ୍ରାଭିଲୋ ପ୍ରିନ୍‌ସିପ୍ ନାମକ ଜଣେ ସର୍ବିୟ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୧୯୧୪ ମସିହା ଜୁନ୍ ମାସ ୨୮ ତାରିଖରେ ନିହତ ହେଲେ । ଅଷ୍ଟ୍ରିୟା ଓ ସର୍ବିଆ ଶତ୍ରୁତାର ଏହି ଭୟଙ୍କର ପରିଣତି ପାଇଁ ଅଷ୍ଟ୍ରିୟା ସର୍ବିୟାକୁ ଦାୟୀ କରି ଜୁଲାଇ ମାସ ୨୩ ତାରିଖ ଦିନ ଏକ ଧମକପୂର୍ଣ୍ଣ ଚରମପତ୍ର ପ୍ରଦାନ କଲା । ସର୍ବିଆର ଉତ୍ତର ସନ୍ତୋଷଜନକ ନୁହେଁ ବୋଲି ଦର୍ଶାଇ ୧୯୧୪ ମସିହା ଜୁଲାଇ ୨୮ ତାରିଖରେ ଅଷ୍ଟ୍ରିଆ ସର୍ବିଆ

ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା। ଅଷ୍ଟ୍ରିଆକୁ ଯୁଦ୍ଧରୁ ଓହରି ଯିବା ପାଇଁ ଚାପ ପ୍ରୟୋଗ ପାଇଁ ରୁଷିଆ ତାର ସୈନ୍ୟବାହିନୀକୁ ଅଷ୍ଟ୍ରିଆ ଓ ଜର୍ମାନୀର ସୀମାନ୍ତରେ ପ୍ରସ୍ତୁତ ରହିବା ପାଇଁ ଆଦେଶ ଦେଲା। ରୁଷିଆର ମନୋଭାବରେ ସନ୍ଦେହ ନେଇ ଅଷ୍ଟ୍ରିଆର ମିତ୍ର ରାଷ୍ଟ୍ର ଜର୍ମାନୀ ତ୍ରିଶକ୍ତି ମେଣ୍ଟ ବ୍ୟବସ୍ଥା ଅନୁଯାୟୀ ରଷିଆ ବିରୁଦ୍ଧରେ ଅଗଷ୍ଟ ୧ ତାରିଖରେ ଯୁଦ୍ଧ ଘୋଷଣା କଲା। ଦୁଇଦିନ ପରେ ଜର୍ମାନୀ ଅଗଷ୍ଟ ୩ ତାରିଖ ଦିନ ଫ୍ରାନ୍ସ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା। ଇଂଲଣ୍ଡ ତା' ପରଦିନ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧରେ ଯୋଗଦାନ ଘୋଷଣା କଲା। ଏହିପରି ଭାବରେ ଏକ ସପ୍ତାହ ମଧ୍ୟରେ ୟୁରୋପୀୟ ରାଷ୍ଟ୍ରମାନେ ତ୍ରିଶକ୍ତି ମେଣ୍ଟ ବା ତ୍ରିଶକ୍ତି ମୈତ୍ରୀ ପକ୍ଷରେ ଏହି ଯୁଦ୍ଧରେ ଯୋଗ ଦେଇଥିଲେ। ଜାପାନ ଓ ଇଟାଲୀ ଏହି ଯୁଦ୍ଧରେ ତ୍ରିଶକ୍ତି ମେଣ୍ଟ ସପକ୍ଷରେ ୧୯୧୫ ମସିହାରେ ଯୋଗ ଦେଇଥିଲେ। ଚୀନ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ୧୯୧୭ ମସିହାରେ ଏହି ଯୁଦ୍ଧରେ ତ୍ରିଶକ୍ତି ମେଣ୍ଟ ସପକ୍ଷରେ ଯୋଗ ଦେଇଥିଲା। ଏହି ଯୁଦ୍ଧରେ ଏକ ପକ୍ଷରେ ଥିଲେ ସର୍ବିଆ, ରୁଷିଆ, ଫ୍ରାନ୍ସ, ଇଂଲଣ୍ଡ, ଗ୍ରୀସ୍, ରୋମାନିଆ, ଜାପାନ, ଚୀନ୍ ଓ ଯୁକ୍ତରାଷ୍ଟ୍ର ଆମେରିକା। ସେମାନଙ୍କ ମିତ୍ରଶକ୍ତି ବୋଲି କୁହାଯାଉଥିଲା ଓ ଅନ୍ୟପକ୍ଷରେ ଥିବା ଜର୍ମାନୀ, ଅଷ୍ଟ୍ରିଆ, ହଙ୍ଗେରୀ, ତୁର୍କୀ ଓ ବୁଲଗେରିଆକୁ କେନ୍ଦ୍ରୀୟ ଶକ୍ତି ରୂପେ ବିବେଚନା କରାଯାଉଥିଲା।

୧୯୧୪ ଅଗଷ୍ଟ ମାସରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ନଭେମ୍ବର ୧୯୧୮ ମସିହା ପର୍ଯ୍ୟନ୍ତ ଚାଲିଥିଲା। ଜର୍ମାନୀ ୧୧ ନଭେମ୍ବର ୧୯୧୮ରେ ଆତ୍ମସମର୍ପଣ କଲାପରେ ପ୍ରଥମ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଥିଲା।

## ବିଶ୍ୱଯୁଦ୍ଧର ଫଳାଫଳ :

ଏହି ଭୟଙ୍କର ଚାରିବର୍ଷ ବ୍ୟାପୀ ଯୁଦ୍ଧର ଫଳାଫଳ ସୁଦୂରପ୍ରସାରୀ ଥିଲା। ମାନବ ଇତିହାସରେ ଏହା ଏକ ଯୁଗର ଅବସାନ ଘଟାଇ ନୂତନ ଯୁଗର ଅଯମାରମ୍ଭ କଲା। ସାମାଜିକ ଜୀବନ ଓ ଚିନ୍ତାରାଜ୍ୟରେ ବୈପ୍ଲବିକ ପରିବର୍ତ୍ତନର ସୂତ୍ରପାତ କଲା। ଏହାର ଉଭୟ ସୁଫଳ ଓ କୁଫଳ ଦୃଷ୍ଟିଗୋଚର ହୁଏ।

**କୁଫଳ:**

– ଏହି ଯୁଦ୍ଧରେ ବ୍ୟାପକ ଧନ, ଜୀବନହାନି ସମଗ୍ର ପୃଥିବୀର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଇଥିଲା। ୮ ନିୟୁତ ସୈନ୍ୟ ମୃତ ଓ ୨୧ ନିୟୁତ ସୈନ୍ୟ ଆହତ ହୋଇଥିଲେ। ନିୟୁତ ନିୟୁତ ବେସାମରିକ ଲୋକ ମଧ୍ୟ ନିହତ ହେଲେ। ବହୁଦେଶର ମୂଲ୍ୟବାନ ଜାତୀୟ ସମ୍ପତ୍ତିର ବ୍ୟାପକ କ୍ଷୟକ୍ଷତି ଘଟିଲା। ପ୍ରାୟ ସମସ୍ତ ୟୁରୋପୀୟ ଦେଶମାନଙ୍କରେ ଯୁଦ୍ଧପରବର୍ତ୍ତୀ ସମୟରେ ଅର୍ଥନୀତିକ ବିପର୍ଯ୍ୟୟ ଦେଖା ଦେଇଥିଲା। ସେମାନେ ଆର୍ଥିକ ଋଣ ମଧ୍ୟରେ ବୁଡ଼ି ରହିଲେ। ବେକାରୀ ସମସ୍ୟା ଉତ୍କଟ ହେବା ସହ ଦରଦାମ୍ ବୃଦ୍ଧି ଘଟିଲା। ମୁଦ୍ରାସ୍ଫୀତି ଦେଖାଦେଲା। ଏହା ବିଜୟୀ ଓ ପରାଜିତ ଦେଶସବୁକୁ ପ୍ରଭାବିତ କରିଥିଲା।

– ଯୁଦ୍ଧରେ ଜର୍ମାନୀର ପରାଜୟ ଘଟିଥିଲା। ତା'ର ସମସ୍ତ ସାମରିକ ଉପକରଣ ଯଥା ଉଡ଼ାଜାହାଜ, ବୁଡ଼ାଜାହାଜ, ଟ୍ୟାଙ୍କ ଆଦି ବିଜୟୀ ମିତ୍ରଶକ୍ତି ପାଖରେ ସମର୍ପଣ କରିବାକୁ ପଡ଼ିଥିଲା। ତାର ଆର୍ଥିକ ଅବସ୍ଥା ରସାତଳଗାମୀ ହେଲା।

ରାଜନୈତିକ ଭାବରେ ଜର୍ମାନୀରେ ନାଜିବାଦୀ ଶକ୍ତିର ଅଭ୍ୟୁଦୟ ଘଟିଲା । ଜର୍ମାନୀର ଯୁଦ୍ଧରେ ପରାଜୟ ଓ ଜାତୀୟ ଅପମାନକୁ ଆୟୁଧ କରି ପରବର୍ତ୍ତୀ ସମୟରେ ହିଟଲରଙ୍କ ଅଭ୍ୟୁଦୟ ଘଟିଲା । ଯୁଦ୍ଧ ପରେ ପ୍ୟାରିସ୍ ଶାନ୍ତି ସମ୍ମିଳନୀରେ ଅପମାନଜନକ ଭର୍ସାଇ ସନ୍ଧିରେ ଜର୍ମାନୀକୁ ବାଧ୍ୟ କରାଯାଇ ହସ୍ତାକ୍ଷର କରାଗଲା । ଆଲସେସ୍ ଓ ଲୋରେନ୍ ଅଞ୍ଚଳ ଫ୍ରାନ୍ସକୁ ହସ୍ତାନ୍ତର ହେଲା । ବେଲ୍‌ଜିୟମ୍ ଓ ପୋଲାଣ୍ଡ ମଧ୍ୟ ଜର୍ମାନୀର କିଛି କିଛି ଅଞ୍ଚଳ ପାଇଲେ । ତାହାଠାରୁ କ୍ଷତିପୂରଣ ଆଦାୟ କରିବାକୁ ନିଷ୍ପତ୍ତି ନିଆଗଲା । ଏହିସବୁ ଅପମାନଜନକ ସର୍ତ୍ତ ଭର୍ସାଇ ସନ୍ଧିରେ ରଖାଯାଇ ଜର୍ମାନୀକୁ ଏଥିରେ ହସ୍ତାକ୍ଷର କରିବାକୁ ବାଧ୍ୟ କରାଗଲା । ଏହା ଏକ ଆଦେଶିକ ସନ୍ଧି ଥିଲା । ଏହା ପରବର୍ତ୍ତୀ ସମୟରେ ଜର୍ମାନୀରେ ଉଗ୍ର ଜାତୀୟତାବାଦ ଜନ୍ମର କାରଣ ହୋଇଥିଲା । ହଙ୍ଗେରୀଠାରୁ ଅଷ୍ଟ୍ରିଆକୁ ଅଲଗା କରାଗଲା । ମୋଟ ଉପରେ ପ୍ୟାରିସ୍ ଶାନ୍ତି ସମ୍ମିଳନୀରେ ୫ଟି ଚୁକ୍ତି ପରାଜିତ ଦେଶମାନଙ୍କ ଉପରେ ଲଦି ଦିଆଯାଇଥିଲା ।

– ଏହି ଯୁଦ୍ଧ ବିଶ୍ୱ ରାଜନୀତିରେ କ୍ଷମତାର ଭାରସାମ୍ୟକୁ ପରିବର୍ତ୍ତନ କରିଥିଲା । ଜର୍ମାନୀ, ତୁର୍କୀ, ଅଷ୍ଟ୍ରିଆ-ହଙ୍ଗେରୀ ସାମ୍ରାଜ୍ୟର ପତନ ଘଟିଲା । ମିତ୍ର ଶକ୍ତିରେ ଥାଇ ମଧ୍ୟ ରୁଷିଆର ରାଜତନ୍ତ୍ରର ପତନ ଘଟିଲା । ଇଂଲଣ୍ଡର ଯୁଦ୍ଧ ପୂର୍ବବର୍ତ୍ତୀ ଅବସ୍ଥାର ଅବନତି ଘଟିଲା । ନୂତନ ବନ୍ଧୁତା ପାଇଁ ବିଭିନ୍ନ ରାଷ୍ଟ୍ର ଚେଷ୍ଟା କଲେ । ଜାପାନ ପ୍ରଥମ ବିଶ୍ୱଯୁଦ୍ଧରେ ମିତ୍ରଶକ୍ତି ସହ ଥିଲା । କିନ୍ତୁ ପରବର୍ତ୍ତୀ ବିଶ୍ୱଯୁଦ୍ଧରେ ଏହା ଜର୍ମାନୀ ସହ ଯୋଗଦେଲା । ଇଟାଲୀ ମଧ୍ୟ ମିତ୍ରଶକ୍ତିରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଜର୍ମାନୀ ସହ ସମ୍ପର୍କ ବୃଦ୍ଧି କଲା ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀ ସହ ଯୋଗ ଦେଇଥିଲା । ତେଣୁ ବିଶ୍ୱ ରାଜନୀତିରେ ନୂତନ ଗୋଷ୍ଠୀର ଉଦ୍ଭବ ଓ ସମୀକରଣ ହେଲା ।

– ଏହି ବିଶ୍ୱଯୁଦ୍ଧର ଆଉ ଏକ ଫଳାଫଳ ହେଲା, ବିଭିନ୍ନ ଦେଶରେ ଏକଚ୍ଛତ୍ରବାଦ ପ୍ରତିଷ୍ଠା ହୋଇଥିଲା । ଏହା ପରବର୍ତ୍ତୀ ସମୟରେ ଜଟିଳ ପରିସ୍ଥିତି ସୃଷ୍ଟି କଲା ଓ ପୃଥିବୀକୁ ଆଉ ଏକ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ନେଇଥିଲା । ଜର୍ମାନୀରେ ନାଜିବାଦ, ଇଟାଲୀରେ ଫାସିବାଦ, ଜାପାନରେ ସାମରିକବାଦ ଓ ରୁଷିଆରେ ସମାଜବାଦର ଉତ୍ପତ୍ତି ହେଲା ।

**ସୁଫଳ:**

– ଯୁଦ୍ଧ ଦ୍ୱାରା ଜର୍ମାନୀ, ଅଷ୍ଟ୍ରିଆ-ହଙ୍ଗେରୀ, ରୁଷିଆ ଓ ତୁର୍କୀର ଥିବା ଏକଚ୍ଛତ୍ରବାଦୀ ରାଜତନ୍ତ୍ରର ପତନ ଘଟି ସେ ସ୍ଥାନରେ ଗଣତନ୍ତ୍ର ବା ସାମ୍ବିଧାନିକ ରାଜତନ୍ତ୍ରର ଉଦୟ ହେଲା । ତୁର୍କୀର ଅଟୋମାନ ସାମ୍ରାଜ୍ୟ ଯାହା ଖଲିଫାଙ୍କ ଦ୍ୱାରା ଶାସିତ ଥିଲା, ତା'ର ପତନ ଘଟିଲା । ତୁର୍କୀରେ ମୁସ୍ତାଫା କମଲ ପାସା ନୂତନ ରାଷ୍ଟ୍ରମୁଖ୍ୟ ହେଲେ । ଏକଚ୍ଛାତ୍ରବାଦୀ ରାଷ୍ଟ୍ରମାନଙ୍କ ଜାଗାରେ ଜାତୀୟ ରାଷ୍ଟ୍ରମାନ ଗଠିତ ହେଲା । ମିଶର, ପାଲେଷ୍ଟାଇନ୍ ଓ ଆରବ ଦେଶମାନେ ସ୍ୱାଧୀନ ହେଲେ । ରୁଷିଆର ଜାର ଶାସନାଧିନ ଫିନଲାଣ୍ଡ, ଏସ୍ତୋନିଆ, ଲିଥୁଆନିଆ, ଲାଟଭିଆ ସ୍ୱତନ୍ତ୍ର ଦେଶରୂପେ ଜନ୍ମଲାଭ କଲେ । ଅଷ୍ଟ୍ରିଆଧିନ ବୋହେମିଆ ଓ ମୋରାରିଆକୁ ମିଶାଇ ଚେକୋସ୍ଲୋଭାକିଆ ନୂତନ ରାଜ୍ୟର ମାନ୍ୟତା ପାଇଲା । ସର୍ବିଆ ସହ ବୋସନିଆ ଓ ହାର୍ଜିଗୋଭିନାର ମିଶ୍ରଣ ଘଟିଲା ଓ ନୂତନ ରାଜ୍ୟରୂପେ ଯୁଗୋସ୍ଲୋଭିଆର ବିକାଶ ଘଟିଲା । ଏହି ବିଶ୍ୱଯୁଦ୍ଧ ପୃଥିବୀରେ ଜାତୀୟତାବାଦର ବିକାଶରେ ସାହାଯ୍ୟକାରୀ ହେଲା ।

– ଯୁଦ୍ଧରେ ଇଂଲଣ୍ଡର ବିଶ୍ୱରେ ଥିବା ପ୍ରଭାବର ଅବକ୍ଷୟ ଦୃଷ୍ଟିଗୋଚର ହେଲା ଓ ତାହା ଜାଗାରେ ଆମେରିକାର ଅଭ୍ୟୁଦୟ ଘଟିଲା। ଆମେରିକାର କ୍ଷୟକ୍ଷତି ବହୁତ କମ୍ ଥିଲା ଓ ୟୁରୋପୀୟ ଦେଶମାନଙ୍କୁ ଋଣଦାନ କଲା। ପୃଥିବୀର ରାଜନୀତି ଓ ଅର୍ଥନୀତିରେ ଆମେରିକାର ପ୍ରାଧାନ୍ୟ ଥିବା ଏକ ନୂତନ ଆମେରିକା-କୈନ୍ଦ୍ରିକ ନୂତନ ବିଶ୍ୱର ଇଙ୍ଗିତ ପ୍ରଦାନ କଲା। ଆମେରିକାର ଉତ୍ଥାନ ଇଂଲଣ୍ଡର ପୂର୍ବରୁ ଥିବା ଆଧିପତ୍ୟ ପାଇଁ ଏକ ଆହ୍ୱାନ ସୃଷ୍ଟି କଲା।

– ରୁଷିଆରେ ରାଜତନ୍ତ୍ରର ବିଲୋପ ଘଟି ସମାଜବାଦୀ ଶାସନ ପ୍ରତିଷ୍ଠିତ ହେଲା। ଏହା ବିଶ୍ୱରେ ଥିବା ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ନୀତି ବିରୁଦ୍ଧରେ ଏକ ଶ୍ରମିକ, କୃଷକ ଓ ଗରିବ ଓ ସାଧାରଣ ଲୋକଙ୍କ ହିତାଧିମୁଖୀ ସମାଜବାଦୀ ନୀତି ଗ୍ରହଣ କଲା। ଏହାର ଅର୍ଥନୀତି, ରାଜନୀତି ଓ ଶିକ୍ଷା ଆଦି ଏହାକୁ ବିଶ୍ୱର ଅନ୍ୟତମ ବୃହତ୍ତର ଶକ୍ତିରୂପେ ପରିଗଣିତ କରାଇଥିଲା। ବିଶ୍ୱ ଅର୍ଥନୀତି ଓ ରାଜନୀତିରେ ଏହା ପୁଞ୍ଜିବାଦୀ ରାଷ୍ଟ୍ରନୀତିର ଏକ ବିକଳ୍ପରୂପେ ଠିଆ ହୋଇଥିଲା।

– ଏସିଆ ମହାଦେଶରେ ଜାପାନ ଏକ ଶକ୍ତିଶାଳୀ ରାଷ୍ଟ୍ରରୂପେ ଦଣ୍ଡାୟମାନ ହେଲା। ଏହାର ସାମରିକ ଶକ୍ତି, ଶିଳ୍ପ ବିକାଶ ଓ କୃଷିର ଉନ୍ନତି ଏହାକୁ ସାମ୍ରାଜ୍ୟବାଦୀ ଶକ୍ତିରୂପେ ପ୍ରଥମ ବିଶ୍ୱଯୁଦ୍ଧ ପରେ ଗଢ଼ି ଉଠିବାରେ ସହାୟକ ହୋଇଥିଲା। ଏହା ଧିରେ ଧିରେ ଉପନିବେଶ ସ୍ଥାପନ ଓ ଶିଳ୍ପ ଉତ୍ପାଦନର ବଜାର ଖୋଜିବା ଦିଗରେ ଅଗ୍ରସର ହେଲା।

– ପ୍ରଥମ ବିଶ୍ୱଯୁଦ୍ଧ ପରେ ବିଶ୍ୱର ଚିନ୍ତାଶୀଳ ନେତାମାନେ ଶ୍ରମିକଙ୍କ ମଙ୍ଗଳପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଚଳନ ପାଇଁ ତତ୍ପରତା ପ୍ରକାଶ କଲେ। ଦୁର୍ଘଟଣା ବୀମା ଓ ଅସୁସ୍ଥତା ବୀମାର ପ୍ରଚଳନ ଘଟିଲା। ଅନେକଙ୍କ ମତରେ ରୁଷରେ ସମାଜବାଦୀ ନୀତିର ପ୍ରଚଳନର ଏକ ପ୍ରତିକ୍ରିୟା ବୋଲି ଏହାକୁ କୁହାଯାଇପାରେ।

– ପ୍ରଥମ ବିଶ୍ୱଯୁଦ୍ଧରେ ସେବା କ୍ଷେତ୍ରରେ ନାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଚିନ୍ତାଶୀଳ ବ୍ୟକ୍ତିମାନେ ନାରୀମାନଙ୍କ ସହିତ ଅଧିକ ସହଯୋଗ କରିବାକୁ ସମାଜକୁ ଆହ୍ୱାନ ଦେଲେ। ନାରୀମାନଙ୍କର ଅନେକ ଦେଶରେ ଭୋଟଦାନର ଅଧିକାର ପ୍ରଦାନ କରାଗଲା।

– ଯୁଦ୍ଧର ଭୟାବହତା ମଧ୍ୟରେ ତତ୍କାଳୀନ ଆମେରିକାର ରାଷ୍ଟ୍ରପତି ଉଡ୍ରୋ ଉଇଲସନ୍ ଭବିଷ୍ୟତରେ ଯୁଦ୍ଧର ପୁନରାବୃତ୍ତି ନ ହେବା ପାଇଁ ଏକ ବିଶ୍ୱ ସଙ୍ଗଠନର କଥା ଚିନ୍ତା କରିଥିଲେ। ତେଣୁ ଯୁଦ୍ଧ ପରେ ଶାନ୍ତି ସମ୍ମିଳନୀରେ ବିଶ୍ୱର ନେତାମାନଙ୍କର ବହୁତ ବିଚାରବିମର୍ଷ ପରେ ଜାତିସଂଘର ଜନ୍ମ ହେଲା। ଏହା ବିଶ୍ୱଶାନ୍ତି, ବିଶ୍ୱ ଭ୍ରାତୃତ୍ୱ ଓ ଦେଶ ଦେଶ ମଧ୍ୟରେ ସଦ୍‌ଭାବର ପ୍ରଚାର କରିଥିଲା। ଆନ୍ତର୍ଜାତିକ ବିବାଦର ସମାଧାନ ପାଇଁ ଆନ୍ତର୍ଜାତିକ ବିଚାରାଳୟ ଓ ଶ୍ରମିକଙ୍କ ମଙ୍ଗଳ ପାଇଁ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନ ଜାତିସଂଘର ସହଯୋଗୀ ହୋଇ କାର୍ଯ୍ୟ କଲେ। ସମଗ୍ର ବିଶ୍ୱରେ ଏକ ଶାନ୍ତିର ବାତାବରଣ ଫେରାଇ ଆଣିବା ପାଇଁ ବିଶ୍ୱ ନେତୃବୃନ୍ଦ ଏହିପରି ବିଭିନ୍ନ ପଦକ୍ଷେପମାନ ନେଇଥିଲେ।

## ସାରାଂଶ

ପ୍ରଥମ ବିଶ୍ୱଯୁଦ୍ଧ ୧୯୧୪ ମସିହା ଅଗଷ୍ଟ ମାସରୁ ଆରମ୍ଭ ହୋଇ ଦୀର୍ଘ ଚାରିବର୍ଷ ଅର୍ଥାତ୍ ୧୯୧୮ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା। ପୃଥିବୀର ପ୍ରାୟ ସମସ୍ତ ଦେଶ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏହି ଯୁଦ୍ଧରେ ଜଡ଼ିତ ଥିଲେ। ସାମରିକ ମେଣ୍ଟ ନିର୍ମାଣ, ଉଗ୍ର ଜାତୀୟତା, ସାମରିକ ଅସ୍ତ୍ର ପ୍ରତିଯୋଗିତା, ଉପନିବେଶବାଦ, ଆର୍ଥିକ ସାମ୍ରାଜ୍ୟବାଦ, କାଇଜର ଦ୍ୱିତୀୟ ଉଇଲିୟମଙ୍କ ଚରିତ୍ର ଓ କାର୍ଯ୍ୟାବଳୀ ଏବଂ କେତେକ ଆନ୍ତର୍ଜାତିକ ଘଟଣାର ପ୍ରତିକ୍ରିୟା ବିଶ୍ୱଯୁଦ୍ଧର ମୁଖ୍ୟ କାରଣ ରୂପେ ଗ୍ରହଣ କରାଯାଇଛି। ୧୯୧୪ ମସିହା ଜୁନ ୨୮ ତାରିଖ ଦିନ ଅଷ୍ଟ୍ରିଆର ଭାବୀ ସମ୍ରାଟ ଫ୍ରାନ୍‌ସିସ୍ ଫର୍ଡ଼ିନାଣ୍ଡ ବୋସ୍‌ନିଆ ରାଜଧାନୀ ସାରାଜେଭୋ ଠାରେ ଆତତାୟୀର ଗୁଳିମାଡ଼ରେ ସସ୍ତ୍ରୀକ ନିହତ ହେବା ପରେ ଅଷ୍ଟ୍ରିଆ ଓ ସର୍ବିୟାର ଚରମ ଶତ୍ରୁତା ବିଶ୍ୱଯୁଦ୍ଧକୁ ତ୍ୱରାନ୍ୱିତ କରିଥିଲା। ଗୋଟିଏ ପକ୍ଷରେ ଜର୍ମାନୀ, ଅଷ୍ଟ୍ରିଆ ଓ ଇଟାଲୀ ଓ ଅନ୍ୟ ପକ୍ଷରେ ଇଂଲଣ୍ଡ, ଫ୍ରାନ୍‌ସ ଓ ଋଷିଆ ଏହି ଯୁଦ୍ଧରେ ମୁଖ୍ୟ ରାଷ୍ଟ୍ର ଭାବରେ ଯୋଗ ଦେଇଥିଲେ।

# ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର

୧ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛିଲେଖ ।

(କ) ପ୍ରଥମ ବିଶ୍ୱଯୁଦ୍ଧ କେଉଁ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇଥିଲା ?

(i) ୧୯୦୪ (ii) ୧୯୧୪ (iii) ୧୯୧୮ (iv) ୧୯୩୯

(ଖ) ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ସମ୍ରାଟ କିଏ ଥିଲେ ?

(i) ପ୍ରଥମ ଉଇଲିୟମ୍ (ii) ଦ୍ୱିତୀୟ ଉଇଲିୟମ

(iii) ବିସ୍‌ମାର୍କ (iv) ଫ୍ରାନ୍‌ସିସ୍ ଫର୍ଡ଼ିନାଣ୍ଡ

(ଗ) ଦ୍ୱିପକ୍ଷୀୟ ଚୁକ୍ତି କେବେ ହୋଇଥିଲା ?

(i) ୧୭୮୯ (ii) ୧୮୭୯ (iii) ୧୯୦୫ (iv) ୧୯୧୪

(ଘ) ଦ୍ୱିପକ୍ଷୀୟ ଚୁକ୍ତି କେବେ ତ୍ରିଶକ୍ତି ମେଣ୍ଟରେ ପରିଣତ ହେଲା ?

(i) ୧୭୮୯ (ii) ୧୮୭୮ (iii) ୧୮୮୨ (iv) ୧୯୦୫

(ଙ) ଅଷ୍ଟ୍ରିଆର ଯୁବରାଜ ଫ୍ରାନ୍‌ସିସ ଫର୍ଡ଼ିନାଣ୍ଡଙ୍କୁ କେଉଁଠାରେ ହତ୍ୟା କରାଯାଇଥିଲା ?

(i) ଭିଏନା (ii) ବର୍ଲିନ୍ (iii) ସେରାଜେଭୋ (iv) ରୁମାନିଆ

୨ । ଶୂନ୍ୟସ୍ଥାନ ପୂରଣ କର ।

(କ) ______ ଓ ______ ମଧ୍ୟରେ ଦ୍ୱିପକ୍ଷୀୟ ଚୁକ୍ତି ସ୍ୱାକ୍ଷର ହୋଇଥିଲା ।

(ଖ) ______ ଦ୍ୱିପକ୍ଷୀୟ ଚୁକ୍ତିରେ ସ୍ୱାକ୍ଷର କରିବା ଦ୍ୱାରା ଏହା ତ୍ରିଶକ୍ତି ମେଣ୍ଟରେ ପରିଣତ ହେଲା ।

(ଗ) ତ୍ରିଶକ୍ତି ମୈତ୍ରୀ ______, ______ ଓ ______ ମଧ୍ୟରେ ହୋଇଥିଲା ।

(ଘ) ବଲକାନ ଅଞ୍ଚଳ ______ ମହାଦେଶରେ ଅବସ୍ଥିତ ।

(ଙ) ଫ୍ରାନସିସ୍ ଫର୍ଡ଼ିନାଣ୍ଡ ______ ଦେଶର ଯୁବରାଜ ଥିଲେ ।

(ଚ) ପ୍ରଥମ ବିଶ୍ୱଯୁଦ୍ଧ ପରେ ______ ସନ୍ଧି ସ୍ୱାକ୍ଷର ହୋଇଥିଲା।

## 'ଖ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର

୩ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

(କ) ପ୍ରଥମ ବିଶ୍ୱଯୁଦ୍ଧରେ କେଉଁ କେଉଁ ଇଉରୋପୀୟ ରାଷ୍ଟ୍ରମାନେ ଯୋଗଦାନ କରିଥିଲେ ?

(ଖ) ତ୍ରିଶକ୍ତି ମେଣ୍ଟ ଓ ତ୍ରିଶକ୍ତି ମୈତ୍ରୀ କେଉଁ କେଉଁ ଦେଶ ମଧ୍ୟରେ ହୋଇଥିଲା ?

(ଗ) ବଲକାନ ଅଞ୍ଚଳ କାହାକୁ କୁହାଯାଏ ? କେଉଁ କେଉଁ ରାଜ୍ୟ ଏଠାରେ ଅବସ୍ଥିତ ?

(ଘ) ଫ୍ରାନସିସ୍ ଫର୍ଡ଼ିନାଣ୍ଡଙ୍କର ହତ୍ୟା କେବେ ଓ କେଉଁଠାରେ ହୋଇଥିଲା ?

(ଙ) ଗ୍ରାଭିଲୋ ପ୍ରିନ୍‌ସିପ୍ କିଏ ? ସେ କେଉଁ ସଂଗଠନର ସଦସ୍ୟ ଥିଲେ ?

(ଚ) ପ୍ରଥମ ବିଶ୍ୱଯୁଦ୍ଧ ପରେ କେଉଁ କେଉଁ ଦେଶରେ ଏକଛତ୍ରବାଦ ପ୍ରତିଷ୍ଠା ହୋଇଥିଲା ?

୪ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର । ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ଭିତରେ ସୀମିତ ରହିବା ଉଚିତ ।

(କ) ତ୍ରିଶକ୍ତି ମେଣ୍ଟ ଓ ତ୍ରିଶକ୍ତି ମୈତ୍ରୀ କ'ଣ ?

(ଖ) ଉଗ୍ରଜାତୀୟତାବାଦ କିପରି ବିଶ୍ୱଯୁଦ୍ଧର କାରଣ ହେଲା ?

(ଗ) ସାମରିକ ପ୍ରତିଯୋଗିତା କିପରି ବିଶ୍ୱଯୁଦ୍ଧକୁ ପଥ ଉନ୍ମୋଚନ କଲା ?

(ଘ) ଜର୍ମାନୀ ସମ୍ରାଟ ଦ୍ୱିତୀୟ ଉଇଲିୟମଙ୍କ କାର୍ଯ୍ୟକଳାପ ବିଶ୍ୱଯୁଦ୍ଧ ପାଇଁ କିପରି ଦାୟୀ ?

(ଙ) ବିଶ୍ୱଯୁଦ୍ଧର ଆଶୁକାରଣ କ'ଣ ?

(ଚ) ପ୍ରଥମ ବିଶ୍ୱଯୁଦ୍ଧ ପରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ କିଭଳି ଉଦ୍ୟମ ହୋଇଥିଲା ?

## 'ଗ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର

୫ । ପ୍ରଥମ ବିଶ୍ୱଯୁଦ୍ଧର ମୁଖ୍ୟ କାରଣମାନ ଆଲୋଚନା କର ।

୬ । କେଉଁ କେଉଁ କାରଣରୁ ଇଉରୋପୀୟ ରାଷ୍ଟ୍ରମାନେ ବିଶ୍ୱଯୁଦ୍ଧ ପାଇଁ ଆଗ୍ରହୀ ହେଲେ ତାହା ଆଲୋଚନା କର ।

୭ । ପ୍ରଥମ ବିଶ୍ୱଯୁଦ୍ଧର କାରଣ ସମୂହ ଉପରେ ଏକ ପ୍ରବନ୍ଧ ଲେଖ ।

୮ । ପ୍ରଥମ ବିଶ୍ୱଯୁଦ୍ଧର ଫଳାଫଳ ଉପରେ ଆଲୋକପାତ କର ।

—❖—

**ପଞ୍ଚଦଶ ଅଧ୍ୟାୟ**

# ୧୯୧୭ ମସିହାର ଋଷ ବିପ୍ଳବ

୧୭୮୯ ମସିହାର ଐତିହାସିକ ଫରାସୀ ରାଷ୍ଟ୍ର ବିପ୍ଳବ ପରେ ୧୯୧୭ ମସିହାର ମହାନ୍ ଋଷ ବିପ୍ଳବ ବିଶ୍ୱ ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ରୂପେ ପରିଗଣିତ ହୋଇଛି। ଫରାସୀ ରାଷ୍ଟ୍ର ବିପ୍ଳବ ସମଗ୍ର ବିଶ୍ୱରେ ମୁକ୍ତି, ସାମ୍ୟ ଓ ମୈତ୍ରୀର ବାର୍ତ୍ତା ପ୍ରଚାର କରିଥିବା ବେଳେ ଋଷ ବିପ୍ଳବ ମାନବ ଜୀବନର ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସାମ୍ୟ ଭାବର ପ୍ରସାର ପାଇଁ ପଥ ପ୍ରସ୍ତୁତ କରିଥିଲା। ଏହି ବିପ୍ଳବ ଋଷିଆରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ସହିତ ବିଶ୍ୱରେ ଏପରି ଏକ ନୂତନ ମତବାଦ ଓ ଆନ୍ଦୋଳନର ଆୟମାରମ୍ଭ କଲା, ଯାହାର ପରିଣତି ହୋଇଛି ସୁଦୂର ପ୍ରସାରୀ। ଏହି ବିପ୍ଳବର ପ୍ରଧାନ ଲକ୍ଷ୍ୟ ଥିଲା – ସାମ୍ୟବାଦ, ଶ୍ରମିକ ସମ୍ପ୍ରଦାୟର ପ୍ରାଧାନ୍ୟ ଓ ସମାଜରେ ଅର୍ଥନୈତିକ ସମତା ସ୍ଥାପନ। ବିଭିନ୍ନ ଦେଶର ପୁଞ୍ଜିବାଦୀ ଶୋଷକ ଶ୍ରେଣୀ ପ୍ରତି ଏହି ବିପ୍ଳବ ଏକ ସତର୍କ ଘଣ୍ଟି ଭଳି କାମ କରିଥିଲା। ଏହା ସମାଜର ଦଳିତ ତଥା ନିଃସ୍ୱ ଶ୍ରମିକମାନଙ୍କର ମନରେ ଅପୂର୍ବ ଆଶାର ସଞ୍ଚାର କରିଥିଲା। ବିଶ୍ୱର ଶ୍ରମିକ ସଂପ୍ରଦାୟ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ପ୍ରତି ଏହି ବିପ୍ଳବ ଏକ ଅଭିନବ ସଙ୍କେତ ବହନ କରିଥିଲା। ଏହି ବିପ୍ଳବ ଋଷିଆର ଶ୍ରମିକ ଶ୍ରେଣୀ ବା ପ୍ରୋଲେଟେରିଏଟ୍ (Proletariat)ଙ୍କ ଦ୍ୱାରା ସଂଗଠିତ ହୋଇଥିବାରୁ, ଏହାକୁ ପ୍ରୋଲେଟେରିଏଟ୍ ବିପ୍ଳବ (Proletariat Revolution) ବୋଲି ମଧ୍ୟ କୁହାଯାଏ। ଫରାସୀ ବିପ୍ଳବୀମାନେ ମଣ୍ଟେସ୍କ୍ୟୁ, ଭୋଲଟେୟାର ଓ ରୁଷୋ ପ୍ରଭୃତି ଉଦାରପନ୍ଥୀ ଦାର୍ଶନିକମାନେ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଋଷିଆର ବିପ୍ଳବୀମାନେ କାର୍ଲ ମାର୍କସ୍ (Karl Marx) ଓ ଫ୍ରେଡ଼େରିକ୍ ଏଞ୍ଜେଲସ୍ (Frederick Engels)ଙ୍କ ବୈପ୍ଳବିକ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ଏହି ବିପ୍ଳବ ଋଷିଆର ସମାଜ, ରାଜନୀତି ଓ ଅର୍ଥନୀତିକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେବା ସହିତ, ପୃଥିବୀର ଇତିହାସକୁ ଏକ ନୂତନ ଦିଗ୍‌ଦର୍ଶନ ଦେବାରେ ସଫଳ ହୋଇଥିଲା।

କୌଣସି ବିପ୍ଳବ ହଠାତ୍ ସଂଗଠିତ ହୁଏ ନାହିଁ। ବିଭିନ୍ନ କାରଣର ସମ୍ମିଶ୍ରଣରେ ଏକ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥାଏ। ଋଷିଆର ତତ୍‌କାଳୀନ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ହିଁ ୧୯୧୭ର ଏହି ବିପ୍ଳବ ପାଇଁ ମୁଖ୍ୟତଃ ଦାୟୀ। ବିଶିଷ୍ଟ ଐତିହାସିକ ଲିପ୍‌ସନ୍‌ଙ୍କ ମତରେ, ''ଋଷ ବିପ୍ଳବର ଉତ୍ସ ଗଭୀର ଭାବରେ ଋଷର ଇତିହାସ ସହିତ ସଂଯୁକ୍ତ ହୋଇ ରହିଛି।'' ବାସ୍ତବରେ ଏହାଥିଲା ବହୁ ଦିନରୁ ପୁଞ୍ଜୀଭୂତ ଜନ ଅସନ୍ତୋଷ ଓ ଅଶାନ୍ତିର ଚରମ ପରିପ୍ରକାଶ। ଅତ୍ୟାଚାର ଓ ନିଷ୍ପେଷଣ ବିରୁଦ୍ଧରେ ଏହା ଏକ ମହାନ୍ ବିସ୍ଫୋରଣ, ବୈଜ୍ଞାନିକ ଚିନ୍ତା ଓ ଚେତନାର ଏକ ଅଗ୍ନିମୟୀ ରୂପାନ୍ତର। ରୁଷ ବିପ୍ଳବର କାରଣ ଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା।

## ସାମାଜିକ ଅସମତା ଓ ଅସନ୍ତୋଷ

୧୯୧୭ ବିପ୍ଳବ ପୂର୍ବରୁ ରୁଷିଆ ସମାଜ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ ହୋଇଥିଲା। ଯଥା – ସମ୍ଭ୍ରାନ୍ତ ବା ଉଚ୍ଚଶ୍ରେଣୀ ଓ ସର୍ବହରା ବା ନିମ୍ନଶ୍ରେଣୀ। ବିଭବଶାଳୀ ଓ ସାମନ୍ତଗୋଷ୍ଠୀ ଉଚ୍ଚଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥିବା ସ୍ଥଳେ ଦରିଦ୍ର, ଶ୍ରମିକ ଓ କୃଷିଭୃତ୍ୟ ବା ସର୍ଫମାନେ ନିମ୍ନଶ୍ରେଣୀର ଅନ୍ତର୍ଭୁକ୍ତ ଥିଲେ। ଏହି ମୁଷ୍ଟିମେୟ ସମ୍ଭ୍ରାନ୍ତ ଶ୍ରେଣୀ ଜାର୍‌ଙ୍କ ସ୍ୱେଚ୍ଛାଚାର ଶାସନର ଦୃଢ଼ ସମର୍ଥକ ଥିଲେ ଓ ଦେଶର ସମସ୍ତ ଉଚ୍ଚ ପଦ ପଦବୀର ଅଧିକାରୀ ଥିଲେ। ସେମାନେ ଦେଶର ଅଧିକାଂଶ ଜମିର ମାଲିକ ଥିଲେ। ଅନ୍ୟ ପକ୍ଷରେ ଶ୍ରମିକ ଶ୍ରେଣୀ, କୃଷିଭୃତ୍ୟ ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ ଥିଲେ। ସେମାନେ ସମ୍ଭ୍ରାନ୍ତମାନଙ୍କ ଜମି ଚାଷ କରି ଓ ବିଭିନ୍ନ ପ୍ରକାର ସେବା କରି ଜୀବିକା ନିର୍ବାହ କରୁଥିଲେ। ସେମାନେ ଥିଲେ ସମ୍ଭ୍ରାନ୍ତମାନଙ୍କର କ୍ରୀତଦାସ। କାଳକ୍ରମେ ଏହି ଘୃଣ୍ୟ କ୍ରୀତଦାସ ପ୍ରଥାକୁ ଲୋପ କରାଯାଇଥିଲେ ମଧ୍ଯ ସେମାନଙ୍କର ଦୁଃଖ ଦୁର୍ଦ୍ଦଶାର ଅବସାନ ହୋଇ ନଥିଲା। ସେଥିପାଇଁ ଗରିବ ଓ ନିମ୍ନବର୍ଗର ଲୋକମାନେ ବିପ୍ଳବ ମାଧ୍ୟମରେ ଏହି ସାମାଜିକ ସ୍ଥିତିକୁ ପରିବର୍ତ୍ତନ କରିବାକୁ ଚାହିଁଥିଲେ। ଏହି ସାମାଜିକ ବୈଷମ୍ୟ କ୍ରମଶଃ ଶ୍ରେଣୀ ସଂଘର୍ଷର ରୂପ ନେଇ, ଅବଶେଷରେ ଏକ ମହାନ୍ ବିପ୍ଳବରେ ପରିଣତ ହେଲା।

## ଅର୍ଥନୈତିକ କାରଣ

ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ଫଳରେ ଋଷିଆରେ ଚାଷଜମି ଗୁଡ଼ିକ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବିଭକ୍ତ ହେବାରୁ ତାହା କ୍ରମଶଃ ଚାଷ ପାଇଁ ଅନୁପଯୁକ୍ତ ହୋଇଗଲା। ପ୍ରାଚୀନ କୃଷି ପ୍ରଣାଳୀର ପ୍ରଚଳନ ହେତୁ, କୃଷି ଉତ୍ପାଦନ ପରିମାଣ କମି ଯିବାରୁ, ଦେଶ ବାରମ୍ୱାର ଦୁର୍ଭିକ୍ଷ ଓ ମହାମାରୀର ଶିକାର ହେଲା। ଫଳରେ ସମଗ୍ର ଋଷିଆରେ ଦାରିଦ୍ର୍ୟ, କ୍ଷୁଧା ଓ ବ୍ୟାଧିର ନଗ୍ନରୂପ ପରିଦୃଷ୍ଟ ହେଲା। ୧୮୬୧ ଖ୍ରୀ: ପରେ ଋଷରେ ଶିଳ୍ପ ବିପ୍ଳବର ଦ୍ରୁତ ପ୍ରସାର ହୋଇଥିଲା। କଳ କାରଖାନାର ପ୍ରସାର ଯୋଗୁଁ ସମାଜରେ ଏକ ଶକ୍ତିଶାଳୀ ଶ୍ରମିକ ଶ୍ରେଣୀ ସୃଷ୍ଟି ହେଲା। ମାତ୍ର କଳାକାରଖାନାମାନଙ୍କରେ ନୂଆ ନୂଆ ମେସିନର ପ୍ରଚଳନ ଫଳରେ ଶ୍ରମିକମାନେ ବହୁ ସଂଖ୍ୟାରେ ବେକାର ହୋଇଗଲେ। ସେମାନେ ଅଧିକ ସମୟ କାମ କରି ସ୍ୱଳ୍ପ ବେତନ ପାଇବା ସହିତ, ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବିକା ନିର୍ବାହ କରିବାକୁ ବାଧ୍ୟ ହେଲେ। ଅନ୍ୟ ପକ୍ଷରେ କଳକାରଖାନାର ମାଲିକମାନେ ଶ୍ରମିକମାନଙ୍କ ଉନ୍ନତି ପ୍ରତି ଦୃଷ୍ଟି ନ ଦେଇ ନିଜ ସ୍ୱାର୍ଥ ପ୍ରତି ଅଧିକ ନଜର ଦେଲେ। ଶ୍ରମିକମାନଙ୍କର କୌଣସି ରାଜନୈତିକ ଅଧିକାର ନଥିଲା। ତେଣୁ କାଳକ୍ରମେ ସେମାନେ ଟ୍ରେଡ୍ ୟୁନିୟନ (Trade Union) ଗଠନ କରି ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ବିଚାର ଆଲୋଚନା ପାଇଁ ପ୍ରସ୍ତୁତ ହେଲେ। ସେମାନେ କାର୍ଲ ମାର୍କସ୍‌ଙ୍କ ପ୍ରଣୀତ ସାମ୍ୟବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ଋଷର ସମସ୍ତ କଳକାରଖାନାର ପରିଚାଳନାରେ ଶ୍ରମିକମାନଙ୍କର ନିୟନ୍ତ୍ରଣ ସାବ୍ୟସ୍ତ କରିବା ପାଇଁ ଅଧିକ ଯତ୍ନବାନ ହେଲେ। ଫଳରେ ଋଷରେ ଶ୍ରମିକମାନେ ଔଦ୍ୟୋଗିକ କ୍ଷେତ୍ରରେ ବୈପ୍ଳବାତ୍ମକ ପରିବର୍ତ୍ତନ ପାଇଁ ଚେଷ୍ଟିତ ହେଲେ।

## ରାଜନୈତିକ କାରଣ

## ଜାରମାନଙ୍କ ନିରଙ୍କୁଶ ଶାସନ

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରୁ ୧୯୧୭ ମସିହା ପର୍ଯ୍ୟନ୍ତ ଋଷିଆ ରୋମାନୋଭ ରାଜବଂଶର ସମ୍ରାଟ ବା ଜାରଙ୍କ ଦ୍ୱାରା ଶାସିତ ହୋଇ ଆସୁଥିଲା। ସେମାନଙ୍କ ହାତରେ ସାମ୍ରାଜ୍ୟର ସମସ୍ତ ଶକ୍ତି କେନ୍ଦ୍ରୀଭୂତ ହୋଇଥିବାରୁ, ସେମାନେ ଥିଲେ ଅତ୍ୟନ୍ତ ସ୍ୱେଚ୍ଛାଚାରୀ, କୁଶାସନର ମୂର୍ତ୍ତିମନ୍ତ ପ୍ରତୀକ ଓ ଦୈବଦତ୍ତ ଅଧିକାର ମତବାଦ (Theory of Divine Right)ର ଦୃଢ଼ ସମର୍ଥକ। ସେମାନଙ୍କ ଦୃଷ୍ଟିରେ ଋଷିଆର ଡ୍ୟୁମା (Duma) ବା ସଂସଦର କୌଣସି ମହତ୍ତ୍ୱ ନଥିଲା ଓ ତାହା କେବଳ ନାମକୁ ମାତ୍ର ତିଷ୍ଠି ରହିଥିଲା। ଜାର୍‌ମାନେ ରାଜ୍ୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି କରିବା ସହିତ ବିନା କାରଣରେ ସେମାନଙ୍କୁ ବରଖାସ୍ତ ମଧ୍ୟ କରିପାରୁଥିଲେ। ଜାର୍‌ଙ୍କ ସରକାର ଯେକୌଣସି ବ୍ୟକ୍ତିକୁ କାରାଦଣ୍ଡ ଦେଉଥିଲେ କିମ୍ବା ସୁଦୂର ସାଇବେରିଆର ବରଫାବୃତ ଅଞ୍ଚଳକୁ ନିର୍ବାସିତ କରିପାରୁଥିଲେ।

ଶାସକ ଜାର୍‌ମାନଙ୍କର ଅତ୍ୟଧିକ ସ୍ୱେଚ୍ଛାଚାର ଓ ଦମନମୂଳକ ନୀତି ଋଷ ବିପ୍ଳବର ପଥକୁ ସୁଗମ କରିଥିଲା। ଜାର୍ ପ୍ରଥମ ଆଲେକ୍‌ଜାଣ୍ଡାର ଉଦାରବାଦୀ ଥିଲେ ହେଁ ବିପ୍ଳବ ଓ ଗଣତାନ୍ତ୍ରିକ ଚିନ୍ତାଧାରାର ସେ ଶତ୍ରୁ ଥିଲେ। ୧୮୫୬ରେ କ୍ରିମିଆ ଯୁଦ୍ଧରେ ଜାର ପ୍ରଥମ ନିକୋଲସ୍‌ଙ୍କର ଯେଉଁ ବିପର୍ଯ୍ୟୟ ହେଲା, ତାର ମୂଳ କାରଣ ଥିଲା ଜାର୍‌ଙ୍କର କୁଶାସନ ଓ ସେଥିପ୍ରତି ପ୍ରଜାମାନଙ୍କର ଗଭୀର ବିତୃଷ୍ଣା, ଅସନ୍ତୋଷ ଓ ଅସହଯୋଗ। ତାଙ୍କ ପରେ ମୁକ୍ତିଦାତା ଜାର ଦ୍ୱିତୀୟ ଆଲେକ୍‌ଜାଣ୍ଡାର ଦେଶବାସୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଦାସତ୍ୱ ଓ କୃଷିଭୃତ୍ୟ ପ୍ରଥା ୧୮୬୧ ମସିହାରେ ଉଠାଇ ଦେଇ, ଶାସନ କ୍ଷେତ୍ରରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କଲେ। କିନ୍ତୁ ରାଜତ୍ୱର ଶେଷ ବେଳକୁ ଏହି ସଂସ୍କାରବାଦୀ ଜାର ଦମନମୂଳକ ନୀତି ଅବଲମ୍ବନ କରିବାରୁ ଅବଶେଷରେ ସେ ନିହିଲିଷ୍ଟ ବିଦ୍ରୋହୀମାନଙ୍କ ହାତରେ ନିହତ ହେଲେ। ତାଙ୍କ ପରେ ଜାର ତୃତୀୟ ଆଲେକ୍‌ଜାଣ୍ଡାର ଓ ଦ୍ୱିତୀୟ ନିକୋଲାସ ମଧ୍ୟ ଏକଛତ୍ରବାଦ ଓ ପ୍ରତିକ୍ରିୟାଶୀଳ ନୀତି ଅବଲମ୍ବନ କଲେ। ଜାର ଦ୍ୱିତୀୟ ନିକୋଲାସଙ୍କ ସମୟରେ ହିଁ ରୁଷ ବିପ୍ଳବ ଘଟିଥିଲା। ସେ ଜଣେ ଅଯୋଗ୍ୟ, ଦୁର୍ବଳମନା ଓ ଜିଦ୍‌ଖୋର ଶାସକ ଥିଲେ। ତାଙ୍କ ପତ୍ନୀ ଜାରିନା ତାଙ୍କ ଉପରେ ଗଭୀର ପ୍ରଭାବ ବିସ୍ତାର କରି ନିରଙ୍କୁଶ ରାଜତନ୍ତ୍ର ବିନା ସୁବିଶାଳ ରୁଷ ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇଯିବ ବୋଲି ସ୍ୱାମୀଙ୍କୁ ବୁଝାଇଥିଲେ। ସମୟ କ୍ରମେ ରାଜା ଓ ରାଣୀଙ୍କର ଅନ୍ଧବିଶ୍ୱାସର ସୁଯୋଗ ନେଇ ରାସପୁଟିନ ନାମକ ବ୍ୟକ୍ତି ସେମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲେ। ତାଙ୍କ ନିର୍ଦ୍ଦେଶରେ ଜାର୍ ସୁଯୋଗ୍ୟ ମନ୍ତ୍ରୀମାନଙ୍କୁ ବହିଷ୍କାର କରି ଅଯୋଗ୍ୟ ଓ ନିର୍ବୋଧ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେଲେ। ରୁଷର ଶାସନ କ୍ଷେତ୍ରରେ ରାସପୁଟିନଙ୍କର ଏତାଦୃଶ ନଗ୍ନ ହସ୍ତକ୍ଷେପ ଫଳରେ ଶାସନ କଳରେ ଦୁର୍ନୀତି ଓ ବିଶୃଙ୍ଖଳା ବ୍ୟାପିବାକୁ ଲାଗିଲା ଏବଂ ଜନ ଅସନ୍ତୋଷ ଓ ଉତ୍ତେଜନା ବୃଦ୍ଧି ପାଇଲା।

## ଜାର୍‌ଙ୍କର ରୁଷୀୟକରଣ ନୀତି

ଜାର୍‌ମାନଙ୍କର ରୁଷୀୟକରଣ ନୀତି ରୁଷ ବିପ୍ଳବର ଅନ୍ୟତମ କାରଣ। ଜାର୍‌ମାନେ ଇଉରୋପ ଓ ଏସିଆର ଅନେକ ଦେଶ ଜୟ କରି ଏକ ବିଶାଳ ସାମ୍ରାଜ୍ୟ ଗଠନ କରିଥିଲେ। ବିଜିତ ଦେଶର ଅଧିବାସୀମାନଙ୍କ ସହିତ ରୁଷ୍‌ର

ପୋଲ୍ (Pole), ଫିନ୍ (Fin) ପ୍ରଭୃତି ସଂଖ୍ୟାଲଘୁ ଗୋଷ୍ଠୀମାନଙ୍କୁ ସେମାନଙ୍କ ନିଜସ୍ୱ ଭାଷା, ସାହିତ୍ୟ ଓ ଚଳଣି ଛାଡ଼ି ରୁଷ୍‌ର ଭାଷା ଓ ସଂସ୍କୃତିକୁ ଗ୍ରହଣ କରିବାକୁ ବାଧ୍ୟ କଲେ। ଜାର୍‌ମାନଙ୍କର ଏହି ରୁଷୀୟକରଣ ନୀତିର ଯେଉଁମାନେ ପ୍ରତିବାଦ କଲେ, ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଗଲା। ସେମାନଙ୍କ ମଧ୍ୟରୁ ଅନେକ ଦେଶଛାଡ଼ି ଅନ୍ୟତ୍ର ପଳାୟନ କଲେ ଏବଂ ଯେଉଁମାନେ ରହିଗଲେ ସେମାନେ ବିଦ୍ରୋହୀ ହୋଇଗଲେ। ସମୟକ୍ରମେ ଯେତେବେଳେ ଜାର୍‌ମାନଙ୍କର ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ବିପ୍ଳବର ଉଦ୍‌ଯୋଗ ଆରମ୍ଭ ହେଲା, ସେମାନେ ସେତେବେଳେ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ସେହି ବିଦ୍ରୋହକୁ ସକ୍ରିୟ ସହଯୋଗ ପ୍ରଦାନ କଲେ।

## ରୁଷର ଅମଲା ଓ ସୈନ୍ୟମାନଙ୍କ ଅପାରଗତା

ରାଷ୍ଟ୍ର ଶାସନର ଉଚ୍ଚ ପଦ ପଦବୀରେ କେବଳ ଧନୀ ପରିବାରର ଲୋକେ ଅଧିଷ୍ଠିତ ହେଉଥିଲେ। ସେମାନଙ୍କ ଉପରେ ସାଧାରଣ ଲୋକଙ୍କର କୌଣସି ପ୍ରକାର ନିୟନ୍ତ୍ରଣ ନଥିଲା। ସେମାନେ କେବଳ ଜାର୍‌ମାନଙ୍କ ଆଦେଶ ପାଳନ କରିବା ବ୍ୟତୀତ, ଜନସାଧାରଣଙ୍କର କୌଣସି ସମସ୍ୟା ସମାଧାନ କରିବା ପାଇଁ ଆଗ୍ରହୀ ନଥିଲେ। ସମଗ୍ର ରୁଷରେ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଚରମ ସୀମାରେ ପହଞ୍ଚିଥିଲା। ତେଣୁ ସାଧାରଣ ଲୋକ ଏଥିରେ ଅତିଷ୍ଠ ହୋଇ ଏହାର ଆମୂଳଚୂଳ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହେଲେ।

ରୁଷ ସୈନ୍ୟବାହିନୀରେ ମଧ୍ୟ ଅନୁରୂପ ଭାବରେ ଯୋଗ୍ୟତାର ଯଥେଷ୍ଟ ଅଭାବ ଥିଲା। ବିଭିନ୍ନ ଯୁଦ୍ଧ କ୍ଷେତ୍ରରେ ରୁଷ ସୈନ୍ୟମାନେ ଯୁଦ୍ଧ ସାମଗ୍ରୀ ତଥା ଖାଦ୍ୟାଭାବ ହେତୁ ଦୟନୀୟ ଭାବରେ ପରାଜୟ ଓ ମୃତ୍ୟୁବରଣ କରୁଥିଲେ ମଧ୍ୟ ସ୍ୱେଚ୍ଛାଚାରୀ ଜାର୍‌ମାନେ ସେମାନଙ୍କୁ ଆବଶ୍ୟକୀୟ ଅସ୍ତ୍ରଶସ୍ତ୍ର ଓ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ କୌଣସି ଚିନ୍ତା କରୁ ନଥିଲେ। ଫଳରେ ରୁଷ ସୈନ୍ୟବାହିନୀର ଦୁର୍ବଳତା ପରିସ୍ଫୁଟ ହୋଇଗଲା। ପ୍ରଜାମାନଙ୍କର କ୍ରମଶଃ ହୃଦ୍‌ବୋଧ ହେଲା ଯେ ଶାସନତନ୍ତ୍ରର ସଂସ୍କାର ବିନା ରୁଷିଆର ଭବିଷ୍ୟତ ନିଶ୍ଚିତ ଭାବରେ ଅନ୍ଧକାରାଚ୍ଛନ୍ନ।

## ରୁଷ-ଜାପାନ ଯୁଦ୍ଧର ପ୍ରଭାବ

୧୯୦୪-୦୫ରେ ସଂଘଟିତ ରୁଷ-ଜାପାନ୍ ଯୁଦ୍ଧରେ ଜାପାନ ପରି କ୍ଷୁଦ୍ର ଦେଶ ବିଶାଳ ଓ ଶକ୍ତିଶାଳୀ ରୁଷିଆକୁ ଶୋଚନୀୟ ଭାବରେ ଜଳ ଓ ସ୍ଥଳ ଯୁଦ୍ଧରେ ପରାଜିତ କଲା। ଏହାଦ୍ୱାରା ଆନ୍ତର୍ଜାତିକ କ୍ଷେତ୍ରରେ ରୁଷର ସମ୍ମାନ ହ୍ରାସ ପାଇଲା। ଜନସାଧାରଣଙ୍କୁ ଯୁଦ୍ଧ ଖର୍ଚ୍ଚ ବହନ କରିବାକୁ ପଡ଼ିବାରୁ ସେମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଲା। ସେମାନଙ୍କର ଅବସ୍ଥାର ଉନ୍ନତି ପାଇଁ ହଜାର ହଜାର ସଂସ୍କାରବାଦୀ ବିପ୍ଳବୀ, କୃଷକ ଓ ଶ୍ରମିକ ୧୯୦୫ ମସିହା ଜାନୁୟାରୀ ୨୨ ତାରିଖ ରବିବାର ଦିନ ଜାର୍‌ଙ୍କୁ ଆପତ୍ତି ଜଣାଇବା ପାଇଁ ରାଜପ୍ରାସାଦକୁ ଏକ ଶୋଭାଯାତ୍ରାରେ ଯାଇଥିଲେ। କିନ୍ତୁ ଜାର ଦ୍ୱିତୀୟ ନିକୋଲାସ ଜନତାର ଆବେଦନ ଶୁଣିବା ପରିବର୍ତ୍ତେ, ସେମାନଙ୍କ ଉପରେ ଗୁଳି ଚଳାଇବା ପାଇଁ ସୈନ୍ୟବାହିନୀକୁ ଆଦେଶ ଦେଲେ। ଫଳରେ ଅନେକ ସୈନିକ ଓ ନିରସ୍ତ୍ର ନରନାରୀ ମୃତ୍ୟୁବରଣ କରିବା ସଙ୍ଗେ ସଙ୍ଗେ ବହୁ ସଂଖ୍ୟକ ଲୋକ ଆହତ ହେଲେ। ରୁଷ ଇତିହାସରେ ଏହି ଘଟଣା ରକ୍ତାକ୍ତ ରବିବାସରୀୟ ହତ୍ୟାକାଣ୍ଡ (Slaughter on Bloody Sunday) ନାମରେ ଅଭିହିତ। ଏହି ସମ୍ବାଦ ସମଗ୍ର ରୁଷିଆରେ ଉତ୍ତେଜନା

ସୃଷ୍ଟି କଲା । ଜାର୍ ପ୍ରଜାମାନଙ୍କୁ ଶାସନ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ପ୍ରତିଶ୍ରୁତି ଦେବା ଫଳରେ ବିଦ୍ରୋହୀମାନଙ୍କର କ୍ରୋଧ ଶାନ୍ତି ହେଲା । କିନ୍ତୁ ଏହା ଜନସାଧାରଣଙ୍କୁ ସଂଗ୍ରାମ ପାଇଁ ପ୍ରେରଣା ଦେଇଥିଲା ।

## ଅକ୍ଟୋବର ଇସ୍ତାହାର

୧୯୦୫ର ବିଦ୍ରୋହର ଗତିଶାନ୍ତ କରିବା ପାଇଁ ଦ୍ୱିତୀୟ ନିକୋଲାସ୍ ଲୋକମାନଙ୍କୁ କେତେକ ଅଧିକାର ପ୍ରଦାନ କରିବାକୁ ସ୍ଥିର କଲେ ଓ ଏଥିପାଇଁ ଅକ୍ଟୋବର ମାସରେ ଏକ ଘୋଷଣାନାମା ପ୍ରକାଶ ପାଇଲା । ଏହା ଅକ୍ଟୋବର ଇସ୍ତାହାର (The October Manifesto) ନାମରେ ଖ୍ୟାତ । ଏହାଦ୍ୱାରା ଲୋକମାନଙ୍କୁ କେତେକ ସୁବିଧା ଦେବା ସହିତ ସେ ୧୯୦୬ ମସିହା ମେ ୬ ତାରିଖ ଦିନ ପ୍ରଥମ ଡୁମା (Duma) ବା ପାର୍ଲାମେଣ୍ଟ ଆହ୍ୱାନ କଲେ । କିନ୍ତୁ ଏହା ଜାରଙ୍କ କ୍ରୀଡ଼ନକ ହିସାବରେ କାମ କରିବାରୁ, ରୁଷିଆରେ ସଂସଦୀୟ ବ୍ୟବସ୍ଥା ଏକ ପ୍ରହସନରେ ପରିଣତ ହେଲା । ପ୍ରଜାମାନଙ୍କୁ ରାଜନୈତିକ ଅଧିକାର ଦେବା ପରିବର୍ତ୍ତେ ଅନେକଙ୍କୁ ବନ୍ଦୀ କରାଗଲା, ସନ୍ଦେହରେ ହତ୍ୟା କରାଗଲା କିମ୍ବା ସାଇବେରିଆକୁ ନିର୍ବାସନରେ ପଠାଇ ଦିଆଗଲା । ଏସବୁ ଦ୍ୱାରା ଜନ ଅସନ୍ତୋଷ ଦ୍ୱିଗୁଣିତ ହେଲା ।

## ବୈପ୍ଳବିକ ଚିନ୍ତାଧାରା : ତାତ୍ତ୍ୱିକ କାରଣ

ରୁଷିଆର ଜାର୍‌ମାନେ ପାଶ୍ଚାତ୍ୟ ଜଗତର ଉଦାରବାଦୀ ଚିନ୍ତାଧାରାରୁ ରୁଷିଆର ଜନସାଧାରଣଙ୍କୁ ଅପହଞ୍ଚ କରିବା ପାଇଁ ଆପ୍ରାଣ ଉଦ୍ୟମ ଅବ୍ୟାହତ ରଖିଥିଲେ ମଧ୍ୟ ସେହି ବୈପ୍ଳବିକ ଚିନ୍ତାଧାରା ରୁଷିଆରେ ଧୀରେ ଧୀରେ ପ୍ରବେଶ କରି ସେମାନଙ୍କୁ ଅନେକାଂଶରେ ପ୍ରଭାବିତ କରିଥିଲା । ଟଲଷ୍ଟୟ, ଟରଗେନେଭ, ଦସ୍ତୋଭିସ୍କି, ମାକ୍ସିମ୍ ଗର୍କି ପ୍ରଭୃତି ମହାନ୍ ଲେଖକମାନେ ନୂତନ ଦର୍ଶନ ଓ ଚିନ୍ତାଧାରା ପ୍ରସାରଣ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ଦାର୍ଶନିକ କାର୍ଲମାର୍କସ୍ ତାଙ୍କର ସାମ୍ୟବାଦ ତତ୍ତ୍ୱ ପ୍ରଚାର କରି ରୁଷବାସୀଙ୍କୁ ଅନୁପ୍ରାଣିତ କରିଥିଲେ । ୧୮୪୮ ମସିହାରେ ଏଞ୍ଜେଲସ୍‌ଙ୍କ ସହିତ ମିଶି ସେ ଯେଉଁ ଯୁଗାନ୍ତକାରୀ ପୁସ୍ତକ ''କମ୍ୟୁନିଷ୍ଟ ଘୋଷଣାପତ୍ର'' (Communist Manifesto) ପ୍ରକାଶ କରିଥିଲେ ତାହା ପ୍ରତ୍ୟେକ ସମାଜରେ ଶୋଷକ ଓ ଶୋଷିତ ଶ୍ରେଣୀ ମଧ୍ୟରେ ଶ୍ରେଣୀ ସଂଘର୍ଷର ସୂତ୍ରପାତ କଲା । ଏହା ରୁଷବାସୀଙ୍କ ହୃଦୟରେ ଏପରି ଗଭୀର ରେଖାପାତ କଲା ଯେ ସେମାନେ ଗୋଟିଏ ବିପ୍ଳବ ଘୋଷଣା କରିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଗଲେ ।

ଊନବିଂଶ ଶତାବ୍ଦୀର ଶେଷ ଦୁଇ ଦଶକ ମଧ୍ୟରେ ରୁଷିଆରେ ଶିଳ୍ପ ପ୍ରସାର ସେ ଦେଶରେ ପୁଞ୍ଜିପତି ଓ ଶ୍ରମିକ ଶ୍ରେଣୀକୁ ଜନ୍ମ ଦେଲା । ଏଥି ସହିତ ଆରମ୍ଭ ହେଲା ମାଲିକ ଶ୍ରମିକ ସଂଘର୍ଷ, ଶ୍ରମିକ ସମସ୍ୟା, ସହରାଞ୍ଚଳ ସୃଷ୍ଟି ଓ ଅନ୍ୟାନ୍ୟ ସମସ୍ୟା । କାର୍ଲ ମାର୍କସ୍‌ଙ୍କର ସମାଜବାଦୀ ଚିନ୍ତାଧାରା ମାକ୍ସିମ୍ ଗର୍କି, ଦସ୍ତୋଭସ୍କି ପ୍ରଭୃତି ମହାନ୍ ଲେଖକଙ୍କ ଲେଖା ଜରିଆରେ ପ୍ରସାର ଲାଭ କଲା । ସେହିପରି ରୁଷରେ ପୁରାତନ ଅନୁଷ୍ଠାନଗୁଡ଼ିକ ଧ୍ୱଂସ କରି ନୂତନ ସମାଜର ଗଠନ ପାଇଁ ବାକୁନିନ୍ (Bakunin) ଙ୍କ ଆହ୍ୱାନ ଏକ ଜାଗରଣ ସୃଷ୍ଟି କଲା । ଫଳରେ ରୁଷିଆରେ ନେତିବାଦ (Nihilism) ନାମକ ଏକ ନୂତନ ଦର୍ଶନର ଅଭ୍ୟୁଦୟ ହେଲା । ନିହିଲିଷ୍ଟମାନେ ପ୍ରଚଳିତ ରାଜନୈତିକ, ସାମାଜିକ ଓ

ଧର୍ମଗତ ଅନୁଷ୍ଠାନର ଧ୍ୱଂସ କରି ଏକ ନୂତନ ପୃଥିବୀ ଗଠନ ପାଇଁ ବଦ୍ଧ ପରିକର ହୋଇ, ହିଂସାତ୍ମକ ପନ୍ଥା ଓ ଆତଙ୍କରାଜର ଆଶ୍ରୟ ନେଲେ । ଜାର ଆଲେକ୍‌ଜାଣ୍ଡାର ଦ୍ୱିତୀୟ ୧୮୮୧ରେ ନିହିଲିଷ୍ଟମାନଙ୍କ ଦ୍ୱାରା ନିହତ ହେଲେ ।

## ଲେନିନ୍‌ଙ୍କ ପ୍ରଭାବ

ରୁଷର ଜଣେ ମହାନ୍ ବିପ୍ଳବୀ ଲେନିନ୍ କାର୍ଲମାର୍କସଙ୍କ ସାମ୍ୟବାଦୀ ଚିନ୍ତାଧାରା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ୧୮୭୦ ମସିହାରେ ସେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । କାଜନ୍ ବିଶ୍ୱବିଦ୍ୟାଳୟରେ ସେ ଆଇନ୍ ଛାତ୍ର ରୂପେ ଅଧ୍ୟୟନ କଲାବେଳେ ମାର୍କସ୍‌ବାଦ ଦ୍ୱାରା ପ୍ରଭାବିତ ହୋଇ ବିଭିନ୍ନ ବୈପ୍ଳବିକ ସଂଗଠନ ସହିତ ଗୋପନ ସମ୍ପର୍କ ରଖିଥିଲେ । ତାଙ୍କ ବଡ଼ଭାଇଙ୍କ ଅନ୍ୟାୟ ମୃତ୍ୟୁଦଣ୍ଡ ପାଇଁ ସେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଜାରତନ୍ତ୍ରର ଦୃଢ଼ ବିରୋଧୀ ଥିବାରୁ, ତାଙ୍କୁ ଜାର ଦ୍ୱିତୀୟ ନିକୋଲାସ ବନ୍ଦୀ କରି ସାଇବେରିଆରେ ନିର୍ବାସନ ଦଣ୍ଡ ଦେଇଥିଲେ । ସେଠାରୁ ଫେରି ସେ ୧୯୦୦ ମସିହାରୁ ଦୀର୍ଘ ୧୭ ବର୍ଷ ପର୍ଯ୍ୟନ୍ତ ସୁଇଜରଲାଣ୍ଡରେ ଅବସ୍ଥାନ କରିଥିଲେ । ସେଠାରୁ ସେ ରୁଷ ବିପ୍ଳବୀମାନଙ୍କୁ ଜାରତନ୍ତ୍ର ବିରୁଦ୍ଧରେ ପ୍ରେରଣା ଦେବାକୁ ଲାଗିଲେ । ୧୯୦୫ ମସିହାରେ ଜାର୍‌ଙ୍କ ବିରୁଦ୍ଧରେ ଆନ୍ଦୋଳନ ଚାଲିଥିବା ବେଳେ ସେ ଅଳ୍ପ ସମୟ ପାଇଁ ରୁଷିଆକୁ ଆସି ମସ୍କୋ, ପେଟ୍ରୋଗାଡ୍ ଆଦି ମୁଖ୍ୟ ସହରଗୁଡ଼ିକରେ ଶ୍ରମିକମାନଙ୍କର ଗୋଟିଏ ଗୋଟିଏ ସୋଭିଏତ୍ (Soviet) ବା ଗୁପ୍ତ ସମିତି ଗଠନ କରି ଧର୍ମଘଟ ଆରମ୍ଭ କରିଦେଲେ । ଜାର୍ ଏହି ସଂଗଠନକୁ ବେଆଇନ୍ ଘୋଷଣା କରି ବିଦ୍ରୋହକୁ ଦୃଢ଼ ହସ୍ତରେ ଦମନ କରିବାରୁ ଲେନିନ୍ ଦେଶଛାଡ଼ି ବିଦେଶକୁ ପଳାଇବାକୁ ବାଧ୍ୟ ହେଲେ ।



ବିଶ୍ୱଯୁଦ୍ଧ ଚାଲିଥିବା ବେଳେ ରୁଷିଆରେ ଦାରୁଣ ସାମରିକ ବିପର୍ଯ୍ୟୟ ଘଟିଲା । ଏହାର ସୁଯୋଗ ନେଇ ଲେନିନ୍ ଜର୍ମାନୀ ସାହାଯ୍ୟରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ଲେନିନ୍‌ଙ୍କ ଅନୁଗତ ବିପ୍ଳବୀମାନଙ୍କ ମଧ୍ୟରେ ଲିଓନ୍ ଟ୍ରଟ୍‌ସ୍କି (Leon Trostsky) ଓ ଜୋସେଫ ଷ୍ଟାଲିନ୍ (Joseph Stalin) ଥିଲେ ଅନ୍ୟତମ । ସେମାନେ ଲେନିନ୍‌ଙ୍କୁ ତାଙ୍କର ଲକ୍ଷ୍ୟ ପୂରଣ କରିବାରେ ସଂପୂର୍ଣ୍ଣ ସହଯୋଗ ଓ ସମର୍ଥନ ପ୍ରଦାନ କରିଥିଲେ ।

୧୯୦୩ ମସିହାରେ ରୁଷର ବିପ୍ଳବୀମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି ହୋଇଥିଲା । ଯେଉଁ ଅଧିକ ଉଗ୍ରବାଦୀ ସଭ୍ୟମାନେ ଲେନିନ୍‌ଙ୍କ ନେତୃତ୍ୱରେ ପୃଥକ୍ ହୋଇଗଲେ, ସେମାନେ ବଲ୍‌ସେଭିକ (Bolshevik) ନାମରେ ଏବଂ ମଧ୍ୟମପନ୍ଥୀ ଗୋଷ୍ଠୀ ମେନ୍‌ଶେଭିକ୍ (Menshevik) ନାମରେ ପରିଚିତ ହେଲେ ।

## ଆଶୁ କାରଣ

ପ୍ରଥମ ବିଶ୍ୱ ଯୁଦ୍ଧରେ ବ୍ରିଟେନ ଓ ଫ୍ରାନ୍‌ସ ସହିତ ରୁଷିଆ ଯୋଗ ଦେଇ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା । ମାତ୍ର ରୁଷରେ ଜନମତ ଯୁଦ୍ଧ ବିରୋଧୀ ଥିଲା ଏବଂ ତାର ସୈନ୍ୟବାହିନୀ ଅତ୍ୟନ୍ତ ଦୁର୍ବଳ ଥିବାରୁ, ଜର୍ମାନୀର

ସଂଗଠିତ ସାମରିକ ଶକ୍ତି ସମ୍ମୁଖରେ ଅପ୍ରସ୍ତୁତ ରୁଷ ବାହିନୀ ଶୋଚନୀୟ ଭାବରେ ହାର ମାନିବାକୁ ବାଧ୍ୟ ହେଲା । ହଠାତ୍ ଦେଶରେ ଉତ୍କଟ ଖାଦ୍ୟାଭାବ ଦେଖା ଦେଇ ପରିସ୍ଥିତିକୁ ଅଧିକ ସଙ୍କଟମୟ କରିଦେଲା । ଫଳରେ ଲକ୍ଷ ଲକ୍ଷ ରୁଷ ସୈନ୍ୟ ଜର୍ମାନମାନଙ୍କ ହାତରେ ପରାଜୟ ବରଣ କରି ଜୀବନ ହରାଇଲେ ବା ବନ୍ଦୀ ହେଲେ । ହତୋତ୍ସାହ ଓ ଦୁର୍ବଳ ରୁଷ ସୈନ୍ୟମାନେ ଆଉ ଯୁଦ୍ଧ କରିବାକୁ ସମ୍ମତ ନହୋଇ ଜନସାଧାରଣଙ୍କ ସହ ମିଶି ବିଦ୍ରୋହ କରିବାକୁ ପ୍ରସ୍ତୁତ ହେଲେ । କର ଭାରରେ ପ୍ରଜାମାନେ ଅତିଷ୍ଠ ହେଲେ । କୃଷକ ଓ ଶ୍ରମିକମାନେ ଧର୍ମଘଟ ଆରମ୍ଭ କରିଦେଲେ । କ୍ରମଶଃ ରୁଷିଆର ଆଭ୍ୟନ୍ତରୀଣ ଅବସ୍ଥା ଅସମ୍ଭାଳ ହୋଇ ଉଠିଲା । ଅବଶେଷରେ ବିଦ୍ରୋହୀମାନେ ରୁଷର ଏହି ଦୁର୍ଗତି ପାଇଁ ଜାରିନାଙ୍କ ଉପରେ ପ୍ରଭାବ ବିସ୍ତାର କରିଥିବା ଶଠ ରାସପୁଟିନ୍‌କୁ ଦାୟୀକରି ତାଙ୍କୁ ୧୯୧୬ ମସିହାରେ ଷଡ଼ଯନ୍ତ୍ର କରି ହତ୍ୟା କଲେ ।

ଏହିପରି ଭାବରେ ରୁଷିଆ ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବରୁ ଅସନ୍ତୋଷ, ଅତ୍ୟାଚାର, ବିଶୃଙ୍ଖଳା, ଷଡ଼ଯନ୍ତ୍ର ଓ ବିଦ୍ରୋହର ଏକ ବାରୁଦ ସ୍ତୂପରେ ପରିଣତ ହୋଇଗଲା । ପ୍ରଥମ ବିଶ୍ୱଯୁଦ୍ଧ ଓ ରୁଷିଆର ପରବର୍ତ୍ତୀ ଘଟଣାବଳୀ ଉକ୍ତ ବାରୁଦ ସ୍ତୂପରେ ଅଗ୍ନି ସଂଯୋଗ କରି ପ୍ରବଳ ବିସ୍ଫୋରଣ ଘଟାଇବାରେ ସମର୍ଥ ହୋଇଥିଲା ।

## ବିପ୍ଲବର ପ୍ରଥମ ପର୍ଯ୍ୟାୟ

୧୯୧୭ ମସିହା ମାର୍ଚ୍ଚ ୮ ତାରିଖ ଦିନ ରୁଷିଆର ରାଜଧାନୀ ପେଟ୍ରୋଗ୍ରାଡ଼ (ପିଟସବର୍ଗ) ଠାରେ ଶ୍ରମିକମାନେ ଧର୍ମଘଟ ଘୋଷଣା କଲେ । ବିପ୍ଲବୀମାନଙ୍କର ସ୍ଲୋଗାନ ଥିଲା ''ରୋଟି ଓ ସ୍ୱାଧିନତା'' । ସାଧାରଣ ଜନତା ସେମାନଙ୍କ ସହିତ ଯୋଗଦେଲେ । ବିକ୍ଷୋଭ ପ୍ରବଳ ହେଲା । ବିପ୍ଲବୀମାନେ ସରକାରୀ କୋଠାବାଡ଼ି ଦଖଲ କରିନେବା ସହିତ, କାରାଗାର ଭାଙ୍ଗି ରାଜନୈତିକ ବ୍ୟକ୍ତିମାନଙ୍କୁ ବନ୍ଦୀ ମୁକ୍ତ କଲେ । ବିକ୍ଷୋଭକୁ ଦମନ କରିବା ନିମିତ୍ତ ଜାର୍ ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେଲେ; ମାତ୍ର ସେମାନେ ବିପ୍ଲବୀମାନଙ୍କ ସହିତ ହାତ ମିଳାଇବାରୁ ଅବସ୍ଥା ଅଧିକ ଅସମ୍ଭାଳ ହୋଇପଡ଼ିଲା । ୧୯୧୭ ମାର୍ଚ୍ଚ ୧୨ ତାରିଖ ଦିନ ବିଦ୍ରୋହୀମାନେ ପେଟ୍ରୋଗାଡ଼ ସହର ଦଖଲ ପରେ ମସ୍କୋ ସହର ମଧ୍ୟ ଦଖଲ କରିନେଲେ । ବିପ୍ଲବର ପରିଚାଳନା ପାଇଁ ମାର୍ଚ୍ଚ ୧୪ ତାରିଖରେ ଶ୍ରମିକ ଓ ସୈନ୍ୟମାନଙ୍କର ଏକ ବିପ୍ଲବୀ ପରିଷଦ ବା ସୋଭିଏତ୍ (Revolutionary Commune or Soviet) ଗଠିତ ହେଲା । ଏପରି କାର୍ଯ୍ୟ ପଛରେ ରୁଷିଆର ପାର୍ଲାମେଣ୍ଟ ବା ଡୁମା (Duma) ର ପ୍ରଚ୍ଛନ୍ନ ସମର୍ଥନ ରହିଥିବାର ସନ୍ଦେହ କରି ଜାର ଦ୍ୱିତୀୟ ନିକୋଲାସ୍ ଡୁମାକୁ ଭାଙ୍ଗି ଦେବାକୁ ଆଦେଶ ଦେଲେ । ମାତ୍ର ଡୁମାର ସଂଖ୍ୟାଧିକ ପ୍ରଗତିଶୀଳ ସଦସ୍ୟ ଏହି ଆଦେଶକୁ ଅମାନ୍ୟ କରି ବିପ୍ଲବକୁ ପ୍ରତ୍ୟକ୍ଷ ସମର୍ଥନ କରିବା ସହିତ ଜାରଙ୍କୁ ଅବିଳମ୍ବେ ସିଂହାସନ ତ୍ୟାଗ କରିବାକୁ ନିର୍ଦ୍ଦେଶ ଦେଲେ । ଅବସ୍ଥା କ୍ରମଶଃ ଗୁରୁତର ଆକାର ଧାରଣ କରିବାରୁ ଏବଂ ସିଂହାସନ ରକ୍ଷା ପାଇଁ ଜାରଙ୍କ ସମସ୍ତ ଉଦ୍ୟମ ବିଫଳ ହେବାରୁ, ଅବଶେଷରେ ୧୯୧୭ ମାର୍ଚ୍ଚ ୧୫ ରେ ଜାର ସିଂହାସନ ପରିତ୍ୟାଗ କରି ରୁଷିଆରୁ ପଳାୟନ କଲେ । ରୁଷିଆରେ ଦୀର୍ଘ ୩୦୦ ବର୍ଷରୁ ଊର୍ଦ୍ଧ୍ୱ ରୋମାନୋଭ ରାଜବଂଶର ଏକଛତ୍ର ଶାସନର ଅବସାନ ଘଟିଲା । ବିପ୍ଲବର ପ୍ରଥମ ପର୍ଯ୍ୟାୟ ଶେଷ ହେଲା । ରୁଷ୍ ଦେଶର ତତ୍‌କାଳୀନ ବର୍ଷପଞ୍ଜୀ ଅନୁସାରେ ଫେବୃୟାରୀ ୨୭ ତାରିଖ ଦିନ ଜାର୍‌ଙ୍କର ପତନ ହୋଇଥିବାରୁ ଏହି ବିପ୍ଲବକୁ ଫେବୃୟାରୀ ବିପ୍ଲବ କୁହାଯାଏ ।

## ମେନ୍‌ଶେଭିକ ଆନ୍ଦୋଳନ : ଅସ୍ଥାୟୀ ସରକାର ପ୍ରତିଷ୍ଠା

୧୯୧୭ ମସିହା ମାର୍ଚ୍ଚ ୧୫ ତାରିଖରେ ରୁଷିଆରେ ଜାରତନ୍ତ୍ରର ପତନ ପରେ ପେଟ୍ରୋଗାଡ଼ଠାରେ ପ୍ରିନ୍‌ସ୍ ଲୋଭବ (Prince Lovov)ଙ୍କ ନେତୃତ୍ୱରେ ଏକ ଅସ୍ଥାୟୀ ବା ମଧ୍ୟବର୍ତ୍ତୀକାଳୀନ ସରକାର ଗଠିତ ହେଲା। ଏହି ସରକାରର ଅଧିକାଂଶ ସଦସ୍ୟ ମୁଖ୍ୟତଃ ପ୍ରଗତିପନ୍ଥୀ ଗଣତନ୍ତ୍ରବାଦୀ ଥିଲେ। ଏହି ସରକାର ଅନେକ ରାଜନୈତିକ ସଂସ୍କାର ଗ୍ରହଣ କରିବା ସହିତ ଅନ୍ତିମ ବିଜୟ ହାସଲ କରିବା ପର୍ଯ୍ୟନ୍ତ ବିଶ୍ୱଯୁଦ୍ଧ ଚାଲୁ ରଖିବା ପାଇଁ ନିଷ୍ପତ୍ତି ଗ୍ରହଣ କଲେ। କିନ୍ତୁ ଅନଗ୍ରସର ତଥା ବିପ୍ଳବ ଅଧ୍ୟୁଷିତ ରୁଷିଆରେ ସେତେବେଳେ ରାଜନୈତିକ ସଂସ୍କାର ଅପେକ୍ଷା ଅର୍ଥନୈତିକ ସଂସ୍କାରର ଅଧିକ ଆବଶ୍ୟକତା ଥିଲା। ସୁତରାଂ ନୂତନ ସରକାରଙ୍କର କାର୍ଯ୍ୟ କଳାପରେ ଅସନ୍ତୋଷ ପ୍ରକାଶ କରି ମଧ୍ୟମପନ୍ଥୀ ସମାଜବାଦୀ ବା ମେନ୍‌ଶେଭିକ୍‌ମାନେ ଏହି ସରକାରର ପତନ ଘଟାଇ ସେମାନଙ୍କର ନେତା ଆଲେକ୍‌ଜାଣ୍ଡାର କେରେନସ୍କି (Alexander Kerenesky) ଙ୍କ ନେତୃତ୍ୱରେ ଏକ ଅସ୍ଥାୟୀ ସରକାର ଗଠନ କଲେ। କିନ୍ତୁ ନୂତନ ସରକାର ରୁଷ ଜନସାଧାରଣଙ୍କର ଚାରୋଟି ମୁଖ୍ୟ ଦାବୀ ଅର୍ଥାତ୍ ଦେଶରେ ଶାନ୍ତିରକ୍ଷା, ଜମି ଉପରେ କୃଷକର ଅଧିକାର ପ୍ରତିଷ୍ଠା, ଶ୍ରମିକମାନଙ୍କ ଦ୍ୱାରା କାରଖାନା ନିୟନ୍ତ୍ରଣ ଓ ଅଣ-ରୁଷବାସୀଙ୍କୁ ସମାନ ସୁବିଧା ସୁଯୋଗ ଦାନ କରିବାରେ ଅସମର୍ଥ ହେବାରୁ ଏହି ସରକାର ବିରୋଧରେ ଜନ ଅସନ୍ତୋଷ ବୃଦ୍ଧି ପାଇଲା। ମାର୍କସ୍‌ବାଦୀ ବିପ୍ଳବୀମାନେ କେରେନସ୍କିଙ୍କ ମେନଶେଭିକ ସରକାରଙ୍କୁ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କଲେ। ସେମାନେ ଏକ ପ୍ରକୃତ ସମାଜବାଦୀ ସରକାର ଗଠନ ପାଇଁ ପ୍ରସ୍ତୁତ ହେଲେ।

## ବିପ୍ଳବ ଦ୍ୱିତୀୟ ପର୍ଯ୍ୟାୟ : ବଲଶେଭିକ ଆନ୍ଦୋଳନ

ରୁଷିଆର ଏହି ଘଡ଼ିସନ୍ଧି ସମୟରେ ସୁଇଜରଲାଣ୍ଡରେ ନିର୍ବାସିତ ଜୀବନଯାପନ କରୁଥିବା ଲେନିନ୍ ରୁଷକୁ ଫେରିଆସି ବିଦ୍ରୋହୀ ସୋଭିଏତ୍ ଓ ବଲ୍‌ଶେଭିକମାନଙ୍କ ନେତୃତ୍ୱ ଗ୍ରହଣ କଲେ। କଳକାରଖାନାର ଶ୍ରମିକ ସଂପ୍ରଦାୟ, କୃଷକ ଶ୍ରେଣୀ ଓ ସୈନିକମାନେ ମିଳିତ ଭାବରେ ସାମ୍ୟବାଦ ରାଷ୍ଟ୍ର ଗଠନ କରି ସାମ୍ୟବାଦର ସୁଫଳ ଭୋଗ କରିବା ଥିଲା ଲେନିନ୍‌ଙ୍କର ପ୍ରଧାନ ଲକ୍ଷ୍ୟ। ତାଙ୍କ ନେତୃତ୍ୱରେ ୧୯୧୭ ମସିହା ନଭେମ୍ବର ୬-୭ ତାରିଖ ମଧ୍ୟ ରାତ୍ରିରେ ବଲଶେଭିକ ବିଦ୍ରୋହୀମାନେ ପେଟ୍ରୋଗାଡ଼ ସହରର ସାମରିକ ଦୁର୍ଗ, ସୈନ୍ୟ ଛାଉଣି, ରେଳଷ୍ଟେସନ ପ୍ରଭୃତି ସମସ୍ତ ମୁଖ୍ୟସ୍ଥାନ ଅଧିକାର କରିନେଲେ। ଫଳରେ କେରେନେସ୍କି ସରକାରର ପତନ ହେଲା। କେରେନସ୍କି ଦେଶଛାଡ଼ି ପଳାୟନ କଲେ। ୧୯୧୭ ମସିହା ନଭେମ୍ବର ୭ ତାରିଖ ଦିନ ରୁଷିଆରେ ଲେନିନ୍‌ଙ୍କ ନେତୃତ୍ୱରେ ବଲଶେଭିକ ଦଳ କ୍ଷମତା ଗ୍ରହଣ କରି ସୋଭିଏତ୍ ସାଧାରଣତନ୍ତ୍ର (Soviet Republic) ପ୍ରତିଷ୍ଠା କଲେ। ରୁଷିଆରେ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନର ଅବସାନ ହେଲା। ରୁଷ ଦେଶର ବର୍ଷପଞ୍ଜୀ ଅନୁସାରେ ଏହି ବିପ୍ଳବ ଅକ୍ଟୋବର ୨୫ ତାରିଖରେ ସଂଘଟିତ ହୋଇଥିବାରୁ ଏହାକୁ ଅକ୍ଟୋବର ବିପ୍ଳବ ଭାବରେ ନାମିତ କରାଯାଇଛି।

୧୯୧୭ର ଫେବୃୟାରୀ ବିପ୍ଳବ ଥିଲା ଏକ ରାଜନୈତିକ ବିପ୍ଳବ। ଏଥିରେ ଜାର୍‌ମାନଙ୍କର ନିରଙ୍କୁଶ ସ୍ୱେଚ୍ଛାଚାରର ଅବସାନ ଘଟି ଏକ ବୈଧାନିକ ସରକାର ପ୍ରତିଷ୍ଠିତ ହେଲା। ଅପର ପକ୍ଷରେ ଅକ୍ଟୋବର ବିପ୍ଳବ ଥିଲା

ଏକ ଅର୍ଥନୈତିକ ଓ ସାମାଜିକ ବିପ୍ଳବ, ଯେଉଁଥିରେ ବୁର୍ଜୁଆ ସରକାରର ପତନ ଘଟି କୃଷକ ଓ ଶ୍ରମିକମାନଙ୍କର ପ୍ରାଧାନ୍ୟ ପ୍ରତିଷ୍ଠିତ ହେଲା। ଫେବୃୟାରୀ ବିପ୍ଳବରେ ମେନ୍‌ଶେଭିକମାନେ କ୍ଷମତା ଦଖଲ କରିଥିବା ସ୍ଥଳେ ଅକ୍ଟୋବର ବିପ୍ଳବରେ ବଲଶେଭିକମାନଙ୍କର ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଥିଲା। ଫେବୃୟାରୀ ବିପ୍ଳବରେ କେବଳ ଶାସନ ପଦ୍ଧତି, ସାମାଜିକ ବ୍ୟବସ୍ଥା ଓ ଆର୍ଥିକ ସଂଗଠନରେ କିଛି ମୌଳିକ ପରିବର୍ତ୍ତନ ଘଟିଥିଲା। ମାତ୍ର ଅକ୍ଟୋବର ବିପ୍ଳବ ଥିଲା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ସୁଦୂର ପ୍ରସାରୀ। ଏହି ବିପ୍ଳବର ପ୍ରଭାବ ପୃଥିବୀର ସମସ୍ତ ରାଷ୍ଟ୍ରକୁ ପ୍ରଭାବିତ କରିଥିଲା। ତେଣୁ ବିଂଶ ଶତାବ୍ଦୀର ଇତିହାସରେ ରୁଷ ବିପ୍ଳବ ଏକ ଯୁଗାନ୍ତକାରୀ ଘଟଣା ରୂପେ ପ୍ରାଧାନ୍ୟ ଲାଭ କରିଛି।

## ଋଷ ବିପ୍ଳବର ତାତ୍ପର୍ଯ୍ୟ

ବିପ୍ଳବ ଯେକୌଣସି ଦେଶରେ ହେଉନା କାହିଁକି ତାହାର ପ୍ରଭାବ ପୃଥିବୀର ଅନ୍ୟ ଦେଶମାନଙ୍କ ଉପରେ ପଡ଼ିଥାଏ। ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ଫରାସୀ ବିପ୍ଳବର ପ୍ରଭାବ ସମଗ୍ର ବିଶ୍ୱରେ ଅନୁଭୂତ ହୋଇଥିଲା। ସେପରି ଭାବରେ ରୁଷ ବିପ୍ଳବର ପ୍ରଭାବ ମଧ୍ୟ ତା' ପରବର୍ତ୍ତୀ ସମୟର ଇତିହାସକୁ ପ୍ରଭାବିତ କରିଥିଲା। ଯେପରି ଭାବରେ ଫରାସୀ ବିପ୍ଳବର 'ମୁକ୍ତି, ସାମ୍ୟ ଓ ଭ୍ରାତୃତ୍ୱ'ର ସ୍ୱର ସମଗ୍ର ବିଶ୍ୱ ଆଗରେ ରଖାଯାଇଥିଲା, ସେପରି ଭାବରେ ଋଷ ବିପ୍ଳବ ସମୟରେ ବଲ୍‌ସେଭିକମାନଙ୍କର 'ଜମି, ରୁଟି ଓ ଶାନ୍ତି' (Land, Bread and Peace)ର ଶାଣିତ ସ୍ୱର ମଧ୍ୟ ସମଗ୍ର ମାନବ ସମାଜ ଆଗରେ ଏକ ସାମାଜିକ ତଥା ଅର୍ଥନୈତିକ ନ୍ୟାୟର ବାର୍ତ୍ତା ପ୍ରସାର କରାଇଥିଲା। ତେଣୁ ବିପ୍ଳବର ତାତ୍ପର୍ଯ୍ୟ ସୁଦୂର ପ୍ରସାରୀ।

– ଋଷ ବିପ୍ଳବ ଫଳରେ ଏକଛତ୍ରବାଦୀ ଜାର ଶାସନର ଅବସାନ ଘଟିଲା ଓ ଲେନିନ୍‌ଙ୍କ ନେତୃତ୍ୱରେ ଶ୍ରମିକ, କୃଷକ ଓ ସୈନିକମାନଙ୍କୁ ନେଇ 'ସର୍ବହରାର ନିରଙ୍କୁଶ ଶାସନ' (Dictatorship of the Proletariate) ପ୍ରତିଷ୍ଠା ହେଲା। ସାମନ୍ତବାଦୀ-ପୁଞ୍ଜିବାଦୀ ଶାସନ ସ୍ଥାନରେ ସାଧାରଣ ଶ୍ରମିକ-କୃଷକଙ୍କ ଶାସନ ପ୍ରତିଷ୍ଠା ହେଲା। ପ୍ରଥମ ଥର ପାଇଁ ସାଧାରଣ ଶୋଷିତ ମଣିଷ ହାତକୁ ଶାସନ ଗଲା ଓ ଋଷରେ ମାର୍କ୍ସବାଦୀ ଆଦର୍ଶରେ ଏକ ସମ୍ବିଧାନ ପ୍ରଣୟନ କରାଯାଇ, ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ଉଦ୍ଭବ ହେଲା। ୧୯୨୩ ମସିହା ଜୁନ୍ ମାସରେ ଏହି ରାଷ୍ଟ୍ର 'ସୋଭିଏତ୍ ସାମ୍ୟବାଦୀ ସାଧାରଣତନ୍ତ୍ର ସଂଘ' (Union of Soviet Socialist Republics- USSR) ନାମରେ ନାମିତ ହେଲା।

– ଋଷ ବିପ୍ଳବ ପରେ ଋଷିଆରେ ଏକ ନୂତନ ଶାସନ ବ୍ୟବସ୍ଥା ପ୍ରଚଳନ କରାଗଲା, ଯାହାର ପ୍ରଭାବ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଅନୁଭୂତ ହେଲା। ନୂତନ ବ୍ୟବସ୍ଥା ଅନୁଯାୟୀ ସମସ୍ତ ପ୍ରକାର ବ୍ୟକ୍ତିଗତ ସମ୍ପତ୍ତିର ଉଚ୍ଛେଦ ତଥା ଜାତୀୟକରଣ କରାଯାଇ କୃଷକମାନଙ୍କୁ ଚାଷ କରିବା ପାଇଁ ଜମି ପ୍ରଦାନ କରାଗଲା। ଜମି, ଜଳ, ଖଣି, ଖାଦାନ, ଶିଳ୍ପମାନ ସାମାଜିକ ସମ୍ପତ୍ତି ରୂପେ ବିବେଚନା କରାଗଲା। କୃଷି ଉତ୍ପାଦନ ଓ କୃଷି ବଣ୍ଟନ ବ୍ୟବସ୍ଥା ତଦାରଖ କରିବା ପାଇଁ କୃଷକ ସମିତିମାନ ଗଠନ କରାଯାଇଥିଲା। ପରେ ପରେ ସହଯୋଗ ସମିତି ମାଧ୍ୟମରେ

ସମବାୟ ଚାଷ, ସାର, ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କୃଷି କ୍ଷେତ୍ରରେ ଅଭୂତପୂର୍ବ ସାଫଲ୍ୟ ହାସଲ କରାଗଲା। ଏହାଫଳରେ ପୂର୍ବ ଜମିମାଲିକଙ୍କ ବଦଳରେ ସାଧାରଣ କୃଷକର ଅବସ୍ଥାର ଉନ୍ନତି ଘଟିଲା ଓ ସେମାନଙ୍କର ଦୁଃଖ, ଦୈନ୍ୟର ଅନ୍ତ ହେଲା। ଘରୋଇ ସମ୍ପତ୍ତିର ଉଚ୍ଛେଦ ଦ୍ୱାରା ଋଷିଆରେ ଏକ ଶ୍ରେଣୀହୀନ ସମାଜ (Classless Society)ର ଅଭ୍ୟୁଦୟ ଘଟିଲା। ମଣିଷ ଉପରେ ମଣିଷର ଶୋଷଣର ବିଲୋପ ଘଟିଲା।

– ପୁଞ୍ଜିପତିମାନଙ୍କ ଅଧିନରେ ଥିବା ଶିଳ୍ପ କାରଖାନାଗୁଡ଼ିକୁ ବିନା କ୍ଷତିପୂରଣରେ ଜାତୀୟକରଣ କରି, ଶ୍ରମିକମାନଙ୍କର ପରିଚାଳନାଧୀନ କରାଗଲା। ସମସ୍ତଙ୍କ ପାଇଁ ଶ୍ରମକୁ ବାଧ୍ୟତାମୂଳକ କରିବା ସହିତ, ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାର ନିୟନ୍ତ୍ରଣ ପାଇଁ ଶ୍ରମିକ ସମିତିମାନ ଗଠନ କରାଗଲା। ଦେଶରୁ ପୁଞ୍ଜିପତି ଓ ପୁଞ୍ଜିବାଦର ବିଲୋପ ଘଟିଲା। ଦେଶରେ ଥିବା ରେଳପଥ, ଜୀବନବୀମା କମ୍ପାନୀ ଓ ବୃହତ୍ ଶିଳ୍ପାନୁଷ୍ଠାନମାନ ବ୍ୟକ୍ତିଗତ ମାଲିକାନାରୁ ମୁକ୍ତ କରାଯାଇ ଜାତୀୟ ସମ୍ପତ୍ତି ରୂପେ ଗଣ୍ୟ କରାଗଲା।

– ପଞ୍ଚବାର୍ଷିକ ଯୋଜନା ଓ ୧୯୨୧ର ନୂତନ ଅର୍ଥନୈତିକ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶରେ ରହିଥିବା ଅର୍ଥନୈତିକ ଓ ସାମାଜିକ ଅସମାନତାକୁ ଦୂର କରିବା ପାଇଁ ଚେଷ୍ଟା କରାଯାଇଥିଲା। ଏହାଫଳରେ ବୃହତ୍ ଶିଳ୍ପାନୁଷ୍ଠାନମାନଙ୍କୁ ରାଷ୍ଟ୍ରୀୟ ନିୟନ୍ତ୍ରଣରେ ରଖାଯାଇ, କ୍ଷୁଦ୍ର କଳକାରଖାନାଗୁଡ଼ିକୁ ୧୫ରୁ ୨୦ ଜଣ ଶ୍ରମିକଙ୍କ ବ୍ୟକ୍ତିଗତ ପରିଚାଳନାଧୀନ କରାଗଲା। ଏଥିରେ ବିଦେଶୀ ପୁଞ୍ଜି ବିନିଯୋଗ ପାଇଁ ପ୍ରୋତ୍ସାହିତ କରାଗଲା। ଫଳରେ ଋଷିଆରେ କଠୋର ସାମ୍ୟବାଦ ବଦଳରେ କୋମଳ ସାମ୍ୟବାଦ ଉପରେ କିଛିବର୍ଷ ପାଇଁ ଗୁରୁତ୍ୱ ଦିଆଯାଇଥିଲା। ପରେ ଏହାର ପରିବର୍ତ୍ତନ କରି ସବୁ ପ୍ରକଳ୍ପଗୁଡ଼ିକୁ ରାଷ୍ଟ୍ରାୟତ୍ତ କରାଯାଇଥିଲା।

– ଋଷ ବିପ୍ଳବ ପୃଥିବୀରେ ପ୍ରଥମଥର ପାଇଁ ପୁଞ୍ଜିବାଦୀ ବିରୋଧିଶକ୍ତି ରୂପେ ସାମ୍ୟବାଦୀ ଶକ୍ତିକୁ ପ୍ରତିଷ୍ଠିତ କଲା। ସମଗ୍ର ବିଶ୍ୱ ସାମ୍ୟବାଦୀ ଓ ସାମ୍ରାଜ୍ୟବାଦୀ ବା ପୁଞ୍ଜିବାଦୀ ନାମକ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଗଲା। ଏହି ଦୁଇଗୋଷ୍ଠୀ ମଧ୍ୟରେ ନୀତିଗତ ସଂଘର୍ଷ ଓ ବିଭେଦ ଲାଗି ରହି ପୃଥିବୀ କ୍ରମଶଃ ଶକ୍ତିଶାଳୀ ସାମରିକ ଓ ରାଜନୈତିକ ଗୋଷ୍ଠୀରେ ପରିଣତ ହୋଇଗଲା। ସୋଭିଏତ୍ ସଂଘ ସାମ୍ୟବାଦୀ ଓ ସମାଜବାଦୀ ଗୋଷ୍ଠୀର ନେତୃତ୍ୱ ନେବାସ୍ଥଳେ ଯୁକ୍ତରାଷ୍ଟ୍ର ଆମେରିକା ପୁଞ୍ଜିବାଦୀ ଓ ସାମ୍ରାଜ୍ୟବାଦୀ ଗୋଷ୍ଠୀର ନେତୃତ୍ୱ ନେଲା।

– ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜନ୍ମ ନେଇଥିବା ସୋଭିଏତ୍ ଋଷିଆ ପୃଥିବୀର ପ୍ରଥମ ସାମ୍ୟବାଦୀ ରାଷ୍ଟ୍ରରୂପେ ଜନ୍ମ ନେଇଥିବାବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଋଷିଆର ସହାୟତାରେ ପୋଲାଣ୍ଡ, ହଙ୍ଗେରୀ, ଯୁଗୋସ୍ଲୋଭିଆ, ଚେକୋସ୍ଲୋଭାକିଆ, ରୁମାନିଆ, ବୁଲ୍‌ଗେରିଆ, ଚୀନ୍, ଉତ୍ତରକୋରିଆ, ଭିଏତ୍‌ନାମ ଓ କ୍ୟୁବା ଆଦିରେ ସମାଜବାଦୀ ମତବାଦର ଶାସନ ପ୍ରତିଷ୍ଠିତ ହେଲା। ଧିରେ ଧିରେ ଏହି ମତବାଦ ଅନ୍ୟାନ୍ୟ ଦେଶମାନଙ୍କୁ ପ୍ରସାରିତ ହୋଇଥିଲା। ସମାଜବାଦୀ ବା ସାମ୍ୟବାଦୀ ଗୋଷ୍ଠୀର ପ୍ରଭାବ ତୃତ୍ୱୀୟ ବିଶ୍ୱର ଦେଶମାନଙ୍କ ଉପରେ କ୍ରମଶଃ ଅଧିକରୁ ଅଧିକ ଅନୁଭୂତ ହେଲା।

– ଋଷ ବିପ୍ଳବର ପ୍ରଭାବ ଶିଳ୍ପ ପ୍ରଧାନ ଦେଶଗୁଡ଼ିକରେ କଳକାରଖାନାର କାମ କରୁଥିବା ଶ୍ରମିକମାନଙ୍କୁ କମ୍ୟୁନିଷ୍ଟ ମତବାଦ ପ୍ରତି ଆକର୍ଷିତ କଲା । କେତେକ ସ୍ଥାନରେ ସେମାନେ କଳକାରଖାନା ଦଖଲ କରିନେଲେ, ତେଣୁ ପୁଞ୍ଜିବାଦୀମାନେ ଋଷ ବିପ୍ଳବ ଓ ମାର୍କ୍ସବାଦଦ୍ୱାରା ପ୍ରଭାବିତ ଏକ ବିଶ୍ୱବ୍ୟାପୀ ଶ୍ରମିକ ବିପ୍ଳବର ଆଶଙ୍କାରେ ଆତଙ୍କିତ ହୋଇଉଠିଲେ । କାର୍ଲମାର୍କ୍ସ ଆହ୍ୱାନ ଦେଇଥିଲେ– "ବିଶ୍ୱର ଶ୍ରମିକମାନେ ଏକଯୁଟ ହୁଅ । ବିପ୍ଳବ ଦ୍ୱାରା କେବଳ ବନ୍ଧନ-ଶିକୁଳି ଛଡ଼ା ତୁମର ଆଉ କିଛି ହରାଇବାର ନାହିଁ ।" ଆତଙ୍କିତ ପୁଞ୍ଜିବାଦୀ ରାଷ୍ଟ୍ରମାନେ ନିଜ ଦେଶର ଶ୍ରମିକମାନଙ୍କ ପାଇଁ ବିଭିନ୍ନ କଲ୍ୟାଣମୂଳକ ବ୍ୟବସ୍ଥା ଗ୍ରହଣ କଲେ ।

– ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକାର ପରାଧିନ ଦେଶମାନଙ୍କ ପାଇଁ ଋଷ ବିପ୍ଳବର ବାର୍ତ୍ତା ଏକ ନୂତନ ଆଦର୍ଶର ଶିକ୍ଷା ଦେଇଥିଲା । ବିପ୍ଳବ ପରେ ଋଷିଆର କମ୍ୟୁନିଷ୍ଟ ସରକାର ଜାରଙ୍କ ଦ୍ୱାରା ଶାସିତ ଉପନିବେଶମାନଙ୍କୁ ସ୍ୱାୟତଶାସନ ପ୍ରଦାନ କରିଥିଲେ । ସେମାନେ ନିଜ ଅଞ୍ଚଳର ଲୋକମାନଙ୍କର ମତ ନେଇ ସ୍ୱାଧୀନତା ଘୋଷଣା କରିବାର ଅଧିକାର ପାଇଲେ । ଏହା ୟୁରୋପୀୟ ଶାସନାଧୀନ ଉପନିବେଶମାନଙ୍କର ଏକ ନୂତନ ଜାଗରଣ ସୃଷ୍ଟି କଲା ଓ ସେମାନଙ୍କର ମୁକ୍ତି ସଂଗ୍ରାମକୁ ପ୍ରେରଣା ଯୋଗାଇଲା । ଉପନିବେଶମାନଙ୍କ ପରାଧିନତାର ଶୃଙ୍ଖଳରୁ ମୁକ୍ତିପାଇଁ ଏହା ପ୍ରେରଣାଦାୟକ ହୋଇଥିଲା ।

– ତୃତୀୟ ବିଶ୍ୱର ପରାଧୀନ ତଥା ଅଣଅନୁନ୍ନତ ଦେଶମାନଙ୍କ ମଧ୍ୟରେ ଏକ ନୂତନ ବିକଳ୍ପର ସମ୍ଭାବନା ସୃଷ୍ଟି କଲା । ୟୁରୋପୀୟ ପୁଞ୍ଜିବାଦୀର ବିକଳ୍ପ ରୂପେ ସାମ୍ୟବାଦ ବା ସମାଜବାଦ ସେମାନଙ୍କୁ ପ୍ରଭାବିତ କଲା । ସାଧାରଣ ମଣିଷ ଯେ କ୍ଷମତାର କେନ୍ଦ୍ରବିନ୍ଦୁ ହୋଇପାରେ ଏ ବିଶ୍ୱାସ ସେମାନଙ୍କୁ ପ୍ରଭାବିତ କଲା । ୧୯୧୯ ମସିହାରେ ମସ୍କୋଠାରେ କମ୍ୟୁନିଷ୍ଟମାନଙ୍କର ପ୍ରଥମ ବିଶ୍ୱ ସମ୍ମିଳନୀ ଅନୁଷ୍ଠିତ ହେଲା । ଏହା ତୃତୀୟ ଆନ୍ତର୍ଜାତିକ ବା କୋମିନ୍‌ଟର୍ଣ୍ଣ (Comintern) ନାମରେ ବିଖ୍ୟାତ । ଏହା ବିଭିନ୍ନ ଦେଶର କମ୍ୟୁନିଷ୍ଟମାନଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିଥିଲା । ଏହା ଏସିଆ, ଆଫ୍ରିକାର ପରାଧିନ ଦେଶମାନଙ୍କ ସହିତ ମିଶି ସମଗ୍ର ବିଶ୍ୱରେ ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ ବିରୁଦ୍ଧରେ ବିପ୍ଳବ ଆରମ୍ଭ କରିବା ପାଇଁ ଯୋଜନା ପ୍ରସ୍ତୁତ କଲା । ଏହା ବିଶ୍ୱ ରାଜନୀତିରେ ଏକ ସଂଘର୍ଷର ସୂତ୍ରପାତ କଲା ।

– ପରାଧୀନ, ଅନୁନ୍ନତ ଦେଶମାନଙ୍କର ବିକାଶ ପାଇଁ ସୋଭିଏତ୍ ରୁଷିଆ ପ୍ରତିଜ୍ଞାବଦ୍ଧ ଥିଲା । ତେଣୁ ପାଶ୍ଚାତ୍ୟ ପୁଞ୍ଜିବାଦୀ ଦେଶମାନେ ସେମାନଙ୍କୁ କରାୟତ କରିବାପାଇଁ ଓ ସେମାନଙ୍କର ସ୍ୱାର୍ଥସାଧନରେ ବ୍ୟବହାର କରିବା ପାଇଁ ବାଧାର ସମ୍ମୁଖୀନ ହୋଇଥିଲେ । ଏହି ତୃତୀୟ ବିଶ୍ୱର ଦେଶମାନଙ୍କୁ ସୋଭିଏତ୍ ରୁଷ ଏକ ରକ୍ଷା କବଚ ରୂପେ ସୁରକ୍ଷା ଦେଲା । ସାମ୍ରାଜ୍ୟବାଦ ଶକ୍ତିମାନେ ଏହି ତୃତୀୟ ବିଶ୍ୱର ଦେଶମାନଙ୍କୁ ସେମାନଙ୍କ ଆଜ୍ଞାଧୀନ କରିପାରି ନ ଥିଲେ ।

– ଋଷ ବିପ୍ଳବ ପରେ ବିଭିନ୍ନ ୟୁରୋପୀୟ ଦେଶରେ ଶ୍ରମିକ ଆନ୍ଦୋଳନ ତୀବ୍ରତର ହେଲା । ବିଶେଷତଃ ଇଟାଲୀରେ ଶ୍ରମିକ ଆନ୍ଦୋଳନକୁ ମୁକାବିଲା କରିବାରେ ବିଫଳ ହୋଇ ଇଟାଲୀର ପୁଞ୍ଜିବାଦୀ ଓ ସାମ୍ୟବାଦ ବିରୋଧି ଶକ୍ତି ମୁସୋଲିନୀଙ୍କ ଫାସିଷ୍ଟ ଦଳକୁ ସମର୍ଥନ ଦେଲେ । ଜର୍ମାନୀରେ ମଧ୍ୟ ହିଟଲର ସାମ୍ୟବାଦୀ ଆନ୍ଦୋଳନକୁ ଦମନ କରି ନାଜିବାଦ ପ୍ରତିଷ୍ଠା କଲେ । ଇଂଲଣ୍ଡ ଓ ଫ୍ରାନ୍ସ ଆଦି ରାଷ୍ଟ୍ରମାନେ କମ୍ୟୁନିଷ୍ଟମାନଙ୍କୁ ଓ ସୋଭିଏତ୍ ରୁଷିଆକୁ ବିରୋଧ କରିବା ପାଇଁ ହିଟଲରଙ୍କ ପ୍ରତି ତୁଷ୍ଟୀକରଣ (Appeasement) ନୀତି ଗ୍ରହଣ କଲେ । ଏହା ୟୁରୋପରେ ଏକଛତ୍ରବାଦର ପ୍ରତିଷ୍ଠାରେ ସହାୟକ ହେଲା ଓ ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ନେଇଥିଲା ।

ଏହିପରି ଭାବରେ ଋଷ ବିପ୍ଳବର ତାତ୍ପର୍ଯ୍ୟ ସମଗ୍ର ବିଶ୍ୱରେ ଅନୁଭୂତ ହୋଇଥିଲା । କାର୍ଲ ମାର୍କ୍ସ ଓ ଫେଡ୍ରେରିକ୍ ଏଞ୍ଜେଲସ୍‌ଙ୍କ ସିଦ୍ଧାନ୍ତ ଋଷିଆରେ ସଫଳଭାବେ ପ୍ରତିଷ୍ଠିତ ହୋଇଥିଲା । ଏହାର ସାମାଜିକ, ଆର୍ଥିକ ଓ ରାଜନୈତିକ ଅବସ୍ଥା ଏହାକୁ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିଥିଲା । ୧୯୯୧ ମସିହାରେ ସୋଭିଏତ୍ ଋଷର ବିଲୟ ପର୍ଯ୍ୟନ୍ତ ଏହା ଏକ ଦ୍ୱିକେନ୍ଦ୍ରୀୟ ବିଶ୍ୱର ଏକ ପ୍ରମୁଖ କେନ୍ଦ୍ର ହୋଇ ରହିଥିଲା ।

## ସାରାଂଶ

୧୯୧୭ ମସିହାର ରୁଷ ବିପ୍ଳବ ବିଶ୍ୱ ଇତିହାସର ଏକ ବିଖ୍ୟାତ ଅଧ୍ୟାୟ । ଏହି ବିପ୍ଳବ ରୁଷିଆରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ସହିତ ବିଶ୍ୱରେ ଏକ ନୂତନ ମତବାଦ ଓ ଆନ୍ଦୋଳନର ଅୟମାରମ୍ଭ କଲା । ଏହି ବିପ୍ଳବର ପ୍ରଧାନ ଲକ୍ଷ୍ୟ ଥିଲା - ସାମ୍ୟବାଦ, ଶ୍ରମିକ ସଂପ୍ରଦାୟର ପ୍ରାଧାନ୍ୟ ଓ ସମାଜରେ ଅର୍ଥନୈତିକ ସମତା ସ୍ଥାପନ । ଏହି ବିପ୍ଳବ ରୁଷିଆର ଶ୍ରମିକ ଶ୍ରେଣୀ ବା ପ୍ରୋଲେଟେରିଏଟ୍ ଦ୍ୱାରା ସଂଗଠିତ ହୋଇଥିଲା । ଏହି ବିପ୍ଳବର ବହୁ କାରଣ ମଧ୍ୟରୁ ସାମାଜିକ ଅସମତା ଓ ଅସନ୍ତୋଷ, ଅର୍ଥନୈତିକ କାରଣ, ଜାର୍‌ଙ୍କର ନିରଙ୍କୁଶ ଶାସନ, ରୁଷର ଅମଲା ଓ ସୈନ୍ୟମାନଙ୍କର ଅପାରଗତା, ରୁଷ-ଜାପାନ ଯୁଦ୍ଧର ପ୍ରଭାବ, ବୈପ୍ଳବିକ ଚିନ୍ତାଧାରା ପ୍ରଭୃତିକୁ ଗୁରୁତ୍ୱ ଦିଆଯାଇଥାଏ । ୧୯୧୭ ମସିହା ମାର୍ଚ୍ଚ ୮ ତାରିଖ ଦିନ ରୁଷିଆର ରାଜଧାନୀ ପେଟ୍ରୋଗ୍ରାଡ଼ଠାରେ ଶ୍ରମିକମାନେ ଧର୍ମଘଟ ଘୋଷଣା କଲେ । ମାର୍ଚ୍ଚ ୧୫ ତାରିଖରେ ଜାରତନ୍ତ୍ରର ପତନ ପରେ ଏକ ଅସ୍ଥାୟୀ ବା ମଧ୍ୟବର୍ତ୍ତିକାଳୀନ ସରକାର ଗଠିତ ହେଲା । ବିପ୍ଳବର ଦ୍ୱିତୀୟ ପର୍ଯ୍ୟାୟରେ ନେତୃତ୍ୱ ନେଇଥିଲେ ବଲଶେଭିକ ଦଳର ନେତା ଲେନିନ୍ । ତାଙ୍କ ନେତୃତ୍ୱରେ ନଭେମ୍ବର ୭, ୧୯୧୭ରେ ରୁଷିଆରେ ଲେନିନ୍‌ଙ୍କର ବଲଶେଭିକ୍ ଦଳ କ୍ଷମତା ଗ୍ରହଣ କରି ସୋଭିଏତ୍ ସାଧାରଣତନ୍ତ୍ର ପ୍ରତିଷ୍ଠା କଲେ । ଏହି ବିପ୍ଳବ ଫଳରେ ରୁଷିଆରେ ନୂଆ ଶାସନ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ବିପ୍ଳବର ପ୍ରଭାବରେ ସମଗ୍ର ବିଶ୍ୱ ଚିନ୍ତାଧାରାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା । ପ୍ରଥମ ଥର ପାଇଁ ମାର୍କସ୍‌ଙ୍କ ସିଦ୍ଧାନ୍ତ ସାକାର କରିବାର ପଥ ସୁଗମ ହୋଇଥିଲା ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର

୧ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛିଲେଖ ।

(କ) ପ୍ରୋଲେଟାରିଏଟ୍ କେଉଁମାନଙ୍କୁ କୁହାଯାଉଥିଲା ?
(i) ସାମନ୍ତ ଗୋଷ୍ଠୀ (ii) ପୁରୋହିତ ଗୋଷ୍ଠୀ (iii) ବୁଦ୍ଧିଜୀବୀ ଗୋଷ୍ଠୀ (iv) ସର୍ବହରା ଗୋଷ୍ଠୀ

(ଖ) ରୁଷିଆରେ ରାଜତ୍ୱ କରୁଥିବା ରାଜବଂଶର ନାମ କ'ଣ ଥିଲା ?
(i) ବୁର୍ବୋଁ (ii) ହାବସବର୍ଗ (iii) ଟ୍ୟୁଡର (iv) ରୋମାନୋଭ

(ଗ) ରୁଷ ବିପ୍ଳବ କେବେ ହୋଇଥିଲା ?
(i) ୧୯୦୫ (ii) ୧୯୧୨ (iii) ୧୯୧୭ (iv) ୧୯୨୦

(ଘ) ରୁଷ ବିପ୍ଳବ ସମୟରେ ରୁଷିଆର ଜାର କିଏ ଥିଲେ ?
(i) ପ୍ରଥମ ନିକୋଲାସ (ii) ଦ୍ୱିତୀୟ ନିକୋଲାସ
(iii) ପ୍ରଥମ ଆଲେକଜାଣ୍ଡାର (iv) ଦ୍ୱିତୀୟ ଆଲେକ୍‌ଜାଣ୍ଡାର

(ଙ) ରୁଷିଆର ସଂସଦକୁ କ'ଣ କୁହାଯାଏ ?
(i) ଡୁମା (ii) ଡାଏଟ୍ (iii) ସିନେଟ୍ (iv) ଏଫରସ୍

୨ । ଶୂନ୍ୟସ୍ଥାନ ପୂରଣ କର ।

(କ) ______ ଖ୍ରୀଷ୍ଟାବ୍ଦରେ ରୁଷ ଜାପାନ ଯୁଦ୍ଧ ହୋଇଥିଲା।
(ଖ) କାର୍ଲମାର୍କସ ଓ ଏଞ୍ଜେଲସ ମିଶି ______ ପୁସ୍ତକ ପ୍ରକାଶ କରିଥିଲେ ।
(ଗ) ଦ୍ୱିତୀୟ ଆଲେକଜାଣ୍ଡାର ______ ଖ୍ରୀଷ୍ଟାବ୍ଦରେ ନିହତ ହୋଇଥିଲେ ।
(ଘ) ଲେନିନ୍ ଗଠନ କରିଥିବା ଗୁପ୍ତ ସମିତିର ନାଁ ______ ଥିଲା ।
(ଙ) ମେନଶେଭିକମାନଙ୍କର ନେତା ______ ଥିଲେ ।

## 'ଖ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର

୩ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

(କ) ରୁଷ ବିପ୍ଳବ କେବେ ସଂଘଟିତ ହୋଇଥିଲା ? ଏହାକୁ କାହିଁକି ପ୍ରୋଲେଟେରିଏଟ୍ ବିପ୍ଳବ କୁହାଯାଏ ?
(ଖ) ରୁଷର ରାଜାଙ୍କୁ କ'ଣ କୁହାଯାଏ ? ସେମାନେ କେଉଁ ରାଜବଂଶର ଲୋକ ?

(ଗ) ମୁକ୍ତିଦାତା ଜାର କିଏ ? ତାଙ୍କୁ ଏପରି କୁହାଯାଏ କାହିଁକି ?

(ଘ) ରାସପୁଟିନ କାହାକୁ ପ୍ରଭାବିତ କରିଥିଲେ ଓ ଏହାର ଫଳ କ'ଣ ହୋଇଥିଲା ?

(ଙ) ରୁଷ-ଜାପାନ ଯୁଦ୍ଧ କେବେ ହୋଇଥିଲା ? ଏହାର ଫଳାଫଳ କ'ଣ ଥିଲା ?

(ଚ) ବଲସେଭିକ ଓ ମେନ୍‌ଶେଭିକ କ'ଣ ?

(ଛ) ରୁଷିଆରେ ବୈପ୍ଳବିକ ଚିନ୍ତାଧାରା ପ୍ରଚାର କରିଥିବା ମନିଷୀମାନଙ୍କ ନାଁ ଲେଖ ।

(ଜ) ନେତିବାଦ ବା ନିହିଲିଜମ୍ କ'ଣ ? ଏହା କେଉଁ ଦାର୍ଶନିକଙ୍କ ଦ୍ୱାରା ପ୍ରଚାରିତ ହୋଇଥିଲା ।

(ଝ) ପେଟ୍ରୋଗ୍ରାଡ୍ ଧର୍ମଘଟ କେବେ ହୋଇଥିଲା ? ଏହାର ସ୍ଲୋଗାନ କ'ଣ ଥିଲା ?

(ଞ) କାର୍ଲମାର୍କସ ବିଶ୍ୱର ଶ୍ରମିକମାନଙ୍କୁ କି ସ୍ଲୋଗାନ ଦେଇଥିଲେ ?

୪ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର । ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ଭିତରେ ସୀମିତ ରହିବା ଉଚିତ ।

(କ) ଜାରଙ୍କ ରୁଷୀୟକରଣ ନୀତି କ'ଣ ?

(ଖ) ରକ୍ତାକ୍ତ ରବିବାସରୀୟ ହତ୍ୟାକାଣ୍ଡ କ'ଣ ?

(ଗ) ଅକ୍ଟୋବର ଇସ୍ତାହାର କ'ଣ ?

(ଘ) ରୁଷ ବିପ୍ଳବର ଲେନିନ୍‌ଙ୍କ ଭୂମିକା କ'ଣ ଥିଲା ?

(ଙ) ରୁଷ ବିପ୍ଳବର ତାତ୍ତ୍ୱିକ କାରଣ ଲେଖ ।

(ଚ) ରୁଷ ବିପ୍ଳବର ଆଶୁକାରଣ ଉପରେ ଆଲୋକପାତ କର ।

(ଛ) ଫେବୃୟାରୀ ବିପ୍ଳବ କିପରି ହେଲା ?

(ଜ) ମେନ୍‌ଶେଭିକ ଆନ୍ଦୋଳନ ଆଲୋଚନା କର ।

(ଝ) ଅକ୍ଟୋବର ବିପ୍ଳବ କିପରି ହେଲା ?

(ଞ) ରୁଷିଆରେ ଶ୍ରେଣୀହୀନ ସମାଜ କିପରି ସ୍ଥାପିତ ହେଲା ?

## 'ଗ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର

୫ । ରୁଷ ବିପ୍ଳବର କାରଣ ବର୍ଣ୍ଣନା କର ।

୬ । ରୁଷ ବିପ୍ଳବର ଫଳାଫଳ ଆଲୋଚନା କର ।

୭ । ରୁଷ ବିପ୍ଳବ ଉପରେ ଏକ ପ୍ରବନ୍ଧ ଲେଖ ।

୮ । ରୁଷ ବିପ୍ଳବର କାରଣ ଓ ଫଳାଫଳ ଉପରେ ଆଲୋକପାତ କର ।

— ❖ —

ଷୋଡ଼ଶ ଅଧ୍ୟାୟ

# ଦ୍ୱିତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ନେଇଥିବା ଘଟଣାବଳୀ

ପ୍ରଥମ ବିଶ୍ୱଯୁଦ୍ଧ ଶେଷ ହେବାପରେ ପୃଥିବୀବାସୀଙ୍କ ଶାନ୍ତିପୂର୍ଣ୍ଣ ଓ ସୁଖମୟ ଜୀବନଯାପନର ଆଶା ପୂର୍ଣ୍ଣ ହୋଇପାରି ନ ଥିଲା । ଏହାର ପରବର୍ତ୍ତୀ ଦୁଇ ଦଶନ୍ଧିରେ ପୃଥିବୀର ବିଭିନ୍ନ ଦେଶରେ ବେକାରୀ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, ଦୁର୍ନୀତି ଆଦି ଜନ ଅସନ୍ତୋଷର କାରଣ ହୋଇଥିଲା । ପ୍ୟାରିସ୍ ଶାନ୍ତିସମ୍ମିଳନୀରୁ ଜନ୍ମିତ ଜାତିସଂଘ ଲୋକମାନଙ୍କୁ ଶାନ୍ତି ଓ ନିରାପତ୍ତା ଦେବାରେ ବିଫଳ ହୋଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ସମାପ୍ତ ହେବାର ୨୦ ବର୍ଷପରେ ଏକ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅବତୀର୍ଣ୍ଣ କରାଇଥିଲା ଯାହା ୧୯୩୯ ମସିହାଠାରୁ ୧୯୪୫ ମସିହା ପର୍ଯ୍ୟନ୍ତ ଚାଲିଥିଲା ।

## ଭର୍ସାଇ ସନ୍ଧି

ପ୍ରଥମ ବିଶ୍ୱଯୁଦ୍ଧ ପରେ ବିଜୟୀ ଶକ୍ତିମାନେ ୧୯୧୯ ମସିହାରେ ଫ୍ରାନ୍ସର ରାଜଧାନୀ ପ୍ୟାରିସଠାରେ ଶାନ୍ତି ଚୁକ୍ତି କରିବାପାଇଁ ଏକତ୍ରିତ ହୋଇଥିଲେ । ଅନେକ ଐତିହାସିକମାନଙ୍କ ମତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଏକ ପ୍ରତିଶୋଧର ଯୁଦ୍ଧ ଥିଲା ଯାହା ଜର୍ମାନୀ ତା ଉପରେ ଲଦି ଦିଆଯାଇଥିବା ଅସମତୁଲ ଭର୍ସାଇ ସନ୍ଧିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହି ସନ୍ଧି ଫଳରେ ଜର୍ମାନୀ ତା'ର ୟୁରୋପରେ ଥିବା ଏକ ଅଷ୍ଟମାଂଶ ଅଞ୍ଚଳ ହରାଇଥିଲା । ତା'ର ସମସ୍ତ ଉପନିବେଶମାନ ତାହାଠାରୁ କାଢ଼ି ନିଆଯାଇଥିଲା । ଜର୍ମାନୀର ଜଳ, ସ୍ଥଳ ବାହିନୀ ଓ ଅସ୍ତ୍ରଶସ୍ତ୍ର ସଂଖ୍ୟା ଆଶାତୀତ ଭାବରେ କମ୍ କରି ଦିଆଗଲା । ଜର୍ମାନୀ ମଧ୍ୟ ମିତ୍ରଶକ୍ତିକୁ ବିପୁଳ ଅର୍ଥ କ୍ଷତିପୂରଣ ରୂପେ ଦେବାକୁ ବାଧ୍ୟ ହେଲା । ଆଲସେସ୍ ଓ ଲୋରେନ୍ ଅଞ୍ଚଳ ଫ୍ରାନ୍ସ ଅଧିନକୁ ଗଲା । ସିଲେସିଆ ଶିଳ୍ପାଞ୍ଚଳର ଏକ ବୃହତ୍ ଅଂଶ ପୋଲାଣ୍ଡ ଅଧିନକୁ ଗଲା । ତା'ର କଳକାରଖାନାମାନଙ୍କୁ ଅଚଳ କରିଦିଆଗଲା, ତାହାର ପ୍ରତିନିଧିମାନଙ୍କୁ ପ୍ୟାରିସ ସହରରେ ଅପରାଧୀ ପରି ବ୍ୟବହାର କରାଗଲା । ତେଣୁ ଜର୍ମାନୀ ଲୋକମାନେ ଭର୍ସାଇ ସନ୍ଧିକୁ ଜାତୀୟ ଅପମାନ ବୋଲି ଗ୍ରହଣ କରିଥିଲେ । ଏହା ଜର୍ମାନୀକୁ ପ୍ରତିକ୍ରିୟାଶୀଳ କରିଥିଲା ଓ ସେମାନେ ଏହି ସନ୍ଧିକୁ ଭାଙ୍ଗିବାକୁ ବଦ୍ଧପରିକର ହୋଇଥିଲେ ।


ଇଟାଲୀ ଓ ଜାପାନ ଯଦିଓ ଏହି ଯୁଦ୍ଧରେ ବିଜୟୀ ଶକ୍ତିମାନଙ୍କ ସହ ଥିଲେ ପ୍ୟାରିସ୍ ଶାନ୍ତି ସମ୍ମିଳନୀରେ ସେମାନେ ଆଶାନୁରୂପ ଲାଭବାନ ହୋଇପାରି ନ ଥିଲେ । ଜାପାନ ପ୍ରଥମ ବିଶ୍ୱଯୁଦ୍ଧ ପରେ ଦୂରପ୍ରାଚ୍ୟ ଓ ଦକ୍ଷିଣ-ପୂର୍ବ ଏସିଆରେ ଓ ଇଟାଲୀ ଦକ୍ଷିଣ-ପୂର୍ବ ୟୁରୋପ ଓ ଉତ୍ତର ଆଫ୍ରିକାରେ ସେମାନଙ୍କର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଥିଲେ । ଶେଷରେ ଜର୍ମାନୀ, ଇଟାଲୀ ଓ ଜାପାନ ସେମାନଙ୍କ ମଧ୍ୟରେ ରୋମ-ବର୍ଲିନ୍-ଟୋକିଓ ଅକ୍ଷ (Axis) ପ୍ରତିଷ୍ଠା କରିଥିଲେ । ଏହିପରି ଭାବେ ପ୍ୟାରିସ୍ ଶାନ୍ତି ସମ୍ମିଳନୀରୁ ହିଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ବୀଜ ବପନ କରାଯାଇଥିଲା ।

## ଏକଛତ୍ରବାଦର ଅଭ୍ୟୁଦୟ

### ବିଶ୍ୱଯୁଦ୍ଧ ପରବର୍ତ୍ତୀ ଜର୍ମାନୀ ଓ ନାଜୀବାଦର ଉତ୍‌ଥାନ:

ପ୍ରଥମ ବିଶ୍ୱଯୁଦ୍ଧର ପରାଜୟ ପରେ ଜର୍ମାନୀରେ ଅର୍ଥନୈତିକ ସଙ୍କଟ ଘନିଭୂତ ହୋଇଥିଲା । ଅର୍ଥନୀତି ଉପରେ ବିରାଟ ଚାପ, କୃଷି ଓ ଶିଳ୍ପର ବିପର୍ଯ୍ୟସ୍ତ ଯୋଗୁ ଜର୍ମାନୀ ଲୋକମାନଙ୍କର ଜୀବନଧାରଣ ମାନ ଦୟନୀୟ ଭାବରେ କମି ଯାଇଥିଲା । ମୁଦ୍ରାସ୍ଫୀତି, ଖାଦ୍ୟାଭାବ, ବେକାରୀ ଆଦି ସମସ୍ୟାମାନ ଜଟିଳ ଆକାର ଧାରଣ କରିଥିଲା । ବେଢ଼ି ଉପରେ କୋରଡ଼ା ଭଳି ବିଜୟୀ ଶକ୍ତିମାନଙ୍କର ଜର୍ମାନୀଠାରୁ ଯୁଦ୍ଧର କ୍ଷତିପୂରଣ ଆଦାୟର ଚାପ ତାର ସଙ୍କଟକୁ ଆହୁରି ଗମ୍ଭୀର କରିଦେଇଥିଲା । ଯୁଦ୍ଧପରେ ଜର୍ମାନୀରେ ପ୍ରତିଷ୍ଠିତ ହୋଇଥିବା ୱେମାର ସାଧାରଣତନ୍ତ୍ର ଜନଗଣଙ୍କର ଅସନ୍ତୋଷକୁ ପ୍ରତିହତ କରିବାରେ ଅସଫଳ ରହିଥିଲା । ଜର୍ମାନୀ ମୁଦ୍ରାର ମୂଲ୍ୟ ହ୍ରାସ ପାଇ ଏହାକୁ ନିସ୍ୱ କରିଦେଇଥିଲା । ଜର୍ମାନୀ ତା'ର ଉପନିବେଶମାନ, ନୌଶକ୍ତି, ଏପରିକି ବାଣିଜ୍ୟପୋତମାନ ବିଦେଶ ଶକ୍ତିମାନଙ୍କୁ ବଧ୍ୟବାଧକତାରେ ପ୍ରଦାନ କରିଥିଲା । ସାମରିକ ସାମଗ୍ରୀ ଉତ୍ପାଦନ କରୁଥିବା କଳକାରଖାନାମାନ ବନ୍ଦ କରିଦିଆଯାଇଥିଲା । ଭର୍ସାଇ ସନ୍ଧିରେ ସ୍ୱାକ୍ଷର କରି ଦେଶକୁ ନିସ୍ୱ କରିଦେଇଥିବା ସରକାରକୁ ଜନସାଧାରଣ କ୍ଷମା କରିନଥିଲେ ବରଂ ଏକ ପରବର୍ତ୍ତିତ ବ୍ୟବସ୍ଥା ମାଧ୍ୟମରେ ଜର୍ମାନୀର ପୁର୍ନଃସ୍ଥାପନା କରିବାକୁ ଚାହିଁଥିଲେ, ଯାହା ଗଣତାନ୍ତ୍ରିକ ଚିନ୍ତାଧାରା ବଦଳରେ ଏକଛତ୍ରବାଦ ଆଡ଼କୁ ଦେଶକୁ ଆଗେଇ ନେଇଥିଲା ।

୧୯୩୦ ମସିହା ବେଳକୁ ଜର୍ମାନୀରେ କମ୍ୟୁନିଷ୍ଟ ମତବାଦର ପ୍ରବେଶ ଓ ପ୍ରସାର ଘଟିଥିଲା । କିନ୍ତୁ ଜନ ଅସନ୍ତୋଷର ସୁଯୋଗ ନେଇ ଏଡଲଫ୍ ହିଟଲର ନାମକ ଜଣେ ବ୍ୟକ୍ତି ଜର୍ମାନୀରେ କମ୍ୟୁନିଷ୍ଟ ମତବାଦର ବିକଳ୍ପଭାବେ ଜାତୀୟ ସମାଜବାଦର ଚିନ୍ତାଧାରା ପ୍ରଚାର କରିଥିଲେ । ୧୯୨୧ ମସିହାରେ ସେ ଜାତୀୟ ସମାଜବାଦୀ ଦଳ (National Socialist Party) ଗଠନ କଲେ । ଏହାକୁ ସଂକ୍ଷେପରେ ନାଜିଦଳ କୁହାଯାଇଥିଲା । ଏହା ଜର୍ମାନୀମାନଙ୍କୁ କମ୍ୟୁନିଷ୍ଟ ମତବାଦର ପ୍ରଭାବରୁ ବିମୁଖ କରି ହିଟଲରଙ୍କ ପ୍ରବର୍ତ୍ତିତ ଚିନ୍ତାଧାରାପ୍ରତି ଆକୃଷ୍ଟ କରିବାରେ ସଫଳ ହୋଇଥିଲା । ଲୋକମାନଙ୍କର ପରିବର୍ତ୍ତନ ଓ ନୂତନ ଶକ୍ତିଶାଳୀ ଜର୍ମାନୀ ରାଷ୍ଟ୍ର ଗଠନ ପାଇଁ ଥିବା ଉଦ୍‌ବେଗକୁ ହିଟଲର ତାଙ୍କ ସପକ୍ଷରେ ନେବାକୁ ସଫଳ ହୋଇଥିଲେ । ୧୯୩୩ ମସିହାଠାରୁ ହିଟଲର ଏକଛାତ୍ରବାଦୀ କାର୍ଯ୍ୟକ୍ରମ ଜର୍ମାନୀରେ ଆରମ୍ଭ କଲେ । ତାଙ୍କର ଉଗ୍ର ସାମ୍ରାଜ୍ୟବାଦୀ ନୀତି ୟୁରୋପରେ ଏକ ଅଶାନ୍ତ ବାତାବରଣ ସୃଷ୍ଟି କରିଥିଲା ।



ହିଟ୍‌ଲର୍

## ବିଶ୍ୱଯୁଦ୍ଧ ପରବର୍ତ୍ତୀ ଇଟାଲୀ ଓ ଫାସୀବାଦର ଉତ୍ଥାନ:

ପ୍ରଥମ ବିଶ୍ୱଯୁଦ୍ଧ ପରେ ୟୁରୋପର ଅଧିକାଂଶ ଦେଶର ଆର୍ଥିକ ଓ ରାଜନୈତିକ ବିପର୍ଯ୍ୟୟ ଦେଖାଦେଇଥିଲା । କୃଷି ଓ ଶିଳ୍ପ ଉତ୍ପାଦନର ଶୋଚନୀୟ ହ୍ରାସ ଲୋକମାନଙ୍କୁ ବେକାରୀ, ଦୁର୍ଭିକ୍ଷ ଓ ଦାରିଦ୍ର୍ୟ ମଧ୍ୟକୁ ଠେଲି ଦେଇଥିଲା । ଅସହାୟ ଜନଗଣ ପରିବର୍ତ୍ତନ ଚାହୁଁଥିଲେ । ଋଷରେ କମ୍ୟୁନିଷ୍ଟ ଶାସନ ପ୍ରତିଷ୍ଠିତ ହେଲା । ଗଣତାନ୍ତ୍ରିକ ବ୍ୟବସ୍ଥା ଏହି ସମୟର ସଙ୍କଟକୁ ସମାଧାନ କରି ନୂଆ ରାସ୍ତା ଦେଖାଇ ପାରିଲା ନାହିଁ । ଲୋକେ ଅପେକ୍ଷା ନ କରି ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ଚାହୁଁଥିଲେ । ତେଣୁ ପୋଲାଣ୍ଡ, ଅଷ୍ଟ୍ରିଆ, ରୁମାନିଆ, ହଙ୍ଗେରୀ ଓ ଚେକୋସ୍ଲୋଭାକିଆ ଆଦି ଦେଶମାନଙ୍କରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଦେଖାଯାଇଥିଲା । ଇଟାଲୀରେ ମଧ୍ୟ ଏକଛତ୍ରବାଦ ଶାସନର ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ପକ୍ଷ ପରିବର୍ତ୍ତନ କରି ୧୯୧୫ ମସିହାରେ ଇଟାଲି ମିତ୍ରଶକ୍ତି ସହ ଯୋଗ ଦେଇଥିଲା ଓ ଆଶା କରିଥିଲା ଯୁଦ୍ଧ ପରେ ତାକୁ କେତେକ ଅଞ୍ଚଳ ମିଳିବ । ପ୍ୟାରିସ୍ ଶାନ୍ତି ସମ୍ମିଳନୀରେ ସେ ଆଶାନୁରୂପ ଅଞ୍ଚଳ ପାଇଲା ନାହିଁ । ୟୁରୋପର ଅନ୍ୟଦେଶ ପରି ଇଟାଲୀ ମଧ୍ୟ କ୍ଷୁଧା, ଦାରିଦ୍ର୍ୟ, ମୁଦ୍ରାସ୍ଫିତି ଓ ବେକାରୀ ପରି ଅର୍ଥନୈତିକ ସଙ୍କଟ ମଧ୍ୟଦେଇ ଗତି କରୁଥିଲା । ତତ୍କାଳୀନ ଇଟାଲୀର ସରକାରମାନେ ଏହାର ମୁକାବିଲା କରିବାରେ ବିଫଳ ହୋଇଥିଲେ । ବିକ୍ଷୋଭ ଓ ଦଙ୍ଗାରେ ଇଟାଲୀ ଜର୍ଜରିତ ଥିଲା । ଆଇନଶୃଙ୍ଖଳାର ଶାସନ ଭାଙ୍ଗି ଯାଇଥିଲା । ରାଜନୈତିକ ଦଳମାନେ ପରସ୍ପର ମଧ୍ୟରେ ବିବାଦରେ ଲିପ୍ତ ରହି ଇଟାଲୀର ରାଜନୈତିକ ଅସ୍ଥିରତାକୁ ଅଧିକ ତୀବ୍ର କରିଥିଲେ । ଦେଶରେ ଘୋର ଅରାଜକତା ଦେଖାଦେଇଥିଲା । ଏହି ସମୟରେ ବେନିଟୋ ମୁସୋଲିନି ନାମକ ଜଣେ ଇଟାଲୀୟ ଯୁବକ ଦେଶର ନେତୃତ୍ୱ ନେବାକୁ ଆଗେଇ ଆସିଥିଲେ ।

୧୯୧୯ ମସିହାରେ ମୁସୋଲିନୀ ଫାସିବାଦୀ ଦଳ ଗଠନ କରିଥିଲେ । ହିଂସା ଓ ଶକ୍ତି ପ୍ରୟୋଗ ଉପରେ ଏହି ଦଳ ବିଶ୍ୱାସ କରୁଥିଲା । କୃଷକ, ଶ୍ରମିକ ଓ ବେକାର ଯୁବଶକ୍ତିକୁ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେଇ ଏହି ଦଳ ପ୍ରତି ମୁସୋଲିନି ଆକୃଷ୍ଟ କରିପାରିଥିଲେ । କମ୍ୟୁନିଷ୍ଟବାଦର ସେ ଘୋର ବିରୋଧି ଥିଲେ । ୧୯୨୨ ମସିହାରେ ସେ କଳାପୋଷାକ ପରିହିତ ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ତାଙ୍କ ସମର୍ଥକମାନଙ୍କୁ ରୋମ ଅଧିକାର କରିବାକୁ ଆଦେଶ ଦେଲେ । ଇଟାଲୀର ସମ୍ରାଟ ମୁସୋଲିନୀଙ୍କୁ ୧୯୨୨ ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ନିଯୁକ୍ତି କଲେ । ସେ ଇଟାଲୀର ସାମ୍ରାଜ୍ୟ ଓ ଶକ୍ତିବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେଲେ । ୧୯୩୫ ମସିହାରେ ଆଫ୍ରିକାର ଇଥିଓପିଆ ଦେଶକୁ ଦଖଲ କରିନେଲେ । ଜାତିସଂଘ ଇଟାଲୀ ଉପରେ ଏହି କାରଣରୁ ଅର୍ଥନୈତିକ କଟକଣା ଜାରି କରିଥିଲେ ମଧ୍ୟ ମୁସୋଲିନୀ ତାହାକୁ ଖାତିର କରି ନ ଥିଲେ । ସ୍ପେନରେ ଗଣତାନ୍ତ୍ରିକ ସରକାରକୁ ପଦଚ୍ୟୁତ କରିବା ପାଇଁ ଜେନେରାଲ ଫ୍ରାଙ୍କୋଙ୍କୁ ସାହାଯ୍ୟ କରିବା ପାଇଁ ଏକ ସୈନ୍ୟ ଦଳ ୧୯୩୬ ମସିହାରେ ପଠାଇଥିଲେ । ଫାସୀବାଦୀ ଇଟାଲୀର ଉଗ୍ର ସାମ୍ରାଜ୍ୟବାଦୀ ନୀତି ପୃଥିବୀରେ ଏକ ଆତଙ୍କ ଓ ଅସ୍ଥିର ବାତାବରଣ ସୃଷ୍ଟି କରିଥିଲା ।

## ଜାପାନର ସାମରିକବାଦ:

ବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଜାପାନର ସାମରିକ ଶକ୍ତିର ବିକାଶ ଘଟି ସାରିଥିଲା ଓ ଧିରେ ଧିରେ ଜାପାନ ସାମରିକବାଦ ଆଡ଼କୁ ଅଗ୍ରସର ହେଉଥିଲା । ଏହା ଏସିଆରେ ନିଜର ସାମ୍ରାଜ୍ୟ ଓ ଆଧିପତ୍ୟ ପ୍ରତିଷ୍ଠା କରିବାକୁ ଚାହୁଁଥିଲା ।

ସେ ତାହାର ନୌବାହିନୀକୁ ଶକ୍ତିଶାଳୀ କରିଥିଲା । ୧୯୩୧ ମସିହାରେ ଜାପାନ ଚୀନର ମାଞ୍ଚୁରିଆ ଅଞ୍ଚଳକୁ ଦଖଲ କରିନେଲା । ୧୯୩୭ ମସିହାରେ ଜାପାନ ଚୀନ୍ ବିରୁଦ୍ଧରେ ଏକ ଅଘୋଷିତ ଯୁଦ୍ଧ ଆରମ୍ଭ କରିଥିଲା । ପାଶ୍ଚାତ୍ୟ ଶକ୍ତିମାନେ ଏହାକୁ ବନ୍ଦ କରିବା ପାଇଁ ଦୃଢ଼ ପଦକ୍ଷେପ ନ ନେବାରୁ ଜାପାନ ତାହାର ସାମ୍ରାଜ୍ୟବାଦୀ କାର୍ଯ୍ୟକଳାପ ଚଳାଇ ରଖିଥିଲା । ସେ ଜାଣିଥିଲା ଯେ ତାହାର କାର୍ଯ୍ୟକଳାପ ପାଶ୍ଚାତ୍ୟ ଦେଶମାନେ ବିରୋଧ କରିବେ । ତେଣୁ ସେ ଯଦିଓ ପ୍ରଥମ ବିଶ୍ୱଯୁଦ୍ଧରେ ଇଂଲଣ୍ଡ ଓ ଫ୍ରାନ୍ସ ସହିତ ଥିଲା, କିନ୍ତୁ ନିଜର ଜାତୀୟ ସ୍ୱାର୍ଥ ଓ ଦୂର ପ୍ରାଚ୍ୟରେ ନିଜର ସାମ୍ରାଜ୍ୟବାଦୀ ନୀତି ଚଳାଇ ରଖିବାପାଇଁ ଧିରେଧିରେ ଇଟାଲୀ ଓ ଜର୍ମାନୀର ନିକଟତର ହେବାକୁ ଲାଗିଲା । ଏହିପରି ଜାପାନର ସାମରିକବାଦ ଦୂରପ୍ରାଚ୍ୟରେ ଉତ୍ତେଜନା ସୃଷ୍ଟିର କାରଣ ହୋଇଥିଲା ।

## ପରସ୍ପର ବିରୋଧି ଗୋଷ୍ଠୀର ସୃଷ୍ଟି ଓ ସାମରିକ ମେଣ୍ଟ ଗଠନ:

ଦୁଇ ବିଶ୍ୱଯୁଦ୍ଧର ମଧ୍ୟବର୍ତ୍ତୀ ସମୟରେ ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ଆଦର୍ଶଗତ ପାର୍ଥକ୍ୟ ଦେଖାଦେଇଥିଲା, ଯାହା ସେମାନଙ୍କୁ ଗୋଷ୍ଠୀ ଗଠନ କରିବାକୁ ଉତ୍ସାହିତ କରିଥିଲା । ଋଷିଆର କମ୍ୟୁନିଷ୍ଟ ଶାସନକୁ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଏକଘରକିଆ କରି ରଖିଥିଲେ ମଧ୍ୟ, ଅନ୍ୟମାନଙ୍କ ମଧ୍ୟରେ ତୀବ୍ର ଆଦର୍ଶଗତ ବିବାଦ ମୁଣ୍ଡ ଟେକିଥିଲା । ଇଂଲଣ୍ଡ, ଫ୍ରାନ୍ସ ଓ ଆମେରିକା ଆଦି ଦେଶମାନେ ଗଣତାନ୍ତ୍ରିକ ନୀତିରେ ବିଶ୍ୱାସ ରଖୁଥିବାବେଳେ, ଜର୍ମାନୀ, ଇଟାଲୀ ଓ ଜାପାନ ଏକଛତ୍ରବାଦ ଓ ସାମରିକବାଦୀ ନୀତିକୁ ସମର୍ଥନ କରୁଥିଲେ । ଏକଛତ୍ରବାଦୀ ଶାସକମାନେ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର ପାଇଁ ନିଜ ଭିତରେ ମେଣ୍ଟ ପ୍ରତିଷ୍ଠା କରିଥିଲେ । ୧୯୩୫ ମସିହାରେ ଇଟାଲୀ ଆଫ୍ରିକାର ଇଥିଓପିଆ (ଆବିସିନିଆ) ଦେଶକୁ ଅଧିକାର କଲା । ଏହି ଆକ୍ରମଣ ଓ ଅଧିକାରକୁ ଜର୍ମାନୀର ହିଟଲରଙ୍କ ପୂର୍ଣ୍ଣ ସମର୍ଥନ ରହିଥିଲା । ତେଣୁ ୧୯୩୬ ମସିହାରେ ଇଟାଲୀର ମୁସୋଲିନୀ ଓ ଜର୍ମାନୀର ହିଟଲରଙ୍କ ମଧ୍ୟରେ ଏକ ସାମରିକ ସନ୍ଧି ସ୍ୱାକ୍ଷରିତ ହୋଇଥିଲା । ଏହାକୁ ରୋମ-ବର୍ଲିନ ଅକ୍ଷ ବା ଚୁକ୍ତି (Rome-Berlin Axis) କୁହାଯାଏ । ୧୯୩୩ ମସିହାରେ ଜର୍ମାନୀ ଜାତିସଂଘରୁ ବାହାରି ଯାଇଥିଲା ଓ ୧୯୩୫ ମସିହାରେ ଭର୍ସାଇ ଚୁକ୍ତି ଭଙ୍ଗ କରି ନିଜର ସୈନ୍ୟବାହିନୀର ଶକ୍ତି ବୃଦ୍ଧି କରିଥିଲା । ୧୯୩୬ଠାରୁ ୧୯୩୯ ମସିହା ପର୍ଯ୍ୟନ୍ତ ଜର୍ମାନୀର ସାମ୍ରାଜ୍ୟ ବିସ୍ତାର ନୀତିକୁ ଇଟାଲୀ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଥିଲା । ସେହି ସମୟରେ ଜାପାନ ଚୀନ ଉପରେ ଆଧିପତ୍ୟ ବିସ୍ତାରପାଇଁ ଉଦ୍ୟମ କରିଥିଲା । ୧୯୩୭ ମସିହାରେ ଜାପାନ ଇଟାଲୀ ଓ ଜର୍ମାନୀ ସହିତ ସାମରିକ ମେଣ୍ଟ ଗଠନ କରିଥିଲା । ଏହାକୁ ରୋମ-ବର୍ଲିନ-ଟୋକିଓ ଅକ୍ଷ ବା ମେଣ୍ଟ ବୋଲି କୁହାଯାଇଥିଲା । ଯଦି ମେଣ୍ଟଭୁକ୍ତ କୌଣସି ଦେଶ ଉପରେ ଆକ୍ରମଣ ହୁଏ, ତେବେ ଅନ୍ୟମାନେ ମିଳିତ ଭାବରେ ସେହି ଆକ୍ରମଣକୁ ପ୍ରତିହତ କରିବାକୁ ଅଙ୍ଗୀକାରଭୁକ୍ତ ହୋଇଥିଲେ । ସେମାନେ ମଧ୍ୟ କମ୍ୟୁନିଷ୍ଟ ମତବାଦର ପ୍ରସାରକୁ ରୋକିବା ପାଇଁ କୋମିନ୍ଟର୍ଣ୍ଣ-ବିରୋଧି ସନ୍ଧି (Anti-Comintern Pact) ସ୍ୱାକ୍ଷର କରିଥିଲେ । ୧୯୩୩ ମସିହାରେ ଜର୍ମାନୀ ଓ ଜାପାନ ଜାତିସଂଘ ତ୍ୟାଗ କଲେ ଓ ୧୯୩୭ରେ ଇଟାଲୀ ଏଥିରୁ ଇସ୍ତଫା ଦେଲା ।

ଏକଛତ୍ରବାଦୀଙ୍କର ହୀନ ଉଦ୍ୟମକୁ ପଣ୍ଡ କରିବା ପାଇଁ ଇଂଲଣ୍ଡ, ଫ୍ରାନ୍ସ ଓ ଏହାର ମିତ୍ରରାଷ୍ଟ୍ରମାନେ ଏକଜୁଟ ହୋଇଥିଲେ । ହିଟଲରଙ୍କ ଯୁଦ୍ଧଖୋର ନୀତି, ଜର୍ମାନୀର ବର୍ଦ୍ଧିତ ସାମରିକ ଶକ୍ତିରେ ଇଂଲଣ୍ଡ ଓ ଫ୍ରାନ୍‌ସ ଭୟଭୀତ ହୋଇଥିଲେ । ୧୯୩୬ ମସିହାରେ ସ୍ପେନର ଗୃହଯୁଦ୍ଧ ବେଳେ ଜେନେରାଲ ଫ୍ରାଙ୍କୋଙ୍କୁ ଜର୍ମାନୀ ଓ ଇଟାଲୀ ସମସ୍ତ

ପ୍ରକାର ସାମରିକ ସାହାଯ୍ୟ ଯଥା ସୈନ୍ୟବଳ, ଅସ୍ତ୍ରଶସ୍ତ୍ର ଓ ଅର୍ଥ ପ୍ରଦାନ କରିଥିବା ବେଳେ ଇଂଲଣ୍ଡ ଓ ଫ୍ରାନ୍ସ ନିରପେକ୍ଷ ନୀତି ଅବଲମ୍ବନ କରିଥିଲେ ଓ ସ୍ପେନର ସାଧାରଣତନ୍ତ୍ର ସମର୍ଥକମାନଙ୍କୁ ଋଷିଆର ସାହାଯ୍ୟ ପର୍ଯ୍ୟନ୍ତ ନ ଥିଲା । ଏହାଫଳରେ ଜେନେରାଲ ଫ୍ରାଙ୍କୋ ବିଜୟଲାଭ କରିଥିବାବେଳେ ସ୍ପେନ୍‌ରେ ଗଣତନ୍ତ୍ରର ବିଲୋପ ଘଟିଥିଲା । ୧୯୩୫ ମସିହା ମେ' ମାସ ୨ ତାରିଖରେ ଜର୍ମାନୀର ସମ୍ଭାବ୍ୟ ଆକ୍ରମଣକୁ ପ୍ରତିହତ କରିବାପାଇଁ ଋଷିଆ ଓ ଫ୍ରାନ୍ସ ପରସ୍ପରକୁ ସାହାଯ୍ୟ କରିବାପାଇଁ ଏକ ଚୁକ୍ତି କଲେ । ୧୯୩୯ ମସିହାରେ ଏକଛତ୍ରବାଦୀ ଜର୍ମାନୀ ଓ ଇଟାଲୀକୁ ବିରୋଧ କରି ଇଂଲଣ୍ଡ ଓ ଫ୍ରାନ୍ସ ଏକ ମେଣ୍ଟ କରିଥିଲେ । ଏଥିରେ ଗ୍ରୀସ୍ ଓ ପୋଲାଣ୍ଡ ଓ ଅନ୍ୟ ଦେଶମାନେ ଯୋଗ ଦେଇଥିଲେ । ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ହିଟଲର-ମୁସୋଲିନୀଙ୍କୁ ସିଧାସଳଖ ବିରୋଧ ଓ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଓ ହିଟଲରଙ୍କ ଶକ୍ତିବୃଦ୍ଧି ଦେଖି ସୋଭିଏତ୍ ଋଷିଆ ଜର୍ମାନୀ ସହ ୧୯୩୯ ମସିହାରେ ଏକ ଅନାକ୍ରମଣ ଚୁକ୍ତି ସ୍ୱାକ୍ଷର କରିଥିଲା । ଏହିପରି ଭାବରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ପୃଥିବୀ ଦୁଇଟି ପରସ୍ପର ବିରୋଧି ସାମରିକ ମେଣ୍ଟରେ ବିଭକ୍ତ ହୋଇଯାଇଥିଲା । ଏକପକ୍ଷରେ ଜର୍ମାନୀ, ଇଟାଲୀ ଓ ଜାପାନ ଏବଂ ସେମାନଙ୍କ ସହଯୋଗୀ ଦେଶଗୁଡ଼ିକ 'ଅକ୍ଷଶକ୍ତି' ବା 'କେନ୍ଦ୍ରଶକ୍ତି' ନାମରେ ନାମିତ ହୋଇଥିବା ବେଳେ ଇଂଲଣ୍ଡ ଓ ଫ୍ରାନ୍ସ ଏବଂ ସେମାନଙ୍କ ସହଯୋଗୀ ଦେଶମାନେ 'ମିତ୍ରଶକ୍ତି' ରୂପେ ପରିଚିତ ହେଲେ । ଏହପରି ଭାବରେ ପୃଥିବୀ ଦୁଇଟି ପରସ୍ପର ବିରୋଧି ଆଦର୍ଶଗତ ତଥା ସାମରିକ ମେଣ୍ଟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ବିଭକ୍ତ ହୋଇସାରିଥିଲା ।

## ସାମ୍ରାଜ୍ୟବାଦୀ ଓ ପୁଞ୍ଜିବାଦୀ ନୀତି:

ପ୍ରଥମ ବିଶ୍ୱଯୁଦ୍ଧ ପରି ଦ୍ୱିତୀୟ ବିଶ୍ୱଯୁଦ୍ଧର ଅର୍ନ୍ତନିହିତ କାରଣ ଥିଲା କଳକାରଖାନା ପାଇଁ ଆବଶ୍ୟକ କଞ୍ଚାମାଲ ଓ କାରଖାନା ପ୍ରସ୍ତୁତ ଦ୍ରବ୍ୟର ବିକ୍ରି ପାଇଁ ବଜାର ଓ ତାହା ପାଇଁ ଉପନିବେଶ ପ୍ରତିଷ୍ଠାର ଅଦମ୍ୟ ଇଚ୍ଛା । ଶିଳ୍ପ ବିପ୍ଳବର ଆରମ୍ଭ ଓ ଦ୍ରୁତ ବିସ୍ତାର ଫଳରେ ଇଂଲଣ୍ଡ, ଫ୍ରାନ୍ସ, ବେଲ୍‌ଜିୟମ୍, ହଲାଣ୍ଡ ଓ ପର୍ତ୍ତୁଗାଲ ଆଦି ଦେଶମାନେ ଉପନିବେଶମାନ ଏସିଆ ଓ ଆଫ୍ରିକାରେ ପ୍ରତିଷ୍ଠିତ କରିସାରିଥିଲେ । ଶିଳ୍ପ ଓ ବାଣିଜ୍ୟିକ କ୍ଷେତ୍ରରେ ଇଂଲଣ୍ଡ, ଫାନ୍ସ ଓ ଆମେରିକା ତାଙ୍କର ଆଧିପତ୍ୟ ପ୍ରତିଷ୍ଠା କରିସାରିଥିଲେ । ଜର୍ମାନୀ, ଇଟାଲୀ ଓ ଜାପାନରେ ଶିଳ୍ପର ଅଭିବୃଦ୍ଧି କିଛି ବର୍ଷପରେ ହୋଇଥିବାରୁ ସେମାନେ ଉପନିବେଶ ଦୌଡ଼ରେ ପଛରେ ପଡ଼ିଯାଇଥିଲେ ଓ ଯାହାର ଉପନିବେଶ ଥିଲା ସେମାନଙ୍କ ପ୍ରତି ଈର୍ଷାଭାବ ପୋଷଣ କରୁଥିଲେ । ୧୯୨୯ ମସିହାର ବିଶ୍ୱ ମାନ୍ଦାବସ୍ଥା ସମୟରେ ଜର୍ମାନୀ, ଇଟାଲୀ ଓ ଜାପାନ କଞ୍ଚାମାଲ ସଂଗ୍ରହ ଓ କାରଖାନା ପ୍ରସ୍ତୁତ ବିକ୍ରି କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ତେଣୁ ସେମାନେ ଭାବିଥିଲେ ଏସିଆ ଓ ଆଫ୍ରିକାର ଅନୁନ୍ନତ ଦେଶମାନଙ୍କରେ ସେମାନଙ୍କର ଉପନିବେଶ ସ୍ଥାପନ କରି ସେଠାକାର କଞ୍ଚାମାଲ ଓ ବଜାର ଉପରେ ଏକଚାଟିଆ ଆଧିପତ୍ୟ ବିସ୍ତାର କରି ନିଜ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଘଟାଇବେ । ଏଥିପାଇଁ ଜାପାନ ୧୯୩୧ରେ ମାଞ୍ଚୁରିଆ ଆକ୍ରମଣ କରି ଏହାକୁ ଦଖଲ କଲା ଓ ୧୯୩୭ରେ ଚୀନ ସହ ଯୁଦ୍ଧ କରି ତାହାର ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳରେ ତାର ପ୍ରଭାବ ବିସ୍ତାର କରିଥିଲା । ଏହି ଦ୍ୱିତୀୟ ଚୀନ୍-ଜାପାନ ଯୁଦ୍ଧ ଶେଷରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମିଶିଯାଇଥିଲା । ଉପନିବେଶ ଥିବା ରାଷ୍ଟ୍ରମାନେ ଉପନିବେଶ ଚାହୁଁଥିବା ରାଷ୍ଟ୍ରମାନଙ୍କୁ ସୁଯୋଗ ଦେବାପାଇଁ ଚାହୁଁ ନ ଥିଲେ ଓ ଏହି ଦେଶମାନେ ନିଜର ଅର୍ଥନୀତିର ବିକାଶ ପାଇଁ ଉପନିବେଶ ସ୍ଥାପନ କରିବାକୁ ଯେ କୌଣସି ପଦକ୍ଷେପ ଏପରିକି ଭୟାଭୟ ଯୁଦ୍ଧ କରିବାକୁ

ପ୍ରସ୍ତୁତ ହୋଇଥିଲେ। ଏହିପରି ଭାବରେ ପୁଞ୍ଜିବାଦର ବିକାଶ ଓ ଉପନିବେଶବାଦ ବିଭିନ୍ନ ଦେଶ ପାଇଁ ଭିନ୍ନ ପରିସ୍ଥିତି ସୃଷ୍ଟି କରି ଯୁଦ୍ଧର ବାତାବରଣକୁ ଅଧିକ କ୍ରିୟାଶୀଳ କରିଥିଲା।

## ହିଟଲରଙ୍କ ନୀତି:

୧୯୩୩ ଜାନୁଆରୀ ମାସରେ ଜର୍ମାନୀରେ ନାଜିଦଳ କ୍ଷମତାକୁ ଆସିଲେ ଓ ହିଟଲର ଜର୍ମାନୀର ଚାଲସେଲର ଭାବେ ନିଯୁକ୍ତ ହେଲେ। ସେ କ୍ଷମତାକୁ ଆସିବା ପରଠାରୁ ଭର୍ସାଇ ସନ୍ଧିର ସମସ୍ତ ସର୍ତ୍ତକୁ ନ ମାନି ଜର୍ମାନୀର ସାମରିକ ଶକ୍ତି ବୃଦ୍ଧି ପାଇଁ ପଦକ୍ଷେପ ନେଇଥିଲେ। ସେ ୧୯୩୫ ମସିହାରେ ଜର୍ମାନୀରେ ବାଧ୍ୟତାମୂଳକ ଭାବେ ସାମରିକ ବାହିନୀରେ ଶାରିରୀକ ସକ୍ଷମ ଯୁବକମାନେ ଯୋଗ ଦେବା ପାଇଁ ଆଦେଶ ଦେଇଥିଲେ। ମାର୍ଚ୍ଚ ୧୯୩୬ ମସିହାରେ ରାଇନ୍‌ଲ୍ୟାଣ୍ଡ ଅଞ୍ଚଳକୁ ପୁନଃସାମରୀକରଣ ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରି ଭର୍ସାଇ ଚୁକ୍ତି ଭଙ୍ଗ କଲେ। ୧୯୩୮ ମାର୍ଚ୍ଚ ମାସରେ ଅଷ୍ଟ୍ରିଆକୁ ଜର୍ମାନୀରେ ମିଶାଇ ଦେଇଥିଲେ। ତାହାପରେ ହିଟଲର ଚେକୋସ୍ଲୋଭାକିଆର ଜର୍ମାନୀ ବହୁଳ ସୁଦେତାନଲ୍ୟାଣ୍ଡ ନେବାକୁ ୩୦ ସେପ୍ଟେମ୍ବର ୧୯୩୮ରେ ଦାବି ଉପସ୍ଥାପିତ କଲେ। ଚାରିଜଣ ୟୁରୋପର ରାଷ୍ଟ୍ରନୀତିଜ୍ଞ-ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ନେଭିଲ୍ ଚେମ୍ବରଲେନ୍, ଫ୍ରାନ୍ସର ପ୍ରଧାନମନ୍ତ୍ରୀ ଏଡୋୱାର୍ଡ୍ ଡାଲାଡ଼ିଅର, ମୁସୋଲିନୀ ଓ ହିଟଲର ଜର୍ମାନୀର ମ୍ୟୁନିକ୍ ସହରରେ ଏକ ସମ୍ମିଳନୀରେ ମିଳିତ ହୋଇ ଚେକୋସ୍ଲୋଭାକିଆ ଉପରେ ଚାପ ପ୍ରୟୋଗ କଲେ, ଯାହାଫଳରେ ଜର୍ମାନୀକୁ ସୁଦେତାନଲ୍ୟାଣ୍ଡ ଦେବାକୁ ଚେକେସ୍ଲୋଭାକିଆ ବାଧ୍ୟ ହେଲା। ସୁଦେତାନଲ୍ୟାଣ୍ଡ ନେବାପରେ ହିଟଲର ଅବଶିଷ୍ଟ ଚେକୋସ୍ଲୋଭାକିଆକୁ ଭାଙ୍ଗି ଏହାର ବିଭିନ୍ନ ଅଞ୍ଚଳ ଉପରେ ଜର୍ମାନୀ ଆଧିପତ୍ୟ ପ୍ରତିଷ୍ଠା କରିଥିଲେ।

## ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ତୁଷ୍ଟୀକରଣ ନୀତି:

ଯେତେବେଳେ ଜର୍ମାନୀ, ଇଟାଲୀ ଓ ଜାପାନ ସାମ୍ରାଜ୍ୟବାଦୀ ନୀତି ଗ୍ରହଣ କରିଥିଲେ, ସେତେବେଳେ ଇଂଲଣ୍ଡ, ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା ସେମାନଙ୍କ ପ୍ରତି ତୁଷ୍ଟୀକରଣ ନୀତି ଆପଣାଇଥିଲେ। ଋଷିଆରେ କମ୍ୟୁନିଷ୍ଟ ଶାସନ ପ୍ରତିଷ୍ଠା ପାଶ୍ଚାତ୍ୟର ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କୁ ବିବ୍ରତ ଓ ଭୟଭୀତ କରାଇଥିଲା। ହିଟଲର ଯେତେବେଳେ ରାଇନଲ୍ୟାଣ୍ଡ, ଅଷ୍ଟ୍ରିଆ ଓ ଚେକେସ୍ଲୋଭିଆ ଅଧିକାର କଲେ ସେତେବେଳେ ଇଂଲଣ୍ଡ ଓ ଫ୍ରାନ୍ସ ଆଦି ଦେଶମାନେ ନୀରବଦ୍ରଷ୍ଟା ସାଜିଥିଲେ। ସେମାନେ ଋଷିଆ ସହିତ ବନ୍ଧୁତା କରି ଏକଛତ୍ରବାଦକୁ ବିରୋଧ କରି ନ ଥିଲେ। କାରଣ ସେମାନଙ୍କ ମତରେ ଋଷିଆର ବନ୍ଧୁତ୍ୱ ଜର୍ମାନୀର ଶକ୍ତିବୃଦ୍ଧି ଅପେକ୍ଷା ଅଧିକ ବିପଦପୂର୍ଣ୍ଣ ଥିଲା। ସେମାନେ ଭାବୁଥିଲେ କୋମନ୍‌ଟର୍ଣ୍ଣ ବିରୋଧି ଚୁକ୍ତିଦ୍ୱାରା ହିଟଲର, ମୁସୋଲିନୀ ଋଷିଆ ବିରୁଦ୍ଧରେ ପଦକ୍ଷେପ ନେବେ ଓ ଏହାଫଳରେ ନାଜୀବାଦ ଓ ଫାସୀବାଦ ସହ ସାମ୍ୟବାଦୀ ଋଷିଆର ସଂଘର୍ଷରେ ପୁଞ୍ଜୀବାଦର ଦୁଇ ଶତ୍ରୁ ବିଲୋପ ଘଟିବ ଓ ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କର ଲାଭ ହେବ।

ଫ୍ରାନ୍ସର ଜର୍ମାନୀ ସହ ଐତିହାସିକ ଶତ୍ରୁତା ଥିବା ହେତୁ ସେ ଇଟାଲୀକୁ ତୁଷ୍ଟ କରିବାକୁ ଚାହୁଁଥିଲା, ଯାହାଫଳରେ ଇଟାଲୀ ଜର୍ମାନୀ ସହ ମେଣ୍ଟ କରିବ ନାହିଁ। ଇଂଲଣ୍ଡର ରକ୍ଷଣଶୀଳ ଗୋଷ୍ଠୀ ଓ ଦଳ ଭାବୁଥିଲେ ଜର୍ମାନୀକୁ ତୁଷ୍ଟ କରି ସୋଭିଏତ୍ ଋଷିଆ ବିରୁଦ୍ଧରେ ତା'କୁ ବ୍ୟବହାର କରିବାପାଇଁ। କମ୍ୟୁନିଷ୍ଟବାଦ ବା ସାମ୍ୟବାଦର ଭୟ ଆମେରିକାର ତୁଷ୍ଟୀକରଣ ନୀତିର ଏକ ପ୍ରମୁଖ କାରଣ ଥିଲା। ଏହି ପାଶ୍ଚାତ୍ୟ ଜଗତର ତୁଷ୍ଟୀକରଣ ନୀତି ଜର୍ମାନୀ, ଇଟାଲୀ ଓ

ଜାପାନକୁ ଅଧିକରୁ ଅଧିକ ଆକ୍ରମଣାତ୍ମକ କରିବାକୁ ପ୍ରୋତ୍ସାହିତ କରିଥିଲା । ଶେଷରେ କେବଳ ଦ୍ୱିତୀୟ ବିଶ୍ୱଯୁଦ୍ଧ ଦ୍ୱାରା ସେମାନଙ୍କର ଆକ୍ରମଣାତ୍ମକ ନୀତିର ପ୍ରତିରୋଧ ଘଟିଥିଲା ।

## ନିରସ୍ତ୍ରୀକରଣ ପ୍ରଚେଷ୍ଟାର ବିଫଳତା:

ପ୍ରଥମ ବିଶ୍ୱଯୁଦ୍ଧ ପରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ନିରସ୍ତ୍ରୀକରଣକୁ ପ୍ରାଧାନ୍ୟ ଦିଆଯାଇଥିଲା କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଜାତିସଂଘ ମାଧ୍ୟମରେ ଓ ଏହା ବାହାରେ ପ୍ରଚେଷ୍ଟା ବିଫଳ ହୋଇଥିଲା । ଜାତିସଂଘ ସନନ୍ଦରେ ସ୍ପଷ୍ଟ ଉଲ୍ଲେଖ ଥିଲା ଯେ କୌଣସି ଦେଶ ତା'ର ସର୍ବନିମ୍ନ ଆବଶ୍ୟକତା ଓ ଜାତୀୟ ନିରାପତ୍ତାକୁ ଆଖିରେ ରଖି ଅସ୍ତ୍ରଶସ୍ତ୍ରର ପରିମାଣକୁ ହ୍ରାସ କରିବେ । ଜାତିସଂଘ ଯେତେବେଳେ ଦୁର୍ବଳ ହେବାକୁ ଲାଗିଲା ଓ ଜାତିସଂଘ ବିଭିନ୍ନ ଘଟଣାବଳୀରେ ପୀଡ଼ିତ ରାଷ୍ଟ୍ରମାନଙ୍କୁ ନିରାପତ୍ତା ଯୋଗାଇବାରେ ଅସମର୍ଥ ହେଲା, ସେତେବେଳେ ରାଷ୍ଟ୍ରମାନେ ନିଜର ନିରାପତ୍ତାକୁ ଆଖିଆଗରେ ରଖି ଅସ୍ତ୍ରୀକରଣ ପ୍ରକ୍ରିୟା କାର୍ଯ୍ୟକାରୀ କଲେ । ୧୯୩୨ ମସିହାର ବିଶ୍ୱ ନିରସ୍ତ୍ରୀକରଣ ସମ୍ମିଳନୀ ବୃହତ୍ ରାଷ୍ଟ୍ରମାନଙ୍କର ଆବଶ୍ୟକତା ଓ ଅଗ୍ରାଧିକାର ପ୍ରଶ୍ନ ଉପରେ ବିତର୍କରେ ଲିପ୍ତ ରହିବା ହେତୁ ଅନ୍ୟାନ୍ୟ ଦେଶମାନଙ୍କର ମନରେ ନିରାଶା ସୃଷ୍ଟି କଲା । ଏହା ତାହାର ଘୋଷିତ ଲକ୍ଷ୍ୟ ପୂରଣ କରିପାରି ନ ଥିଲା । ୧୯୩୫ ମସିହାରେ ଜର୍ମାନୀ ବାଧ୍ୟତାମୂଳକ ସାମରିକ ଶିକ୍ଷା ଓ ସୈନ୍ୟବାହିନୀର ଆକାର ବୃଦ୍ଧି କରି ଭର୍ସାଇ ଚୁକ୍ତି ଓ ଜାତିସଂଘର ନିର୍ଦ୍ଦେଶକୁ ଅବଜ୍ଞା କଲା ଓ ୧୯୩୩ ମସିହାରୁ ଏହା ଜାତିସଂଘର ସଭ୍ୟପଦ ତ୍ୟାଗ କରିସାରିଥିଲା । ଜର୍ମାନୀର ସାମରିକ ଶକ୍ତିର ଅଭିବୃଦ୍ଧି ତା'ର ବନ୍ଧୁ ଦେଶମାନେ ଅନୁସରଣ କଲେ ଓ ନିରାପତ୍ତା ଭୟରେ ପାଶ୍ଚାତ୍ୟ ଦେଶମାନେ ମଧ୍ୟ ନିଜର ସାମରିକ ଶକ୍ତିର ଅଭିବୃଦ୍ଧି ଘଟାଇଲେ । ଅସ୍ତ୍ରଶସ୍ତ୍ର ବୃଦ୍ଧି ଓ ଆଧୁନିକୀକରଣ ତଥା ଜଳ, ସ୍ଥଳ ଓ ଆକାଶ ବାହିନୀର ସଂଖ୍ୟା ବୃଦ୍ଧି ସମଗ୍ର ପୃଥିବୀରେ ଏକ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା । ନିରସ୍ତ୍ରୀକରଣ ବଦଳରେ ଦୃତ ସଶସ୍ତ୍ରୀକରଣ ନୀତି ଦେଶମାନେ ଆପଣାଇ ନେଇଥିଲେ ।

## ଫ୍ରାନ୍ସର ନିରାପତ୍ତା ଅନ୍ୱେଷଣ:

ଐତିହାସିକ ଭାବେ ଜର୍ମାନୀ ସର୍ବଦା ଫ୍ରାନ୍ସର ଶତ୍ରୁ ହୋଇ ରହିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭରୁ ବିଗତ ପଚାଶ ବର୍ଷ ମଧ୍ୟରେ ଜର୍ମାନୀ ଦୁଇ ଦୁଇ ଥର ଫ୍ରାନ୍ସକୁ ଆକ୍ରମଣ କରିଥିଲା । ଜର୍ମାନୀ ଏକତ୍ରୀକରଣ ଜର୍ମାନୀକୁ ଏକ କରି ଏକ ଶକ୍ତିଶାଳୀ ରାଷ୍ଟ୍ରରୂପେ ଯେତେବେଳେ ଠିଆ ହେଲା, ଏହା ଫ୍ରାନ୍ସର ନିରାପତ୍ତା ପ୍ରତି ଏକ ପ୍ରଶ୍ନବାଚୀ ହୋଇଥିଲା । ତେଣୁ ପ୍ରଥମ ବିଶ୍ୱଯୁଦ୍ଧ ପରବର୍ତ୍ତୀ ପ୍ୟାରିସ୍ ଶାନ୍ତି ସମ୍ମିଳନୀରେ ଫ୍ରାନ୍ସ ହିଁ ଜର୍ମାନୀର ନ୍ୟାୟୋଚିତ ଦାବିଗୁଡ଼ିକୁ ଅଗ୍ରାହ୍ୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଫ୍ରାନ୍ସ ଚାହୁଁଥିଲା ତା'ର ସୀମାରେ ଥିବା ଜର୍ମାନୀ ଦୁର୍ବଳ ହୋଇ ରହୁ ତାହା ଦ୍ୱାରା ତା'ର ନିରାପତ୍ତା ଓ ୟୁରୋପରେ ତା'ର ପତିଆରା ଅକ୍ଷୁର୍ଣ୍ଣ ରହିବ । ଜର୍ମାନୀ ପରାଜିତ ହେଲେ ମଧ୍ୟ ତା'ର ନ୍ୟାୟୋଚିତ ଦାବି ଉପସ୍ଥାପନ କରି ଅନ୍ୟ ୟୁରୋପୀୟ ଦେଶମାନଙ୍କ ସହିତ ତାକୁ ସମାନ ଦୃଷ୍ଟିରେ ଦେଖିବାକୁ ଚାହୁଁଥିଲା । କିନ୍ତୁ ଫ୍ରାନ୍ସ ବିଜେତା ଓ ଜର୍ମାନୀ ପରାଜିତ ରାଷ୍ଟ୍ର ହୋଇଥିବାରୁ ଫ୍ରାନ୍ସ ତାହାର ଚିନ୍ତାଧାରାକୁ ବଜାୟ ରଖିଥିଲା ଓ ଜର୍ମାନୀକୁ ବିଭିନ୍ନ ଭାବରେ ଅପମାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ତେଣୁ ଫ୍ରାନ୍ସର ନିରାପତ୍ତା ପାଇଁ ଦୁର୍ବଳ ଓ ଅସ୍ତ୍ରଶସ୍ତ୍ରହୀନ

ଜର୍ମାନୀ ଏକ ଐତିହାସିକ ଆବଶ୍ୟକତା ଥିଲା । ଫଳରେ ଦୁଇ ଦେଶର ଚିନ୍ତାଧାରା ଅଲଗା ଥିଲା ଓ ସେମାନଙ୍କ ମଧ୍ୟରେ ଶତୃତା ବୃଦ୍ଧି ପାଇଥିଲା । ଏହା ଶେଷରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ରୂପ ଧାରଣ କରିଥିଲା ।

## ଜାତିସଂଘର ବିଫଳତା:

ପ୍ରଥମ ବିଶ୍ୱଯୁଦ୍ଧ ପରେ ଜାତିସଂଘ ପ୍ରତିଷ୍ଠା କରାଯାଇଥିଲା । ଏହାର ମୂଳ ଲକ୍ଷ୍ୟ ଥିଲା ଆର୍ନ୍ତଜାତିକ ଶାନ୍ତି, ନିରାପତ୍ତା ଓ ସହଯୋଗ ଦେଶ ଦେଶ ମଧ୍ୟରେ ପ୍ରତିଷ୍ଠା କରିବ । କିନ୍ତୁ ଏହା ତା'ର ମୂଳ ଲକ୍ଷ୍ୟରେ ପହଞ୍ଚି ପାରି ନ ଥିଲା । ପ୍ରଥମତଃ ଜାତିସଂଘର ଜନ୍ମବେଳୁ ଏହା ଏକ ଦୁର୍ବଳ ପୋଲିଓଗ୍ରସ୍ତ ଶିଶୁରୂପେ ଜନ୍ମଲାଭ କରିଥିଲା । ଆମେରିକାର ରାଷ୍ଟ୍ରପତି ଉଡ୍ରୋ ଉଇଲସନ୍ ଯଦିଓ ଏହାର ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଆମେରିକାର ବ୍ୟବସ୍ଥାପକ ସଭା (Congress of USA) ଏଥିରେ ଆମେରିକାର ଯୋଗଦାନକୁ ଅଗ୍ରାହ୍ୟ କଲା । ୟୁରୋପୀୟ ଦେଶମାନେ କମ୍ୟୁନିଷ୍ଟ ଋଷିଆକୁ ଏହାର ସଭ୍ୟ କରି ନ ଥିଲେ । ଫଳରେ ବ୍ରିଟେନ୍ ଓ ଫ୍ରାନ୍ସର ଦୁର୍ବଳ କାନ୍ଧରେ ଜାତିସଂଘର ଭାର ପଡ଼ିଥିଲା ।

୧୯୩୩ ମସିହାରେ ଜାତିସଂଘ ତ୍ୟାଗ କରି ଜର୍ମାନୀ ତାର ସାମ୍ରାଜ୍ୟ ୟୁରୋପରେ ବିସ୍ତାର କଲା ଓ ଜାତିସଂଘର ନିର୍ଦ୍ଦେଶକୁ ଅବଜ୍ଞା କଲା । ପରେ ପରେ ଇଟାଲୀ ଓ ଜାପାନ ତା'ର ପଦାଙ୍କ ଅନୁସରଣ କଲେ । ଆକ୍ରମଣକାରୀ ଦେଶକୁ ଶାସ୍ତି ଦେବାକୁ ଜାତିସଂଘର ସାମରିକ କ୍ଷମତା ନ ଥିଲା । ଫଳରେ ଜର୍ମାନୀ, ଇଟାଲୀ ଓ ଜାପାନ ଜାତିସଂଘର କୌଣସି କଟକଣା ନ ମାନି ସେମାନଙ୍କର ରାଜ୍ୟ ଜୟ ଓ ଯୁଦ୍ଧ ପରିଚାଳନା କଲେ ଓ ଜାତିସଂଘକୁ ଅବଜ୍ଞା କରୁଥିଲେ ବା ଅନ୍ଧକାରରେ ରଖୁଥିଲେ । ତୁଷ୍ଟୀକରଣ ନୀତି ଫଳରେ ଯେତେବେଳେ ହିଟଲର ଗୋଟିଏ ପରେ ଗୋଟିଏ ଅଞ୍ଚଳ ଜୟ କରୁଥିଲେ, ଇଂଲଣ୍ଡ ଓ ଫ୍ରାନ୍ସ ତାହାକୁ ଜାତିସଂଘରେ ଆଲୋଚନା ନ କରି ଜର୍ମାନୀକୁ ନୀରବ ସମର୍ଥନ ଜଣାଉଥିଲେ । ତେଣୁ ଜାତିସଂଘ କୌଣସି କ୍ଷେତ୍ରରେ କଠୋର ପଦକ୍ଷେପ ନେଇପାରି ନ ଥିଲା । ଶାନ୍ତି ପ୍ରତିଷ୍ଠାରେ ଜାତିସଂଘର ବିଫଳତା ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ପଥ ପରିଷ୍କାର କରିଥିଲା ।

## ଆଶୁ କାରଣ

### ଜର୍ମାନୀର ପୋଲାଣ୍ଡ ଆକ୍ରମଣ:

ଜର୍ମାନୀର ପୋଲାଣ୍ଡ ଆକ୍ରମଣରୁ ହିଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଆରମ୍ଭ ହୋଇଥିଲା । ଚେକୋସ୍ଲୋଭୋକିଆକୁ ଖଣ୍ଡ ଖଣ୍ଡ କରି ନିଜ ନିୟନ୍ତ୍ରଣାଧୀନ କରିବାପରେ ହିଟଲର ଭର୍ସାଇ ସନ୍ଧିରେ ପୋଲାଣ୍ଡକୁ ଦିଆଯାଇଥିବା ପୋଷେନ୍, ପଶ୍ଚିମ ପ୍ରୁସିଆ ଓ ଡେନ୍‌ଜିଗ୍ ବନ୍ଦର ପୋଲାଣ୍ଡଠାରୁ ପାଇବାକୁ ଅଗଷ୍ଟ ୧୯୩୯ ମସିହାରେ ଦାବି କଲେ । ହିଟଲର ପୋଲାଣ୍ଡ ଆକ୍ରମଣ କରିବାକୁ ଯୋଜନା କରିଥିଲେ । ୩୧ ମାର୍ଚ୍ଚ ୧୯୩୯ ମସିହାରେ ଇଂଲଣ୍ଡ ଓ ଫ୍ରାନ୍ସ ଘୋଷଣା କଲେ, ଯଦି ଜର୍ମାନୀ ପୋଲାଣ୍ଡକୁ ଆକ୍ରମଣ କରେ ତେବେ ସେମାନେ ପୋଲାଣ୍ଡକୁ ସାହାଯ୍ୟ କରିବେ । ଫରାସୀ ସରକାରଙ୍କ ପ୍ରସ୍ତାବ ଅନୁଯାୟୀ ସୋଭିଏତ୍ ଋଷିଆ ଓ ଇଂଲଣ୍ଡ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ପାଇଁ କଥାବାର୍ତ୍ତା ଚାଲିଥିଲା ଯେ ଯଦି ଜର୍ମାନୀ ପୋଲାଣ୍ଡ ଆକ୍ରମଣ କରେ, ତେବେ ଋଷିଆ ଓ ଇଂଲଣ୍ଡ ପୋଲାଣ୍ଡକୁ ସାହାଯ୍ୟ କରିବେ । କିନ୍ତୁ ବ୍ରିଟେନର ରକ୍ଷଣଶୀଳ ଦଳର

ସରକାରଙ୍କ ସୋଭିଏତ୍ ଋଷିଆ ପ୍ରତି ସନ୍ଦେହ କାରଣରୁ ଏହି ରାଜିନାମା ସମ୍ଭବ ହୋଇ ନ ଥିଲା। ଋଷିଆ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖୁଥିଲା। ସେ ଭାବୁଥିଲା ସେମାନେ ଋଷିଆକୁ ଜର୍ମାନୀ ସହ ଯୁଦ୍ଧ କରିବାପାଇଁ ଯୋଜନାବଦ୍ଧ ଷଡଯନ୍ତ୍ର କରୁଛନ୍ତି। ତେଣୁ ସୋଭିଏତ୍ ଋଷିଆ ଜର୍ମାନୀ ସହ ୨୩ ଅଗଷ୍ଟ ୧୯୩୯ ମସିହାରେ ଏକ ଅନାକ୍ରମଣ ଚୁକ୍ତି ସ୍ୱାକ୍ଷର କଲା। ଏହି ଚୁକ୍ତି ଅନୁଯାୟୀ ସେମାନେ ପରସ୍ପରକୁ ଆଗାମୀ ଦଶ ବର୍ଷ ପର୍ଯ୍ୟନ୍ତ ଆକ୍ରମଣ କରିବେ ନାହିଁ। ଏହା ହିଟଲରଙ୍କ ଏକ ଯୋଜନା ଥିଲା। ସେ ଚାହୁଁଥିଲେ ଜର୍ମାନୀ ପୋଲାଣ୍ଡ ଆକ୍ରମଣ କଲାବେଳେ ଋଷିଆ ନିରପେକ୍ଷ ରହୁ ଯାହା ତାହାକୁ ସାମରିକ ଭାବେ ସୁହାଇବ।

ଜର୍ମାନୀର ପୋଲାଣ୍ଡକୁ ଭର୍ସାଇ ସନ୍ଧି ଅନୁଯାୟୀ ଦିଆଯାଇଥିବା ଅଞ୍ଚଳକୁ ଫେରସ୍ତ ଦାବିକୁ ପୋଲାଣ୍ଡର ଉତ୍ତର ପ୍ରଦାନ ପୂର୍ବରୁ ୧ ସେପ୍ଟେମ୍ବର ୧୯୩୯ରେ ଜର୍ମାନୀ ପୋଲାଣ୍ଡ ଆକ୍ରମଣ କଲା। ଇଂଲଣ୍ଡ ଓ ଫ୍ରାନ୍ସ ଜର୍ମାନୀକୁ ପୋଲାଣ୍ଡରୁ ସୈନ୍ୟ ପ୍ରତ୍ୟାହାର ପାଇଁ ଦାବି କଲେ ଓ ଜର୍ମାନୀ ଏହା ପ୍ରତ୍ୟାଖ୍ୟାନ କରିବାରୁ, ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଇଂଲଣ୍ଡ ଓ ଫ୍ରାନ୍ସ ଜର୍ମାନୀ ବିରୁଦ୍ଧରେ ୩ ସେପ୍ଟେମ୍ବର ୧୯୩୯ ମସିହାରେ ଯୁଦ୍ଧ ଘୋଷଣା କଲେ। ଏହିପରି ଭାବରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଆରମ୍ଭ ହୋଇଥିଲା। ଅକ୍ଷଶକ୍ତି ଓ ମିତ୍ରଶକ୍ତି ମଧ୍ୟରେ ଯୁଦ୍ଧ ହେଲା। ପରେ ୧୯୪୧ ମସିହାରେ ଜର୍ମାନୀର ଋଷିଆ ଓ ଜାପାନର ଆମେରିକାର ହାୱାଇ ଦ୍ୱୀପରେ ଥିବା ନୌବନ୍ଦର ଉପରେ ଆକ୍ରମଣ ଫଳରେ ଋଷିଆ ଓ ଆମେରିକା ମିତ୍ରଶକ୍ତି ସହ ସହଯୋଗ ଦେଇ ଜର୍ମାନୀ-ଇଟାଲୀ ଓ ଜାପାନ ବିରୁଦ୍ଧରେ ଏହି ଯୁଦ୍ଧରେ ଅଂଶଗ୍ରହଣ କଲେ। ଏହାଫଳରେ ମିତ୍ରଶକ୍ତିର ଶକ୍ତିବୃଦ୍ଧି ଘଟିଲା। ୧୯୪୫ ମସିହା ମେ ମାସରେ ଜର୍ମାନୀ ଆତ୍ମସମର୍ପଣ କଲା। ୧୯୪୫ ଅଗଷ୍ଟ ୬ ଓ ୯ ତାରିଖରେ ଜାପାନରେ କ୍ରମାନ୍ୱୟରେ ହିରୋସୀମା ଓ ନାଗାସାକି ସହର ଉପରେ ଆମେରିକା ପରମାଣୁ ବୋମା ବିସ୍ଫୋରଣ କରି ଧ୍ୱଂସ କରିଦେଲା। ଫଳରେ ଜାପାନ ସେପ୍ଟେମ୍ବର ୨ ତାରିଖ ୧୯୪୫ ମସିହାରେ ଆତ୍ମସମର୍ପଣ କଲା। ଏହାପୂର୍ବରୁ ୧୯୪୩ ମସିହାରେ ଇଟାଲୀ ମିତ୍ରଶକ୍ତିଙ୍କ ଦ୍ୱାରା ପରାଜିତ ହୋଇସାରିଥିଲା। ଏହିପରି ଭାବରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ୬ ବର୍ଷର ଭୟାଭୟତାର ଅବସାନ ଘଟିଲା ଓ ପୃଥିବୀର ଭୟଭୀତ ଜନସାଧାରଣ ଶାନ୍ତିର ନିଶ୍ୱାସ ମାରିଲେ ଓ ଏକ ନୂତନ ବିଶ୍ୱ ବ୍ୟବସ୍ଥା କରିବାପାଇଁ ଆଗଭର ହେଲେ। ଏହି ପ୍ରଚେଷ୍ଟାର ଫଳାଫଳ ହେଲା ଜାତିସଂଘର ଧ୍ୱଂସସ୍ତୁପ ଉପରେ ମିଳିତ ଜାତିସଂଘର ଜନ୍ମ ଓ ବିକାଶ।

## ସାରାଂଶ

ପ୍ରଥମ ବିଶ୍ୱଯୁଦ୍ଧ ଶେଷର ୨୦ ବର୍ଷ ପରେ ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ୧୯୪୫ ପର୍ଯ୍ୟନ୍ତ ଚାଲିଥିଲା। ଏହି ଯୁଦ୍ଧର ମୁଖ୍ୟ କାରଣଗୁଡ଼ିକ ଥିଲେ- ଭର୍ସାଇ ସନ୍ଧି, ଏକଛତ୍ରବାଦର ଅଭ୍ୟୁଦୟ, ଜାତିସଂଘର ବିଫଳତା ଏବଂ ସାମରିକ ମେଣ୍ଟ ଗଠନ। ଏହି ଯୁଦ୍ଧରେ ଜର୍ମାନୀ, ଜାପାନ ଓ ଇଟାଲୀ ସମ୍ପୂର୍ଣ୍ଣ ପରାସ୍ତ ହୋଇଥିଲେ। ଏହାପରେ ବିଶ୍ୱରେ ଏକ ନୂତନ ପରିବେଶ ମୁଣ୍ଡ ଟେକିଥିଲା। ଜର୍ମାନୀ, ଜାପାନ ଓ ଇଟାଲୀରେ ଏକଛତ୍ରବାଦ ଲୋପ ପାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ଋଷିଆ ଦୁଇଟି ମହାଶକ୍ତି ଭାବରେ ଦେଖାଦେଇଥିଲେ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର

୧. ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ।

(କ) ଦ୍ୱିତୀୟ ବିଶ୍ୱଯୁଦ୍ଧ କେବେ ଆରମ୍ଭ ହୋଇଥିଲା ?

(i) ୧୯୩୫ (ii) ୧୯୩୭ (iii) ୧୯୩୯ (iv) ୧୯୪୫

(ଖ) କେଉଁ ସନ୍ଧି ଦ୍ୱିତୀୟ ବିଶ୍ୱଯୁଦ୍ଧର ବୀଜବପନ କରିଥିଲା ?

(i) ପ୍ୟାରିସ୍ ସନ୍ଧି (ii) ଭର୍ସାଇ ସନ୍ଧି (iii) ଫ୍ରାଙ୍କଫର୍ଟ ସନ୍ଧି (iv) ନିଉଲି ସନ୍ଧି

(ଗ) ହିଟଲର କେଉଁ ଦଳର ନେତା ଥିଲେ ?

(i) ନାଜିଦଳ (ii) ଫାସିଦଳ (iii) କମ୍ୟୁନିଷ୍ଟ ଦଳ (iv) ଗଣତାନ୍ତ୍ରିକ ଦଳ

(ଘ) ମୁସୋଲିନ୍ କେଉଁ ଦଳର ନେତା ଥିଲେ ?

(i) ନାଜିଦଳ (ii) ଫାସିଦଳ (iii) କମ୍ୟୁନିଷ୍ଟ ଦଳ (iv) ଗଣତାନ୍ତ୍ରିକ ଦଳ

୨. ଶୂନ୍ୟସ୍ଥାନ ପୂରଣ କର।

(କ) — ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଲା।

(ଖ) — ମସିହାରେ ଋଷିଆ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୋଗ ଦେଇଥିଲା।

(ଗ) — ମସିହାରେ ଜର୍ମାନୀ ପୋଲାଣ୍ଡ ଆକ୍ରମଣ କଲା।

(ଘ) ମ୍ୟୁନିକ୍ ଚୁକ୍ତିଦ୍ୱାରା ଜର୍ମାନୀ — ଅଞ୍ଚଳ ପାଇଥିଲା।

(ଙ) — ମସିହାରେ ଇଟାଲୀ ଇଥିଓପିଆକୁ ଦଖଲ କରିଥିଲା।

(ଚ) ରୋମ-ବର୍ଲିନ-ଟୋକିଓ ମେଣ୍ଟ — ଖ୍ରୀଷ୍ଟାବ୍ଦରେ ହୋଇଥିଲା।

(ଛ) ଜାପାନ ଚୀନ୍‌ର — ଅଞ୍ଚଳକୁ ୧୯୩୧ ମସିହାରେ ଦଖଲ କରି ନେଇଥିଲା।

## 'ଖ' ବିଭାଗ

## ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ।

(କ) ପ୍ରଥମ ବିଶ୍ୱଯୁଦ୍ଧର କେତେବର୍ଷ ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା ? ଏହା ପ୍ରଥମେ କେଉଁ ମହାଦେଶରୁ ଆରମ୍ଭ ହୋଇଥିଲା ?

(ଖ) ଭର୍ସାଇ ସନ୍ଧି କେବେ ଓ କାହା ସହିତ ସ୍ୱାକ୍ଷରିତ ହୋଇଥିଲା ?

(ଗ) ପ୍ରଥମ ବିଶ୍ୱ ଯୁଦ୍ଧପରେ ଇଟାଲୀରେ କେଉଁ ଭାବଧାରାର ଉତ୍‌ଥାନ ହୋଇଥିଲା ? ଏହାର ନେତା କିଏ ଥିଲେ ?

(ଘ) ପ୍ରଥମ ବିଶ୍ୱଯୁଦ୍ଧ ପରେ ଜର୍ମାନୀରେ କେଉଁ ଭାବଧାରାର ଉତ୍‌ଥାନ ହୋଇଥିଲା ? ଏହାର ନେତା କିଏ ଥିଲେ ?

(ଙ) ରୋମ ବର୍ଲିନ ଟୋକିଓ ମେଣ୍ଟ କ'ଣ ?

୪. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର। ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ଭିତରେ ସୀମିତ ରହିବା ଉଚିତ।

(କ) ଭର୍ସାଇ ସନ୍ଧି କିପରି ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣ ହେଲା ?

(ଖ) ପ୍ରଥମ ବିଶ୍ୱଯୁଦ୍ଧ ପରେ ଜର୍ମାନୀ ଓ ଇଟାଲୀରେ କିପରି ଏକଛତ୍ରବାଦର ଅଭ୍ୟୁଦୟ ଘଟିଲା ?

(ଗ) ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ କି ପ୍ରକାର ସାମରିକ ମେଣ୍ଟ ଗଠନ ହୋଇଥିଲା ?

## 'ଗ' ବିଭାଗ

## ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର

୫. ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣଗୁଡ଼ିକ ଆଲୋଚନା କର।

୬. ଦ୍ୱିତୀୟ ବିଶ୍ୱଯୁଦ୍ଧ କେଉଁ ପରିସ୍ଥିତିରେ ଘଟିଥିଲା ତାହା ବର୍ଣ୍ଣନା କର।

୭. ଇଟାଲୀ, ଜର୍ମାନୀ ଓ ଜାପାନ କିପରି ଭାବରେ ଏହି ଯୁଦ୍ଧପାଇଁ ଦାୟୀ ତାହା ଆଲୋଚନା କର।

— ❖ —

ସପ୍ତଦଶ ଅଧ୍ୟାୟ

# ମିଳିତ ଜାତିସଂଘ

ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତା ଓ ଶାନ୍ତି ସ୍ଥାପନାର ମହତ୍ତ୍ୱକୁ ଉପଲବ୍ଧି କରି ମିତ୍ରଶକ୍ତିର ନେତାମାନେ ଭବିଷ୍ୟତରେ ବିଶ୍ୱ ଶାନ୍ତି ପାଇଁ ଗୋଟିଏ ସଂଗଠନ ସ୍ଥାପନ କରିବାକୁ ଚିନ୍ତା ପ୍ରକାଶ କରିଥିଲେ । ୧୯୪୧ ମସିହା ଅଗଷ୍ଟ ମାସରେ ଯୁକ୍ତରାଷ୍ଟ୍ର ଆମେରିକାର ସଭାପତି ରୁଜ୍‌ଭେଲଟ୍ ଓ ଇଂଲଣ୍ଡର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ଆଟ୍‌ଲାଣ୍ଟିକ୍ ମହାସାଗର ମଧ୍ୟରେ ଗୋଟିଏ ଯୁଦ୍ଧ-ଜାହାଜରେ ପରସ୍ପରକୁ ସାକ୍ଷାତ କରି ଗୋଟିଏ ଘୋଷଣାପତ୍ର ଚିଠା କରିଥିଲେ । ଏହି ଘୋଷଣା ପତ୍ରକୁ ଆଟ୍‌ଲାଣ୍ଟିକ ସନନ୍ଦ (Atlantic Charter) କହନ୍ତି । ଏଥିରେ ଭବିଷ୍ୟତ ବିଶ୍ୱଶାନ୍ତି ବିଷୟରେ ମତ ପ୍ରକାଶ ପାଇଥିଲା । ସେହି ସାକ୍ଷାତ ପରେ ଉଭୟ ନେତା ୱାସିଂଟନ୍, କୁଇବେକ୍ ଓ କାସାବ୍ଲାଙ୍କା ଠାରେ ମିଳିତ ହୋଇ ଭବିଷ୍ୟତ ଶାନ୍ତି ବିଷୟ ଆଲୋଚନା କରିଥିଲେ । ୧୯୪୩ ମସିହାରେ ଚୀନ ଦେଶର ଶାସନକର୍ତ୍ତା ଚିଆଙ୍ଗ କାଇସେକ ଉପରୋକ୍ତ ନେତାମାନଙ୍କ ସହ କାଇରୋଠାରେ ସାକ୍ଷାତ କରି ସେହି ବିଷୟରେ କଥାବାର୍ତ୍ତା ହୋଇଥିଲେ । ୧୯୪୩ ମସିହା ଡିସେମ୍ବର ମାସରେ ଜୋସେଫ ଷ୍ଟାଲିନ୍ ତେହେରାନ୍‌ଠାରେ ରୁଜଭେଲ୍ଟ ଓ ଚର୍ଚ୍ଚିଲଙ୍କ ସହ ମିଳିତ ହୋଇ ଶାନ୍ତି ସମ୍ପର୍କରେ ଆଲୋଚନା କରିଥିଲେ । ସେହି ତେହେରାନ୍ ସମ୍ମିଳନୀରେ ମିଳିତ ହୋଇଥିବା ତିନି ନେତା ଘୋଷଣା କରିଥିଲେ ଯେ, ଗଣତାନ୍ତ୍ରିକ ଜାତିମାନଙ୍କର ଏକ ବିଶ୍ୱ ପରିବାର ଭବିଷ୍ୟତ ଶାନ୍ତି ପାଇଁ ଗଠିତ ହେବା ଆବଶ୍ୟକ ।


ଉଇନଷ୍ଟନ ଚର୍ଚ୍ଚିଲ

୧୯୪୪ ମସିହାରେ ଯୁକ୍ତରାଷ୍ଟ୍ର, ଇଂଲଣ୍ଡ, ସୋଭିଏତ୍ ରୁଷିଆ ଓ ଚୀନ୍ ଦେଶର ପ୍ରତିନିଧିମାନେ ୱାସିଂଟନ ନଗରୀର ଡ଼ମ୍ବାରଟନ୍ ଓକ୍ ସମ୍ମିଳନୀରେ ମିଳିତ ହୋଇ ସେଠାରେ ସ୍ଥାୟୀ ବିଶ୍ୱ ସଂଗଠନ ପାଇଁ ଗୋଟିଏ ଚିଠା ପ୍ରସ୍ତୁତ କଲେ । ଏହି ଚିଠାରେ ଉକ୍ତ ସଂଗଠନର ନାମ ମିଳିତ ଜାତିସଂଘ (United Nations Organisation) ରଖା ଯାଇଥିଲା । ୧୯୪୫ ମସିହାରେ ରୁଜ୍‌ଭେଲ୍‌ଟ୍, ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ଓ ସୋଭିଏତ୍ ରୁଷ୍‌ର ନେତା ଷ୍ଟାଲିନ୍ କ୍ରିମିୟାରେ ୟାଲ୍‌ଟା ନାମକ ସ୍ଥାନରେ ମିଳିତ ହୋଇ ନିଷ୍ପତ୍ତି ନେଲେ ଯେ ଯୁକ୍ତରାଷ୍ଟ୍ର ଆମେରିକାର ସାନ୍‌ଫ୍ରାନ୍‌ସିସ୍‌କୋ ସହରରେ ମିଳିତ ଜାତିସଂଘ ସମ୍ମିଳନୀ ବସି ଏହି ବିଶ୍ୱ ସଂଗଠନର ରୂପରେଖ ସମ୍ପର୍କରେ ଶେଷ ନିଷ୍ପତ୍ତି ନିଆଯିବ ।

## ଉତ୍ପତ୍ତି

ମିଳିତ ଜାତିସଂଘ ଗଠନ ପାଇଁ ପ୍ରସ୍ତୁତି ପରେ ବିଶ୍ୱ ଯୁଦ୍ଧର ଅନ୍ତିମ ମୁହୂର୍ତ୍ତରେ ୫୦ ଗୋଟି ରାଷ୍ଟ୍ରର ପ୍ରତିନିଧିମାନେ ସାନ୍‌ଫ୍ରାନ୍‌ସିସ୍‌କୋ ସହରରେ ସମବେତ ହେଲେ । ୧୯୪୫ ମସିହା ଏପ୍ରିଲ ମାସ ୨୫ ତାରିଖଠାରୁ ଜୁନ୍ ମାସ ୨୬ ତାରିଖ ପର୍ଯ୍ୟନ୍ତ ସାନ୍‌ଫ୍ରାନ୍‌ସିସ୍‌କୋ ସମ୍ମିଳନୀ ବସିଲା । ସେଥିରେ ଆଲୋଚନା ମାଧ୍ୟମରେ ମିଳିତ ଜାତିସଂଘର ସନନ୍ଦ

ତିଆରି କରାଯାଇଥିଲା । ୫୧ ଟି ରାଷ୍ଟ୍ର ଏହି ସନନ୍ଦକୁ ଅନୁମୋଦନ କଲେ ଓ ଏଥିରେ ସ୍ୱାକ୍ଷର କରି ମିଳିତ ଜାତିସଂଘର ଆଦି ସଦସ୍ୟ ରୂପେ ବିବେଚିତ ହେଲେ । ୧୯୪୫ ମସିହା ଅକ୍ଟୋବର ମାସ ୨୪ ତାରିଖଠାରୁ ମିଳିତ ଜାତିସଂଘର ସନନ୍ଦ କାର୍ଯ୍ୟକାରୀ ହେଲା ।

## ଗଠନ

ଜାତିସଂଘର କାର୍ଯ୍ୟର ସୁପରିଚାଳନା ପାଇଁ କେତେକ ସଂସ୍ଥା ଗଢ଼ା ଯାଇଥିଲା । ତନ୍ମଧ୍ୟରୁ ତିନୋଟି ସଂସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଗୁଡ଼ିକ ହେଲା ସାଧାରଣ ସଭା (General Assembly), ନିରାପତ୍ତା ପରିଷଦ (Security Council) ଏବଂ ସଚିବାଳୟ (Secretariat) । ସାଧାରଣ ସଭାରେ ଜାତିସଂଘର ସବୁ ସଭ୍ୟ ରାଷ୍ଟ୍ରଙ୍କର ପ୍ରତିନିଧିମାନେ ସ୍ଥାନ ପାଇଥିଲେ । ପ୍ରତ୍ୟେକ ଦେଶ ସମାନ ଭୋଟ ଅଧିକାର ପାଇଲେ । ଏହିଠାରେ ବିଶ୍ୱର ସମସ୍ୟାଗୁଡ଼ିକ ଆଲୋଚନା କରାଯାଇ ତାହା ଉପରେ ନିଷ୍ପତ୍ତି ନିଆଯାଉଥିଲା ଓ ନିରାପତ୍ତା ପରିଷଦକୁ ସେ ସମ୍ପର୍କରେ ଜଣାଇ ଦିଆଯାଉଥିଲା ।



ରୁଜଭେଲ୍ଟ

ନିରାପତ୍ତା ପରିଷଦ ଏକ କାର୍ଯ୍ୟ ନିର୍ବାହୀ ସଂସ୍ଥା ରୂପେ କାର୍ଯ୍ୟ କରୁଥିଲା । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଏହା ତତ୍‌କ୍ଷଣାତ୍ ପଦକ୍ଷେପ ଗ୍ରହଣ କରୁଥିଲା । ନିରାପତ୍ତା ପରିଷଦର ନିଷ୍ପତ୍ତିକୁ ଜାତିସଂଘର ସଦସ୍ୟ ଦେଶମାନେ ମାନିବାକୁ ଅଙ୍ଗୀକାରବଦ୍ଧ ଥିଲେ । ଏହି ନିରାପତ୍ତା ପରିଷଦରେ ୧୧ ଜଣ ସଭ୍ୟ ରହୁଥିଲେ । ତନ୍ମଧ୍ୟରୁ ୫ଟି ସ୍ଥାୟୀ ସଭ୍ୟ ଓ ୬ଟି ଅସ୍ଥାୟୀ ସଭ୍ୟ ଥିଲେ । ୫ଟି ସ୍ଥାୟୀ ସଭ୍ୟ ରୂପେ ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏତ୍ ୟୁନିୟନ୍, ଗ୍ରେଟ୍ ବ୍ରିଟେନ୍, ଫ୍ରାନ୍ସ ଓ ଚୀନ ସ୍ଥାନ ପାଇଥିଲେ । ଅସ୍ଥାୟୀ ସଭ୍ୟମାନଙ୍କୁ ସାଧାରଣ ସଭା ଦୁଇ ବର୍ଷ ପାଇଁ ନିର୍ବାଚିତ କରୁଥିଲେ । ଯେ କୌଣସି ନିଷ୍ପତ୍ତି ପାଇଁ ପାଞ୍ଚଜଣ ସ୍ଥାୟୀ ସଭ୍ୟଙ୍କର ସମ୍ମତି ଆବଶ୍ୟକ । ଯଦି କୌଣସି ଜଣେ ସ୍ଥାୟୀ ସଭ୍ୟ କୌଣସି ନିଷ୍ପତ୍ତି ବିରୁଦ୍ଧରେ ମତ ପ୍ରକାଶ କରୁଥିଲେ ତେବେ ଅନ୍ୟମାନଙ୍କର ସମ୍ମତି ସତ୍ତ୍ୱେ ତାହା ଅଗ୍ରାହ୍ୟ ହୋଇ ଯାଉଥିଲା । ଏହାକୁ ସ୍ଥାୟୀ ସଭ୍ୟମାନଙ୍କର ଅଗ୍ରାହ୍ୟ କ୍ଷମତା ବା ଭିଟୋ (Veto) କହନ୍ତି । ଜାତିସଂଘର କାର୍ଯ୍ୟାଳୟକୁ ସଚିବାଳୟ (Secretariat) କହନ୍ତି । ଏହାର ଅଧକ୍ଷଙ୍କୁ ମହାସଚିବ (Secretary General) ଆଖ୍ୟା ଦିଆଗଲା । ନିରାପତ୍ତା ପରିଷଦର ସୁପାରିସ୍ ଅନୁସାରେ ସାଧାରଣ ସଭା ଏହାଙ୍କୁ ନିଯୁକ୍ତି ଦେଲେ ।

ଜାତିସଂଘର ଏ ତିନିଗୋଟି ପ୍ରଧାନ ସଂସ୍ଥା ଛଡ଼ା ଆହୁରି କେତେକ ଅନ୍ୟାନ୍ୟ ସଂସ୍ଥା ମଧ୍ୟ ରହିଅଛି । ସେଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା, ଆନ୍ତର୍ଜାତିକ ବିଚାରାଳୟ (International Court of Justice), ନ୍ୟାସୀ ପରିଷଦ (Trusteeship Council), ଅର୍ଥନୈତିକ ଓ ସାମାଜିକ ପରିଷଦ (Economic and Social Council) । ଅର୍ଥନୈତିକ ଓ ସାମାଜିକ

ପରିଷଦ ଅଧୀନରେ ଅନ୍ୟ କେତେଗୁଡ଼ିକ ସଂସ୍ଥା ରହିଲା। ସେଥି ମଧ୍ୟରେ ପ୍ରଧାନ ହେଲା, ଜାତିସଂଘର ଶିକ୍ଷାଗତ, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ (United Nations Educational Scientific and Cultural Organization, UNESCO); ଖାଦ୍ୟ ଓ କୃଷି ବିଷୟକ ସଂଗଠନ (Food and Agricultural Organisation, FAO); ଆନ୍ତର୍ଜାତିକ ଶ୍ରମ ସଂଗଠନ (International Labour Organisation, ILO) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (World Health Organisation, WHO) ନୂତନ ରାଷ୍ଟ୍ରମାନଙ୍କୁ ସଦସ୍ୟ ଭାବରେ ଗ୍ରହଣ କରିବା ପାଇଁ ମିଳିତ ଜାତିସଂଘର ସାଧାରଣ ସଭାର ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ଏହା ଲାଭ କଲେ ଯେ କୌଣସି ଦେଶ ମିଳିତ ଜାତିସଂଘର ସଦସ୍ୟ ହୋଇ ପାରିବ। ଏହାର ମୁଖ୍ୟ କାର୍ଯ୍ୟାଳୟ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କ ସହରରେ ସ୍ଥାପିତ ହେଲା। ଆନ୍ତର୍ଜାତିକ ବିଚାରାଳୟର ମୁଖ୍ୟ କାର୍ଯ୍ୟାଳୟ ନେଦରଲାଣ୍ଡର ହେଗ (The Hague) ସହରରେ ଅବସ୍ଥିତ । ୨୦୧୦ ସୁଦ୍ଧା ଏହାର ସଭ୍ୟ ସଂଖ୍ୟା ୧୯୨ରେ ପହଞ୍ଚିଛି । ଏହାଛଡ଼ା ମିଳିତ ଜାତିସଂଘର ଅନ୍ୟ କିଛି ପ୍ରଧାନ ସଂସ୍ଥା ମଧ୍ୟ ରହିଛି । ତାହା ହେଲା-

(୧) ଆନ୍ତର୍ଜାତିକ ଡାକସଂଘ (Universal Postal Union- UPO)

(୨) ବିଶ୍ୱ ବ୍ୟାଙ୍କ (World Bank- WB)

(୩) ଆନ୍ତର୍ଜାତିକ ଆଣବିକ ଶକ୍ତି ସଂଗଠନ (International Atomic Energy Agency - IAEA)

(୪) ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (International Monetary Fund - IMF)

(୫) ଆନ୍ତର୍ଜାତିକ ବାଣିଜ୍ୟ ସଂଗଠନ (International Maritime Organisation - IMO)

(୬) ଆନ୍ତର୍ଜାତିକ କୃଷି ଉନ୍ନୟନ ସଂସ୍ଥା । (International Fund for Agricultural Development IFAD)

## ଆଭିମୁଖ୍ୟ

ମିଳିତ ଜାତିସଂଘର ସନନ୍ଦରେ ବିଶ୍ୱଶାନ୍ତି ପାଇଁ କାର୍ଯ୍ୟକ୍ରମ ଓ ଲକ୍ଷ୍ୟମାନ ସ୍ଥାନ ପାଇଛି। ସେଥିରେ 'ଏକ-ବିଶ୍ୱ' ଆଦର୍ଶ ପ୍ରତିଫଳିତ। ମିଳିତ ଜାତିସଂଘର ମୁଖ୍ୟତଃ ୪ଟି ଆଭିମୁଖ୍ୟ ଥିଲା।

୧. ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ବଜାୟ ରଖିବା ଓ ସେଥିପାଇଁ ମିଳିତ ଭାବରେ ଶାନ୍ତି ପ୍ରତି ବିପଦ ବିରୋଧରେ ବ୍ୟବସ୍ଥା ଅବଲମ୍ବନ କରିବା, ଆକ୍ରମଣ ଓ ଶାନ୍ତିଭଙ୍ଗର ପ୍ରତିରୋଧ କରିବା ଓ ଶାନ୍ତିପୂର୍ଣ୍ଣ ଉପାୟରେ ନ୍ୟାୟ ଓ ଆନ୍ତର୍ଜାତିକ ଆଇନ ଅନୁଯାୟୀ ଆନ୍ତର୍ଜାତିକ ବିବାଦ ଓ ସମସ୍ୟାମାନଙ୍କର ମୀମାଂସା ଓ ସମାଧାନ କରିବା;

୨. ସମସ୍ତ ଜାତିର ସମାନ ଅଧିକାର ଓ ଆତ୍ମନିୟନ୍ତ୍ରଣ ନୀତି ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ଜାତିମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବୃଦ୍ଧି କରିବା ଏବଂ ଅନ୍ୟାନ୍ୟ ଉପଯୋଗୀ ବ୍ୟବସ୍ଥା ଦ୍ୱାରା ବିଶ୍ୱଶାନ୍ତି ଦୃଢ଼ୀଭୂତ କରିବା;

୩. ଆନ୍ତର୍ଜାତିକ କ୍ଷେତ୍ରରେ ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ତଥା ମାନବିକ ସମସ୍ୟାମାନଙ୍କର ସମାଧାନ ପାଇଁ ଆନ୍ତର୍ଜାତିକ ସହଯୋଗ ଉଦ୍ରେକ କରିବା ଏବଂ ମାନବିକ ଅଧିକାର ତଥା ଜାତି, ଭାଷା, ଧର୍ମ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ସମସ୍ତଙ୍କର ମୌଳିକ ସ୍ୱାଧୀନତା ପ୍ରତି ସମ୍ମାନ ବୃଦ୍ଧି କରିବା ଏବଂ

୪. ଏହି ସମସ୍ତ ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ ଜାତିମାନଙ୍କର ଉଦ୍ୟମକୁ ଏକତ୍ରିତ ଓ ସୁପରିଚାଳିତ କରିବା ପାଇଁ ଏକ ପ୍ରଧାନ କେନ୍ଦ୍ରସ୍ଥଳ ରୂପେ କାର୍ଯ୍ୟ କରିବା ।

ଏତଦ୍‌ବ୍ୟତୀତ କୌଣସି ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବା ମିଳିତ ଜାତିସଂଘର ଅନ୍ୟ ଏକ ଆଭିମୁଖ୍ୟ ଥିଲା ।

ମିଳିତ ଜାତିସଂଘର ନୀତି ଅନୁସାରେ କୌଣସି ରାଷ୍ଟ୍ର ଦ୍ୱାରା ଅନ୍ୟ ଉପରେ ଆକ୍ରମଣ ହେଲେ ତାହାର ପ୍ରତିରୋଧ ପାଇଁ ସବୁ ସଦସ୍ୟ ରାଷ୍ଟ୍ର ମିଳିତ ଜାତିସଂଘକୁ ସୈନ୍ୟବଳ ଦ୍ୱାରା ସାହାଯ୍ୟ କରିବେ । ନିରାପତ୍ତା ପରିଷଦକୁ କ୍ଷମତା ନ୍ୟସ୍ତ ହେଲା ଯେ ଶାନ୍ତି ପ୍ରତି ବିପଦ ଦେଖାଦେଲେ କଳହରତ ଦେଶଗୁଡ଼ିକ ମଧ୍ୟରେ ଲାଗିଥିବା ବିବାଦର କାରଣ ଅନୁସନ୍ଧାନ କରାଯାଇପାରିବ । ମିଳିତ ଜାତିସଂଘର ସନନ୍ଦରେ ସର୍ତ୍ତ ରହିଲା ଯେ, ଆକ୍ରମଣକାରୀ ଯେ କୌଣସି ଦେଶ ବିରୋଧରେ ଯୁଦ୍ଧ କରିବା ପାଇଁ ଅନ୍ୟ ଜାତିମାନଙ୍କର ସୈନ୍ୟବଳ ସଂଗ୍ରହ କରି ଗୋଟିଏ 'ଆନ୍ତର୍ଜାତିକ ପୁଲିସ ବାହିନୀ' ଗଠନ କରାଯିବ ।

ଏହିପରି ଏକ ମହତ୍ ଉଦ୍ଦେଶ୍ୟ ନେଇ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ମିଳିତ ଜାତିସଂଘ ଗଠିତ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଦେଖାଗଲା ଯେ ପରସ୍ପର ମଧ୍ୟରେ ସୁସମ୍ପର୍କ ପରିବର୍ତ୍ତେ ଦୁଇ ମହାଶକ୍ତି ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ଋଷିଆ ଓ ସେମାନଙ୍କର ଅନୁଗତ ରାଷ୍ଟ୍ରମାନଙ୍କ ମଧ୍ୟରେ ଆଦର୍ଶଗତ ପାର୍ଥକ୍ୟ ବଢ଼ିଚାଲି 'ଶୀତଳ ଯୁଦ୍ଧ' ପରି ଏକ ଅବସ୍ଥା ସୃଷ୍ଟି କଲା ।

## ସାରାଂଶ

ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟଙ୍କର ରୂପ ଏବଂ ଶାନ୍ତି ସ୍ଥାପନାର ମହତ୍ତ୍ୱକୁ ଉପଲବ୍ଧି କରି ମିତ୍ରଶକ୍ତି ନେତାମାନେ ଭବିଷ୍ୟତରେ ବିଶ୍ୱଶାନ୍ତି ପାଇଁ ଯେଉଁ ସଂଗଠନ କରିଥିଲେ ତାହାର ନାମ ମିଳିତ ଜାତିସଂଘ । ୧୯୪୫ ମସିହା ଅକ୍ଟୋବର ୨୪ ତାରିଖଠାରୁ ମିଳିତ ଜାତିସଂଘର ସନନ୍ଦ କାର୍ଯ୍ୟକାରୀ ହେଲା । ମିଳିତ ଜାତିସଂଘର କାର୍ଯ୍ୟର ସୁପରିଚାଳନା ପାଇଁ କେତେକ ସଂସ୍ଥା ଗଢ଼ା ଯାଇଥିଲା । ସେଗୁଡ଼ିକ ହେଲେ ସାଧାରଣ ସଭା, ନିରାପତ୍ତା ପରିଷଦ ଏବଂ ସଚିବାଳୟ । ନିରାପତ୍ତା ପରିଷଦ ଏକ କାର୍ଯ୍ୟନିର୍ବାହୀ ସଂସ୍ଥା ଥିଲା । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଏହା ତତ୍‌କ୍ଷଣାତ୍ ପଦକ୍ଷେପ ଗ୍ରହଣ କରୁଥିଲା । ଏହି ପରିଷଦରେ ୧୧ ଜଣ ସଭ୍ୟ ଥିଲେ । ଜାତିସଂଘର ତିନୋଟି ପ୍ରଧାନ ସଂସ୍ଥା ବ୍ୟତୀତ ଆନ୍ତର୍ଜାତିକ ବିଚାରାଳୟ, ନ୍ୟାସୀ ପରିଷଦ, ଅର୍ଥନୈତିକ ଓ ସାମାଜିକ ପରିଷଦ ପରି ଅନେକ ସଂସ୍ଥା କାର୍ଯ୍ୟ କରୁଥିଲେ । ମିଳିତ ଜାତିସଂଘର ସନନ୍ଦରେ ବିଶ୍ୱଶାନ୍ତି ପାଇଁ କାର୍ଯ୍ୟକ୍ରମ ଓ ଲକ୍ଷ୍ୟମାନ ସ୍ଥାନ ପାଇଛି । ସେଥିରେ ଏକ ବିଶ୍ୱ ଆଦର୍ଶ ପ୍ରତିଫଳିତ ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର

୧ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଥିବା ଚାରୋଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛିଲେଖ ।

(କ) କେଉଁ ସମ୍ମିଳନୀ ଥିଲା ମିଳିତ ଜାତିସଂଘ ଗଠନ ହେବାର ଶେଷ ପ୍ରକ୍ରିୟା ?

(i) କାଇରୋ ସମ୍ମିଳନୀ (ii) ୟାଲଟା ସମ୍ମିଳନୀ (iii) ତେହେରାନ ସମ୍ମିଳନୀ (iv) ସାନ୍‌ଫ୍ରାନ୍‌ସିସ୍‌କୋ ସମ୍ମିଳନୀ

(ଖ) ମିଳିତ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?

(i) ୱାସିଂଟନ (ii) ନିଉୟର୍କ (iii) ଲଣ୍ଡନ (iv) ପ୍ୟାରିସ

(ଗ) ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ସଂଖ୍ୟା କେତେ ?

(i) ୫ (ii) ୬ (iii) ୧୦ (iv) ୧୫

(ଘ) ମିଳିତ ଜାତିସଂଘ କେବେ ପ୍ରତିଷ୍ଠା ହୋଇଥିଲା ?

(i) ୧୯୪୧ (ii) ୧୯୪୨ (iii) ୧୯୪୫ (iv) ୧୯୫୦

(ଙ) କେଉଁ ସମ୍ମିଳନୀରେ ମିଳିତ ଜାତିସଂଘର ନାମ ରଖା ଯାଇଥିଲା ?

(i) ତେହେରାନ ସମ୍ମିଳନୀ (ii) ୟାଲଟା ସମ୍ମିଳନୀ

(iii) ଡମ୍ବାରଟନଓକ୍ ସମ୍ମିଳନୀ (iv) ସାନଫ୍ରାନସିସକୋ ସମ୍ମିଳନୀ

୨ । ଶୂନ୍ୟସ୍ଥାନ ପୂରଣ କର ।

(କ) ଚିଆଙ୍ଗକାଇସେକ୍ ______ ର ଶାସନକର୍ତ୍ତା ।

(ଖ) ଚର୍ଚ୍ଚିଲ ______ ର ପ୍ରଧାନମନ୍ତ୍ରୀ ଥିଲେ ।

(ଗ) ମିଳିତ ଜାତିସଂଘର ସନନ୍ଦକୁ ______ ଟି ରାଷ୍ଟ୍ର ପ୍ରଥମେ ସ୍ୱାକ୍ଷର କରିଥିଲେ ।

(ଘ) ନିରାପତ୍ତା ପରିଷଦର ସଭ୍ୟ ସଂଖ୍ୟା ______ ।

(ଙ) ମିଳିତ ଜାତିସଂଘର କାର୍ଯ୍ୟାଳୟକୁ ______ କୁହାଯାଏ ।

## 'ଖ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର

୩ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

(କ) ଆଟଲାଣ୍ଟିକ ସନନ୍ଦ କେବେ ଓ କେଉଁଠାରେ ସ୍ୱାକ୍ଷରିତ ହୋଇଥିଲା ? ଏଥିରେ କିଏ କିଏ ସ୍ୱାକ୍ଷର କରିଥିଲେ ?

(ଖ) ଡମ୍ବାରଟନଓକ ସମ୍ମିଳନୀ କାହିଁକି ପ୍ରସିଦ୍ଧ ?

(ଗ) ମିଳିତ ଜାତିସଂଘର ତିନୋଟି ମୁଖ୍ୟ ସଂସ୍ଥାର ନାମ ଲେଖ ।

(ଘ) 'ଭିଟୋ' କ'ଣ ? ଏହା କେଉଁମାନେ ପ୍ରୟୋଗ କରିଥାନ୍ତି ?

(ଙ) ମିଳିତ ଜାତିସଂଘର ସଚିବାଳୟର ଅଧକ୍ଷଙ୍କୁ କ'ଣ କୁହାଯାଏ ? ସେ କିପରି ନିଯୁକ୍ତ ହୁଅନ୍ତି ?

୪ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର । ପ୍ରତି ପ୍ରଶ୍ନର ଉତ୍ତର ୬ଟି ବାକ୍ୟ ଭିତରେ ସୀମିତ ରହିବା ଉଚିତ ।

(କ) ସାଧାରଣ ସଭା କାହାକୁ ନେଇ ଗଠିତ ? ଏହାର କାର୍ଯ୍ୟ କ'ଣ ?

(ଖ) ନିରାପତ୍ତା ପରିଷଦର ଏକ ବିବରଣୀ ଦିଅ ।

(ଗ) ମିଳିତ ଜାତିସଂଘର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାମାନଙ୍କର ଏକ ବିବରଣୀ ଦିଅ ।

(ଘ) ଭିଟୋ କ୍ଷମତା ର ମହତ୍ତ୍ୱ କ'ଣ ?

(ଙ) ମିଳିତ ଜାତିସଂଘର ଆଭିମୁଖ୍ୟ ଲେଖ ।

## 'ଗ' ବିଭାଗ

### ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର

୫ । ମିଳିତ ଜାତିସଂଘ କିପରି ପ୍ରତିଷ୍ଠା ହେଲା ? ଏହାର ଗଠନ ସମ୍ପର୍କରେ ଆଲୋଚନା କର ।

୬ । ମିଳିତ ଜାତିସଂଘର ଗଠନ ଓ ଆଭିମୁଖ୍ୟ ଉପରେ ଆଲୋକପାତ କର ।

୭ । ମିଳିତ ଜାତିସଂଘ ଉପରେ ଏକ ପ୍ରବନ୍ଧ ଲେଖ ।

—❖—

ବ୍ୟୁରୋ

ଉଚ୍ଚ ମାଧ୍ୟମିକ (+୨)

# ପୃଥିବୀ ଇତିହାସ


*ଲେଖକ ମଣ୍ଡଳୀ*

**ପ୍ରଫେସର ପ୍ରୀତୀଶ ଆଚାର୍ଯ୍ୟ**
ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର

**ଡକ୍ଟର ଫଣିନ୍ଦମ୍ ଦେଓ**
ଅବସରପ୍ରାପ୍ତ ଅଧ୍ୟକ୍ଷ, ଜାତୀୟ ମହାବିଦ୍ୟାଳୟ, ନୂଆପଡ଼ା

**ଡକ୍ଟର ଲକ୍ଷ୍ମୀକାନ୍ତ ମିଶ୍ର**
ପ୍ରାଧ୍ୟାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ଡକ୍ଟର (ଶ୍ରୀମତୀ) ସସ୍ମିତା ତ୍ରିପାଠୀ**
ପ୍ରାଧ୍ୟାପିକା, ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର

**ଡକ୍ଟର ଅଶୋକ କୁମାର ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର ଓ ବିଭାଗ ମୁଖ୍ୟ
ଇତିହାସ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର



ପ୍ରକାଶକ :

**ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା**

**ପୁସ୍ତକ ଭବନ, ଭୁବନେଶ୍ୱର**

# Bureau's

## Higher Secondary (+2) World History

**(Approved by the Council of Higher Secondary Education, Odisha)**

Published under the scheme of production of books and literature in Regional Language at the University level sponsored by the Commission for Scientific and Technical Terminology, Ministry of Human Resource Development (Department of Higher Education) Govt. of India, New Delhi.

**First Edition -** 2016

**Publication No. :** 567

**ISBN :** 978-81-8005-364-1

**Published by :**

The Odisha State Bureau of Textbook Preparation and Production, Pustak Bhavan, Bhubaneswar - 751022.

© All rights reserved by the publisher.

Type Setting, Designing : **Print-tech Offset Pvt. Ltd.,** Bhubaneswar

**Printing : Devi Graphics,** Cuttack

Price : ₹ **137/-**

# ଅଗ୍ରଲେଖ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ୨୦୧୬ ଓ ପରବର୍ତ୍ତୀ ବର୍ଷମାନଙ୍କରେ +୨ ଶ୍ରେଣୀରେ ନାମ ଲେଖାଉଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଇତିହାସକୁ ଏକ ବିଷୟ ରୂପେ ପାଠ୍ୟସୂଚୀରେ ସ୍ଥାନ ଦେଇଛି। ଉକ୍ତ ପାଠ୍ୟସୂଚୀକୁ ଆଧାରକରି ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ତରଫରୁ ଏହି ପୁସ୍ତକଟି ପ୍ରକାଶ କରାଯାଇଛି। ପ୍ରତ୍ୟେକ ଅଧ୍ୟାୟ ଶେଷରେ ସାରାଂଶ ଉପସ୍ଥାପନ କରାଯାଇ ବିଷୟକୁ ଅଧିକ ବୋଧଗମ୍ୟ କରାଯାଇଛି। ଆଦର୍ଶ ପ୍ରଶ୍ନାବଳୀ ମଧ୍ୟ ପ୍ରତ୍ୟେକ ଅଧ୍ୟାୟରେ ସଂଯୋଜିତ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କ ବିଷୟ ବୋଧଗମ୍ୟତାକୁ ପରୀକ୍ଷା କରାଯାଇପାରିବ। ରାଜ୍ୟର ଅଭିଜ୍ଞ ଏବଂ ବିଶିଷ୍ଟ ଇତିହାସ ଅଧ୍ୟାପକ ମଣ୍ଡଳୀ ଦ୍ୱାରା ଏହି ପୃଥିବୀ ଇତିହାସ ପାଠ୍ୟପୁସ୍ତକଟି ପ୍ରସ୍ତୁତ କରାଯାଇଛି। ପୁସ୍ତକଟିକୁ ସରଳ ଓ ସାବଲୀଳ ଭାଷାରେ ଲେଖିବାପାଇଁ ଲେଖକ ମଣ୍ଡଳୀ ଯଥେଷ୍ଟ ପ୍ରୟାସ କରିଛନ୍ତି। ସେଥିପାଇଁ ସେମାନେ ଧନ୍ୟବାଦର ପାତ୍ର। ଏହି ଅବସରରେ ମୁଁ ଏହି ବହିର ଲେଖକ ଡକ୍ଟର ଅଶୋକ ପଟ୍ଟନାୟକ (ଚତୁର୍ଦ୍ଦଶ, ପଞ୍ଚଦଶ, ଷୋଡ଼ଶ ଓ ସପ୍ତଦଶ ଅଧ୍ୟାୟ) ପ୍ରଫେସର ପ୍ରୀତୀଶ ଆଚାର୍ଯ୍ୟ (ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଅଧ୍ୟାୟ), ଡକ୍ଟର ଫଣୀନ୍ଦମ ଦେଓ (ସପ୍ତମ, ଅଷ୍ଟମ, ନବମ ଓ ଦଶମ ଅଧ୍ୟାୟ), ଡକ୍ଟର ଲକ୍ଷ୍ମୀକାନ୍ତ ମିଶ୍ର (ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଅଧ୍ୟାୟ) ଓ ଡକ୍ଟର ସସ୍ମିତା ତ୍ରିପାଠୀ (ଏକାଦଶ, ଦ୍ୱାଦଶ ଓ ତ୍ରୟୋଦଶ ଅଧ୍ୟାୟ)ଙ୍କ ମହନୀୟ ଉଦ୍ୟମକୁ ଭୂୟସୀ ପ୍ରଶଂସା କରୁଛି। ପୁସ୍ତକ ପ୍ରଣୟନ ଏବଂ ପ୍ରକାଶନ ସଂସ୍ଥାକୁ ଏପରି ପୁସ୍ତକ ପ୍ରକାଶନ କରିବା ପାଇଁ ଅନୁମତି ଦେଇଥିବାରୁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର କର୍ମକର୍ତ୍ତାମାନଙ୍କୁ ଆନ୍ତରିକ ଧନ୍ୟବାଦ।

ମୋର ଆଶା ଓ ବିଶ୍ୱାସ ଏହି ପୁସ୍ତକ ରାଜ୍ୟର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକାମାନଙ୍କର ଆବଶ୍ୟକତା ପୂରଣ ଦିଗରେ ଯଥେଷ୍ଟ ସାହାଯ୍ୟ କରିବ। ପୁସ୍ତକର ମାନ ଉନ୍ନତି ନିମନ୍ତେ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କର ସୁଚିନ୍ତିତ ପରାମର୍ଶ ଆମେ ସ୍ୱାଗତ କରିବୁ ଓ ପରବର୍ତ୍ତୀ ସଂସ୍କରଣରେ ଯଥାସମ୍ଭବ ପରିବର୍ତ୍ତନ ଆଣିବାକୁ ଚେଷ୍ଟାକରିବୁ।

**ଗୀତିକା ପଟ୍ଟନାୟକ**
ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା
ଭୁବନେଶ୍ୱର

ସ୍ୱାଧୀନତା ଦିବସ
୧୫.୮.୨୦୧୬

# ମୁଖଶାଳା

ଅତୀତ ଉପରେ ଆଧାରିତ ଇତିହାସ ଏକ ଆଗ୍ରହଜନକ ପାଠ୍ୟ ବିଷୟ। ବର୍ତ୍ତମାନ ଅବସ୍ଥାରେ ଅତୀତକୁ ତା'ର ମୂଳ ରୂପରେ ଉପସ୍ଥାପିତ କରିବା ଅସମ୍ଭବ। କିନ୍ତୁ ତଥ୍ୟାଶ୍ରୟରେ ଏହାକୁ ପୁନର୍ଗଠନ କରାଯାଇପାରେ। ଅତୀତ ସମ୍ପର୍କିତ ଉପାଦାନ ବା ତଥ୍ୟର ବିଶେଷ ସାହାଯ୍ୟରେ ଅତୀତର ଏକ ସତ୍ୟନିଷ୍ଠ ବିବରଣୀ ପାଠକ ସମ୍ମୁଖରେ ଉପସ୍ଥାପନ କରାଯାଇପାରେ। ପ୍ରାଚୀନ ଇତିହାସବିତ୍ ଅତୀତର ସ୍ୱରୂପକୁ ଆଲୋକିତ କରିବା ପାଇଁ ଉପାଦାନ ବା ତଥ୍ୟାବଳୀର ସଂଯୋଗ କରୁଥିଲେ। କିନ୍ତୁ ବର୍ତ୍ତମାନ ଐତିହାସିକମାନେ ଅତୀତ ସମ୍ପର୍କିତ ତଥ୍ୟମାନଙ୍କର ବିଭିନ୍ନ ବ୍ୟାଖ୍ୟା ବା ବିଚାର ପରେ ଅତୀତର ପ୍ରକୃତ ଚିତ୍ର ଆଲୋକକୁ ଆଣିପାରୁଛନ୍ତି। ତଥ୍ୟମାନଙ୍କର ସଂଗ୍ରହ ଏବଂ ବିଭିନ୍ନ ବିଶ୍ଳେଷଣାତ୍ମକ ପଦ୍ଧତି ବଳରେ ଅତୀତର ପୁନର୍ଗଠନ ହୋଇପାରିଛି। ପୃଥିବୀ ଇତିହାସ ପାଇଁ ଏହି କଥା ଏକାନ୍ତ ଆବଶ୍ୟକ। ଅତୀତରେ ପୃଥିବୀରେ ବିଭିନ୍ନ ସଭ୍ୟତାର ବିକାଶ ଘଟିଥିଲା ଏବଂ ସାଂସ୍କୃତିକ ପ୍ରଗତି ମଧ୍ୟ ଘଟିଥିଲା। ପୃଥିବୀରେ ଅତୀତରେ ବହୁ ଚିନ୍ତାନାୟକ, ଧର୍ମଧାରା ଏବଂ ବିପ୍ଳବମାନ ମୁଣ୍ଡଟେକି ଉଠିଥିଲେ। ଐତିହାସିକମାନେ ପୃଥିବୀ ଇତିହାସର ଏହି ଜଟିଳ କଳେବରକୁ ଆଲୋକକୁ ଆଣିବାକୁ ବହୁ ଉଦ୍ୟମ ଚଳାଇଛନ୍ତି। ସେମାନଙ୍କର ଆଗ୍ରହ ଓ ଅନୁସନ୍ଧିତ୍ସାରୁ ପୃଥିବୀ ଇତିହାସର ବହୁ ବିବରଣୀ ଆଜି ପ୍ରସ୍ତୁତ ହୋଇପାରିଛି।

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ତରଫରୁ ଉଚ୍ଚ ମାଧ୍ୟମିକ ଶିକ୍ଷାବୋର୍ଡ଼ର କଳା ଛାତ୍ରଛାତ୍ରୀମାନଙ୍କ ପାଇଁ ପୃଥିବୀ ଇତିହାସ ପ୍ରଣୟନ କରିବା ଆମ୍ଭମାନଙ୍କ ପକ୍ଷେ ଏକ ଗୌରବର କଥା। ୨୦୧୬-୧୭ ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡ଼ର ନୂତନ ସିଲାବସ୍ ଅନୁସାରେ ଏହି ପୁସ୍ତକ ରଚନା କରାଯାଇଛି। ପ୍ରତ୍ୟେକ ଅଧ୍ୟାୟକୁ ଉପସ୍ଥାପନ କଲାବେଳେ ଅନାବଶ୍ୟକ ବିଶ୍ଳେଷଣକୁ ବାଦ୍ ଦିଆଯାଇଛି ଏବଂ ମୁଖ୍ୟ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ଅଧ୍ୟାୟ ଶେଷରେ ସାରାଂଶ ଏବଂ ପ୍ରଶ୍ନାବଳୀ ସଂଯୋଜିତ ହୋଇଛି।

ଲେଖକ ମଣ୍ଡଳୀ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପୁସ୍ତକଟି ପଠିତ ହେଲେ ଆନନ୍ଦିତ ହେବେ। ଏହି ପାଠ୍ୟପୁସ୍ତକରେ ମୌଳିକ ବ୍ୟାଖ୍ୟା ବା ସଂପ୍ରସାରିତ ବିଶ୍ଳେଷଣ ଆଶା କରିବା ଅନାବଶ୍ୟକ। ଏ ପୁସ୍ତକ ରଚନା ପାଇଁ ବହୁ ଇତିହାସ ସମ୍ପର୍କିତ ପାଠ୍ୟପୁସ୍ତକର ସାହାଯ୍ୟ ନିଆଯାଇଛି ଏବଂ ସେଥିପାଇଁ ଲେଖକ ମଣ୍ଡଳୀ ସେହି ସମସ୍ତ ପାଠ୍ୟ ପୁସ୍ତକମାନଙ୍କର ଲେଖକ ଲେଖିକାମାନଙ୍କ ନିକଟରେ କୃତଜ୍ଞ। ପୁସ୍ତକରେ କେତେକ ମୁଦ୍ରଣ ତ୍ରୁଟି ରହିଥାଇପାରେ। ସେ ନିମନ୍ତେ ପାଠକପାଠିକାମାନଙ୍କଠାରୁ କ୍ଷମା ଆଶା କରୁଛୁ। ପୁସ୍ତକ ଉପରେ ଗଠନାତ୍ମକ ସମାଲୋଚନା ଲେଖକ ମଣ୍ଡଳୀ ଆବଶ୍ୟକ କରେ। ପୁସ୍ତକରେ ଥିବା ତ୍ରୁଟି ପାଇଁ ଲେଖକ ମଣ୍ଡଳୀ ମୁଖ୍ୟତଃ ଦାୟୀ।

ପରିଶେଷରେ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ଡକ୍ଟର ଗୀତିକା ପଟ୍ଟନାୟକଙ୍କ ଉତ୍ସାହ ଓ ସମର୍ଥନ ନିମନ୍ତେ ଆମ୍ଭେ ଲେଖକ ଲେଖିକାମାନେ କୃତଜ୍ଞ। ଏହି ସଂସ୍ଥାର କର୍ମଚାରୀ ଓ ଅଧିକାରୀମାନଙ୍କର ସହଯୋଗ ପାଇଁ ଲେଖକ ମଣ୍ଡଳୀ ସେମାନଙ୍କୁ ସାଧୁବାଦ ଜଣାଉଛି।

**ଲେଖକ ମଣ୍ଡଳୀ**

**HISTORY**

**First Year (Paper - I)**

## HISTORY OF THE WORLD

**UNIT - I**

1. History : Meaning and Relevance.
2. History of Human Evolution :
   (a) The Precursor of Modern Human Beings
   (b) Modern Human Beings :
      (i) Early Humans ways of obtaining food.
      (ii) Habitat -Trees to caves and open air sites.
      (iii) Making of tools.
      (iv) Modes of communications - Language and art.
   (c) Epilogue - Domestication of animals, plants; Development of farming and pastoralism as a way of life.
3. Contributions of Ancient River Valley Civilization :
   (a) Egypt
   (b) Mesopotamia
   (c) China

**UNIT - II**

1. Ancient Greece :
   (a) Rise of city states - Athens and Sparta.
   (b) Evolution of Direct Democracy.
   (c) Age of Pericles.
2. Ancient Rome :
   (a) Society : Composition, Gender, Literacy, Culture, Economic Expansions, Slavery.
   (b) Roman Constitution
   (c) Julius Caesar : Achievements
3. Feudalism in Europe : Features, Merits and Demerits.

**UNIT - III**

1. Major religions :
   (a) Christianity
   (b) Islam
2. Science and Changing Cultural Traditions in Europe between 11$^{th}$ and 17$^{th}$ Centuries: Hew Ideas and New Trends in Science, Literature and Art.
3. European Voyages of Explorations (15$^{th}$ to 17$^{th}$ Centuries).
4. Civilizations in Americas : Maya, Aztek and Inca.

**UNIT - IV**

1. Innovations and Technological changes : Industrial Revolutions.
2. American War of Independence : Causes and Consequences.
3. French Revolution of 1789 : Causes and Significance.

**UNIT - V**

1. World War-I : Causes and Consequences.
2. Russian Revolution of 1917 : Causes and Significance.
3. Events leading to the World War-II.
4. United Nations : Origin, Objectives and Structure

— ❖ —

# ବିଷୟ ସୂଚୀ


| ଅଧ୍ୟାୟ | ବିଷୟ | ପୃଷ୍ଠା |
|---|---|---|
| ପ୍ରଥମ ଅଧ୍ୟାୟ | ଇତିହାସର ଅର୍ଥ ଓ ପ୍ରାସଙ୍ଗିକତା<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୧ - ୫ |
| ଦ୍ୱିତୀୟ ଅଧ୍ୟାୟ | ମାନବ ବିବର୍ତ୍ତନର ଇତିହାସ<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୬ - ୧୩ |
| ତୃତୀୟ ଅଧ୍ୟାୟ | ଆଦ୍ୟକାଳୀନ ନଦୀ ଉପତ୍ୟକା ସଭ୍ୟତାର<br>ଅବଦାନ ମିଶର, ମେସୋପୋଟାମିଆ ଓ ଚୀନ<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୧୪ - ୨୪ |
| ଚତୁର୍ଥ ଅଧ୍ୟାୟ | ପ୍ରାଚୀନ ଗ୍ରୀସ୍<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୨୫ - ୩୯ |
| ପଞ୍ଚମ ଅଧ୍ୟାୟ | ପ୍ରାଚୀନ ରୋମ<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୪୦ - ୭୨ |
| ଷଷ୍ଠ ଅଧ୍ୟାୟ | ୟୁରୋପୀୟ ସାମନ୍ତବାଦ<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୭୩ - ୮୪ |
| ସପ୍ତମ ଅଧ୍ୟାୟ | ପୃଥିବୀର ପ୍ରମୁଖ ଧର୍ମ<br>ଖ୍ରୀଷ୍ଟ ଧର୍ମ, ଇସଲାମ୍ ଧର୍ମ<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୮୫ - ୯୫ |
| ଅଷ୍ଟମ ଅଧ୍ୟାୟ | ୟୁରୋପରେ ବିଜ୍ଞାନ ଓ ପରିବର୍ତ୍ତନଶୀଳ ସାଂସ୍କୃତିକ ପରମ୍ପରା<br>(ଏକାଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ)<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୯୬ - ୧୧୧ |
| ନବମ ଅଧ୍ୟାୟ | ୟୁରୋପୀୟମାନଙ୍କ ନୂତନ ସନ୍ଧାନ ନିମନ୍ତେ ଜଳଯାତ୍ରା<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୧୧୨ - ୧୨୦ |
| ଦଶମ ଅଧ୍ୟାୟ | ଆମେରିକାର ସଭ୍ୟତା<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୧୨୧ - ୧୨୯ |

| ଅଧ୍ୟାୟ | ବିଷୟ | ପୃଷ୍ଠା |
| --- | --- | --- |
| **ଏକାଦଶ ଅଧ୍ୟାୟ** | ଶିଳ୍ପ ବିପ୍ଳବ<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୧୩୦ - ୧୪୧ |
| **ଦ୍ୱାଦଶ ଅଧ୍ୟାୟ** | ଆମେରିକାର ସ୍ୱାଧୀନତା ସଂଗ୍ରାମ<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୧୪୨ - ୧୫୪ |
| **ତ୍ରୟୋଦଶ ଅଧ୍ୟାୟ** | ଫରାସୀ ବିପ୍ଳବ<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୧୫୫ - ୧୬୬ |
| **ଚତୁର୍ଦ୍ଦଶ ଅଧ୍ୟାୟ** | ପ୍ରଥମ ବିଶ୍ୱଯୁଦ୍ଧ<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୧୬୭ - ୧୭୭ |
| **ପଞ୍ଚଦଶ ଅଧ୍ୟାୟ** | ୧୯୧୭ ମସିହାର ଋଷ ବିପ୍ଳବ<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୧୭୮ - ୧୯୧ |
| **ଷୋଡ଼ଶ ଅଧ୍ୟାୟ** | ଦ୍ୱିତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ନେଇଥିବା ଘଟଣାବଳୀ<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୧୯୨ - ୨୦୨ |
| **ସପ୍ତଦଶ ଅଧ୍ୟାୟ** | ମିଳିତ ଜାତିସଂଘ<br>ସାରାଂଶ - ଆଦର୍ଶ ପ୍ରଶ୍ନାବଳୀ | ୨୦୩ - ୨୦୭ |


— ❖ —